

କଲମରୁ ...........

ଭାରତୀୟ ମୁକ୍ତି ସଂଗ୍ରାମ ର କିଶୋର ଶହୀଦ୍ ବାଜି ରାଉତଙ୍କର ଜନ୍ମମାଟି ତଥା ଏସିଆ ମହାଦେଶର ସର୍ବବୃହତ ଗ୍ରାମ ଭୁବନ ବର୍ତମାନର ଭୁବନ ସହରର ବିଶିଷ୍ଟ କାଠଶିଳ୍ପୀ ଶ୍ରୀ ରାମଚନ୍ଦ୍ର ନାୟକଙ୍କ ସୁଯୋଗ୍ୟ ସନ୍ତାନ । ଜଣେ ଅଧ୍ୟାପକ,ସାହିତ୍ୟିକ,ଗବେଷକ ଭାବରେ ଜାତୀୟ ତଥା ଅର୍ନ୍ତଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଅନେକ ଓଡିଆଙ୍କ ମଧ୍ୟରୁ ଅନ୍ୟତମ ।

ଜଣେ ଶିକ୍ଷାନୁରାଗୀ ଅଧ୍ୟାପକ ଭାବରେ ଓଡିଶା ଶିକ୍ଷାଜଗତ ର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଫ୍ ଇନ୍ଷ୍ଟିଚ୍ୟୁସନ୍ସ, ଟାଙ୍ଗୀ, କଟକସ୍ଥ ଉତ୍କଳ ବିଶ୍ୱବିଦ୍ୟାଳୟ ଅନୁମୋଦିତ ତ୍ରିଦେବ ଡିଗ୍ରୀ କଲେଜ ର ଓଡିଆ ଭାଷା ଓ ସାହିତ୍ୟ ବିଭାଗ ର ଆସିଷ୍ଟାଣ୍ଟ୍ ପ୍ରଫେସର ସହ ଭାଇସ୍ ପ୍ରିନ୍ସିପାଲ୍ ପଦବୀରେ କାର୍ଯ୍ୟ କରି ଅନେକ ଶିକ୍ଷାର୍ଥୀ ସମାଜରେ ପ୍ରତିଷ୍ଠିତ ହୋଇପାରିଛନ୍ତି ।

ଜଣେ କୃତି ସାହିତ୍ୟିକ ଭାବରେ - "ବିଜେଡି" - (ଏକ ରାଜନୈତିକ ସମୀକ୍ଷା ସାହିତ୍ୟ), "ପ୍ରିୟା" - (ଏକ କାବ୍ୟ ସାହିତ୍ୟ), "ସୃଜନପ୍ରଭା" - (ଏକ ସୃଜନଶୀଳ ସମାଲୋଚନା ସାହିତ୍ୟ), "ସାରସ୍ୱତସାଧିକା ନନ୍ଦିନୀ ଶତପଥୀ" - (ଏକ ଗବେଷଣାତ୍ମକ ନିବନ୍ଧ ସାହିତ୍ୟ), ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ "ଏକ ଯାତ୍ରା" - (ଏକ ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦ ସାହିତ୍ୟ), "ଭାରତୀୟ ସାହିତ୍ୟର କାବ୍ୟପୁରୁଷ - ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ" - (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ), "ରାମଚନ୍ଦ୍ର ନାୟକ - ଏକ ଅମ୍ଳାନ ପ୍ରତିଭା" - (ଏକ ଜୀବନୀ ସାହିତ୍ୟ), "ଅସ୍ତମିତ ସୂର୍ଯ୍ୟ - ବାବାଜୀ" - (ଏକ ସାମାଜିକ ନାଟ୍ୟ ସାହିତ୍ୟ), "ଭାରତୀ ଦେବୀ" - (ଏକ ନାରୀକେନ୍ଦ୍ରିକ ଉପନ୍ୟାସ ସାହିତ୍ୟ), "ପଥହରା ପଥିକ" - (ଏକ ଗଳ୍ପ ସାହିତ୍ୟ), ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ "ଏକ ଯାତ୍ରା" - ଭାରତୀୟ ସାହିତ୍ୟରେ ପ୍ରତିଫଳନ - (ଏକ ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ), ନରେନ୍ଦ୍ର ମୋଦିଙ୍କ କାବ୍ୟ ମାନସ "ଏକ ଯାତ୍ରା" - ବିଶ୍ୱ ସାହିତ୍ୟରେ ପ୍ରତିଫଳନ - (ଏକ ଉଚ୍ଚତର ଗବେଷଣାତ୍ମକ ସନ୍ଦର୍ଭ କାବ୍ୟ ସାହିତ୍ୟ), ଯାହାକି ଶାସ୍ତ୍ରୀୟ ଓଡିଆ ସାହିତ୍ୟ, ଭାରତୀୟ ସାହିତ୍ୟ ତଥା ବିଶ୍ୱ ସାହିତ୍ୟ ପାଇଁ ଏକ ଉଲ୍ଲେଖନୀୟ ସାହିତ୍ୟ ରଚନାରେ ସାଧନାରତ ।

ଜଣେ ସଫଳ ଗବେଷକ ଭାବରେ "ଓଡିଆ ସାହିତ୍ୟକୁ ନନ୍ଦିନୀ ଶତପଥୀଙ୍କ ଅବଦାନ" ପ୍ରସଙ୍ଗରେ ସନ୍ଦର୍ଭ ଲେଖି ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ । ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଗବେଷଣା/ ପୋଷ୍ଟ-ଡକ୍ଟରାଲ୍ (ଡି.ଲିଟ୍) ପ୍ରସଙ୍ଗ - "କବି ନରେନ୍ଦ୍ର ମୋଦି ଓ କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କାବ୍ୟ ଜଗତ-ଏକ ଅଧ୍ୟୟନ" ଉପରେ ଗବେଷଣା ପାଇଁ ପ୍ରସ୍ତୁତିରତ । ୧୩ରୁ ଉର୍ଦ୍ଧ୍ୱ ଗବେଷଣାତ୍ମକ ସନ୍ଦର୍ଭ ଜାତୀୟ ଓ ଅର୍ନ୍ତଜାତୀୟ ପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ନିଜ ଅଧିନରେ ଗବେଷଣା (ପିଏଚ୍.ଡି.) ଶିକ୍ଷାର୍ଥୀଙ୍କ ଗାଇଡ୍ ଭାବରେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟାରମ୍ଭ ପାଇଁ ପ୍ରୟାସରତ ।

ସମାଜର ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବରେ ଜଡିତ ତଥା ସମ୍ମାନପ୍ରାପ୍ତ । ତନ୍ମଧ୍ୟରୁ ନିଖିଳ ଭାରତ ଓଡିଆ ଅଧ୍ୟାପକ ସମ୍ମିଳନୀ,ଓଡିଶା ଓ ଉତ୍କଳ ସାହିତ୍ୟ ସମାଜ ତଥା ଓଡିଆ ଗବେଷଣା ପରିଷଦର ଆଜୀବନ ସଦସ୍ୟ ଭାବରେ କାର୍ଯ୍ୟରତ ଏବଂ ୟୁଜିସି ସାରସ୍ୱତ ପତ୍ରିକା- "ରକ୍ ପେବୁଲ୍" ଓ ଓଡିଆ ସାରସ୍ୱତ ପତ୍ରିକା - "ଜନସୁଧା" ର ଆଜୀବନ ସଦସ୍ୟରୂପେ ସାହିତ୍ୟାନୁରାଗୀ । ଅର୍ନ୍ତଜାତିୟ କଳା ଓ ସଂସ୍କୃତି ପରିଷଦର ୩୯ତମ ବିଶ୍ୱକବି ସମ୍ମିଳନୀ ୨୦୧୯ (କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର) ଅଖିଳ ଭାରତୀୟ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟ ଶିକ୍ଷକ ସଙ୍ଗଠନର ଜାତୀୟ ସମ୍ମିଳନୀ -୨୦୧୯ (ଏକାମ୍ର କଲେଜ, ଭୁବନେଶ୍ୱର) ଏବଂ ୟୁଜିସି ସାରସ୍ୱତ ପତ୍ରିକାର "ରକ୍ ପେବୁଲ୍"ର ଜାତୀୟ ସେମିନାର୍ -୨୦୧୯ (ବ୍ୟାସନଗର କଲେଜ, ଯାଜପୁରରୋଡ) ରୁ ସାରସ୍ୱତ ମାନପତ୍ର ପ୍ରାପ୍ତ । ଢେଙ୍କାନାଳ ଜିଲ୍ଲା ସଂସ୍କୃତି ପରିଷଦ(ଜିଲ୍ଲା ମହୋତ୍ସବ)ରୁ କବି ସମ୍ମାନପ୍ରାପ୍ତ ତଥା ଜଗତସିଂହପୁରର ପ୍ରତିଭା ଅନ୍ୱେଷଣ, ବିରିଡି ଅନୁଷ୍ଠାନରୁ ପ୍ରତିଭା ସମ୍ମାନପ୍ରାପ୍ତ । ଓଡିଶା ସାହିତ୍ୟ ଏକାଡେମୀ ତଥା କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଶାସ୍ତ୍ରୀୟ ଓଡିଆ ଭାଷା ଜାତୀୟ ଆଲୋଚନାଚକ୍ର ଓ କାଦମ୍ବିନୀ ସାହିତ୍ୟ ମହୋତ୍ସବ ଜାନୁୟାରୀ -୨୦୨୦ ଏବଂ ୟୁଜିସି -କେୟାର୍ ସାରସ୍ୱତ ପତ୍ରିକା "ରକ୍ ପେବୁଲ୍" -ସାରସ୍ୱତ ସନ୍ଦର୍ଭ (ଜାନୁୟାରୀ-୨୦୨୦) ଉପସ୍ଥାପନାଯୁକ୍ତ ମାନପତ୍ର ପ୍ରାପ୍ତ । ବିଦ୍ୟାଳୟର ପ୍ରଥମ ପାହାଚ ବଡହାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଜଣେ ସଫଳ ଶିକ୍ଷାର୍ଥୀ ଭାବରେ (ଜାନୁୟାରୀ ୨୦୨୦) ମାନପତ୍ର ପ୍ରାପ୍ତ । ବାଣୀ ସାହିତ୍ୟ ସଂସଦ, ଭୁବନରୁ ବାଣୀସମ୍ମାନ ପ୍ରାପ୍ତ ତଥା ଓଡିଶା ସାମ୍ବାଦିକ ସଙ୍ଘ(କଟକ ଜିଲ୍ଲା ସମ୍ମିଳନୀ-ଟାଙ୍ଗୀ-ଚୌଦ୍ୱାର-୨୦୨୦)ରୁ ଶିକ୍ଷା ପ୍ରଶାସକ ମାନପତ୍ର ପ୍ରାପ୍ତ ।

ଗୁଣମୁଗ୍ଧ ସାହିତ୍ୟ ସେବକ
ପ୍ରଫେସର ଡକ୍ଟର ସୁବାଷ ନାୟକ

# ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ




## ପ୍ରଫେସର୍ ଡକ୍ଟର୍ ସୁବାଷ ନାୟକ

୨୨. ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ ଏକ ଅଧ୍ୟୟନ -
ଡକ୍ଟର ସୁବାଷ ନାୟକ
ଜନସୁଧା (ସାହିତ୍ୟ ପତ୍ର) (୨୦୧୮)

୨୩. Social Reflection of Odia Poet Kalindi Charan Panigrahi and Gujarati Poet Narendra Modi -
Dr. Subash Nayak
Vission Journal (2018)

୨୪. Odia Poet Kalindi Charan Panigrahi and Gujarati Poet Narendra Modi - An Analogous Study -
Dr. Subash Nayak
Rock Pebbles (2018)
UGC - Approved Journal

୨୫. ସୃଜନ ଗୌରବ -
ଡକ୍ଟର ଆଦିକନ୍ଦ ସାହୁ (୨୦୦୨)



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

# ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

(ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)

**ପ୍ରଫେସର ଡକ୍ଟର ସୁବାଷ ନାୟକ**

୧୧. ସମୟ ସମୟର କଥା - ମାଟିର ମଣିଷ ନରେନ୍ଦ୍ର ଦାମୋଦର ଦାସ ମୋଦି
ଅମରେଶ ବିଶ୍ୱାଳ (୨୦୧୫)

୧୨. ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି -
ଚନ୍ଦ୍ରମଣି ଭୂୟାଁ (୨୦୧୪)

୧୩. ରାଷ୍ଟ୍ରପୁରୁଷ ନରେନ୍ଦ୍ର ମୋଦି -
ପଣ୍ଡିତ ଦୈତାରି ମହାପାତ୍ର (୨୦୧୫)

୧୪. ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି -
ସୁସ୍ମିତା ସାହୁ (୨୦୧୬)

୧୫. ଭାବଗୌରବ -
ଡକ୍ଟର ଆଦିକନ୍ଦ ସାହୁ (୧୯୯୯)

୧୬. ମୋ ମନ ପସନ୍ଦର କବି ଓ ଅନ୍ୟାନ୍ୟ ନିବନ୍ଧ -
ଆଦିକନ୍ଦ ସାହୁ (୨୦୦୪)

୧୭. କବିତାର ମୃତ୍ୟୁ ଓ ଅନ୍ୟାନ୍ୟ ନିବନ୍ଧ -
ପ୍ରଫେସର ଆଦିକନ୍ଦ ସାହୁ (୨୦୦୯)

୧୮. ସୌନ୍ଦର୍ଯ୍ୟ ଓ ସୃଜନ ଦର୍ଶନ -
ପ୍ରଫେସର ଆଦିକନ୍ଦ ସାହୁ (୨୦୧୧)

୧୯. Kalindi Charan Panigrahi -
A Story Teller of Eminence
by Dr. Subash Nayak
Odisha Review Journal (2013)

୨୦. Kalindi Charan -
A Bright Luminary of Odia Literature
Dr. Subash Nayak
Rock Pebbles Journal (UGC Approval) (2017)

୨୧. ଓଡିଆ ସାହିତ୍ୟର କାଳଜୟୀ ସାଧକ କାଳିନ୍ଦୀଚରଣ -
ଡକ୍ଟର ସୁବାଷ ନାୟକ
ଜନସୁଧା (ସାହିତ୍ୟ ପତ୍ର) (୨୦୧୭)




ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ସୂଚୀ ଉପନୀତ


| | ପୃଷ୍ଠା |
|---|---|
| ଅଗ୍ରଲେଖ | |
| ନରେନ୍ଦ୍ର ମୋଦି | ୧-୮ |
| ରାଷ୍ଟ୍ରନାୟକ ନରେନ୍ଦ୍ର ମୋଦି | ୯-୨୨ |
| ସାହିତ୍ୟସ୍ରଷ୍ଟା ନରେନ୍ଦ୍ର ମୋଦି | ୨୩-୩୩ |
| କବି ନରେନ୍ଦ୍ର ମୋଦି | ୩୪-୨୦୩ |
| କାଳିନ୍ଦୀଚରଣ ପାଣିଗ୍ରାହୀ | ୨୦୪-୨୦୯ |
| ସାରସ୍ୱତସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ | ୨୧୦-୨୩୬ |
| କବି କାଳିନ୍ଦୀଚରଣ ପାଣିଗ୍ରାହୀ | ୨୩୭-୨୬୦ |
| ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତରଣ । | ୨୬୧-୨୭୪ |
| ଭାରତୀୟ ସାହିତ୍ୟର କାବ୍ୟ ପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ | ୨୭୫-୨୮୬ |
| ସହାୟକ ଗ୍ରନ୍ଥାବଳୀ | ୨୮୭-୨୮୯ |

## ସହାୟକ ଗ୍ରନ୍ଥସୂଚୀ


୧. କାଳିନ୍ଦୀଚରଣ ପାଣିଗ୍ରାହୀ - ଡକ୍ଟର ଆଦିକନ୍ଦ ସାହୁ
(ଓଡିଶା ସାହିତ୍ୟ ଏକାଡେମୀ - ୨୦୦୧)

୨. ଅଙ୍ଗେ ଯାହା ନିଭାଇଛି ।
କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଆତ୍ମଜୀବନୀ

୩. Kalindi Charan Panigrahi (Engosh)
Madhusudan Pati
Sahitya Academy, New Delhi (1993)

୪. କାଳିନ୍ଦୀଚରଣ - କଥାସାହିତ୍ୟ
ଡକ୍ଟର ବିଷ୍ଣୁପ୍ରିୟା ଓତା (୧୯୯୩)

୫. କାଳିନ୍ଦୀଚରଣ - କାବ୍ୟମାନସ
ଡକ୍ଟର ବୀଣାପାଣୀ ପ୍ରଧାନ (୨୦୦୭)

୬. “A JOURNEY” - Narendra Modi
Rabi Mantha (2013)

୭. “ଏକ ଯାତ୍ରା” - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ
ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦକ
ପ୍ରଫେସର ଡକ୍ଟର ସୁବାଷ ନାୟକ (୨୦୨୦)

୮. “ଧନ୍ୟ ଏଇ ଆଖି” - ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ
ଶାସ୍ତ୍ରୀୟ ଓଡିଆ ଭାଷା ଅନୁବାଦକ
ପ୍ରଫେସର ସୁରପ୍ରିୟା ମିଶ୍ର
ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି (୨୦୧୫)

୯. ନମୋନାମା - ନରେନ୍ଦ୍ର ମୋଦିଙ୍କ ଜୀବନ ଓ ଦର୍ଶନ
କୃପାସାଗର ସାହୁ (୨୦୧୫)

୧୦. ନରେନ୍ଦ୍ର ମୋଦିଙ୍କ ଜୀବନକଥା -
ଓଡିଆ ଅନୁବାଦ - ପ୍ରଫେସର ସୁରପ୍ରିୟା ମିଶ୍ର
ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି (୨୦୧୬)






## ଉତ୍ସର୍ଗ



**ପ୍ରଫେସର ଆଦିକନ୍ଦ ସାହୁ**

ମୁଁ ମୋର ଏହି ଉଚ୍ଚତର ଗବେଷଣାର ପ୍ରତିଛବି - ମୋର ଏ ସାରସ୍ୱତ ସମ୍ଭାର - “ଭାରତୀୟ ସାହିତ୍ୟର କାବ୍ୟପୁରୁଷ - ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ” - (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)କୁ ମୋର ଗୁରୁଦେବ ବିଶିଷ୍ଟ ପ୍ରାବନ୍ଧିକ - ଓଡିଆ ସାହିତ୍ୟର ଧ୍ୱରିଣୀ ଶିଳ୍ପୀ ପ୍ରଫେସର ଡକ୍ଟର ଆଦିକନ୍ଦ ସାହୁଙ୍କୁ ସମର୍ପଣ କରୁଅଛି । ସେ ମୋର ଗୁରୁମାନଙ୍କର ମଧ୍ୟରେ ଦେବ - ଗୁରୁଦେବ, ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ (ଗାଇଡି)ରେ ମୁଁ ଓଡିଆ ସାହିତ୍ୟରେ ଡକ୍ଟରେଟ୍ (ପିଏଚ୍.ଡି.) ଉପାଧିପ୍ରାପ୍ତ । ସେଥିପାଇଁ ଉଚ୍ଚତର ଗବେଷଣା କରିବାକୁ ଯୋଗ୍ୟବିବେଚିତ । ଗୁରୁଦେବଙ୍କୁ ଗୁରୁଦକ୍ଷିଣା ଦେଇ ହୁଏନାହିଁ, ଆଶାକରେ ତାଙ୍କୁ ଏହି ପୁସ୍ତିକାଟି ଉତ୍ସର୍ଗକରି ମୋର ସାହିତ୍ୟର ବିକାଶଧାରାକୁ ବଜାୟ ରଖିପାରିବି ।

ଗୁଣମୁଗ୍ଧ



(ପ୍ରଫେସର ଡକ୍ଟର ସୁବାଷ ନାୟକ)

ଭାରତୀୟ ସାହିତ୍ୟର ଏକମାତ୍ର କବି ରବିନ୍ଦ୍ରନାଥ ଠାକୁର ନିଜର "ଗୀତାଞ୍ଜଳୀ" କାବ୍ୟପାଇଁ ବିଶ୍ୱର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ନୋବେଲ ସାହିତ୍ୟ ସମ୍ମାନ ପାଇଛନ୍ତି । ଆଗାମୀ ଦିନରେ ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଏ ଜର୍ଣ୍ଣି" ନୋବେଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ହୋଇ ନରେନ୍ଦ୍ର ମୋଦି ବିଶ୍ୱକବିର ମାନ୍ୟତା ପାଆନ୍ତୁ – ଏତିକି କାମନା ।

ବଡ ସୌଭାଗ୍ୟର କଥା – ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକ ଅକ୍ଟୋବର ୨୦୧୯ ରିଖରେ ୫ ଦିନ ବ୍ୟାପି – ବିଶ୍ୱକବି ସମ୍ମିଳନୀରେ ସକ୍ରୀୟ ଅଂଶଗ୍ରହଣ କରି ନିଜକୁ ଧନ୍ୟମନେ କରିଅଛି । ଆନ୍ତର୍ଜାତୀୟ କଳା ଓ ସାହିତ୍ୟ ପରିଷଦ ତରଫରୁ ୩୯ତମ ବିଶ୍ୱକବି ସମ୍ମିଳନୀ – ଭାରତବର୍ଷର ଆମ ଓଡିଶା ପ୍ରଦେଶର କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ସମଗ୍ର ବିଶ୍ୱର ୭୯ ରାଷ୍ଟ୍ରର ୧୫୦୦ କବି / କବୟତ୍ରୀ ଯୋଗଦାନ କରିଥିଲେ । ଆୟୋଜକ ପ୍ରଫେସର ଅଚ୍ୟୁତ ସାମନ୍ତ ଧନ୍ୟବାଦର ପାତ୍ର, ଏହି କାର୍ଯ୍ୟକ୍ରମରେ ବିଶ୍ୱର ବହୁତ ନାମୀଦାମି କବି ସହ ନୋବେଲ ପୁରସ୍କାର ପ୍ରାପ୍ତ କବିମାନେ ଯୋଗ ଦେଇଥିଲେ । ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ ଓ ଭାରତର ମହାମହିମ ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ ଉଦ୍‌ଯାପନ ଦିବସରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରୁ ମୁଁ ସାରସ୍ୱତ ମାନପତ୍ର ପ୍ରାପ୍ତ । ମୋ ଜୀବନର ଏକ ସ୍ମରଣୀୟ ଦିବସ ।

ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସ୍ୱତତ୍ତ୍ୱାବଧାରକ (ସେଲଫଗାଇଡ) ଭାବରେ ପୋଷ୍ଟଡକ୍ଟରାଲ / ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍.) ପାଇଁ ପ୍ରୟାସରତ / ରେଜିଷ୍ଟ୍ରେସନ୍‌କୁ ଅପେକ୍ଷା । ମୋର ଗବେଷଣା ସନ୍ଦର୍ଭ – ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ ଏକ ଅଧ୍ୟୟନ । ମୋର ଏହି ଉଚ୍ଚତର ଗବେଷଣା ନରେନ୍ଦ୍ର ମୋଦିଙ୍କ କବି ପ୍ରତିଭାକୁ ବିଶ୍ୱକବିର ମାନ୍ୟତା ପ୍ରଦାନ କରିବା ଦିଗରେ ଏକ ମାଇଲ ଖୁଟିଂ ହେବ, ଏଥିରେ ତିଳେମାତ୍ର ଅବକାଶ ନାହିଁ ।

ମୋର ଉଚ୍ଚତର ଗବେଷଣାର ଏକ ପ୍ରତିଛବି – ମୋର ସାରସ୍ୱତ ସମ୍ଭାର – "ଭାରତୀୟ ସାହିତ୍ୟର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ" – (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ) – ପାଠକ / ପାଠିକାଙ୍କ ଆଦୃତି ଲାଭ କରିଲେ । ଓଡିଆ ସାହିତ୍ୟ ତଥା ଭାରତୀୟ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ ହୋଇପାରିବ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ପ୍ରାବନ୍ଧିକଙ୍କ କଲମରୁ .....

ଆମ ଓଡିଶା ପ୍ରଦେଶର ମାତୃଭାଷା ଓଡିଆ । ସୁଦୀର୍ଘ ୨୫୦୦ ବର୍ଷର ପ୍ରାଚୀନତମ ଭାଷାକୁ ଭାରତ ସରକାର ଷଷ୍ଠତମ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ଯାହାକି ଓଡିଆ ଭାଷା ଭାରତୀୟ ସାହିତ୍ୟ କାହିଁକି ବିଶ୍ୱସାହିତ୍ୟରେ ତା'ର ସ୍ୱତନ୍ତ୍ର ପରିଚୟ ବଜାୟ ରଖିପାରିବ କହିଲେ ଅତ୍ୟୁକ୍ତି ହେବନାହିଁ ।

ବିଶ୍ୱରେ କୋଣ ଅନୁକୋଣରେ ଅବସ୍ଥାନ କରୁଥିବା ପ୍ରିୟ ଓଡିଆମାନେ ତାଙ୍କର ବ୍ୟବହାରିକ ଭାଷା ଓଡିଆକୁ ପାରିବାରିକ ବ୍ୟବହାର ଫଳରେ ବିଶ୍ୱଦରବାରରେ ଓଡିଆ ଭାଷା ଚିରକାଳ ଅମର ହୋଇରହିବ ଏଥିରେ ତିଳେମାତ୍ର ଅବକାଶ ନାହିଁ ।

ଓଡିଆ ସାହିତ୍ୟ ମଧ ଭାରତୀୟ ସାହିତ୍ୟରେ ତା'ର ବିକାଶ କରିପାରିଅଛି । ବହୁ ଓଡିଆ ସାହିତ୍ୟର ପୁସ୍ତକ ଭାରତର ଅନ୍ୟାନ୍ୟ ଭାଷାରେ ଅନୁବାଦ ହୋଇ ସ୍ୱସ୍ୱ ରାଜ୍ୟ ରାଜ୍ୟରେ ନିଜ ଭାଷାଦ୍ୱାରା ଓଡିଆ ଭାଷାର ଭାବପ୍ରକରଣ ହୋଇ ଭାରତୀୟ ସାହିତ୍ୟର ବିକାଶଧାରାରେ ଅଗ୍ରସର ହୋଇପାରିଅଛି

ମୁଁ ମୋର ଏହି ଉଚ୍ଚତର ଗବେଷଣାର ପ୍ରତିଛବି ମୋର ଏ ସାରସ୍ୱତ ସମ୍ଭାର – "ଭାରତୀୟ ସାହିତ୍ୟର କାବ୍ୟପୁରୁଷ – ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ" – (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)ଟିରେ – ନରେନ୍ଦ୍ର ମୋଦି, ରାଷ୍ଟ୍ରନାୟକ ନରେନ୍ଦ୍ର ମୋଦି, ସାରସ୍ୱତସାଧକ ନରେନ୍ଦ୍ର ମୋଦି, କବି ନରେନ୍ଦ୍ର ମୋଦି ତଥା କାଳିନ୍ଦୀଚରଣ ପାଣିଗ୍ରାହୀ, ସାରସ୍ୱତସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ, କବି କାଳିନ୍ଦୀଚରଣ ପାଣିଗ୍ରାହୀ ତଥା ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତରଣକୁ ବର୍ଣ୍ଣନା ସହ ଭାରତୀୟ ସାହିତ୍ୟରେ କାବ୍ୟପୁରୁଷ – ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ବିଷୟରେ ପର୍ଯ୍ୟାୟକ୍ରମେ ଆଲୋଚନାତ୍ମକ ଭାବରେ ରଚନା କରାଯାଇଛି

ଓଡିଆ ପ୍ରବନ୍ଧ ସାହିତ୍ୟର ବିକାଶ କ୍ଷେତ୍ରରେ ସର୍ବୋପରି ଭାରତୀୟ ସାହିତ୍ୟକୁ ମୋର ଏ ମାନସମନ୍ଥନ ସାରସ୍ୱତ ସମ୍ଭାର – ଉଚ୍ଚ ଗବେଷଣାର ପ୍ରତିଛବି – "ଭାରତୀୟ ସାହିତ୍ୟର କାବ୍ୟପୁରୁଷ – ନରେନ୍ଦ୍ର ମୋଦି ଓ  କାଳିନ୍ଦୀଚରଣ ପାଣିଗ୍ରାହୀ" – (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ) – ଏକ ଗୁଣ୍ଡୁଚିମୂଷା ଭଳି କାର୍ଯ୍ୟକରିବ ବୋଲି ମୋର ଆଶା ଓ ବିଶ୍ୱାସ ।

କାଳିନ୍ଦୀଚରଣ ପାଣିଗ୍ରାହୀ ଓଡିଆ ସାହିତ୍ୟର ଜଣେ କାଳଜୟୀ ସାଧକ ସର୍ବୋପରି ଭାରତୀୟ ସାହିତ୍ୟର ଜଣେ ବିଦ୍ୱାଣୀ କହିଲେ ଅତ୍ୟୁକ୍ତି ହେବନାହିଁ । ନରେନ୍ଦ୍ର ମୋଦି ଜଣେ ସାରସ୍ୱତ ସାଧକ ବୋଲି ଖୁବ କମ ଭାରତୀୟ ଜାଣନ୍ତି । ଭାରତର ପ୍ରଧାନମନ୍ତ୍ରୀ ଭାବରେ ସେ ଜଣେ ବିଶ୍ୱନେତାର ମାନ୍ୟତା ପ୍ରାପ୍ତ ମୋଦିଜୀଙ୍କର ଅନାଲୋଚିତ ସାରସ୍ୱତ ପ୍ରତିଭାକୁ ଜନମାନସଙ୍କୁ ଅବଗତି କରାଇବା ଦିଗରେ ଏ ପ୍ରବନ୍ଧ ସାହିତ୍ୟଟି ସହାୟକ ହେବାସହ ଆଲୋଚିତ ମୋଦିଜୀଙ୍କ କବିତ୍ୱଶକ୍ତି ଆଗାମୀ

ଦିନରେ ନୋବେଲ ସାହିତ୍ୟ ପୁରସ୍କାର ସହ ନରେନ୍ଦ୍ର ମୋଦିଙ୍କୁ ବିଶ୍ୱକବିର ମାନ୍ୟତା ଆଣିଦେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଏ ପୁସ୍ତିକାଟି ପାଠକ-ପାଠିକାଙ୍କ ସୁଖପାଠ୍ୟ ହୋଇପାରିଲେ ମୋର ଶ୍ରମ ସାର୍ଥକ ହେବ ବୋଲି ଆଶାକରିବି ।

ଗୁଣମୁଗ୍ଧ



(ପ୍ରଫେସର ଡକ୍ଟର ସୁବାଷ ନାୟକ)



ଗୁଜୁରାଟୀ ସାହିତ୍ୟ କରିପାରିଛନ୍ତି ।

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ – "ଆଖଁା ଆଁ ଧନ୍ୟ ଛୋ" ଗୁଜୁରାଟୀ ଭାଷା କବିତା ପୁସ୍ତକଟି ହିନ୍ଦୀ ସାହିତ୍ୟରେ ଅନୁବାଦ କରିଛନ୍ତି ପ୍ରଫେସର ଅଞ୍ଜନା ସନ୍ଧିର ତଥା ଏହି ବହିଟିକୁ ଆମ ଓଡିଶା ପ୍ରଦେଶର ଓଡିଆ ଶାସ୍ତ୍ରୀୟ ଭାଷାରେ ଅନୁବାଦ କରିଛନ୍ତି – "ଧନ୍ୟ ଏଇ ଆଖି" – ପ୍ରଫେସର ସୁରପ୍ରିୟା ମିଶ୍ର ଓ ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି ।

ନରେନ୍ଦ୍ର ମୋଦିଙ୍କର ଗଳ୍ପ ସଂକଳନ "ପ୍ରେମତୀର୍ଥ" ୧୨ ଗୋଟି ଗଳ୍ପକୁ ନେଇ ରଚିତ । ଏହାର ଆମ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ କରୁଛନ୍ତି ଶିକ୍ଷାବିତ୍ ପ୍ରଶାନ୍ତ କୁମାର ମହାନ୍ତି, ଯାହାକି ଓଡିଆ ସାହିତ୍ୟ ସର୍ବୋପରି ଭାରତୀୟ ସାହିତ୍ୟକୁ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ନରେନ୍ଦ୍ର ମୋଦିଙ୍କର ବହୁଚର୍ଚ୍ଚିତ କବିତା ସଂକଳନ "ଏ ଜର୍ଣ୍ଣି" ଗୁଜୁରାଟୀ ଭାଷାର କାବ୍ୟସାହିତ୍ୟ । ଏହାକୁ ଇଂରାଜୀ ଭାଷାରେ ଅନୁବାଦ କରିଛନ୍ତି – ତାଙ୍କ ସାଙ୍ଗ ରବି ମନ୍ଥା, ଯାହାକି ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟକୁ ଏକ ଅମୂଲ୍ୟ ଗ୍ରନ୍ଥ କହିଲେ ଭୁଲ ହେବନାହିଁ ।

ଅଧିନ ଗବେଷକ ଡକ୍ଟର ସୁବାଷ ନାୟକ – ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ 'ଏ ଜର୍ଣ୍ଣି'କୁ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ (ଏକଯାତ୍ରା) କରି ଓଡିଆ ସାହିତ୍ୟ ନୁହେଁ – ଭାରତୀୟ ସାହିତ୍ୟକୁ ଏକ ଅମୂଲ୍ୟ ଗ୍ରନ୍ଥ ବୋଲି ବିବେଚନା କରିହେବ ।

ଅଧିନ ଗବେଷକ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏ ଜର୍ଣ୍ଣି"କୁ ୧୩ ଜଣ ଭାରତୀୟ କବି / କବୟିତ୍ରୀଙ୍କୁ ଏ ପୁସ୍ତକ ପ୍ରଦାନକରି ସେମାନେ ନିଜନିଜ ଭାଷାରେ ଅନୁବାଦ କାର୍ଯ୍ୟ ଚାଲୁରଖିଛନ୍ତି । ସେହି ଭାଷାଗୁଡିକ ହେଲା – ଓଡିଆ, ସଂସ୍କୃତ, ହିନ୍ଦୀ, ତାମିଲ୍, ତେଲୁଗୁ, ମାଲାୟଲମ୍, ଆସାମିଜ୍, ପଞ୍ଜାବୀ, ରାଜସ୍ଥାନୀ, ସିନ୍ଧି, କାନାଡା, ମରାଠି, ବେଙ୍ଗଲି, ସାନ୍ତାଳୀ ଆଦି ଭାଷା, ଯାହାକି ଭାରତୀୟ ସାହିତ୍ୟକୁ ଅବଦାନ ।

ଅଧିନ ଗବେଷକ ନରେନ୍ଦ୍ର ମୋଦିଙ୍କ କାବ୍ୟମାନସ "ଏ ଜର୍ଣ୍ଣି"କୁ ୭ ଜଣ ବିଦେଶୀ କବି / କବୟିତ୍ରୀଙ୍କୁ ଏ ପୁସ୍ତକ ପ୍ରଦାନକରି ନିଜନିଜ ରାଷ୍ଟ୍ରୀୟ ଭାଷାରେ ଅନୁବାଦ କାର୍ଯ୍ୟ ସଂପୂର୍ଣ୍ଣ କରିବା ସହ ବିଶ୍ୱସାହିତ୍ୟକୁ ଅବଦାନ ଭାବରେ ସାହିତ୍ୟ ରଚନାରେ ନିମଗ୍ନରତ ।

ଆର୍ଜେଟିଂନା ଦେଶର ସାଂସଦ ଡକ୍ଟର ସୁଷନା ରୋବର୍ଟ – "ସ୍ପାନିସ୍" ଭାଷାରେ "ଏ ଜର୍ଣ୍ଣି" କବିତା ସଂକଳନକୁ ଅନୁବାଦ କାର୍ଯ୍ୟ ସାରିଲେଣି । ଅନ୍ୟ ରାଷ୍ଟ୍ର ସବୁ ହେଲା – ଚୀନ, ଭୁଟାନ, ନେପାଳ, ବାଲାଂଦେଶ, ଫ୍ରାନ୍ସ, ଆମେରିକା ରାଷ୍ଟ୍ରର କବି / କବୟତ୍ରୀଙ୍କ ଦ୍ୱାରା ନରେନ୍ଦ୍ର ମୋଦିଙ୍କର "ଏ ଜର୍ଣ୍ଣି" ପୁସ୍ତକ ଅନୁବାଦ କାର୍ଯ୍ୟ ଚାଲୁରହିଅଛି ।

ଭାରତୀୟ ସାହିତ୍ୟକୁ ସାଧାରଣତଃ ଆମ୍ଭେ ଦୁଇଭାଗରେ ବିଭକ୍ତିକରଣ କରିପାରିବା । ପରାଧିନତାର ଭାରତୀୟ ସାହିତ୍ୟ (୧୫/୦୮/୧୯୪୭ ପୂର୍ବବତ) ଓ ସ୍ୱାଧିନତାର ଭାରତୀୟ ସାହିତ୍ୟ (୧୫/୦୮/୧୯୪୭ ଠାରୁ ଅଦ୍ୟାବଧି) ।

ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀ ଜଣେ ପରାଧିନ ଭାରତୀୟ ସାହିତ୍ୟର ପ୍ରମୁଖ କବି ଅଟନ୍ତି । ତାଙ୍କର କବିତାଗୁଡିକ ମୁଖ୍ୟତଃ (୧୯୩୪-୧୯୩୯) ମଧ୍ୟରେ ରଚନା କରିଥିଲେ

ମାତ୍ର ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦି ସ୍ୱାଧିନତା ପରବର୍ତୀ ଭାରତୀୟ ସାହିତ୍ୟର ପ୍ରମୁଖ କବି ଅଟନ୍ତି । ତାଙ୍କର କବିତାଗୁଡିକ ବିଶେଷତଃ ଆଧୁନିକ ଯୁଗର ଏକବିଂଶ ଶତାବ୍ଦୀର (୨୦୧୦ ରୁ ୨୦୧୫) ମଧ୍ୟରେ ପ୍ରକାଶିତ । କିନ୍ତୁ ତାହା ତାଙ୍କର ମାନସପଟ୍ଟରେ ସମ୍ଭବତ ୧୯୭୦ ରୁ ୧୯୯୦ ମଧ୍ୟରେ କବିତାୟନ କରିଅଛନ୍ତି ।

ଓଡିଆ ସାହିତ୍ୟର କବି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ଅନେକ ସାରସ୍ୱତଃ ସୃଷ୍ଟି - ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଆଲୋଡନ ସୃଷ୍ଟି କରିଅଛି । କାଳିନ୍ଦୀଚରଣଙ୍କ "ମାଟିର ମଣିଷ" ଉପନ୍ୟାସ ସବୁ ପ୍ରାୟତଃ ଭାରତୀୟ ସାହିତ୍ୟ ତଥା ଇଂରାଜୀ ସାହିତ୍ୟରେ ଲୀଳା ରାୟଙ୍କ ଦ୍ୱାରା "A House Undivided" ଭାବରେ ୧୯୭୩ ମସିହାରେ ଅନୁବାଦ ସାହିତ୍ୟ ହୋଇ - ଭାରତୀୟ ସାହିତ୍ୟ କାହିଁକି ବିଶ୍ୱସାହିତ୍ୟକୁ ଏକ ବାର୍ତାବହ ଦେଇପାରିଅଛି ।

କାଳିନ୍ଦୀଚରଣଙ୍କ ହୃଦୟସ୍ପର୍ଶୀ ଗଳ୍ପ "ମାଂସର ବିଳାପ" ଅନେକ ଭାରତୀୟ ଭାଷାରେ ଅନୁବାଦ ହୋଇ ନାଟ୍ୟ ରୂପରେ ସବୁ ଭାରତୀୟ ଭାଷାରେ ଆକାଶବାଣୀରେ ପ୍ରସାରିତ ହୋଇଅଛି ।

କବି କାଳିନ୍ଦୀଚରଣଙ୍କ - "କବିତା ସଂକଳନ" - "ଛୁରୀଟିଏ ଲୋଡା"ର "ଆଗାମୀ" କବିତାଟି ଇଂରାଜୀ ଭାଷା ସହ ବିଦେଶୀ ଚୀନ ଓ ଜର୍ମାନୀ ଭାଷାରେ ଅନୁବାଦ ହୋଇ ବିଶ୍ୱସାହିତ୍ୟରେ ପ୍ରତିଫଳନ ହୋଇଅଛି ।

ଠିକ୍ ସେହିପରି ଭାରତୀୟ ସାହିତ୍ୟର ଗୁଜୁରାଟୀ ସାହିତ୍ୟର ଜଣେ ସାରସ୍ୱତ ସାଧକ ନରେନ୍ଦ୍ର ମୋଦି । ଗୁଜୁରାଟୀ ଭାଷାରେ ଅନେକ ପୁସ୍ତକ ରଚନାକରି ଗୁଜୁରାଟୀ ସାହିତ୍ୟ ନୁହେଁ ଭାରତୀୟ ସାହିତ୍ୟରେ ନିଜର ସ୍ୱାକ୍ଷର ବହନ କରିଛନ୍ତି ।

ନରେନ୍ଦ୍ର ମୋଦି ପ୍ରସିଦ୍ଧ ମରାଠି ସାହିତ୍ୟର ଲେଖକ ଦତୋମନ୍ତ ଥୋଙ୍ଗାଡିଙ୍କ ମରାଠି ପୁସ୍ତକ - "ସମ୍ରଷ୍ଟ ଶିବାୟ ସମତା ଅକ୍ଷୟ" ପୁସ୍ତକଟି ଗୁଜୁରାଟୀ ଭାଷାରେ ଅନୁବାଦ କରି ଗୁଜୁରାଟୀ ସାହିତ୍ୟ କାହିଁ - ଭାରତୀୟ ସାହିତ୍ୟରେ ମଧ୍ୟ ଚର୍ଚ୍ଚାର ପରିଧିକୁ ଆସିଛନ୍ତି ।

ମୋଦି ନିଜର ପ୍ରିୟ ଗୁରୁଜୀ ସଂଘର ସଂଚାଳକ ଲକ୍ଷ୍ମଣରାଓ ଇନାମଦାର ବା ଓକିଲ ସାହେବଙ୍କ ଶହଶହ ଚିଠି ମରାଠି, ହିନ୍ଦୀ ଓ ଇଂରାଜୀ ଭାଷାରେ ଲିଖିତକୁ ଏକତ୍ର କରି "ପତ୍ରରୂପି ଶ୍ରୀଗୁରୁଜୀ" ଏକ





# ନରେନ୍ଦ୍ର ମୋଦି

ନରେନ୍ଦ୍ର ମୋଦି ଭାରତୀୟ ରାଜନୀତିର ଏକ ଉଚ୍ଚାରିତ ନାମ ତତ୍ ସହିତ ଭାରତର ପ୍ରଧାନମନ୍ତ୍ରୀ ଭାବରେ ବିଶ୍ୱ ଜଗତରେ ମଧ୍ୟ ଜଣେ ପ୍ରତିଭାଧାରୀ ରାଜନେତା ଭାବରେ ପ୍ରତିଷ୍ଠିତ । ଗୁଜୁରାଟ ପ୍ରଦେଶର ତିନିଥର ମୁଖ୍ୟମନ୍ତ୍ରୀ ଭାବରେ ଅଧିଷ୍ଠିତ ହୋଇ ଦ୍ୱିତୀୟବାର ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟରତ । ଜଣେ ଦରଦୀ ମଣିଷ, ନିମ୍ନ ମଧ୍ୟବତୀ ପରିବାରର ସନ୍ତାନ । ଗରିବ ତାଙ୍କର ମନକୁ କବଳିତ କରିଥିଲେ ମଧ୍ୟ ଜୀବନ ଯୁଦ୍ଧରେ ସେ କଦାପି ହାରିନାହାଁନ୍ତି । ଗୁଜୁରାଟୀ ସାହିତ୍ୟର ଜଣେ ସଫଳ ସାରସ୍ୱତ ସାଧକ, ସଫଳ କବି, ଗାଳ୍ପିକ ତଥା ଲେଖକ । ଭାରତୀୟ ସାହିତ୍ୟକୁ ତାଙ୍କର ଅବଦାନକୁ ଅସ୍ୱୀକାର କରିହେବ ନାହିଁ । କୁଚିତ ସାରସ୍ୱତ ସାଧକ ତାଙ୍କର ସାହିତ୍ୟ ଜୀବନ ବ୍ୟତିରୋକେ - ଜନସାଧାରଣ ନିକଟରେ ପରିଚିତ ହୋଇପାରିନାହାଁନ୍ତି ।

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଏକ ଯାତ୍ରା" ଗୁଜୁରାଟୀ ଭାଷାରୁ ଅନୁବାଦକ କବିମଣ୍ଟା ଇଂରାଜୀ ସାହିତ୍ୟକୁ ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକ 'ଏ ଜର୍ଣ୍ଣି' କବିତା ସଂକଳନକୁ ଶାସ୍ତ୍ରୀୟ ଓଡିଆ ଭାଷାର ଅନୁବାଦକ 'ଏକ ଯାତ୍ରା' ଭାରତୀୟ ସାହିତ୍ୟକୁ ଏକ ଦାନ ସହ ୧୪ଜଣ ଭାରତୀୟ କବି । କବୟତ୍ରୀ ବିଭିନ୍ନ ଭାଷାର ସ୍ୱସ୍ୱ ଭାଷାରେ ଅନୁବାଦ କାର୍ଯ୍ୟ ପାଇଁ ପ୍ରେରଣାଦାତା ଯାହାକି ଭାରତୀୟ ସାହିତ୍ୟକୁ ଅମୂଲ୍ୟ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ଗବେଷକ ଡକ୍ଟର ନାୟକଙ୍କ - ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଏ ଜର୍ଣ୍ଣି" କେବଳ ଭାରତୀୟ ସାହିତ୍ୟ ନୁହେଁ ବିଶ୍ୱ ସାହିତ୍ୟ ପାଇଁ ପ୍ରେରଣାଦାତା । ଆର୍ଜେଟିଂନା ରାଷ୍ଟ୍ରର ସାଂସଦ / କୁଟନୀତିଜ୍ଞ / କବୟତ୍ରୀ ଡକ୍ଟର ସୁଷନା ରୋବର୍ଟ୍ "ଏ ଜର୍ଣ୍ଣି" କବିତା ସଂକଳନକୁ - ସ୍ପାନିସ୍ ଭାଷାରେ ଅନୁବାଦ କାର୍ଯ୍ୟ ପରିସମାପ୍ତି କରିଅଛନ୍ତି । ସ୍ପାନିସ୍ ଭାଷା ବିଶ୍ୱର ସର୍ବବୃହତ ଭାଷା ବ୍ୟବହାର କରିଥାନ୍ତି

ଚାଇନା (ଚୀନ) ଦେଶର ବିଶିଷ୍ଟ କବି ତଥା ଆନ୍ତର୍ଜାତୀୟ କବିତା ଗବେଷଣା ତଥା ଅନୁବାଦକ କେନ୍ଦ୍ରର ସଭାପତି ଡକ୍ଟର ଜାଙ୍ଗ ଜୀ ମଧ୍ୟ ନରେନ୍ଦ୍ର ମୋଦିଙ୍କ 'ଏ ଜର୍ଣ୍ଣି' କୁ 'ଚାଇନିଜ୍' ଭାଷାରେ ଅନୁବାଦ କାର୍ଯ୍ୟ ପରିସମାପ୍ତି କରିଅଛନ୍ତି ଯାହାକି ବିଶ୍ୱସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ । ଚାଇନିଜ୍ ଭାଷା ବିଶ୍ୱର ବହୁଳ ପ୍ରଚାରିତ ଭାଷା ମଧ୍ୟରୁ ଅନ୍ୟତମ ସ୍ଥାନ ଗ୍ରହଣ କରିଅଛି ।

ଏତଦ୍ବ୍ୟତୀତ ଗବେଷକ ଡକ୍ଟର ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱବଧାନରେ - 'ଏ ଜର୍ଣ୍ଣି' କବିତା ପୁସ୍ତକ ୩ଗୋଟି ବିଦେଶୀ ରାଷ୍ଟ୍ର ଭୁଟାନ, ବାଲାଂଦେଶ ଓ ନେପାଳର ଭାଷା ଦ୍ୱାରା ଅନୁବାଦ କାର୍ଯ୍ୟ ଚାଲୁରହିଅଛି ଯାହାକି ବିଶ୍ୱ ସାହିତ୍ୟକୁ ଅମୂଲ୍ୟ ଅବଦାନ ଆଶାକରାଯାଏ ।

୧୯୧୩ ମସିହାରେ ଏକମାତ୍ର ଭାରତୀୟ ନୋବେଲ ସାହିତ୍ୟ ପୁରସ୍କାର ପ୍ରାପ୍ତ ବିଶ୍ୱକବି ରବିନ୍ଦ୍ର ନାଥ ଠାକୁରଙ୍କ ପରେ ଦ୍ୱିତୀୟ ବ୍ୟକ୍ତି ଭାବରେ କବି ନରେନ୍ଦ୍ର ମୋଦି ସାହିତ୍ୟରେ ନୋବେଲ

ପୁରସ୍କାର ପାଇବେ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ନରେନ୍ଦ୍ର ମୋଦି ଜଣେ କବି ଭାବରେ 'ଧନ୍ୟ ଏହି ଆଖି' ଏକ କବିତା ପୁସ୍ତକକୁ ଓଡିଆ ଭାଷାରେ ଅନୁବାଦ କରିଛନ୍ତି ପ୍ରଫେସର ସ୍ୱରପ୍ରିୟା ମିଶ୍ର । ଏହି କବିତା ସଂକଳନରେ ଜୀବନର ପରିକଳ୍ପିତ ମାନବସତା ପାଇଁ ସଂଗ୍ରାମକୁ ବିଷାଦ ଭାବରେ ବର୍ଣ୍ଣନା କରାଯାଇଅଛି । ୬୭ଗୋଟି କବିତା ପରିଲିଖିତ ହୋଇଅଛି । ପ୍ରଫେସର ମିଶ୍ରଙ୍କୁ ସହଯୋଗୀ ଥିଲେ ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି ।

ମୋଦିଙ୍କ କବିତା – 'ଆଁଖ ଆ ଧନ୍ୟ ଛେ' ଗୁଜୁରାଟୀ ଭାଷାରେ ପରିପ୍ରକାଶ ହୋଇଥିଲା । ଏହାକୁ ହିନ୍ଦୀ ଭାଷାରେ ଅନୁବାଦ କରିଥିଲେ – "ଆଖ ଯେ ଧନ୍ୟ ହୈ" ପ୍ରଫେସର ଡକ୍ଟର ଅଂଜନା ସନ୍ଧିର ।

ନରେନ୍ଦ୍ର ମୋଦିଙ୍କର କବିତା ସଂଗ୍ରହରେ ତାଙ୍କ କବିତ୍ୱ ପ୍ରତିଭାର ପରିଚୟ ମିଳେ । ତାଙ୍କ କବିତା ଗୁଡିକରେ ଜଣେ ନୀତିନିଷ୍ଠ ରାଷ୍ଟ୍ରଭକ୍ତ, ସତ୍ୟବାଦୀ, ପ୍ରେମଭକ୍ତିର ଆରାଧକ ଓ ମହାନ ସାଧକର ସମନ୍ୱିତ ସ୍ୱରୂପ ଦେଖିବାକୁ ମିଳିଥାଏ । ସତ୍ୟର ମହତ୍ୱ ତଥା ସତ୍ୟ ଆତ୍ମର ସ୍ୱାଭିମାନ ତାଙ୍କର କବିତାରେ ପରିସ୍ଫଟିକ ହୋଇଥାଏ ।

ନରେନ୍ଦ୍ର ମୋଦି ଯେପରି ଜଣେ କବି ଠିକ୍ ସେପରି ଜଣେ ସଫଳ ଗାଳ୍ପିକ । ତାଙ୍କର ବାରଗୋଟି କ୍ଷୁଦ୍ର ଗଳ୍ପକୁ ନେଇ ଗଳ୍ପ ସଂକଳନ ପ୍ରେମତୀର୍ଥ ପରିପ୍ରକାଶ ହୋଇଅଛି । 'ପ୍ରେମତୀର୍ଥ' କୁ ଓଡିଆ ଭାଷାରେ ଅନୁବାଦ କରୁଛନ୍ତି – ଅବସରପ୍ରାପ୍ତ ଓଡିଶା ଶିକ୍ଷା ସେବା ଅଧିକାରୀ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି । ଅନେକ ଗଳ୍ପ ପ୍ରକାଶିତ ହୋଇ ପାଠକୀୟ ଆଦୃତିଲାଭ କରିଅଛି । ତାଙ୍କ ଗଳ୍ପଗୁଡିକରେ ସାମାଜିକ ପରମ୍ପରା, ଚାଲିଚଳନି, ଗରିବ ମଣିଷର ଭାଷାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

ଗୁଜୁରାଟୀ ସାହିତ୍ୟର – ନରେନ୍ଦ୍ର ମୋଦି ଯେ ଜଣେ ଗାଳ୍ପିକ ବା କବି ନଥିଲେ ଥିଲେ ଜଣେ ସୃଷ୍ଟିଶାଳୀ ଲେଖକ । ମୋଦିଙ୍କୁ ଯେତେବେଳେ ପଚିଶି ବର୍ଷ ବୟସ ହୋଇଥିଲା ସେ ସମୟରେ ସେ ତାଙ୍କର ପୁସ୍ତକ "ସଂଘର୍ଷ ମା ଗୁଜୁରାଟ" ଲେଖିଥିଲେ । ଏଥିରେ ଜରୁରୀକାଳୀନ ପରିସ୍ଥିତିରେ ଅଣକଂଗ୍ରେସ ସରକାର ଥିବା ଗୁଜୁରାଟର ଅବସ୍ଥା କିପରି ଥିଲା ସେ ଲେଖିଛନ୍ତି । ତିରିଶି ମାସ ଧରି ଗଣତନ୍ତ୍ର ପାଇଁ କିପରି ସଂଗ୍ରାମ ଚାଲିଥିଲା ସେ ସେଠାରେ ଉଲ୍ଲେଖ କରିଅଛନ୍ତି ।

ଦତୋପାନ୍ତ ଥୋଙ୍ଗାଡିଙ୍କ ମରାଠି ପୁସ୍ତକ – "ସମ୍ରଷ୍ଟ ଶିବାୟୁ ସମତା ଅକ୍ଷୟ"କୁ ନରେନ୍ଦ୍ର ମୋଦି ଗୁଜୁରାଟୀ ଭାଷାରେ ଅନୁବାଦ କରି ଭାରତୀୟ ଅନୁବାଦ ସାହିତ୍ୟକୁ ନିଜର ସ୍ୱାକ୍ଷର ଛାଡିଦେଇଛନ୍ତି

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (RSS) ର ଦ୍ୱିତୀୟ ସ୍ୱରସଂଘ ସଂଚାଳକ ଥିଲେ ଶ୍ରୀ ଗୁରୁଜୀ । ଶହ ଶହ ଚିଠି ସେ ମରାଠି, ହିନ୍ଦୀ ଓ ଇଂରାଜୀ ଭାଷାରେ ଲେଖିଥିଲେ ନରେନ୍ଦ୍ର ମୋଦି ଏ ସବୁକୁ ଅନୁବାଦ କରିଥିଲେ ଯାହାକି ପତ୍ର ରୂପେ 'ଶ୍ରୀ ଗୁରୁଜୀ' ନାମକ ପୁସ୍ତକରେ ପରିପ୍ରକାଶିତ ।





କବିତାର ବିଧିବଧ ମୂଲ୍ୟାୟନ ହୋଇପାରିନାହିଁ ।

ଆଧୁନିକ ଓଡିଆ କବିତାରେ ଅସ୍ତିତ୍ୱବାଦ ଚେତନା ଏକ ଆକସ୍ମିକ ବିଷୟ ନୁହେଁ । ଆଧୁନିକ ଓଡିଆ କବିତା ଯେପରି ସବୁଜ ଓ ସତ୍ୟବାଦୀ ଅବା ଅଭ୍ୟୁଦୟ ଯୁଗର ଚେତନା ଗର୍ଭରୁ କ୍ରମଶଃ ଉତ୍ସାହିତ ହୋଇଆସିଛି ।

ପାଦଟୀକା – ୩୬/୩୭ – "ସ୍ଥିତିବାଦୀ ନାନ୍ଦନିକତା"

ଭାବ ଗୌରବ

ଡକ୍ଟର ଆଦିକନ୍ଦ ସାହୁ

ଚଳିତ ଶତାବ୍ଦୀର ସାହିତ୍ୟଠାରୁ ଏକବିଂଶ ଶତାବ୍ଦୀର ସାହିତ୍ୟ ସାମାଜିକ ବିବର୍ତନ ନିୟମକ୍ରମରେ ସ୍ୱାଭାବିକ ଭାବରେ ପରିବର୍ତିତ ହେବ ନିଶ୍ଚିତ । ଏ ପରିବର୍ତନ ଯେପରି ବାସ୍ତବ ସେହିପରି ଅନିବାର୍ଯ୍ୟ । ବିଶ୍ୱରେ ଏହି ଶତାବ୍ଦୀର ଶେଷପାଦରେ ଯାହାସବୁ ପରିଲିଖିତ ହେଉଅଛି – ସେସବୁ ଶିଳ୍ପୀର ଆତ୍ମାକୁ ଉଲ୍ଲସିତ ନକରି ହୁଏତ ବିଶାଦଗ୍ରସ୍ତ କରିରଖିବ । ବିଶାଦକୁ ବାରଣ କରିନେଇ ସେହି ଭାବରେ ହୁଏତ ଶିଳ୍ପୀଟିଏ ତା'ର ମନ ଓ ଆତ୍ମାର ପରିଚାର୍ଯ୍ୟ କରିବ ।

ଏକବିଂଶ ଶତାବ୍ଦୀର ବିଶ୍ୱମୁଖୀନତା ଓ ତତ୍‌ଜନିତ ତାହାର ସମୁଜ୍ଜ୍ୱଳ ମେଦିନୀ ଦୃଷ୍ଟି ସାମଗ୍ରିକ ଭାବରେ ଓଡିଆ ସାହିତ୍ୟିକଙ୍କ ଆଦର୍ଶ ହେବ । ଗୋଟିଏ ଆଚଂଳିକ ଜୀବନ ଜୀଇଁବାରେ ମଧୁର ସମ୍ମୋହନ ହୁଏତ ତା'ର କେତେକାଂଶରେ ରହିବ । କିନ୍ତୁ ଗୋଟିଏ ବୃହତର ବହୁଦେଶୀୟ ଚେତନା ପ୍ରତି ତା'ର ବିଶେଷ ଉନ୍ମୁଖତା ରହିବ ।

ଆଗାମୀ ଶତାବ୍ଦୀର କବି ତା'ର ସ୍ୱପ୍ନ ଓ କଳ୍ପନାରୁ ଶ୍ରଦ୍ଧା ଓ ସୌନ୍ଦର୍ଯ୍ୟକୁ କେବେ ବିସର୍ଜ୍ଜି ହେବନି, ଯେଉଁ ନାଟକୀୟ ବୈଜ୍ଞାନିକ ଘଟଣାସବୁ ଆଦି ସମସ୍ତଙ୍କୁ ବିସ୍ମୟ କରିଦେଇଛି ତା'ର ଆଶିଂକ ପ୍ରଭାବ ବିଶ୍ୱସାହିତ୍ୟ ଅବା ଭାରତୀୟ ସାହିତ୍ୟ ପରି ଓଡିଆ ସାହିତ୍ୟରେ ପଡିବ ।

ସାହିତ୍ୟରେ ଯେତେବେଳେ ମାତ୍ରାଧିକ ଜ୍ଞାନ ବା ସତ୍ୟ ପ୍ରକଟିତ ହେବ ତାହା ମଧ ଆଲୋଚନାର ଏକ ବିଷୟ । ନୂତନ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମଣିଷର ଜ୍ଞାନକୁ ପ୍ରଭାସିତ କରିବ ନାଁ ଆଧୁନିକ ଜୀବନ ଦର୍ଶନ କିମ୍ବା ଏସବୁ ମିଶାମିଶି ମଣିଷର ଅଭିଜ୍ଞତା ଏତେବେଳୁ ଏସବୁ ଜଣେ ଫଳିତ ଶାସ୍ତ୍ରୀ ଜ୍ୟୋତିଷ ଭବିଷ୍ୟତ କହିଲାପରି ଆଦୌ କହିହେବ ନାହିଁ ।

ପାଦଟୀକା – ୧୨୮ / ୧୩୨ / ୧୩୩

ଏକବିଂଶ ଶତାବ୍ଦୀର ସାହିତ୍ୟ

ମୋ ମନ ପସନ୍ଦର କବି ଓ ଅନ୍ୟାନ୍ୟ ନିବନ୍ଧ

ଆଦିକନ୍ଦ ସାହୁ

ପାଠକ ସାହିତ୍ୟ ପୃଷ୍ଠାରେ କବି କଳ୍ପନାର ବିବିଧ ରୂପଦେଖେ । ପୁଣି ତ୍ରୁଟି ରହିତ ପୃଥିବୀର କଲ୍ୟାଣକର ରୂପଆଙ୍କେ । ଯାହା ବାସ୍ତବରେ ଏ କ୍ଳେଦାକ୍ତ ପୃଥିବୀରୁ ଜଣେ ଖୋଜି ପାଇନଥାଏ, ସାହିତ୍ୟ ପୃଷ୍ଠାରେ ତାକୁ ସମ୍ମାନକରେ । ନାନା ଦୁର୍ଭାଗ୍ୟଜନକ ସ୍ଥିତି ସତ୍ତ୍ୱେ ମଣିଷର ସ୍ୱପ୍ନ କେତେ ସୁନ୍ଦର, କେତେ ସୁନ୍ଦର ତା' ପ୍ରେମ, ତା' କଳ୍ପନା ଆଉ ସେ ନିଜେ କେତେ ସୁନ୍ଦର ସାହିତ୍ୟକୁ ଏସବୁକୁ ଜଣେ ବେଶୀ ଅନୁଭବ କରେ ।

ପାଦଟୀକା - ୧୯୯ - "ସାହିତ୍ୟ ଓ ତା'ର ରସଭୋଗ"
ସୌନ୍ଦର୍ଯ୍ୟ ଓ ସୃଜନ ଦର୍ଶନ
ପ୍ରଫେସର ଆଦିକନ୍ଦ ସାହୁ

ଜଣେ ମହାନସ୍ରଷ୍ଟା ସମୁଦାୟ ମାନବଭୂମିକୁ ଦେଖିଥାଏ, ସମୁଦାୟ ମଣିଷଜାତିକୁ ଆପଣା ଅନ୍ତରର ବାର୍ତ୍ତା ଦେବାପାଇଁ ପ୍ରଣୋଦିତ ହୋଇଥାଏ, ମିଲଟନ, ସେକ୍ସପିୟର, ବ୍ୟାସକବି ବାଲ୍ମୀକି ତାହା ହିଁ କହିଛନ୍ତି । ଏ ବିପୁଳ ପୃଥିବୀ ସେମାନଙ୍କର କଳାର ଭୂମି ହେଇଛି । ଏକ ବୃହତର ପୃଷ୍ଠଭୂମି (Broader Canvas) ଉପରେ ସେ କଳାର ଆଲେଖ୍ୟକୁ ଛିଡା କରାଇଥାଏ, ସେ କେବେ ଇତରମାନଙ୍କ ପରି ପୁଅଝିଅଙ୍କ ପ୍ରେମକଥା (Bou meets Girls) ଖାଲି ଲେଖିନଥିଲେ । ମଣିଷଜାତିର ସୁଦୀର୍ଘ ବିବର୍ତନକୁ ଆଉ ଦିପାଦ ଆଗକୁ ନେବାରେ ପ୍ରସ୍ତାବନା ସେମାନେ ବାଢିବେ । ଯାବତୀୟ ଦୁଃସ୍ଥିତିକୁ ଅତିକ୍ରମ କରିଯିବାର ଗୌରବମୟ ଯାତ୍ରାକୁ ସେମାନେ ରୂପାୟିତ କରିବେ ।

ଜଣେ ଶିଳ୍ପୀ ପୁଣି ଆତ୍ମାର କାରିଗର । ସେ ମଣିଷ ଜୀବନକୁ ନେଇ ନବତଳ ପ୍ରାସାଦ ନିର୍ମାଣ କରେ । କଳାର, ଶବ୍ଦର ମହଲ ତିଆରି କରେ । ତା'ର ରମଣୀୟତା ଜୀବନର ପ୍ରାଣବାନ ଗତିଧାରା ସହିତ ଯୋଡାଯାଇଛି । ରମ୍ୟବୋଧ (Sense of Beauty) ଆମ ସୃଜନ ସଂସ୍କାରର ଏକ ବଡଦିଗ । ତାହା ଜଡତା ଦୂରକରି ଶିଳ୍ପୀର ପ୍ରାଣକୁ ଉଦାର ଓ ବିନୀତ କରିଥାଏ । ସେହିପରି ବିସ୍ମୟବୋଧ (Sense of Wonder) ଯାହା ଆମ ଗ୍ରହଣଶୀଳ ପ୍ରବଣତାକୁ ବିସ୍ତୀର୍ଣ୍ଣ କରିଦିଏ । ପ୍ରାଣ ଉଚ୍ଛଳିତ ହେବାପାଇଁ ଏହା ଅତ୍ୟନ୍ତ ଜରୁରୀ ।

ପାଦଟୀକା - ପୃ - ୭୩ - "ଆମ ସାରସ୍ୱତ ସଂସ୍କାରର ଚଉହଦୀ"
"କବିତାର ମୃତ୍ୟୁ ଓ ଅନ୍ୟାନ୍ୟ ନିବନ୍ଧ"
ପ୍ରଫେସର ଆଦିକନ୍ଦ ସାହୁ

ଓଡିଆ ସାହିତ୍ୟର "ସବୁଜ କବିତା"ରେ ମୃତ୍ୟୁ ଯାହା ଉଭୟ ସୌରବାଦୀ ତଥା ସ୍ଥିତିବାଦୀ ସାହିତ୍ୟ ଦର୍ଶନର ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ତାହା ଅପେକ୍ଷାକୃତ ନୂତନ ମୂଲ୍ୟବୋଧ ଓ କାବ୍ୟଚେତନା ଭିତରେ ଅଭିବ୍ୟକ୍ତ ଲାଭ କରିଅଛି । ମାତ୍ର ଏଯାବତ ସ୍ଥିତିବାଦୀ ଆଦର୍ଶ ଦୃଷ୍ଟିରୁ ଆଧୁନିକ ଓଡିଆ





ନରେନ୍ଦ୍ର ମୋଦି ଅନ୍ୟ ଏକ ପୁସ୍ତକ 'ସେତୁବନ୍ଧ'ର ଲେଖକ ଏହି ପୁସ୍ତକରେ ଗୁଜୁରାଟରେ ୪୩ ବର୍ଷ ଧରି ସଂଘ ପ୍ରଚାରକ ଥିବା ତଥା ନରେନ୍ଦ୍ର ମୋଦିଙ୍କ ଗୁରୁ ଲକ୍ଷ୍ମଣରାଓ ଇନାମଦାର ବା ଓକିଲ ସାହେବ ସେ ତାଙ୍କର ସମୟ ଓ ଜୀବନକୁ ଅନ୍ୟ ଜଣେ ଲେଖକ ରାଜା ସାହେବ ନେନେଙ୍କ ସହାୟତାରେ ଲିପିବଧ୍ କରିଥିଲେ । ତାହାକୁ ନରେନ୍ଦ୍ର ମୋଦି "ସେତୁବନ୍ଧ" ପୁସ୍ତକରେ ପରିପ୍ରକାଶ କରିଥିଲେ ।

ଗୁଜରାଟୀ ସାହିତ୍ୟକୁ ନରେନ୍ଦ୍ର ମୋଦିଙ୍କ ଅନ୍ୟଏକ ବଳିଷ୍ଠ ଅବଦାନ - "ଜ୍ୟୋତିପୁଞ୍ଜ" ନାମକ ପୁସ୍ତକ । ୧୬ ଜଣ ବ୍ୟକ୍ତିଙ୍କ ଜୀବନୀକୁ ଆଧାରକରି ଏ ପୁସ୍ତକଟି ରଚନା କରାଯାଇଅଛି । ସେ ସେମାନଙ୍କର ସେହ୍ନ ଓ ସହାନୁଭୂତିରେ ମୁଗଧ ହୋଇଥିଲେ । ମୋଦିଙ୍କ "ଜ୍ୟୋତିପୁଞ୍ଜ" ପୁସ୍ତକରେ ଯୋଉଁମାନଙ୍କର ସମର୍ପିତ ବ୍ୟକ୍ତିତ୍ୱର ଜୀବନୀ ଗାଥାକୁ ଉପସ୍ଥାପିତ କରିଅଛନ୍ତି । ସେହିମାନେ ଦୁନିଆଁରେ ପରୋପକାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଅଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

ସଦ୍ୟତମ - ନରେନ୍ଦ୍ର ମୋଦିଙ୍କ ପ୍ରକାଶିତ ଇଂରାଜୀ ପୁସ୍ତକ - "Convenient action" - "Gujarat's response to challenges of climate change" ଗୁଜୁରାଟୀ ସରକାରଙ୍କର ଜଳବାୟୁ ପରିବର୍ତନ କ୍ଷେତ୍ରରେ ଉଦ୍ୟମକୁ "ଏ ଚିତ୍ରିତ କପ୍ଂ ଟେବୁଲ" ପୁସ୍ତକରେ ଦର୍ଶାଯାଇଛି ।

ନରେନ୍ଦ୍ର ମୋଦି ନିଜର କବିତା ସଂକଳନ - "ଏ ଜର୍ଣ୍ଣି"କୁ ରବିମନ୍ତ୍ରୁ ଇଂରାଜୀରେ ଅନୁବାଦ କରିଅଛନ୍ତି । ଏହି ପୁସ୍ତକର ପ୍ରାକ୍ କଥନରେ - ନରେନ୍ଦ୍ର ମୋଦି ବିନମ୍ରତା ସହକାରେ ପ୍ରକାଶ କରିଛନ୍ତି - ଏ କବିତାଗୁଡିକ କୌଣସି ସାହିତ୍ୟିକ ଉତ୍କର୍ଷର ବାହକ ନୁହେଁ । ଏଗୁଡିକ ମୋର କଳ୍ପନାର ସ୍ୱଚ୍ଛ, ନିର୍ମଳ ସ୍ରୋତସ୍ୱିନୀ । କବିତା ପୁସ୍ତକରେ ଅନୁମତି ହୁଏ ଯେ - ଏହା ମୋଦିଙ୍କ ଜୀବନଯାତ୍ରାର ଏକ ସୂକ୍ଷ୍ମ ବିବରଣୀ । ନିଜର ବ୍ୟକ୍ତିଗତ ଯାତ୍ରାସହ, ନିଜର ଦାର୍ଶନିକ ତଥା ଆଧାତ୍ମିକ ଯାତ୍ରାକୁ ମଧ୍ୟ ସେ ସାମିଲ କରିଛନ୍ତି । ଯାହାକି ତାଙ୍କ କବି ପରିଚୟର ଦୁର୍ଲ୍ଲଭ ।

ନରେନ୍ଦ୍ର ମୋଦି ଜଣେ କବି, ଗାଳ୍ପିକ ତଥା ଲେଖକ ବ୍ୟକ୍ତିରୋକେ - ତାଙ୍କର ଅନେକ ଲେଖା ପତ୍ରପତ୍ରିକାରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି । ସତୁରୀ ଦଶକରେ ଗୁଜୁରାଟୀ ପତ୍ରିକା "ଚାନ୍ଦିନୀ" ପାଇଁ ସେ କ୍ଷୁଦ୍ରଗଳ୍ପ ଲେଖୁଥିଲେ । "ଆରାମ" ପତ୍ରିକା ପାଇଁ କ୍ଷୁଦ୍ର ଉପନ୍ୟାସ ମଧ୍ୟ ଲେଖୁଥିଲେ ଯାହାକି - ପରବର୍ତୀ ପର୍ଯ୍ୟାୟରେ "ପ୍ରେମତୀର୍ଥ" ନାମକ ଗଳ୍ପ ସଂକଳନରେ ପରିପ୍ରକାଶ ପାଇଅଛି ।

ପିଲାଟି ଦିନରେ ନରେନ୍ଦ୍ର ମୋଦି - ପିଲୁ ଫୁଲ (ହଳଦିଆ ଫୁଲ) ନାମକ ଏକ ନାଟକ ଲେଖିଥିଲେ - ଯାହାକି ଅସ୍ପୃଶ୍ୟତା ଏକ ପାପ - ଏହି ସନ୍ଦେଶ ଦେଇଥିଲା । ନରେନ୍ଦ୍ର ମୋଦି ଏହି ନାଟକରେ ନିଜେ ଅଭିନୟ କରିବାସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ ।

ନରେନ୍ଦ୍ର ମୋଦି ଜଣେ ସାମ୍ବାଦିକ ଓ ସଂପାଦକ ଭାବରେ କିଛିଦିନ କାର୍ଯ୍ୟ କରିଥିଲେ । ଗୁଜୁରାଟରେ ଜରୁରୀକାଳୀନ ପରିସ୍ଥିତି ସମୟରେ ସେ ଏକ ଛୋଟ ସମ୍ବାଦପତ୍ର "ସତ୍ୟବାଣୀ" ପ୍ରକାଶ କରୁଥିଲେ । "ସାଧନା" ସାପ୍ତାହିକ ପତ୍ରିକା ପାଇଁ 'ଅନିକେତ' ଛଦ୍ମନାମରେ ଗୋଟିଏ ସ୍ତମ୍ଭ ଲେଖୁଥିଲେ । ଏହି ସ୍ତମ୍ଭ ରାଜନୀତି ସଂସ୍କୃତି, ବ୍ୟକ୍ତିତ୍ୱ – ଏଥିରେ ବ୍ୟାପକ ଭାବରେ ଲିଖିତ ହେଉଥିଲା ।

ତେଲ ଲୁଣର ସଂସାର ମଧ୍ୟରେ ନରେନ୍ଦ୍ର ମୋଦି ସାରସ୍ୱତ ସାଧନାକୁ କଦାପି ଭୁଲିଯାଇନଥିଲେ ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ଏକ ରାଷ୍ଟ୍ରନାୟକ ଭାବରେ ମୋଦିଙ୍କୁ ପତିପାଳିତ କରିଥିଲା ।

ବାପା ଥିଲେ ଦାମୋଦର ଦାସ, ମାତା ଥିଲେ ହୀରାବେନ । ଗୁଜୁରାଟର ରାଜଧାନୀ ଅହମଦାବାଦଠାରୁ ପ୍ରାୟ ଅଶୀ କି.ମି. ଦୂରରେ ବଡନଗର ଅବସ୍ଥିତ । ଏକ ଶାନ୍ତ, କ୍ଷୁଦ୍ର ସହର । ସେପ୍ଟେମ୍ବର ୧୭, ୧୯୫୦ ମସିହାରେ ଏକ କ୍ଷୁଦ୍ର ବ୍ୟବସାୟୀ ପରିବାରରେ ନରେନ୍ଦ୍ର ମୋଦି ଜନ୍ମଗ୍ରହଣ କରିଥିଲେ ।

ମୋଦିଙ୍କ ପରିବାର ଏହି ଛୋଟ ସହରକୁ ବ୍ୟବସାୟ କରିବାକୁ ଦୁଇ ପିଢି ପୂର୍ବରୁ ବନଶକଟାଂ ଜିଲ୍ଲାର ନବଦ୍ରୋତା ଗାଁରୁ ଉଠି ଆସିଥିଲେ । ମୋଦି ମାନେ ଜାତିରେ ଘାଁଚି ବା ଉତର ଭାରତ ଓ ପୂର୍ବ ଭାରତରେ କଥିତ ତେଲୀ ବା ତୈଳିକ ବୈଶ୍ୟ ଥିଲେ । ତେଜରାତି ଦୋକାନ ବ୍ୟବସାୟ ସହ ଖାଇବା ତେଲ ବିକ୍ରି ତାଙ୍କର ପ୍ରଧାନ ବ୍ୟବସାୟ ଥିଲା ।

ଦାମୋଦର ଦାସ ମୋଦିଙ୍କ ଜେଜେବାପାଙ୍କ ନାମ – ମଗନଲାଲ ରନଛୋଡ ଦାସ ବଡନଗରକୁ ଉଠିଆସି ତେଜରାତି ଦୋକାନ ଦେଇଥିଲେ । ତାଙ୍କର ପୁତ୍ର ମୁଲଚାନ୍ଦ ଓ କୌଳିକଚାନ୍ଦ ବ୍ୟବସାୟରେ ଲିପ୍ତ ଥିଲେ । ମୁଲଚାନ୍ଦଙ୍କ ପୁତ୍ର ଦାମୋଦର ଦାସ ୧୯୧୫ରେ ଜନ୍ମଗ୍ରହଣ କରିଥିଲେ । ଦାମୋଦର ଦାସଙ୍କର ଛଅ ଜଣ ସନ୍ତାନ ଥିଲେ । ସବୁଠୁ ବଡ ପୁଅଙ୍କ ନାମ ସୋମ, ଯେକି ୧୯୪୪ ମସିହା ଜୁନ ମାସରେ ଜନ୍ମଗ୍ରହଣ କରିଥିଲେ । ସେ ସାନାଟାରୀ ଇନସ୍‌ପେକ୍ଟର ଭାବରେ କାର୍ଯ୍ୟକରି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଦ୍ୱିତୀୟ ପୁତ୍ର ଅମୃତ ୧୯୪୬ ମସିହାରେ ଜନ୍ମଗ୍ରହଣ କରିଥିଲେ । ଆଇଟିଆଇ ପାସ୍‌କରି ଏ ପ୍ରାଇଭେଟ୍ କମ୍ପାନୀରେ ଟର୍ଣ୍ଣର ଭାବେ କାମ କରୁଥିଲେ । ନରେନ୍ଦ୍ର ମୋଦି ତାଙ୍କର ତୃତୀୟ ସନ୍ତାନ ଥିଲେ । ସେ ୧୯୫୦ରେ ଜନ୍ମଗ୍ରହଣକରି ଶିକ୍ଷାପ୍ରାପ୍ତି ପରେ ସଂଘ ପ୍ରଚାରକ ଭାବରେ କାର୍ଯ୍ୟ କରୁଥିଲେ । ତାଙ୍କ ପରେ ଭଉଣୀ ବାସନ୍ତୀ ୧୯୫୫ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ତଳେ ଦୁଇଭାଇ ପ୍ରହଲ୍ଲାଦ ଓ ପଙ୍କଜ ମଧ୍ୟରୁ କେହି ଉଚ୍ଚଶିକ୍ଷା ପାଇପାରିନଥିଲେ ।





କଳା, ଶିଳ୍ପ ପ୍ରତ୍ୟେକ କ୍ଷେତ୍ରରେ ନୂତନତ୍ୱର ସଚାଂର ଘଟିବା ସାଙ୍ଗକୁ ଜୀବନ ସଂଗ୍ରାମରେ ରତ ସାଧାରଣ ଜନତା ଓ ସେମାନଙ୍କର ପରିବାର କ୍ରମେକ୍ରମେ କାବ୍ୟକବିତାରେ ପ୍ରତିଫଳିତ ହେଲେ – "ରବିକିରଣ ଗୋଷ୍ଠୀ"ର କବିମାନଙ୍କର କବିତାରେ ।

ସାମଗ୍ରିକ ଭାବରେ ଏହି ଗୋଷ୍ଠୀର କବିତା ଆଲୋଚନା କଲେ ଦେଖାଯାଏ ସେମାନଙ୍କର କବିତାସବୁ ଯେତିକି ମାର୍ଜିତ, ସେତିକି ଭାବଦ୍ୟୋତକ, ଶୈଳୀ ଯେତିକି ସରଳ, ଗୀତିମୟତା ସେତିକି ପରିସ୍ଫୁଟ, ଏମାନଙ୍କର ରଚନା ମଧ୍ୟରେ – ମଧ୍ୟବିତ ଜୀବନର ଆଶା, ଆକାଂକ୍ଷା, ଆବେଗ, ଅନୁଭୂତି, ସୌନ୍ଦର୍ଯ୍ୟ, ଲିପ୍ସା ପ୍ରଭୃତିକୁ ଉପଜୀବ୍ୟ କରି କବିତା ରଚନାରେ ସୂତ୍ରପାତ ହେଲା । (୩୪)

'ରବିକିରଣ ମଣ୍ଡଳ' ମରାଠି ସାହିତ୍ୟର ଭିତିଭୂମିକୁ ପ୍ରଶସ୍ତତର କରିଥିଲେ । ଯଶୋବନ୍ତ ଓ ଗିରିଶ କବିତା ଆବୃତିକୁ ମହାରାଷ୍ଟ୍ରରେ ଏକ ଚଳନିରେ ପରିଣତି କରାଯାଇଅଛନ୍ତି । 'ରବିକିରଣ ମଣ୍ଡଳ' କବି ଗୋଷ୍ଠୀଙ୍କ ଦ୍ୱାରା ମରାଠି କବିତା ଖୁବ ଲୋକପ୍ରିୟ ହେବାସହିତ ଭିତିଭୂମିକୁ ପ୍ରଶସ୍ତତର କରିବାରେ ଏହି ଗୋଷ୍ଠୀ ଥିଲେ ଅଗ୍ରଗଣ୍ୟ । ଏହି ଗୋଷ୍ଠୀର କବିଗଣଙ୍କ କବିତାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଚେତନା ଓ ବ୍ୟକ୍ତିଗତ ଅନୁଭୂତିର ସମ୍ମିଶ୍ରଣ ଦେଖାଯାଏ । ସେହି ଅନୁଭୂତି ବେଳେବେଳେ ରହସ୍ୟବାଦର ନିର୍ଦ୍ଦେଶନ । ବ୍ୟକ୍ତିଗତ ପ୍ରେମ ଅନେକ ସମୟରେ ସାମାଜିକ ଚେତନାଦ୍ୱାରା ପ୍ରଭାବିତ ହୋଇଥିଲା । (୩୫)

ମରାଠି ସାହିତ୍ୟର 'ରବିକିରଣ ମଣ୍ଡଳ' କବିଗଣଙ୍କ କବିତାର ପ୍ରେମ, ପ୍ରଣୟ, ଯୌବନ, ଫୁଲ ଓ ଫସଲର ମୋହସହ ଚମତ୍କାର ଗାନଯୋଗ୍ୟ ଗୀତି କବିତାର ଆଂଶିକ ରୀତି ଅନୁସୂତ ହେଉଥିଲା । (୩୬)

ପାଦଟୀକା – ୬୭, ୬୮, ୬୯ (କିଛିଅଂଶ) – କାଳିନ୍ଦୀଚରଣ କଥାସାହିତ୍ୟ
ଡକ୍ଟର ବିଷ୍ଣୁପ୍ରିୟା ଓତା

୩୪ – ମହାନ୍ତି ଜାନକୀବଲ୍ଲବ – "ମରାଠି ସାହିତ୍ୟ" –
"ଭାରତୀୟ ସାହିତ୍ୟର ଇତିହାସ ପୁସ୍ତକ" – ପୃ – ୧୮୮

୩୫ – ମିଶ୍ର ଗୋପାଳଚନ୍ଦ୍ର – "ମରାଠି" –
"ଚଳିତ ଶତାବ୍ଦୀର ଭାରତୀୟ ସାହିତ୍ୟ" – ପୃ – ୨୦୫

୩୬ – ଶତପଥୀ ନିତ୍ୟାନନ୍ଦ – "ରବିକିରଣ ମଣ୍ଡଳ" –
ସବୁଜରୁ ସାଂପ୍ରତିକ – ପୃ – ୧୧

ଏହିପରି ଭାବରେ ଭାରତୀୟ ସାହିତ୍ୟରେ ମରାଠି ସାହିତ୍ୟର 'ରବିକିରଣ ମଣ୍ଡଳ' ପ୍ରଭାବ ରହିଥିଲା ।

ସେମାନେ ସମସ୍ତେ ଭାବିନେଇଥିଲେ ଯେ ରବିନ୍ଦ୍ରନାଥ ହିଁ ବଙ୍ଗଳା ସାହିତ୍ୟର ଶେଷ, ତାଙ୍କ ପରେ ଆଉ ପଥ ନାହିଁ, ସଙ୍କେତ ନାହିଁ । ସେହି ସବୁକିଛି ଚରମ ପରିପୂର୍ଣ୍ଣତା କିନ୍ତୁ 'କଲ୍ଲୋଳ'କୁ ଆସିବାପରେ ସେ ଭାବନା ଧିରେଧିରେ କଟିଯିବାରେ ଲାଗିଲା ।

ସେହି ଦିନର 'କଲ୍ଲୋଳ' ସେହି ବିଦ୍ରୋହ ବାଣୀକୁ ଉଦାତ କଣ୍ଠରେ ଘୋଷଣା କରିଥିଲେ - କବିତାରେ -

ଏ ମୋର ଅତ୍ୟୁକ୍ତି ନୟ, ଏ ମୋର ଯଥାର୍ଥ ଅହଙ୍କାର
ଯଦି ପାଇ ଦୀର୍ଘ ଆୟୁ, ହାତେ ଯଦି ଥାକେ ଏ ଲେଖନୀ
କାରେଓ ଡରିନା କରୁ, ସୁକଠୋର ହେଉକି ସଂସାର
ବନ୍ଧୁର ବିଚ୍ଛୋଦ ତୁଚ୍ଛ, ତୁଚ୍ଛତା'ର ବନ୍ଧୁର ସରନୀ
ଗଭୀର ଆତ୍ମୋପଲବ୍ଧି, ଏ ଆମର ଦୁର୍ଦ୍ଧାନ୍ତ ସାହସ
ଉଚ୍ଚ କଣ୍ଠେ ଘୋଷିତେଛି ନବ-ନର ଦନୁ ସମ୍ଭାବନୀ । (୨୮)

"କଲ୍ଲୋଳ" ଯୁଗର ସାରଥିମାନଙ୍କ ମଧ୍ୟରେ ଦୁଇଜଣ ପରାକ୍ରମୀ ସୈନିକ ଥିଲେ, ସନତ ସେନ ଓ ବିଜୟ ସେନଗୁପ୍ତା ।

ପାଦଟୀକା - ପୃ - ୭୧ - କାଳିନ୍ଦୀଚରଣ କଥାସାହିତ୍ୟ
ଡକ୍ଟର ବିଷ୍ଣୁପ୍ରିୟା ଓତା

୨୮ - ସେନଗୁପ୍ତ ଅଚିନ୍ତ୍ୟ କୁମାର - "କଲ୍ଲୋଳଯୁଗ" - ୧୯୩୨

ଭାରତୀୟ ସାହିତ୍ୟର - ଓଡିଆ ସାହିତ୍ୟରେ "ସବୁଜ", ହିନ୍ଦୀ ସାହିତ୍ୟରେ "ଛାୟାବାଦୀ", ବଙ୍ଗଳା ସାହିତ୍ୟରେ "କଲ୍ଲୋଳ" ଯୁଗଭଳି ମରାଠି ସାହିତ୍ୟରେ ମଧ୍ୟ ଏହିଭଳି ଆନ୍ଦୋଳନ ଘଟିଥିଲା । ଏହି ସମୟକୁ ମରାଠି ସାହିତ୍ୟର ଇତିହାସକାର ଗଣ "ରବିକିରଣ ମଣ୍ଡଳ" ନାମରେ ନାମିତ କରିଅଛନ୍ତି

ମରାଠି ସାହିତ୍ୟର "ରବିକିରଣ ମଣ୍ଡଳ" ଯୁଗ - ମୁଖ୍ୟତଃ କବିତା କ୍ଷେତ୍ରରେ ବେଶୀ ପରିମାଣରେ ପରିଲିକ୍ଷିତ ହୋଇଥାଏ । ଏହି ଗୋଷ୍ଠୀଟିର କାର୍ଯ୍ୟଶୈଳୀ ଥିଲା ପୁନେ (ମହାରାଷ୍ଟ୍ର), ଏମାନେ ସମୁଦାୟ ଆଠଜଣ କବିଥିଲେ । ସେମାନଙ୍କର ମଧ୍ୟରେ ଜଣେ ମହିଳା ଥିଲେ । ଏହି କବିଗୋଷ୍ଠୀ ମଧ୍ୟରେ ମୁଖ୍ୟତଃ ଯଶୋବନ୍ତ (ଯଶୋବନ୍ତ ଦିନକର ପେଣ୍ଡାରକର), ଗିରିଶ (ଶଙ୍କର କେଶବ କାବେଟକର), ମାଧବ ଜୁଲିଆନ (ଏମ୍. ଟି. ପଟ୍ଟବର୍ଦ୍ଧନ) ଏବଂ ମନୋରମା ବାଈ ରାନାଡେଙ୍କ ନାମ ଉଲ୍ଲେଖଯୋଗ୍ୟ ।

ମରାଠି ସାହିତ୍ୟ କ୍ଷେତ୍ରରେ ପ୍ରଖ୍ୟାତ କବି କେଶବ ସୁତଙ୍କଠାରୁ ବାଳକବି ପର୍ଯ୍ୟନ୍ତ (୧୮୮୫-୧୯୨୦) ସମୟକୁ ମହାରାଷ୍ଟ୍ର ସାହିତ୍ୟ ଇତିହାସର ଚେତନାର ଯୁଗବୋଲି କୁହାଯାଏ । ସାହିତ୍ୟ,





<u>ନରେନ୍ଦ୍ର ମୋଦିଙ୍କ ବଂଶଲତା</u>

<u>ମଗନଲାଲ ରନଛୋଡ ଦାସ</u>

ମୁଲଚାନ୍ଦ ଦାସ — କୌଳିକ ଚାନ୍ଦ ଦାସ

ଦାମୋଦର ଦାସ

ସୋମ — ଅମୃତ — ନରେନ୍ଦ୍ର — ବାସନ୍ତୀ — ପ୍ରହଲ୍ଲାଦ — ପଙ୍କଜ

ଦାମୋଦର ଦାସଙ୍କର ବଡନଗର ରେଲୱେ ଷ୍ଟେସନରେ ଏକ ଚା' ଦୋକାନ ଥିଲା । ସେହି ଛୋଟ ଚା' ଦୋକାନଟି ଆଜିଯାଏ ପ୍ଲାଟଫର୍ମ ଉପରେ ଅଛି । ସେହି ଚା' ଦୋକାନରୁ ଉପାର୍ଜିତ ଅର୍ଥରୁ କଷ୍ଟମଷ୍ଟେ ଏକ ବଡ ପରିବାରକୁ ତାଙ୍କୁ ଚଳାଇବାକୁ ପଡୁଥିଲା । ନରେନ୍ଦ୍ର ମୋଦି ସ୍କୁଲ ପଢାସାରି ବାପାଙ୍କୁ ଚା' ବିକିବାରେ ସାହାଯ୍ୟ କରୁଥିଲେ । ମୋଦିଙ୍କ କହିବା ଅନୁସାରେ (ଏକ ନିର୍ବାଚନ ସଭାର ଭାଷଣ ଆଳରେ) ପରିବାରର ଉପାର୍ଜନରେ ସହାୟତା କରିବାପାଇଁ ମା ହୀରାବେନକୁ ପଡୋଶୀ ଘରେ ବାସନ ମାଜିବାକୁ ପଡୁଥିଲା, ପାଣି ଯୋଗାଇ ଦେବାକୁ ପଡୁଥିଲା ।

ନରେନ୍ଦ୍ର ମୋଦି ପିଲାଟି ଦିନୁ କେବେ ହୀନମାନ୍ୟତାର ଶିକାର ହୋଇନଥିଲେ । ପିଲାଦିନରୁ କିଛି ଗୋଟିଏ ହେବେ ବୋଲି ତାଙ୍କର ଉଚ୍ଚକାଂକ୍ଷା ଥିଲା । ଏହି ମୋଦି କଲୋନୀଙ୍କ ନିକଟରେ ମୁସଲମାନ ବସ୍ତିଥିଲା । ନରେନ୍ଦ୍ରଙ୍କ ଅଧିକାଂଶ ସାଥି ମୁସଲମାନ ସଂପ୍ରଦାୟର ଥିଲେ । ତାଙ୍କର ସବୁଠୁ ଭଲବନ୍ଧୁ ମଧ୍ୟରେ ଥିଲେ - ଜାସୁଖ ଖାନ ପଠାନ୍ । ସେ ମୁସଲମାନଙ୍କ ପବିତ୍ର ଉତ୍ସବ ସହ ହିନ୍ଦୁମାନଙ୍କ ଉତ୍ସବ ପାଳନ କରୁଥିଲେ ।

ନରେନ୍ଦ୍ର ମୋଦିଙ୍କ ଘର ଥିଲା ଅତ୍ୟନ୍ତ ସାଧାରଣ । ଇଟା ଓ ମାଟିରେ ତିଆରି ସେ ଘରର ଲମ୍ବାଥିଲା ୪୦ଫୁଟ ଓ ପ୍ରସ୍ଥଥିଲା ୧୨ଫୁଟ । ଏଥିରେ ତିନୋଟି କୋଠରୀ ଥିଲା । ବାଟଘର ରାସ୍ତାକୁ ମାତ୍ର ଗୋଟିଏ ଦ୍ୱାର ଥିଲା । କିନ୍ତୁ ନରେନ୍ଦ୍ର ଓ ଘରର ପୁରୁଷ ଲୋକମାନେ ନିକଟସ୍ଥ ସର୍ମିଷ୍ଠା ହ୍ରଦକୁ ସ୍ନାନ ଓ ଲୁଗା ସଫା କରିବାକୁ ଯାଉଥିଲେ । ଘରର ପିଇବାପାଣି ଅନେକ ଦୂରରୁ ଏକ କୂଅରୁ ବୋହିକରି ଅଣାଯାଉଥିଲା । ତେଣୁ ନରେନ୍ଦ୍ର ମୋଦିଙ୍କ ପରିବାରର ଜୀବନ ଅନେକ ସଂଘର୍ଷମୟ ଥିଲା ।

ନରେନ୍ଦ୍ର ମୋଦିଙ୍କ ଶିକ୍ଷକ ଓ ସହପାଠୀମାନଙ୍କ ତଥ୍ୟ ଅନୁସାରେ ସେ ପାଠରେ ସାଧାରଣ ଥିଲେ ହେଁ ବକ୍ତୃତାରେ ପାରଙ୍ଗମ ଥିଲେ । ସେ କୁଆଡେ ଟିକିଏ ଏକଜିଦିଆ ଥିଲେ । ସ୍କୁଲର ସଂସ୍କୃତ

ଶିକ୍ଷକ ଥରେ ଆଦେଶ ଦେଲେ ଯେ ହୋମୱାର୍କ କପିଗୁଡିକ କ୍ଲାସ ମନିଟର ଯାଚଂ କରିବେ, ନରେନ୍ଦ୍ର ଏ ଆଦେଶ ପାଳନ କରିବାକୁ ମନା କରିଥିଲେ କହିଲେ ଯେ – ତାଙ୍କ ଖାତା କେବଳ ଶିକ୍ଷକ ହିଁ ଯାଚଂ କରିବେ ।

ନରେନ୍ଦ୍ର ମୋଦିଙ୍କ ପିଲାଦିନର ଫଟୋରୁ ଜଣାପଡେ ଯେ ତାଙ୍କର ଏକ ଖେଲୱାର୍ଡର ଶରୀର ଥିଲା । ସେ ପିଲାଦିନେ କୌଣସି ଟିମ୍‌ଗେମ୍ ଖେଳୁନଥିଲେ ବି କ୍ରିକେଟ୍ ଖେଳ ଦେଖିବାକୁ ଭଲ ପାଉଥିଲେ । ସନ୍ତରଣରେ ତାଙ୍କର ରୁଚିଥିଲା ।

ନରେନ୍ଦ୍ର ମୋଦି ସ୍କୁଲର National Cadet Corps (NCC) ରେ ମିଶିଥିଲେ । ଏବେ ସେ ସ୍ମୃତିଚାରଣା କରି କହନ୍ତି – ଯେ ଏହି ସଂସ୍ଥା ତାଙ୍କୁ ଦେଶାତ୍ମବୋଧ ଏବଂ ସରଳ ଜୀବନଚର୍ଯ୍ୟାର ଶିକ୍ଷା ଦେଇଥିଲା ।

ନରେନ୍ଦ୍ର ମୋଦି ବହି ପଢିବାକୁ ଭଲ ପାଉଥିଲେ । ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ପଢି ସେ ଉଦ୍‌ବୁଦ୍ଧ ହୋଇଥିଲେ । ହିନ୍ଦୁ ଧର୍ମକୁ କର୍ମକାଣ୍ଡର ଉର୍ଦ୍ଧ୍ୱକୁ ନେଇ ଏକ ଆଧୁନିକ ଉଦାରପନ୍ଥୀ ଧର୍ମଭାବେ ପ୍ରଚାର କରିଥିବାରୁ ସେ ବିବେକାନନ୍ଦଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଆଜି ପର୍ଯ୍ୟନ୍ତ ତାଙ୍କର ପ୍ରତିମୂର୍ତି ତାଙ୍କର ବୈଠକଖାନାରେ ଶୋଭାପାଉଛି ନରେନ୍ଦ୍ର ମୋଦି ସ୍କୁଲ ସମୟରେ ସ୍କୁଲ ଯାଉଥିଲେ । ଅନ୍ୟ ସମୟରେ ବାପାଙ୍କ ଚା’ ଦୋକାନରେ କାମସାରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (RSS) ସଭାରେ ଯୋଗ ଦେଇଥିଲେ, ଏହା ତାଙ୍କର ଦୈନନ୍ଦିନ କାର୍ଯ୍ୟକଳାପରେ ଅନ୍ତର୍ଗତ ଥିଲା । ସେଇଠି ତାଙ୍କର ଗୁରୁ ଲକ୍ଷ୍ମଣରାଓ ଇନାମଦାର ବା ଓକିଲ ସାହେବଙ୍କ ସହ ସାକ୍ଷାତ ହୋଇଥିଲା, ସେ ପେଷାରେ ଓକିଲ ହୋଇଥିବାରୁ ସମସ୍ତେ ତାଙ୍କୁ ସେହି ନାମରେ ସମ୍ବୋଦନ କରୁଥିଲେ । ଓକିଲ ସାହେବ ନରେନ୍ଦ୍ରଙ୍କୁ “ବାଲ ସ୍ୱୟଂ ସେବକ” ଭାବରେ ପ୍ରବେଶ କରାଇଲେ ଓ ଜଣେ ଦେଶ ସେବକର କାର୍ଯ୍ୟ ସଂପର୍କରେ ଶିକ୍ଷା ଦେଉଥିଲେ । ସ୍ୱାମୀ ବିବେକାନନ୍ଦ ଏବଂ ଓକିଲ ସାହେବ ଦୁହେଁ ନରେନ୍ଦ୍ର ମୋଦିଙ୍କ ଆଦର୍ଶ ଥିଲେ ବୋଧେ ହୁଏ ମୋଦିଙ୍କ ଜୀବନର ଗତିପଥ ସେ ଦୁହେଁ ବଦଳାଇଥିଲେ । ଓକିଲ ସାହେବ ଶିକ୍ଷା ଦେଉଥିଲେ – ଅନ୍ୟମାନଙ୍କର ଗୁଣଗୁଡିକୁ ଆବିଷ୍କାର କର, ସେମାନଙ୍କର ତ୍ରୁଟି ଦେଖନାହିଁ । ଚନ୍ଦ୍ରରେ କଳଙ୍କ ଭଳି ପ୍ରତ୍ୟେକ ଲୋକର କିଛିନା କିଛି ତ୍ରୁଟି ଅଛି । ତୁମେ ତାଙ୍କର ଗୁଣଗୁଡିକ ଉପରେ ଦୃଷ୍ଟିନିବେଶ କର । ଓକିଲ ସାହେବଙ୍କ ସ୍ମୃତିରେ ନରେନ୍ଦ୍ର ମୋଦି ଗୁଜୁରାଟର ଅହମଦାବାଦରେ ଏକ ସ୍କୁଲ ଖୋଲିଛନ୍ତି, ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ।

ସେତେବେଳେ ଗୁଜୁରାଟରେ ତେଲି ସଂପ୍ରଦାୟର ବାଲ୍ୟବିବାହ ପ୍ରଥା ଖୁବ୍ ଜୋରସୋରରେ ପ୍ରଚଳିତ ଥିଲା । ଓଡିଶାରେ ପୁଅଝିଅଙ୍କ ମା’ ବାପା ‘ସତ୍ୟ’ କଲାପରି ନରେନ୍ଦ୍ରଙ୍କୁ ମାତ୍ର ତିନିବର୍ଷ ବେଳେ ନିକଟସ୍ଥ ଗାଁର ଜଣେ ବାଳିକା ଯଶୋଦା ବେନଙ୍କ ସଙ୍ଗେ ତାଙ୍କ ନିର୍ବନ୍ଧ ହୋଇଥିଲା । ସେ ଏ





ପାଦଟୀକା – ପୃ – ୬୪ – କାଳିନ୍ଦୀଚରଣଙ୍କ କଥାସାହିତ୍ୟ
ଡକ୍ଟର ବିଷ୍ଣୁପ୍ରିୟା ଓତା
୨୨ – ସେନ୍ ସୁକୁମାର – ବଙ୍ଗଳା ସାହିତ୍ୟର ଇତିହାସ – ପୃ – ୨୯୬

ସାହିତ୍ୟର ଏହି ଆଧୁନିକତାର ପ୍ରଚଳନର ପୁରୋଭାଗରେ ଗୋକୁଳଚନ୍ଦ୍ର ନାଗ ଓ ଦିନେଶ ରଞ୍ଜନ ଦାସଙ୍କ ନାମ ଉଲ୍ଲେଖନୀୟ, ସେମାନେ ଗୋଟିଏ ସାହିତ୍ୟ ପତ୍ରିକା “କଲ୍ଲୋଳ” ପ୍ରକାଶିତ କରି ସାହିତ୍ୟର ବିକାଶଧାରା ବଜାୟ ରଖିଥିଲେ ।

“କଲ୍ଲୋଳ” କହିଲେ ବୁଝାଯାଉଥିଲା – ଉଦ୍ଧତ ଯୌବନର ଫେନିଳ ଉଦ୍ଧାମତା, ସମସ୍ତ ବାଧାବନ୍ଧନ ବିରୁଦ୍ଧରେ ନିର୍ବାଚିତ ବିଦ୍ରୋହ ସ୍ଥବିଳ ସମାଜର ପଙ୍କିଳ ଭିତିକୁ ଉତ୍ପାତନ କରିବାର ଆଲୋଡନ । କିନ୍ତୁ ‘ସଂହତି’ ଥିଲା ଶିଳା, ଭୂତ, ଶକ୍ତି, ସଂଘ, ସମୂହ, ଗଣ, ଗୋଷ୍ଠୀ, ଗୋଟିଏ ବେଗ ହେଲେ ଅନ୍ୟଟି ଥିଲା ବଳ । ଏହି ସମୟରେ ବଙ୍ଗଳା ତରୁଣ କବି ଗୋଷ୍ଠୀ ପାଇଁ “କଲ୍ଲୋଳ” ହିଁ ଏକମାତ୍ର କର୍ମଭୂମି । ସଭିଙ୍କର ଲେଖନୀରେ, ଭାଷାରେ, ଭାବରେ, ଭଙ୍ଗୀରେ ଥିଲା କେବଳ କଲ୍ଲୋଳ, ସୃଷ୍ଟି, ସ୍ୱପ୍ନ ଓ ପ୍ରାଣ ସର୍ବତ୍ର ‘କଲ୍ଲୋଳ’ । ତେଣୁ ସମସ୍ତେ ଏକାଠି ହୋଇ ପାରିଥିଲେ ।

ଏହି ଯୁଗର ଅନ୍ୟତମ ସାଧକ ନୃପେନ୍ଦ୍ର କୃଷ୍ଣ ଚଟୋପାଧ୍ୟାୟ । ହୃଦୟସ୍ପର୍ଶୀ ବ୍ୟକ୍ତିତ୍ୱଧାରୀ ଯୁବକ ଜଣେ, ସେ ଯୁଗର ଯନ୍ତ୍ରଣାଦୃତ ଯୌବନର ରମଣୀୟ ପ୍ରତିଛବି । ନୃପେନ ସେତେବେଳେ ‘ଧୂମକେତୁ’ ନାମକ ଗୋଟିଏ ପତ୍ରିକାରେ ଲେଖାଲେଖି କରୁଥିଲେ । ସେହି ଲେଖାଦ୍ୱାରା ଆକୃଷ୍ଟ ହୋଇ ଦିନେଶ ରଞ୍ଜନ ନୃପେନଙ୍କୁ ନିମନ୍ତ୍ରଣ ଜଣାନ୍ତି, ଲେଖା ସହିତ ‘କଲ୍ଲୋଳ’ରେ ଯୋଗଦାନ ନିମନ୍ତେ ।

‘କଲ୍ଲୋଳ’ ଯୁଗର ଲକ୍ଷଣ ସମ୍ପର୍କରେ କହିବାକୁଯାଇ ଅଚିନ୍ତ୍ୟ କୁମାର ନଜରୁଲ ଇସଲାମଙ୍କୁ ଉଦାହରଣସ୍ୱରୂପ ଗ୍ରହଣ କରିଛନ୍ତି । ନଜରୁଲଙ୍କ ବିଦ୍ରୋହ ଓ ପ୍ରତିଜ୍ଞାର ଦୃଢତା ଓ ଆତ୍ମଭୋଳା ବନ୍ଧୁତ୍ୱର ପରିଚୟ ପାଇଲି । ତା’ପରେ ସ୍ୱାନ ପାଇଲି ତାଙ୍କର ଦରିଦ୍ରଜୟୀ ମୁକ୍ତପ୍ରାଣର ଆନନ୍ଦ, ବିରତିହୀନ ସଂଗ୍ରାମ ଓ ଦାୟିତ୍ୱହୀନ ବୋହିମିୟଆନିଦିମର । ଏସବୁ ‘କଲ୍ଲୋଳ’ ଯୁଗର ଲକ୍ଷଣ । (୨୪)

ପାଦଟୀକା – ୬୬, ୬୭ – କାଳିନ୍ଦୀଚରଣ କଥାସାହିତ୍ୟ
ଡକ୍ଟର ବିଷ୍ଣୁପ୍ରିୟା ଓତା
୨୪ – ସେନଗୁପ୍ତ ଅଚିନ୍ତ୍ୟ କୁମାର – “କଲ୍ଲୋଳ ଯୁଗ” – ପୃ – ୪୮

ରବିନ୍ଦ୍ରନାଥ ଠାକୁରଙ୍କ ଠାରୁ ‘କଲ୍ଲୋଳ’ ଯୁଗ ଧିରେଧିରେ ଦୂରେଇ ଯାଇଥିଲା, ଧିରେଧିରେ ନିକଟରୁ ନିକଟରେ ହୋଇଥିଲା । ଅପଜାତ ଓ ଅବଜ୍ଞାତ ମନୁଗୋଚର ଜନତା ଆଡକୁ ନିକଟରେ ଆସିଥିଲା ମଧ୍ୟବିତ ମଣିଷର ସଂସାର ଆଡକୁ ।

ଛାୟାବାଦୀ ଯୁଗର କବିମାନଙ୍କର କାବ୍ୟାକୃତି ମଧ୍ୟରେ ଇଂରାଜୀ ରୋମାଟିଂକ୍ କବିମାନଙ୍କର ଅପ୍ରତିହତ ଶାସନ ଥିଲା । ଏହି ଯୁଗର କବିମାନଙ୍କର ମଧ୍ୟରେ ନିରାଳା (ସୂର୍ଯ୍ୟକାନ୍ତ ତ୍ରିପାଠୀ – ୧୮୯୬), ସୁମିତ୍ରା ନନ୍ଦନ ପନ୍ଥ (୧୯୦୦), ମହାଦେବୀ ବର୍ମା (୧୯୦୭), ଜୟଶଙ୍କର ପ୍ରସାଦ (୧୮୮୯– ୧୯୩୭) ପ୍ରମୁଖ ଅଗ୍ରଣୀ ଥିଲେ ।

ଛାୟାବାଦୀ କବିମାନଙ୍କର ମଧ୍ୟରେ ନାରୀ ବନ୍ଦିନୀ, ନାରୀ ସ୍ୱାଧିନତା ଥିଲା – ଏହି ଗୋଷ୍ଠୀର ପ୍ରମୁଖ ଉଦ୍ଦେଶ୍ୟ । ଛାୟାବାଦ, ନାରୀ ଓ ପ୍ରକୃତି ମଧ୍ୟରେ ଭେଦବାଦକୁ ଦୂରେଇ ଦେଇଥିଲା । ପ୍ରକୃତି ହିଁ ଅନୁପମ ଭଣ୍ଡାର । ଯେତେବେଳେ ଏହା ମଧ୍ୟରେ ଚେତନା ଆରୋପିତ କରାଗଲା, ସେତେବେଳେ ଏହା ଏକ ସୁନ୍ଦରୀ ନାରୀରେ ରୂପାନ୍ତିତ ହୋଇପାରିଲା । ଛାୟାବାଦୀ କବିଗଣଙ୍କର ସୁପ୍ତଭାବନା ପ୍ରକୃତି ମଧ୍ୟରେ ଜାଗୃତି ଓ ବିସ୍ତାର ଲାଭକରିଲା । ନାରୀ ଓ ପ୍ରକୃତି ମଧ୍ୟରେ ସାମ୍ୟତା ପରିଲିଖିତ ହେଲା ।

ପାଦଟୀକା – ପୃ – ୫୪ – କାଳିନ୍ଦୀଚରଣ କଥାସାହିତ୍ୟ

ଡକ୍ଟର ବିଷ୍ଣୁପ୍ରିୟା ଓତା

୧୧ – ସିଂହ ଶକୁନ୍ତଳା – "ଛାୟାବାଦ ଯେ ନାରୀକା ଛାୟାଚିତ୍ର"

ଓଡିଆ ସାହିତ୍ୟରେ ସବୁଜଯୁଗ ସହିତ ଭାରତୀୟ ସାହିତ୍ୟରର ବଙ୍ଗଳା ସାହିତ୍ୟର କଲ୍ଲୋଳଯୁଗକୁ ଆଖ୍ୟା ଦିଆଯାଇଅଛି । ବ୍ରିଟିଶ ସରକାରଙ୍କ ଦମନ ନୀତିର ଫଳସ୍ୱରୂପ ବଙ୍ଗ ଦେଶରେ ବିପ୍ଳବ ଆନ୍ଦୋଳନ ଅଧିକ ପରିମାଣରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ଯୁବ ସଂପ୍ରଦାୟ । ପ୍ରମଥ ନାଥ କଲିକତା ହାଇକୋର୍ଟର ବାରିଷ୍ଟରୀ କରୁଥିଲେ – କିଛିଦିନ ପାଇଁ ମଧ୍ୟ "ଭାରତୀ" ପତ୍ରିକାରେ ତାଙ୍କର ଗଦ୍ୟ ଓ ପଦ୍ୟ ରଚନା ସବୁ ପ୍ରକାଶ ପାଇଥିଲା । ସେହି କୃତିମୟ ରଚନା ମଧ୍ୟରେ ତାଙ୍କର ରଚନାରୀତିର ତୀକ୍ଷ୍ଣ ଉଜ୍ଜ୍ୱଳତା, ସ୍ୱଚ୍ଛବୋଧ ଓ ଚିନ୍ତାର ସଂଗତି ମନନଶୀଳ ପାଠକର ଦୃଷ୍ଟି ଆକର୍ଷଣ କରିଥିଲା ।

୧୯୧୮ ସାଲ ମେରେ କଲ୍ଲୋଳ ଯୁଗର 'ସବୁଜପତ୍ର' ପ୍ରକାଶ ପାଇଲା । ସବୁଜପତ୍ରର ପ୍ରତ୍ୟେକ ସଂଖ୍ୟାର ସବୁଜ ପଛଦରେ ଗୋଟିଏ ତାଳପତ୍ରର ଚିତ୍ର ହିଁ ଥିଲା । ପତ୍ରିକାଟିରେ କେତେକ ସଂଖ୍ୟାରେ ସଂପାଦକଙ୍କ ବ୍ୟତୀତ ପ୍ରାୟ ଏକମାତ୍ର ପ୍ରବୀଣ ଲେଖକ ଥିଲେ ରବିନ୍ଦ୍ରନାଥ । ଅନ୍ୟାନ୍ୟ ଅଧିକାଂଶ ଲେଖକ ଥିଲେ ତରୁଣ ଓ ରବିନ୍ଦ୍ର ଆନୁରାଗୀ । ଏମାନେ ସମସ୍ତେ ସ୍ୱଷ୍ଟ ଚିନ୍ତା ଏବଂ ତୀକ୍ଷ୍ଣ ଓ ସରସ ରଚନା ରୀତିର ଅନୁଶୀଳନରେ ମନଯୋଗୀ ଥିଲେ । କଥିତ ଓ ଲିଖିତ ଭାଷା ମଧ୍ୟରେ ଯେଉଁ ବ୍ୟବଧାନ, ତାହା ଯେତେଦୂର ସମ୍ଭବ ଦୂର କରିବାକୁ ଏହି ପତ୍ରିକାର ଲେଖକଗଣ ପ୍ରଚେଷ୍ଟା କରିଥିଲେ । (୨୨)





ସମ୍ପର୍କରେ ଅନେକ ଦିନ ପର୍ଯ୍ୟନ୍ତ ଜାଣିନଥିଲେ । କୌଣସି ଜାଗାରେ ମୋଦି ମଧ୍ୟ ଏ ସତ୍ୟକୁ ଉଦ୍‌ଘାଟିତ କରିନଥିଲେ, ତେଣୁ ଏ ସମ୍ବାଦଟି ଜନମାନସରେ ଅଗୋଚର ହୋଇ ରହିଥିଲା । ୨୦୦୯ରେ ଏକ ଗୁଜୁରାଟୀ ପତ୍ରିକା ଏ ରହସ୍ୟକୁ ଉଦ୍‌ଘାଟନ କରିଥିଲା । ସେ ପତ୍ରିକାରେ ଯଶୋଦା ବେନ ନିଜ ବାପାଙ୍କ ତେଜରାତି ଦୋକାନରେ ତରାଜୁ ଧରି ବସିଥିବାର ଫଟୋ ଥିଲା ଏବଂ ସେ ସାକ୍ଷାତକାରରେ କହିଥିଲେ ମୁଁ ନରେନ୍ଦ୍ର ମୋଦିଙ୍କ ପତ୍ନୀ । ଯଶୋଦା ବେନ୍ କିଛିବର୍ଷ ପୂର୍ବରୁ ତାଙ୍କର କିଛି ଶିକ୍ଷକ ସହକର୍ମୀଙ୍କୁ କହିଥିଲେ ସେ ତାଙ୍କ ସ୍ୱାମୀ ନରେନ୍ଦ୍ର ମୋଦିଙ୍କ ଠାରୁ କିଛି ଚାହାଁନ୍ତି ନାହିଁ । ସେ କେବଳ ତାଙ୍କଠାରୁ ସ୍ତ୍ରୀ ଭାବରେ ସ୍ୱୀକୃତି ଚାହାଁନ୍ତି । ମୋଦି ପ୍ରଧାନମନ୍ତ୍ରୀ ହୁଅନ୍ତି ବୋଲି ସେ କୁଆଡେ ବ୍ରତ ରଖିଛନ୍ତି ଓ ଅନ୍ନ ଖାଉନାହାଁନ୍ତି । ୨୦୧୪ରେ ବଡୋଦରା ଲୋକସଭା ନିର୍ବାଚନ ନାମାଙ୍କନରେ ମୋଦି ଯଶୋଦା ବେନ୍‌ଙ୍କୁ ପତ୍ନୀ ଭାବରେ ଘୋଷଣା କରିବା ଯୋଗୁ ସେମାନେ ବହୁତ ଖୁସି ବୋଲି ଶିକ୍ଷୟିତ୍ରୀ ଉନ୍‌ବାର ଯଶୋଦା ବେନ୍‌ଙ୍କ ବଡଭାଇ କମଲେସ ମୋଦି କହିଛନ୍ତି ।

ଯଶୋଦା ବେନ୍ ଗତ ୫୦ ବର୍ଷ ମଧ୍ୟରେ ଆଉଥରେ ବିବାହ କରିବାର ନାଁ ଧରିନାହାଁନ୍ତି । ସକାଳ ଚାରିଟାରୁ ଉଠି ନିତ୍ୟକର୍ମ ସାରି ଦିନ ଏଗାରଟା ଯାଏ ପୂଜାପାଠରେ ସମୟ କାଟିଥାନ୍ତି । ପ୍ରବୀଣ ବ୍ୟାସ ନାମକ ଜଣେ ମହିଳା ସହକର୍ମୀ କୁହନ୍ତି – ସେ ବହୁତ ଭଲ ଓ ଧର୍ମପରାୟଣା ମହିଳା ।

ସାଧାରଣ ନିର୍ବାଚନ ପୂର୍ବରୁ – (୨୦୧୪) – ବିରୋଧି ଦଳ ନେତାମାନେ କହୁଥିଲେ – ନରେନ୍ଦ୍ର ମୋଦି – ନାରୀ ବିରୋଧି – ସେ ନିଜ ପତ୍ନୀଙ୍କ ଯତ୍ନ ନେଇପାରିନାହାଁନ୍ତି – ଦେଶ କିପରି ଚଳାଇବେ ।

ଠିକ୍ ସେହି ସମୟରେ ନରେନ୍ଦ୍ର ମୋଦିଙ୍କ ବଡଭାଇ ସୋମନାଥ ମୋଦି ସ୍ୱଷ୍ଟିକରଣ ଦେଇଥିଲେ, ୪୦ ବର୍ଷ ପୂର୍ବରୁ ଆମ ପରିବାର ଦାରିଦ୍ର୍ୟ ମଧ୍ୟରେ ଅତିବାହିତ କରୁଥିଲା – ଆମ ପରିବାର ସେତେବେଳେ ରୁଢିବାଦ, ସାମାଜିକ, ଶୈକ୍ଷିକ ଓ ଅର୍ଥନୈତିକ ଅନଗ୍ରସରତାର ଶିକାର ହୋଇଥିଲା । ନରେନ୍ଦ୍ର ଭାଇ ଆମ ସମସ୍ତଙ୍କ ଠାରୁ ଭିନ୍ନଥିଲେ ବି ଆମ ବାପା–ମା ଶିକ୍ଷା ପାଇନଥିବାରୁ ସେ ନରେନ୍ଦ୍ର ଭାଇକୁ ଅନ୍ୟ ସନ୍ତାନଙ୍କ ପରି ଦେଖୁଥିଲେ । ସେଥିପାଇଁ ସେ ନରେନ୍ଦ୍ର ଭାଇଙ୍କୁ ଅଳ୍ପ ବୟସରେ ବାହା କରାଇ ଦେଇଥିଲେ । ପିଲାଦିନେ ନରେନ୍ଦ୍ର ଓ ଯଶୋଦା ବେନ୍‌ଙ୍କ ନିର୍ବନ୍ଧ ତତ୍‌କାଳୀନ ସମାଜର ଏକ ପ୍ରଥାଥିଲା, ତାହା ଏକପ୍ରକାର ଚୁକ୍ତି ଥିଲା ଯେ – ବୟସ୍କ ହେଲେ ସେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବେ ଓ ଏକତ୍ର ସହବସ୍ଥାନ କରିବେ । ମାତ୍ର ନରେନ୍ଦ୍ର ବିବାହ ପାଇଁ ରାଜି ନଥିଲେ ଏବଂ ଆଧାତ୍ମିକ ଜ୍ଞାନ ଆହରଣ ପାଇଁ ଘରଛାଡି ଚାଲି ପଳାଇଗଲେ ।

ସେତେବେଳେ ନରେନ୍ଦ୍ର ମୋଦି ଥରେ ଯଶୋଦା ବେନ୍‌ଙ୍କୁ ଦେଖିଥିଲେ, ସେତେବେଳେ ତାଙ୍କୁ ପନ୍ଦରବର୍ଷ ବୟସ ହୋଇଥିଲା କିନ୍ତୁ ସହବସ୍ଥାନର ବୟସ ହୋଇନଥିଲା ।

ଶିକ୍ଷୟିତ୍ରୀ ଯଶୋଦା ବେନ୍ ନିଜ ସାକ୍ଷାତକାରରେ କହିଛନ୍ତି - ନରେନ୍ଦ୍ର ପ୍ରଚାରକ ହୋଇ ଦେଶସେବାରେ ନିଜକୁ ନିୟୋଜନ କରିବେ ବୋଲି ତାଙ୍କୁ ଆହୁରି ପାଠପଢ଼ି ଶିକ୍ଷୟିତ୍ରୀ ହେବାକୁ ପରାମର୍ଶ ଦେଇ ଘରଛାଡ଼ି ଚାଲିଗଲେ ।

ଯଶୋଦା ବେନ୍ ସ୍ୱାମୀ ନରେନ୍ଦ୍ରଙ୍କ କଥାକୁ ଅକ୍ଷର ଅକ୍ଷରେ ପାଳନ କରିଅଛନ୍ତି । ଶିକ୍ଷୟିତ୍ରୀ ଭାବରେ ଲମ୍ବା କର୍ମମୟ ଜୀବନ ପରେ ସେ ଏବେ ଅବସର ଗ୍ରହଣ କରିଛନ୍ତି । ସେଇଥର ନରେନ୍ଦ୍ର ଗଲେ ଯେ - ଆଉ ତାଙ୍କ ସହ ସାକ୍ଷାତ ହୋଇନାହିଁ ।

ଭାରତରେ ଘରଛାଡ଼ି ଆଧାତ୍ମିକ ଜ୍ଞାନ ହାସଲ ପାଇଁ ମହତ ଜନମାନେ ଘରଛାଡ଼ି ଚାଲିଯିବାର ଭୁରିଭୁରି ଦୃଷ୍ଟାନ୍ତ ରହିଛି । ଯେମିତି ଭଗବାନ ରାମଚନ୍ଦ୍ର ଓ ଗୌତମବୁଦ୍ଧ । ସେହିଭଳି ନରେନ୍ଦ୍ର ମୋଦି ସ୍ଥିର କରିନେଲେ ଯେ ସେ ଆଧାତ୍ମିକ ଜ୍ଞାନ ହାସଲପାଇଁ ହିମାଳୟ ଉଦ୍ଦେଶ୍ୟରେ ଯାତ୍ରା କରିବେ । ଘରେ ସମସ୍ତେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ବି ନରେନ୍ଦ୍ର ଜିଦ୍ କରିଥିଲେ ଓ ବାପା-ମାଙ୍କ ଆଶୀର୍ବାଦ ମାଗିଥିଲେ । ହୀରାବେନ୍ ଶେଷରେ ରାଜିହେଲେ ଓ ନରେନ୍ଦ୍ର ମସ୍ତକରେ ତିଳକ ଲଗାଇ ଆଶୀର୍ବାଦ କରିଥିଲେ ।

ନରେନ୍ଦ୍ର ମୋଦିଙ୍କୁ ସେତେବେଳେ ସତର ବର୍ଷ ହୋଇଥିଲା । ପରବର୍ତୀ ଦୁଇବର୍ଷ ସେ କେଉଁଠି ବିତାଇଥିଲେ ଓ କିପରି ବିତାଇଥିଲେ ତାହା ଅଧିକାରାଚ୍ଛନ୍ନ ହୋଇରହିଛି, ଏହାପରେ ସେ ତିରିଶ୍ ବର୍ଷଧରି ଯାଯାବର ଜୀବନ ବିତାଇଛନ୍ତି ଓ ଭାରତର କୋଣ ଅନୁକୋଣ ବୁଲିଛନ୍ତି ।

ନରେନ୍ଦ୍ର ମୋଦି ଯେତେବେଳେ ପ୍ରଥମକରି ମୁଖ୍ୟମନ୍ତ୍ରୀ ହେଲେ ସେତେବେଳେ ଜଣେ ସାମ୍ବାଦିକ ତାଙ୍କ ମା ହୀରାବେନ୍‌ଙ୍କୁ ପଚାରିଲେ - ମୋଦି ତାଙ୍କୁ କାହିଁକି ଆର୍ଥିକ ସାହାଯ୍ୟ ଦେଉନାହାଁନ୍ତି

ତାଙ୍କର ଉତର ଥିଲା - ଦେଶପ୍ରେମ ଛଡା ସେ ଜୀବନରେ ଆଉକିଛି ଜାଣେନା । ସେ ଦେଶପ୍ରେମର ଭାବନା ହିଁ ତାଙ୍କୁ ପତ୍ନୀ ଓ ପରିବାର ଠାରୁ ଦୂରେଇ ରଖିଛି ।

---





ନହେଲେ ବି ଓଡିଆ କବିତାର କ୍ରମବିକାଶରେ ସବୁଜଯୁଗର କବିମାନଙ୍କର ଏକ ନିଶ୍ଚିତ ଭୂମିକା ରହିଅଛି ।

ପାଦଟୀକା - ପୃ - ୮୯ - କାଳିନ୍ଦୀଚରଣ କଥାସାହିତ୍ୟ

ଡକ୍ଟର ବିଷ୍ଣୁପ୍ରିୟା ଓତା

୪୮ - ମାନସିଂହ ମାୟାଧର - ଓଡିଆ ସାହିତ୍ୟର ଇତିହାସ - ପୃ - ୩୦୭

୪୯ - ମହାନ୍ତି ସୁରେନ୍ଦ୍ର - ଓଡିଆ ସାହିତ୍ୟର କ୍ରମବିକାଶ - ପୃ - ୩୪୫

ଓଡିଆ ସାହିତ୍ୟରେ ସତ୍ୟବାଦୀ ଯୁଗର ସାହିତ୍ୟିକ ପରିବେଶ ଆଦର୍ଶବୋଧ ନିମିତ ଏକ ଗୌରବଦୀପ୍ତ ଭାବରେ ସ୍ୱୀକୃତ । ୧୯୦୩ ମସିହାରେ ଓଡିଶାର ଭୌଗୋଳିକ ତଥା ଭାଷଣ ଓ ଐକିକରଣ ନିମିତ ଜାତୀୟ ଆନ୍ଦୋଳନର ସୁତ୍ରପାତ ଘଟିଥିଲା । ଏହି ସମୟରେ ପଣ୍ଡିତ ଗୋପବନ୍ଧୁ ଦାସ ସେବା ଓ ଜାତିଗଠନ କାର୍ଯ୍ୟ ସହ ସାହିତ୍ୟ ରଚନା ଆରମ୍ଭ କରିଥିଲେ । ୧୮୧୪-୧୮୧୮ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ମଧ୍ୟ ସାହିତ୍ୟର ବିକାଶ ଘଟିପାରିଥିଲା । ଏହି ସମୟରେ କାବ୍ୟାନୁଚିନ୍ତାରେ ଏକ ବ୍ୟାପକ ପରିବର୍ତନ ଘଟିଥିଲା । ସତ୍ୟବାଦୀ ଯୁଗର ପ୍ରଭାବ ବିଳୟ ପରେ ପରେ ସବୁଜ ସାହିତ୍ୟର ଯୁଗ ଆରମ୍ଭ ହୋଇଥିଲା ।

୧୯୨୧ ବେଳକୁ ମହାତ୍ମାଗାନ୍ଧୀଙ୍କର ଆହ୍ୱାନ କ୍ରମେ ସମଗ୍ର ଭାରତବ୍ୟାପି ଆନ୍ଦୋଳନ ହୋଇଥିଲା ଏବଂ ଏହି ଅସହଯୋଗ ଆନ୍ଦୋଳନ ଫଳରେ ପରାଧିନ ଯୁବମାନସ ବିଦ୍ରୋହ କରି ଉଠୁଥିଲା

ଓଡିଆ ସାହିତ୍ୟର ସବୁଜଯୁଗ (କବିମାନଙ୍କର ସୃଜନୀ) ସମୟରେ ଭାରତୀୟ ସାହିତ୍ୟରେ ମଧ୍ୟ ସେ ସମୟରେ ବ୍ୟାପକ ସାହିତ୍ୟ ରଚନା ଭାରତୀୟ ସାହିତ୍ୟକୁ ସମୃଦ୍ଧ କରିପାରିଅଛି । ଏହା ପ୍ରାୟତଃ ଭାରତୀୟ ପୂର୍ବୋ ସ୍ୱାଧିନତାର କାଳ (ସମୟ) । ଏହି ନିର୍ଦ୍ଦିଷ୍ଟ କାଳରେ ବଙ୍ଗଳା ସାହିତ୍ୟରେ କୋଳକ ଯୁଗ, ମରାଠି ସାହିତ୍ୟର ରବିକିରଣ ଯୁଗ, ହିନ୍ଦୀ ସାହିତ୍ୟର ଛାୟାବାଦୀ ଯୁଗର ପ୍ରଭାବ ଓ ସ୍ରୋତ ପରିଲିକ୍ଷିତ ହୋଇଥିଲା ।

ହିନ୍ଦୀ ସାହିତ୍ୟର ପରମ୍ପରାରେ ଛାୟାବାଦ ଏକ ଗୁରୁତ୍ୱପୂର୍ଣ୍ଣ ସମୟ । ସମସାମୟିକ ସାହିତ୍ୟ ତଥା ସାମାଜିକ ପରିସ୍ଥିତିରୁ ଏହାର ସୃଷ୍ଟି । ହିନ୍ଦୀ ସାହିତ୍ୟର ଇତିହାସ କ୍ଷେତ୍ରରେ ଏକ ବିଶେଷତ୍ୱପୂର୍ଣ୍ଣ ପରିବେଶ ହିଁ ଛାୟାବାଦ ଯୁଗ ଓ ସାହିତ୍ୟ, ବହୁ ସମାଲୋଚକ ଏହାକୁ ବିଦେଶୀ ଆମଦାନୀ ବୋଲି ଭ୍ରମ ଧାରଣାର ବଂଶବର୍ତି ହେଉଥିଲେ । ମାତ୍ର ଏହା ବିଦେଶୀ ସାହିତ୍ୟ ନଥିଲା ବରଂ ଗତାନୁଗତିକତାଠାରୁ ଦୂରେଇଯାଇ ସମାଜ, ଦେଶ, ଜାତି ପାଇଁ କିଛି କରିବାର ଅଭିପସା ହିଁ ଛାୟାବାଦର ଦାୟଦଗଣଙ୍କ ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଥିଲା ।

ଭାରତୀୟ ସାହିତ୍ୟ କ୍ଷେତ୍ରରେ ଓଡିଆ ସାହିତ୍ୟର ଅବଦାନ କିଛି କମ ନୁହେଁ । ଆମ ଓଡିଶା ପ୍ରଦେଶର ମାତୃଭାଷା ଓଡିଆ । ଦୀର୍ଘ ୨୫୦୦ ବର୍ଷର ଓଡିଆ ଭାଷାର ବ୍ୟବହାରକୁ ନେଇ ଉଚ୍ଚତର ଗବେଷଣା ଭିତିଭୂମିକୁ ଆଧାରକରି ଭାରତ ସରକାର ଓଡିଆ ଭାଷାକୁ ଷଷ୍ଠତମ ଭାରତୀୟ ଭାଷା ଭାବରେ ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା ପ୍ରଦାନ କରିଅଛନ୍ତି ।

ଆମେ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ - ସାହିତ୍ୟରେ ତାଙ୍କର କବିତ୍ୱକୁ ଲୋକଲୋଚନ ଆଣିବାକୁ ଯେଉଁ ପ୍ରୟାସ କରୁଅଛେ, ତାଙ୍କ କବିତ୍ୱର ଆୟଆରମ୍ଭ ସବୁଜଯୁଗ ଏହି ସବୁଜଯୁଗଟି (୧୯୨୦ - ୧୯୩୨) ମସିହା ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା ।

ଓଡିଆ ସାହିତ୍ୟର ସବୁଜଯୁଗର ପାଚଂଜଣ - କାଳିନ୍ଦୀଚରଣ, ଅନ୍ନଦାଶଙ୍କର, ବୈକୁଣ୍ଠନାଥ ପଟ୍ଟନାୟକ, ହରିହର ମହାପାତ୍ର, ଶରତଚନ୍ଦ୍ର ପ୍ରମୁଖଙ୍କ ସହ ଏହି ସାହିତ୍ୟର ପରିସୀମା ଭିତରକୁ କବି ମାନସିଂହ ଓ କୁନ୍ତଳା କୁମାରୀଙ୍କୁ ଅଣାଯାଇଛି । ଓଡିଆ ସାହିତ୍ୟ କ୍ଷେତ୍ରରେ ଏହି କବିଗୋଷ୍ଠୀ ଯେଉଁ ଆଦର୍ଶ ନେଇ ଆଗେଇଛନ୍ତି, ତାହା ବହୁ ବାଧାବିଘ୍ନ ତଥା ବିପଦର ସମ୍ମୁଖୀନ ହେଲେ । ସେମାନେ ଏଥିରୁ ନିବୃତ ହୋଇନାହାଁନ୍ତି ଯଦିଓ ଖୁବ ଅପରିପକ୍ୱ ବୟସରୁ ରେଭେନ୍ସା କଲେଜରେ ଅଧ୍ୟୟନ କାଳରେ "ନନ୍‌ସେନ୍ସ କ୍ଲବ" ସାହିତ୍ୟ କୃତିକୁ ଓଡିଆ ସାହିତ୍ୟରେ ସ୍ୱୀକୃତି ପ୍ରଦାନ କ୍ଷେତ୍ରରେ ସହାୟକ କଲେ ବିଶ୍ୱନାଥ କର ।

ସବୁଜଗୋଷ୍ଠୀର ସାହିତ୍ୟିକମାନେ ସାହିତ୍ୟ ଜରିଆରେ ସାମାଜିକ ସଂସ୍କାର ଆନୟନ ଓ ଉନ୍ନତ ସାହିତ୍ୟ ସୃଷ୍ଟି ତଥା ସାମାଜିକ ଜୀବନର ଉନ୍ନତି ସାଧନ ସବୁଜ କବି ଗୋଷ୍ଠୀର ଏକ ପ୍ରତିଷ୍ଠିତ ଆଭିମୁଖ୍ୟ

ଓଡିଆ ସାହିତ୍ୟରେ ସବୁଜ କବିମାନଙ୍କର ସ୍ଥିତି ଓ ଭୂମିକାକୁ କେନ୍ଦ୍ରକରି ବହୁ ବିତର୍କ ଓ ଆଲୋଚନା ହୋଇଅଛି । କିନ୍ତୁ ଆଧୁନିକ ଓଡିଆ ସାହିତ୍ୟର ବିକାଶ ପଥରେ ସବୁଜଗୋଷ୍ଠୀର ଭୂମିକା ଏବେ ସ୍ୱୀକୃତି । ଏ ସମ୍ପର୍କରେ ବିଶିଷ୍ଟ ସାହିତ୍ୟ ଆଲୋଚକ - ମାୟାଧର ମାନସିଂହ ମତପ୍ରଦାନ କରିଅଛନ୍ତି । ସବୁଜମାନେ ଓଡିଆ ଭାଷାରେ ନୂତନ ଛନ୍ଦ, ନୂତନ ସାଙ୍ଗତିକତା ପ୍ରବେଶ କରାଇଲେ, ଯାହା ଆଦ୍ୟ କାଳରେ ବୈଦେଶିକ ଦୋଷ ସତ୍ୱେ ବର୍ତମାନ ଓଡିଆ ଭାଷା ସହିତ ଯେ ଅଙ୍ଗୀଭୂତ ହୋଇଗଲେଣି ତାହା ମାନିବାକୁ ହେବ, ସବୁଜମାନେ ପ୍ରେମ, ନାରୀ ଓ ଜୀବନ ଇତ୍ୟାଦି ପ୍ରତି ଯେଉଁ ସଂସ୍କାରଶୂନ୍ୟ ସାହସିକ ଚିନ୍ତାକଷ୍ଟ ପରିବେଷ୍ଟିତ କଲେ ସେ ସମୟ ଆଦି ସାଧାରଣ ଓଡିଆ ବୁଦ୍ଧିଜୀବୀର ମାନସିକ ଛାଚଂରେ ସ୍ୱୀକୃତ ଅଂଶ, ପୁଣି ସବୁଜମାନେ ହିଁ ଓଡିଆ ଭାଷାର ପ୍ରଥମକରି ଆନ୍ତର୍ଜାତୀୟ ବାତାବରଣ ସୃଷ୍ଟିକଲେ ।

ଓଡିଶାର ଅନ୍ୟତମ ପ୍ରତିଷ୍ଠିତ ଲେଖକ ଓ ସମାଲୋଚକ ସୁରେନ୍ଦ୍ର ମହାନ୍ତି ମଧ୍ୟ ଆଧୁନିକ ଓଡିଆ କବିତାର ବିକାଶଧାରାରେ ସବୁଜ କବିମାନଙ୍କର ଭୂମିକା କଥା ଉଲ୍ଲେଖକରି କୁହନ୍ତି - ଗଦ୍ୟ





## ରାଷ୍ଟ୍ରନାୟକ ନରେନ୍ଦ୍ର ମୋଦି

ଭାରତୀୟ ଜନତାଙ୍କ ମଉଡମଣି ଭାବରେ ନରେନ୍ଦ୍ର ମୋଦି ୨୦୧୪ରେ ପ୍ରଧାନମନ୍ତ୍ରୀ ପଦବୀରେ ଆସୀନ ହେଲେ । ସେ ବାହାରକୁ ଦିଶନ୍ତି ଖୁବ୍ ରୁକ୍ଷ ଓ କଠୋର । ନିର୍ବାଚନ ବିଜୟ ପରବର୍ତୀ ପ୍ରଥମ ଭାଷଣରେ ସେ ବିନମ୍ରତାର ସହ କହିଲେ - ସରକାର କେତେକ ବ୍ୟକ୍ତି ବିଶେଷଙ୍କ ପାଇଁ ନୁହେଁ, ମୁଁ ଜଣେ ମଜୁଦର ଏବଂ ବିନା ଛୁଟିରେ ଜନତାଙ୍କ ସେବା କରିବି ।

ନରେନ୍ଦ୍ର ମୋଦି ଜୀବନରେ ପ୍ରଥମକରି ପାର୍ଲ୍ୟାମେଂଟ ଭବନକୁ ତାଙ୍କର ପ୍ରବେଶର ଦୃଶ୍ୟ ସମସ୍ତଙ୍କର ସ୍ମରଣୀୟ ହୋଇ ରହିଥିବ । ସଂସଦ ଭବନର ପାହାଚରେ ସେ ରହିଯାଇ ମଥାନେଇ ପ୍ରଣାମ କଲେ । ଏଥିରୁ ତାଙ୍କର ବ୍ୟକ୍ତିତ୍ୱର ନମ୍ରତା ଧରାପଡିଥାଏ ଖାଲି ସେତିକି ନୁହେଁ ପାର୍ଲ୍ୟାମେଂଟରେ ଭାରତୀୟ ଜନତା ପାର୍ଟି ପାର୍ଲ୍ୟାମେଂଟାରୀ ବୋର୍ଡ ବୈଠକରେ ଭାଷଣ ଦେଉଦେଉ ନରେନ୍ଦ୍ର ମୋଦି ହତବ୍ୟକ୍ ହୋଇଯାଇଥିଲେ, ତାଙ୍କ ଆଖିରୁ ଝରଝର ହୋଇ ଲୁହ ଗଡିଯାଇଥିଲା । ସେହି ସଭାରେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ ନିଜର ମନ୍ତବ୍ୟ ଦେଇଥିଲେ ଯେ - ବିଜେପି ଓ ନରେନ୍ଦ୍ର ମୋଦିଙ୍କ କୃପାଯୋଗୁ ସେମାନେ ଜିତିକରି ଆସିଛନ୍ତି । ମୋଦି ଏ ମନ୍ତବ୍ୟରେ ଭାବବିହୋଳ ହୋଇ କହିଥିଲେ - ଆଡଭାନୀଜୀ କହିଥିଲେ - ନରେନ୍ଦ୍ର ଭାଇ ଆମ ଉପରେ କୃପା କରିଅଛନ୍ତି । ଦୟାକରି କୃପା ଶବ୍ଦ ବ୍ୟବହାର କରନ୍ତୁ ନାହିଁ । ଜଣେ ପୁଅ ମା' ଉପରେ କଦାପି କୃପା କରେନାହିଁ । ପୁତ୍ର ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କରିଥାଏ । ମୁଁ ବିଜେପି ତଥା ଭାରତକୁ ମୋ ମା' ମନେ କରିଥାଏ । ବରଂ ବିଜେପି ମୋତେ ସେବା କରିବାର ସୁଯୋଗଦେଇ ମୋ ଉପରେ କୃପା କରିଅଛି ।

ନରେନ୍ଦ୍ର ମୋଦି କାନ୍ଦିଲେ । ଏହି ଭାଷଣରେ ଅନେକ ଭାବବିହୋଳ ହୋଇମଧ୍ୟ ଅଶ୍ରୁପାତ କରିଲେ । ସେ ଭାଷଣରେ ନରେନ୍ଦ୍ର ମୋଦି ପୁଣି କହିଥିଲେ - ଆପଣ ଏଠାରେ ମୋଦିଙ୍କୁ ଦେଖୁଛନ୍ତି, ତା'ର କାରଣ ନୁହେଁ ଯେ - ମୋଦିଙ୍କ ପ୍ରତିଷ୍ଠା ବହୁତ ବଡ ହୋଇଯାଇଅଛି । ଆପଣ ମୋଦିଙ୍କୁ ଏଠି ଦେଖୁଛନ୍ତି -କାରଣ ବରିଷ୍ଠ ନେତାମାନେ ମୋଦିଙ୍କୁ କାନ୍ଧରେ ଉଠାଇ ଠିଆ କରାଇଛନ୍ତି ।

ମୋଦି କହିଲେ - ସରକାର ଗରିବଙ୍କ ପାଇଁ କାମ କରିବା ଉଚିତ୍ । ଏହି ନୂଆ ସରକାର ଗରିବଙ୍କ ସେବାପାଇଁ ଏବଂ ଯୁବପିଢି ତଥା ମାତା ଓ ଭଗିନୀଙ୍କ ସେବାପାଇଁ ପ୍ରତିବଧତା ରଖିଅଛି । ବିଜୟ ଯୋଗୁ ଉତ୍ସବ ପାଳନ ଓ ଉଚ୍ଚାରଣ ଚାଲୁଥିବ କିନ୍ତୁ ମୋତେ ଲାଗେ ଯେ ଉତର ଦାୟିତ୍ୱର ଯୁଗ ଆସିଯାଇଅଛି । ଏହି ଭାଷଣରୁ ନରେନ୍ଦ୍ର ମୋଦିଙ୍କର ନମ୍ରତା ଓ ଉଦାରତା ଗୁଣଗୁଡିକ ଧରାପଡିଯାଏ ।

ନରେନ୍ଦ୍ର ମୋଦିଙ୍କ ପ୍ରଶସ୍ତ ହୃଦୟ ଜଣାପଡେ ଆଉ ଗୋଟିଏ ଘଟଣାରୁ ୨୮ ବର୍ଷ ତଳେ ଏକ ନେପାଳୀ ବାଳକ କାଲୁପୁର ରେଲୱେ ଷ୍ଟେସନରୁ ଅସହାୟ ହୋଇ ଘୁରିବୁଲୁଥିଲା । ମୋଦି ତାକୁ

ନେଇ ନିଜ ଘରେ ରଖିଲେ ଓ ସ୍କୁଲରେ ଆଡମିଶନ କରାଇଦେଲେ । ଏହି ବାଳକ ଜୀତ ବାହାଦୂରକୁ ତା'ର ପରିବାର ସହ ମିଳିତ ହେବାପାଇଁ ସହାୟକ ହୋଇଥିଲେ ।

ନରେନ୍ଦ୍ର ମୋଦି ମହାତ୍ମାଗାନ୍ଧୀଙ୍କ ପରି ସରଳ ଓ ନିରାଡମ୍ବର ଜୀବନଯାପନ କରନ୍ତି । ଆର ଏସ୍.ଏସ୍. ର ପ୍ରଚାରକ ଥିବା ସମୟରେ ସେ ଯାଯାବର ଜୀବନଯାପନ କରୁଥିଲେ । ତାଙ୍କର ନିଜସ୍ୱ କୌଣସି ଘରନଥିଲା । ବର୍ତ୍ତମାନ ଗୁଜୁରାଟର ଗାନ୍ଧୀନଗରରେ ଗୋଟିଏ ଛୋଟ ଘର ଅଛି । ଯୋଉଁଥିରେ ବ୍ୟକ୍ତିଗତ ସମ୍ପତି ବୋଲି କିଛି ନାହିଁ ।

ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ସମୟରେ ତାଙ୍କ ପାଇଁ ଉଦ୍ଦିଷ୍ଟ ବଙ୍ଗଳାରେ, ସେ ଗୋଟିଏ ମାତ୍ର କୋଠରୀ ବ୍ୟବହାର କରୁଥିଲେ । ସେଥିରେ ଗୋଟିଏ ଖଟ, ଗୋଟିଏ ଟେବୁଲ, ଗୋଟିଏ କମ୍ପ୍ୟୁଟର, ଗୋଟିଏ ଟେଲିଭିଜନ (ଟିଭି) ଓ ଦୁଇଗୋଟି ଚେୟାର ଥିଲା । ତାଙ୍କ ବାସଭବନରେ ବେଶୀ ଚାକର ବାକର ନଥିଲେ, କେବଳ ଜଣେ ରୋଷୋୟା ଖାଦ୍ୟ ପଦାର୍ଥ ତିଆରି ପାଇଁ ରହିଥାଏ

ନରେନ୍ଦ୍ର ମୋଦି ମୁଖ୍ୟମନ୍ତ୍ରୀ ହେବାପରେ ଗୁଜୁରାଟର ରାଜଧାନୀ ଗାନ୍ଧୀନଗରରେ ସେକ୍ଟର-୧ ରେ ସ୍ଥାୟୀ ବାସଗୃହ ତିଆରି କରିରହିଲେ । ମୁଖ୍ୟମନ୍ତ୍ରୀ ହେବାପରେ ସେ ନିଜ ଖାଦ୍ୟ ପ୍ରତି ସଜାଗ ହେଲେ । ମୋଦି ମସଲାଯୁକ୍ତ ଖାଦ୍ୟ ପସନ୍ଦ କରନ୍ତି ନାହିଁ । ଗୁଜୁରାଟୀ ଖାଦ୍ୟ ଯଥା - ଖେଚୁଡି, ଭେଣ୍ଡିକଡି, କାକରା, ଗୁଜୁରାଟୀ ମିଠା, ଆମ୍ବ ଆଚାର ତାଙ୍କ ପ୍ରିୟ ଖାଦ୍ୟ ।

ନରେନ୍ଦ୍ର ମୋଦିଙ୍କ ପରିବାର ଆର୍ଥିକ ସଂକଟରେ ଥିଲେ । ମୋଦି ଭଦ୍ର ନଗରରେ ଗ୍ରାମ ଜୀବନ କଟାଇ ମାଟ୍ରିକ ପାସ୍ କରିଥିଲେ । ପରବର୍ତ୍ତୀ ସମୟରେ ୧୯୨୮ରେ ଅହମଦାବାଦ ବିଶ୍ୱବିଦ୍ୟାଳୟରୁ ଡିସ୍‌ଟାନସ୍ ଏଜୁକେଶନ ମାଧ୍ୟମରେ ବି.ଏ. ପାସ୍ କରିଥିଲେ । ୧୯୭୧ ରୁ ୧୯୭୮ ମଧ୍ୟରେ ମୋଦି ଆର.ଏସ୍.ଏସ୍.ର ପ୍ରଚାରକ ଭାବରେ ନିଯୁକ୍ତି ପାଇଥିଲେ । ୧୯୭୯ ମସିହା ବେଳକୁ ନରେନ୍ଦ୍ର ମୋଦି ଗୁଜୁରାଟର ତିନିଗୋଟି ଜିଲ୍ଲାର ସଂଘ ପ୍ରଚାରକ ଦାୟିତ୍ୱରେ ଥିଲେ । ହୋମ୍‌ରେ ତାଙ୍କର କର୍ମକୁଶଳତା, ବାକ୍‌ଚାତୁରୀ, ସଂଗଠନ ସୃଷ୍ଟି ଆର୍.ଏସ୍.ଏସ୍. ଦଳ ମଧ୍ୟରେ ଏକ ନୂତନ ଆଶା ସଂଚାର କରିଥିଲା । ଏହି ପରିପ୍ରେକ୍ଷୀରେ ୧୯୮୭ ମସିହାରେ ତାଙ୍କର କର୍ମନିପୁଣତା ଦେଖି ଭାରତୀୟ ଜନତା ପାର୍ଟି (ବିଜେପି)ର କର୍ମକର୍ତାମାନେ ତାଙ୍କୁ ଦଳରେ ଯୋଗଦେବାପାଇଁ ଡାକିଲେ । ତାଙ୍କର ବିବେକ, ବୁଦ୍ଧି, ସେବା ମନୋବୃତି, ରଣକୌଶଳ, ବାକ୍‌ଯୁଦ୍ଧ, ଦୃଢତା ଓ ଆଶାବାଦିତା ପାଇଁ ତାଙ୍କୁ ଅହମଦାବାଦର ଗୌର ନିର୍ବାଚନ ପରିଚାଳକ ଦାୟିତ୍ୱ ଦିଆଗଲା । ସେ କୌଣସି ପଦ ଓ ପଦବୀ ପ୍ରତି ଆସକ୍ତି ନହୋଇ କର୍ମ ହିଁ ଜୀବନ ମନେକରି ବିଜେପିକୁ ସଫଳତାର ପାହାଚ ଚଢାଇଥିଲେ । ଏହାପରେ ୧୯୯୦ ମସିହା ବିଧାନସଭା ଓ ଲୋକସଭା ନିର୍ବାଚନ ଦାୟିତ୍ୱ ବହନକରି ଗୁଜୁରାଟରେ ବିଜେପି ସଫଳତା ହାସଲ କରିଥିଲା । ୧୯୮୩ ମସିହାରେ ନରେନ୍ଦ୍ର ମୋଦି ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ





ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ
ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ ।

ନରେନ୍ଦ୍ର ମୋଦିଙ୍କ ଜୀବନୀକୁ କିଛି ଭାରତୀୟ ଲେଖକ ପୁସ୍ତକ ରଚନା କରିଛନ୍ତି – ସେମାନଙ୍କର ମଧ୍ୟରେ ନିଲାଞ୍ଜନା ମୁଖୋପାଧ୍ୟାୟ –

Narendra Modi - the Man of the Time.

ସମୀର କୋଚ୍ଚାର – Modi Nomics

କିଂଶୁକ ନାଗ – Modi - A Political Biography

ମଧୁ ପୂର୍ଣ୍ଣିମା କିଶ୍ୱର – Modi - Muslims and Media

ଏମ୍. ଭି. କାମାଥ ଓ କାଳିନ୍ଦୀ ରାଣ୍ଡେରି – The Man of the Movement Narendra Modi

ଏହି ପୁସ୍ତକଗୁଡିକ ଭାରତୀୟ ସାହିତ୍ୟକୁ ପ୍ରଭାବିତ କରିପାରିଅଛି ।

ଆଚଂଳିକ ଅବା ଜାତୀୟ ଭାଷାରେ ନରେନ୍ଦ୍ର ମୋଦିଙ୍କ ଜୀବନ ପୁସ୍ତକ ପ୍ରକାଶନୀ ବାଦେ – Narendra Modi - A Political Biography by - Andy Marina - Author of A Quiet American. ସଦ୍ୟ ପ୍ରକାଶିତ ହୋଇ ବିଶ୍ୱ ଜୀବନୀ ସାହିତ୍ୟରେ ପ୍ରଭାବ ବିସ୍ତାର କରିଅଛି, ଏଥିରେ ତିଳେମାତ୍ର ଅବକାଶ ନାହିଁ ।

ବାସ୍ତବିକ କହିବାକୁ ଗଲେ ନରେନ୍ଦ୍ର ମୋଦି ସ୍ୱାଧିନ ଭାରତର ସନ୍ତାନ ହୋଇଥିବାରୁ – ତାଙ୍କର ସାରସ୍ୱତକୃତୀ ଉଭୟ ସୃଜନୀ ଓ ଜୀବନୀ ସାହିତ୍ୟ ସ୍ୱାଧିନତାତୋର ଭାରତୀୟ ସାହିତ୍ୟ ଅବା ଆଧୁନିକ ଭାରତୀୟ ସାହିତ୍ୟ ପର୍ଯ୍ୟାୟକ୍ରମରେ ସେ ତାଙ୍କର ସାହିତ୍ୟିକ ଜୀବନର କ୍ରମବିକାଶ କରିଅଛନ୍ତି





ଘରୋଇ ଭାବରେ ଏମ୍.ଏ. ପାସ୍ କରିଥିଲେ । ନରେନ୍ଦ୍ର ମୋଦିଙ୍କ ସାଙ୍ଗନିକ କାର୍ଯ୍ୟଦକ୍ଷତା, ଦୃଢତା ଓ ସଫଳତା ଦେଖି ତାଙ୍କୁ ୧୯୯୫ ମସିହାରେ ବିଜେପିର ରାଷ୍ଟ୍ରୀୟ ସଂପାଦକ ପଦବୀରେ ଦାୟିତ୍ୱ ଦିଆଯାଇଥିଲା ।

ଏହା ପୂର୍ବରୁ ମୋଦି ୧୯୮୮ରେ ଗୁଜୁରାଟ ପ୍ରଦେଶ ବିଜେପିର ସାଧାରଣ ସଂପାଦକ ଭାବରେ କାର୍ଯ୍ୟକରି ପାର୍ଟିକୁ ସୁଦୃଢ କରିବାକୁ ଲାଗିପଡିଥିଲେ । କିନ୍ତୁ ଶଙ୍କର ସିଂହ ବାଘେଲା ଓ କେଶୁ ଭାଇ ପଟେଲ ପ୍ରମୁଖ ଗୁଜୁରାଟର ଦାୟିତ୍ୱ ନେଇଥାଆନ୍ତି ।

ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କ ଦ୍ୱାରା ପରିବର୍ତ୍ତନ ଯାତ୍ରା – ସୋମନାଥ ମନ୍ଦିରଠାରୁ ଅଯୋଧ୍ୟା ପର୍ଯ୍ୟନ୍ତ ରଥଯାତ୍ରାର ମଙ୍ଗୁଆଳ ନରେନ୍ଦ୍ର ମୋଦିଙ୍କୁ ଦିଆଯାଇଥିଲା । ସେ ତାହାକୁ ଅତି ଚତୁରତାର ସହିତ ସୂଚାରରୂପେ ସମ୍ପାଦନ କରିଥିଲେ । ଠିକ୍ ୧୯୯୨ ମସିହାରେ ବରିଷ୍ଠ ବିଜେପି ନେତା ମୂରଲୀ ମନୋହର ଯୋଶୀ ଏକତା ଯାତ୍ରା ଶ୍ରୀନଗରରୁ ବାହାରିଥିବାରୁ ଜାମ୍ମୁ-କାଶ୍ମୀରର ଆତଙ୍କତାବାଦୀ ଓ ବିଚ୍ଛିନ୍ନତାବାଦୀମାନେ କାଶ୍ମୀର ମାଟିରେ ତ୍ରିରଙ୍ଗା ପତାକା ଉଡାଇବାକୁ ଦେବେ ନାହିଁ କଡା ଜବାବ ଦେଇଥିଲେ । କାଶ୍ମୀର ପରିସ୍ଥିତି ସଂପୂର୍ଣ୍ଣ ଭାବରେ ଉତେଜନାପ୍ରବଣ ଥିଲା । କିନ୍ତୁ ମୋଦି ଏକଦା ଯାତ୍ରାକୁ ସଫଳ କରିବାରେ ମୁଖ୍ୟଭୁମିକା ନେଇଥିଲେ । ତାଙ୍କର ଏହିଭଳି ନିଷ୍ଠା ଓ କର୍ମ ସଫଳତା ଦେଖି ବିଜେପି ଦଳ ପକ୍ଷରୁ ମୋଦିଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲା ।

୧୯୯୮ ମସିହା ମେ ମାସରେ ନରେନ୍ଦ୍ର ମୋଦି ବିଜେପିର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଭାବରେ ନିଯୁକ୍ତି ପାଇଲେ । ୨୦୦୧ ମସିହାରେ ଗୁଜୁରାଟରେ ଭୟାଭୟ ଭୂମିକମ୍ପରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଓ ଇସ୍ତଫା ପରେ ନରେନ୍ଦ୍ର ମୋଦିଙ୍କ ଜୀବନରେ ଏକ ବଡ ପରିବର୍ତ୍ତନ ଆସିଲା ଓ ପରେ ନରେନ୍ଦ୍ର ମୋଦି – ଅକ୍ଟୋବର ମାସ ୭ ତାରିଖ ୨୦୦୧ ମସିହାରେ ନରେନ୍ଦ୍ର ମୋଦି ପ୍ରଥମ ଥର ସିଧାସଳଖ ଗୁଜୁରାଟ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବରେ କାର୍ଯ୍ୟଭାର ଆରମ୍ଭ କରିଲେ, ତା'ପରେ ତାଙ୍କ ଜୀବନର ସେ ମୁସଲିମ ବିରୋଧି ବୋଲି ଦେଶବ୍ୟାପି ପ୍ରଚାରିତ ହୋଇଗଲା ।

ପ୍ରଥମେ ଶାସନ, ସେବା ଓ ଜନତାଙ୍କ ପାଇଁ କିଛି କରିବାର ଯୋଜନା କଥା ଚିନ୍ତା କରୁକରୁ ୨୭ ଫେବୃଆରୀ ୨୦୦୨ରେ ନରେନ୍ଦ୍ର ମୋଦିଙ୍କ ଜୀବନରେ ଆଣିଦେଲା ଏକ କଳାବାଦଲ ସତେ ଯେପରି ଅଦିନ ମେଘ । ସାରାଭାରତ ତଥା ବିଶ୍ୱବାସୀଙ୍କ ନଜରରେ ସେ ପାଲଟିଗଲେ ଜଣେ ଜାତିବାଦ ନେତା । ସେ ଦିନର ଘଟଣାର କିଛି ସାମ୍ୟକ ସୂଚନା ହେଲା – କେତେକ ହିନ୍ଦୁ ତୀର୍ଥଯାତ୍ରା ଯାଉଥିବା ସମୟରେ ଗ୍ରୋଧ୍ରାଠାରେ ଏକ ସଂପ୍ରଦାୟ ଆତଙ୍କବାଦୀଙ୍କ ଦ୍ୱାରା କ୍ରୋଧରେ ନିଆଁ ଲଗାଇଦେଲେ । ୬୦ରୁ ଉର୍ଦ୍ଧ୍ୱ ହିନ୍ଦୁ ତୀର୍ଥଯାତ୍ରୀ ରେଳ ସହିତ ନିଆଁରେ ଦଗ୍ଧ ହୋଇଗଲେ । ଏହି ଘଟଣାରେ ଉତ୍ତ୍ୟୋକ୍ତ

ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଦଙ୍ଗା ସୃଷ୍ଟି ହେଲା । ତଥ୍ୟ ଅନୁଯାୟୀ ପାଖାପାଖି ୨୦୦୦ ଲୋକ ମୃତ୍ୟୁବରଣ କରିଥିଲେ । ହଜାର ହଜାର ଲୋକ ବାସହରା ଓ ଖଣ୍ଡିଆଖାବରା ହେଲେ, କିନ୍ତୁ ପ୍ରଚାରିତ ହେଲା ଯେ – ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୋହଳ ମନୋବୃତି ନେବାରୁ ଏଭଳି ଏକ ଦଙ୍ଗା ବ୍ୟାପିଗଲା – ମୋଦି ଗୁଜୁରାଟ ସରକାରଙ୍କ ତରଫରୁ ତତ୍କ୍ଷଣାତ୍ କାର୍ଯ୍ୟ ଆରମ୍ଭ କରିଦେଇଥିଲେ । କେନ୍ଦ୍ର ସୁରକ୍ଷା ବାହିନୀର ସହାୟତା କୌଣସି ବିକ୍ଷୋପକାରୀଙ୍କୁ "ସୁଟ୍ ଏଟ୍ ସାଇଟ୍" ଦଙ୍ଗା ଅଚଂଳରେ ଲୋକଙ୍କୁ ସହାୟତା  ଦେବାରେ ଆପ୍ରାଣ ଚେଷ୍ଟା କରିଅଛନ୍ତି । ଯେହେତୁ ନରେନ୍ଦ୍ର ମୋଦି – ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଜଣେ ଶ୍ରେଷ୍ଠଭକ୍ତ । ଏହି ଦଙ୍ଗାର ଅଠା ବିରୋଧିଦଳ ନେତାମାନେ ବୋଳିବାକୁ ଏକ ସୁଗମ ପଥ ମିଳିଗଲା, ନିଜ ଦଳ ବିଜେପି ମଧ୍ୟ ନରେନ୍ଦ୍ର ମୋଦିଙ୍କୁ ଦୋଷାରୋପ କଲା । ଏକ୍ଷେତ୍ରରେ ଗଣମାଧ୍ୟମ, ମାନବିକ ଅଧିକାର ସଂସ୍ଥା, ବିରୋଧି ଦଳ ଏପରି ପ୍ରଚାରପ୍ରସାର କଲେ ଯେ – ଗୁଜୁରାଟ ସରକାର ଉଚ୍ଛିତ ସମୟରେ ଉଚ୍ଛିତ ପଦକ୍ଷେପ ନେଇନାହିଁ । 'କରସେବକ' ଯେ କି ଏକ ଭୟଙ୍କର ରୂପନେଲା ।

ଏଥିପାଇଁ ବିଜେପି ମେଟଂର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଓ ଭାରତ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏକ ତଦନ୍ତକାରୀ ସଂସ୍ଥା – ସ୍ପେସିଆଲ ଇନ୍‌ଭେଷ୍ଟିଗେସନ୍ ଟିମ୍ (SIT) ତଦନ୍ତକରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଲା । ଏକ ମୁସଲିମ ବ୍ୟକ୍ତି ହୋସନ ଜାଫର ଦଙ୍ଗାରେ ମୃତ୍ୟୁବରଣ କରିଥିବାରୁ ତାଙ୍କ ମା' ଜାଗିଆ ଜାଫିରି – ସୁପ୍ରିମକୋର୍ଟରେ ମଧ୍ୟ ଏକ କେସ୍ ଦାୟର କଲେ । ତତ୍କାଳୀନ ଗୁଜୁରାଟର ନରେନ୍ଦ୍ର ମୋଦି ସରକାର କୈଫୟତ ତଲବରେ କ'ଣ କ'ଣ ପଦକ୍ଷେପ ନେଇଅଛନ୍ତି ଜଣାଇଥିଲେ, ତାଙ୍କର କେତେଜଣ ମନ୍ତ୍ରୀଙ୍କ ନାମରେ ମଧ୍ୟ ଅଭିଯୋଗ ଆସିଥିଲା କିନ୍ତୁ – ତଦନ୍ତ କେସ୍ – ୨୦୧୩ ମସିହା ପର୍ଯ୍ୟନ୍ତ ଚାଲିଲା । ବାରମ୍ବାର ତର୍ଜମା ଓ ଅନୁଧ୍ୟାନ ଓ ତଦନ୍ତକାରୀ ସଂସ୍ଥା SITର ଅଧ୍ୟକ୍ଷ ରାଜୁ ରାମଚନ୍ଦ୍ରନ ତାଙ୍କର ତଦନ୍ତକାରୀ ରିପୋର୍ଟ ସୁପ୍ରିମ୍‌କୋର୍ଟରେ ଉପସ୍ଥାପନା କରି ରିପୋର୍ଟ ଦେଇଥିଲେ ନରେନ୍ଦ୍ର ମୋଦିଙ୍କ ବିରୁଦ୍ଧରେ ମାଜିଷ୍ଟ୍ରେଟ୍ କୋର୍ଟରେ କେସ୍ ଦାୟର କରାଯାଇପାରେ କିନ୍ତୁ ୨୦୦୩ ଡିସେମ୍ବର ମାସ ୧୩ ତାରିଖରେ କୋର୍ଟ ତାଙ୍କର ଜଜ୍‌ମେଟଂ ଦେଲେ ଯେ – SIT ର ଅନୁଧ୍ୟାନ ଓ ସାକ୍ଷ୍ୟ ପ୍ରମାଣରୁ ଜଣାଗଲା ଏହି ଦଙ୍ଗାରେ ମୋଦିଙ୍କର ସିଧାସଳଖ କିମ୍ବା ପରୋକ୍ଷରେ କୌଣସି ହାତ ନାହିଁ, କିନ୍ତୁ – ୨୦୦୭ ରୁ ୨୦୦୯ ମସିହା ପର୍ଯ୍ୟନ୍ତ ମନ୍ତ୍ରୀ ଭାବରେ (ମୋଦିଙ୍କ ଗୁଜୁରାଟ ମନ୍ତ୍ରୀମଣ୍ଡଳରେ) ମହିଳା ବିଧାୟିକା ମାୟା କୋଦାନାନୀ ଶ୍ରୋଧ୍ରା ହିଂସାକାଣ୍ଡରେ ୨୦୦୨ରେ ସଂଶ୍ଲିଷ୍ଟ ଥିଲେ ବୋଲି କୋର୍ଟ ସାକ୍ଷୀ ଓ ପ୍ରମାଣରୁ ଜାଣିପାରିଲେ, ତେଣୁ ତାଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଥିଲେ କିନ୍ତୁ ପରେପରେ ୨୦୧୩ ମସିହାରେ ତାଙ୍କର ଅପିଲ୍‌ରେ କୋର୍ଟ ତାଙ୍କୁ ରାଜକ୍ଷମା ଦେଇ ଆଜୀବନ ଜେଲଦଣ୍ଡରେ ଦଣ୍ଡିତକଲେ ଓ ସୁପ୍ରିମକୋର୍ଟ ନରେନ୍ଦ୍ର ମୋଦିଙ୍କୁ ନିର୍ଦ୍ଦୋଶରେ ଖଲାସ





Gujarat's response to challenge of Climate Change. ଗୁଜୁରାଟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉଦ୍ୟମକୁ – ଏ ଚିତ୍ରିତ କଫିଂ ଟେବୁଲ ପୁସ୍ତକରେ ଦର୍ଶାଇଛନ୍ତି । ଏହାର ମୁଖବନ୍ଧରେ କ୍ଲାଇମେଟଂ ଗ୍ରୁପ୍ ଲଣ୍ଡନର ସିଇଓ ଷ୍ଟିଭ୍ ହାୱାର୍ଡ – ଏହାକୁ Green Autobiography of Narendra Modi ଭାବେ ଚିତ୍ରଣ କରିଅଛନ୍ତି ।

ରାଜନୀତିର ବ୍ୟସ୍ତତା ଭିତରେ ନରେନ୍ଦ୍ର ମୋଦି ଭୁଲି ଯାଇନାହାଁନ୍ତି ସାରସ୍ୱତ ସାଧନାକୁ । ତାଙ୍କର ସାରସ୍ୱତ ସୃଷ୍ଟି – ୧୯୭୫ ମସିହାରୁ ୨୦୧୩ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ଯାହାକି ତାଙ୍କର ସୃଜନୀ ଭାବରେ ସ୍ୱୀକୃତି ଲାଭ କରିଅଛି ।

ନରେନ୍ଦ୍ର ମୋଦିଙ୍କ ଜୀବନୀ ପଣ୍ଡିକାର କ୍ରମବିକାଶ ଘଟିଥିଲା ଯେ ସେତେବେଳେ ଗୁଜୁରାଟ ମୁଖ୍ୟମନ୍ତ୍ରୀରୁ ଭାରତର ପ୍ରଧାନମନ୍ତ୍ରୀ ଭାବରେ ୨୦୧୪ ଓ ୨୦୧୮ରୁ ଅଦ୍ୟାବଧି ୨ଥର କାର୍ଯ୍ୟଭାର କରିଚାଲିଛନ୍ତି । ତାଙ୍କର ସାରସ୍ୱତ ଜୀବନୀ ପୁସ୍ତକ ବିଭିନ୍ନ ଆଚଂଳିକ ଭାଷା ସହିତ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପୁସ୍ତକ ପ୍ରକାଶିତ ହୋଇଅଛି ।

ଆମର ଶାସ୍ତ୍ରୀୟ ଓଡିଆ ଭାଷାରେ ନରେନ୍ଦ୍ର ମୋଦିଙ୍କର ଜୀବନୀ ପୁସ୍ତକ ମଧ୍ୟରେ –
ନରେନ୍ଦ୍ର ମୋଦିଙ୍କ ଜୀବନୀ କଥା –
ମୂଳହିନ୍ଦୀ – କିଶୋର ମକୱାଣା
ଓଡିଆ ଭାଷାନ୍ତର – ପ୍ରଫେସର ସୁରପ୍ରିୟା ମିଶ୍ର ଓ
ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି
ନମୋନାମା – ନରେନ୍ଦ୍ର ମୋଦିଙ୍କ ଜୀବନ ଓ ଦର୍ଶନ
କୃପାସାଗର ସାହୁ
ସମୟ ସମୟର କଥା – ମାଟିର ମଣିଷ ନରେନ୍ଦ୍ର ଦାମୋଦର ଦାସ ମୋଦି
ଅମରେଶ ବିଶ୍ୱାଳ
ରାଷ୍ଟ୍ରପୁରୁଷ – ନରେନ୍ଦ୍ର ମୋଦି
ପଣ୍ଡିତ ଦୈତାରୀ ମହାପାତ୍ର
ଆଦରଣୀୟ ପ୍ରଧାନମନ୍ତ୍ରୀ – ନରେନ୍ଦ୍ର ମୋଦି
ସୁସ୍ମିତା ସାହୁ
ଭାରତର ପ୍ରଧାନମନ୍ତ୍ରୀ – ନରେନ୍ଦ୍ର ମୋଦି
ଚନ୍ଦ୍ରମଣି ଭୂୟାଁ

ପ୍ରମୁଖ ତାଙ୍କର ଜୀବନୀ ପୁସ୍ତକ ରଚନାକରି ଓଡିଆ ସାହିତ୍ୟକୁ ରୁଦ୍ଧିମନ୍ତ କରିପାରିଛନ୍ତି ।

ପ୍ରେରଣାର ଉତ୍ସ । ମୋଦିଜୀଙ୍କ "ଜ୍ୟୋତିପୁଞ୍ଜ" ପୁସ୍ତକରେ ସ୍ଥାନ ଦେଇଛନ୍ତି କେତେଜଣ ସମର୍ପିତ ବ୍ୟକ୍ତିଙ୍କ ଜୀବନ ଗାଥା ।

ନରେନ୍ଦ୍ର ମୋଦି ନିଜ ସାହିତ୍ୟିକ ଜୀବନରେ ଯୋଉଁଥିପାଇଁ ପ୍ରତିଷ୍ଠାଲାଭ କରିଛନ୍ତି – ତାହା ହେଉଛି ତାଙ୍କର କବିତା ସଂକଳନ । ତାଙ୍କର ଦୁଇଗୋଟି କବିତା ସଂକଳନ ରହିଅଛି ।

ମୋଦିଜୀଙ୍କର କବିତା ସଂକଳନ – "ଏକଯାତ୍ରା", ସେ ଗୁଜୁରାଟୀ ଭାଷାରେ ୬୭ ଗୋଟି କବିତାକୁ ନେଇ ରଚିତ । ଏ ସଂକଳନର ପ୍ରାକ୍ କଥନରେ ନରେନ୍ଦ୍ର ମୋଦି ଲେଖିଛନ୍ତି – ଏ କବିତାଗୁଡିକ କୌଣସି ସାହିତ୍ୟିକ ଉତ୍କର୍ଷର ବାହକ ନୁହେଁ – ଏଗୁଡିକ ମୋର କଳ୍ପନାର ସ୍ୱଚ୍ଛ, ନିର୍ମଳ, ସ୍ରୋତସ୍ୱିନୀ । କବିତା ପୁସ୍ତକଟିରୁ ଅନୁମିତ ହୁଏ ଯେ – ଏହା ତାଙ୍କର ଜୀବନଯାତ୍ରାର ଏକ ସୂକ୍ଷ୍ମ ବିବରଣୀ । ନିଜର ବ୍ୟକ୍ତିଗତ ଯାତ୍ରା ସହ ନିଜର ଦାର୍ଶନିକ ସ ଆଧ୍ୟାତ୍ମିକ ଯାତ୍ରାକୁ ମଧ୍ୟ ସେ ଏଥିରେ ସାମିଲ କରିଅଛନ୍ତି ।

ପାଦଟୀକା – ପୃ – ୧୬୭/୧୬୮ – ନମୋନାମା
(ନରେନ୍ଦ୍ର ମୋଦିଙ୍କ ଜୀବନ ଓ ଦର୍ଶନ ) – କୃପାସାଗର ସାହୁ

ନରେନ୍ଦ୍ର ମୋଦି ଜଣେ ଆଶାବାଦୀ କବି, ଏହି ଆଶାବାଦକୁ ଆଶ୍ରୟକରି ଜୀବନର ସମସ୍ତ ଲକ୍ଷ୍ୟ ଓ ମାଇଲି ଖୁଟିଂକୁ ଅତିକ୍ରାନ୍ତ କରିଅଛନ୍ତି । ଆଶାବାଦକୁ ସକ୍ରିୟ କରିଛି ତାଙ୍କର ମଣିଷ ଓ ସମାଜପ୍ରତି ପ୍ରେମ ।

ନରେନ୍ଦ୍ର ମୋଦିଙ୍କର ଅନ୍ୟଏକ କବିତା ସଂକଳନ "ଧନ୍ୟ ଏଇ ଆଖି" – ଏଥିରେ ୬୭ ଗୋଟି କବିତାକୁ ସେ ସ୍ଥାନ ଦେଇଛନ୍ତି । ଆଦର୍ଶବୋଧ, ଜାତୀୟତା, ଦେଶପ୍ରେମ ତାଙ୍କ କବିତାରେ ପରିଲିଖିତ ହୋଇଥିଲା ।

ନରେନ୍ଦ୍ର ମୋଦିଙ୍କର ଗଳ୍ପ ସଂକଳନ 'ପ୍ରେମତୀର୍ଥ'କୁ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ କରିଅଛନ୍ତି – ଶିକ୍ଷା ପ୍ରଶାସକ ପ୍ରଶାନ୍ତ କୁମାର ମହାନ୍ତି ।

ନରେନ୍ଦ୍ର ମୋଦିଙ୍କର କବିତା ସଂକଳନ "ଏ ଜର୍ଣ୍ଣି" ଗୁଜୁରାଟୀ ପୁସ୍ତକକୁ ଇଂରାଜୀ ଭାଷାରେ ଅନୁବାଦ କରିଅଛନ୍ତି ରବିମନ୍ଥା ଓ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ କରିଛନ୍ତି – ଅଧିନ ଅଧ୍ୟାପକ ଡକ୍ଟର ସୁବାଷ ନାୟକ ।

ନରେନ୍ଦ୍ର ମୋଦିଙ୍କର କବିତା ସଂକଳନ – "ଧନ୍ୟ ଏଇ ଆଖି"କୁ ହିନ୍ଦୀ ଭାଷାରେ ଅନୁବାଦ କରିଛନ୍ତି ଡକ୍ଟର ଅଂଜନା ସନ୍ଧର । ଏହି ପୁସ୍ତକଟିକୁ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ କରିଅଛନ୍ତି ପ୍ରଫେସର ସୁରପ୍ରିୟା ମିଶ୍ର ଓ ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି ।

ନରେନ୍ଦ୍ର ମୋଦି ବାସ୍ତବିକ ଜଣେ ସାହିତ୍ୟିକ ଓ ଜଣେ ରାଜନେତା । ଗୁଜୁରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ସେ ଇଂରାଜୀରେ ଏକ ପୁସ୍ତକ ଲେଖିଛନ୍ତି – Convenient Action -





କଲେ । ନରେନ୍ଦ୍ର ମୋଦି ଖଲାସ ହେବାପରେ ତାଙ୍କର ମନୋବଳ ଯୋପରି ସୁଦୃଢ ହେଲା – ଆସ୍ତେ ଆସ୍ତେ ହିନ୍ଦୁ ଓ ମୁସଲମାନମାନଙ୍କର ମନୋଭାବରେ ପରିବର୍ତ୍ତନ ଆସିଲା । କିନ୍ତୁ ଯୋଉଁ ଆତଙ୍କବାଦୀମାନେ ଗୁଜୁରାଟରେ ଆତଙ୍କରାଜ ଚଳାଇଥିଲେ ତାହାର ପରିସମାପ୍ତି ଘଟିଲା । ପରେପରେ ବିରୋଧିଦଳ ତଥା ତାଙ୍କ ବିଜେପି ଦଳରେ ମୋଦି ବିରୋଧି ଦେଖାଦେଇଥିଲା । ଗୁଜୁରାଟରେ ଗ୍ରୋଧ୍ରା ହତ୍ୟାକାଣ୍ଡରେ ହିନ୍ଦୁମାନଙ୍କ ମଧ୍ୟରେ ବିସ୍ଫୋରକ ଆହ୍ୱାନ ଜାଗ୍ରତ ହୋଇଥିଲା । ଜୁଲାଇ ୯ ତାରିଖ ୨୦୦୨ ମସିହାରେ ମୋଦି ନିଜ କ୍ୟାବିନେଟର ଏକ ଜରୁରୀକାଳୀନ ନିଷ୍ପତି ପରେ ସାରାଦେଶରେ ବିଦ୍ରୋହ ବହ୍ନିରେ ଗୁଜୁରାଟର ନରେନ୍ଦ୍ର ମୋଦିଙ୍କ ବିଜେପି ସରକାର ରାଜ୍ୟପାଳ ଏସ୍.ଏସ୍. ଭଣ୍ଡାରୀଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବାସହ ମନ୍ତ୍ରୀମଣ୍ଡଳ ମଧ୍ୟ ଭାଙ୍ଗିଦେଲେ । ପରେପରେ ୨୦୦୨ ମସିହା ଓ ୨୦୦୭ ତଥା ୨୦୧୨ ମସିହାରେ ଗୁଜୁରାଟର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ଣ୍ଣସଂଖ୍ୟା ଗରିଷ୍ଠ ତା'ର ସହିତ ଲଗାତର ୪ଥର ମୁଖ୍ୟମନ୍ତ୍ରୀ ହୋଇ ଭାରତୀୟ ରାଜନୀତିରେ ନିଜର ନାମକୁ ସ୍ୱର୍ଣ୍ଣମଭାବରେ ବଜାୟ ରଖିଥିଲେ, ତାଙ୍କର ପ୍ରମୁଖ ସଚିବ ଥିଲେ, ଓଡିଆ ପୁଅ ତଥା ଗୁଜରାଟ କ୍ୟାଡରର ଆଇ.ଏ.ଏସ୍. ଅଫିସର ପି.କେ.ମିଶ୍ର ।

ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଗୁଜୁରାଟର ବିକାଶମୁଖି ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ – ତାଙ୍କ ସରକାର ଦୁର୍ନୀତି ଓ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଦୃଢହସ୍ତରେ ଦମନକରି ସରକାରୀ ଓ ସାଧାରଣ ସ୍ତରରେ କେକୁଆ ଭୟ ସୃଷ୍ଟି କରିଥିଲେ । କୃଷି, ମତ୍ସ୍ୟ ଓ ଜଳସେଚନକୁ ଅଗ୍ରାଧିକାର ଦେଇଥିଲେ, ଶିଳ୍ପପାଇଁ ବଡବଡ ଶିଳ୍ପପତିଙ୍କୁ ଗୁଜୁରାଟକୁ ନିମନ୍ତ୍ରଣ କରି ଯୋଉଁ ଜମି ଚାଷ ଜମି ନୁହେଁ ତାହାକୁ ଶିଳ୍ପପତିଙ୍କୁ ୧୦ଗୁଣ ଅଧିକରେ ବିକ୍ରିସହ ସେଠାକାର ଲୋକଙ୍କୁ ସେହି ଶିଳ୍ପରେ ଥଇଥାନ କରିବା ଓ ବିଦ୍ୟୁତ୍ ଶକ୍ତି ସମସ୍ତଙ୍କର ପାଖରେ ୨୪ଘଟାଂ ପହଚାଂଇବା ପି.କେ. ମିଶ୍ର (ଆଇ.ଏ.ଏସ୍. ଅଫିସର ଅବସର ପରେ – ଗୁଜୁରାଟ ରାଜ୍ୟର ଇଲେକ୍ଟ୍ରି ରେଗୁଲେଟର ବୋର୍ଡର ଅଧ୍ୟକ୍ଷ ଭାବରେ ଗୁଜୁରାଟକୁ ଇଲେକ୍ଟ୍ରିବହୁଳ ରାଜ୍ୟରେ ପରିଣତି କରାଇପାରିଥିଲେ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହଯୋଗ କ୍ରମେ) ମୁଖ୍ୟମନ୍ତ୍ରୀ ମୋଦି ସମସ୍ତ ତଥ୍ୟକୁ ନିଜେ ଅନୁଧ୍ୟାନ କରି ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ କରିଚାଲିଥିଲେ, ୨୦୦୭ରୁ ୨୦୧୨ ମୋଦିଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ଗୁଜୁରାଟରେ ତାଙ୍କର କର୍ମକୁଶଳତା ୨୦୦୮ ବେଳକୁ ୧,୧୩,୭୩୩ ଚେକ୍ ଡ୍ୟାମକରି ସମଗ୍ର ଗୁଜୁରାଟରେ କୃଷିର ଉନ୍ନତିପାଇଁ ପଥ ପରିଷ୍କାର କରିଦେଇଥିଲେ ।

ନରେନ୍ଦ୍ର ମୋଦିଙ୍କ କର୍ମକୁଶଳତା, ବିଦେଶୀ ପାଣ୍ଠି ରାଜ୍ୟରେ ବିନିଯୋଗରେ ବିକାଶ କରିବା, ଦୁର୍ନୀତିମୁକ୍ତ ସରକାର, ସାମାଜିକ ପରିବର୍ତ୍ତନ, ଆର୍ଥିକ ଉନ୍ନତି, ପ୍ରଶାସନରେ ନିଷ୍ଠା, କର୍ମତତ୍ପରତା ଆଦି ୨୦୧୨ରେ ପୁନଶ୍ଚ ମୋଦିଙ୍କୁ ବିପୁଳ ଭୋଟରେ ଗୁଜୁରାଟବାସୀ ବିଜୟୀ କରାଇ ୪ର୍ଥ ଥର

ଲଗାତର ମୁଖ୍ୟମନ୍ତ୍ରୀ ଆସନରେ ବସାଇଥିଲେ ।

ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜୁରାଟକୁ ଭାରତବର୍ଷର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା । ଜଣେ ହିନ୍ଦୁବାଦୀ, ଆଦର୍ଶ ପୁରୁଷ, ଜଣେ ମାଟିର ମଣିଷ, ଜଣେ ଚା' ବିକାଳୀର ସ୍ୱପ୍ନ, ଲକ୍ଷ୍ୟପୂରଣ ସେଥିପାଇଁ ମୋଦି କରିଥିଲେ ଅସାଧ ସାଧନା, ଅକ୍ଳାନ୍ତ ପରିଶ୍ରମ, କିପରି ତାକୁ ସଫଳ କରିବେ ସେହି ଅନୁଚିନ୍ତାରେ ଚାଲିଛି ସଂଗ୍ରାମ, ଏହି ମହାସଂଗ୍ରାମରେ କେତେଦୂର ସକ୍ଷମ ହେବେ ସମୟ ଆସିଯାଇଛି । କାରଣ ସେ ଏକା ତାଙ୍କର କାହାପ୍ରତି ଅଛି ଆସକ୍ତି, ପ୍ରିୟା ନା ପ୍ରୀତି ତଥା ସଂଗ୍ରାମ ତାଙ୍କର ସାରଥି । ସେବା ତାଙ୍କର ଲକ୍ଷ୍ୟ । ଭାରତର ଆଦର୍ଶ, ସ୍ୱାଭିମାନ, ପ୍ରତିରକ୍ଷା ତାଙ୍କର ସଂକଳ୍ପ । ଦୁର୍ନୀତି, ଶୋଷଣ ଓ ଗରିବ ହଟାଇବା ତାଙ୍କର ଲକ୍ଷ୍ୟ, କୃଷି, ଶିଳ୍ପ ଓ ଶକ୍ତିର ଉନ୍ନତି ତାଙ୍କର ଶପଥ । ଗରିବ ହଟିବ ସବୁ ମଣିଷ ଛିଡାହେବେ, ନୂତନ ଭାରତ ବିକଶିତ ହେବ ଏହା ତାଙ୍କର ଆଶା ଓ ଅଭିଳାଷ ।

ଠିକ୍ ଏହିଭଳି ଏକ ସମୟରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ତଥା ବିଜେପିର ଜନକ ଅଟଳ ବିହାରୀ ବାଜପାୟୀଙ୍କ ୫ବର୍ଷର ସରକାର ( ୧୯୯୯ - ୨୦୦୪) ଜନପ୍ରିୟ ସରକାରଙ୍କୁ ଭାରତୀୟ ଜନତା ପ୍ରତ୍ୟାଖ୍ୟାନ କରିବା - କଂଗ୍ରେସ ନେତୃତ୍ୱରେ ଡକ୍ଟର ମନମୋହନ ସିଂହ ପ୍ରଧାନମନ୍ତ୍ରୀ ହେବା (୨୦୦୪ - ୨୦୦୯) ଓ ପୁନଶ୍ଚ ୨୦୦୯ ମସିହା ସାଧାରଣ (ଲୋକସଭା) ନିର୍ବାଚନରେ ବରିଷ୍ଠ ବିଜେପି ନେତା - ପୂର୍ବତନ ଉପପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କ ନେତୃତ୍ୱରେ ବିଜେପି ନିର୍ବାଚନ ଲଢି ପରାଜିତ ହୋଇ ଭାରତରେ ବିରୋଧି ଦଳର ନେତା ଭାବରେ ଦୀର୍ଘ ୧୦ବର୍ଷ ଧରି କ୍ଷମତାଠାରୁ ଦୂରେଇଯିବା ସମୟରେ - ବିଜେପିର ମାର୍ଗଦର୍ଶକ - ଆର.ଏସ୍.ଏସ୍. ତଥା ବିଜେପିର ପ୍ରମୁଖ ନେତାଙ୍କ ପରାମର୍ଶ କ୍ରମେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୩ ମସିହା ମାର୍ଚ୍ଚ ୩୧ ତାରିଖରେ ପ୍ରଥମେ ବିଜେପି ପାର୍ଲ୍ୟାମେଟାଂରୀ ବୋର୍ଡ ଅଧକ୍ଷ ପଦବୀ ମିଳିଲା । ମୋଦି ହିଁ ନିଜକୁ ଜାତୀୟ ନେତା ଦୌଡରେ ନିଜର ଭାଗ୍ୟପରୀକ୍ଷା ପାଇଁ ପ୍ରଥମେ ସୁଯୋଗ ପାଇଲେ । ସେହି ସମୟରେ ବିଜେପିର ରାଷ୍ଟ୍ରୀୟ ସଭାପତି ଥିଲେ ରାଜନାଥ ସିଂହ ଏହାପରେ - ୨୦୧୪ ସାଧାରଣ (ଲୋକସଭା) ନିର୍ବାଚନ ପାଇଁ - ନରେନ୍ଦ୍ର ମୋଦିଙ୍କୁ ବିଜେପି ପ୍ରଚାରକମିଟି ଅଧକ୍ଷ ତଥା ଭାରତର ପ୍ରଧାନମନ୍ତ୍ରୀ ପଦବୀ ପାଇଁ ପ୍ରାର୍ଥୀ କରି ବିଜେପି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଲଢିବାକୁ ଯୋଜନା କରିଲେ । ୯ ଜାନୁୟାରୀ, ୨୦୧୪ ମସିହାରେ ଏପରିସ୍ଥଳେ - ଲାଲକୃଷ୍ଣ ଆଡଭାନୀ, ସୁଷମା ସ୍ୱରାଜ ପ୍ରମୁଖ ନେତା ଏହାକୁ ବିରୋଧ କରିଥିଲେ ଓ ଲାଲକୃଷ୍ଣ ଆଡଭାନୀ - ନରେନ୍ଦ୍ର ମୋଦିଙ୍କୁ ବିରୋଧକରି ବିଜେପିରୁ ଇସ୍ତଫା ମଧ ଦେଇଥିଲେ । ଏହାପରେ ଆର୍.ଏସ୍.ଏସ୍.ର ମୁଖ୍ୟ ମୋହନ ଭାଗବତଙ୍କ ସହ କଥାବାର୍ତା ପରେ ଆଡଭାନୀ ବିଜେପି ପାଇଁ କାର୍ଯ୍ୟ କଲେ, ୨୦୧୪ ମସିହା ମେ ୧୨ ତାରିଖରେ ଭାରତୀୟ ଜନଗଣଙ୍କ ରାୟରେ ନରେନ୍ଦ୍ର ମୋଦିଙ୍କ ବିଜେପି ତଥା ଜାତୀୟ ଗଣତାନ୍ତ୍ରିକ ମେଟଂ (ଏନ୍.ଡି.ଏ.) ସରକାର ଗଠନ





ସେହି ସମୟରେ "ଆରାମ" ପତ୍ରିକାରେ ମୋଦିଜୀଙ୍କ କ୍ଷୁଦ୍ର ଉପନ୍ୟାସମାନ ମଧ ପ୍ରକାଶିତ ହେଉଥିଲା । ପିଲାଦିନରେ ସେ ପିଲୁ ଫୁଲ (ହଳଦିଆ ଫୁଲ) ନାମକ ଏକ ନାଟକ ଲେଖିଥିଲେ - ଯାହାକି "ଅସ୍ପୃଶ୍ୟତା ଏକ ପାପ" ଏହି ସନ୍ଦେଶ ଦେଇଥିଲା । ନରେନ୍ଦ୍ର ମୋଦି ଏହି ନାଟକରେ ସେ ଅଭିନେତା ଭାବରେ ଅଂଶଗ୍ରହଣ କରିବା ସହ ସେ ନାଟକର ନିର୍ଦ୍ଦେଶନା ମଧ ଦେଇଥିଲେ । ପିଲାଟି ଦିନରୁ ମୋଦିଜୀଙ୍କ ସାହିତ୍ୟ ପ୍ରତିଭା ପରିସ୍ଫୁଟନ ହୋଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ ।

ଜରୁରୀକାଳୀନ ପରିସ୍ଥିତି ସମୟରେ ନରେନ୍ଦ୍ର ମୋଦି ଏକ ଛୋଟ ସମ୍ବାଦପତ୍ର "ସତ୍ୟବାଣୀ" ପ୍ରକାଶିତ କରୁଥିଲେ । ମୋଦିଜୀ ଅନିକେତ ଛଦ୍ମନାମରେ ସେ "ସାଧନା" ସାପ୍ତାହିକ ପାଇଁ ଗୋଟିଏ ସ୍ତମ୍ଭ ଲେଖୁଥିଲେ । ଏହି ସ୍ତମ୍ଭରେ ରାଜନୀତି, ସଂସ୍କୃତି ଓ ବ୍ୟକ୍ତିତ୍ୱ ଏହିପରି ବ୍ୟାପକ ବିଷୟରେ ଲିଖିତ ହେଉଥିଲା । ମୋଦିଜୀଙ୍କର ଏଥିରୁ ତାଙ୍କର ସାରସ୍ୱତ ପ୍ରତିଭାର ବିକାଶ ଦିଗରେ ସମ୍ବାଦପତ୍ର ଅବା ପତ୍ରିକା ଅଗ୍ରସର ଭୂମିକା ନେଉଥିଲା ।

ମରାଠି ଲେଖକ ବତୋପନ୍ତ ଥୋଙ୍ଗାଡିଙ୍କ ମରାଠି ପୁସ୍ତକ "ସମ୍ରଷ୍ଟ ଶିବାୟ ସମତା ଅକ୍ଷୟ" ପୁସ୍ତକଟିକୁ ନରେନ୍ଦ୍ର ମୋଦି ଗୁଜୁରାଟୀ ଭାଷାରେ ଅନୁବାଦ କରି ଜଣେ ଅନୁବାଦକ ଭାବରେ ଗୁଜୁରାଟୀ ସାହିତ୍ୟ ବିକାଶରେ ନିଜର ସ୍ୱାକ୍ଷର ଛାଡିଦେଇ ଯାଇଛନ୍ତି ।

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର.ଏସ୍.ଏସ୍.)ର ଦ୍ୱିତୀୟ ସରସଙ୍ଗ ସଚାଂଳକ ଲକ୍ଷ୍ମଣରାଓ ଇନାମଦାର ବା ଓକିଲ ସାହେବ ଯେକି ମୋଦିଜୀଙ୍କୁ ସଂଘର ସ୍ୱୟଂ ସେବକ (ବାଳ ସ୍ୱୟଂ ସେବକ) ଭାବରେ ତିଆରି କରିଥିଲେ । ମୋଦିଜୀ ତାଙ୍କୁ ଗୁରୁଜୀ ବୋଲି ମାନିଥାନ୍ତି । ଗୁରୁଜୀ ସଂଘର କାର୍ଯ୍ୟକ୍ରମରେ ସବୁଆଡେ ବୁଲୁଥିବା ସମୟରେ ମୋଦିଜୀଙ୍କୁ ଶହଶହ ଚିଠି ମରାଠି, ହିନ୍ଦୀ ଓ ଇଂରାଜୀରେ ଲେଖିଥିଲେ । ମୋଦିଜୀ ଏହାକୁ ଅନୁବାଦ କରି (ଗୁଜୁରାଟୀ ଭାଷାରେ) "ପତ୍ରରୂପି ଶ୍ରୀଗୁରୁଜୀ" ନାମରେ ପୁସ୍ତକଟି ପ୍ରକାଶ କରିଅଛନ୍ତି ।

ନରେନ୍ଦ୍ର ମୋଦି ତାଙ୍କର ଗୁରୁ ଲକ୍ଷ୍ମଣରାଓ ଇନାମଦାର ବା ଓକିଲ ସାହେବ ଗୁଜୁରାଟରେ ୪୩ ବର୍ଷ ଧରି ସଂଘର ସଂଚାରକ ଥିଲେ । ତାଙ୍କର ସମୟ ଓ ଜୀବନକୁ ନେଇ ଏକ ପୁସ୍ତକ "ସେତୁବନ୍ଧ" ଗୁଜୁରାଟୀ ଭାଷାରେ ଲେଖିଥିଲେ ନରେନ୍ଦ୍ର ମୋଦି, ତାଙ୍କ ସହିତ ସହଯୋଗୀ ଲେଖକ ଥିଲେ ରାଜା ସାହେବ ନେନେ ।

ନରେନ୍ଦ୍ର ମୋଦିଙ୍କର ଆଉ ଏକ ବଳିଷ୍ଠ ଅବଦାନ "ଜ୍ୟୋତିପୁଞ୍ଜ" ପୁସ୍ତକ । ଷୋହଳ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଉପରେ ସେ ତାଙ୍କ ଜୀବନୀକୁ ନେଇ ଏ ପୁସ୍ତକଟିକୁ ଗୁଜୁରାଟୀ ଭାଷାରେ ଲେଖିଥିଲେ । ମୋଦିଜୀ ସେମାନଙ୍କର ସ୍ନେହ ଓ ସହାନୁଭୂତିରେ ମୁଗ୍ଧ ହୋଇଥିଲେ । ଦୁନିଆଁରେ ଏପରି ବ୍ୟକ୍ତି ଅଛନ୍ତି - ଯେଉଁମାନେ ପର ଉପକାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥାଆନ୍ତି ସେମାନେ ଜନସାଧାରଣଙ୍କ

## ନରେନ୍ଦ୍ର ମୋଦିଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତରଣ

ନରେନ୍ଦ୍ର ମୋଦିଙ୍କ ସାହିତ୍ୟିକ ଜୀବନ ଦ୍ୱିବିଧାକାରକ - ସେ ଯେପରି ଜଣେ ସୃଷ୍ଟିଶାଳୀ ସାରସ୍ୱତ ସାଧକ ଠିକ୍ ସେହିପରି ତାଙ୍କର ଜୀବନୀ ବସ୍ତୁତଃ ରାଜନୈତିକ ଜୀବନକୁ ନେଇ ଅନେକ ଲେଖକ ସାରସ୍ୱତ ସୃଷ୍ଟି କରିଅଛନ୍ତି । କହିବାକୁ ଗଲେ ତାଙ୍କ ସୃଜନୀ ଓ ଜୀବନୀକୁ ନେଇ ସାରସ୍ୱତ ଋଦ୍ଧିମନ୍ତ ।

ତେଲ ଲୁଣର ସଂସାର ମଧ୍ୟରେ ନରେନ୍ଦ୍ର ମୋଦି ବହୁତ ଗରିବ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ମା ସରସ୍ୱତୀଙ୍କର ସେ ଥିଲେ ଜଣେ ଉପାସକ । ପରିବାର ସଂସାରକୁ ପରିତ୍ୟାଗ କରିଥିବା ଜଣେ ସନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ । ବାପା ମାଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ବାଲୁତ ବିବାହ କରି ସ୍ତ୍ରୀଙ୍କୁ ମୁକ୍ତିପ୍ରଦାୟୀ କରି ମୋଦିଜୀ ହିମାଳୟ ପାଦଦେଶରେ ତପସ୍ୟା କରିବାକୁ ଚାଲିଗଲେ । ମାତ୍ର ସାଧନାରୁ ସିଦ୍ଧିଲାଭ କରି ତିନିବର୍ଷ ପରେ ମୁଁ ମା ମାଟିର ମମତାକୁ ଭୁଲିନପାରି ଜନ୍ମମାଟିକୁ ଫେରିଆସି ବିଦ୍ୟାଳୟସ୍ତରୀୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇ - ବାଳ ସ୍ୱୟଂ ସେବକ ଭାବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର.ଏସ୍.ଏସ୍.)ରେ ଯୋଗଦାନ କରି ନିଜକୁ କିଶୋର ବୟସରେ ରାଷ୍ଟ୍ରନିର୍ମାଣରେ ସହାୟକ କରିପାରିଲେ ।

ପରବର୍ତୀ ସମୟରେ ଗୁଜୁରାଟରେ ସାମାଜିକ ଅନୁଷ୍ଠାନ ସହିତ ନିଜକୁ ସାମିଲକରି ସେଠିକାର ସାଂଗଠନିକ ଦାୟିତ୍ୱ ନିର୍ବାହ ସହ ଦେଶରେ ତଥା ଗୁଜୁରାଟ ପ୍ରଦେଶରେ ଜାତୀୟ ଜରୁରୀ ପରିସ୍ଥିତି ସମୟରେ ୨୩ ଦିନ କାଳ ଗୁପ୍ତ ଭାବରେ ପଳାୟନପନ୍ଥୀ ଥିବା ସମୟରେ ସେ ପ୍ରଥମେ "ସଂଘର୍ଷ ମା ଗୁଜୁରାଟ" ପୁସ୍ତକ ଗୁଜୁରାଟୀ ଭାଷାରେ ମାତ୍ର ୨୫ ବର୍ଷ ବୟସରେ ନିଜର ସାରସ୍ୱତ ଯାତ୍ରାରମ୍ଭ କରିଥିଲେ - ୧୯୭୫ ମସିହାରେ । ତତ୍‌ଦିନଠାରୁ ୨୦୧୩ ପର୍ଯ୍ୟନ୍ତ ତାଙ୍କର ସାରସ୍ୱତ ସୃଷ୍ଟି (ସୃଜନୀ) ତଥା ଅଦ୍ୟାବଧି ୨୦୨୦ ମସିହା ପର୍ଯ୍ୟନ୍ତ ମୋଦିଜୀଙ୍କର ଜୀବନୀ (ରାଜନୈତିକ) ସାରସ୍ୱତ ସମ୍ଭାର ଦୀର୍ଘ ୪୫ ବର୍ଷ ଅର୍ଦ୍ଧ ଶତାବ୍ଦୀର ଇତିହାସ କହିଲେ ଅତ୍ୟୁକ୍ତି ହେବନାହିଁ ।

ମୋଦିଜୀଙ୍କ ପ୍ରଥମ ପୁସ୍ତକ 'ସଂଘର୍ଷ ମା ଗୁଜୁରାଟ'ରେ ଜରୁରୀକାଳୀନ ପରିସ୍ଥିତିରେ ଅଣକଂଗ୍ରେସ ସରକାର ଥିବା ଗୁଜୁରାଟର ଅବସ୍ଥା କିପରି ଥିଲା, ତାହା ସେ ଲେଖିଛନ୍ତି - ତିରିଶ ମାସ ଧରି କିପରି ଗଣତନ୍ତ୍ର ପାଇଁ ଗୁଜୁରାଟରେ ସଂଗ୍ରାମ ଚାଲିଥିଲା ଏଥିରେ ବର୍ଣ୍ଣିତ ଅଛି । ଏହି ବହିଟିକୁ ମାତ୍ର ତେଇଶି ଦିନରେ ସେ ନିଜର ସ୍ମୃତିରୁ ଲେଖିଥିଲେ ।

ସତୁରୀ ଦଶକରେ ଗୁଜୁରାଟୀ ପତ୍ରିକା "ଚାନ୍ଦନୀ" ପାଇଁ ସେ କ୍ଷୁଦ୍ରଗଳ୍ପ ଲେଖିଥିଲେ, ପରବର୍ତୀ ସମୟରେ ବାରଗୋଟି କ୍ଷୁଦ୍ରଗଳ୍ପକୁ ନେଇ ତାଙ୍କର ଗଳ୍ପ ସଂକଳନ "ପ୍ରେମତୀର୍ଥ" ନାମକ ପୁସ୍ତକ ସଂକଳିତ ହୋଇଅଛି । ଏହି ଗଳ୍ପ ସଂକଳନଟି ଅନେକ ଭାରତୀୟ ଭାଷାରେ ମଧ୍ୟ ଅନୁବାଦ ହୋଇଅଛି ।





କଲା ଓ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେଲେ ଏବଂ କଂଗ୍ରେସ ବିରୋଧିଦଳ ନେତା ଆସନରେ ବସିଲେ, ସେହିଦିନ ଠାରୁ ଭାରତର ଏକ ନୂତନ ଯୁଗର ଆରମ୍ଭ ହେଲା କହିଲେ ଅତ୍ୟୁକ୍ତି ହେବନାହିଁ

୧ ଜୁନ - ୨୦୧୪ ମସିହାରେ ଭାରତୀୟ ସଂସଦ ଭବନରେ ପ୍ରବେଶ ସମୟରେ ନରେନ୍ଦ୍ର ମୋଦି ମୁଣ୍ଡଲଗାଇ ସଂସଦ ଭବନକୁ ପ୍ରଣିପାତ କରିଲେ - ଯୁବସମାଜକୁ ଆହ୍ୱାନ ଓ ଏକ ବୀପ୍ଲବର ଜୟବୋଲି କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ମନ୍ତ୍ରୀମଣ୍ଡଳରେ ଦୁଇଜଣ ଓଡିଆଙ୍କୁ ସ୍ଥାନ ଦେଇଥିଲେ । ଓଡିଶାରୁ ମାତ୍ର ୧ଜଣ ସାଂସଦ ଜୁଏଲ ଓରାମ ସୁନ୍ଦରଗଡ ଲୋକସଭାରୁ ବିଜେପିରୁ ବିଜୟୀହୋଇ କେନ୍ଦ୍ର ଆଦିବାସୀ ବ୍ୟାପାର କ୍ୟାବିନେଟ୍ ମନ୍ତ୍ରୀ ହେବା ସହ ଓଡିଆ ପୁଅ - ବିହାର ରାଜ୍ୟରୁ ରାଜ୍ୟସଭା ସାଂସଦ ଧର୍ମେନ୍ଦ୍ର ପ୍ରଧାନ - କେନ୍ଦ୍ର ପେଟ୍ରୋଲିୟମ୍ ରାଷ୍ଟ୍ରମନ୍ତ୍ରୀ ଓ ପରେ - କ୍ୟାବିନେଟ୍ ମନ୍ତ୍ରୀ ଭାବରେ ମୋଦି ସରକାରରେ କାର୍ଯ୍ୟ କରିଅଛନ୍ତି ।

ଏତଦବାଦ ଓଡିଆ (ଆଇ.ଏ.ଏସ୍.) ଅଫିସର ଡକ୍ଟର ପ୍ରମୋଦ କୁମାର ମିଶ୍ର - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅତିରିକ୍ତ ପ୍ରମୁଖ ସଚିବ ସହ ଗିରିଶ୍ ଚନ୍ଦ୍ର ମୁର୍ମୁ । ଶଶିକାନ୍ତ ଦାସ, ମହେଶ୍ୱର ସାହୁ ପ୍ରମୁଖ ମୋଦିଙ୍କ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟରେ ପ୍ରମୁଖ ପଦବୀରେ ରଖି ରାଷ୍ଟ୍ରସେବାରେ ନିଜକୁ ଉତ୍ସର୍ଗ କରିଅଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସର୍ବପ୍ରଥମ କରି ନିଜ ଦଳ - ବିଜେପିର ନେତାଙ୍କୁ - ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ଉପରାଷ୍ଟ୍ରପତି - ଭେଙ୍କିଆ ନାଇଡୁଙ୍କୁ ନିର୍ବାଚିତ କରି ପଦବୀରେ ଆସୀନ କରିବାସହ ବିଜେପିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଭାରତର ସର୍ବୋଚ୍ଚ ବେସାମରିକସମ୍ମାନ "ଭାରତରତ୍ନ"ରେ ସମ୍ମାନୀତ କରିପାରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ସ୍ୱାଧିନତା ଦିବସ ଉପଲକ୍ଷେ ପ୍ରଥମ ରାଷ୍ଟ୍ରକୁ ଭାଷଣରେ କହିଥିଲେ -

ମୁଁ ଭାରତର ପ୍ରଧାନମନ୍ତ୍ରୀ ନୁହେଁ - ପ୍ରଧାନସେବକ
ଏ ଦେଶର ସ୍ୱାଧିନତା ଆଣିଛନ୍ତି ଆମ କୃଷକ ଓ ଶ୍ରମିକ
ସବୁ ପରିବାର ହାତରେ ବ୍ୟାଙ୍କ ଆକାଉଟଂ ଖାତା ସହ
ଏକ ଲକ୍ଷ ଟଙ୍କାର ବୀମା ସୁବିଧା (ଜୀବନବୀମା)
ସଂସଦମାନଙ୍କୁ ଆଦର୍ଶ ଗ୍ରାମ ନିର୍ମାଣର ଦାୟିତ୍ୱ
ଉଚ୍ଛେଦ ହେବ ଯୋଜନା ଆୟୋଗ
ହେବ ନୀତି ଆୟୋଗ

ଭାରତ ହେବ ବିଶ୍ୱର ଶ୍ରେଷ୍ଠ ନିର୍ମାଣ କେନ୍ଦ୍ର
ଭାରତୀୟ ଓ ବିଦେଶୀ ପୁଞ୍ଜି ନିବେଶକାରୀଙ୍କୁ ଆହ୍ୱାନ
ଡିଜିଟାଲ ଇଣ୍ଡିଆ ଓ ଇ-ଗର୍ଭର୍ଣ୍ଣାଂସ୍ ଦେଶ ଗଢିବି
ଭାରତରେ ୬୫% ଯୁବବର୍ଗଙ୍କ ସହଯୋଗ ଓ
କଠିନ ପରିଶ୍ରମ କରିବାକୁ ଆହ୍ୱାନ ।
ମେକ୍ ଇନ ଇଣ୍ଡିଆ ଓ ମେଡ ଇନ ଇଣ୍ଡିଆରେ ବିଶ୍ୱାସ
ଅକ୍ଟୋବର-୨-୨୦୧୪ରୁ ୨୦୧୯ ୫ବର୍ଷ
ମଧ୍ୟରେ ମହାତ୍ମାଗାନ୍ଧୀଙ୍କ ସ୍ୱଚ୍ଛ ଭାରତ ପରିକଳ୍ପନା
ସବୁ ଗ୍ରାମ ଓ ସହର ସ୍ୱଚ୍ଛ ହେବ ।

ଭାରତର ଆର୍ଥିକ ସଂସ୍କାର ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଭିମୁଖ୍ୟ -

ଭାରତୀୟ ଅର୍ଥନୀତିକୁ ସଜାଡିବାକୁ ହେଲେ ଆମ ସରକାରକୁ କଠୋର ପଦକ୍ଷେପ ଗ୍ରହଣ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ଏଣୁ ଆମକୁ ଅର୍ଥନୀତିର ପ୍ରଗତିପାଇଁ କେତେଗୋଟି ନିଷ୍ପତି ନେବାକୁ ହେବ । ଏଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାପାଇଁ ମୋଦି ଅନେକ ମତ ରଖିଛନ୍ତି । ସେଥିରୁ କେତେଗୋଟି ସଂସ୍କାରମୂଳକ ପଦକ୍ଷେପ ଯଥା -

**୧. ଇନ୍ଧନ ସବ୍‌ସିଡ ସଂସ୍କାର -**

ପେଟ୍ରୋଲ ମୂଲ୍ୟ ନିୟନ୍ତ୍ରଣ ହେବାପରେ ସରକାର ଏବେ ଡିଜେଲ ଉପରେ ଦୃଷ୍ଟି ପକାଇଛନ୍ତି । ତେଣୁ ଏହାର ମୂଲ୍ୟ ନିୟନ୍ତ୍ରଣ କରାଯାଇପାରେ ସେହିପରି ଏଲପିଜି - ଗ୍ୟାସର ଦରବୃଦ୍ଧି ଓ ବାର୍ଷିକ କୋଟା ହ୍ରାସ କରାଯିବା ଉପରେ ପଦକ୍ଷେପ ନିଆଯାଇପାରେ ।

**୨. ଖାଦ୍ୟବିଲ ସଂଶୋଧନ -**

ଖାଦ୍ୟବିଲକୁ ସଂଶୋଧନ ପାଇଁ ସରକାର ଅନେକ ପଦକ୍ଷେପ ନେଇଅଛନ୍ତି । କେବଳ ଗରିବ ଲୋକଙ୍କୁ ଗୁରୁତ୍ୱ ଦିଆଯାଇ ଖାଦ୍ୟଶସ୍ୟ ବଟଂନ କରାଯିବା ଉପରେ ବିଚାର କରାଯାଇପାରେ । ଦେଶର ଦୁଇ-ତୃତୀୟାଂଶ ଲୋକଙ୍କୁ ରିହାତି ଦରରେ ଖାଦ୍ୟ ଯୋଗାଇ ଦେବାକୁ ବିଲ୍‌ରେ ବ୍ୟବସ୍ଥା ରହିଅଛି ।

**୩. ସାର ସବ୍‌ସିଡ କାଟ -**

କୃଷକ ଦେଶର ମେରୁଦଣ୍ଡ । କୃଷକଙ୍କୁ ସବ୍‌ସିଡରେ ସାର ଯୋଗାଇଦେବା ଫଳରେ ଅର୍ଥନୀତିରେ ଏହା ଉପରେ ନାକରାତ୍ମକ ପ୍ରଭାବ ପଡୁଅଛି - ତେଣୁ ଏହି ବୋଝ ହାଲୁକା କରିବାପାଇଁ ସରକାର ବିଚାର କରିପାରନ୍ତି । ଅତ୍ୟାଧିକ ବ୍ୟବହୃତ ୟୁରିଆ ସାରର ମୂଲ୍ୟବୃଦ୍ଧି ଘଟିପାରେ ।





କାଳର କରାଳଚକ୍ରରେ କାଳିନ୍ଦୀଚରଣ ପାଣିଗ୍ରାହୀ ୧୫ ମେ - ୧୯୯୧ରେ ୯୦ ବର୍ଷ ବୟସରେ ଦେହତ୍ୟାଗ କରିଲେ ସତ କିନ୍ତୁ ତାଙ୍କର ସାରସ୍ୱତ ପ୍ରତିଭା ଓଡିଆ ସାହିତ୍ୟ ବଚିଂଥିଲା ପର୍ଯ୍ୟନ୍ତ ଅମର ହୋଇ ରହିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ପ୍ରେମଚାନ୍ଦ, ରବୀନ୍ଦ୍ର ସାହିତ୍ୟରେ ବିଶ୍ୱମୈତ୍ରୀ, ଲାବଣ୍ୟବତୀରେ ଉପେନ୍ଦ୍ରଭଞ୍ଜ, ମଥୁରାମଙ୍ଗଳ ସମାଲୋଚନା, କହି ପୁଛି ଜାଣେ ଯେ – ଦିନଲିପି (ଅପ୍ରକାଶିତ) ଓଡିଆ ସାହିତ୍ୟର ପରମ୍ପରା, ଓଡିଆ ନାଟକ ଓ ରଙ୍ଗମଂଚର ଐତିହାସିକ ଅଭ୍ୟୁତ୍‌ଥାନ, ଦକ୍ଷିଣାୟନ, ଆଧୁନିକା ନାରୀ ପ୍ରଭୃତି ପ୍ରବନ୍ଧ – କାଳିନ୍ଦୀଚରଣଙ୍କୁ ଶ୍ରେଷ୍ଠ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଅଛି ।

ପାଦଟୀକା – ପୃ – ୯୪ (ପ୍ରବନ୍ଧାବଳୀ) – କାଳିନ୍ଦୀଚରଣ ପାଣିଗ୍ରାହୀ

ଡକ୍ଟର ଆଦିକନ୍ଦ ସାହୁ

ପ୍ରଫେସର ମଧୁସୂଦନ ପତି – ଇଂରାଜୀ ଭାଷାରେ "Kalandi Charan Panigrahi" ପୁସ୍ତକଟିକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପ୍ରକାଶ କରିଅଛି ।

ପ୍ରାଚୀନ ଓ ନବୀନ ଉଭୟ ଶ୍ରେଣୀର ଶ୍ରେଷ୍ଠ ସାହିତ୍ୟିକ ଭାବରେ ସତ୍ୟବାଦୀ ଯୁଗଠାରୁ ଅଦ୍ୟାବଧି କାଳିନ୍ଦୀଚରଣ ସାହିତ୍ୟ ସାଧନାରତ ଓ ପ୍ରଶଂସା ତଥା ବହୁ ଯଶର ଅଧିକାରୀ ।

ଓଡିଆ ସାହିତ୍ୟ କ୍ଷେତ୍ରରେ କାବ୍ୟ, କବିତା, ନାଟକ, ପ୍ରବନ୍ଧ, ଗଳ୍ପ, ଉପନ୍ୟାସ ପ୍ରତ୍ୟେକଟି ଦିଗରେ କାଳିନ୍ଦୀଚରଣ ଲେଖନୀ ଚାଳନାକରି ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ଦୃଷ୍ଟିରୁ ସେ ଓଡିଆ ସାହିତ୍ୟର ଏକ ବିଶେଷ ଆସନର ଅଧିକାରୀ ।

୧୯୭୧ ମସିହାରେ ଭାରତ ସରକାରଙ୍କ ମହାମହିମ ରାଷ୍ଟ୍ରପତି କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ଭାରତୀୟ ନାଗରିକ ସମ୍ମାନ 'ପଦ୍ମଭୂଷଣ' ଉପାଧିରେ ଭୂଷିତ କରିଛନ୍ତି । ଜଣେ ସାହିତ୍ୟିକ ଭାବରେ ତାଙ୍କର ଓଡିଆ ସାହିତ୍ୟ ସର୍ବୋପରି ଭାରତୀୟ ସାହିତ୍ୟକୁ ଅବଦାନ ପାଇଁ ଏ ସମ୍ମାନର ସେ ଅଧିକାରୀ ଅଟନ୍ତି ।

ପୁନଶ୍ଚ ଭାରତ ସରକାରଙ୍କ ସର୍ବୋଚ୍ଚ ସାରସ୍ୱତ ଅନୁଷ୍ଠାନ ଭାରତୀୟ ସାହିତ୍ୟ ଏକାଡେମୀ – କାଳିନ୍ଦୀଚରଣ ପାଣିଗ୍ରାହୀଙ୍କୁ ଏକାଡେମୀର ସର୍ବୋଚ୍ଚ ସମ୍ମାନ ଏକାଡେମୀ ଫେଲୋ (ମହତର ସଦସ୍ୟ) ପ୍ରଦାନକରି ତାଙ୍କ ସାହିତ୍ୟିକ ପ୍ରତିଭାକୁ ସ୍ୱୀକୃତି ପ୍ରଦାନ କରିଅଛନ୍ତି ।

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କର ସମଗ୍ର ସାରସ୍ୱତ କୃତୀକୁ ସମ୍ମାନ ପ୍ରଦର୍ଶନ ପୂର୍ବକ ସମ୍ବଲପୁର ବିଶ୍ୱବିଦ୍ୟାଳୟ (୧୯୭୬) ମସିହାରେ ତାଙ୍କୁ ସାହିତ୍ୟରେ ସମ୍ମାନସୂଚକ ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍.) ଡିଗ୍ରି ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ଓଡିଶାର ମହାମହିମ ରାଜ୍ୟପାଳ ପ୍ରଦାନ କରିଅଛନ୍ତି

ବାସ୍ତବିକ୍ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତୋରଣ ବିଶେଷ ଭାବରେ ପ୍ରାକ୍ ସ୍ୱାଧିନତା ଓ ସ୍ୱାଧିନତାତୋର ଉଭୟର ଯୁଗ୍ମ ସମ୍ମିଶ୍ରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଏଭଳି ଭାଗ୍ୟ ଖୁବ୍ କମ୍ ସାହିତ୍ୟିକଙ୍କ ଜୀବନରେ ଆସିଥାଏ ।





**୪. ନୂଆ ଓ ଅଧିକ ଟିକସ ବ୍ୟବସ୍ଥା –**

ମୋଦି ସରକାର ଅର୍ଥନୀତିରେ ସୁଧାର ଆଣିବାଲାଗି ଆୟ ଉପରେ ଗୁରୁତ୍ୱ ପ୍ରଦାନ କରିଥାନ୍ତି । ଏଥିପାଇଁ ନୂଆ ଟିକସ ସହ ଟିକସରେ ବୃଦ୍ଧି ଘଟାଇପାରନ୍ତି । ଏହାଦ୍ୱାରା କର୍ପୋରେଟ୍ କ୍ଷେତ୍ର ଧିମା ରହିଯାଏ ।

**୫. ଖର୍ଚ୍ଚକାଟ –**

ସରକାର ବର୍ତମାନ ରାଜସ୍ୱ ନିଅଟଂ ଦେଇ ଗତି କରୁଥିବାରୁ ଖର୍ଚ୍ଚକାଟ ଉପରେ ପ୍ରାଧାନ୍ୟ ଦିଆଯିବ ।

**୬. ବ୍ୟାଙ୍କର ସମ୍ମିଶ୍ରଣ –**

ରାଷ୍ଟ୍ରାୟତ ବ୍ୟାଙ୍କଗୁଡିକୁ ମିଶ୍ରଣ କରାଯାଇ ବୃହତ ବ୍ୟାଙ୍କ ଗଠନ କରାଯିବ ।

**୭. ଜମିବିଲ ସଂଶୋଧନ –**

ସରକାର ଜମିବିଲରେ ସଂଶୋଧନ ଆଣିପାରନ୍ତି – ଠିକ୍ ଭାବରେ କାର୍ଯ୍ୟ ନକରିଲେ ଭିତିଭୂମି ବିକାଶ ଓ ଶିଳ୍ପାୟନ ବିକାଶରେ ବାଧା ଆସିବାର ସମ୍ଭାବନା ରହିଅଛି ।

**୮. ଶ୍ରମ ସଂସ୍କାର –**

ନିଯୁକ୍ତି ସୃଷ୍ଟି ଓ ନିବେଶକୁ ଆକୃଷ୍ଟ କରିବା ପରିପ୍ରେକ୍ଷୀରେ ଶ୍ରମକ୍ଷେତ୍ରରେ ସଂସ୍କାର ଆଣିବାକୁ ନିଷ୍ପତି ହୋଇଅଛି । ସେହିପରି ଦେଶରେ ନିଯୁକ୍ତି ସୃଷ୍ଟିରେ ମଧ ମୋଦି ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି ।

**୯. ରେଳଭଡ଼ା ବୃଦ୍ଧି –**

ରାଜସ୍ୱ ବୃଦ୍ଧିପାଇଁ ସରକାରଙ୍କର ପ୍ରମୁଖ ବିଚାର ଆୟବୃଦ୍ଧି, ତେଣୁ ରେଳଭଡ଼ା ବଢିବା ଉପରେ ସରକାର ଗୁରୁତର ସହ ଚିନ୍ତା କରୁଅଛନ୍ତି ।

**୧୦. ଏମ୍.ଏସ୍ ରେ ସ୍ୱଳ୍ପ ବୃଦ୍ଧି –**

ଖାଦ୍ୟ ସବ୍‌ସିଡ ବିଲ୍ ଓ ମୁଦ୍ରାସ୍ଥିତିକୁ ପରିଚାଳନା କରିବାପାଇଁ ସରକାର କୃଷିକ୍ଷେତ୍ର ଉପରେ ଗୁରୁତ୍ୱ ସହ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ୱଳ୍ପ ପରିମାଣରେ ବୃଦ୍ଧି କରିପାରନ୍ତି ।

ଏତଦ୍‌ବାଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥନୀତି ପାଇଁ କେତେକ ଐତିହାସିକ ପଦକ୍ଷେପ ନେଇ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ।

**ନୋଟବନ୍ଦୀ -----**

ଭାରତରେ କଳାଟଙ୍କା ଉପରେ ଏହା ଏକ ପ୍ରହାର କହିଲେ ଅତ୍ୟୁକ୍ତି ହେବନାହିଁ । ମଧରାତ୍ରୀର କଳାଟଙ୍କାକୁ ହଟାଇବା ପାଇଁ ସେ ନୋଟବନ୍ଦୀ ଭଳି କଠୋର ନିଷ୍ପତି ନେଇଛନ୍ତି

। ହଜାର ହଜାର ଲକ୍ଷକୋଟି ଏହାଦ୍ୱାରା ଦେଶର ଅର୍ଥନୀତିରେ ବିକାଶରେ ସହାୟକ ହୋଇପାରିଛି ।

**ଗୁଡ ସର୍ଭିସ୍ ଟ୍ୟାକ୍ସ (ଜି.ଏସ୍.ଟି) -----**

ଏକ ଦେଶ ଭାରତ ନ୍ୟାୟରେ ଦ୍ରବ୍ୟ ଓ ସେବା ଟ୍ୟାକ୍ସ (ଜି.ଏସ୍.ଟି) ସମଗ୍ର ଦେଶରେ ଲାଗୁକରି ନରେନ୍ଦ୍ର ମୋଦି ଭାରତକୁ ବିଶ୍ୱ ଦରବାରରେ ମର୍ଯ୍ୟାଦା ବଢାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

**ସୂଚନା ଅଧିକାର ତଥ୍ୟ (RTI) ରେ ସଂଶୋଧନ -----**

ମୋଦି ସରକାର ସୂଚନା ଅଧିକାର ତଥ୍ୟରେ ଏକ ଐତିହାସିକ ସଂଶୋଧନ କରି ସମଗ୍ର ଦେଶବାସୀଙ୍କ ନିକଟରେ ଚିରଋଣି ହୋଇପାରିଅଛନ୍ତି । ବ୍ୟକ୍ତିଗତ ସୂଚନା ତଥ୍ୟକୁ ଏଥିରୁ ବାଦଦେଇ ବ୍ୟକ୍ତିର ସ୍ୱାଧିନତା ଉପରେ ସମ୍ମାନ ପ୍ରଦର୍ଶନ କରିପାରିଛନ୍ତି ।

ଏହିପରି ଅନେକ ଯୁଗନ୍ତକାରୀ ପଦକ୍ଷେପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତୀୟଙ୍କ ପାଇଁ ନେଇଛନ୍ତି ।

ସେଥିମଧ୍ୟରୁ ପ୍ରମୁଖ **ପ୍ରଧାନମନ୍ତ୍ରୀ ବୀମା ଯୋଜନା -----**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଦେଶରେ ତିନିଗୋଟି ମହତାକାଂକ୍ଷୀ ସାମାଜିକ ନିରାପତା ଯୋଜନାର ଶୁଭାରମ୍ଭ କରିଥିଲେ । ବିଶେଷକରି ଆର୍ଥିକ ଦୁର୍ବଳ ବର୍ଗବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ୨ଗୋଟି ବୀମା ସହିତ ୧ଗୋଟି ପେନ୍‌ସନ୍ ସ୍କିମ୍ କାର୍ଯ୍ୟକାରୀ କରିଥିଲେ । ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା (ଦୁର୍ଘଟଣା ବୀମା) ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା (ଜୀବନବୀମା) ପେନ୍‌ସନ୍ ଯୋଜନାଟି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନାମାନୁସାରେ ଅଟଳ ପେନ୍‌ସନ୍ ଯୋଜନା ରଖାଯାଇଅଛି ।

**ପ୍ରଧାନମନ୍ତ୍ରୀ ସୁରକ୍ଷାବୀମା ଯୋଜନା -----**

ଆଧାର ନମ୍ବର ସଂଯୁକ୍ତଥାଇ ବ୍ୟକ୍ତି ବ୍ୟାଙ୍କ ଆକାଉଟଂ ଥିବା ୧୮ ରୁ ୭୦ ବର୍ଷର ନାଗରିକମାନେ ଏହି ଯୋଜନା ପରିସରଭୁକ୍ତ ହୋଇପାରିବେ । ଏହି ସ୍କିମ୍‌ରେ ଯୋଗଦାନ ପୂର୍ବରୁ ପ୍ରତିବର୍ଷ ଜୁନମାସ ପହିଲା ପୂର୍ବରୁ ଫର୍ମ ପୂରଣକରି ଦେବାସହ ନୋମିନୀଙ୍କ ନାମ ଲେଖିବାକୁ ପଡିବ । ବାର୍ଷିକ ୧୨ ଟଙ୍କା ପ୍ରିମିୟମ ଦେବାକୁ ପଡିବ ଓ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଟଂରୁ ସିଧାସଳଖ ଅଟୋ ଡେବିଟ୍ ହେବ ।

ଦୁର୍ଘଟଣାରେ ବ୍ୟକ୍ତିର ମୃତ୍ୟୁ ହେଲେ ୨ଲକ୍ଷ ଟଙ୍କା ଓ ସଂପୂର୍ଣ୍ଣ ଭିନ୍ନକ୍ଷମ ହେଲେ ୧ଲକ୍ଷ ଟଙ୍କାର ବୀମା ସୁବିଧା ମିଳିବ ।





କାଳିନ୍ଦୀଚରଣଙ୍କ ସମଗ୍ର ସାରସ୍ୱତ ସୃଷ୍ଟିକୁ ନେଇ "କାଳିନ୍ଦୀ ରଚନାୟନ" ପ୍ରଥମ ଓ ଦ୍ୱିତୀୟ ଭାଗରେ ପ୍ରକାଶଲାଭ କରିଅଛି । ମାଟିର ମଣିଷ, ଲୁହାର ମଣିଷ, ଆଜିର ମଣିଷ, ମୁକ୍ତାଗଡର କ୍ଷୁଧା ଆଦି ଉପନ୍ୟାସ ଏବଂ ଦ୍ୱାଦଶୀ, ସାଗରିକା, ଶେଷରଶ୍ମି, ରାଶିଫଳ, ଜଣା କଥାଟି ସରିନାହିଁ ଆଦି ଗଳ୍ପ ସଂକଳନ ତଥା ଆଲୋଚନା ପୁସ୍ତକ ଭାବରେ ନେତୃତ୍ୱ ଓ ନେତୃତ୍ୱ, ସାହିତ୍ୟିକା, ପ୍ରବନ୍ଧ ସାହିତ୍ୟ, ସାହିତ୍ୟ ସଂଚୟନ, ସାମୟିକ ସାହିତ୍ୟ ସମୀକ୍ଷା ଓ ନାଟିକା ମଧ୍ୟରେ - ପଦ୍ମିନୀ, ସୌମ୍ୟା ପ୍ରଭୃତି ପ୍ରକାଶ ଲାଭକରି କାଳିନ୍ଦୀଚରଣଙ୍କୁ ଓଡିଆ ସାହିତ୍ୟ କ୍ଷେତ୍ରରେ କୃତିତ୍ୱର ଚରମ ସୋପାନରେ ପହଚିଂପାରିଅଛି

କାଳିନ୍ଦୀଚରଣଙ୍କ ଆତ୍ମଜୀବନୀ "ଅଙ୍ଗେ ଯାହା ନିଭାଇଛି" - ୧୯୭୩ ମସିହାରେ ପ୍ରକାଶିତ । ଏଥିରେ କାଳିନ୍ଦୀଚରଣ ତାଙ୍କର ଜୀବନୀ ଓ ସୃଜନୀର କିଛି ଅନାଲୋଚିତ କଥାକୁ ପରିପ୍ରକାଶ କରିଅଛି । ଏହା ଭାରତୀୟ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ । ୧୯୭୩ ମସିହାରେ କାଳିନ୍ଦୀଚରଣ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିଲେ । ତାଙ୍କର ଆତ୍ମଜୀବନୀ ପୁସ୍ତକ "ଅଙ୍ଗେ ଯାହା ନିଭାଇଛି" ପାଇଁ ।

ତାଙ୍କର ସର୍ବଶ୍ରେଷ୍ଠ କୃତି 'ମାଟିର ମଣିଷ' ଉପନ୍ୟାସ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦିତ ହୋଇ ତାଙ୍କୁ ଜଣେ ଭାରତୀୟ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଅଛି । ଏହାମଧ୍ୟ ଇଂରାଜୀ ଭାଷାରେ - ଲୀଳାରାୟଙ୍କର ଦ୍ୱାରା ଅନୁବାଦିତ ହୋଇଅଛି - A House Undivided (୧୯୭୩) ମସିହାରେ । ଓଡିଶାରେ ମଧ୍ୟ ଏହାର ନାଟ୍ୟରୂପ ଓ ଚିତ୍ରରୂପ ହୋଇ ସର୍ବାଜନାଦୃତ ହୋଇପାରିଅଛି ।

କାଳିନ୍ଦୀଚରଣଙ୍କର "ମାଂସର ବିଳାପ" ଗଳ୍ପଟି ହୃଦୟ ବିଦାରକ ସହ ଏହାର ନାଟ୍ୟରୂପ ସବୁ ଭାରତୀୟ ଭାଷାରେ ହୋଇ ଆକାଶବାଣୀ ଦ୍ୱାରା ପ୍ରଚାରିତ ହୋଇଅଛି । "ମାଂସର ବିଳାପ" ଗଳ୍ପଟି ଇଂରାଜୀ ଭାଷା ଓ କବିତା ସଂକଳନ "ଛୁରୀଟିଏ ଲୋଡା"ର - "ଆଗାମୀ" କବିତାଟି ବିଦେଶୀ ରାଷ୍ଟ୍ର ଚୀନ, ଜର୍ମାନୀ, ଇଂଲଣ୍ଡ (ଇଂରାଜୀ) ସମେତ ବହୁ ଭାଷାରେ ଅନୁବାଦ ହେବାସହ ରେଡିଓନାଟ୍ୟ ରୂପାନ୍ତର ସବୁ ଭାଷାରେ ପ୍ରଚାରିତ ହୋଇଅଛି ।

କାଳିନ୍ଦୀଚରଣ ଉତ୍କଳର ସର୍ବପ୍ରାଚୀନ ସାରସ୍ୱତ ପୀଠ "ଉତ୍କଳ ସାହିତ୍ୟ ସମାଜ"ର ବହୁବର୍ଷ ଧରି ସଭାପତି ପଦବୀରେ କାର୍ଯ୍ୟକରି ସାଂଗଠନିକ ଦକ୍ଷତାର ପ୍ରକୃତ ପରିଚୟ ପ୍ରଦାନ କରିଅଛନ୍ତି ।

କାଳିନ୍ଦୀଚରଣଙ୍କ ରଚିତ - ଭ୍ରମଣ କାହାଣୀ "ଗାଇ ଆଇଲି - ରୁଷ୍ ଜର୍ମାନୀ"ରେ ତାଙ୍କର ବିଦେଶ ଭ୍ରମଣର ଅନୁଭୂତି ବର୍ଣ୍ଣନା କରାଯାଇଅଛି । ଏହି ପୁସ୍ତିକାଟି ୧୯୮୧ରେ ପ୍ରକାଶିତ ।

କାଳିନ୍ଦୀଚରଣଙ୍କ ଅନ୍ୟାନ୍ୟ ସାରସ୍ୱତ ସୃଷ୍ଟି ମଧ୍ୟରେ ଉତରାଧିକାରୀ, ପୁରାଣର ବିଦୂଷୀ, ସଭ୍ୟତାର ପହିଲି ପେଷା, ମାର୍କଟ୍ୱେନ, ତାମିଲ ସାହିତ୍ୟର ଶ୍ରେଷ୍ଠକବି, କେମଲ ପାମା ଓ ତୁର୍କସମାଜ, ବିଶ୍ୱରୂପ ଦରଶନ, ଫକୀରମୋହନଙ୍କ ଚରିତ୍ର ଚିତ୍ରଣ, ବେରିକ୍ ପାସ୍ତରନାକ, ହିନ୍ଦୀସାହିତ୍ୟ ର କଥାସମ୍ରାଟ

କ୍ଲବର ନୂତନ ନାମାନ୍ତର କରନ୍ତି । ସେହି ସମୟରେ ମିଳିତ ପ୍ରକାଶନ "ସବୁଜ କବିତା" ଓ "ବାସନ୍ତୀ" ଉପନ୍ୟାସ ପ୍ରକାଶିତ ହୁଏ । ଧାରାବାହିକ ଭାବରେ "ଉତ୍କଳ ସାହିତ୍ୟ" ପତ୍ରିକାରେ "ବାସନ୍ତୀ" ଉପନ୍ୟାସର ପରିକଳ୍ପନା କରିଥିଲେ ଔପନ୍ୟାସିକ କାଳିନ୍ଦୀଚରଣ ପାଣିଗ୍ରାହୀ । ଏ ସମ୍ପର୍କରେ ଅନ୍ନଦାଶଙ୍କର ରାୟଙ୍କ ଅଭିମତ ଉଲ୍ଲେଖନୀୟ । 'ଉତ୍କଳ ସାହିତ୍ୟ'ର ସଂପାଦକ ବିଶ୍ୱନାଥ କର ଓ ସବୁଜଗୋଷ୍ଠୀଙ୍କ ମଧ୍ୟରେ ସେହ୍ନ, ଶ୍ରଦ୍ଧା, ଆନ୍ତରିକତା ରହିଥିଲା । ତେଣୁ ସେମାନେ ସମସ୍ତେ ମିଳିମିଶି କାର୍ଯ୍ୟ କରୁଥିଲେ ସାହିତ୍ୟର ବିକାଶ ପାଇଁ ଓ ପରବର୍ତ୍ତୀ କାଳରେ କାଳିନ୍ଦୀଚରଣ ପାଣିଗ୍ରାହୀ ଏହାର ସଂପାଦନା ଦାୟିତ୍ୱ ବହନ କରିଲେ ।

କାଳିନ୍ଦୀଚରଣ ପାଣିଗ୍ରାହୀ ଏହି ସମୟ ମଧ୍ୟରେ 'ଷ୍ଟୋଟସ୍‌ମ୍ୟାନ' ଓ ଏସୋସିଏଟେଡ୍ ପ୍ରେସର ପ୍ରତିନିଧି ଭାବରେ ନିଜକୁ ପରିଚିତ କରାନ୍ତି ଓ ବାରିପଦାରେ ଏହାର ସାହିତ୍ୟ ସଂଗଠନ ଗଢ଼ିତୋଳନ୍ତି

୧୯୩୩-୧୯୩୮ ମସିହା ପର୍ଯ୍ୟନ୍ତ କାଳିନ୍ଦୀଚରଣଙ୍କ ସାରସ୍ୱତ ଜୀବନରେ ଏକ ଉତୋରତୋର ବିକାଶ ଘଟିଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ସମୟ ମଧ୍ୟରେ ତାଙ୍କର 'ପାରଦର୍ଶୀ' ନାଟକ ସହ 'ମନେନାହିଁ', 'ଛୁରୀଟିଏ ଲୋଡା', 'କ୍ଷଣିକସତ୍ୟ', 'ମହାଦୀପ' - କବିତା ସଂକଳନ ପ୍ରକାଶିତ ହୋଇ ତାଙ୍କ କବିତ୍ୱକୁ ଓଡିଆ ସାହିତ୍ୟ କାହିଁ ଭାରତୀୟ ସାହିତ୍ୟରେ ମଧ୍ୟ ପରିଚିତ କରାଇଥିଲା

ପାଦଟୀକା - ୧୧୪ / ୧୧୫ - କାଳିନ୍ଦୀଚରଣଙ୍କ "କଥାସାହିତ୍ୟ" - ଡକ୍ଟର ବିଷ୍ଣୁପ୍ରିୟା ଓଝା ।

୧୯୩୮-୩୯ ମସିହାରେ କାଳିନ୍ଦୀଚରଣ ଓଡିଶା ସରକାରୀ ଛାପାଖାନାରେ 'ହେଡରିଡର' ରୂପେ ନିଯୁକ୍ତ ଲାଭ କରିଥିଲେ । ଏହି ସମୟରେ ସେ ବହୁ ପାଠ୍ୟପୁସ୍ତକ ଓ ଶିଶୁସାହିତ୍ୟ ରଚନା କରିଥିଲେ । ସେଥିମଧ୍ୟରୁ କିଶୋର ଜ୍ଞାନ, ମହେଞ୍ଜୋଦାର, ସାହିତ୍ୟରେ ବ୍ୟବସାୟ, ମଧ୍ୟଯୁଗୀୟ ଚିତ୍ରକଳା, କହିଗୁଛି ଜାଣେ ଯେ, ଦକ୍ଷିଣାୟନ, ଆଧୁନିକ ନାରୀ ପ୍ରମୁଖ ଅନ୍ୟତମ ।

୧୯୪୭ ମସିହା ବେଳକୁ କାଳିନ୍ଦୀଚରଣଙ୍କର 'ଲୁହାର ମଣିଷ' ଉପନ୍ୟାସ ପ୍ରକାଶ ଲାଭ କରିଥିଲା । ୧୯୪୯ ମସିହା ବେଳକୁ ତାଙ୍କର ଅନେକ ଗଳ୍ପ କବିତା ପ୍ରକାଶ ଲାଭ କରିଥିଲା । ୧୯୫୬ ମସିହାରେ କାଳିନ୍ଦୀଚରଣ କଟକ ଆକାଶବାଣୀ କେନ୍ଦ୍ରରେ "ସାହିତ୍ୟ ବିଭାଗ"ର ପ୍ରଡ୍ୟୁସର ଭାବରେ ନିଯୁକ୍ତି ପାଇଥିଲେ । ଏହା ପୂର୍ବରୁ ସେ ଭାରତୀୟ ପ୍ରେସ୍ ଇନଫରମେଶନ ବ୍ୟୁର (ପି.ଆଇ.ବି.)ର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ । ହିନ୍ଦୀ ସାହିତ୍ୟର ଉପନ୍ୟାସ ସମ୍ରାଟ ପ୍ରେମଚାନ୍ଦଙ୍କର ସଂପାଦିତ "ହଂସ" ପତ୍ରିକାର ଅନ୍ୟତମ ଉପଦେଷ୍ଟା ଥିଲେ । "ଆଗବୋଲା" ଓ "ଅରୁପ" ଛଦ୍ମନାମ ଭାବରେ ସେ ବହୁ ଲେଖା ରଚନା କରିଅଛନ୍ତି ।





**ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା -----**

ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ଯୋଜନା ସ୍କିମ୍ ଏକବର୍ଷ ପାଇଁ କାର୍ଯ୍ୟ କରିଥାଏ । ପ୍ରତିବର୍ଷ ଏହାର ନବୀକରଣ ହୋଇଥାଏ । କୌଣସି କାରଣରୁ ହିତାଧିକାରୀଙ୍କ ମୃତ୍ୟୁ ଘଟିଲେ ୨ଲକ୍ଷ ଟଙ୍କା ବୀମାରାଶି ପାଇବେ । ହିତାଧିକାରୀଙ୍କ ବୟସ ୧୮ ରୁ ୫୦ ବର୍ଷ ମଧ୍ୟରେ ହେଇଥିବ ବାର୍ଷିକ ୩୩୦ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଟଂରୁ ଡେବିଟ୍ ହେବ ।

**ଅଟଳ ପେନସନ୍ ଯୋଜନା -----**

ଅଣ ସଂଗଠିକ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ କଲ୍ୟାଣ ଲାଗି ଏହି ଯୋଜନା ସେମାନେ ଅନ୍ୟକୌଣସି ବୈଧାନିକ ସାମାଜିକ ନିରାପତା ସ୍କିମ୍‌ର ସଦସ୍ୟ ହୋଇନଥିବେ ।

୧୮ ରୁ ୪୦ ବର୍ଷ ବୟସର ନାଗରିକ ଏହାର ସୁଯୋଗ ନେଇପାରିବେ । ୧୮ ବର୍ଷ ବୟସରେ ତାଙ୍କୁ ମାସିକ ୧୦୦୦ ଟଙ୍କା ପେନସନ୍ ପାଇଁ ୪୨ ଟଙ୍କା ଦେବାକୁ ହେବ ଓ ୫୦୦୦ ଟଙ୍କା ପେନସନ୍ ପାଇଁ ୨୧୦ ଟଙ୍କା ଦେବାକୁ ହେବ ।

ଯଦି ହିତାଧିକାରୀଙ୍କ ବୟସ ୪୦ ବର୍ଷ ହୋଇଥିବ ତାହାହେଲେ ମାସିକ ୧୦୦୦ ଟଙ୍କା ପେନସନ୍ ପାଇଁ ୨୯୧ ଟଙ୍କା ଓ ୫୦୦୦ ଟଙ୍କା ପେନସନ୍ ପାଇଁ ମାସିକ ୧୪୫୪ ଟଙ୍କା ଜମାକରିବାକୁ ପଡିବ ।

ହିତାଧିକାରୀ ୬୦ ବର୍ଷ ପରେ ତାଁଙ୍କର ଡିପୋଜିଟ୍ ଅନୁଯାୟୀ ପେନସନ୍ ପାଇବେ ଆଜୀବନ ପର୍ଯ୍ୟନ୍ତ ।

ପ୍ରଧାନମନ୍ତ୍ରୀ ଭାରତୀୟ ପ୍ରତିରକ୍ଷା ପାଇଁ ସଦାସର୍ବଦା ଜାଗ୍ରତରତ । କାଶ୍ମୀରରେ ପାକିସ୍ତାନର ଆତଙ୍କବାଦୀଙ୍କୁ ପୁଲୱାମା ଆକ୍ରମଣରେ ଉଚ୍ଚିତ ଦେବା ବିଶ୍ୱବାସୀଙ୍କୁ ଚକିତ କରାଇଦେଇଥିଲା ।

ବହୁ ଜନବିଧି କଲ୍ୟାଣମୂଳକ କାର୍ଯ୍ୟକ୍ରମରେ ଭାରତବାସୀ ପୁନର୍ବାର - ୨୦୧୯ ମେ ମାସରେ ସାଧାରଣ (ଲୋକସଭା) ନିର୍ବାଚନରେ ବିଜେପି ସମଗ୍ର ଭାରତବର୍ଷରେ ୩୦୩ ସିଟ୍ ସହିତ ଜାତୀୟ ଗଣତାନ୍ତ୍ରିକ ମେଂଟ (ଏନ୍.ଡି.ଏ) ୩୫୦ ଆସନ ଅକ୍ତିଆର କରି ଦ୍ୱିତୀୟବାର ପାଇଁ ନରେନ୍ଦ୍ର ମୋଦି ଭାରତର ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ ଓ ଗୋପନୀୟ ତା'ର ଶପଥପାଠ କରାଇଥିଲେ ।

ନରେନ୍ଦ୍ର ମୋଦିଙ୍କର ଦ୍ୱିତୀୟବାର ପ୍ରଧାନମନ୍ତ୍ରୀତ୍ୱର ଓଡିଆମାନେ ସଦାସର୍ବଦା ପ୍ରମୁଖ ସ୍ଥାନରେ ମୋଦିଙ୍କ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ରହିଲେ । ଡକ୍ଟର ପ୍ରମୋଦ କୁମାର ମିଶ୍ର (ଆଇ.ଏ.ଏସ୍) - ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ସଚିବ ପଦବୀରୁ ଉତୀର୍ଣ୍ଣ ହୋଇ ପ୍ରଧାନମନ୍ତ୍ରୀଙ୍କ ପ୍ରଧାନସଚିବ (ପ୍ରିନିସ୍‌ପାଲ ସେକ୍ରେଟାରୀ) ଭାବରେ କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି । ଏ କ୍ଷେତ୍ରରେ ସେ ପ୍ରଥମ ଓଡିଆ ସହ

କ୍ୟାବିନେଟ୍ ମନ୍ତ୍ରୀଙ୍କ ଷ୍ଟାଟସ୍ ଉପଭୋଗ କରୁଅଛନ୍ତି ।

ଅନ୍ୟ ଜଣେ ଓଡିଆ ପୁଅ - ଶଶୀକାନ୍ତ ଦାସ (ଆଇ.ଏ.ଏସ୍) ଭାରତୀୟ ଅର୍ଥନୀତିର କର୍ଣ୍ଣଧାର ଭାରତୀୟ ରିଜର୍ଭ ବ୍ୟାଙ୍କର ସର୍ବୋଚ୍ଚ ପଦ ଗଭର୍ଣ୍ଣର ପଦବୀରେ କାର୍ଯ୍ୟରତ । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉପସଚିବ ଓଡିଆ ପୁଅ ଗିରିଶ ଚନ୍ଦ୍ର ମୁର୍ମୁ ନବଗଠିତ - ଜାମ୍ମୁ କେନ୍ଦ୍ରଶାସିତ ଅଚଂଳର ଉପରାଜ୍ୟପାଳ ପଦବୀରେ କାର୍ଯ୍ୟରତ ।

କେନ୍ଦ୍ରମନ୍ତ୍ରୀ ମଣ୍ଡଳରେ ଓଡିଶାରୁ ବିଜେପିର ୮ ଜଣ ଲୋକସଭା ସାଂସଦ ମଧ୍ୟରୁ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବରେ କାର୍ଯ୍ୟରତ । ଓଡିଆ ପୁଅ ମଧ୍ୟପ୍ରଦେଶରୁ ରାଜ୍ୟସଭା ସାଂସଦ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁନର୍ବାର କେନ୍ଦ୍ର କ୍ୟାବିନେଟ୍ ମନ୍ତ୍ରୀ ଭାବରେ କାର୍ଯ୍ୟରତ

ବିଶିଷ୍ଟ ପଥରଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ର ତଥା ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମଭୂଷଣ ସୋନାଲି ମାନସିଂହଙ୍କୁ ଭାରତର ମହାମହିମ ରାଷ୍ଟ୍ରପତି ତାଙ୍କର ମନୋନୀତ ସଦସ୍ୟ ସାଂସଦ ରାଜ୍ୟସଭାକୁ ୭୦ ବର୍ଷ ଇତିହାସରେ ପ୍ରଥମକରି ୨ଜଣ ଓଡିଆ ସାଂସଦ ହୋଇଛନ୍ତି - ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରରେ ।

ଆଉ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଆଙ୍କୁ ଭଲପାଇବାର ଉଦାହରଣ - ୩ ଜଣ ଓଡିଆ ଭାରତର ବିଭିନ୍ନ ରାଜ୍ୟର ସର୍ବୋଚ୍ଚ ପଦବୀ ରାଜ୍ୟପାଳ ପଦବୀରେ ଅଧିଷ୍ଠିତ । ଓଡିଶାର ପୂର୍ବତନ ମନ୍ତ୍ରୀ ଦ୍ରୌପଦୀ ମୁର୍ମୁ ଝାଡଖଣ୍ଡର ରାଜ୍ୟପାଳ । ଓଡିଶାର ପୂର୍ବତନ ମନ୍ତ୍ରୀ ବିଶ୍ୱଭୂଷଣ ହରିଶ୍ଚନ୍ଦନ ଆନ୍ଧ୍ର ପ୍ରଦେଶର ରାଜ୍ୟପାଳ ଓ ଓଡିଆ ପୁଅ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ଉପସଚିବ ଗିରିଶ ଚନ୍ଦ୍ର ମୁର୍ମୁ - ନବଗଠିତ - ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ଭାବରେ ନିଯୁକ୍ତିପାଇ ଓଡିଆ ତଥା ଓଡିଶାର ଗୌରବ ବୃଦ୍ଧିରେ ସହାୟକ ହୋଇପାରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ୨ୟ ପାଳି (୨୦୧୯ ରୁ ୨୦୨୪) ମଧ୍ୟରେ ପ୍ରଥମ, ପ୍ରଥମରୁ ସେ କେତେଗୁଡିଏ କାର୍ଯ୍ୟକ୍ରମ ହାତକୁ ନେଇ ଭାରତର ଇତିହାସ ବଦଳାଇ ଦେଇଅଛନ୍ତି ।

ଭାରତୀୟ ସମ୍ବିଧାନର ୩୭୦ ଧାରା ଜାମ୍ମୁ ଓ କାଶ୍ମୀରି ରାଜ୍ୟକୁ କେନ୍ଦ୍ର କ୍ୟାବିନେଟ୍ ମଂଜୁର ସହ ଭାରତୀୟ ସଂସଦରେ ପାରିତ କରି ଜାମ୍ମୁ ଓ କାଶ୍ମୀରିକୁ ଭାଙ୍ଗି ଦୁଇଗୋଟି କେନ୍ଦ୍ର ଶାସିତ କରି ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲେ । ବିପକ୍ଷ ରାଷ୍ଟ୍ର ପାକିସ୍ଥାନ ବିଶ୍ୱ ସରକାର (ଜାତିସଂଘ)ରେ କାଶ୍ମୀରି ପ୍ରସଙ୍ଗ ଉଠାଇ ଅପଦସ୍ତ ହେବା ସହ ଜାତିସଂଘ ରିପୋର୍ଟ୍ ଦେଲେ ଏହା ଭାରତର ଆଭ୍ୟନ୍ତରୀୟ ବ୍ୟାପାର ।

ଅନ୍ୟ ଏକ ଐତିହାସିକ ପଦକ୍ଷେପ "ଟ୍ରିପିଲ୍ ତଲାକ୍" ମୁସଲିମ୍ ସମ୍ପ୍ରଦାୟର ମହିଳାଙ୍କ ସମ୍ମାନର୍ଥେ ସୁପ୍ରିମ୍ କୋର୍ଟ ଏହାକୁ ନିଶିଦ୍ଧ ଘୋଷଣା କରିବା ମୋଦି ସରକାରଙ୍କ ଐତିହାସିକ କାର୍ଯ୍ୟପନ୍ଥା ।





ନିତିଦିନର ବାସ୍ତବ ସମସ୍ୟା ସହିତ ସାମିଲ କରିବାକୁ ବ୍ୟସ୍ତ ହୋଇପଡୁଥିଲା ।

କାଳିନ୍ଦୀଚରଣଙ୍କ ଜନ୍ମ ପୁରୀ ଜିଲ୍ଲା ବିଶ୍ୱନାଥପୁର ଗ୍ରାମରେ ଯାହାକି ଭୁବନେଶ୍ୱର ପୂର୍ବରୁ ୧୮ ମାଇଲ ଦୂର । ତାଙ୍କ ପିତା ଓକିଲ ଥିବାରୁ ପୁରୀରେ ରହୁଥିଲେ । କାଳିନ୍ଦୀଚରଣ ବାପାଙ୍କ ସହ ରହୁଥିଲେ, ଭକ୍ତକବି ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ ତାଙ୍କ ବାପା ସ୍ୱପ୍ନେଶ୍ୱରଙ୍କର ଘନିଷ୍ଠ ବନ୍ଧୁ ଥିବାରୁ ତାଙ୍କ ଘରକୁ ନିୟମିତ ଭାବରେ ଯାତାୟତ କରୁଥିଲେ । ତରୁଣ ଜୀବନରେ କାଳିନ୍ଦୀଚରଣ ଏମାନଙ୍କର ଆଦର୍ଶରେ ନିଜର ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳ କରି ଗଢିବାର ସ୍ୱପ୍ନ ଦେଖିଥିଲେ । ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କର "ଆତ୍ମଦର୍ଶନରେ ବିଶ୍ୱଚିତ୍ର କଳ୍ପନା" ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଥିଲା । ବଡଭାଇ ଦିବ୍ୟସିଂହ ପାଣିଗ୍ରାହୀ ଓ ସାନଭାଇ କାଳିନ୍ଦୀଚରଣ ପାଣିଗ୍ରାହୀ ଓଡିଶାର ଜଣେ ଜଣେ ବିଶିଷ୍ଟ ଲେଖକ ଥିଲେ । ଏହିଭଳି ଏକ ସାହିତ୍ୟିକ ପରିବାର ପରିବେଶରେ କାଳିନ୍ଦୀଚରଣଙ୍କ ବାଲ୍ୟ, କୈଶୋର ଓ ଯୌବନ ଅବସ୍ଥା ଅତିବାହିତ ହୋଇଥିଲା ।

କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀ "ଅଙ୍ଗେ ଯାହା ନିଭାଇଛି" ସେ ନିଜର ସାହିତ୍ୟିକ ଜୀବନର ପ୍ରାଥମିକ କଥା ଉଲ୍ଲେଖ କରିଛନ୍ତି । ପନ୍ଦର ବା ଷୋହଳ ବର୍ଷ ବୟସରେ ସ୍କୁଲର ସାହିତ୍ୟ ଶିକ୍ଷକମାନଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲା । ପଣ୍ଡିତ କାବ୍ୟତୀର୍ଥ ମତେ ପ୍ରଥମେ କ୍ଲାସରେ ପରିଚୟ କରାଇଦେଇଥିଲେ - ରଚନା କ୍ଷେତ୍ରରେ ସେ ପ୍ରତିଷ୍ଠା ଅର୍ଜନ କରିଅଛନ୍ତି । ରଚନାର ବିଷୟବସ୍ତୁ ଥିଲା 'ଗାଇ' (୭୧), ପୁନଶ୍ଚ କବି କାଳିନ୍ଦୀଚରଣ ମାତ୍ର ୧୫ ବର୍ଷ ବୟସରେ ରଚନା କରିଛନ୍ତି - କବିତା "ଅଶାନ୍ତି" (ଏହାର ରଚନାକାଳ ୨୯-୦୨-୨୦୧୬) - କବିତାଟିର ପ୍ରାରମ୍ଭରୁ -

"କାହିଁପାଇଁ ମନ ଆଜି ଦୁଃଖରେ କାତର
ସର୍ବତୁଚ୍ଛ ଜ୍ଞାନ କିମ୍ବା ହୁଏ ମୋହର"

ପାଦଟୀକା - ୭୧ - ପାଣିଗ୍ରାହୀ କାଳିନ୍ଦୀଚରଣ - "ଅଙ୍ଗେ ଯାହା ନିଭାଇଛି"

କାଳିନ୍ଦୀଚରଣଙ୍କ ସୃଷ୍ଟି 'ମାଟିର ମଣିଷ' ଉପନ୍ୟାସ 'ମୁକ୍ତାଗଡର କ୍ଷୁଧା', 'ଅମରଚିତା' ଉପନ୍ୟାସ ଏବଂ 'ଦ୍ୱାଦଶୀ' କ୍ଷୁଦ୍ରଗଳ୍ପ ସଂକଳନର ପ୍ରକାଶ ପାଇଥାଏ । ଏହି ସମୟ ବେଳକୁ କାଳିନ୍ଦୀଚରଣ 'ଭଞ୍ଜପ୍ରଦୀପ' ଓ 'ମୟୂରଭଞ୍ଜ କ୍ରନିକଲ' (ଇଂରାଜୀ) ପତ୍ରିକାର ସଂପାଦକ ଦାୟିତ୍ୱ ବହନ କରନ୍ତି ।

କାଳିନ୍ଦୀଚରଣ 'ମଥୁରା ମଙ୍ଗଳ'ର ସମାଲୋଚନା ରଚନାକରି ପୁରସ୍କୃତ ହେବା ଆଗରୁ 'ଉତ୍କଳ ସାହିତ୍ୟ' ପତ୍ରିକା ପାଇଁ ଆଧୁନିକ କବିତାର ଏକ ମୂଲ୍ୟାୟନ କରନ୍ତି । ତାହାହେଲା କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନଙ୍କ ସାହିତ୍ୟ ପ୍ରତିଭା ସମ୍ପର୍କରେ ଏକ ତୁଳନାତ୍ମକ ବିଚାର ବିଶ୍ଳେଷଣ

କାଳିନ୍ଦୀଚରଣଙ୍କ ସାହିତ୍ୟିକ ପ୍ରତିଭା ଖୁବ୍ କମ ବୟସରୁ ବିକଶିତ ହୋଇଥିଲା । ୧୯୧୯ରେ "ଛାତ୍ରଦର୍ପଣ" ପତ୍ରିକାର ସଂପାଦନା ଦାୟିତ୍ୱ ସେ ବହନ କରିଥିଲେ । ୧୯୩୦ ମସିହାରେ ନନ୍‌ସେନ୍ସ

ଫଳରେ କେବଳ - କାଳିନ୍ଦୀଚରଣ ଓ ବୈକୁଣ୍ଠନାଥଙ୍କ ରଚନାରେ 'ସବୁଜ'ର ସବୁଜିମା ସଜୀବ ହୋଇରହିଲା ।

ପାଦଟୀକା - ପାଣିଗ୍ରାହୀ କାଳିନ୍ଦୀଚରଣ (ପୃ - ୬୮) 'ସବୁଜ ମେସ୍' - ସୋଭିନିଅର - ରେଭେନ୍ସା କଲେଜ - କଟକ (୧୯୬୮) ।

ସବୁଜ ସାହିତ୍ୟ ଯୁଗର ଅନ୍ୟତମ ସାରଥି ଅନ୍ନଦାଶଙ୍କର ରାୟ ୧୯୨୬ ମସିହାରେ - ଓଡିଆ ଭାଷାରେ ସାହିତ୍ୟ ସାଧନା ଛାଡି ବଙ୍ଗଳା ଭାଷାକୁ ଗ୍ରହଣ କରିବାର ଅନ୍ୟତମ କାରଣ ସ୍ୱରୂପ ତାଙ୍କର "ସାହିତ୍ୟ ସ୍ମୃତି"ରେ ଗୋଟିଏ ସ୍ଥାନରେ ଉଲ୍ଲେଖ କରିଛନ୍ତି - ମୋର ବନ୍ଧୁ କାଳିନ୍ଦୀର ଲେଖା ମୋତେ ଖୁବ୍ ଭଲ ଲାଗୁଥିଲା । ମୁଁ ଧରିନେଇଥିଲି ଓଡିଆ ସାହିତ୍ୟରେ କେବେହେଲେ କାଳିନ୍ଦୀକୁ ଅତିକ୍ରମ କରିପାରିବି ନାହିଁ, ଆଉ ଚିରକାଳ ଦ୍ୱିତୀୟ ସ୍ଥାନରେ ରହିବି ଏକଥା ଭାବି ପାରୁନଥିଲି ।

ଅନ୍ୟତମ ସାହିତ୍ୟ ଆଲୋଚକ ଔପନ୍ୟାସିକ ବିଭୁତି ପଟ୍ଟନାୟକ କହିଛନ୍ତି କାଳିନ୍ଦୀଚରଣ କବି ପ୍ରତିଭା ପାଖରେ ନହେଉ - ଅନ୍ତେ "କଥାସାହିତ୍ୟ" ପାଖରେ ସେ ଯେ ୧୯୨୬ ମସିହା ପର୍ଯ୍ୟନ୍ତ ଏକ ନିଷ୍ପ୍ରଭ ପ୍ରତିଭା ହେଇ ରହିଥିଲେ - ଏକଥା ସେତେବେଳେ "ଉତ୍କଳ ସାହିତ୍ୟ" ପୃଷ୍ଠାରେ ପ୍ରକାଶିତ କାଳିନ୍ଦୀଚରଣଙ୍କ 'ମାଂସର ବିଳାପ' ଓ 'ସାଗରିକା' ପ୍ରଭୃତି ଗଳ୍ପ ପଢିଲେ ସ୍ପଷ୍ଟ ହୋଇଯାଏ ।

ପାଦଟୀକା - ୬୯ - ପଟ୍ଟନାୟକ ବିରୁତି

କାଳଜୟୀ କାଳିନ୍ଦୀଚରଣ (କାଳିନ୍ଦୀଚରଣ ପରିକ୍ରମା) ପୃ-୨୩

ଔପନ୍ୟାସିକ କାଳିନ୍ଦୀଚରଣଙ୍କର ସ୍ୱରଚିତ ପାଚଂଗୋଟି ଉପନ୍ୟାସ । ଯଥା - ମାଟିର ମଣିଷ (୧୯୩୧), ମୁକ୍ତାଗଡର କ୍ଷୁଧା (୧୯୩୨), ଅମରଚିତା (୧୯୩୩), ଲୁହାର ମଣିଷ (୧୯୪୭), ଆଜିର ମଣିଷ (୧୯୫୭) ମଧ୍ୟରୁ କେବଳ "ମାଟିର ମଣିଷ" ଉପନ୍ୟାସଟି ସିଦ୍ଧିର ଚରମ ସୋପାନରେ ପହଚିଂପାରିଅଛି । ଭାରତର ଅନ୍ୟାନ୍ୟ ଭାଷାକୁ ଓଡିଆ ଭାଷାରେ ଯେଉଁ ଦଶଖଣ୍ଡ ପୁସ୍ତକ ଅନୁବାଦ ହେବା ତଥା ଭାରତୀୟ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ସେମାନଙ୍କର ମଧ୍ୟରୁ 'ମାଟିର ମଣିଷ' ଉପନ୍ୟାସଟିକୁ ସ୍ଥାନ ଦେଇଛନ୍ତି । ଉପନ୍ୟାସ "ମାଟିର ମଣିଷ"କୁ ଇଂରାଜୀ ଭାଷାରେ ଅନୁବାଦ କରିଅଛନ୍ତି - ଲୀଳା ରାୟ - A House Undevided (୧୯୭୩) ।

ପାଦଟୀକା - ୭୦ - ମାନସିଂହ ମାୟାଧର

(ଓଡିଆ ସାହିତ୍ୟର ଇତିହାସ - ପୃ - ୩୫୯)

କାଳିନ୍ଦୀଚରଣ ଯେ ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଏଥିରେ ତିଳେମାତ୍ର ଅବକାଶ ନାହିଁ । ତାଙ୍କର ସାହିତ୍ୟିକ ଜୀବନ ସମ୍ପର୍କରେ ବିଚାର କଲେ ଜଣାଯାଏ ଯେ ସେ ଯଦିଓ 'ସବୁଜ ସାହିତ୍ୟ'ର ବନ୍ଧୁମାନଙ୍କ ସହ ଦୀର୍ଘ ପନ୍ଦର ବର୍ଷ ଧରି ରହିବାକୁ ପଡିଥିଲା ତଥାପି ତାଙ୍କ ଆତ୍ମା ମଣିଷର





ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନ୍ୟଏକ ବଳିଷ୍ଠ ଐତିହାସିକ ପଦକ୍ଷେପ ସୁପ୍ରିମ୍‌କୋର୍ଟ କୁ କାର୍ଯ୍ୟକାରୀ କରିଅଛନ୍ତି । ହଜାର ହଜାର ବର୍ଷଧରି ଭାରତୀୟ ସଂସ୍କୃତି ଓ ପରମ୍ପରାର ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ର ରାୟ । ରାମଲାଲଙ୍କ ଜନ୍ମସ୍ଥାନ ହିଁ ପ୍ରକୃତ ବାବରୀ ମସ୍‌ଜିଦ୍ ଅଟେ । ସେ ସ୍ଥାନରେ ରାମମନ୍ଦିର ନିର୍ମାଣ ହେବ ଓ ବାବରୀ ମସ୍‌ଜିଦ୍ ପାଇଁ ଉତର ପ୍ରଦେଶ ସରକାର ତା'ର ଅନତି ଦୂରରେ - ୫ ଏକର ଜାଗା ପ୍ରଦାନ କରିବେ ବାବରୀ ମସ୍‌ଜିଦ୍ ପାଇଁ । ରାମମନ୍ଦିର ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିବେ । ଏହି ଐତିହାସିକ ପଦକ୍ଷେପ ହିନ୍ଦୁସମାଜ ପାଇଁ ଆନନ୍ଦର ଲହରୀ ଖେଳାଇଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶ୍ୱ ଦରବାରରେ ଏକ ଅଗ୍ରଣୀ ନେତା ଭାବରେ ପରିଗଣିତ ହୋଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଆଉ ଏକ ଐତିହାସିକ ପଦକ୍ଷେପ - ନାଗରିକ ସଂଶୋଧନ ଆଇନ ସିଟିଜେନ ଆମେଣ୍ଡେମେଟଂ ଆକ୍ଟ (ସିଏଏ) - କ୍ୟାବିନେଟ୍ ସହିତ ଭାରତୀୟ ସଂସଦରେ ପାରିତକରି ନରେନ୍ଦ୍ର ମୋଦି ଜଣେ ବିଶ୍ୱନେତା ଭାବରେ ଉଭା ହୋଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ସିଏଏ ଆଇନ - ଭାରତରେ ବହୁଦିନରୁ ବସବାସ କରୁଥିବା ବିଦେଶୀ ନାଗରିକଙ୍କୁ ଭାରତର ସ୍ଥାୟୀ ସଦସ୍ୟତା (ନାଗରିକତା) ପ୍ରଦାନକରିବା ମୋଦି ସରକାରର ପ୍ରାଥମିକତା ମାତ୍ର ବଡ ଦୁଃଖର କଥା ବିରୋଧିଦଳର ନେତାମାନେ ରାଜନୈତିକ ଫାଇଦା ହାସଲ କରିବାପାଇଁ ଏହି ସିଏଏକୁ ମୁସଲିମ୍ ବିରୋଧି ବୋଲି ସମଗ୍ର ଦେଶରେ ପ୍ରଚାର କରିଲେ । ଦିଲ୍ଲୀରେ ମଧ୍ୟ ଏ ନେଇ ଦଙ୍ଗା ହୋଇଗଲା ପରେ ଏହା ସଂପୂର୍ଣ୍ଣ ସରକାରଙ୍କ ନିୟନ୍ତ୍ରଣାଧିନ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ଚଳିତବର୍ଷ ୨୦୨୦ ମାର୍ଚ୍ଚ ମାସରେ ବଡ ଉପଲବ୍‌ଧୋ ଚୀନ୍ ଦେଶର ଓହାନ୍ ସହରରୁ ଡିସେମ୍ବର ୨୦୧୯ କରୋନା ଭାଇରସ ସମଗ୍ର ବିଶ୍ୱର ମାନବସମାଜକୁ କରାୟତ କରିନେଲା - ବିଶ୍ୱର ୨୧୦ ଦେଶରେ ଏହାର ପ୍ରଭାବ ପରିଲକ୍ଷିତ । ଆମ ରାଷ୍ଟ୍ର ଭାରତରେ ମଧ୍ୟ କରୋନା କାମ୍ଯବିସ୍ତାର କରିଚାଲିଅଛି । ଅଦ୍ୟାବଧି ସମଗ୍ର ବିଶ୍ୱରେ ୧୫ଲକ୍ଷ ଲୋକ କରୋନାରେ ଆକ୍ରାନ୍ତ ସହ - ୧.୫୦ଲକ୍ଷ ଲୋକ ମୃତ୍ୟୁବରଣ କରିସାରିଲେଣି । ବର୍ତମାନ ଆମ ରାଷ୍ଟ୍ର ଭାରତରେ ୧୫ହଜାର ଲୋକ ଆକ୍ରାନ୍ତ କରୋନା ରୋଗରେ ଓ ୫୦୦ ଲୋକ ମୃତ କରୋନାରେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାର୍ଚ୍ଚ ମାସ ୨୩ ତାରିଖରେ ୨୧ ଦିନ ସମଗ୍ର ଦେଶରେ ଲକଡାଉନ ଘୋଷଣା କରିଲେ । ଏପ୍ରିଲ୍ ୧୪ ତାରିଖରେ ପୁନଶ୍ଚ ମେ ମାସ ୩ ତାରିଖ ପର୍ଯ୍ୟନ୍ତ ଲକଡାଉନ ବୃଦ୍ଧି କରିଛନ୍ତି । ଭାରତୀୟଙ୍କ ଜୀବନ ରକ୍ଷା ପାଇଁ ଏହା ଏକ ବଡ ପଦକ୍ଷେପ ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦି ହଜାର ହଜାର କୋଟି ଟଙ୍କାର ଗରିବ କଲ୍ୟାଣ ପାଣ୍ଠି ସହ ସେମାନଙ୍କୁ ଆର୍ଥିକ ସାହାଯ୍ୟ କରିଅଛନ୍ତି ।

ସମଗ୍ର ଦେଶରେ ୬୦ଟି ଦେଶକୁ ଔଷଧ ପ୍ରଦାନକରି ମୋଦି ବିଶ୍ୱନେତାର ମାନ୍ୟତା ପ୍ରାପ୍ତ ହୋଇଛନ୍ତି । କି ଆମେରିକା, ଇଂଲଣ୍ଡ, ରୁଷ୍, ଫ୍ରାନ୍ସ, ଚୀନ୍ ପ୍ରଭୃତି ବିକାଶଶୀଳ ରାଷ୍ଟ୍ର କରୋନା ଦ୍ୱାରା ପ୍ରଭୃତ କ୍ଷତି ଘଟିଅଛି ।

ମିଳିତ ଜାତି ସଂଘର ସେକ୍ରେଟାରୀ ଜେନେରାଲ ଆଟୋଂନିଓ – ଗୁଟିରିୟମ୍ – ଟ୍ୟୁଟ୍‌କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର କରୋନା ମୁକାବିଲାକୁ ଉଚ୍ଚସ୍ତରୀୟ ପ୍ରଂଶସା କରିଅଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅନ୍ୟଏକ ବଳିଷ୍ଠ ପଦକ୍ଷେପ – କୁଟନୀତି ବିଜୟ ସମଗ୍ର ବିଶ୍ୱରେ ବରିଷ୍ଠ ରାଷ୍ଟ୍ରମାନଙ୍କ ସହ ସମ୍ପର୍କରେ ସୁଧାର । ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତକୁ ଗ୍ରସ୍ତ ଉଭୟ ଦେଶ ମଧ୍ୟରେ ସମ୍ପର୍କ ସ୍ଥାପନ । ମୋଦି ଆମେରିକା, ଇଂଲଣ୍ଡ, ଜାପାନ, ଫ୍ରାନ୍ସ, ଚୀନ ରାଷ୍ଟ୍ର ସହ ଘନଘନ ଗ୍ରସ୍ତ ସହ ସମ୍ପର୍କରେ ସୁଧାର ଆସିଅଛି ।

ଅଧିନ ଲେଖକ ପ୍ରଫେସର ଡକ୍ଟର ସୁବାଷ ନାୟକ – ମିଳିତ ଜାତିସଂଘ ସେକ୍ରେଟାରୀ ଜେନେରାଲଙ୍କୁ ପତ୍ର (ଭାରତର ବୈଦେଶିକ ମନ୍ତ୍ରୀ ସ୍ୱର୍ଗତ ସୁଷମା ସ୍ୱରାଜଙ୍କ ଜରିଆରେ) ଯେ ଭାରତ ଏକ ବିକଶିତ ରାଷ୍ଟ୍ର । ଜାତିସଂଘର ନିରାପତା ପରିଷଦର ସ୍ଥାୟୀ ସଦସ୍ୟ ୫ରୁ ବୃଦ୍ଧିକରି ଭାରତକୁ ସ୍ଥାନୀତ କରାଯାଉ ।

ବୈଦେଶିକ ମନ୍ତ୍ରଣାଳୟ ମୋ ପାଖକୁ ପ୍ରଦତ ପତ୍ର କପି ଆଦି ଭାରତ ସେ ଦିଗରେ ଅଧିକ କାର୍ଯ୍ୟଶୀଳ ହୋଇଅଛି । ଏ କ୍ଷେତ୍ରରେ ଭାରତୀୟ ବିଦେଶ ସେବା ଅଧିକାରୀ ତଥା ବର୍ତମାନର ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ କାର୍ଯ୍ୟ ଉଲ୍ଲେଖନୀୟ ଅଟେ । ଯଦି ନିକଟ ଭବିଷ୍ୟତରେ – ମୋ ପତ୍ରାନୁଯାୟୀ ଆମରାଷ୍ଟ୍ର ଭାରତ ମିଳିତ ଜାତିସଂଘର ନିରାପତା ପରିଷଦରେ ସ୍ଥାୟୀ ସଦସ୍ୟ ପାଇବ । ଭାରତର ମହାତ୍ମାଗାନ୍ଧୀ (ସ୍ୱାଧିନତାକାରୀ)ଙ୍କୁ ରାଷ୍ଟ୍ରପିତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଧୁନିକ ଭାରତର ରାଷ୍ଟ୍ରପିତାର ମାନ୍ୟତା ମିଳିବ ।

ଅଧିନ ଲେଖକ ପ୍ରଫେସର ଡକ୍ଟର ସୁବାଷ ନାୟକଙ୍କ ଅନ୍ୟଏକ ବଳିଷ୍ଠ କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ (ଭାରତରତ୍ନ) ପ୍ରଦାନ କରିବ । ମୋର ପତ୍ରକୁ ଭାରତ ସରକାରଙ୍କ ଗୃହମନ୍ତ୍ରଣାଳୟ ସୁପାରିଶ କରି ପ୍ରଧାନମନ୍ତ୍ରୀଙ୍କୁ ପ୍ରଦାନ କରିଅଛି ।

ଭାରତର ଯଶ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ 'ଭାରତରତ୍ନ' ପ୍ରଦାନକରିବା ମୋର ସମଗ୍ର ଭାରତରେ ସର୍ବପ୍ରଥମ ପ୍ରୟାସ ଅଟେ ।

ବାସ୍ତବିକ୍ ନରେନ୍ଦ୍ର ମୋଦି ଜଣେ ରାଷ୍ଟ୍ରନାୟକ ଭାବରେ ଭାରତୀୟ ଜନମାନସରେ ପ୍ରତିଷ୍ଠିତ ଅଟନ୍ତି । ସମଗ୍ର ବିଶ୍ୱରେ ଜଣେ ବିଶ୍ୱନେତାର ମାନ୍ୟତା ପାଆନ୍ତୁ ଏହା ହିଁ କାମ୍ୟ ।

---



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

ସାହିତ୍ୟ, ଇତିହାସ, କଳା, ବିଜ୍ଞାନର ଜୟଗତିରେ ଭାରତ, ବ୍ରିଟେନ୍, ଏସିଆ, ୟୁରୋପ, ଆମେରିକା ଦେଶମାନେ ଦୁନିଆଁରେ କିଛିହେଲେ ସେ ଆଲୋଚନାରୁ ବାଦ ଯାଇନାହାଁନ୍ତି । ଆଉ ସେ ତର୍କର ଯୁକ୍ତି ରାଜନୀତି ସ୍ଥାନରେ ସାହିତ୍ୟ ହିଁ କ୍ରମେ ତା'ର ଆସ୍ଥାନ ଜମାଇବସିଲା । କଲେଜ ଲାଇବ୍ରେରୀରୁ ନୂଆନୂଆ ବହି ଆଣିବା, ପତ୍ରପତ୍ରିକା ଘାଟିଂବା, ସନ୍ଧ୍ୟାବେଳେ ବାହାରକୁ ବୁଲି ବାହାରି ସେ ସବୁ ବିଷୟରେ ପୁଣି ବେଶ ଦୁନିଆଁର ଗତିବିଧି ବିଷୟରେ ଆଲୋଚନା, ସମାଲୋଚନ, ଯୁକ୍ତିତର୍କ ଚାଲେ ତୀବ୍ର ଗତିରେ ।

ବୈକୁଣ୍ଠନାଥ ରହୁଥିବା କଟକସ୍ଥ ରାଣୀହାଟ ପଶୁ ଡାକ୍ତରଖାନାର ଅନ୍ଧକାରମୟ ପ୍ରାଚୀନ ପ୍ରକୋଷ୍ଠଟି ସେହି ପ୍ରଚଣ୍ଡ ଯୁକ୍ତିତର୍କର ପ୍ରତିଧ୍ୱନୀ ଉଠାଏ । ଅନ୍ନଦାଶଙ୍କର କୁହନ୍ତି – ସେହି ପ୍ରକୋଷ୍ଠ ଥିଲା ସବୁଜଯୁଗ ସାହିତ୍ୟର ଏନ୍ତୁଡିଶାଳା । ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଯେପରି ଘୋଡାଶାଳରେ ସବୁଜଯୁଗର ଉତ୍ପତି – ସେହିପରି ସେମିତି ପଶୁ ଡାକ୍ତରଖାନାରୁ, ସେଇଠି ପ୍ରଥମେ ସ୍ଥିର ହୋଇଥିଲା । ତାଙ୍କର ଗୋଟିଏ କ୍ଲବ ରହିବ ଯାହାର ନାମ ହେବ "ନନ୍‌ସେନସ କ୍ଲବ", ସେହି ନାଁଟି ମିଳିଥିଲା ସେତେବେଳେ ଆମର ପାଠ୍ୟପୁସ୍ତକ ଭାବରେ ଚଳୁଥିବା କୃପରଙ୍କ ପତ୍ରାବଳୀରୁ ।

୧୯୨୦ ରୁ ୧୯୩୫ ମସିହା ପର୍ଯ୍ୟନ୍ତ "ସବୁଜ ସାହିତ୍ୟ" ସ୍ଥିତି ହୋଇଥିଲେ ହେଁ କାଳିନ୍ଦୀଚରଣଙ୍କ ସବୁଜ ସ୍ଥିତି – ୧୯୨୦ ରୁ ୧୯୩୨ ମଧ୍ୟରେ ଏକ ସଚେତନ ଭିନ୍ନ ଗତି ପରିଲିକ୍ଷିତ ହୁଏ, ଏହି ଗତି ପ୍ରାୟତଃ ୧୯୪୫ ପର୍ଯ୍ୟନ୍ତ ବିକାଶପ୍ରାପ୍ତ ହୋଇଥିଲା । 'ସବୁଜଯୁଗର' ଅନ୍ୟତମ ଶିଳ୍ପୀ ଭାବରେ କାଳିନ୍ଦୀଚରଣ ଗୋଟିଏ ମୌର୍ଯ୍ୟଦାର ସ୍ଥାନ ଅଧିକାର କରିଥିଲେ ।

କାଳିନ୍ଦୀଚରଣଙ୍କ କବିତାସବୁ ମଧ୍ୟରେ ବିଭିନ୍ନ ତଥା ବିଚିତ୍ର ଅନୁଭୂତିର ଚିତ୍ର ସୁସ୍ପଷ୍ଟ । ସବୁଜ ସାହିତ୍ୟିକ ଗୋଷ୍ଠୀ ମଧ୍ୟରେ କାଳିନ୍ଦୀଚରଣ ଜଣେ ଆଧୁନିକ ଚେତନା ସମ୍ୱଳିତ କବି । ତାଙ୍କର ଜୟ ଭଗବାନ, ଭକ୍ତି ଓ ଚାବୁକ, ବାଜିରାଉତ, ଯାଦୁଘର, ଛୁରୀଟିଏ ଲୋଡା, ମୋ ବାଣୀ, ଆଗାମୀ, କିଏ ଶଳା ସଇତାନ, 'ବୀରହୀ ଯକ୍ଷ' କବିର ବ୍ୟଥା, ଲୋହିତ ବ୍ୟଥା, ପୁରୀମନ୍ଦିର, ମଧୁବିବାହ, ଫଗୁଣବଂଶୀ, କୁହୁପ୍ରାସ ଆଦି କବିତା ମଧ୍ୟରେ କବିଙ୍କର କାବ୍ୟକ୍ ଅଭିବ୍ୟକ୍ତିର ସୂଚନା ମିଳେ ।

୧୯୩୨ରେ ଅଶ୍ଳୋକ୍ଷ ସ୍ୱର୍ଗ ଓ ପ୍ରସାଧନ ଦୁଇଟି ଭଗବତ୍ ଚିନ୍ତା ସଂଲଗ୍ନ କବିତା କାଳିନ୍ଦୀଚରଣଙ୍କର ।

ପୁରୀମନ୍ଦିର, ଆଗାମୀ, ହତାଶର ଗାନ ଆଦି କବିତା ମଧ୍ୟରେ କାଳିନ୍ଦୀଚରଣ ଦଳିତ – ନିଷ୍ପୋଷିତ ଜନତାର ଆର୍ତଚିତ୍କାର ଓ ଦୟନୀୟ ପରିଣତିର ଚିତ୍ର ପ୍ରକଟିତ ହୋଇଅଛି ।

ସବୁଜ ସାହିତ୍ୟର "ମଧମଣି" ଭାବରେ କାଳିନ୍ଦୀଚରଣ ପରିଗଣିତ ହେଉଥିଲେ । ସେମାନଙ୍କର ମଧ୍ୟରୁ ଅନ୍ନଦାଶଙ୍କର କିଛିଦିନ ଓଡିଆ ସାହିତ୍ୟ ରଚନାକଲା ପରେପରେ ବଙ୍ଗଳା ସାହିତ୍ୟକୁ ଆଦରିନେଲେ

## କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟିକ ଜୀବନର ଉନ୍ମେଷ ଓ ଉତରଣ

ସବୁଜ କବିମାନଙ୍କ ମଧ୍ୟରେ ଅଗ୍ରଜ ସ୍ରଷ୍ଟା କାଳିନ୍ଦୀଚରଣ ପାଣିଗ୍ରାହୀ । କାବ୍ୟରୁ ତାଙ୍କର ସାହିତ୍ୟିକ ଜୀବନ ଆରମ୍ଭ ଅର୍ଥାତ୍ ୧୯୨୦-୧୯୩୨ ମସିହା ମଧ୍ୟରେ ସେ କବିତା ରଚନା କରିଥିଲେ । ମୁଖ୍ୟତଃ ରେଭେନ୍ସା କଲେଜରେ ପଢୁଥିବା ସମୟରେ କାଳିନ୍ଦୀଚରଣଙ୍କର କଲମ ରଚନା କରିଥିଲେ । ନିଜ ସମ୍ପର୍କରେ ନିଜର ବନ୍ଧୁମାନଙ୍କର ସଂପର୍କରେ ମତାମତ ପ୍ରଦାନକରି ସେ କହିଛନ୍ତି - ପ୍ରଥମ ବିଶ୍ୱଯୁଦ୍ଧର ଧ୍ୱଂସଲୀଳା ପରେପରେ ଆରମ୍ଭ ହୋଇଥିଲା । ପୁର୍ନଗଠନ କାର୍ଯ୍ୟ ଦେଶବ୍ୟାପି, ଅନେକ ସ୍କୁଲ, କଲେଜ, ଘରତୋଳା, ଇଂରେଜ ସରକାର ଭାରତରେ କିଛି କିଛି କୀର୍ତି ରଖିବାକୁ ଯେମିତି ଅବା ବ୍ୟସ୍ତ ବ୍ୟାକୁଳ । ତା'ର ଏକ ନିଛକ କିମ୍ବଦନ୍ତୀ ଓଡିଶାର ଐତିହାସିକ ସହର କଟକରେ ଟି.ଇ. ରେଭେନ୍ସାଙ୍କ ନାମାନୁସାରେ ରେଭେନ୍ସା କଲେଜ ।

କାଳିନ୍ଦୀଚରଣ ପୁରୀ ଜିଲ୍ଲା ସ୍କୁଲର ନୂଆ ଘରେ ପଢୁଥିଲେ, ସେତେବେଳେ କଟକରେ ରେଭେନ୍ସା କଲେଜର ନୂଆଘର ତୋଳା ହେଉଥାଏ । ସାପ୍ତାହିକ 'ସମାଜ' ଖବର କାଗଜରେ ଏସବୁ ଘରତୋଳା ସମାଲୋଚନା ଦେଖି ଆମକୁ ଆଶ୍ଚର୍ଯ୍ୟ ଲାଗିଥିଲା (କାଳିନ୍ଦୀଚରଣଙ୍କୁ), ଯେଉଁ ଓଡିଶାର ପିଲାମାନେ ଭଙ୍ଗା ଚାଳଘରେ ପୁଲାଙ୍ଗ ତେଲ ଦେଇଜଳାନ୍ତି ଓ ପଢନ୍ତି, ତାଙ୍କରି ପାଇଁ ଏତେବଡ କୋଠାଘର ତୋଳି ବିଜୁଳିବତୀ ଖଞ୍ଜିବା ବିରୁଦ୍ଧରେ 'ସମାଜ' ପତ୍ରିକାରେ ତିବ୍ର ସ୍ୱର ଉଠାଇଥାଏ ।

ସେତେବେଳେ ପୁଣି ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ସରକାର ବିରୁଦ୍ଧରେ ଅହିଂସା ଅସହଯୋଗ ଆନ୍ଦୋଳନ । ଦେଶବନ୍ଧୁ ଚିତରଂଜନ ଓ ଜବାବ ସୌକତ ଅଲ୍ଲୀଙ୍କ ଡାକରା, ଏବର୍ଷ ଯୋଉଁ ଛାତ୍ର ସ୍କୁଲ ଓ କଲେଜରେ ପରୀକ୍ଷାଦେବେ, ତାଙ୍କ କପାଳରେ ଲେଖାରହିବ - ୧୯୨୦ କପାଳରେ ଦେଶଦ୍ରୋହୀର ମାର୍କନେଇ କାଳିନ୍ଦୀଚରଣ ଓ ସାଥି ପରୀକ୍ଷାଦେଲେ ଅଥଚ ଛାତ୍ରନେତା ଭାବରେ ପୁରୀରେ ଛାତ୍ର ସମ୍ମିଳନୀ ଡାକିବାଠାରୁ ଆରମ୍ଭକରି 'ଛାତ୍ରଦର୍ପଣ' ପତ୍ରିକା ପ୍ରକାଶନରେ କାଳିନ୍ଦୀଚରଣଙ୍କ ଭୂମିକା ଥିଲା ଅଗ୍ରଣୀ ।

ସେ ସମୟରେ କାଳିନ୍ଦୀଚରଣଙ୍କ ନେତୃତ୍ୱରେ "ଛାତ୍ରଦର୍ପଣ" ପତ୍ରିକା ଉଦ୍‌ଘାଟନ ଉତ୍ସବରେ ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶଙ୍କୁ ନିମନ୍ତ୍ରଣ କରିଥିଲେ । ପତ୍ରିକାର ଏକ ମୁଦ୍ରିତ ସଂଖ୍ୟାନେଇ ଭେଟିଥିଲେ ଉତ୍କଳଗୌରବ ମଧୁସୂଦନଙ୍କୁ । ସ୍କୁଲରୁ ହିଁ ପାଠପଢାର ଚିରଦିନ ପାଇଁ ଢେରିବାନ୍ଧୀ ରାଜନୀତିରେ ପଶିବୁ କି ପରୀକ୍ଷାଦେଇ କଲେଜରେ ନାମ ଲେଖାଇବୁ । ଏ ଦ୍ୱନ୍ଦରେ କାଳିନ୍ଦୀଚରଣ ଓ ସାଥିଙ୍କର ମୁଣ୍ଡ ଆନ୍ଦୋଳିତ ହେଉଥିଲା । ସେହି ସମୟରେ ଢେଙ୍କାନାଳ ସ୍କୁଲରୁ ଆସି ଅନ୍ନଦାଶଙ୍କର ରାୟ ପୁରୀ ଜିଲ୍ଲା ସ୍କୁଲରେ ନାମ ଲେଖାଇବାରୁ ତାଙ୍କ ସହିତ ବନ୍ଧୁତା ସହ ସାହିତ୍ୟ ଚର୍ଚ୍ଚାର ସୁରାଖ ମଧ୍ୟ ଦେଖାଦେଇଥିଲା ।





## ସାହିତ୍ୟ ସ୍ରଷ୍ଟା ନରେନ୍ଦ୍ର ମୋଦି

ନରେନ୍ଦ୍ର ମୋଦି ଭାରତବର୍ଷ ଗୁଜୁରାଟ ପ୍ରଦେଶର ବଡନଗର ସହରରେ ଜନ୍ମଗ୍ରହଣ କରିଥିଲେ । ବାପା ଦାମୋଦର ଦାସ ମୋଦି ଓ ମା ହୀରାବାଈଙ୍କ ସେ ତୃତୀୟ ସନ୍ତାନ ତାଙ୍କ ଜନ୍ମ ସ୍ୱାଧିନ ଭାରତରେ ୧୭ ସେପ୍ଟେମ୍ବର ୧୯୫୦ । ଗୁଜୁରାଟର ରାଜଧାନୀ ଅହମଦାବାଦ ଠାରୁ ୧୧୨କି.ମି. ତଥା ମହେସାଣା ଜିଲ୍ଲା ଠାରୁ ମାତ୍ର ୩୪କି.ମି. ଦୂରରେ ବଡନଗର ସହର । ଏହା ଏକ ବହୁ ପୁରାତନ ତଥା କ୍ଷୁଦ୍ର ସହର ଗୁଜୁରାଟ ପ୍ରଦେଶର । ଭାରତୀୟ ସ୍କନ୍ଦ ପୁରାଣ ସାହିତ୍ୟରେ ମଧ୍ୟ ବଡନଗର ସହର ବାବଦରେ ଉଲ୍ଲେଖ ରହିଅଛି । ଏହି ସହର ମନ୍ଦିରମାଳିନୀ ତଥା ପୁଷ୍କରିଣୀର ନଗରୀ ଭାବରେ ବି ବିଖ୍ୟାତ ଅଟେ । ସୂକ୍ଷ୍ମ କାରୁକାର୍ଯ୍ୟ ବିମଣ୍ଡିତ ଏଠିକାର କୀର୍ତିତୋରଣ ବିଶ୍ୱବିଖ୍ୟାତ । କଳାଶିଳ୍ପ ବଡନଗର ସହରର ଅନ୍ୟ ଏକ ପରିଚୟ । ଏହି ପବିତ୍ର ଭୂମି (ଜନ୍ମମାଟି) ନରେନ୍ଦ୍ର ମୋଦିଙ୍କୁ ଆକର୍ଷିତ କରିପାରିଥିଲା - ଜଣେ ସୃଜନଶୀଳ ବ୍ୟକ୍ତି ହେବାପାଇଁ ।

କଳା ଭାସ୍କର୍ଯ୍ୟର ସହର ପ୍ରତି ବିମୋହିତ ହୋଇପଡିଥିଲେ କିଶୋର ନରେନ୍ଦ୍ର ମୋଦି । କିଶୋର ମୋଦି ଘର ପରିବାରକୁ ତୁଚ୍ଛକରି ୧୭ ବର୍ଷ ବୟସରୁ ଘରୁ ପଳାଇଯାଇ ହିମାଳୟ ପର୍ବତର ପାଦଦେଶରେ କିଛିବର୍ଷ ଅତିବାହିତ କରି (ସାଧୁରତ ସାଧନା ଜୀବନ) ୧୯୭୦ ମସିହାରେ ପୁଣି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍.ଏସ୍.ଏସ୍.)ରେ ଯୋଗଦାନ । ନାଗପୁରରେ କିଛିକାଳ ତାଲିମ ନେବାପରେ ସଂଘ ପରିବାରର ସକ୍ରୀୟ ପ୍ରିୟଭାବନ ହୋଇପାରିଥିଲେ । ଫଳରେ ମୋଦିଙ୍କୁ ସଂଘର ଶିକ୍ଷାର୍ଥୀବାହିନୀ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ଗୁଜୁରାଟ ପ୍ରଦେଶ ଶାଖାର ଦାୟିତ୍ୱ ଦିଆଯାଇଥିଲା ।

ଏହି ସମୟରେ ଗୁଜୁରାଟର ଏକ ସାମାଜିକ ସଂଗଠନ ଗୁଜୁରାଟ ଲୋକ ସଂଘର୍ଷ ସମିତିରେ ସାମିଲ ହୋଇ ସଂସ୍ଥାର ମହାସଚିବ ଭାବରେ ନିର୍ବାଚିତ ହେଲେ । ଏହି ସମୟରେ ସେ ତାଙ୍କର ପ୍ରଥମ ସୁଜନୀ "ସଂଘର୍ଷ ମା ଗୁଜୁରାଟ" ନାମରେ ଏକ ପୁସ୍ତକ ନିଜର ମାତୃଭାଷା ଗୁଜୁରାଟୀରେ ପ୍ରକାଶିତ କରିଲେ । ଏଥିରେ ଜରୁରୀକାଳୀନ ପରିସ୍ଥିତିରେ ଅଣକଂଗ୍ରେସ ସରକାର ଥିବା ଗୁଜୁରାଟ ରାଜ୍ୟର ଅବସ୍ଥା କିପରି ଥିଲା ସେ ଉକ୍ତ ବହିରେ ଲେଖିଛନ୍ତି । ତିରିଶ ମାସ ଧରି ଗଣତନ୍ତ୍ର ପାଇଁ କିପରି ସଂଗ୍ରାମ ଚାଲିଥିଲା ସେ ଏଥିରେ ବିଷାଦ ଭାବରେ ବର୍ଣ୍ଣନା କରିଅଛନ୍ତି । ଗୁଜୁରାଟବାସୀ କିପରି ସଂଗ୍ରାମ କରିଛନ୍ତି ଜରୁରୀକାଳୀନ ପରିସ୍ଥିତିରେ ସେ ତାହାକୁ ତାଙ୍କ ପୁସ୍ତକରେ ସ୍ଥାନୀତ ଦେଇଛନ୍ତି । ସେ ଏଇ ବହିଟିକୁ ମାତ୍ର ତେଇଶ ଦିନରେ ନିଜ ସ୍ମୃତିରୁ ଲେଖିଅଛନ୍ତି । ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ମୋଦି ଅନ୍ତଧ୍ୟାନ ହେଇ (Underground) ଏହାର ସଂଘର୍ଷ ମା ଗୁଜୁରାଟ (Gujarat in Emer-

gency) ପୁସ୍ତକ ରଚନା କରିଥିଲେ । ଏହି ପୁସ୍ତକ ଲେଖିବାବେଳକୁ ନରେନ୍ଦ୍ର ମୋଦିଙ୍କୁ ମାତ୍ର ପଚିଶ ବର୍ଷ ହୋଇଥିଲା ।

ତତ୍‌ପରେ ୧୯୭୦ ମସିହାରେ ନରେନ୍ଦ୍ର ମୋଦି ଗୁଜୁରାଟୀ ପତ୍ରିକା "ଚାନ୍ଦିନୀ" ପାଇଁ କ୍ଷୁଦ୍ରଗଳ୍ପ ଲେଖାଲେଖି କରୁଥିଲେ । ସେ ଏସବୁ ତାଙ୍କର ଏକ ଗଳ୍ପ ସଂକଳନ "ପ୍ରେମ ତୀର୍ଥ" ନାମରେ ଏକ ପୁସ୍ତକ ରଚନା କରିଅଛନ୍ତି । ଏଥିରେ ୧୨ଗୋଟି ଗଳ୍ପକୁ ମୋଦି ଗୁଜୁରାଟୀ ଭାଷାରେ ରଚନା କରିଥିଲେ । ସେ ଗଳ୍ପଗୁଡିକ ମଧ୍ୟରେ - ଅଭିଳାସା, ପ୍ୟାରୀ ବୋଟୀ ଭୋଲୁ, ସ୍ମାରକ, ରୁମ୍ ନମ୍ବର ୯, ଦିପକ, ସେତୁ, ଲଗାବ କା ଅଙ୍କୁର, ଅନୁରାଗ କା ପୁର୍ନଜନ୍ମ, ନରେନ୍ଦ୍ର ମୋଦିକୀ ସୁକ୍ତୀୟା ଓ କୁଛ୍ ବାତ୍ ଏସି ହେ ପ୍ରମୁଖ ଗଳ୍ପ ଅଟେ ।

ମୋଦିଙ୍କର ଏ ଗଳ୍ପଗୁଡିକ ଅତି ଭାବସ୍ପର୍ଶକ ସହ ଗୁଜୁରାଟୀ ପାଠକଙ୍କ ହୃଦୟସ୍ପର୍ଶୀ । ଖାଲି ଗୁଜୁରାଟୀ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟରେ ମଧ୍ୟ ଏ ଗଳ୍ପ ସଂକଳନ "ପ୍ରେମତୀର୍ଥ" ପାଠକୀୟ ଆଦୃତ୍ୟ ଲାଭ କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଆମ ମାତୃଭାଷା ଶାସ୍ତ୍ରୀୟ ଓଡିଆ ଭାଷାରେ ବିଶିଷ୍ଟ ଅନୁବାଦକ - ଓଡିଶା ଶିକ୍ଷା ସେବାର ଅଧିକାରୀ ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ମହାନ୍ତି ଅନୁବାଦ କାର୍ଯ୍ୟ ପରିସମାପ୍ତିକରି ପୁସ୍ତକ ପ୍ରକାଶନ ଅପେକ୍ଷାରତ । ମହାନ୍ତି ବାବୁଙ୍କ ସହିତ ମୋର ବ୍ୟକ୍ତିଗତ ସମ୍ପର୍କ ଖୁବ୍ ଉତମ । ଆମେ ନରେନ୍ଦ୍ର ମୋଦିଙ୍କ ସାହିତ୍ୟର ବିକାଶରେ ଜଣେ ଜଣେ ପଥିକ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ମାତୃଭାଷା ଗୁଜୁରାଟୀ ସହିତ ହିନ୍ଦୀ, ଇଂରାଜୀ, ମରାଠି ଭାଷାରେ ପାରଙ୍ଗମ ଥିଲେ ଓ ଜଣେ ଉର୍ଜସ୍ୱିନୀ ବ୍ୟକ୍ତା ମଧ୍ୟ ଥିଲେ ।

ଉଚ୍ଚକୋଟୀର ବିଚାର ଉତେଜକ ସାହିତ୍ୟ ପଢିବା ସଙ୍ଗେସଙ୍ଗେ ଲେଖାଲେଖି କରିବାରେ ବି ନରେନ୍ଦ୍ର ମୋଦିଙ୍କର ଖୁବ୍ ଆଗ୍ରହ ।

ରାଷ୍ଟ୍ରବାଦୀ ସଂଗଠନ - ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍.ଏସ୍.ଏସ୍.)ର ପ୍ରାଣ ପ୍ରତିଷ୍ଠାତା ଡକ୍ଟର କେଶବ ବଳରାମ ହୋଡଶଓ୍ୱାରୀ ତାଙ୍କର ଉତରାଧିକାରୀ ତଥା ସଂଘର ଦ୍ୱିତୀୟ ସରସଂଘ ସଂଚାଳକ (ରାଷ୍ଟ୍ରୀୟ ମୁଖ୍ୟ) ଲକ୍ଷ୍ମଣ ରାଓ ଇନମ୍‌ଦାର ବା ଓକିଲ ସାହେବ (ଡାକନାମ) ସେ ପେଷାରେ ଓକିଲ ହୋଇଥିବାରୁ ତାଙ୍କୁ ସମ୍ମାନାର୍ଥେ ସମସ୍ତେ ଓକିଲ ସାହେବ ଡାକନ୍ତି । ସେ ଗୁଜୁରାଟ ପ୍ରଦେଶରେ ଦୀର୍ଘ ୪୩ ବର୍ଷ ଧରି ସଂଘର ପ୍ରଚାରକ ଥିଲେ ଓ ନରେନ୍ଦ୍ର ମୋଦିଙ୍କର ଗୁରୁଥିଲେ ।

ମୋଦି ସ୍କୁଲ ଶିକ୍ଷା ସମୟରେ ସମର ଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି.) କ୍ୟାଡେଟ୍ ଥିଲେ । ପିଲାଟି ଦିନରୁ ତାଙ୍କର ରାଷ୍ଟ୍ରଭକ୍ତି ଥିଲା । ଏହାକୁ ଓକିଲ ସାହେବ ବୁଝିପାରି ମୋଦିଙ୍କୁ ବାଳ ସ୍ୱୟଂ ସେବକ କରି ସଂଘରେ ପ୍ରବେଶ କରାଇଥିଲେ । ମୋଦି ତାଙ୍କୁ ଆଦର୍ଶ ପୁରୁଷ ଭାବରେ ସମ୍ମାନ ପ୍ରଦର୍ଶନ





## ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାହିତ୍ୟିକ ଜୀବନର ଉନ୍ମୋଷ ଓ ଉତରଣ

ସେତେବେଳେ ଜଣେ ପାଠକ ତାଙ୍କ କବିତାରେ କିଛି ରହସ୍ୟବାଦୀ ଅନୁଚିନ୍ତାର ସନ୍ଧାନକରେ । ବୈକୁଣ୍ଠନାଥ ପଟ୍ଟନାୟକ ତାଙ୍କ କବିତାମାନଙ୍କରେ ଯେତେ ରହସ୍ୟବାଦୀ କାଳିନ୍ଦୀଚରଣ ସେତିକି ଅବଶ୍ୟ ରହସ୍ୟବାଦୀ ନୁହଁନ୍ତି । ତଥାପି ତାଙ୍କର କବିଚିତ ଇନ୍ଦ୍ରିୟରୁ ଇନ୍ଦ୍ରିୟାତୀତ ଆଡକୁ ଓ ପାର୍ଥିବତାରୁ ଅପାର୍ଥିବତା ଆଡେ ଉତୋଳିତ ହୋଇଛି ।

କାଳିନ୍ଦୀଚରଣଙ୍କ କବି ବ୍ୟକ୍ତିତ୍ୱର ସବୁକିଛି ପରିଚୟ ଉର୍ଦ୍ଧ୍ୱରେ । ସେ ଥିଲେ ଏକାନ୍ତ ଜୀବନବାଦୀ କବି । ପାଦ ଥାପିଥିବା ଏ ପୃଥିବୀ ତାଙ୍କ ପାଇଁ ସବୁଠାରୁ ପ୍ରିୟ ଓ ବିଶ୍ୱାସନୀୟ । ଜୀବନ ଯେତେ ଦୁଃଖଦ ହେଲେ ହିଁ ତାହା ତାଙ୍କ ପାଇଁ ଦେବତାର ଆଶୀର୍ବାଦ ପରି । ସ୍ୱର୍ଗ ନୁହେଁ ମର୍ତ୍ତ୍ୟ ହିଁ ତାଙ୍କର କାମ୍ୟ । ଏହି ମର୍ତ୍ତ୍ୟକୁ କବି ଅମରବତୀ ବୋଲି ଜ୍ଞାନ କରିଛନ୍ତି । ଏ ମର ଜୀବନକୁ କବି ପୁଣି କୋଟିନିଧି ବୋଲି ମନେ କରିଅଛନ୍ତି । ଏ ଜଗତକୁ ସେ ସୁନ୍ଦର ଓ ଶୁଭଙ୍କର ବୋଲି ଉପଲବ୍ଧ କରିଛନ୍ତି । ସେ ତେଣୁ ଲେଖିଛନ୍ତି –

ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏ ସ୍ୱର୍ଣ୍ଣ ସିଦ୍ଧି
ଭୋଗିବାକୁ ତାହା
ବେଳ ନାହିଁ ଆହା
କିବା ଲୋଡା
ସ୍ୱର୍ଗ ଯୋଡା

ମର୍ତ୍ତ୍ୟ ଓ ମଣିଷ ତାଙ୍କ ପାଇଁ ଅତ୍ୟନ୍ତ ପ୍ରିୟ ଓ ପରମ । ସାହିତ୍ୟିକ କାଳିନ୍ଦୀଚରଣଙ୍କ ସାହିତ୍ୟିକ ଜୀବନକୁ ଆୟୁଧକରି ଅନେକ ଗବେଷକ ଗବେଷଣା କରି ବିଶ୍ୱବିଦ୍ୟାଳୟରୁ (ପିଏଚ୍.ଡି) ଉପାଧି ପାଇଅଛନ୍ତି । ସେମାନଙ୍କର ମଧ୍ୟରୁ –

ପ୍ରଫେସର ଡକ୍ଟର ବିଷ୍ଣୁପ୍ରିୟା ଓତା ଙ୍କ ସନ୍ଦର୍ଭ "କାଳିନ୍ଦୀଚରଣ କଥା ସାହିତ୍ୟ" ତଥା

ପ୍ରଫେସର ଡକ୍ଟର ବୀଣାପାଣୀ ପ୍ରଧାନଙ୍କ ସନ୍ଦର୍ଭ "କାଳିନ୍ଦୀଚରଣ କାବ୍ୟମାନସ"

ଓଡିଆ ସାହିତ୍ୟ କାହିଁକି ଭାରତୀୟ ସାହିତ୍ୟ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ ।

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଆତ୍ମଜୀବନୀ "ଅଙ୍ଗେ ଯାହା ନିଭାଇଛି" – ତାଙ୍କ ସ୍ୱରଚିତ ଜୀବନୀବୃତାନ୍ତ ଯାହାକି ଭାରତୀୟ ସାହିତ୍ୟରୁ ଏକ ବହୁମୁଖୀ ପୁସ୍ତକଟିଏ ।

ସମୟର କାଳସ୍ରୋତରେ ଲୀନ ହୋଇଛନ୍ତି ସାରସ୍ୱତ ସାଧକ କାଳିନ୍ଦୀଚରଣ ମାତ୍ର ତାଙ୍କର କାଳଜୟୀ ସାରସ୍ୱତ୍‌କୃତି ଚିରକାଳକୁ ଅମର ହୋଇ ରହିବ ।





କରୁଥିଲେ ଓ ସେ ମୋଦିଙ୍କୁ ଏକ ଦେଶ ସେବକର ଉପଦେଶ ଦେଉଥିଲେ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ସଂସ୍ପର୍ଶରେ ମୋଦି ଆସି ତାଙ୍କୁ ରାଷ୍ଟ୍ରପୁରୁଷ ଭାବରେ ନିଜର ଆଦର୍ଶ ଭାବି କାର୍ଯ୍ୟ କରୁଥିଲେ

ନରେନ୍ଦ୍ର ମୋଦି ଗୁଜୁରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ଓକିଲ ସାହେବଙ୍କ ସ୍ମୃତିରେ ଅହମଦାବାଦରେ ଏକ ସ୍କୁଲ କରିଛନ୍ତି ।

ଲକ୍ଷ୍ମଣ ରାଓ ଇମାନାଦାର ବା ଓକିଲ ସାହେବଙ୍କ ଜୀବନୀ ଓ ସମୟକୁ ଆଧାରିତ କରି ଅନ୍ୟ ଜଣେ ଲେଖକ ରାଜା ଭାଇ ନେନେଙ୍କ ସହାୟତାରେ ନରେନ୍ଦ୍ର ମୋଦି (ଯୁଗ୍ମ ଲେଖକ / ସହଯୋଗୀ ଲେଖକ) ଭାବରେ "ସେତୁବନ୍ଧ" ବୋଲି ଏକ ପୁସ୍ତକ ରଚନା କରିଅଛନ୍ତି ।

ଏହି "ସେତୁବନ୍ଧ" ପୁସ୍ତକ ଗୁଜୁରାଟୀ ସାହିତ୍ୟରେ ଖୁବ୍ ପ୍ରଭାବ ବିସ୍ତାର ସହ ସମଗ୍ର ଭାରତବର୍ଷରେ ସଂଘର ପ୍ରଚାରକମାନଙ୍କ ମଧ୍ୟରେ ଏ ପୁସ୍ତକ ମାର୍ଗଦର୍ଶନ ଲାଭ କରିଥିଲା । ନରେନ୍ଦ୍ର ମୋଦିଙ୍କର ଗୁଜୁରାଟୀ ଭାଷାରେ ଅନୁବାଦିତ ଏକ ପୁସ୍ତକ "ପତ୍ରରୂପ ଶ୍ରୀ ଗୁରୁଜୀ" ନାମରେ ପ୍ରକାଶିତ ଓ ପୁସ୍ତକର ବିଷୟବସ୍ତୁ ହେଲା । ମୋଦିଙ୍କ ଗୁରୁ ସଂଘର ଦ୍ୱିତୀୟ ସରସଂଘ ସଂଚାଳକ ଲକ୍ଷ୍ମଣ ରାଓ ଇନାମଦାର ବା ଓକିଲ ସାହେବ ସଂଘର ପ୍ରଚାରକ ଭାବରେ ବିଭିନ୍ନ ଅଚଂଳ ପରିଦର୍ଶନ ସହ ସଂଘ କାର୍ଯ୍ୟ ବିସ୍ତାରିତ କରିବା ସମୟରେ କେତେଗୁଡିଏ ପତ୍ର (ଚିଠି) ମରାଠି, ହିନ୍ଦୀ ଓ ଇଂରାଜୀ ଭାଷାରେ ଲେଖିଥିଲେ । ସମସ୍ତ ପତ୍ରକୁ ଏକତ୍ର କରି ନରେନ୍ଦ୍ର ମୋଦି – "ପତ୍ରରୂପ ଶ୍ରୀ ଗୁରୁଜୀ" ପୁସ୍ତକ ରଚନା କରିଥିଲେ । ଗୁଜୁରାଟୀ ସାହିତ୍ୟ ତଥା ସଂଘର ପ୍ରଚାରକମାନଙ୍କ ମଧ୍ୟରେ ଖୁବ ଆଦୃତ ଲାଭ କରିଥିଲା

ନରେନ୍ଦ୍ର ମୋଦିଙ୍କ ଅନ୍ୟ ଏକ ପୁସ୍ତକ ଅନୁବାଦ "ସମ୍ରଷ୍ଟ ଶିବାୟ ସମତା ଅକ୍ଷୟ" । ଏହି ପୁସ୍ତକର ମୂଳ ଲେଖକ ମହାରାଷ୍ଟ୍ରର ପ୍ରସିଦ୍ଧ ଲେଖକ ଦତୋପନ୍ତ ଥୋଙ୍ଗାଡି । ଏ ପୁସ୍ତକ ଗୁଜୁରାଟ ଅନୁବାଦ ସାହିତ୍ୟର ଏକ ସାରସ୍ୱତ ସୃଷ୍ଟି ।

ଏତଦ୍‌ବାଦ ନରେନ୍ଦ୍ର ମୋଦି ପିଲୁ ଫୁଲ (ହଳଦିଆ ଫୁଲ) ନାମକ ଏକ ନାଟକ ଲେଖିଥିଲେ । ଯାହାକି 'ଅସ୍ପୃଶ୍ୟତା ଏକ ପାପ' ଭାବରେ ଏକ ନାଟକ ପରିବେଷଣ ସହିତ ମୋଦି ମଧ୍ୟ ଏ ନାଟକରେ ନିର୍ଦ୍ଦେଶନା ଦେବା ସହ ନିଜେ ମଧ୍ୟ ଅଭିନୟ କରିଥିଲେ । ସେ ଜଣେ ନାଟ୍ୟକାର ଭାବରେ ମଧ୍ୟରେ ପରିଚିତ ଥିଲେ ।

ଜାତୀୟ ଜରୁରୀକାଳୀନ ପରିସ୍ଥିତିରେ ନରେନ୍ଦ୍ର ମୋଦି ଏକ ଛୋଟ ସମ୍ବାଦପତ୍ର "ସତ୍ୟବାଣୀ" ପ୍ରକାଶ କରୁଥିଲେ । ଜଣେ ସାମ୍ବାଦିକ ଭାବରେ ମଧ୍ୟ କିଛି କାଳ କାର୍ଯ୍ୟ କରିଥିଲେ । ଅନିକେତ ଛଦ୍ମ ନାମରେ ସେ "ସାଧନା" ସାପ୍ତାହିକ ପାଇଁ ଗୋଟିଏ ସ୍ତମ୍ଭ ଲେଖିଥିଲେ । ଏହି ସ୍ତମ୍ଭ ରାଜନୀତି, ସଂସ୍କୃତି, ବ୍ୟକ୍ତିତ୍ୱ ଏହିଭଳି ବ୍ୟାପକ ବିଷୟରେ ଲିଖିତ ହୋଇଥିଲା ।

ନରେନ୍ଦ୍ର ମୋଦିଙ୍କର ଅନ୍ୟଏକ ବହୁଚର୍ଚ୍ଚିତ ପୁସ୍ତକ "ଜ୍ୟୋତିପୁଞ୍ଜ" । ୧୬ ଜଣ ବ୍ୟକ୍ତିଙ୍କ

ଜୀବନୀ ଉପରେ ଏହି ପୁସ୍ତକଟି ଆଧାରିତ । ମୋଦି ସେମାନଙ୍କର ଜୀବନୀ ପରିଧିକୁ ଆସି ସେମାନଙ୍କର ସ୍ନେହ ସହାନୁଭୂତିରେ ମୁଗ୍ଧ ହୋଇଥିଲେ ।

ଦୁନିଆଁରେ ଏଭଳି ବ୍ୟକ୍ତି ଅଛନ୍ତି ଯେଉଁମାନେ ପରୋପକାର ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥାନ୍ତି । ସେହିମାନେ ଜନସାଧାରଣଙ୍କ ପ୍ରେରଣାର ଉତ୍ସ । ମୋଦିଙ୍କର ପୁସ୍ତକ "ଜ୍ୟୋତିପୁଞ୍ଜ" ସେହିଭଳି କେତେଜଣ ସମର୍ପିତ ବ୍ୟକ୍ତିଙ୍କର ଜୀବନ ଗାଥା । ସେହି ବ୍ୟକ୍ତିତ୍ୱମାନେ ହେଲେ –

୧. ଏ ଟ୍ରିବ୍ୟୁଟ୍ କୁ ବିବେକାନନ୍ଦ – ଡକ୍ଟର ସାହେବ
୨. ମାନ୍ୟବର ଗୁରୁଜୀ ମାଧବ ରାଓ, ସଦାଶିବ ରାଓ ଗୋଲଭକର
୩. ଟ୍ରାନ୍ସପେରେଟଂ ଜେମ୍ ପାପାଜୀ ଡକ୍ଟର ପ୍ରାଣଲାଲ ଦୋଶୀ
୪. ଯୁଗରୁଷୀ – ଶତାୟୁ ଶାସ୍ତ୍ରୀଜୀ
୫. ସଂଘଯୋଗୀ ଓକିଲ ସାହେବ ଲକ୍ଷ୍ମଣ ରାଓ ଇମାନଦାର
୬. ମଧୁର ମଧୁକର ମଧୁକରାଓ ଭଗବତ
୭. ଦୃଢସଂକଳ୍ପ – ଅନନ୍ତରାଓ କୋଲେ
୮. ଶ୍ରେଷ୍ଠବ୍ୟକ୍ତିତ୍ୱ – କେଶବ ରାଓ ଦେଶମୁଖ
୯. ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ – ବସନ୍ତଭାଇ ଗଜେନ୍ଦ୍ର ଗଡକର
୧୦. ସେବାବ୍ରତ – ଡକ୍ଟର ବିଶ୍ୱନାଥ ରାଓ ବାନିକର
୧୧. ଚିରକର୍ମଯୋଗୀ – କାଶିନାଥ ରାଓ ବାଗ୍ୱାଡେ
୧୨. ବିପ୍ଲବ ଜୀବନ – ନାଥଭାଇ ଝାଗଡ଼ା
୧୩. ବହୁବିଧ ପ୍ରତିଭା – ବାବୁଭାଇ ଓଝା
୧୪. ଗଙ୍ଗାଘାଟି – ବଚୁଭାଇ ଭଗତ
୧୫. ବିଜ୍ଞବ୍ୟକ୍ତିତ୍ୱ – ବାସୁଦେବ ରାଓ ତାଲଭେକର
୧୬. ଚିରବସନ୍ତ – ବସନ୍ତରାଓ ଚିପଲୁଙ୍କର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ସଫଳ ରାଜନେତା ସହିତ ସାହିତ୍ୟିକ । ଗୁଜୁରାଟର ମୁଖ୍ୟମନ୍ତ୍ରୀ ପଦବୀ ତଥା ଭାରତର ପ୍ରଧାନମନ୍ତ୍ରୀ ଭଳି ସର୍ବୋଚ୍ଚ ଆସନରେ ରହି ଜନସେବା କରିବା ସହିତ ସାହିତ୍ୟ ସାଧନାକୁ କଦାପି ଭୁଲିପାରିନାହାଁନ୍ତି ।

ନରେନ୍ଦ୍ର ମୋଦିଙ୍କର ଇଂରାଜୀରେ ଏକ ପୁସ୍ତକ "CONVENIENT ACTION - Gujarat's response to challenge's of Climate Change". ଗୁଜୁରାଟ ସରକାରଙ୍କ ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଏକ ଚିତ୍ରିତ କଫି ଟେବୁଲ ପୁସ୍ତକରେ ଦର୍ଶାଯାଇଛି । ଏହି





କବି କାଳିନ୍ଦୀଚରଣ କୀଟ୍ସ ଓ ଶେଲୀଙ୍କ ପରି କେତେକ ପ୍ରସିଦ୍ଧ ଇଂରାଜୀ କବିଙ୍କ କବିତା ଦ୍ୱାରା ପ୍ରଭାବିତ ହୋଇଛନ୍ତି । କୀଟ୍ସ "ଙୟସ ଷ୍ଟକ୍ସ ଷ୍ପଷର ଘସଶଷଷ୍ପସଭଶବକ୍ଷର" ପରି କବି କାଳିନ୍ଦୀଚରଣ ତାଙ୍କ "କୁହୁପ୍ରାସ" କବିତାରେ କୋକିଳର କୁଜନରେ ଚରମ ଉଲ୍ଲାସ ଅନୁଭବର କଥା ଲେଖିଛନ୍ତି । କବି ଲେଖିଛନ୍ତି –

'ଧରଣୀ ହେଲା କୋମଳତମ୍ ଆକାଶ କମନୀୟ
ମରଣ ହେଲା ମଧୁରତର ଜୀବନ ହେଲା ପ୍ରିୟ'

କବି କାଳିନ୍ଦୀଚରଣ ଥିଲେ ବିରହ – ମିଳନ – ପ୍ରେମ – କରୁଣା – ବିମୁଗ୍ଧ ଅନୁଭୂତିର ଚିତ୍ରକର । ତାଙ୍କର ମାନସୀ କବିତା ସେହି ଚିତ୍ରପଟ୍ଟର ଏକ ଜ୍ୱଳନ୍ତ ଉଦାହରଣ –

ମରମେ ଲେଖଇ ବିରହ ଯାହାର ଦୂରୁହ ବ୍ୟଥା
ମିଳନ ଯାହାର ସଜଳ କରଇ କଜଳ ପତା
ସେହି ସେ ମନର ମାନସୀ ଆଶାରେ ଝୁରଇ ବସି
ତା ଲାଜ ଚିଟାଉ ଲେଖିବାକୁ ମୁଁ ଯେ ଖୋଜଇ କଥା

ମାନସୀ

କବି କାଳିନ୍ଦୀଚରଣ ଅନ୍ତରର ପ୍ରେମିକାକୁ ଦେବୀଜ୍ଞାନ କରିଛନ୍ତି – ଦେଇଛନ୍ତି ତାଙ୍କର କବିତା 'ଆଶ୍ୱାସନ'ରେ –

ତିଆଗି ଯିବି ସବୁ ତମରି ଲାଗି ସଖି
ତୁମରି ପଦେ ମୋର ଜୀବନ ପୂଜା ରଖି
ଜାଣେ ଗୋ ଜାଣେ ସେହି
ଆଦର ସଦା ବହି
ତୋଳିବ ଧୂଳି ତଳୁ
ପରମ ପ୍ରୀତି ବଳୁ

ଆଶ୍ୱାସନା

କାଳିନ୍ଦୀଚରଣ ମଧ କେତେକ ଚମତ୍କାର ଭକ୍ତିକବିତା ଲେଖିଛନ୍ତି । ଉପନିଷଦୀୟ ଚେତନା ଏହି ଭକ୍ତି କବିତାରେ ପରିସ୍ଫୁଟ ହୁଏ । ତାଙ୍କର 'ପ୍ରସାଧନ', 'ଅଶ୍ଳୋଷ ସ୍ୱର୍ଗ', 'ବିଶ୍ୱର ଆହ୍ୱାନ' ଏହି ପର୍ଯ୍ୟାୟର ଭକ୍ତିଭାବ ସମ୍ବଳୀତ କବିତା । ସେ ଯେତେବେଳେ ଲେଖିଛନ୍ତି –

ସବୁ କୋଳାହଳ ଭେଦି ଶୁଣିବି ମୁଁ
ଶବ୍ଦହୀନ ନୀରବତା ଡାକ

ସବୁକୁ ଲେଖିଛନ୍ତି । ଏହି ପ୍ରଣୟିନୀର ପ୍ରଣୟକୁ ରୂପାୟିତ କରିବାରେ 'ଲୋହିତ ବ୍ୟଥା' ହେଉଛି ସେହି ଚେତନାର ଆଉଗୋଟିଏ କବିତାଟିଏ, କାଳିନ୍ଦୀଚରଣ ତାଙ୍କ ସମୟରେ ଅନ୍ନଦାଶଙ୍କର, ଶରତଚନ୍ଦ, ବୈକୁଣ୍ଠନାଥଙ୍କ ପରି ଏତେ କଳ୍ପନା ପ୍ରବଣ ନୁହଁନ୍ତି । କାଳିନ୍ଦୀଚରଣଙ୍କ କବିତାରେ ଯୌବନକୁ ଧରିରଖିବା ପାଇଁ କିଛି ଅଧିକ ପ୍ରବଣତା ଅଛି । ଯୌବନର ଅର୍ଚ୍ଚନା ମଧ ସେ କରିଛନ୍ତି । ପ୍ରିୟାପାଇଁ କିଛି ସ୍ୱପ୍ନପ୍ରବଣତା ତାଙ୍କ କବିତାରେ ରହିଛି । କିନ୍ତୁ ଜୀବନର ବାସ୍ତବତା ପ୍ରତି ସେ ଆଦୌ ବିମୁଖ ନଥିଲେ । ତାଙ୍କ କବିତାରେ ଯେଉଁ ନୈରାଶ୍ୟର ସ୍ୱର ରହିଛି ସବୁଜ କାବ୍ୟ ଚେତନାରେ ତାହା ଏକ ଅନିବାର୍ଯ୍ୟ ଆଦର୍ଶ ଥିଲା, ମାତ୍ର ତାହା ଏକ ଚଳମାନ ଚେତନା ।

କାଳିନ୍ଦୀଚରଣଙ୍କ କବିତାରେ ପୁଣି ବିରହ, ମିଳନ, ଆନନ୍ଦ, ଅଶ୍ରୁ, ଜୀବନର ପ୍ରାପ୍ତି ଓ ଅପ୍ରାପ୍ତି ସବୁ ସମନ୍ୱିତ ଅଭିବ୍ୟକ୍ତ ଲାଭ କରିଅଛି, କାଳିନ୍ଦୀଚରଣ ତାଙ୍କ ସମୟରେ ଅନ୍ୟ ବନ୍ଧୁମାନଙ୍କ ସହ ଜୀବନର କେବଳ ପ୍ରେମ ପ୍ରଣୟର ଗାଥା ଗାଇନାହାଁନ୍ତି ।

ଓଡିଶାର ଅନ୍ୟତମ ବିଶିଷ୍ଟ ରୋମାଟିଂକ୍ କବି ବିନୋଦ ଚନ୍ଦ୍ର ନାୟକ – କାଳିନ୍ଦୀଚରଣଙ୍କ କବିତ୍ୱ ସମ୍ପର୍କରେ ଯେଉଁ ଅଭିମତ ଦେଇଛନ୍ତି – ତାହା ଯଥାର୍ଥ । ସେ ଲେଖିଛନ୍ତି – ବ୍ୟଙ୍ଗସାହିତ୍ୟର ରବିନ୍ଦ୍ରନାଥ ଓ ହିନ୍ଦୀ ସାହିତ୍ୟର ନିରାଲଙ୍କ କବିତାର ସମକକ୍ଷ ଆମେ ପାଇଲୁ – କାଳିନ୍ଦୀଚରଣ ପାଣିଗ୍ରାହୀ, ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତ ଚନ୍ଦ୍ର ମୁଖାର୍ଜୀ, ହରିହର ମହାପାତ୍ର, କୁନ୍ତଳା କୁମାରୀ ଦେବୀ, ରାଧାମୋହନ ଗଡନାୟକ, ମାୟାଧର ମାନସିଂହ ପ୍ରମୁଖଙ୍କ କବିତାର ଏକ ପ୍ରଗତିଶୀଳ ରୂପ । କିନ୍ତୁ ଏହା ଏକ ନିଚ୍ଛକ ଅଭିଭୂତି ନୁହେଁ – ଉତ୍କଳୀୟ ପରମ୍ପରା ଓ ସଂସ୍କୃତିର ଏହାର ବର୍ଣ୍ଣ – ବିଭବ – ସ୍ୱତନ୍ତ୍ର । କବି କାଳିନ୍ଦୀଚରଣ ଏ ସମୟର ଏକ ଉଦାତ ସ୍ୱର । ଶବ୍ଦ ନିର୍ଭର ଏବଂ ଇଙ୍ଗିତ ଓ ଧ୍ୱାଉସମୟ କବିତାରେ ସେ ଉଦ୍‌ଗୀତା, ଭାରତର ମୁକ୍ତିସଂଗ୍ରାମ ଏବଂ ସଂପୂର୍ଣ୍ଣ ଉତ୍କଳରାଷ୍ଟ୍ର ଗଠନର ପଟ୍ଟଭୂମି ଉପରେ ସେ ଦଣ୍ଡାୟମାନ । ଅନ୍ତରରେ ନିର୍ମାଣର ଆବେଗ ଓ ନୂତନ ପ୍ରତିଶ୍ରୁତିର ଅନେକ ସମ୍ଭାବନାରେ ତାଙ୍କର ସାହିତ୍ୟ ସର୍ଜ୍ଜନା ସ୍ୱାକ୍ଷରିତ । ତାଙ୍କର କାବ୍ୟସମ୍ଭାର ସ୍ପର୍ଶ କଲା ସମୟରେ ଏକ ସ୍ଥିର ସମୟର ନାଡୀ ସ୍ପନ୍ଦନର ପରିଚୟ ମିଳେ । ଆମ୍ଭ ସମ୍ମୁଖରେ ତାଙ୍କର "କବିତାସମଗ୍ର" ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରୁ ଚତୁର୍ଥ ଦର୍ଶକ ମଧ୍ୟରେ ସୃଜନଶୀଳ ଏକ ଦିପ୍ତ ପ୍ରତିଭାର କମନୀୟ ଅବଦାନ

କବି କାଳିନ୍ଦୀଚରଣ ମୁଖ୍ୟତଃ ୧୯୩୩ ମସିହା ପର୍ଯ୍ୟନ୍ତ ରୋମାଟିଂକ୍ କବିତା ରଚନା କରିଥିଲେ, ତା'ପରେ ତାଙ୍କର ଜୀବନଦର୍ଶନ ପରିବର୍ତ୍ତିତ ହୋଇଅଛି ଓ ସେ ବାସ୍ତବ ଜୀବନର ଆଲେଖ୍ୟ ଅଙ୍କନ କରିଛନ୍ତି, ପଦ୍ୟ ପରିବର୍ତ୍ତେ ଗଦ୍ୟ ରଚନାରେ । ୧୯୩୧ରେ ରଚିତ ତାଙ୍କର ଉପନ୍ୟାସ "ମାଟିର ମଣିଷ" ଯାହାକି ଏକ ଉତ୍କୃଷ୍ଟ ପ୍ରମାଣ ।





ପୁସ୍ତକର ମୁଖବନ୍ଧରେ କ୍ଲାଇମେଟ ଗ୍ରୁପ ଲଣ୍ଡନର ସିଇଓ ଷ୍ଟିଭ ହାୱାର୍ଡ ଏହାକୁ Green Autobiography of Narendra Modi ଭାବରେ ଚିତ୍ରଣ କରିଅଛନ୍ତି ।

ଏହି ପୁସ୍ତକରେ - Narendra Modi describes how such clean and green development initiatives then at both State and National level have significantly contributed and will continue to contribute to the adaptation and mitigation of climate change with relevant examples, facts and data. The book chronicles Narendra Modi's vision and commitment to the cause of climate change and represents the big step that India is taking to implement pioneering initiatives and transform itself into nature and environment have always been close to Narendra Modi's heart.

He had advocated complementary relationship between Man and Nature which is embodied ancient vedic literature.

ଏହି ପୁସ୍ତକ ପରବର୍ତ୍ତୀ କାଳରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ପଦବୀରେ ଏକ ସ୍ୱଚ୍ଛ ଭାରତ ମିଶନ ସମଗ୍ର ଭାରତରେ ଲାଗୁ କରିଥିଲେ । ଯୁବପିଢିଙ୍କ ମଧ୍ୟରେ ଏହା ଜନଆଦୃତ ଲାଭ କରିଥିଲା ।

ନରେନ୍ଦ୍ର ମୋଦି ଗୁଜୁରାଟୀ ଭାଷାରେ ଅନେକ କବିତା ରଚନା କରିଛନ୍ତି । ତାଙ୍କର ଦୁଇଗୋଟି କବିତା ସଂକଳନ – "ଏ ଜର୍ଣ୍ଣି" ଓ "ଧନ୍ୟ ଏହି ଆଖି" ପୁସ୍ତକ ଗୁଜୁରାଟୀ କାବ୍ୟ ସାହିତ୍ୟର ଏକ ଅମୂଲ୍ୟ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ ।

"ଏ ଜର୍ଣ୍ଣି" କବିତା ସଂକଳନଟିକୁ ନରେନ୍ଦ୍ର ମୋଦିଙ୍କ ସାଙ୍ଗ ରବିମନ୍ଥା ଇଂରାଜୀ ଭାଷାରେ ଅନୁବାଦ କରିଅଛନ୍ତି । ନୂଆଦିଲ୍ଲୀର ରୂପା ପବ୍ଲିକେଶନ ଏ ପୁସ୍ତକଟିକୁ ପ୍ରକାଶନ କରିଅଛନ୍ତି । ଏ ସଂକଳନର ପ୍ରାକ୍ କଥନରେ ନରେନ୍ଦ୍ର ମୋଦି କହିଛନ୍ତି ବିନମ୍ରତା ସହକାରେ – ଏ କବିତାଗୁଡିକ କୌଣସି ସାହିତ୍ୟିକ ଉତ୍କର୍ଷର ବାହକ ନୁହେଁ, ଏଗୁଡିକ ମୋର କଳ୍ପନାର ସ୍ୱଚ୍ଛ, ନିର୍ମଳ ସ୍ରୋତସ୍ୱିନୀ । ଏହା ମୋର ଏକ ସୃଷ୍ଟି ସମ୍ଭାର । ଏ କବିତା ପୁସ୍ତକରୁ ଅନୁମିତ ହୁଏ ଯେ – ଏହା ନରେନ୍ଦ୍ର ମୋଦିଙ୍କ ଜୀବନ ଯାତ୍ରାର ଏକ ସୂକ୍ଷ୍ମ ବିବରଣୀ । ନିଜର ବ୍ୟକ୍ତିଗତ ଯାତ୍ରା ସହ ନିଜର ଦାର୍ଶନିକ ଓ ଆଧ୍ୟାତ୍ମିକ ଯାତ୍ରାକୁ ମଧ୍ୟ ସେ ଏଥିରେ ସାମିଲ କରିଅଛନ୍ତି ।

୬୭ଗୋଟି କବିତାକୁ ନେଇ "ଏକ ଯାତ୍ରା" କବିତା ସଂକଳନ । ଯାତ୍ରା / ଭାଗ୍ୟବାନ ଚକ୍ଷୁ ମୋର / ଭାସିଯାଏ ମୁହିଁ / ଆଶିଷ / ପ୍ରେମ ପଦାବଳୀ / ଉଠ ଆହେ ବୀର / ଆଜି / ଆମ୍ଭେ ଦୁହେଁ ସାଥୀ / ଆଶା / ଶୀତଳତା / କାଳ ବୀପର୍ଯ୍ୟୟ / ଯୋଦ୍ଧା ଜାଗିଉଠ / ଉଠ ନିଜ ଭାଗ୍ୟକୁ ରୂପ ଦିଅ / ଏକ ବା ଦୁଇ ବିନ୍ଦୁ ଅଶ୍ରୁ / ଏପରି ବ୍ୟକ୍ତି / ଉତ୍ସବ / କାରଗିଲ୍ / କ୍ରିୟା / ଗର୍ବର ସହ ସତ୍ୟର ସନ୍ଧାନ / ସଙ୍ଗୀତ ଏକ ନୂତନ ଦିଗର / ଗରବା ନୃତ୍ୟ / ସଙ୍ଗୀତରେ / ଗୋଲାପ ତୋଡା / ହିନ୍ଦୁ ଭାବରେ ମୁଁ ଗର୍ବୀତ / ତ୍ୟାଗୀ / ବୈରାଗୀ / ଭଗବାନଙ୍କ ଛତ୍ର ତଳେ / ଆସିଛି ବସନ୍ତ / ମିଥ୍ୟାର ଜୟଗାନ / ଛବିର ଅନ୍ତରାଳେ / ବିଚାର / ଭକ୍ତି / ନଦୀର ନାମ ନର୍ମଦା / ସ୍ଥିରପଥ / ଆସନ୍ତାକାଲିର ଆହ୍ୱାନ / ପ୍ରଜାପତି / ମଧୁମକ୍ଷିକୁ / ସ୍ୱଚ୍ଛତାକୁ / ନୂତନ ଦିଗର ଅପେକ୍ଷା / ବିଭୁକୃପା / ପ୍ରଚେଷ୍ଟା / ପ୍ରାର୍ଥନା / ପ୍ରେମ / ସଫଳ ଅଧ୍ୟବସାୟ / ମଧ୍ୟରାତ୍ରୀ / ମନଚନ୍ଦୁ ତୃତୀୟ ନୟନ / ଆମେ ମିଳୁ ଏକା ହୋଇ / ମନ୍ତ୍ର ଉଚ୍ଚାରଣ / ମା ମୋତେ ଶକ୍ତି ଦେ / ଆଶକ୍ତ / ଚାଲ ଆମେ ମେଳାରେ ମୋଳିବା / ଗୁପ୍ତ / ରମେଶ ପାରଖେ / ଲକ୍ଷ୍ୟ ଆଡ଼କୁ / ବନ୍ଦେ ମାତରମ୍ / ପ୍ରେମ କେତେ ଅଜଣା କି ସତେ / ପ୍ରତ୍ୟୁଷର ପ୍ରହେଳିକା / ବେଦନାର ସ୍ରୋତଯାଉ ବୋହି / ଶବ୍ଦାବଳୀ / ଅସମୟ ଋତୁ / ସପନର ବୀଜ / ସାଥୀ ହୋଇ ଚିନ୍ତା କରିବା / ନୌ ଯାତ୍ରୀ / ସଂକଳ୍ପ / ସ୍ମୃତି / ହିନ୍ଦୁର ମନ୍ତ୍ରଗାନ / ଏକାଦଶ ଦିଗ ଆଦି କବିତା ସ୍ଥାନ ପାଇଛି ।

ଅଧିନ ପ୍ରଫେସର ଡକ୍ଟର ସୁବାଷ ନାୟକ ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଏ ଜର୍ଣ୍ଣି" କୁ "ଏକ ଯାତ୍ରା" – ଶାସ୍ତ୍ରୀୟ ଓଡିଆ ଭାଷାର ଅନୁବାଦକ, ଏହା ଓଡିଆ କାବ୍ୟ ସାହିତ୍ୟକୁ ଏକ ଅମୂଲ୍ୟ ଗ୍ରନ୍ଥ ସହିତ ଭାରତୀୟ ସାହିତ୍ୟକୁ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ ।

ମୋର ଦ୍ୱାରା ମାର୍ଗଦର୍ଶିତ ହୋଇ ୧୪ ଜଣ ଭାରତୀୟ କବି 'ଏ ଜର୍ଣ୍ଣି' କବିତାକୁ ନିଜନିଜ ଭାଷାରେ ଅନୁବାଦ କାର୍ଯ୍ୟ କରୁଅଛନ୍ତି – ଯାହାକି ଭାରତୀୟ ସାହିତ୍ୟକୁ ଏକ ଅମୂଲ୍ୟ ଅବଦାନ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡିଆ ଭାଷା, ସଂସ୍କୃତ ଭାଷା, ହିନ୍ଦୀ ଭାଷା, ସିନ୍ଦି ଭାଷା, ମରାଠୀ ଭାଷା, ମାଲାୟଲମ ଭାଷା, କନ୍ନଡ ଭାଷା, ପଞ୍ଜାବୀ ଭାଷା, ରାଜସ୍ଥାନୀ ଭାଷା, ସାନ୍ତାଳି ଭାଷା, ତାମିଲ୍ ଭାଷା, ତେଲୁଗୁ ଭାଷା, ଆସାମୀ ଭାଷା, ବେଙ୍ଗଲି ଭାଷାରେ ଅନୁବାଦ କାର୍ଯ୍ୟ ଚାଲୁରହିଅଛି ।

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ – "ଏ ଜର୍ଣ୍ଣି"କୁ ବିଶ୍ୱସାହିତ୍ୟରେ ପ୍ରତିପାଦନ କରିବାପାଇଁ ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକ ମାର୍ଗଦର୍ଶକ ଭାବରେ କାର୍ଯ୍ୟରତ ।

ଆର୍ଜେଟିଂନା ଦେଶର ସାଂସଦ ସୁଷନା ରୋବର୍ଟ ସ୍ପାନିସ୍ ଭାଷାରେ "ଏ ଜର୍ଣ୍ଣି"କୁ ଅନୁବାଦ କାର୍ଯ୍ୟସାରି ବିଶ୍ୱସାହିତ୍ୟକୁ ଅବଦାନ ଦେଇପାରିଛନ୍ତି ।

ଏତଦ୍‌ବାଦ ଚୀନ୍, ଆମେରିକା, ଫ୍ରାନ୍ସ, ନେପାଳ, ଭୁଟାନ, ବାଲାଂଦେଶ ଭଳି ୭ ଦେଶର ବିଶିଷ୍ଟ କବିମାନେ "ଏ ଜର୍ଣ୍ଣି"କୁ ଅନୁବାଦ କାର୍ଯ୍ୟ ଚାଲୁରଖି ବିଶ୍ୱସାହିତ୍ୟକୁ ପ୍ରତିଫଳିତ କରିପାରିଛନ୍ତି





ଦେଖିବା ପାଇଁ ତୋ ରୀତି ଆଚରଣ ଖାଲି ତୋ ଧରମ ଝୋଲି
ଦୁଃଖ ଆସିଲା ଚାବୁକ ଖଣ୍ଡେ ଆଣିବାକୁ ଗଲି ଭୁଲି ।
ଜୀବର ରାଇଜେ ଧର୍ମ ସେ ଖାଲି ଜୀବହୀନ ଯାଦୁଘର
ନୁହେଁ କିଛି ଆଉ ସଂଚିତ ତହିଁ କଙ୍କାଳ ଜଗତର ।

ଓଡିଶାର ଜନଜୀବନ, ତା'ର ମାଟି, ପାଣି, ପବନ, ତାହାର ସଂସ୍କୃତି, ଜାତୀୟତା ଧର୍ମଧାରଣା ତଥା ବିପୁଳ ସାମାଜିକ ଜୀବନକୁ ସେ ନାନା ଭାବରେ ଲେଖିଛନ୍ତି । ସେଥିପାଇଁ ଗଦ୍ୟ, ପଦ୍ୟ ନିର୍ବିଶେଷରେ କାଳିନ୍ଦୀଚରଣଙ୍କ ସାହିତ୍ୟ ରଚନାର କୃଷ୍ଟି ବା ଆଭିଜାତ୍ୟ ସମସ୍ତ ହୃଦୟକୁ ସ୍ପର୍ଶ କରେ ।

ସେଥିପାଇଁ ତାଙ୍କ କବିତା, ଗଳ୍ପ, ଉପନ୍ୟାସ ସବୁର ଏକ ଭୂମି ସଂଲଗ୍ନ ତା'ର ଗୁଣ ରହିଅଛି । ସେହି ଦୃଷ୍ଟିରୁ ମଣିଷ ଜୀବନର ସ୍ୱପ୍ନକୁ ଲେଖନ୍ତୁ କି ପ୍ରେମକୁ ଲେଖନ୍ତୁ ସବୁଥିରେ ଏକ ଉଚ୍ଚମାନର ଶାସ୍ତ୍ରୀୟତା ପିଣ୍ଡିତ ହୋଇ ରହିଅଛି ।

କାଳିନ୍ଦୀଚରଣ ସଂଗ୍ରାମୀ ମଣିଷର କଥା ଲେଖିଥିବା ଜଣେ ବିପ୍ଳବୀବାଦୀ କବି । ତାଙ୍କ କବିତାର ବିଷୟ ପରିଧି ବିବିଧ, ତେଣୁ ସେଥିପାଇଁ ଅନ୍ୟ ସବୁଜ କବି ମାନଙ୍କଠାରୁ ଅଲଗା ପ୍ରକାରର

କାଳିନ୍ଦୀଚରଣ ସବୁଜ କବିମାନଙ୍କ ମଧ୍ୟରେ ପୁଣି ବୈପ୍ଳବିକ ସାମ୍ୟବାଦୀ ଚେତନା ତଥା ଆଧୁନିକ ଦୃଷ୍ଟିରଙ୍ଗୀ ପ୍ରତି ଅଧିକ ଉନ୍ମୁଖ । ଏହି ପ୍ରଗତିବାଦୀ ଓ ପରିବର୍ତ୍ତନ ଚେତନାରେ – ତାଙ୍କ କବିତା ଜୟ ଭଗବାନ, ଭକ୍ତି ଓ ଚାବୁକ, ବାଜିରାଉତ, ଯାଦୁଘର, ଛୁରୀଟିଏ ଲୋଡା, ମୋ ବାଣୀ, କିଏ ଶଳା ସଇତାନରେ ପରିଦୃଷ୍ଟ ହୁଏ ।

କେତେକ ସାହିତ୍ୟ ଛାତ୍ର ଓ ସମାଲୋଚକ କାଳିନ୍ଦୀଚରଣଙ୍କୁ ନିଜର ପ୍ରେମ ପ୍ରଣୟର ଛବି ଆଙ୍କିଥିବା ସବୁଜଯୁଗର ଜଣେ ବିଚକ୍ଷଣ ରୋମାଟିଂକ୍ କବି ଭାବରେ ଅଭିହିତ କରିଅଛନ୍ତି । ଏପରିକି କେତେଜଣ ତାଙ୍କ କବିତାରେ ରାଧାନାଥୀ ପ୍ରଭାବକୁ ମଧ୍ୟ ଲକ୍ଷ୍ୟ କରିଅଛନ୍ତି । ମାତ୍ର 'ଆଗାମୀ' କବିତା ପରି କବିତା ସଂକଳନ "ଛୁରୀଟିଏ ଲୋଡ"ରେ କେତୋଟି କବିତା ରହିଛି, ଯାହା ତାଙ୍କୁ ଜଣେ ବିଶିଷ୍ଟ ମାନବବାଦୀ ଆଧୁନିକ କବିର ପ୍ରତିଷ୍ଠା ଆଣିଦେଇଛି ।

ମାନବବାଦ ହେଉଛି ତାଙ୍କ କବିତାର ମୁଖ୍ୟ ଚେତନା, ଯେଉଁଥିପାଇଁ ତାଙ୍କୁ ସବୁଜଗୋଷ୍ଠୀର ଅନ୍ୟ କବିଙ୍କ କବିତାଠାରୁ ତାଙ୍କ କବିତା ଅଧିକ ସାର୍ବଜନୀନ ଓ ସର୍ବକାଳୀନ ହୋଇପାରିଅଛି ।

କାଳିନ୍ଦୀଚରଣ ପୁଣି ସବୁଜମାନଙ୍କ ପରି ଜଣେ ସ୍ୱପ୍ନଭୁକ୍ ସୁଦୂର ସ୍ଥାନ ଓ କାଳବିଳାସୀ କବି । କବିଙ୍କ "ବ୍ୟର୍ଥସ୍ୱପ୍ନ" ପରି ବହୁ କବିତାରେ ରୋମାଟିଂକ୍ ସ୍ୱପ୍ନପ୍ରବଣତା ପରିଲିଖିତ । ସେ ସବୁ କବିତାମାନଙ୍କରେ ଯଥେଷ୍ଟ ସ୍ୱପ୍ନଥିଲା, ନଥିଲା ବେଶୀ ବାସ୍ତବତା । 'ପ୍ରଣୟନୀର ସ୍ୱପ୍ନ' ତାଙ୍କ କବିଚିତକୁ ଯେପରି ବିମୋହିତ କରି ରଖିଥିଲା । ସେ 'ସଂଜଆକାଶ', 'ଗୋଧୂଳି ଲଗ୍ନ', 'ଜହ୍ନରାତି', 'ବର୍ଷାବସନ୍ତ'

"କ୍ଷଣିକ ସତ୍ୟ" କବିତାଟି କାଳିନ୍ଦୀଚରଣଙ୍କ କବିତ୍ୱର ଏକ ଉଜ୍ଜ୍ୱଳ ଦିଗକୁ ପ୍ରକଟିତ କରିଅଛି । "କ୍ଷଣିକ ସତ୍ୟ" କବିତା ଗ୍ରନ୍ଥର ରୂପର ମୋହ, ପ୍ରତିମା, ଜୟ ଭଗବାନ, ରୂପର ସ୍ତବ୍ଧ, ପ୍ରଭାତ ପ୍ରାସ, ଜୀବନ ମରଣ, ପଥର ପ୍ରେମିକ, ବ୍ୟବଧାନ, ବର୍ଗବଧୂ, ଅଶ୍ଳୋଷ ସ୍ୱର୍ଗ ଆଦି କବିତାରେ କବି କମ୍-ବେଶୀରେ ତାଙ୍କ ସୁମଧୁର ଅତୀତକୁ ରୂପାୟିତ କରିଅଛନ୍ତି ।

ପ୍ରାଚୀନ, ନବୀନ, ସୁନା ଆଦି କେତେକ କବିତା ଅଧିକ ଶିକ୍ଷାନିଷ୍ଠ । ଏହିସବୁ କବିତା ଛାତ୍ରଛାତ୍ରୀମାନଙ୍କ ପାଇଁ ବେଶ ସୁଖପାଠ୍ୟ ହୋଇପାରିଅଛି । କାଳିନ୍ଦୀଚରଣଙ୍କ 'ପୁରୀମନ୍ଦିର', 'ଗାନ୍ଧାରୀର ଆଶୀର୍ବାଦ' ଆଦି କବିତା କଲେଜ ଶିକ୍ଷାର୍ଥୀଙ୍କ ପାଠ୍ୟକ୍ରମ ପରିସରଭୁକ୍ତ ।

କାଳିନ୍ଦୀଚରଣ ଏପରି ଜଣେ କବି ଓ କଥାଶିଳ୍ପୀ, ପ୍ରାବନ୍ଧିକ, ନିବନ୍ଧକାର । ଯାହାଙ୍କର ଲେଖା ପ୍ରାଥମିକ ସ୍ତରରୁ ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ସର୍ବୋଚ୍ଚ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ଉର୍ଦ୍ଦିଷ୍ଟ ।

ଏହା ହେଉଛି - ସାହିତ୍ୟିକ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ଜୀବନରେ ଏକ ଉଲ୍ଲେଖନୀୟ ବିଶେଷତ୍ୱ ।

କାଳିନ୍ଦୀଚରଣଙ୍କ କବିତା ସଂକଳନ - "ମହାଦୀପ"ରେ ପ୍ରକୃତି ପୁରୁଷ, ଅରୁପର ଆହ୍ୱାନ, ପ୍ରଭାତ, ଲୋଟଣୀ ପାରା, ଆଷାଢ ସନ୍ଧ୍ୟା, ଶେଷଦାନ ଆଦି କବିତା ତାଙ୍କ କବି ହୃଦୟକୁ ନାନା ଭାବରେ ଚିହ୍ନିତ କରିଅଛି । ପୂର୍ବରୁ ସୂଚୀତ ହୋଇଅଛି ଯେ ତାଙ୍କର ଯାଦୁଘର ତଥା କିଏ ଶଳା ସଇତାନ ଆଦି "କ୍ଷଣିକ ସତ୍ୟ" କବିତା ଗ୍ରନ୍ଥରେ ସ୍ଥାନୀତ ହୋଇଥିବା ଦୁଇଗୋଟି କବିତା ପ୍ରଗତିବାଦୀ ଚେତନାର କବିତା ।କାଳିନ୍ଦୀଚରଣ ତାଙ୍କର "ଯାଦୁଘର" କବିତାରେ ଲେଖିଛନ୍ତି -

"ଆଦିମ ଯୁଗରୁ ଦୁନିଆ ଭିତରେ ଗଢା ଯେତେ ସରକାର
ନିରଖି ଚାହିଁଲେ ସବୁଗୁଡିକ ତ ଧର୍ମର ଅବତାର
ଦୁନିଆ ଯାକର ମଣିଷ ପାଇଁ ତ ଧର୍ମ ନମିଳେ ଏକ
ସବୁ ପୂଜା ସବୁ ଧିଆନ ଭଜନ ନୁହେଁ କି ଭୋଜନ ଭେକ"

ଧର୍ମ କିପରି ସବୁକାଳରେ ସମାଜ ଓ ସରକାରକୁ କବଳିତ କରିଅଛି - ତା'ର ଏକ ବାସ୍ତବଚିତ୍ର କବି 'ଯାଦୁଘର' କବିତାରେ ଆଙ୍କିଛନ୍ତି । ଧର୍ମ ନାମରେ ମଣିଷ କେତେକ କୁସଂସ୍କାର ଓ ଅନ୍ଧବିଶ୍ୱାସକୁ କେବଳ ପାଥେୟ କରିଅଛି ।

କାଳିନ୍ଦୀଚରଣ ଶେଷକୁ ଧର୍ମକୁ ଏକ ଜୀବହୀନ 'ଯାଦୁଘର' ବୋଲି ତର୍କଣା କରିଅଛନ୍ତି । ସେ ଲେଖିଛନ୍ତି -

ମଣିଷ ଭିତରେ ଧାର୍ମିକ ବୋଲି ଶୁଣିଲି ଯାହାର ନାମ
ବଳିଲା ବାସନ ନିକଟକୁ ଯାଇ ଦେଖିବା ପାଇଁ ତୋ କାମ ।





ମୋର ଆଶା ଓ ବିଶ୍ୱାସ ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ "ଗୀତାଞ୍ଜଳୀ" କବିତାଗ୍ରନ୍ଥ ଏକମାତ୍ର ଭାରତୀୟ ସାହିତ୍ୟ - ବିଶ୍ୱକବିର ମାନ୍ୟତା - ବିଶ୍ୱର ସର୍ବୋଚ୍ଚ ନୋବେଲ ସାହିତ୍ୟ ପୁରସ୍କାର ପାଇଛନ୍ତି - ଦିନେ ଆସିବ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର କବିତା ସଂକଳନ "ଏ ଜର୍ଣ୍ଣି" ପାଇଁ ନୋବେଲ ସାହିତ୍ୟ ପୁରସ୍କାର ପାଇଁ ବିଶ୍ୱକବି ନରେନ୍ଦ୍ର ମୋଦିର ମାନ୍ୟତା ପାଇବେ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

ନରେନ୍ଦ୍ର ମୋଦିଙ୍କର ଅନ୍ୟଏକ କବିତା ସଂକଳନ - 'ଆଁଖ ଆ ଧନ୍ୟ ହେ' ଗୁଜୁରାଟୀ ଭାଷାରେ ପ୍ରକାଶିତ । ଏଥିରେ ୬୭ଟି କବିତା ସ୍ଥାନଗତ ହୋଇଛି । ୨୦୦୭ ମସିହାରେ ଏ ପୁସ୍ତକଟି ପ୍ରକାଶିତ ହୋଇଥିଲା । ମୋଦିଙ୍କର ଏହି କବିତା ସଂକଳନ କବିତାଗୁଡିକରେ ତାଙ୍କ ବ୍ୟକ୍ତିତ୍ୱର ଆଭାସ ମିଳେ । ତାଙ୍କର କବିତା ଗୁଡିକରେ ଜଣେ ନିତିନିଷ୍ଠ ରାଷ୍ଟ୍ରଭକ୍ତ, ସତ୍ୟବାଦୀ ପ୍ରେମଭକ୍ତିର ଆରାଧକ, ମହାନ ସାଧକର ସମନ୍ୱିତ ସ୍ୱରୂପ ଦେଖିବାକୁ ମିଳେ ।

ଏ ପୁସ୍ତକଟିକୁ ଆମେରିକାର କୋଲମ୍ବିଆ ବିଶ୍ୱବିଦ୍ୟାଳୟର ହିନ୍ଦୀ ଭାଷା ସାହିତ୍ୟର ପ୍ରଫେସର ଡକ୍ଟର ଅଞ୍ଜଳୀ ସନ୍ଦିର ହିନ୍ଦୀ ଭାଷାରେ ଅନୁବାଦ କରି ପୁସ୍ତକର ନାମ - "ଆଁଖ ୟେ ଧନ୍ୟ ହେ" ଭାରତୀୟ ସାହିତ୍ୟକୁ ଏକ ବଳିଷ୍ଠତମ ଉଦାହରଣ ଅଟେ । ଏହାକୁ ଆମ ଓଡିଶା ପ୍ରଦେଶର ରେଭେନ୍‌ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ଭାଷା ସାହିତ୍ୟର ପ୍ରଫେସର ସୁରପ୍ରିୟା ମିଶ୍ର ଓ ଡକ୍ଟର ଅମୂଲ୍ୟରନ୍ ମହାନ୍ତି ଓଡିଆ ଭାଷାରେ ଅନୁବାଦ କରିଅଛନ୍ତି । ଏ ପୁସ୍ତକ 'ଧନ୍ୟ ଏଇ ଆଖି' ଓଡିଆବାଣୀ ଭଣ୍ଡାରକୁ ଏକ ବହୁମୂଲ୍ୟ ଅବଦାନ ।

ମୁଁ ଓ ପ୍ରଫେସର ସୁରପ୍ରିୟା ମିଶ୍ର - ନରେନ୍ଦ୍ର ମୋଦିଙ୍କ ସାହିତ୍ୟର ବିକାଶ ଦିଗରେ ଜଣେ ଜଣେ ପଥିକ । ନରେନ୍ଦ୍ର ମୋଦିଙ୍କ "ଧନ୍ୟ ହେ ଆଖି' କବିତାରେ - ଧନ୍ୟ, ଅଗନକ, ଆମେ, ବିଳାପ, ସଂପୂର୍ଣ୍ଣ ବିଶ୍ୱ, ଆଜି, ଆମେ ତ, ବିପଦ, ଆଶା, ଉଷ୍ମର ଅଭାବ, ଉଠ ପୁତ୍ର - ବିଜୟୀ ହୁଅ, ଉଠବୀର, ଧାରେ ଲୁହ, ଏଭଳି ମଣିଷ, ଉତ୍ସବ, କାରଗିଲ୍, କ୍ରିୟାପଦ, ସ୍ୱାଭିମାନ, ଗତିର ଗୀତ, ଗରବା, ଗୀତରେ, ଫୁଲବାଡ଼ି, ଗୌରବ, ଛାଡ, ଜଣାନାହିଁ, ଛତ୍ରଛାୟା, ବସନ୍ତ କହୁଛି, ତୁମକୁ ଅଭିନନ୍ଦନ, ପଂଟର ଆରପଟେ,ଦୃଶ୍ୟ, ଦେହର କାମ ଦେହ କରୁ, ନର୍ମଦା, ଖୋଲା ହୃଦୟ, ଆହ୍ୱାନ, ପ୍ରଜାପତି, ପରିଚୟ, ପାରଦର୍ଶକ, ପ୍ରତୀକ୍ଷା, ପ୍ରଭୁକୃପା, ଚେଷ୍ଟା, ପ୍ରାର୍ଥନା, ପ୍ରେମ, ଦ୍ୱିବିଧା, ଅଧରାତିରେ, ମୋ ମନ, ମନରୁ ସମର୍ପିତ, ମନ୍ତ୍ର, ମା ମୋତେ ଦେବତ୍ୱ ଦେବୁ, ମାୟା, ଭୋଟ ଦେବ ମେଳାରେ, ଯାତ୍ରା, ରହସ୍ୟ, ରମେଶ ପାରେଖ, ଲକ୍ଷ୍ୟପ୍ରାପ୍ତି, ବନ୍ଦେ ମାତରମ୍, ବିଷମ ଓ ବିଚିତ୍ର, ବିସ୍ମୟ ସକାଳ, ବ୍ୟଥାକୁ ବୋହିବାକୁ ଦିଅ, ଶଙ୍କା, ସନାତନ ପାଗ, ସ୍ୱପ୍ନର ମଞ୍ଜି, ସମନ୍ୱୟ, ନାବିକ, ସଂକଳ୍ପ, ସ୍ମୃତି, ହିନ୍ଦୁ ମନ୍ତ୍ରଗାନ, ଏକାଦଶ ଦିଗ ଆଦି କବିତା ସ୍ଥାନ ପାଇଅଛି ।

ଏହା ଗୁଜୁରାଟୀ ସାହିତ୍ୟ ତଥା ଭାରତୀୟ ସାହିତ୍ୟର ଏକ ପ୍ରମୁଖ କାବ୍ୟ ସାହିତ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ ।

ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକ – ଓଡିଆ ସାହିତ୍ୟର କବି କାଳନ୍ଦୀଚରଣ ପାଣିଗ୍ରାହୀ ଓ ଗୁଜୁରାଟୀ ସାହିତ୍ୟର କବି ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତ – ଏକ ଅଧ୍ୟୟନ – ଶୀର୍ଷକରେ ଉଚ୍ଚତର ଗବେଷଣା / ପୋଷ୍ଟ ଡକ୍ଟରାଲ / ଡକ୍ଟର ଅଫ୍ ଲିଟେରଚର୍ (ଡିଲିଟ୍) ପାଇଁ ପ୍ରୟାସରତ ।

ତଥା ଅଧିନ ପ୍ରଫେସର ଡକ୍ଟର ସୁବାଷ ନାୟକ – ଭାରତୀୟ ସାହିତ୍ୟର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ (ଏକ ଆଲୋଚନାତ୍ମକ ପ୍ରବନ୍ଧ ସାହିତ୍ୟ)ର ଲେଖକ ।

ବାସ୍ତବିକ ନରେନ୍ଦ୍ର ମୋଦି ଜଣେ ସାହିତ୍ୟିକ, ଗୁଜୁରାଟୀ ସାହିତ୍ୟ ଅବା ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟରେ ତାଙ୍କର ସାରସ୍ୱତ ସୃଷ୍ଟିର ସ୍ୱାକ୍ଷର ବହନକରେ କହିଲେ ଅତ୍ୟୁକ୍ତି ହେବନାହିଁ

ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକଙ୍କ – "Kalindi Charan Panigrahi and Narendra Modi literature - A Annologous study" - UGC ଅନୁମୋଦିତ - ISSN - Rockpabbles - ଜର୍ଣ୍ଣାଲରେ ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଅଛି ।

ସାଧାରଣତଃ ନରେନ୍ଦ୍ର ମୋଦି ଜଣେ ରାଜନେତା ଭାବନର ଜନମାନସରେ ପରିଗଣିତ । ତାଙ୍କର ସାହିତ୍ୟିକ ଜୀବନ ବହୁତ କମଲୋକେ ଜାଣିଛନ୍ତି । ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଜୀବନକୁ ନେଇ ଅନେକ ପୁସ୍ତକ ପ୍ରକାଶିତ । ସେ ପୁସ୍ତକଗୁଡିକ ଆଚଂଳିକସ୍ତରୀୟ, ଜାତୀୟସ୍ତରୀୟ, ସର୍ବୋପରି ଆନ୍ତର୍ଜାତୀୟସ୍ତରୀୟ ଲେଖକଙ୍କ ଦ୍ୱାରା ପ୍ରକାଶିତ ହୋଇ ଜୀବନୀ ସାହିତ୍ୟକୁ ରୁଦ୍ଧିମନ୍ତ କରିପାରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ସେହି ରାଜନୈତିକ କିମ୍ବା ଜୀବନୀପୁସ୍ତକ ନରେନ୍ଦ୍ର ମୋଦିଙ୍କ ଆମ ରାଜ୍ୟ ଓଡିଶା ଓ ମାତୃଭାଷା – ଶାସ୍ତ୍ରୀୟ ଓଡିଆ ଭାଷାରେ ଅନେକ ପୁସ୍ତକ, ବିଭିନ୍ନ ଲେଖକମାନଙ୍କ ଦ୍ୱାରା ପ୍ରକାଶିତ । ସେଥିମଧ୍ୟରୁ –

୧. ନମୋନାମା – ନରେନ୍ଦ୍ର ମୋଦିଙ୍କ ଜୀବନୀ ଓ ଦର୍ଶନ
ଲେଖକ – କୃପାସାଗର ସାହୁ (୨୦୧୫)

୨. ନରେନ୍ଦ୍ର ମୋଦିଙ୍କ ଜୀବନୀ କଥା –
ମୂଳ ହିନ୍ଦୀ ଭାଷା – କିଶୋର ମକଓ୍ୱାଣା
ଭାଷାନ୍ତର – ଓଡିଆ ଭାଷା
ପ୍ରଫେସର ସୁରପ୍ରିୟା ମିଶ୍ର
ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି (୨୦୧୬)





କବି କାଳିନ୍ଦୀଚରଣ ଜୀବନର ଅତୀତକୁ ଝୁରି ହେବାରେ ଯେଉଁ ମାନବୀୟ ସଂବେଗର ପରିଚୟ ଦେଇଛନ୍ତି ତାହା ତାଙ୍କର କବିତ୍ୱର ଅସଲ ନିଦର୍ଶନ । ପାପପୂର୍ଣ୍ଣ ସବୁକିଛି ଉର୍ଦ୍ଧ୍ୱରେ ଜୀବନ ସୁନ୍ଦର । ଅସଲ କଳା ଓ କବିତ୍ୱ ହେଉଛି ଜୀବନକୁ ନିଃସର୍ତ୍ତ ଭାବରେ ଅନୁଭବ କରିବା, କାଳିନ୍ଦୀଚରଣ କାମନା କରିଅଛନ୍ତି – ଯେ ମୃତ୍ୟୁ, ପାପଭୟ ମିଳନକୁ ମଳିନକରି ନଦେଇ ଜୀବନ ଭୋଗରେ ବାଧାସୃଷ୍ଟି ନକରୁ । ଜୀବନପ୍ରତି ଉନ୍ମୟତା ତାଙ୍କୁ ଯେମିତି ବିହ୍ୱତ କରିଅଛି, ସେମିତି ରହସ୍ୟବାଦୀ ମଧ କରିଅଛି । ସେ ଗାଇଛନ୍ତି –

ଜୀବନେ ଯେତେ କରିଛି ଜାଣି ପାପ
ତା'ପାଇଁ ନାହିଁ ବେଦନା ଅନୁତାପ
ପୀରତିଠାରୁ ଅଧିକ ପ୍ରିୟ
ଲାଜରୁ ବଳି ସେ ଗୋପନୀୟ
ଦୁଃଖରୁ ବେଶୀ କୋମଳ ତା'ର
ସ୍ମୃତିରୁ ଲୋଭନୀୟ
ପୀରତିଠାରୁ ଅଧିକ ସେ ପ୍ରିୟ ।

ପାପ

କବି କାଳିନ୍ଦୀଚରଣ "ପୁରୀ ମନ୍ଦିର" କବିତା ଆରମ୍ଭରେ ଦେବତାକୁ ସମ୍ବୋଧନ କରି ଲେଖିଛନ୍ତି –

କାଠପୋଷଣ ଗଠିତ ଏ ନିର୍ଜୀବ ଦେବତା ମୁରତି
ଏ ଦେଶ ଶୋଣିତେ ଆଜି ଜାଗ୍ରତ ଯେ ବିଶ୍ୱର କୀରତି
ମାନବର ଶିଳ୍ପକଳା କଳ୍ପନା ଘଟିତ ।
ଯୁଗଯୁଗ ଧରି ଯାହା ହୋଇଛି ଗଠିତ
ମାନବର ହସ୍ତେ ବୋହି ରୂପ
ଭାଗ୍ୟେ ତା'ର କରୁଛି ବିଦ୍ରୁପ
ଅନ୍ତର ଗୁହାରି
ଶୁଣ କି ତାହାରି
ଶୂନ୍ୟ ପ୍ରାଣ
ଏହା ପାଷଣ ।

ପ୍ରଭୁ ଜଗନ୍ନାଥଙ୍କର ଉଦ୍ଦେଶ୍ୟରେ ତାଙ୍କର କବିତାଟି ବେଶ୍ ଭାବଗର୍ଭକ ।

କଣ୍ଠେ ଶୁଖିଛି ରସନା ବାସନା ନ ଆସେ କଥା
କ୍ଷୁଦ୍ରିତ ମାନବ କାକୁତି କରଇ ପାତଇ ଥାଳ
ପରେ ପରେ ଶତ ମାନବର ଶିଶୁ ଦେଖାଏ କାନି
ଅକାଳେ ଝାଉଁଳି ପଡଇ କେତେରେ ଜୀବନ ଲତା"

କାଳିନ୍ଦୀଚରଣଙ୍କ କବିତା ସଂକଳନ – "ଛୁରୀଟିଏ ଲୋଡା" ରେ "ଛୁରୀଟିଏ ଲୋଡା" କବିତାଟି ସତରେ ଏକ ଆହ୍ୱାନ । ପୀଡିତ ମଣିଷଙ୍କ ପ୍ରତି ଆତ୍ମାର ଏକ ଦିତଶାଳୀ ସମର୍ଥନ, ଯାହାକି ଓ କବିତାଟିକୁ ପାଠକର ଅନ୍ତରକୁ ଛୁଏଁ । ତା'ର ଚିତକୁ ଉଛୁଳା ଆବେଗକୁ ଭରିଦିଏ । କବିଟିଏ ଯୋଉଁ ଭଗବାନକୁ ପୂଜାକରେ, ସେ ଭଗବାନ ବୋଧହୁଏ ନିପୀଡିତ ମୂକ ମଣିଷଟିଏ, ଶୋଷିତ ମନଦୂରଟିଏ । ସେ ଯେଉଁ ପ୍ରକୃତିର ଆରାଧନା କରେ ସେ ପ୍ରକୃତିକୁ ମଣିଷର ଉପସ୍ଥିତି ଯେପରି ଅର୍ଥଭର୍ଗା କରିଅଛି । କାଳିନ୍ଦୀଚରଣ ଏ ସଂପର୍କରେ ଲେଖିଛନ୍ତି –

ମଣିଷ ମଣିଷ ଶୁଭିଲା ଦୂରକୁ ଡାକ
ଦୁଆରର ଯେତେ ଦଳିତ ପୀଡିତ ଯାକ
ସ୍ପନ୍ଦନ ସେହି ଫୁଲାକ ପରାଣ ରେଖା
ବନ୍ଧୁର ପଥେ ବନ୍ଧୁ ସେ ମୋର ଏକା ।

ଅତୀତ ପ୍ରତି କାଳିନ୍ଦୀଚରଣ କେତେ ଉନ୍ମୁଖ ଥିଲେ – ତା'ର ସୂଚନା ତାଙ୍କର କବିତାରୁ ପରିସ୍ପିଚିତ । ତାଙ୍କ କଲମରୁ –

ମନେଅଛି ଶଇଶବେ ପ୍ରଥମେ ତୋ ରୂପ ଦରଶନ
ତୋ ନିବିଡ ଚେତନାର ସୁଧା ଦରଶନେ
ଉତ୍‌ଫୁଲ ବାଳକ ହିଆ ନାଚୁଥିଲା
ଏଇ ଶଇକତେ
ଶିଶିର ରକତେ
ଛୁଟିଥିଲା କି ବିଦ୍ୟୁତ କି ଉଦ୍ୟମ ତେଜ
ତୋ ସିକତା ଶେଯ
କରି ପୁଣି ଯଉବନେ ସଂଶୟ ଦୋଳାରେ
ଜୀବନ ଭେଳାରେ

ଅତୀତକୁ ବାରମ୍ବାର ସ୍ମରଣକୁ ଆଣିବାରେ କବିଚିତ ସବୁକାଳରେ କିପରି ସ୍ପନ୍ଦିତ ହୋଇଅଛି, ଉଲ୍ଲେଖିତ ଧାଡିଗୁଡିକ ତା'ର ନିର୍ଦ୍ଦେଶନ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

୩. ସମୟ ସମୟର କଥା –
ବିଶେଷ ମାଟିର ମଣିଷ ନରେନ୍ଦ୍ର ଦାମୋଦର ଦାସ ମୋଦି
ଅମରେଶ ବିଶ୍ୱାଳ (୨୦୧୫)

୪. ଭାରତର ପ୍ରଧାନମନ୍ତ୍ରୀ –
ନରେନ୍ଦ୍ର ମୋଦି
ଚନ୍ଦ୍ରମଣି ଭୂୟାଁ (୨୦୧୪)

୫. ଅଦମନୀୟ ପ୍ରଧାନମନ୍ତ୍ରୀ –
ନରେନ୍ଦ୍ର ମୋଦି
ସୁଷ୍ମିତା ସାହୁ (୨୦୧୬)

୬. ରାଷ୍ଟ୍ରପୁରୁଷ –
ନରେନ୍ଦ୍ର ମୋଦି
ପଣ୍ଡିତ ଦୈତାରୀ ମହାପାତ୍ର (୨୦୧୫)

ଉପରୋକ୍ତ ସମସ୍ତ ସାରସ୍ୱତପୂର୍ଣ୍ଣ ପୁସ୍ତକ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରେ ପ୍ରକାଶିତ – ଏକ ରାଜନୈତିକଧର୍ମୀ ଜୀବନୀ ପୁସ୍ତକ ଏଥିରେ ତାଙ୍କର ସାରସ୍ୱତ ଜୀବନୀ ବିଶେଷ ଉଲ୍ଲେଖୀତ ହୋଇପାରିନାହିଁ ।

ଜାତୀୟ / ଭାରତୀୟ ସ୍ତରରେ ଅନେକ ପ୍ରତିଷ୍ଠିତ ଲେଖକ – ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରାଜନୈତିକ ତଥା ଜୀବନୀ ଭାବରେ ପୁସ୍ତକ ରଚନା କରିଛନ୍ତି । ସେମାନେ ହେଲେ –

୧. ନରେନ୍ଦ୍ର ମୋଦି – The Man the Time
ନିଳାଞ୍ଜନ ମୁଖୋପାଧ୍ୟାୟ

୨. Modi - Nomics
ସମୀର କୋଛାର

୩. Modi - A Political Biography
କିଂଶୁକ ନାଗ

୪. Modi - Muslims and Media
ମଧୁ ପୂର୍ଣ୍ଣିମା କିଶ୍ୱର

୫. The man of the Movement -
Narendra Modi

ଏମ୍.ଭି. କାମାଥ ଓ କାଳିନ୍ଦୀ ରାଣ୍ଡେରୀ

ନରେନ୍ଦ୍ର ମୋଦିଙ୍କ ଜୀବନୀ ଲେଖକ ମଧ୍ୟ ବିଶ୍ୱସ୍ତରୀୟ ଲେଖକ ହୋଇପାରିଛନ୍ତି । ଏହା ମଧ୍ୟ ଗୋଟିଏ ଗୋଟିଏ ଜୀବନୀ ସାହିତ୍ୟ ଅଟେ ।

Narendra Modi
A Political Biography
by Andy Marino
A Author of Quiet American.

ଆଜି ନରେନ୍ଦ୍ର ମୋଦି ଭାରତୀୟ ନେତା ଭାବରେ ପ୍ରଧାନମନ୍ତ୍ରୀ ପଦବୀରେ ଜଣେ ବିଶ୍ୱନେତାର ମାନ୍ୟତାପ୍ରାପ୍ତ, ଯାହା ତାଙ୍କର Political Biographyରୁ ଜଣାପଡେ ।

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବାପରେ ରେଡିଓ ମାଧ୍ୟମରେ ପ୍ରତିମାସରେ "ମନ କି ବାତ୍" କହିଥାନ୍ତି । ଏଥିରେ ମଧ୍ୟ ସାରସ୍ୱତ ପରାମର୍ଶ ଭାରତୀୟ ଜନଗଣଙ୍କୁ ସେ ମାର୍ଗଦର୍ଶନ କରିଥାନ୍ତି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅନ୍ୟଏକ ପୁସ୍ତକ - Exam Warrior ଏହି ପୁସ୍ତକଟି ସେ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣୀୟ ତଥ୍ୟ ସହ ପରୀକ୍ଷାରେ ବ୍ୟସ୍ତତା ନହେବା ପାଇଁ ସେ ପୁସ୍ତକ ମାଧ୍ୟମରେ ବିଶେଷତଃ ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ (+୨) ଶିକ୍ଷାବର୍ଗଙ୍କୁ ନୀତିବାଣୀ ଶୁଣାଇଛନ୍ତି । ପରୀକ୍ଷାରେ ବ୍ୟସ୍ତ ହୁଅନାହିଁ, ଧୈର୍ଯ୍ୟ ଓ ସାହାସର ସହ କଠିନ ଅଧ୍ୟବସାୟ କରି ପରୀକ୍ଷା ଦିଅ । ଜୀବନରେ ପରୀକ୍ଷା ଏକମାତ୍ର ବାଟ - ସବୁକିଛି ନୁହେଁ - ପରୀକ୍ଷା ଚାପରୁ ମୁକ୍ତରୁହ, ଭୁଲକୁ ସଂଶୋଧନ କର, ଜୀବନ ହେଉଛି - ଭଗବାନଙ୍କର ଅମୂଲ୍ୟ ସଂପଦ ଶିକ୍ଷା ଗ୍ରହଣକରି ବାପା, ମା, ପରିବାର ବର୍ଗଙ୍କ ସହିତ ଜାତି, ସମାଜ, ମା ମାଟି ପାଇଁ ଜୀବନରେ କିଛି କରିବାପାଇଁ ତତ୍ପର ହୁଅ । ଏହା ଏକ ଶିକ୍ଷଣୀୟ ପୁସ୍ତକ ଅଟେ

ଆମ ସମସ୍ତଙ୍କର ପାଇଁ ଆନନ୍ଦ ଓ ଖୁସିର କଥା - ନରେନ୍ଦ୍ର ମୋଦିଙ୍କର ରାଜନୈତିକ ଜୀବନୀ ଉପରେ ଜଣେ ଗବେଷକ ଗବେଷଣା କରି ପିଏଚ୍.ଡି. ଉପାଧିପ୍ରାପ୍ତ ।

ସେ ଯୁବକ ଜଣକ ହେଉଛନ୍ତି - ମେହୁଲ ଚୋକସି । ଦୀର୍ଘ ୯ ବର୍ଷ ଧରି ସେ ନରେନ୍ଦ୍ର ମୋଦିଙ୍କ ଉପରେ ଗବେଷଣା କରିଥିଲେ । ସେ ଗୁଜୁରାଟ ପ୍ରଦେଶର ସୁରଟର ଜଣେ ଛାତ୍ର, ସେ ନରେନ୍ଦ୍ର ମୋଦି ୨୦୧୦ରେ ଗୁଜୁରାଟ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଗବେଷଣା ଆରମ୍ଭ କରିଥିଲେ । ସେ ନରେନ୍ଦ୍ର ମୋଦିଙ୍କ ଗବେଷଣାରୁ ଏକ ସର୍ଭେ କରିଥିଲେ - ଯୋଉଁଥିରେ ପ୍ରଧାନମନ୍ତ୍ରୀଙ୍କ ଗୁଣବର୍ଗକୁ ନେଇ ସରକାରୀ ଅଧିକାରୀ, କୃଷକ, ଛାତ୍ର, ରାଜନେତା ସମେତ ୪୫୦ ଜଣ ବ୍ୟକ୍ତିଙ୍କୁ ନେଇ ପ୍ରଶ୍ନ





ଉପୁଜାଇ ବିଶ୍ୱର ଭରମ୍
କେଉଁ ଫୁଲ ବାସିଉଠି ମୋହଇ !

ଫଗୁଣ ଜ୍ୟୋତ୍ସ୍ନା - କବିତା

ଯେଉଁ କବି ଯେତେ ପ୍ରେମ ପ୍ରଣୟର ଗୀତ ଗାଇଅଛନ୍ତି । ସେମାନେ ସେତିକି ଦୁଃଖ ବେଦନାର ଚିତ୍ର ଆଙ୍କିଛନ୍ତି । କାଳିନ୍ଦୀଚରଣଙ୍କ ବେଦନା - ବ୍ୟାକୁଳ କୀଟସ୍‌ଙ୍କ ପରି ବେଦନା ଦଗ୍ଧ ପ୍ରେମର ଗୀତ ଗାଇଅଛନ୍ତି -

କେବେ ନବନବ ଛନ୍ଦେ
ଜୀବନର କ୍ଷତରାଶି ପୂରିଉଠେ
କେବେ ଦୁଃଖ କେବେ ମହାନନ୍ଦେ !

ସ୍ୱପ୍ନସୃଜନ

କାଳିନ୍ଦୀଚରଣ ଯଥାର୍ଥରେ ଜଣେ ମରମୀ ପର୍ଯ୍ୟବେକ୍ଷକ । ସେ ପରମ ପ୍ରକୃତିକୁ ତଟସ୍ଥ ହୋଇ ଦେଖିଛନ୍ତି, ସେ କେବଳ ପ୍ରମତ ଯୌବନର ରସଗୀତ ଗାଇନାହାଁନ୍ତି । ତା'ସହିତ ସେ ଗାଇଛନ୍ତି ଆଶା, ଆନନ୍ଦର ଚମତ୍କାର ଗୀତ, ଯାହା ପାଠକର ପ୍ରାଣକୁ ଶତତ୍ ପ୍ରବୋଧିତ କରିଦିଏ । କାଳିନ୍ଦୀ ପୁରାତନ ନିଗଡିରୁ ମୁକ୍ତ ହେଇ ନୂତନ ସ୍ୱପ୍ନ, ନୂତନ ଜୀବନର ସ୍ୱର୍ଶ ଲଭିବାକୁ ବ୍ୟାକୁଳ ହୋଇ ଉଠିଛନ୍ତି । ସେ ଗାଇଛନ୍ତି -

ପୁରୁଣା ମେଘ ସହି
ଆସଇ ନୂଆ ହୋଇ
କରିବି ନୂଆ ରଚନା
କହିବି ଜୀବନର
ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା ।

ପ୍ରକୃତ ଦରଦ ଶିଳ୍ପୀଟିଏ ମଣିଷର ବ୍ୟଥା ବେଦନା ଦୂର କରିବାପାଇଁ ହିଁ ସ୍ୱପ୍ନଦେଖେ । ଏକାନ୍ତ ଚିତ ସମୋହିତ ଶୈଶବ ଭାବନାରେ ନିୟୋଜିତ ହୋଇଥିବା ସେହି ହୃଦୟସ୍ପର୍ଶୀ କବିତା - "ପାଶୋରୀ ଦେଲିରେ ଶିମୁଳିପାଳ" କବିତାରେ ମଧ୍ୟ କାଳିନ୍ଦୀଚରଣ ମଣିଷର କ୍ଷୁଧା ମୃତ୍ୟୁ ବିଷୟରେ ବ୍ୟଥିତ ହୋଇଛନ୍ତି ।

"କି ଗୀତ ତୋ ଆଗେ ଗାଇବି କହରେ ଶିମୁଳିପାଳ
ରକତ ମୋହର ବରଫ, ହାଡ ଯେ ହୋଇଛି ପାଣି

ନାହିଁ ତ କଳ୍ପନା କେତେ ଶତପଥେ ଆସିଲି ଚଳି
ଯାଦେଖିଲି କେତେ ପାମିନୀ ନିବିଡ ସୁଖର ମୋହେ ।

ଉଲ୍ଲିଖିତ ପଦପଂକ୍ତିରେ କବି କେତେ ନିରଳସ ଭାବେ ଅତୀତର ଦିନଗୁଡିକୁ ଝୁରି ହୋଇଛନ୍ତି ତାହା ତାଙ୍କ କବିତାର ବରଂ ଏକ ଉଲ୍ଲେଖଯୋଗ୍ୟ ଗୁଣ ବା ବିଶେଷତ୍ୱ । ତାଙ୍କ ସମୟରେ ଅନ୍ୟ କୌଣସି ସମଧର୍ମୀ ସବୁଜ କବି ଅତୀତକୁ ଅନୁରାଗର ସହିତ ସ୍ମରଣକୁ ଆଣି ସେଥିପ୍ରତି ସମ୍ମୋହିତ ହେବାର ବିପୁଳ ନିମଜ୍ଜମାନତା ସେମାନଙ୍କର କବିତାରେ ପ୍ରକଟନ କରିପାରିନାହାଁନ୍ତି ।

ଆଧୁନିକ କବିତା ରୋମାଟିଂକ୍ ଅନର୍ଗଳତା (Romantic Verbosity)କୁ ବର୍ଜନ କରିବାପାଇଁ ଇସ୍ତହାର ଦେଇଥିଲେ ହେଁ ରୋମାଟିଂକ୍ ଅନର୍ଗଳତା ପୁନଃ ଆଧୁନିକ କବିତାରେ ପ୍ରବେଶ ଲାଭ କରିଛି ।

ପଦଟୀକା – ପୃ – ୧୭୩, ୧୭୪, ୧୭୫
ସୃଜନ ଗୌରବ – ଡକ୍ଟର ଆଦିକନ୍ଦ ସାହୁ
(କାଳିନ୍ଦୀଚରଣଙ୍କ କବିତାରେ ଶୈଶବର ସମ୍ମୋହନ)

ମଣିଷ ସୁନ୍ଦର ନିଷ୍କପଟ ଜୀବନ ଜିଇଁବା ପ୍ରତି କାଳିନ୍ଦୀଚରଣଙ୍କ କବିଚିତ ଅଙ୍ଗୀକାର ବଦ୍ଧ ଥିଲା । ସେ କେବଳକୁ ସବୁମତେ ଗୋଟିଏ ସୁନ୍ଦର ଜୀବନ ଆଡକୁ ନେଇଯିବା ପାଇଁ ପ୍ରୋତ୍ସାହିତ କରିଅଛନ୍ତି । କ୍ଷୁଧା, ତୃଷ୍ଣା, ଅପମାନ, ଲାଟଂନା ତାଙ୍କ କବିଚିତକୁ ବ୍ୟଥିତ କରିଛି । ସର୍ବହରା ମଣିଷ ପ୍ରତି ତାଙ୍କ ଆତ୍ମାର ସମର୍ଥନ ତାଙ୍କ କବିତାକୁ ଏତେ ଉଷ୍ମ ସ୍ପନ୍ଦନ ଆଣିଦେଇଛି । ଅତୀତ ପ୍ରତି ନିବିଡ ସମ୍ମୋହନ ଯୌବନର ପ୍ରଣତା ଆତୁରିତ ଭିତରେ ବି ସେ ନିପିଡିତ ମଣିଷଙ୍କୁ ଭାବନାକୁ ନିଜ କବି କଳ୍ପନାକୁ ଦୂରକୁ ନେଇଯାଇ ନାହାଁନ୍ତି । ତାଙ୍କ କବିଚିତର ଭୂମି ସଂଲଗ୍ନ ବାସ୍ତବତାକୁ ନାନା ଭାବରେ ଲକ୍ଷ୍ୟ କରାଯାଇପାରେ ।

କାଳିନ୍ଦୀଚରଣ ଥିଲେ ଜଣେ ପ୍ରକୃତି ଉପାସକ କବି । ବର୍ଷା ବସନ୍ତ, ସଂଜସକାଳ, ମାଟି ଓ ଆକାଶ ତାଙ୍କ ପ୍ରାଣକୁ ସିକ୍ତ କରିଛି । ପ୍ରକୃତି ପ୍ରତି ତାଙ୍କର ଏହି ଉନ୍ମୁଖତା ତାଙ୍କ କବିତାକୁ ଅଧିକ ଆବେଗିକ ତୀବ୍ରତା ଆଣିଦେଇଛି । "ଫଗୁଣ ଜ୍ୟୋସ୍ନା" କବିତାରେ କବି ଗାଇଛନ୍ତି –

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡିତ ଉଦାସ ମୋର ମରମ
ଚଟଂଳି ଉଠେ ତେଜି ସରମ୍





ପଚାରିଥିଲେ । ସର୍ଭେରେ ୪୫୦ ନକାରାତ୍ମକ ପ୍ରତିକ୍ରିୟା ମିଳିଥିଲା । ୪୫୦ ଜଣଙ୍କୁ ମୋଟ ୩୨ଗୋଟି ପ୍ରଶ୍ନ ପଚରାଯାଇଥିଲା । ସେଥିରୁ ୨୫ ପ୍ରତିଶତଙ୍କୁ ମୋଦିଙ୍କ ଭାଷଣ ଆକୃଷ୍ଟ କରୁଥିବା ବେଳେ, ୪୯ ଜଣଙ୍କୁ ଏହା ରାଜନୈତିକ ପ୍ରଚାରଭାବେ ଲାଗିଥିଲା । ଏହାପରେ ନରେନ୍ଦ୍ର ମୋଦି ଜଣେ ସଫଳ ନେତୃତ୍ୱର ନେତା ଭାବରେ ପ୍ରଶ୍ନ ପଚରାଯିବାରୁ ୫୧ ପ୍ରତିଶତ – ସକାରାତ୍ମକ ପ୍ରତିକ୍ରିୟା ମିଳିଥିବାବେଳେ ୩୧ ପ୍ରତିଶତରୁ ଉର୍ଦ୍ଧ୍ୱ ନକାରାତ୍ମକ ପ୍ରତିକ୍ରିୟା ମିଳିଥିଲା । ସେ ରାଜନୀତି ବିଜ୍ଞାନରେ ସ୍ନାତକୋତର କରିବାପରେ ବୀର ନର୍ଶଦା, ଗୁଜୁରାଟ ବିଶ୍ୱବିଦ୍ୟାଳୟରେ ଗବେଷଣା କରି ରାଜନୀତି ବିଜ୍ଞାନରେ ପିଏଚ୍.ଡି. ଉପାଧିପ୍ରାପ୍ତ ।

ନରେନ୍ଦ୍ର ମୋଦିଙ୍କ ରାଜନୈତିକ ଜୀବନୀ ଉପରେ ଗବେଷକମାନେ ପିଏଚ୍.ଡି. ଉପାଧିପ୍ରାପ୍ତ ମାତ୍ର ତାଙ୍କର ସାରସ୍ୱତ ଜୀବନୀ ଉପରେ ଗବେଷଣା ପାଇଁ ଗବେଷକମାନେ ପ୍ରୟାସରତ ।

ବାସ୍ତବିକ୍ ନରେନ୍ଦ୍ର ମୋଦି ଜଣେ ଯୁଗପୁରୁଷ । ତାଙ୍କର ସାରସ୍ୱତ ସୃଷ୍ଟି ଖୁବ୍ ମାର୍ମିକ ଓ ସୁଖପାଠ୍ୟ, ପାଠକର ହୃଦୟସ୍ପର୍ଶୀ, ଲେଖନୀରେ ରହିଛି ଜାତୀୟ ଭବତା । ମୋଦିଙ୍କର ସାରସ୍ୱତ ସୃଷ୍ଟି ଅନେକ ଅନାଲୋଚିତ ଗବେଷଣ ମାଧ୍ୟମରେ ହେଉ ଅବା ଅନୁବାଦ ମାଧ୍ୟମରେ ହେଉ – ଭାରତୀୟ ସାହିତ୍ୟ ସର୍ବୋପରି ବିଶ୍ୱସାହିତ୍ୟରେ ପ୍ରତିଫଳିତ ହୋଇପାରିଲେ –

ନରେନ୍ଦ୍ର ମୋଦିଙ୍କ ସାରସ୍ୱତ ପାଇଁ ନିଜ ଜୀବନକୁ ଧନ୍ୟ ମନେ କରିପାରିବେ । ଅଦ୍ୟାବଧି ନରେନ୍ଦ୍ର ମୋଦି ତାଙ୍କର ସାହିତ୍ୟିକ କୃତିପାଇଁ କୌଣସି ପୁରସ୍କାର ତଥା ଜାତୀୟ ପୁରସ୍କାର ସାହିତ୍ୟ ଏକାଡେମୀ କିମ୍ବା ଭାରତୀୟ ଜ୍ଞାନପୀଠ ପୁରସ୍କାର ସର୍ବୋପରି ଭାରତୀୟ ପଦ୍ମ ପୁରସ୍କାର ପାଇନାହାଁନ୍ତି । ସତ କିନ୍ତୁ ତାଙ୍କ ସାରସ୍ୱତ ସୃଷ୍ଟିକୁ ଅନୁବାଦ ମାଧ୍ୟମରେ ବିଶ୍ୱସାହିତ୍ୟରେ ପାଠକୀୟ ପାଖରେ ପହଚିଂ ପାରିଲେ ତାହା ସାରସ୍ୱତ ପୁରସ୍କାର ଠାରୁ ଯଥେଷ୍ଟ ଅଧିକ ହେବ ।

ଅଧିନ ଗବେଷକ ପ୍ରଫେସର ଡକ୍ଟର ସୁବାଷ ନାୟକ – ନରେନ୍ଦ୍ର ମୋଦିଙ୍କ ସାରସ୍ୱତ ସୃଷ୍ଟି ପାଇଁ ତାଙ୍କୁ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଉପାଧି ଡକ୍ଟର ଅଫ୍ ଲିଟେରଚର୍ (ଡି.ଲିଟ୍.) ପ୍ରଦାନ କରିବାକୁ – କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ – ଓଡିଶା କୁଳପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଡିଲିଟ୍ ଉପାଧି ସାରସ୍ୱତ ସାଧକ ନରେନ୍ଦ୍ର ମୋଦିଙ୍କୁ ସର୍ବୋଚ୍ଚ ଉପାଧି ହେବ – ଭାରତର ମହାମହିମ ରାଷ୍ଟ୍ରପତି ମୋର ପତ୍ରକୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସୁପାରିଶ କରିଅଛନ୍ତି ।

## କବି ନରେନ୍ଦ୍ର ମୋଦି

କବିତା ହେଉଛି ମାନବ ଆତ୍ମାର କାରିଗରୀ, ଆତ୍ମ ଜାଗରଣ କବିତା ଚୟନର ମୂଳ ଲକ୍ଷ୍ୟ । ମାନବାତ୍ମା ଉଜ୍ଜ୍ୱାଗ୍ରତ କରି ବହୁମୁଖୀ କରିବା କଳାର ଧର୍ମ । ଆଉ ସବୁକଥା ଗୌଣ ।

କବିତାର ବିମ୍ବ ସବୁ ସେହି ଜାଗରଣ ମହାସ୍ରୋତକୁ ଅନ୍ତଃସଲ୍ଲିଳ ଫଗୁଣ ପରି ପ୍ରବାହିତ କରିଦିଏ । ନିରୁତା କବିତା ସୃଷ୍ଟି ଓ ପ୍ରଭାବଦୀପ୍ତ କବିତ୍ୱ ଉତର ଆଧୁନିକତାର ଇସ୍ତାହାରକୁ ପରିପୁଷ୍ଟ କରିଅଛି । ନିତ୍ୟକାଳ କବିତାର ଶକ୍ତି ଓ ସୌନ୍ଦର୍ଯ୍ୟକୁ ଉତର ଆଧୁନିକ ଦର୍ଶନ ସହମତି ଦେଇଅଛି ।

କବିତା ହେଉଛି – ଏହି ଗୋଡ଼ିମାଟିର ପୃଥିବୀ ଆଉ ତା'ଭିତରେ ବଚିଂଥିବା ଅନେକ ମଣିଷଙ୍କ ଜୀବନ ଜିଇଁବାର ଜଳଛବି, କବିତା ତା'ଠାରୁ କୌଣସି ସର୍ତରେ ଆଉ ଦୂରକୁ ଘୁଚିଂଯାଇ ପାରିବନାହିଁ । କବିତା ସେହି ମାଟି ଓ ସେହି ମଣିଷର ଅବିକଳ ଛବି ନହୋଇ ଆଉ କିଛି ହୋଇପାରିବିନି ।

କବିତା ନିରନ୍ତର ନିରବଧି କାଳକୁ ଅଭିଲିପିତ କରିଚାଲିଅଛି । ନାନା ଭାବରେ ନାନା ଶୈଳୀରେ ତା'ର ଶେଷ ନାହିଁ । କବିତାର ସର୍ବଶେଷ କଥା କିଛି ନାହିଁ ବୋଲି ଉତର ଆଧୁନିକତାର ବିଶ୍ୱାସ କରେ । କବିତା ଓ ମଣିଷର ଜୀବନ ବଚିଂବାକୁ ନେଇ ସ୍ପନ୍ଦିତ, ସେଇ ଉସ୍ମତା, ସେହି ପ୍ରାଣ ପିପାସାର ପ୍ରତିବନ୍ଧ ଚିତ୍ରଣ ଭାବରେ କବିତା ଏତେ ମର୍ମସ୍ପର୍ଶୀ ଓ ଜୀବନ୍ତ ହୋଇଅଛି ।

ଉତର ଆଧୁନିକ କବିର ପରିପକ୍ୱତା ପ୍ରମାଣ ହେଉଛି – ତା'ର ବିଶ୍ୱଦୃଷ୍ଟି । ଉତର ଆଧୁନିକ କବିର ବିଶ୍ୱଦୃଷ୍ଟି (World View) ତା'ର କବିତ୍ୱର ନିର୍ଯ୍ୟାସ ବରଂ ତା'ର ଚେତନାର ମୂଳଭୂମି

ଜଣେ ସମର୍ଥ କବି ବିଶ୍ୱମାନତାର ହିଁ ଅଧିକ ଆରାଧନା କରେ, କବି ଓ କବିତାର ଯାବତୀୟ ପୂର୍ଣ୍ଣତାକୁ ଉତର ଆଧୁନିକତା ସ୍ୱାଗତ କରେ । ଏହି ସମୟର ସାହିତ୍ୟ ମହାକାଳକୁ, ମହାଜୀବନକୁ ପ୍ରଭାବିତ କରେ । କବି ଯେତେ ଅଧିକରୁ ଅଧିକ ଏକ ସଂଚିରଣଶୀଳ ବ୍ୟକ୍ତିତ୍ୱ (Communicative Personality)ର ହେବ କବିତା ସେତେ ଅର୍ଥପୂର୍ଣ୍ଣ ହୋଇପାରିବ, କବି ଓ ପାଠକ ମଧ୍ୟରେ ଏକାନ୍ତ ହୃଦୟପୂର୍ଣ୍ଣ ଯୋଗାଯୋଗ ସର୍ବଦା ଆମନ୍ତ୍ରଣୀୟ । ଏହି ଧାରାରେ କବି ଓ କବିତା ପାଠୋତ୍ସବ କିମ୍ବା ବିଭିନ୍ନ ସାରସ୍ୱତ ଅନୁଷ୍ଠାନ ତରଫରୁ କବିତା ପାଠ ଏହାକୁ ପୂର୍ଣ୍ଣ ମାତ୍ରାରେ କବି ଓ ପାଠକଙ୍କୁ ତଥା କବିତାପ୍ରେମୀଙ୍କୁ ଯୋଡିଥାଏ ।

କବି କବିତା ଆସ୍ୱାଦନରେ ଆହୁରି ପରିପୂର୍ଣ୍ଣ ଯୋଗାଯୋଗର ଅପେକ୍ଷା ରଖେ । କବିତାର ପ୍ରକୃତ ଅବବୋଧ ଗଭୀର ନିରବତାରେ । ପୁରୁଣା ଶବ୍ଦଗୁଡିକୁ ପୁନଃ କବି ଉଦ୍ଦିବିତ କରେ । ତା'ରି ଭିତରେ ପ୍ରାଣସଚାଂର କରେ, ନହେଲେ ନିରବତାକୁ କେବଳ ତାହାର ବିକଳ୍ପ ବୋଲି କୁହାଯିବ ।

ଆଧୁନିକତାବାଦୀ ମାନେ ଅଧିକ ସଂଚାରଣଶୀଳ କବିତା ଅବବୋଧକୁ ସ୍ୱାଗତ କରିଅଛନ୍ତି,





କାଳିନ୍ଦୀଚରଣ ଲେଖିଛନ୍ତି –

ମନଅଛି ଶୈଶବେ ପ୍ରଥମେ ତୋ ରୂପ ଦରଶନେ
ତୋ ନିବିଡ ଚେତନାର ସୁଧା ଦରଶନେ
ଉତ୍‌ଫୁଲ ବାଳକ ହିୟା ନାଚୁଥିଲା
ଏଇ ସଇକତେ
ଶିଶୁର ରକତେ
ଛୁଟିଥିଲା କି ବିଦ୍ୟୁତ କି ଉଦାମ ତେଜ
ତୋ ଶିକତା ଶେଯ
କରିପୁଣି ଜଉବନେ ସଂଶୟ ଦୋଳରେ
ଜୀବନ ଭେଳାରେ ।

(ନନ୍ଦକିଶୋର ଗ୍ରନ୍ଥାବଳୀ)

କାଳିନ୍ଦୀଚରଣ ଯେ କେବଳ ଅତୀତ ପ୍ରୀତିମୂଳକ କବିତା ଲେଖିଛନ୍ତି, ତାହା ନୁହେଁ ଅନ୍ୟାନ୍ୟ ଅନେକ କବିତା ଲେଖିଛନ୍ତି । ମାତ୍ର ଅତୀତ ପ୍ରତି ସମ୍ମୋହିତ ହୋଇଥିବା ଅନୁଭବର ଭାଷା ଭିବ୍ୟକ୍ତି ସରସ ଓ କାବ୍ୟକ ହୋଇଛି । ଯାହା ହୁଏତ କାଳିନ୍ଦୀଚରଣଙ୍କ କବିତାର ଏକ ବୌଦ୍ଧିକ ଦିଗ ।

କାଳିନ୍ଦୀଚରଣ ତାଙ୍କର କବିତାରେ ଯୋଉଁ ବିପୁଳ ପଲ୍ଲୀଚିତ୍ର ଆଙ୍କିଛନ୍ତି, ଯୋଉଁ ଋତୁଚିତ୍ର ଅଙ୍କନ କରିଅଛନ୍ତି, ସେଥିରେ ସେ ମୁଖ୍ୟତଃ ତାଙ୍କ ଶୈଶବର ମଧୁମୟ ଦିନଗୁଡିକ ସ୍ମରଣକୁ ଆଣିଛନ୍ତି । ଏହା ଯେ କୌଣସି ଶୁଦ୍ଧ ରୋମାଟିଂକ୍ କବିର ଏକ ସହଜାତ ଗୁଣ ତାହା ହେଉଛି ତା'ର ଅତିବଡ ଅତୀତପ୍ରୀତି (ନାଷ୍ଟଲଜିକ୍) କବିତାର ମୂଳ ଆବେଗ ସେହି ଭାବରେ ବିନ୍ୟସ୍ତ ହୋଇଥାଏ ।

ତା'ର ହୃଦୟ ସତତ୍ ଆନ୍ଦୋଳିତ ହୁଏ ଏକ ସମ୍ମୋହିତ ଭାବ ପ୍ରବଣତାରେ । ସେ ସମ୍ମୋହନ ଦୂର ନିର୍ଜନ ପୃଥିବୀ ପ୍ରତି ଓ ଶତାୟୁ ଅତୀତ ପ୍ରତି । ପ୍ରେମ ଓ ପ୍ରଣୟର ପ୍ରଶାନ୍ତ, ଉଷ୍ମ ଭାବାବେଗ, ନୂତନ କଳ୍ପନା ଓ ପ୍ରକୃତିପ୍ରୀତି ଭିତରେ ରୋମାଟିଂକ୍ କବି ମନ ବାରବାର ସଂଚାରିତ ହୁଏ । କିନ୍ତୁ ସବୁ ଆବେଗର ଭିତରେ ରୋମାଟିଂକ୍ କବି ମନ ବାରବାର ସଂଚାରିତ ହୁଏ । କିନ୍ତୁ ସବୁ ଆବେଗ ଭିତରେ ସେ ଶତାୟୁ ଅତୀତକୁ ଅଧିକ ବାର୍ଣ୍ଣାତ୍ୟ କରିଦେଖ ।

ଦେଖିଲି ଗୋଧୂଳି କେତେ ନବ ନବ ଲେଖିଲି ଛବି
ମରମ ଫୁଟରେ ଲିଭିଲାଣି କେତେ ନିମିଷେ ଜଳି ।
ପଥ ଘାଟେ ଯେତେ ଦେଖିଲି ସୁଷମା ବଖାଣି ନୁହେଁ
କେତେ ରୂପେ ପ୍ରାଣ ପୂରିଲା ରସର ପରାଣ ଲଭି ।

ମୋ ବାଣୀ ତାହାର
ପଠାଉ ଜବାବ ସଜୋରେ ଡାକି ।

ପାଦଟିକା – ପୃ – ୨୪/୨୫ – କାଳିନ୍ଦୀଚରଣ ପାଣିଗ୍ରାହୀ
ଡକ୍ଟର ଆଦିକନ୍ଦ ସାହୁ

କବି କାଳିନ୍ଦୀଚରଣ ପାଣିଗ୍ରାହୀ ଈଶ୍ୱରଙ୍କ ପ୍ରତି ଅଖଣ୍ଡ ଆସ୍ଥାଶୀଳ ନୁହଁନ୍ତି ବରଂ ଈଶ୍ୱରଙ୍କ ସ୍ଥାନରେ ନାୟିକା ତାଙ୍କ କବିତାରେ ଅଧିଷ୍ଠିତ ।

ନାୟିକା ପ୍ରତି ତରୁଣ ପ୍ରାଣର ଏହି ମୁଗ୍ଧ ଅନୁଭବ ଓ ଉଚ୍ଚାରଣ ଅନନ୍ତାରାଳରେ ଗଭୀରତା ନାହିଁ । ତରୁଣ ସବୁଜ କବିର ପ୍ରାଣରେ ପାଶ୍ଚାତ୍ୟ ଭୋଗବାଦୀ ପ୍ରବୃତିର ଏହା ପ୍ରତିଫଳନ ମାତ୍ର –

ଖୁସି ହୁଏ ଦେଖି ଏ ଜଗତ
ଆକାଶ ସାଗର ଗିରିଭୂମି
ସପନର କେନ୍ଦ୍ରରୂପେ କିନ୍ତୁ
ଏ ଦେହକୁ ଭଲପାଏ ମୁହିଁ ।

ଦେହବାଦୀ ଭୋଗ ପ୍ରବୃତିରେ ପ୍ରରୋଚିତ କବି ଅନେକ ସମୟରେ ବ୍ୟର୍ଥତା ଓ ହତାଶ ଅନୁଭବ କରିଅଛନ୍ତି । ଅରୁଣ ଉଜ୍ଜ୍ୱଳ ଭାଷା, ଜ୍ୟୋସ୍ନାସ୍ନାତ ରଜନୀ, ନୀଳସାଗରର ତାରକା, ଗନ୍ଧବହ ସମୀର ଓ ପ୍ରବହମାନ ତଟିନୀ । ଏ ସମସ୍ତ ପ୍ରାକୃତିକ ଉପାଦାନ କବିଙ୍କୁ ଆନନ୍ଦଦାନ କରିବାପାଇଁ ଅସମର୍ଥ ହୋଇପଡିଛନ୍ତି ।

ଏହି ଆକାଶ ଧରା ସାଗରେ କିବା ଜୀବନ ଉଠେ ମାତି
ଆହା ମରଣ ମୋର ଚିତ ସଉଦା ହିତାଶ ମୋର ସାଥୀ

ବ୍ୟଥା ଅର୍ଜିବାର ଦିନ ହେଉଛି – ମାନବର ଦୀପ୍ତ ଯୌବନ, କାରଣ ସେଠି ବ୍ୟବସ୍ଥା ଓ ତଦ୍‌ଜନିତ ସଂସ୍ଥାପନ ଓ ସଂଗ୍ରାମରେ ଖସଡା ଅଛି, ବ୍ୟଥାହୀନ, ବାଧାହୀନ, ଉଦବେଗହୀନ, ଶୈଶବର ସ୍ମୃତି ସାରାଜୀବନ ସମସ୍ତଙ୍କୁ ମୋହାଚ୍ଛନ୍ନ କରି ରଖିଥାଏ । କବି ଚିତ ଏଥିପ୍ରତି ତେଣୁ ଅଧିକ ଆକୃଷ୍ଟ ।

ଚପଳ ଶଇଶବେ ତୋଳିଲି ଯେତେ ଘର
ନିଜର କଲି କେତେ କାହାକୁ କଲି ପର
ଜାଣିଲି ସୁଖଦୁଃଖ ମଣିଲି ସବୁ ସତ
ଜୀବନ ଜାଲ ମୋର ବୁଣିଲି ଅବିରତ ।

କ୍ଷଣିକସତ୍ୟ – କାଳିନ୍ଦୀଚରଣ





ଯାହାର ପ୍ରଭାବ ବା ଆବେଦନ ଅଧିକ ଭାବନିଷ୍ଠ ଓ ସାଙ୍ଗୀତିକ, ହୁଏତ ମୂଳ ପାଠକୁ ପାଠକ ବହୁଗୁଣିତ କରି ବୁଝିବାର ଅବସର ଆଜିର କବିତାରେ ରହିଅଛି ।

ଆପାତତଃ କେନ୍ଦ୍ରାଭିମୁଖୀନତା ନଥିବା, ଅସଂଲଗ୍ନ ଅନିର୍ଦ୍ଧିଷ୍ଟ ମନେ ହେଲେ ହେଁ ଆଧୁନିକ କବିତା ଏତେ ଅଧିକ ଭାବନିଷ୍ଟ ଓ ଜୀବନପ୍ରତି ସତ୍ୟଶୀଳ ଯେ ତାହାର ତୁଳନା ନାହିଁ । ତତ୍ୱଦର୍ଶନ ପ୍ରତି ଉତର ଆଧୁନିକ କବି ବା ପାଠକ ଏତେବେଶୀ ଆଗ୍ରହୀ ନୁହଁନ୍ତି ।

ଆଳଙ୍କାରିକ ନିଗଡରୁ ଜୀବନମୟ କବିତାର ଭାବଭାଷାକୁ ମୁକ୍ତ କରିବା ଆଧୁନିକ ବିଚାରର ଗୋଟିଏ ବିଶିଷ୍ଟ ଦିଗ । କବିତାର ଛାନ୍ଦ ମଧ ସ୍ୱଚ୍ଛନ୍ଦ ଓ ସ୍ୱଭାବିକ ହେଉବୋଲି ସେମାନେ ଇଚ୍ଛା କରିଛନ୍ତି । ଏହା ଦ୍ୱାରା କବିତା ଶିଳ୍ପାୟନର ଗୋଟିଏ ଅସହଜ କୃତ୍ରିମତା ଦୂର ହୋଇଯାଇପାରିବ । ମଣିଷର ଆଗ୍ନେୟ ସଂକଳ୍ପ ଓ ତା'ର ପ୍ରତିଟି ଶଦ୍ଧାନୀତ ଶିହରଣକୁ ରୂପଦାନ କରିବାରେ କବି ଆପଣାକୁ ଅଧିକରୁ ଅଧିକ ଅନୁବର୍ଦ୍ଧିତ କରିପାରିବ ।

ଆଧୁନିକତା ଶୁଭଙ୍କର ମାନବାତ୍ମାର ମହନୀୟତାକୁ ଆହୁରି ଭାବପୂର୍ଣ୍ଣ ଅଭିବ୍ୟକ୍ତି ହେବାପାଇଁ ପ୍ରୟାସୀ । ଶିଳ୍ପାୟନର ତତ୍ୱ ସବୁ ସତ କବିତା ସୃଷ୍ଟିପାଇଁ ଅନାବଶ୍ୟକ ବୋଲି ସେମାନେ ଉପଲବ୍ଧି କରିଛନ୍ତି । କବିତା ସୃଷ୍ଟିର ପ୍ରତିଟି ଅନୁଷଙ୍ଗ ମଣିଷ ହୃଦୟରେ ଉଚ୍ଚତର ସମ୍ଯୋଗ ଦ୍ୱାରା ଭରିଯାଉ ବୋଲି ବି ସେମାନେ ଅଭିଳାସ ପୋଷଣ କରିଛନ୍ତି ।

(ଫୁଟ୍‌ନୋଟ୍ – କବିତାର ମୃତ୍ୟୁ ଓ ଅନ୍ୟାନ୍ୟ ନିବନ୍ଧ
ପ୍ରଫେସର ଆଦିକନ୍ଦ ସାହୁ
ଉତର ଆଧୁନିକ କବିତାର ଗୁଣଧର୍ମ – ପୃଷ୍ଠା – ୯–୧୯)

ନରେନ୍ଦ୍ର ମୋଦି ଭାରତୀୟ ସାହିତ୍ୟ ତଥା ରାଜନୀତିର ଏକ ଉଚ୍ଚାରଣ ନାମ । ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ଭଳି – ଭାରତୀୟ ସାହିତ୍ୟରେ ସେ ଜଣେ କବି ଓ ଗାଳ୍ପିକା ଭାବରେ ପରିଚିତ । ଗୁଜୁରାଟୀ ଭାଷା ଓ ସାହିତ୍ୟର ସେ ଜଣେ ଅନନ୍ୟ ସ୍ରଷ୍ଟା, ଠିକ୍ ସେହିପରି ଜଣେ ରାଜନୈତିକ ନେତା ଭାବରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ତଥା ଭାରତର ପ୍ରଧାନମନ୍ତ୍ରୀ ରୂପରେ ବିଶ୍ୱନେତା ଭାବରେ ମାନ୍ୟତାପ୍ରାପ୍ତ

ଗୁଜୁରାଟ ସାହିତ୍ୟର ଅନେକ ବିଭାଗରେ ନରେନ୍ଦ୍ର ମୋଦି କଲମ ଚାଳନା କରିଥିଲେ ମଧ – ମୁଖ୍ୟତଃ କବି ଭାବରେ ପ୍ରତିଷ୍ଠାଲାଭ କରିଅଛନ୍ତି । ମୋଦିଙ୍କ କାବ୍ୟ ସାହିତ୍ୟରେ ଦୁଇଗୋଟି କବିତା ପୁସ୍ତକ ପ୍ରକାଶିତ, "ଏ ଜର୍ଣ୍ଣି" ଓ "ଧନ୍ୟ ଏହି ଆଖି" ।

## ନରେନ୍ଦ୍ର ମୋଦିଙ୍କ କାବ୍ୟ - ଏ ଜର୍ଣ୍ଣି

ନରେନ୍ଦ୍ର ମୋଦି ତାଙ୍କର ଜୀବନୀ ତଥା ଆଧ୍ୟାତ୍ମିକ, ସାଂସ୍କୃତିକ ବିଚାରଧାରାକୁ ତାଙ୍କର "ଏ ଜର୍ଣ୍ଣି" ଗୁଜୁରାଟୀ କବିତାରେ ଆତ୍ମପ୍ରକାଶ କରିଛନ୍ତି । ନିଜର ତପସ୍ୟାରତ ଜୀବନ, ଜୀବନର ଆଭିମୁଖ୍ୟକୁ ଜଣେ କବି ଭାବରେ ନରେନ୍ଦ୍ର ମୋଦି କବିତା ମାଧ୍ୟମରେ ପରିପ୍ରକାଶ କରିଅଛନ୍ତି । ୬୭ ଗୋଟି କବିତାକୁ ନେଇ "ଏ ଜର୍ଣ୍ଣି" କାବ୍ୟ ସଂକଳନ ।

କବିତା ସଂକଳନ ମୁଖବନ୍ଧରେ ନରେନ୍ଦ୍ର ମୋଦି ନିଜକୁ ଜଣେ ସାହିତ୍ୟିକ ଭାବରେ ବିବେଚନା କରିନାହାଁନ୍ତି । ନିଜର ବ୍ୟକ୍ତି ସାଧନାକୁ କାବ୍ୟ ଆକାରରେ ସେ ପରିପ୍ରକାଶ କରିଅଛନ୍ତି । ତାଙ୍କର କାବ୍ୟକୁ ସାମ୍ୟକ ବର୍ଣ୍ଣନା -

### ଯାତ୍ରା

ମୋଦି ତାଙ୍କର ଜୀବନଯାତ୍ରାକୁ - ଏକ କଳ୍ପନା ଭାବରେ ବର୍ଣ୍ଣନା କରିଅଛନ୍ତି । ଅତୀତରେ ତାଙ୍କର ଭ୍ରମଣକୁ ମଧ୍ୟ ସେ ମନେ ପକାଇଛନ୍ତି । ତାହା ତାଙ୍କର ସ୍ମୃତିରେ ପ୍ରତିଟି ମୁଖରେ ଆଙ୍କିମାରୁଥିଲା

ପୁଣି ମଧ୍ୟ ସେଥିରେ ଥାଏ ଅସହଜ ବେଦନା, କେବେକେବେ ଏହା ମନରୁ ଭୁଲିଯାଇ ପାରୁନାହିଁ, ଏକ ସହିତ ଯଥାପ୍ରୀତି ସହି ରହିଛନ୍ତି, ସବୁ ଦୁଃଖ, ଯନ୍ତ୍ରଣାତକ ତାଙ୍କ ଯାତ୍ରା ପଥର ପଥିକ ଭାବରେ ଦିବ୍ୟମାନ ଅଟନ୍ତି । ଏ କବିତା - 'ଯାତ୍ରା' ମୋଦିଙ୍କ ଜୀବନ ଯାତ୍ରାର ଏକ ଝଲକ ।

କଳ୍ପନାର ଯାତ୍ରା ପଥେ
ଭ୍ରମଣ ମୋ ଗଭୀର ଅତୀତେ
ପ୍ରତିଟି ବଦନେ ପ୍ରତ୍ୟେ ହେଲା
ଖୋଲିଗଲା କେତେ ସ୍ମୃତି ମୋତେ
ପ୍ରତିଟି ଆହ୍ୱାନ ଆଣେ ସହଜ ଉତର
ପ୍ରତିଟି ପ୍ରତିଭା ଚିହ୍ନା ଚିହ୍ନା ସମାଜର ।
କେହି ବି ରୁହେନି ଲୁପ୍ତ ସବୁ ପ୍ରତି ଭାତ
ଏହି ତ ସତ୍ୟ, ଶିବ ଓ ଶାଶ୍ୱତ
ଯୋଉଁ ସାଥି ଅସହଜ ବେଦନା ପ୍ରଦାୟୀ
କେବେ କି କରି ମନୁ ଯାଏ ଭୁଲିହୋଇ
ଏକା ସାଥେ ମଥାପାତି ସହିଛନ୍ତି ହାୟ
ସେହିସବୁ ପିଡାହୁଏ ଯାତ୍ରାର ପାଥେୟ ।





ରବିନ୍ଦ୍ରଙ୍କ ମାନବବାଦର ଅନୁପ୍ରେରଣାରେ ରଚିତ 'ପୁରୀମନ୍ଦିର' କବିଙ୍କର ଏକ ଉଚ୍ଚାଙ୍ଗ କବିତା । ଆଧ୍ୟାତ୍ମିକ ଆସ୍ଥା ପରିବର୍ତେ ଏହି କବିତାରେ ସେ ମାନବବାଦର ଜୈତ୍ର ଜ୍ଞାନ କରିଅଛନ୍ତି । ରବିନ୍ଦ୍ର କାବ୍ୟାଦର୍ଶନର କ୍ରମିକ ଅନୁଧାବନ ତାଙ୍କ କାବ୍ୟର ରହସ୍ୟବାଦୀ ଚେତନାକୁ ପରିପୁଷ୍ଟ କରିପାରିନାହିଁ ମାତ୍ର ଉଗ୍ର ଜାତୀୟତାବୋଧ ଓ ଉଦାର ମାନବିକତାବୋଧ ମଧ୍ୟରେ କାବ୍ୟ ଚେତନାର ଉତୋରଣ ହୋଇଅଛି ।

ପାଦଟୀକା - ପୃ. - ୯୭/୯୮

କାଳିନ୍ଦୀଚରଣଙ୍କ କାବ୍ୟମାନସ ଡକ୍ଟର ବିଣାପାଣୀ ପ୍ରଧାନ ।

କବି କାଳିନ୍ଦୀଚରଣ ନିଜ ଗୀତ ବିଷୟରେ ଇସ୍ତାହାର ଦେଇଛନ୍ତି । ପୁରୁଣା କାଳର କବିଟିଏ ଶବ୍ଦ ଯୋଡୁଥିଲା କେବଳ ଅଳଙ୍କାର ପାଇଁ । ଯେଉଁ ଅଳଙ୍କାର ମଣିଷ ପ୍ରତି ବିମୁଖ ଥିଲା । ସେଥିପାଇଁ କବି କାଳିନ୍ଦୀଚରଣ କୁଞ୍ଜ ବନର କବିମାନଙ୍କର କବିତା ଆଦର୍ଶକୁ ଆଦୌ ଗ୍ରହଣ କରିପାରିନାହାଁନ୍ତି ।

କବି ମଣିଷ ଜୀବନର ବ୍ୟଥା ତା'ର ସନ୍ତାପ ପାଇ ସଂଗ୍ରାମର କଥା କହିବାକୁ ସୀମାଚୀନ ମନେ କରିଅଛନ୍ତି । କବିତା ସବୁକାଳରେ ସତ୍ୟର ଅନ୍ୱେଷଣ (ରଙ୍ଘକ୍ତ୍ଷକ୍ଟକ୍ସବଙ୍ଗସକ୍ଟଭ କ୍ଟଲ ଙ୍ଗକ୍ସଙ୍କଙ୍ଗଷ) ଓ କବି ହେଉଛି ସତ୍ୟବାନ୍ । ଯେଉଁ କବିତା ମଣିଷକୁ ଆଗକୁ ନେବାରେ ଜଡତା, ଅଜ୍ଞାନ ଓ ଅନ୍ଧକାରକୁ ପଛରେ ପକାଇ ଦେବାରେ ପ୍ରେରଣା ନଥାଏ, ସେ କବିତା କେବଳ ପୁରୁଣା ଆଳଙ୍କାରିକ କବିତା । ସେ କବିତାକୁ କବି କାଳିନ୍ଦୀଚରଣ ଅସ୍ୱୀକାର କରି ଲେଖିଛନ୍ତି -

ଯେ ବାଣୀ ଛୁଇଁନି
ଗୋଟିଏ ଜାତିର କୋଟିଏ ବୁକେ
ସେ ବାଣୀ ମୋହର
ନ ହେଉ ଗୋଚର ନ ଆସୁ ମୁଖେ ।

ଯେ ବାଣୀ ନ କହେ
ମଣିଷ ଜାତିର ଶୋଷିତ ବ୍ୟଥା
ସେ ନୋହୁ ମୋ ଭାଷା
ସେ ବାଣୀ ମୋହର ନହେଉ କଥା ।

ସେ ବାଣୀ ଲୁଚାଏ
ମିଛକୁ ଆପଣା ଗରଭେ ଜାକି

ମଧୁମାସ ବସନ୍ତ ତାଙ୍କ କବି ଚିତ୍ରକୁ ପ୍ରବୋଧିତ କରିଦେଇଛି । କାଳିନ୍ଦୀଚରଣ 'ମଧୁମାସ ବସନ୍ତ' ଆଗମନରେ ଲେଖିଛନ୍ତି –

ପଥେ ପଥେ ରୂପେ ରୂପେ
ରୂପର ବିଳାସ ।
ଫେରିଆସେ ବାରମାସ
ସେହି ମଧୁମାସ ।
ଯୁଗେଯୁଗେ କେତେ କଥା
ଆସିଛି ସେ କହି ।
କେତେମୁଖେ ନବ ନବ
ରୂପରସ ବହି । – "ଚିରନ୍ତନ କୁହୁ"

ପ୍ରକୃତି ବନ୍ଧୁପରି ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଙ୍ଗ ଦେଇଥାଏ, କାହା ସହିତ ପ୍ରତାରଣା କରେନାହିଁ । ମାନବ ତା'ର ମରଣ ପର ମହାପ୍ରକୃତିରେ ମିଶିଯାଏ । ପ୍ରକୃତି ହିଁ ଚିରନ୍ତନ ଶିକ୍ଷକ ଯାହା ମନୁଷ୍ୟ ଅନ୍ତରକୁ ପ୍ରେରଣା ପ୍ରଣୋଦିତ କରେ ।

କାଳିନ୍ଦୀଚରଣଙ୍କ କବିଚିତ ଗୋଟିଏ ମହାଦିଗନ୍ତ ପ୍ରତି ଉନ୍ମୁଖ ହୋଇଅଛି । ଅନ୍ୟମାନଙ୍କ ପରି ସେ କେବଳ ଦେହଭୋଗ ଲାଳସା ପାଇଁ ଯୌବନକୁ ପ୍ରଶସ୍ତ ମନେକରି ନାହାଁନ୍ତି । ଯୌବନ ତାଙ୍କ କଣ୍ଠରେ ଅମର ଗୀତ ଆଣି ଭରିଦେଉ ଏହା ସେ ପ୍ରାର୍ଥନା କରିଅଛନ୍ତି ।

ଯଉବନ ! ଯଉବନ ! କଣ୍ଠ ତଟେ ଢାଳିଦିଅ ଗୀତ
ଜୀବନ ମନ୍ଦିର ଚୂଳେ ଜଳିଉଠୁ ମୋର ମହାଦୀପ,
ଜଳିଉଠୁ ଗଗନର ଅଗଣିତ ଜ୍ୟୋତିରାଶି ତଳେ
ଅସୀମ ଆଶାର ରୂପେ ଶିଖାତା'ର ଖେଳୁଏ ବିଶ୍ୱରେ ।

କବିତା – 'ମହାଦୀପ'

କାଳିନ୍ଦୀଚରଣଙ୍କ ନିଜକୁ ସଜ୍ଜିତ କରି ଭଗବାନଙ୍କୁ ପ୍ରତୀକ୍ଷା କରିଅଛନ୍ତି । କିନ୍ତୁ – ଏହି ପ୍ରତୀକ୍ଷାର ପରିଣତି କାଳିନ୍ଦୀଚରଣଙ୍କ କବିତାରେ ପରିଦୃଷ୍ଟ ହୁଏନାହିଁ । ଅଧିକନ୍ତୁ ଆଧାତ୍ମିକତା ପ୍ରତି ସଂଶୟାଛନ୍ନ ମନୋବୃତି ତାଙ୍କର ବହୁ କବିତାରେ ମାନବବାଦୀ ଚିନ୍ତାଧାରାକୁ ଅନୁପ୍ରେରିତ କରିଛି । ପୁରୀ ମନ୍ଦିର, ପାପ, ଯୌବନଯାତ୍ରୀ, ବ୍ୟଥାର ସାଧନା ଆଦି କବିତାରେ ଏହିପରି ମାନବିକତାର ପକ୍ଷ ସମର୍ଥନ କରାଯାଇଅଛି ।





## ଭାଗ୍ୟବାନ ଚକ୍ଷୁ ମୋର

ବିଶ୍ୱପିତାଙ୍କ ବରଦାନ ଏ ଦୁଇ ନୟନ (ଚକ୍ଷୁ) ମୋର, ସବୁଜ ଘାସ ଗାଲିଚା ଉପରେ ରବିର କିରଣ ପଡିବା ଭଳି, ତାହାକୁ ତାଙ୍କର ଚକ୍ଷୁ ଦ୍ୱୟ ନିରୀକ୍ଷଣ କରି ବିଭିନ୍ନ କିରଣକୁ ରଙ୍ଗବେରଙ୍ଗରେ ଦେଖିପାରୁଥିଲା ।

କନକ ବରଣ ଧରା କରିବାକୁ ବାରୋନେତ୍ର ପାତ
ବିଶ୍ୱପିତା ବରଦାନ ଏବେନୀ ନୟନ ମୋର ।
ସବୁଜ ଘାସ ଗାଲିଚା ଛାଏଁ ଯେବେ ରବିକର ଧରେ
ଚକ୍ଷୁମୋର ନିରକ୍ଷୟୀ ସେ ସବୁ ରଙ୍ଗକୁ କ୍ଷଣେ ।
ସୂର୍ଯ୍ୟସ୍ନାତ ଆକାଶରେ ଉନ୍ମୋଚିତ ତପନ କିରଣ
ନିରକ୍ଷୟୀ ଧରଣୀର ସ୍ୱର୍ଣ୍ଣାଭ ମଣ୍ଡଣି ।
ଦେଖେତହିଁ ଭାବନାର ଇନ୍ଦ୍ରଧନୁ ସତେ
ସୁଉଚ୍ଚ ଗଗନେ ଥିଲା ପ୍ରତିଭାତ ରଙ୍ଗର ରୋଷଣୀ ।
ଭାଗ୍ୟଫଳ ବହୁଜନ୍ମ ଅତୀତର ସ୍ମୃତି ବିମୋହିତ
ଦେଖେଯେବେ ଉଙ୍କେତୋଳି ହୁଏ ମୁଁ ବିଭୋର ।
ସାଗର ପ୍ରକଟେ ଛବି ଆଶାର ଛାତିରେ
ଅବସର କବେ ମାଘ ଘନ ଆବରଣ ।
ପ୍ରତିବେଶୀ ବନ୍ଧୁ ସହୋଦର ସକଳ ମମତା
ସବୁ ପରକ୍ଷୟୀ ମୋର ଅନ୍ତଃଚକ୍ଷୁ ଜ୍ଞାନଚକ୍ଷୁ ପରେ ।
ଗଭୀରତା ଭେଦି କି ପାରଇ ଚକ୍ଷୁ ?
ଯାହାଅଛି ରହସ୍ୟ ଏ ଧରେ ।
ହେଲେ ମୋ ନୟନ ଅତି ଭାଗ୍ୟବାନ
ଦେଖିବାକୁ ବିସ୍ତାରିତ ସ୍ୱର୍ଣ୍ଣାଭ ଧରଣେ ।

## ଭାସିଯାଏ ମୁଁ

ବିସ୍ତୀର୍ଣ୍ଣ ଆକାଶଟିଏ ନୀଳିମାରେ ମଣିତ ରହିଅଛି ଅବା ଚନ୍ଦ୍ରର ଶୀତିଳତା ସତେକି ଅବା ମୋ କଳ୍ପନାର ହ୍ରଦର ଜଳରାଶି ଭଳି । ଭାବନାରେ ତାଙ୍କର ଆକାଶରେ ସୂର୍ଯ୍ୟ, ବୈଶାଖ ମାସର ନିଦାଗ ଖରାରେ ପୁଣି ଜଳ ଚିତ୍ରପଟ୍ଟରେ ଉଷ୍ମ ପ୍ରବାହିତ ହୋଇଥାଏ ।

କଳା ଏକ ପ୍ରଚ୍ଛଦରେ ଆଙ୍କିଦିଏ ଏକ କୃଷ୍ଣ ହ୍ରଦ
ଦୃଶ୍ୟମାନ ମଧୁମକ୍ଷୀ ଏକ ଜଳଉର୍ଦ୍ଧଭାଗେ

ପୁଣି ଦେଖେ ଏକ ବୃକ୍ଷ ଶାଖା ପ୍ରତିଭାତ ମଖୀପାସେ
ଆଙ୍କେପୁଣି ପୂର୍ଣ୍ଣଚନ୍ଦ୍ର ମୋ କଳ୍ପନା ଆକାଶ ଛାତିରେ ।

ନିଳୀମା ମଣ୍ଡିତ ଏହି ବିସ୍ତୀର୍ଣ୍ଣ ଆକାଶ
ଚନ୍ଦ୍ରକରେ ଶିତଳିତ ଜଳରାଶି ମୋ କଳ୍ପନା ହୃଦେ

ଭାବାନ୍ତରେ ସୁଝେ ଏକ ସୂର୍ଯ୍ୟ ସେ ଆକାଶେ
ନିଦାଗ ବୈଶାଖେ ସେ ପୁଣି ଜଳିଉଷ୍ମ ହୁଏ ଚିତ୍ରପଟ୍ଟ ।

ତୂଳୀମୋର ହୁଏ ଶୁଷ୍କ ହସ୍ତ ମୋର ହୁଏ ଶୀତଳିତ
ପ୍ରତିଭାତ ହୁଏ ଏକ ସବାଧାରେ ସୁମୀତ ଶବ୍ଦ

ହଜିଯାଏ ରାତିର ସପନ ତା ସହିତ ହୟିଯାଏ ରାତ୍ରଯାତ୍ର ସ୍ୱପ୍ନ
ବାଷ୍ପିଭୂତ ହୁଏ ସବୁ ମିଶିଯାଏ ଘନ କୁହୁଡ଼ିରେ ।





କେବେ କିଛି ମାଗେନାହିଁ, ମାଗେ କୋଟି ଜୀବନପାଇଁ – ଯେପରି ଜଣେ ସନ୍ଥକବି ଭୀମଭୋଇ ତାଙ୍କର "ସ୍ତୁତି ଚିନ୍ତାମଣି" କାବ୍ୟରେ ଲେଖିଛନ୍ତି –

ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ ।

କାଳିନ୍ଦୀଚରଣଙ୍କ "ଆଗାମୀ" କବିତାଟି କେତେକାଂଶରେ ସାମ୍ୟବାଦୀ ଚେତନା ଦ୍ୱାରା ପ୍ରଭାବିତ ବୋଲି ସାହିତ୍ୟ ଛାତ୍ର ଓ ସମାଲୋଚକମାନେ କୁହନ୍ତି । 'ଆଗାମୀ' କବିତା ପରି ତାଙ୍କର ଅନ୍ୟ କେତେଗୁଡିଏ କବିତା ଅଛି, ଯାହା ମଣିଷର ବ୍ୟଥାତୁର ଜୀବନକୁ ହିଁ ଲେଖିଛି ଓ ଏ ମର୍ତ୍ତ୍ୟରେ ମଣିଷକୁ ହିଁ ସ୍ୱୀକାର କରିଅଛି ।

କାଳିନ୍ଦୀଚରଣ ୟୁରୋପୀୟ ରୋମାଟିଂକ୍ କବିମାନଙ୍କ ପରି ନିଜର ସ୍ୱପ୍ନ ଓ କଳ୍ପନାକୁ ବହୁଦୂରକୁ ପ୍ରସାରି ଦେଇଛନ୍ତି ଓ କେତୋଟି କବିତାର କାବ୍ୟସହ, ତେଣୁ ରହସ୍ୟବାଦୀ ହୋଇଅଛି । ତାଙ୍କର "ନୀରବ ଆହ୍ୱାନ" କବିତାଟି ଏହି ପର୍ଯ୍ୟାୟର ଯେଉଁଠି ସେ ଲେଖିଛନ୍ତି –

ସବୁ କୋଳାହଳ ଭେଦି ଶୁଣିବି ମୁଁ
ଶବ୍ଦ ହୀନ ନୀରବତା ଡାକ ।

କାଳିନ୍ଦୀଚରଣଙ୍କ କବିତା – 'ଅଶ୍ଳୋଷ ସ୍ୱର୍ଗ' ତଥା 'ପଥର ପ୍ରେମିକ' କବିତା ସବୁ ଏମିତି ଭାବାତ୍ମକ । ହୁଏତ ଏପରି କେତେକ କବିତା ଉପରେ ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ ପ୍ରଭାବକୁ କଳନା କରାଯାଇପାରେ ।

କାଳିନ୍ଦୀଚରଣ ତାଙ୍କ କବିତାରେ ନିଜ ଜୀବନକଥା ଲେଖିବାକୁ କେଉଁଠି କୁଣ୍ଠିତ ହୋଇନାହାଁନ୍ତି । ବିଶ୍ୱର ବିଶିଷ୍ଟ ରୋମାଟିଂକ୍ କବିମାନେ ତାହା କହିଛନ୍ତି । କାଳିନ୍ଦୀଚରଣଙ୍କ "ଛୁରୀଟିଏ ଲୋଡା" କାବ୍ୟଗ୍ରନ୍ଥର ମୁଖ୍ୟବନ୍ଧରେ ସେ ଲେଖିଛନ୍ତି – ଯେ କୌଣସି ଲେଖକର ରଚନା ତାହାର ଜୀବନର ବାଖ୍ୟା ଛଡା ଆଉ ଅନ୍ୟ କିଛି ହୋଇନପାରେ ।

ମନ ଓ ଚେତନ ଭିତରେ ବିଶ୍ୱକବି ରବିନ୍ଦ୍ରନାଥ ଯେଉଁ ୟୁରୋପୀୟ ନବଜାଗରଣ ଦ୍ୱାରା ପ୍ରଭାବିତ ହୋଇଥିଲେ । ସେହି ପ୍ରଭାବ ସାଦୃଶ୍ୟ କେତେକାଂଶରେ କାଳିନ୍ଦୀଚରଣଙ୍କ କବିତାରେ ଲକ୍ଷ୍ୟ କରାଯାଇପାରେ । କାଳିନ୍ଦୀଙ୍କ କବିତା ଯେପରି ସଫଳ ଓ ଅତିମାତ୍ରାରେ କାବ୍ୟାତ୍ମକ ସେହିପରି ମାନବ କେନ୍ଦ୍ରୀକ । କାଳିନ୍ଦୀଙ୍କ କବିତା ସେତେବେଳେ ଏତେ ସଫଳ ଓ ଲୋକପ୍ରିୟ ହୋଇପାରୁଥିଲା ଯେ ଅନ୍ନଦାଶଙ୍କର ତାଙ୍କୁ ଅତିକ୍ରମ କରିଯାଇ ପାରିବେ ନାହିଁ ବୋଲି ଭାବି ସବୁଜଗୋଷ୍ଠୀର ଓଡିଆ ସାହିତ୍ୟ ସୃଷ୍ଟି ପରମ୍ପରାକୁ ଛାଡି ଶେଷରେ ବଙ୍ଗଳାରେ ଲେଖାଲୁଖି କଲେ ।

ବେକାର ରହିବାକୁ ନାହିଁଟି ଅଧିକାର
ସବୁରି ପାଇଁ କାମ ଯୋଗାଏ ସରକାର ।
କହିବା ପାଇଁ କଥା ସବୁରି ଦାବି ଅଛି
ମୁଁ ସେହି ସମାଜର କବିତା ବସେରଚି ।
(କବିତା – 'ଆଗାମୀ' – କବିତାଗ୍ରନ୍ଥ ଛୁରୀଟିଏ ଲୋଡା)

କବି କାଳିନ୍ଦୀଚରଣ ମଣିଷର ସୁନ୍ଦର ଜୀବନକୁ ସବୁମତେ ସ୍ୱପ୍ନ ଦେଖିଛନ୍ତି । ସତ କବିଟିଏ ସତରେ ସବୁକାଳ ମଣିଷର ସୁନ୍ଦର ଜୀବନ ସ୍ୱପ୍ନ ଦେଖିଥାଏ । ସବୁ କବିଙ୍କ ସୃଜନ ଅନୁଭବର ଏ ଏକ ବଡ ପ୍ରସ୍ଥ । ଜନମଙ୍ଗଳକର ଭାବନା ଯେ କୌଣସି ସୁମହତ ସାହିତ୍ୟ କର୍ମର ଏକ ବଡ ଦିଗ ବା ଉପାଦାନ । ମଣିଷ ଅନ୍ତରର ସେହି କବିତା ସ୍ପର୍ଶ କରିପାରେ, ତା'ର ଅନ୍ତରକୁ ଉଦ୍‌ବୋଳିତ କରିପାରେ, ଯେଉଁ କବିତାରେ କବିର ଅନ୍ୟ ସହିତ ସମ୍ପର୍କବୋଧ ବଡ ସମୃଦ୍ଧ ଓ ନିବିଡ ।

ମଣିଷ ଯେଉଁଠି ହଜାରେ ବାଧାବନ୍ଧନ ଓ ଦୁଃସ୍ଥିତି ସତ୍ୱେ ଆଗକୁ ଚାଲିଛି । ସେଇଠି ହିଁ ତା'ର ଜୀବନ ସୁନ୍ଦର ଓ ସେହି ସୁନ୍ଦର ଜୀବନର ଛବିକୁ ହିଁ କବି ମନଦେଇ ଆଙ୍କିଥାଏ ।

କାଳିନ୍ଦୀଚରଣଙ୍କ ସେହି 'ଆଗାମୀ' କବିତାର ସେହି କେତୋଟି ଧାଡି ସେହି ଅନୁଭବର ଚମତ୍କାର ପ୍ରକାଶ ।

ଯୋଡଇ ଛାନ୍ଦ ମୁଁ ବିପୁଳ ଜୀବନର
ଖେଳଇ ନିତି ଯହିଁ ବିଶ୍ୱ ଚରାଚର ।
ଚାଲିଛି ମରଣକୁ କରି ଯେ ଉପହାସ
ବେଦନା ଶୋକତୋପେ ପାରିଛି କରିଦାସ ।
ଉଠଇ ନାଚି ଯହିଁ ଉର୍ମି ହରଷର
ଚାଲିଛି ନଗଣି ଯେ କିଏ ବା ନିଜ ପର ।
ବିରାଟ ସେ ଜୀବନେ ସବୁରି ଅଛିମୂଳ
ବୁଝଇ ନର ତହିଁ ପହିଲେ ନିଜ ଭୁଲ ।
ପହିଲେ ପରଦୁଃଖ ପାରଇ ଅନୁଭବୀ
ଆଗାମୀ କାଲିର ମୁଁ କବିତା ରଚେ କବି ।

ଜଣେ କବି ପ୍ରକୃତରେ ବିଶାଳ ଜୀବନକୁ ହିଁ ଦେଖୁଥାଏ ଓ ବିଶାଳ ବିଶ୍ୱକୁ ତା'ର କବିତାର ଜଗତକରେ । ସେ ଜଗତରେ ମଣିଷକୁ କେବେ ପର ଆପଣା କରି ଦେଖେନାହିଁ । ସବୁ ମଣିଷକୁ ଭଲପାଇବା କବି ଅନ୍ତରର ଧର୍ମ, ତା' ଆତ୍ମାର ଅଭିଳାଷ । କବି କେବେ ଆପଣା ସୁଖପାଇଁ କାହାରିକୁ





## ଆଶିଷ

ଆମେ ସମସ୍ତେ ମରୁ ମରିଚୀକା ଭଳି କାନ୍ତାରର ଯାତ୍ରୀ ଏ ଦୁନିଆଁ କରିପାରେ ଆମେ ଯେ ପାଗଳ, ଅଣାକାର ଅପ୍ରାନ୍ତେୟେ ନାହିଁ ବୀର, ନାହିଁ ମଧ ବେଳାଭୂମି ତତ୍‌ସହ ଦଳ ପରିସମ ଅନନ୍ତ ବାରିଧି ।

ଶୁଭ ଆଶିଷରେ ମୋଦି ନିଜ ଜୀବନକୁ ଅପ୍ରାୟତ କରିଛନ୍ତି ।

ଜୀବନର ଅନ୍ତରଙ୍ଗ ସାଥୀ ମୋ ସୌଭାଗ୍ୟ
    କେବେ କେହି ପାରିବନି ଭିନ୍ନକରି ପ୍ରେମଠାରୁ ମୋତେ ।
କେହି ପାରିବ ନାହିଁ ପ୍ରବେସୀ ତହିଁରେ
    ଯହି ଚାହୁଁ ତହିଁ ଉଡିବୁ, ବୁଲିବୁ ।
ସାଗରର ଗଭୀରତା ଭେଦି
    ସୌରକରେ ଛୁଇଁ ଗିରି ଗର ।
ନିଶିଥର ନିଥର ମୁହୂର୍ତ୍ତେ
    ତାରାଭରା ଆକାଶରେ ଭାସିବୁ ଆନନ୍ଦେ ।
ଆମେ ସବୁ ମରୁ ମରିଚୀକା କାନ୍ତାରର ଯାତ୍ରୀ
    ଏ ଦୁନିଆଁ କରିପାରେ ଆମେଯେପାଗଳ ।
ଅଣାକାର, ଅପ୍ରାନ୍ତେୟ ନାହିଁ ତୀର
    ନାହିଁ ବେଳାଭୂମି, ଦଳପରିସମ ଅନନ୍ତ ବାରିଧି ।

## ପ୍ରେମପଦାବଳୀ

ନରେନ୍ଦ୍ର ମୋଦି କିଶୋର ବୟସରୁ ଘର ତ୍ୟାଗକରି ଜୀବନର ମୂଲ୍ୟବୋଧ ପାଇଁ ସାଧନାରତ ହିମାଳୟ ପର୍ବତ ଶିଖରରେ ।

ମୋଦି ହିମାଳୟ ପାଦଦେଶରେ ତପସ୍ୟାରତ ସମୟର ପ୍ରେମଭାବନାକୁ ଉଜ୍ଜୀବତ କରିଛନ୍ତି ଧରଣୀ ବୁକ୍ଷୁରେ ।

ଯେତେବେଳେ ଜ୍ଞାତ ହେଲି ତୋତେ ରେ ପ୍ରଣୟ
ହିମାଳୟ ଶାନ୍ତକାମ୍ୟ କୋଳେ
ଦାବାନଳ ଜଳିଉଠେ ସତେ ମୋର ହୃଦୟ କନ୍ଦରେ
ଯେତେବେଳେ ନେତ୍ରପାତ ହେଲା ତୋ ପରେ ।
ପୂର୍ଣ୍ଣେନ୍ଦୁ ହୋଇଲା ଉଦେ ଅନ୍ତଃ ଚକ୍ଷୁ ମଧ୍ୟେ
ଚଳନ ପାଦପ ସଦ୍ୱେ ଉଭାହେଲା ମୋର ସମ୍ମୁଖେ
ପୁଣିଯେବେ ହୋଇଲା ମିଳନ
ସତେଅବା ସୁରଭିରେ ଭରିଗଲା ପ୍ରାଣମନ ଯାହା ନୁହେଁ କଳି ।
ବେନିର ବିଛେଦ ତରଳିଲା ତା ପ୍ରକାଶେ
ଜାଳିଲା ମୋ ଅଙ୍ଗ ଶିରା ପ୍ରଶିରାକୁ
ସେହି ଯେ ଚନ୍ଦ୍ରମା ରଜତ କିରଣ
ଭୋଜିଲା ମୋ ପ୍ରେମ ନଗରୀରେ ।
ଭୁଲିଗଲି ଆପଣାକୁ ଅସ୍ତିତ୍ୱକୁ
ସେହି ପ୍ରେମ ଜାଳେ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

ଛଳଛଳ ନେତ୍ର ପଡିବ
ମୁହଁ ମାଡି ଶେଯରେ
ନିଜନେ ନିରାଶ ମିଶିବ
ଅନ୍ଧକାର ତେଜରେ
(କବିତା - 'ରଜ' - ଛୁରୀଟିଏ ଲୋଡା - କବିତା ଗ୍ରନ୍ଥ)

କାଳିନ୍ଦୀଚରଣଙ୍କ 'କ୍ଷଣିକ ସତ୍ୟ' କବିତାଗ୍ରନ୍ଥ - ଯାହା ଅନ୍ୟତମ ପ୍ରମୁଖ ସବୁଜ କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହୋଇଅଛି । ସେଥିରେ ଶୈଶବ ସ୍ୱପ୍ନ ହିଁ ସେ ଜୀବନକୁ ଏତେ ମଧୁମୟ ଓ ରହସ୍ୟମୟ କରିଥାଏ, ଆଗରେ ପଡିଥିବା ଜୀବନକୁ ସେ କଳ୍ପନାକରେ । ମଣିଷ ଜୀବନର ଉନ୍ମେଷ - ଉତରଣକୁ ମଧ କବି ଚିତ୍ରଣ କରିଅଛନ୍ତି, ସେ ଚିତ୍ରଣରେ ନିଜ ଜୀବନୀନୁଭୂତିକୁ ଯଥା ସମ୍ଭବ ମିଶାଇ ଦେଇଛନ୍ତି ।

ଅନ୍ୟସବୁ କବିତା ଭଳି "କ୍ଷଣିକସତ୍ୟ" କବିତା ଗ୍ରନ୍ଥର ଅଧିକାଂଶ ତାଙ୍କ କଳ୍ପନା ବିଳାସ ରୋମାଟିଂକ୍ ଅନୁଭବର ପରିଚୟ ଦିଏ । କବି ବହୁଭାବରେ ମଣିଷର ନୃତାତ୍ତ୍ୱିକ ଭାବବେଗକୁ ହିଁ ମୁଖ୍ୟତଃ ରୂପାୟିତ କରିଅଛନ୍ତି ।

ମଣିଷ ଜୀବନର ସ୍ୱପ୍ନ ଓ ତା'ର ଯୌବନର ପ୍ରଣୟଗୀତିକୁ କେବଳ ନୁହେଁ, ତା'ର ବ୍ୟଥାତୁର ସଂଗ୍ରାମଶୀଳ ଜୀବନକୁ ମଧ୍ୟ କବି ତାଙ୍କ କବିତାରେ ସଫଳତାର ସହିତ ଚିତ୍ରଣ କରିଅଛନ୍ତି । ସେ ବିପୁଳ ଜୀବନପାଇଁ ପୁଣି ଛନ୍ଦ ଯୋଡିଛନ୍ତି ।

"ଆଗାମୀ" କବିତାଟି କାଳିନ୍ଦୀଚରଣଙ୍କ ସାରସ୍ୱତ ବାଣୀର ଏକ ଚମତ୍କାର ଉପହାର । ଜଣେ ମହାନ କବି କେବଳ ସବୁ ମଣିଷଙ୍କ ସୁନ୍ଦର ଜୀବନକୁ ସ୍ୱପ୍ନ ଦେଖିପାରେ । ସେ ତାଙ୍କ କବିତା ସମ୍ପର୍କରେ 'ଆଗାମୀ'ରେ ଯେଉଁ ଇସ୍ତାହାର ବାଢିଛନ୍ତି, ତାହା ସତରେ ଅନୁପମ ଓ ପାଠକର ଅନ୍ତରକୁ ତାହା ଉଲ୍ଲସିତ କରିଦିଏ ।

କବିତା ଗଢେ ଏକ ବିରାଟ ସମାଜର
ସବୁରି ପାଇଁ ଯେଉଁ ବଖରେ ହେଲେ ଘର ।
ସକଳେ ଲଭିବାକୁ ମୁଠାଏ ଦୁଧଭାତ
ଯୋଗ୍ୟ ଯେତେ ଯହିଁ ବାଳକ ବାଳିକା ତ ।
ଦୁଇଟା ଲୁଗାଜାମା ସବୁରି ପାଇଁ ମିଳେ
ପଢିବା ପାଇଁ ବାଧା କାହାରି ନାହିଁ ତିଳେ ।

ସୃଜିବି ପୂଜକ  କାହାର ପୀରତି ପାଇ
ଜିଇଁବାକୁ ଏଥିମାତ୍ର ଦିନକ ପାଇଁ ।

କବି କାଳିନ୍ଦୀଚରଣଙ୍କ କବିତାର ବ୍ୟକ୍ତି କୈନ୍ଦ୍ରିକତା ତାଙ୍କ ପୂର୍ବ ସତ୍ୟବାଦୀ ବା ରାଧାନାଥ ଯୁଗର ବ୍ୟକ୍ତି କୈନ୍ଦ୍ରିକତାଠାରୁ ଅଲଗା ପ୍ରକାରର ଅବଶ୍ୟ ପୁଣି ତାଙ୍କର ଶୈଶବ ଭାବନା ପଲ୍ଲୀ ଜୀବନଚିତ୍ର ତଥା ବର୍ଷାର ଛବି ନନ୍ଦକିଶୋରଙ୍କ ଠାରୁ ଅଲଗା ପ୍ରକାରର ।

ଯୌବନ ବ୍ୟତିରେକ ଜୀବନ ଆଉ ସ୍ୱାଦ ନୁହେଁ ବୋଲି ସବୁଜ କବିମାନେ ରୋକ୍‌ଠୋକ୍ ଭାବରେ କହିଅଛନ୍ତି । ଅନ୍ୟାନ୍ୟ ସବୁଜ କବିମାନଙ୍କ ଭଳି କାଳିନ୍ଦୀଚରଣ ମଧ୍ୟ ପ୍ରେମର ପୂଜା କରିଅଛନ୍ତି ଓ ଯୌବନର ବନ୍ଦନା ଗୀତ ଗାଇଛନ୍ତି । କାଳିନ୍ଦୀଙ୍କ 'ପ୍ରାଚୀନ' କବିତାଟି ତାଙ୍କର ବାସ୍ତବବାଦୀ ଦୃଷ୍ଟିଭଙ୍ଗୀର ନିଦର୍ଶନ । ସେ ଲେଖିଛନ୍ତି –

ପୀରତି ନାମରେ କିମ୍ପାଇ ଭୟ କହ ଗୋ ଆଜ
ସେ ନୁହେଁ କୁହୁକ ଆକାଶବାଣୀ ସେ ନୁହେଁ ଲାଜ
ଯୁବକ ଯୁବତୀ ଧରମ ସେ ତ ବୟସ ଦାବି
ଗୋପନୀୟ ତେବେ କି ଅଛି ତେବେ କହତ ଭାବି ।

ପ୍ରାଚୀନ – ଛୁରୀଟିଏ ଲୋଡା

କବି କାଳିନ୍ଦୀଚରଣ ଅତୀନ୍ଦ୍ରିୟ ଚେତନାର କବିମାନଙ୍କ ପରି ଦେହାତିତ୍ ପ୍ରେମ (Platonic Love) କଥା କହିନାହାଁନ୍ତି କି ପ୍ରେମପ୍ରଣୟ ଚେତନାକୁ ସେ ରହସ୍ୟ ବିଜଡିତ କରି ଦେଇନାହାଁନ୍ତି । କବି ତେଣୁ ଗାଇଛନ୍ତି –

"ପୀରତି କିରଣ ବଖାଣି ବସିଲେ ପଥର ତରଳି ବହିବ ଜଳ
ସବୁ ପୀରତିର ମୂଳରେ ଯା ଅଛି ନକହିବା ତାହା ସବୁଠୁ ଭଲ ।"

କବି କାଳିନ୍ଦୀଚରଣଙ୍କ 'ରଜ' କବିତାଟି ସେହି ଭାବରେ ସଂଚାଳକ, ପୂର୍ବ ଆତ୍ମିୟତାର ଏକ ଅନୁଷ୍ଠାନ । ସମ୍ମିଳୀତ ଉତ୍ସବ ମୟତା'ର ଏକ ତିଥୀ । କାଳିନ୍ଦୀଙ୍କ କବିତାରେ ପର୍ବପର୍ବାଣୀରେ କିଶୋର ଜୀବନ କିପରି ଉଦ୍‌ବୋଳିତ ହୋଇ ଉଠିଛି ତା'ର ପ୍ରାଣପୂର୍ଣ୍ଣ ବର୍ଣ୍ଣନା ପରିଲିଖିତ ହୁଏ ।

ଚକିତେ ଚାହିଁବ ଚମକି
ପ୍ରାଣ ହରସ ଭରି
ନିଜନ ଅନ୍ଧାର ବାହାରେ
ବାରି ପଡୁଛି ଝରି





## ଉଠ ଆହେ ବୀର

ଦେଖ ଏ ବୀରତା ମହୋଦେବୀ ନିଶାର୍ଦ୍ଧୀରେ ଜାଗିଉଠେ କେହି କେବେ ପାରିନାହିଁ ତା' ସହିତ ଜୁଝି ଅବା ଯୋଦ୍ଧାକରୁ ଜାଗିଉଠେ ଶକତିର ଦୁର୍ବାର ଆହ୍ୱାନ ।

ଉଠ ଆହେ ବୀର, ଉଠ ଆହେ ବୀର । କବିତା କବି ନରେନ୍ଦ୍ର ମୋଦିଙ୍କ ସିହରଣ କବିତାଟିଏ

ଶରୀର ର ଜୀର୍ଣ୍ଣ ଆବରଣ ଲୁପ୍ତ ରଖେ.ମନଖୋଜେ
ଘୁରି ବୁଲେ ବୀର ଜାଗି ଉଠେ , ଖୋଜେ
ଭରାଦର୍ପେ , ଆକାଶ ଉହାଡ଼ରେ ଆଲୋକ ସମ୍ଭାରେ
ସତେକି ସେ ଖୋଜେ ଭୁଲି , ଭାଲ ହସ୍ତ ।

ଦେଖାଏ ବୀରତା ,
ମୋହାଦେବୀ ନିର୍ଶାର୍ଦ୍ଧୀରେ ଜାଗିଉଠେ,
କେହିକେବେ ପାରି ନାହିଁ ତା ସହିତ ଜୁଝି ,
ଯୋଦ୍ଧାକରୁ ଜାଗିଉଠେ ଶକତିର ଦୁର୍ବାର ଆହ୍ୱାନ ।

ଯେତେବେଳେ କୃଷ୍ଣନାରୀ ରକ୍ମଣୀର କନ୍ଦନ ସୁଭଇ
ଦ୍ୱାରକାର ରକ୍ଷା ପାଇଁ ଯାଅ ଅବିଲମ୍ବେ
ରକ୍ଷାକର ଦ୍ୱାରକାର ମାନ
ସମୟର ଚକ୍ର ବହୁକ୍ଷିପ୍ତେ କରଇ ଘୂର୍ଣ୍ଣନ ।

କୃଷ୍ଣକରେ ସୁଦର୍ଶନ ଘୁରଇ ଅଧିରେ
ନାହିଁ ହସ୍ତେ ମୋହନ ମୁରଲୀ ,
ଯାଅବୀର କର ସହଯୋଗ
ଏହି ଧର୍ମ ରଣେ ।

## ଆଜି

ନରେନ୍ଦ୍ର ମୋଦିଙ୍କ ଏକ କବିତା ଆଜିକୁ ସେ ନିଗୁଣ ଭାବରେ କାବ୍ୟକ ଭାବରେ ଉପସ୍ଥାପନା କରିଛନ୍ତି ।

ଆଜି ଆଉ କାଲି ବର୍ତମାନ ଓ ଅତୀତର ଖେଳ
ଏଠାରେ ସେଠାରେ ବର୍ତମାନ ଆଉ ଗତକାଲି
ଏ ସମସ୍ତ ରିକ୍ତ ଭଗ୍ନାବଶେଷ ମଧ୍ୟ ଏକ ଉଚ୍ଚତମ ସ୍ତମ୍ଭ
ସତେ ହୁଏ ପ୍ରତେ ।

ଯୋଉଁ ନଗରୀର ଗଳିରେ ନିର୍ଭୟେ ବୁଲୁଥିଲୁ ଦୁହେଁ
ଥିଲି ଏକା ହେଲେ ମୋ ସାଥିରେ ଛାଇହୋଇ
ବୁଲୁଥିଲ ମୋ ପାସେ ଅତୀତ ।

ସତେ ଭୂତ ହୋଇ ହରିଥିଲା ସେ ପ୍ରେତର ଛାୟା
ସେହି କି ଅତୀତ ?
ଆତ୍ମ ସିନା ଅମର ଅଜର ହେଲେ ମନେ ହେଉଥିଲା
ଅମରତ୍ୱ ଶରୀରର ମଝିରେ ତା' ସ୍ଥିର ।

ସମବେଦନ ଶିକତାର କାଳ ଅବରଣ
ଗତ ନିବୀଡତା ଆତ୍ମିୟତା ସବୁ
ତା' ସହିତ ଆଜିର ସଠତା
ସତେ କ'ଣ ମନେ ଅଛି ଏହି ଜୀବନର ।





- ଛୁରୀଟିଏ ଲୋଡା, ମୋ ବାଣୀ, ମୁକୁଳି ପଡଗୋ, ଚାଳର ଘର, ବର୍ଷା ନାୟିକା, କୁହୁପ୍ରାସ, ପୌଷମଳୟ, ଆଗାମୀ, ସୁଦୂର ଜ୍ଞାନ, ଚିତ୍ରାଫଳା, ବ୍ୟଥାର ସାଧନା, ପ୍ରାଚୀନା ଆଦି କବିତା ତାଙ୍କ ଅନ୍ତର ଆତ୍ମାକୁ ନାନାମତେ ପ୍ରକଟନ କରିଅଛି ।

ପାଦଟୀକା - ୧୮ ପୃ. - କାଳିନ୍ଦୀଚରଣ ପାଣିଗ୍ରାହୀ
ଡକ୍ଟର ଆଦିକନ୍ଦ ସାହୁ

ଜଣେ ମହାନ କବି କହିଥିଲେ - ମଣିଷକୁ ତା'ର ହଜାରେ ଅମାନବିକ ଆଚରଣ ସତ୍ୱେ ନିଃଶ୍ୱାସ କରିବା ଭିନ୍ନ ବିକଳ୍ପ ମୋ ନିକଟରେ ଆଉକିଛି ନାହିଁ, ସେହି ମଣିଷକୁ ସ୍ୱୀକାର କରିବା ଆଉ ତାକୁ ଶ୍ରଦ୍ଧା କରିବା ହିଁ ସାର୍ଥକ ଆରାଧନା । କାଳିନ୍ଦୀଚରଣଙ୍କ 'ଛୁରୀଟିଏ ଲୋଡା' କବିତାଟିର ଭାବପିଣ୍ଡ ଏକାନ୍ତ ମାନବବାଦୀ ।

କାଳିନ୍ଦୀଚରଣଙ୍କ "ଛୁରୀଟିଏ ଲୋଡା" କବିତାଗ୍ରନ୍ଥରୁ 'କଟକ' କବିତାଟିକୁ ଉଦ୍ଧାର କରାଯାଇପାରେ । କଟକରେ ମଣିଷମାନଙ୍କ ଭିତରେ ଅତୀତ ପାଇଁ ସତେ ଯେମିତି ଆଉ ଖୋଜାଲୋଡା ନାହିଁ, ସମସ୍ତେ କେବଳ ରାଜନୀତିରେ ହିଁ ବ୍ୟସ୍ତ । ଐତିହାସିକ ସହର 'କଟକ' ଏଠାରେ ବିଷୟ ସୁଖସର୍ବସ୍ୱ ଜନ୍ମପୀଠର ପ୍ରତୀକ ଓ ରାଜନୀତି ଅନାବଶ୍ୟକ ଜଟିଳତାର ପ୍ରତୀକ । କାଳିନ୍ଦୀଚରଣ ଲେଖିଛନ୍ତି -

ଏକ ଦିନକର ଭୁଲିଯାଇଥିବା କଥା
ଆଉ ଦିନକର ହଜିଯାଇଥିବା ଗୀତ
ଖୋଜି ଯାଇଥିବା ନିମେଷର ଆକୁଳତା
କେଉଁ ଦିନ କାଲି ମଜିଯାଇଥିବା ଚିତ
ନାହିଁ କିଛି ନାହିଁ ସବୁ ଲାଗେ ଖାଲିଖାଲି
ନାହିଁ ସେ ବରଷା, ନାହିଁ ସେ ନିଦାଘ ଶୀତ
କଟକେ କେବେଳ ରାଜନୀତି ଆଜି କାଲି ।

କାଳିନ୍ଦୀଚରଣ ନାନାଭାବରେ ମଣିଷକୁ ତାଙ୍କ କବି କଳ୍ପନାର କେନ୍ଦ୍ର କରିଅଛନ୍ତି । ପୀଡିତ ମଣିଷ ପ୍ରତି ତାଙ୍କର ଅଶେଷ ଶ୍ରଦ୍ଧା ଓ ସମର୍ଥନ । ତାଙ୍କର ଅନ୍ୱେଷଣ ମଣିଷର ଶ୍ରଦ୍ଧା ଓ ସାନ୍ନିଧ୍ୟ ପାଇଁ ।

ନିବିଡ ନିରାଶେ ଦେବତା ପଶରୁ ଫେରି
ଖୋଜିଲି କାହାର ବଜାଇବି ତୋତେ ଭୋରୀ
ଦୁନିଆଁ ଭିତରେ ସାଉଁଟିଲି କାହିଁ କେବା
ମଜିରି କାହିଁରେ ପୂଜିବି କରିବି ସେବା

ଭୁଲିଗଲି ମୋର ଛୋଟ ଘରଟିର ପୁରୁଣା ମାଟି
ଦୂରଦିଗନ୍ତ ଧାନବିଲେ କେତେ ଖେଳିଛି ଖେଳ
ମାନିନାହିଁ ଖରା ବରଷା ପବନ ପିଛିଲା ବାଟ
ଶୈଶବ ପ୍ରିୟ ବନ୍ଧନ ସବୁ ଆସିଲି କାଟି
ଦୂର ଗାଁ କୋଳେ ବଢୁଥିଲା ମୋର ଗୋଧୂଳି ବେଳ
ଶିଶୁ ସାଥୀମେଳେ ବସୁଥିଲା କେତେ ସୁଖର ହାଟ
କେତେ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଚାହିଁ ଆଜି ପାଶୋରୀ ଦେଲିରେ ଶିମିଳିପାଳ ।

ପାଶୋରୀ ଦେଲିରେ ଶିମିଳିପାଳ - କବିତା
"ମନେନାହିଁ" - କବିତାଗ୍ରନ୍ଥ

କବି କାଳିନ୍ଦୀଚରଣ ତାଙ୍କ ଜୀବନରେ କେବଳ ବେଶୀ ଝୁରି ହୋଇଛନ୍ତି ଗୋଟିଏ ସୁନ୍ଦର, ସୁମଧୁର ଶୈଶବକୁ ଶୈଶବ ହିଁ ଯଥାର୍ଥରେ ଏକ ବଡ ସଂପଦ, କବି ଦୂରପ୍ରାନ୍ତୀୟ ପଲ୍ଲୀରେ, ଯେଉଁ ଅଖ୍ୟାତ ଚାଳଘର ଖଣ୍ଡିକୁ ତାଙ୍କ ଉତର ଜୀବନର ଅତି ଶ୍ରଦ୍ଧାର ସହିତ ସ୍ମରଣ କରିଅଛନ୍ତି, ତାହା ତାଙ୍କ ନିବିଡ ଅତୀତ ପ୍ରୀତିର ନିଦର୍ଶନ । ନିଜ ଜନ୍ମମାଟି ଗାଁର ସେହି 'ଚାଳର ଘର' କବିତାଟି ତାଙ୍କର ପଲ୍ଲୀପ୍ରତି ଓ ଶୈଶବ ଭାବନାର ଏକ ନିଦର୍ଶନ ।

ଚାଳର ଘରେ ଜନ୍ମ ମୋର / ଚାଳର ଘରେ ଥାଏ
ଚାଳର ଘରେ ପିଅଇ ପାଣି / ଚାଳର ଘରେ ଖାଏଁ
ପରାଣ ଦିଅଁ ହୃଦୟେ ମୋର / ନୂତନ କରି ବଜାଅ ସ୍ୱର
ଜୀବନ ବ୍ୟଥା ପରାଣେ ସ୍ୱର / ନୂତନ କରି ଗାଏଁ
ଚାଳର ଘରେ ଆଦ୍ୟପ୍ରେମ / ଦେଇଛି ମୋର ବାଢ଼ି
ଚାଳର ମୋର କୁଟୀର ଗୋଟି / ତୁଛକରେ ଭବନ କୋଟି
ଚାଳର ଘରେ ପଡିଛି ଲୋଟି / କେତେ ନୟନ ବାରି ।

'ଚାଳଘର' - ଛୁରୀଟିଏ ଲୋଡା - କବିତାଗ୍ରନ୍ଥ

କବି କାଳିନ୍ଦୀଚରଣ 'ଛୁରୀଟିଏ ଲୋଡା' କବିତାଗ୍ରନ୍ଥରେ ଆଦ୍ୟ କଥନରେ କହିଛନ୍ତି - ଯେକୌଣସି ଲେଖକର ରଚନା ତା' ଜୀବନର ବାଖ୍ୟା ଛଡା ଆଉ କିଛି ହୋଇନପାରେ ।

ଛୁରୀଟିଏ ଲୋଡା, ମହଦୀପ, ମନେନାହିଁ, କ୍ଷଣିକସତ୍ୟ ଆଦି କବିତାଗ୍ରନ୍ଥର ସବୁ କବିତାର କାବ୍ୟ ସ୍ୱରରେ ଆମେ କବିଙ୍କର ସ୍ୱଜୀବନାନୁଭୂତିକୁ ହିଁ ଉପଲବ୍ଧ କରୁ, ଛୁରୀଟିଏ ଲୋଡା - କବିତାଗ୍ରନ୍ଥରେ





## ଆମ୍ଭେ ଦୁହେଁ ସାଥୀ

ଆମ୍ଭେ ଦୁହେଁ ସାଥି ହେଇଛେ, ଗୋଧୂଳି ଆସିବାରେ ବିଜନରେ ମୁଁ ଖୋଜିଥାଏ, ସେଠାରେ ଦିଆନିଆ ଭାବ ନାହିଁ, ତୋର ମୋର ନାହିଁ, ଏ ସାଥୀ ସଂସାରରେ ଉଦାରତାରେ ସବୁଦାନ ଆମ୍ଭ ଦୁହିଁଙ୍କ ପାଇଁ ଆମ୍ଭେ ଦୁହେଁ ସାଥୀ ହୋଇ ସାଥି ହୋଇ ।

କବି ନରେନ୍ଦ୍ର ମୋଦି ହିମାଳୟର ପାଦଦେଶରେ ତପସ୍ୟାରତ ଥିବା ସମୟରେ ନିଜକୁ ପ୍ରତିଛବି ସହିତ ସାଥିକରି ଆମ୍ଭେ ଦୁହେଁ ସାଥି କବିତା ରଚନା କରିଅଛନ୍ତି ।

ଆମ୍ଭେ ଦୁହେଁ ସାଥୀ
ଗୋଧୂଳି ଆଗମେ ବିଜନେ ମୁଁ ଖୋଜେ
ନାହିଁ ଦିଆ ନିଆ ଭାବ ନାହିଁ ତୋର ମୋର
ଏ ସାରା ଦୁନିଆଁ ଉଦାରତା ସବୁଦାନ ଆମ୍ଭ
ପ୍ରାପ୍ୟ ଦୁହିଁଙ୍କର
ଆଗୁସାର ସରଳ ଓ ସଂକୀର୍ଣ୍ଣ ପଥରେ
ନାହିଁ ଠେଲାପେଲା ନାହିଁ ଟଣାଟୁଣି
ପ୍ରଭାତର ସୁନେଲି କିରଣେ
ଆବିଷ୍କାର କଲି ଏକ ଭଗବତ ସର୍ତା
ନାହିଁ ଜାତି ସମ୍ପ୍ରଦାୟ ଭେଦ
ଆମେଟି ସକଳେ ମାନବ
ଆମେ ନିରୋକ୍ଷନ୍ତି ଅଖିଳର ଜ୍ୟୋତିଧାରା
ଦେଖନ୍ତିନି ନିଷ୍ପ୍ରଭବତୀ ବା ଲଣ୍ଡନ
ଏହି ଦିବ୍ୟ ପ୍ରଭାତର ଆଲୋକ ମଧ୍ୟରେ
ଆମ୍ଭେ ଦୁହେଁ କରିବା ଶାଶ୍ୱତ ସନ୍ଧାନ ।

## ଆଶା

କବି ମୋଦି ମାନବର ଆଶାକୁ ଲୌହ କୋଦାଳ ଭାବରେ ତୁଳନା କରିଅଛନ୍ତି । ଆଶା ହିଁ ଅନେକ - ଅନେକ ହିଁ ଆଶା ।

ବାସ୍ତବିକ୍ ମୋଦିଙ୍କ ଆଶା କବିତାଟି ତାଙ୍କ ହୃଦୟର ଭାବାବେଗ ଅଟେ । ମାନବ ଜୀବନରେ ଆଶାର ସଂଚାର ନଥିଲେ ଜୀବନଟା ରାତ୍ରୀର ଅନ୍ଧକାର ଭଳି ହୋଇଯିବ ।

ପ୍ରତ୍ୟେକ ଆଶା କିରଣ ଏକ ଏକ କୋଦାଳ ସମାନ
ବାର ବାର ହସ୍ତେ ଧରି କରିବାକୁ ତିମିର ଖୋଦନ
କୋଦାଳର ମାନ ଜଣାପଡ଼େ ଗଠନରୁ ତା'ର
ପ୍ରତ୍ୟେକ ପ୍ରହାରେ ଅନ୍ଧକାର ଶାଖା ଏକ ହୁଅଇ ନିର୍ଣ୍ଣିର୍ଣ୍ଣ ।
ବାରେ ଯେବେ ଆଲୋକର ରେଖା ସ୍ପର୍ଶ କରେ
ରହେ ନାହିଁ ତିଳେ ତା'ର ଚିହ୍ନିବ ସନ୍ତକ
ଏକ ଏକ ଆଶା ଶିଖା ବିସ୍ତାରିତ ଆଜି
ପ୍ରବାଳର ପ୍ରଭାସର ବିଚ୍ଛୁରିତ ଆଲୋକ ବର୍ତିକା
ଆଲୋକର ଶିଖା ଆପଣା ଶକ୍ତିରେ
ତଡ଼ିଦିଏ ଅନ୍ଧାରର ସତା ।
ଜମଜ ଶାଣିତ ତୀର ଆଶା ଅଭିସ୍ତାର
କେବଳ ଯେ ଜାଣେ ଖାଲି ସଫଳତା ଏକଇ ଲକ୍ଷ୍ୟର
ଅଟଳ ସେ ଲକ୍ଷ୍ୟ ଏକ ନିଷ୍ଠ ନିତୀକତା
ଜମଜ ନୁହେଁ କେବଳ ସଫଳତା ଦ୍ୱାରା
ସଂଙ୍କୁଚିତ ମନ ଖାଲି ସ୍ୱାର୍ଥପରତା'ର
ସେ ଆଲୋକ ଶିଖାରେ ଝରିପଡେ ସଫଳତା ନେଇ
ଯୋଦ୍ଧା ତା'ର ପ୍ରଗତିର ପଥେ ନାହିଁ ଲୋଡ଼ା ଭଲ ଆଉ ମନ୍ଦ
କେବେ ସେ କରେନା ଦୁଃଖ ଜନତା'ର ନିନ୍ଦାପ୍ରଶଂସାରେ
ହୃଦୟରେ ରାମଙ୍କର ଭାବ କ୍ଷମା ଓ କ୍ଷମାର ସମ୍ଭାର
ପ୍ରଗତିର ଏ ଜମଜ ଡାଳ ସଂକିର୍ଣ୍ଣମନ
ସ୍ୱାର୍ଥନେସୀ କପଟ ସତ୍ୟତା ହଜିଯାଏ
ଧିରେ ଧିରେ ରାତି ଅବସାନେ ।





କବିର ଅତୀତପ୍ରୀତି ଓ ପ୍ରକୃତିପ୍ରୀତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱପରି । ଏକକ ଆବେଗରୁ ଉଭୟ ଅତୀତ ପ୍ରତି ସମ୍ମୋହନ ଓ ପ୍ରକୃତିପ୍ରାଣତା ଉତ୍ସାନ୍ତରିତ ହୋଇଥାଏ ।

ପଲ୍ଲୀର ସକାଳଟି ଯେଉଁଠି ନିଦରୁ ପକ୍ଷୀଟିଏ ଉଠି ଆଗ ଡାକେ, ସକାଳର ନାଲି ଖରା, ପଖାଳ ଭାତ, ଗୋବର ଲିପା ମାଟିପିଣ୍ଡା, ଆଉ ଯେତେସବୁ ମନଲୋଭା ରୂପରସ ଗନ୍ଧର ଉଚ୍ଛଳ ପାର୍ବଣୀ ସେ ସବୁ ଜଣକୁ ଅନନ୍ତ କାଳ ପାଇଁ ବାନ୍ଧିରଖେ । କବିଟିର ବିଭୋର ଚିତ ସେଠି ବାନ୍ଧି ହେଇଯିବା ଏକାନ୍ତ ସ୍ୱଭାବିକ୍ । ସେହି ମୁଗ୍ଧ ଅନୁଭବ କରି କାଳିନ୍ଦୀଚରଣଙ୍କ ପାଇଁ ତାଙ୍କ ଉତର ଜୀବନରେ ଯେପରି ଦୂରସ୍ମୃତିରେ ପରିଣତ ହୋଇଅଛି ।

ମୋହିଲା ନୟନ କେତେ ରୂପେ କେତେ ବର୍ଣ୍ଣେ ସଦା ମୋର
କେତେ ମଧୁବାଣୀ ପରଶିଯାଇଛି କର୍ଣ୍ଣେ ମଧୁକର

ମନେନାହିଁ - କାଳିନ୍ଦୀଚରଣ

ସ୍ୱଷ୍ଟମନେ ନଥିବା ସେ ଅତୀତ, ଯେଉଁ ଅତୀତରେ କବିଙ୍କ ଶୈଶବ ଉଦ୍‌ଯାପିତ ହୋଇଛି ତାହା କେବେ ଭୁଲିବାର ନୁହେଁ, ସେ କେଉଁ ଦୂରପ୍ରାନ୍ତୀୟ ଫୁଲର ଚାଳ ଛପର ଘର, ଛାୟା ଶୀତଳ ତୋଟାମାଳ, ନଦୀକୂଳ, ଝଡପ୍ରବଣ ଭାଦ୍ରବ ରାତି, ଘନଘୋର ବର୍ଷାକାଳ, ନିଦାଘ, ପ୍ରାବୃଟ, ପଲ୍ଲୀର ଅନୁପମ ସଞ୍ଜ ଓ ସକାଳ ସବୁ କିଛିକୁ କବି କାଳିନ୍ଦୀଚରଣ ଶୈଶବ ପ୍ରତି ସମ୍ମୋହନ ବଶତଃ ଉଷ୍ଣ ଆବେଗର ସହିତ ଲେଖିଛନ୍ତି ।

ପାଦଟୀକା - ୧୬୪ ପୃ. - ସୃଜନ ଗୌରବ
ଡକ୍ଟର ଆଦିକନ୍ଦ ସାହୁ

କବି ପାଣିପବନ, ଜଳସ୍ଥଳ, ନଦୀପାହାଡ ସବୁଥିରେ ସେ ସବୁର ଜଡ଼ତା ଓ ନିଶ୍ଚଳତା ସତ୍ୱେ ଗତି ଓ ଜୀବନ ଦେଖିଛନ୍ତି, ପ୍ରକୃତି ତାଙ୍କ ଦେହ-ମନକୁ ଯେପରି ସିକ୍ତ କରିଦେଇଅଛି ଆକାଶରୁ ବାରିପାତର ତାଙ୍କ କବିତାଟି ତାଙ୍କ କବିଚିତ ପ୍ରବୋଧିତ ହୋଇଯାଇଛି । ସେ ଗାଇଛନ୍ତି ମଧୁର ବେଦନା ସମ ବିଶ୍ୱେ ଏକାବାଜେ, ବହିନିଏ ଆକାଶ ପବନ, ମୋର ସର୍ବଅଙ୍ଗ ବୋଳି, ଲାଗେ ଏ ବାରଣ / ଶୁଭେ ଖାଲି ଜୀବନ ଜୀବନ ।

କାଳିନ୍ଦୀଚରଣଙ୍କ କବିତାରେ ବିଷୟପ୍ରସ୍ତ ଓ ଭାବଚେତନା ବହୁମୁଖୀ । ସେ ଯେମିତି ରୋମାଟିଂକ୍, ସେହିପରି ପ୍ରଗତିବାଦୀ, ପୁଣି ଆଧୁନିକତା ପ୍ରତି ତାଙ୍କର ଯଥେଷ୍ଟ ଉନ୍ମୁଖତା ରହିଥିଲା । ସେ ପ୍ରକୃତିପ୍ରାଣ ଓ ଅତୀତ ପ୍ରତି ବିଶେଷଭାବେ ସମ୍ମୋହିତ । ତାଙ୍କ କବିତା କିନ୍ତୁ କମ୍‌ବେଶୀରେ ମାନବ କେନ୍ଦ୍ରିକ । ଓଡିଆ ସାହିତ୍ୟ ଇତିହାସର ଉଭୟ ଗଦ୍ୟ ଓ ପଦ୍ୟ ରଚନା କ୍ଷେତ୍ରରେ ତାଙ୍କର ଉଲ୍ଲେଖଯୋଗ୍ୟ କୃତିତ୍ୱ ରହିଛି ।

କବିତାଗୁଡିକ ଯେପରି ରୋମାଟିଂକ୍ ସବୁଜଚେତନୀ ପରିଦୃଷ୍ଟ ହୁଏ, ସେହିପରି ୧୯୩୫ ମସିହା ପରିବର୍ତୀ କବିତା ମାନଙ୍କରେ ମାନବବାଦୀ ଓ ବାସ୍ତବାନୁରକ୍ତି ପରିଲିଖିତ ହୁଏ ।

ଭାରତୀୟ ସ୍ୱାଧୀନତା ସମର ଏବଂ ଉତ୍କଳୀୟ ପ୍ରାଦେଶିକ ଏକୀକିରଣ ପ୍ରୟାସପରି ଇତିହାସ ଏକ ନୂତନ ପୃଷ୍ଠାର ପୃଷ୍ଠଭୂମିରେ କାଳିନ୍ଦୀଚରଣ ଦଣ୍ଡାୟମାନ । ଏହି ନୂତନ ସମୟର ସ୍ପର୍ଶ ତାଙ୍କ ସମଗ୍ର କାବ୍ୟ ସୃଷ୍ଟିରେ ସ୍ୱାକ୍ଷରିତ ।

ବାସ୍ତବରେ ଯଥେଷ୍ଟ ସ୍ୱାତନ୍ତ୍ର ସତ୍ୱେ ରବୀନ୍ଦ୍ର ପ୍ରଭାବ ମଧ୍ୟ ଅନ୍ୟାନ୍ୟ ସବୁଜ ବନ୍ଧୁଙ୍କ ସହିତ କାଳିନ୍ଦୀଚରଣଙ୍କ କବିତାରେ ଲକ୍ଷ୍ୟ କରାଯାଇପାରେ । ରବିନ୍ଦ୍ରନାଥ ଲେଖିଛନ୍ତି -

ବୈରାଗ୍ୟ ସାଧନେ ମୁକ୍ତି ସେ ଆମର ନୟ
ଅସଂଖ୍ୟ ବନ୍ଧନ ମାଝେ ମହାନନ୍ଦମୟ ;
ଲଭିବ ମୁକ୍ତିର ସ୍ୱାଦ ! ମୁକ୍ତି ନୈବେଦ୍ୟ

ଠିକ୍ ଅବିକଳ ସେହି ଆଦର୍ଶରେ ସେହି ଭାବଚେତନା ଥାଇ କାଳିନ୍ଦୀଚରଣଙ୍କ ପ୍ରସିଦ୍ଧ "ପୁରୀମନ୍ଦିର" କବିତାରେ ଲେଖିଛନ୍ତି -

ମୃତ୍ୟୁ ପରେ ମୁକ୍ତି ନାହିଁ ମାଗେ
ବୈକୁଣ୍ଠ ନାହିଁ ଭଲ ଲାଗେ
ଏ ମର୍ତ୍ୟ ଭୁବନ ମୋ ସ୍ନେହ ସଜନ
ଏ ଧରଣୀ ସୁଖମଣି - ପୁରୀମନ୍ଦିର

କାଳିନ୍ଦୀଚରଣଙ୍କ "ମନେନାହିଁ" କବିତାଗ୍ରନ୍ଥରେ କବିତାଗୁଡିକ ପ୍ରଭାବ ଓ ପରୀକ୍ଷା ନିରୀକ୍ଷାର ଉର୍ଦ୍ଧ୍ୱରେ ତାଙ୍କ ବିହ୍ୱୋଳ ସମ୍ମୋହନର ପ୍ରତିଲିପି । ପ୍ରତିଟି କବିତା ଶୈଶବ ପ୍ରତି ସମ୍ମୋହିତ ହେବାର ସ୍ପନ୍ଦିତ ଓ ଗତିଶୀଳ ହୋଇଅଛି ।

ବାତାୟନ ପଥେ ଉଡୁଥିଲା ଚାରୁ ପଣତ ଦେଖି ତାହା
ପରମ ପୁଲକେ ପରାଣ ହେଲା ଆନନ୍ଦ ସେ କି ମାୟା
କୁଟୀର ଦୁଆରେ ବିଲେକି ସୁଷମା ସାଥୀର ହେଲି ବାଇ
ସୁନା ପାଲଟିଲା ଶତେକ ସପନ ମାଟିର ମନେନାହିଁ ।

କାଳିନ୍ଦୀଚରଣ ଏପରି ଜଣେ କବି ଯାହାଙ୍କ କବିତାରେ ଅନେକ ସରସ ଧାଡି ଶୈଶବ ପ୍ରତି ସମ୍ମୋହିତ ହେବାରେ ହିଁ ଅଧିକ ସ୍ପନ୍ଦିତ ହୋଇଅଛି, ତାଙ୍କର ଗତାୟୁ ଶୈଶବ ଯେଉଁ ଗାଁ, ବିଲ, ବଣ, ଯେଉଁ ତୋଟାମାଳ, ଶିମିଳିପାଳରେ ଉଦ୍‌ଯାପିତ ହୋଇଅଛି ସେହି ମଧୁମୟ ଶୈଶବର ସ୍ମୃତିଚିତ୍ର ହିଁ ତାଙ୍କ କବିତାକୁ ଏକ ଉଷ୍ମ ଆବେଗନିଷ୍ଠତା ଆଣିଦେଇଛି ।





## ଶୀତଳତା

କବି ମୋଦିଙ୍କ ଶୀତଳତା କବିତାଟି ବେଶ୍ ହୃଦୟସ୍ପର୍ଶୀ ।

ଶୀତଳତା ହୃଦୟରେ, ସତେ ଏକ ଶୀତଳତା ଅତୀବ ନିଆରା, ଅଣନିଃଶ୍ୱାସୀ ସୁରଭିର ସଂକୀର୍ଣ୍ଣ ସେ ପଥ ବା ରାସ୍ତାକୁ ଜାଣିଥାଏ, ତରୁ ହୋଇଥାଏ ଶୁଷ୍କ, ଶେଷେ ମୃତ୍ୟୁ କରଇ ବରଣ, କୋକିଳ ନୀରବି ଯାଏ, ଶୁଷ୍କ ଏକ ଚ୍ୟୁତ ଡାଳରେ ବସି ।

ଶୀତଳତା ହୃଦୟର ସତେ ଏକ ଶୀତଳତା ଅତୀବ ନିଆରା
ଅଣ ନିଶ୍ୱାସୀ ସୁରଭୀର ସଂକୀର୍ଣ୍ଣୀ ସେ ପଥ ଜାଣୁ ଜଣ ।

ତରୁ ହୁଏ ଶୁଷ୍କ , ଶେଷେ ମୃତ୍ୟୁ କରଇ ବରଣ
କୋକିଳ ନୀରବି ଯାଏ ସୁସ୍କ ଏକ ଚ୍ୟୁତ ଡାଳେ ବସି,

ଆନମନା, ଆନ୍ଦୋଳନ , ପଶ୍ଚାତାପ ଗ୍ଲାନି
ଅଣନିଶ୍ୱାସୀ , ସୁଗଭୀର , ସୁଶୀତଳ

ସଂକୀର୍ଣ୍ଣ ସେ ପଥ
ପ୍ରେମହୀନ , ଆଶାହୀନ , ନିଶାହୀନ ,ବିଷର୍ଣ୍ଣକପୁର୍ଣ୍ଣ

ପ୍ରତିଲୁହ ଧାର କରିନ ବର୍ଣ୍ଣନା , ମୃଦ୍ୟୁହାସ୍ୟ
ଶାଣିତ ଖଡ଼ଗେ

ପ୍ରତିକ୍ଷଣ, ରୋଧିଣ. ନିଶ୍ୱାସ
ଲୋଳତା ଖାଲି ପ୍ରେମ ଶୀତଳତା ।

## କାଳ ବିପର୍ଯ୍ୟୟ

ଦିନେ ଯେଉଁ ନଦୀ ଥିଲା ଦୟାବତୀ, ସତେକି ଅବଳା, ପହିଲି ଉନ୍ମାଦ ଯୁବତୀ ସୁଲଭେ ଅବା ଆଜି କିଆଁ ଦିଶେ ଦିପିଷ୍ଟା ସିନ୍ଧିଣୀରୂପି ।

ବାସ୍ତବିକ୍ କବି ନରେନ୍ଦ୍ର ମୋଦି ଏକ ନଦୀର ସ୍ରୋତ ଜଳଧାରାରେ ଜନଜୀବନ କିପରି ଭାବରେ ବୀପର୍ଯ୍ୟୟ ହୋଇଛି – ତାହାର ନିଛକ ପ୍ରତିଛବି କବିତା – କାଳ ବିପର୍ଯ୍ୟୟ ।

ଦିନେ ଯେଉଁ ନଦୀ ଥିଲା ଦୟାବତୀ
　　　　ସତେକି ଅବଳା ପହିଲି ଉନ୍ମାଦ
ଯୁବତୀ ସୁଲଭ,
　　　　ଆଜି କିଆଁ ଦିଶେ ଦପିଷ୍ଟା ସିନ୍ଧିଣି
ଦନ୍ତ ଦେଖାଇ ବ୍ୟାଦାନ କରଇ ବଦନ
　　　　ଦୁଃଶାହାସ ନିମିଷକେ ରୁକ୍ଷ ଆହାକାର
କୋପିତ ବଦନା ନଳୁ ବର୍ଷେ କ୍ରୋଧାନ
　　　　ପୋଛି ନିଏ ପଥେ ଯାଏ ଯାଏ
ଏ ନଦୀ ଦିନେ ଯା ପ୍ରାଶାନ୍ତ ସରଳ ଜୀବନ ପ୍ରଦାୟୀ
　　　　ହୁଏ ନିକି ପ୍ରତ୍ୟେୟ ତା'ର ଏହି ଉଗ୍ର ରୁପ ?
ସକଳ ଜନବସତି ଧୋଇ ନିଏ ତା'ର କରାଳ ସ୍ରୋତେ
　　　　ଭାସମାନ ମ୍ୟୁତପିଣ୍ଡ ତା'ର ଖରଧାରେ
ଜୀବନର ଅନ୍ତିମ ଚିତ୍କାର ।





**କାଳିନ୍ଦୀଚରଣଙ୍କ "ମନେନାହିଁ" କବିତାଗ୍ରନ୍ଥ – ୧୯୪୭**

"ମନେନାହିଁ" କବିତାଗ୍ରନ୍ଥରେ ମନେନାହିଁ, ପାଶୋରୀ ଦେଲିରେ ଶିମିଳିପାଳ, ଅମର ଆଶା, ଗୋପନପୁରେ ମାନସୀ ପ୍ରମୁଖ କବିତା ।

**କାଳିନ୍ଦୀଚରଣଙ୍କ "ମହାଦୀପ" କବିତାଗ୍ରନ୍ଥ – ୧୯୪୮**

"ମହାଦୀପ" କବିତାଗ୍ରନ୍ଥରେ ନୀରବ ଆହ୍ୱାନ, ପଥର ପ୍ରେମିକ, ଫଗୁଣ ଜ୍ୟୋସ୍ନା, ପ୍ରକୃତି ପୁରୁଷ, ଅରୁପର ଆହ୍ୱାନ, ପ୍ରଭାତ, ଲୋଟଣିପାରା, ଆଷାଢ଼ ସନ୍ଧ୍ୟା, ଶେଷଦାନ ପ୍ରମୁଖ କବିତା ସ୍ପଷ୍ଟ ଭାବରେ ବର୍ଣ୍ଣିତ ।

କବି କାଳିନ୍ଦୀଚରଣ ପାଣିଗ୍ରାହୀ ତାଙ୍କର ଚାରିଗୋଟି କବିତା ସଂକଳନକୁ ନେଇ "ମୋ କବିତା" ପ୍ରକାଶନ କରିଥିଲେ – ୧୯୫୯ ମସିହାରେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଏହାର ପ୍ରକାଶକ ଥିଲେ । ପରବର୍ତ୍ତୀ କାଳରେ କବିତା ଓ ନାଟକ ସମଗ୍ର ପ୍ରକାଶିତ ହୋଇଥିଲା ।

କବି କାଳିନ୍ଦୀଚରଣଙ୍କ କବିତାର ଆୟରମ୍ଭ ହୋଇଥିଲା ସବୁଜଯୁଗରେ । ସବୁଜଯୁଗର କବିମାନଙ୍କର କବିତାରେ ନାରୀ ମୁଖ୍ୟ ଅବଲମ୍ବନ । ସବୁଜ କବିତାରେ ତେଣୁ ନାରୀଙ୍କ ରୂପ ଖଣ୍ଡିତ ଓ ଅସ୍ପଷ୍ଟ । ତାରୁଣ୍ୟର ଉଦ୍ୟମ ଉଦ୍‌ବେଳନ ହେତୁ ନାରୀକୁ ସେମାନେ କେବଳ ପ୍ରେମିକା ରୂପେ ବରଣ କରିନେଇଛନ୍ତି । ନାରୀର ସାମଗ୍ରିକ ପରିଚୟ ସେମାନଙ୍କର ପାଇଁ ଅନାବଶ୍ୟକ ହୋଇପଡିଛି । ନାରୀକୁ ନରର ପରିପୂରକ ବୋଲି ସ୍ୱୀକାର କରୁଥିବା ସତ୍ତ୍ୱେ ସବୁଜକବି ପ୍ରାଣରେ ନାରୀପ୍ରତି ପ୍ରେମ ପ୍ରବଣତା ତ୍ୟାଗନିଷ୍ଠ ନୁହେଁ । ସବୁଜ କବିତାରେ ପ୍ରେମର ଯେପରି ପ୍ରତିବିମ୍ବ ପଡିଅଛି ତାହା ଯେପରି କଳ୍ପଲୋକର, ଏହାର ଗନ୍ଧ ଓ ଉଚ୍ଛ୍ୱାସ ଅଛି ଗଭୀରତା ନାହିଁ । ସ୍ୱପ୍ନ ବିଭୋରଣ ଅଛି, ଆନ୍ତରିକତା ନାହିଁ । ପ୍ରେମ ତଥା ନାରୀପ୍ରତି ଅନ୍ତରକ୍ତି ହେତୁ ଯୌବନ ସଚେତନତା ସବୁଜ କବିତାରେ ଅଧିକ ।

ପାଦଟୀକା – ୬୭ ପୃ. – କାଳିନ୍ଦୀଚରଣ କାବ୍ୟମାନସ
ଡକ୍ଟର ବୀଣାପାଣୀ ପ୍ରଧାନ

**ସବୁଜ ସାହିତ୍ୟିକ କାଳିନ୍ଦୀଚରଣ –**

୧୯୨୧ ମସିହାରେ କଲେଜର ପାଚଂଜଣ ବନ୍ଧୁ ଅନ୍ନଦାଶଙ୍କର, ବୈକୁଣ୍ଠନାଥ, କାଳିନ୍ଦୀଚରଣ, ହରିହର ମହାପାତ୍ର, ଶରତଚନ୍ଦ୍ର ମୁଖାର୍ଜୀ ପ୍ରମୁଖଙ୍କ ମଧ୍ୟରେ କାଳିନ୍ଦୀଚରଣ ଥିଲେ ଅନ୍ୟତମ ।

ସବୁଜ କାବ୍ୟ ଭାବନାର ସୌରବାଦୀ (ଜକ୍ଟଙ୍କବଭଥ୍ସମ) ଚେତନାରୁ କ୍ରମେଶ – ମାନବବାଦୀ ଓ ବୈପ୍ଳବିକ ବାସ୍ତବବାଦୀ ଭିତରେ ଉଦ୍‌ବର୍ତ୍ତିତ ହୋଇଥିବା ଏକମାତ୍ର ଗତିଶୀଳ ସବୁଜକବି କାଳିନ୍ଦୀଚରଣ ପାଣିଗ୍ରାହୀ । ସବୁଜଯୁଗର ସମୟାବଧି (୧୯୨୧–୧୯୩୫) ମସିହା ମଧ୍ୟରେ ରଚିତ ତାଙ୍କର

ପଦ୍ମଭୂଷଣ ସାରସ୍ୱତସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଓଡିଆ ସାହିତ୍ୟର ଜଣେ ଯୁଗପୁରୁଷ । ସେ ଓଡିଆ ସାହିତ୍ୟର ସମସ୍ତ ବିଭାଗରେ ନିଜର କଲମ ଚାଳନାକରି ଜଣେ ସୁପ୍ରତିଷ୍ଠିତ ସାହିତ୍ୟିକ ଭାବରେ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିଲେ ।

କାଳିନ୍ଦୀଚରଣ ସାହିତ୍ୟରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିଲେ - ତାଙ୍କର କବିତା ପାଇଁ । କାଳିନ୍ଦୀଚରଣଙ୍କ କବିତା ଗୁଡିକରେ ମୁଖ୍ୟତଃ ସୌରବାଦୀ ତଥା ସବୁଜ ଆଦର୍ଶର ହୋଇଥିଲେ ହେଁ କବିତା ରଚନା କରିବାପାଇଁ ତାଙ୍କ ଚେତନା ଓ ମନୋଭୂମି ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ ହୋଇଅଛି । କାଳିନ୍ଦୀଚରଣଙ୍କ କବିତାରେ - ରୋମାଟିଂକ୍ ଚେତନା, ଶୈଶବ ପ୍ରତି ସମ୍ମୋହନ, ପ୍ରକୃତିପ୍ରୀତି, ଗଭୀର ପଲ୍ଲୀ ସଂପ୍ରତି, ମାନବତାବାଦ ତଥା ରହସ୍ୟବାଦୀ ଅସୀମ ଉନ୍ମୁଖତା ପରିଲିଖିତ ହୁଏ ।

"ସବୁଜ କବିତା" (ସବୁଜଗୋଷ୍ଠୀ ସମ୍ମିଳୀତ), "ମହାଦୀପ", "ମନେନାହିଁ", "କ୍ଷଣିକସତ୍ୟ" ଓ "ଛୁରୀଟିଏ ଲୋଡା" କବି କାଳିନ୍ଦୀଚରଣଙ୍କ ୫ ଗୋଟି କବିତା ସଂକଳନ ରହିଅଛି ।

## କାଳିନ୍ଦୀଚରଣଙ୍କ ସବୁଜ କବିତା - ୧୯୨୧/୩୫

ରେଭେନ୍ସା କଲେଜର ଛାତ୍ରଥିବା ସମୟରେ ଯେଉଁସବୁ କବିତା ଲେଖିଥିଲେ, ତା'ର ବିକଶିତ ରୂପ - "ସବୁଜ କବିତା" ସଂକଳନ ଅଟେ । ଏଥିରେ ଅନ୍ନଦାଶଙ୍କର, ହରିହର, ବୈକୁଣ୍ଠନାଥ, ଶରତଚନ୍ଦ୍ର ତଥା କାଳିନ୍ଦୀଚରଣଙ୍କର ଯୌଥ ଉଦ୍ୟମର ଏକ ଅତ୍ୟନ୍ତ ପ୍ରତିଶ୍ରୁତିପୂର୍ଣ୍ଣ ସାରସ୍ୱତ ନିଦର୍ଶନ । କବି କାଳିନ୍ଦୀଚରଣଙ୍କ "ଲୋହିତବ୍ୟଥା", "ପୁରୀମନ୍ଦିର", "ମଧୁବିବାହ", "ଫଗୁଣବଂଶୀ", "ପ୍ରଭାତ ଗୀତର ଗୌରବ", "ସନ୍ଧ୍ୟାଲୋକ" ତଥା "ସାଧନା" ଆଦି କବିତା "ମୁକୁଳ" ଶିରୋନାମାରେ "ସବୁଜ କବିତା" ଗ୍ରନ୍ଥରେ ସ୍ଥାନୀତ ହୋଇଅଛି ।

## କାଳିନ୍ଦୀଚରଣଙ୍କ "କ୍ଷଣିକସତ୍ୟ" କବିତାଗ୍ରନ୍ଥ - ୧୯୪୯

"କ୍ଷଣିକସତ୍ୟ" କବିତାଗ୍ରନ୍ଥରେ ରୂପର ମୋହ, ପ୍ରତୀମା, ଜୟ ଭଗବାନ, ରୂପର ସ୍ତବ୍ଧ, ପ୍ରଭାତପ୍ରାସ, ଜୀବନମରଣ, ପଥର ପ୍ରେମିକ, ବ୍ୟବଧାନ, ବର୍ଷାବଧୂ, ଅଶ୍ଳୋଷ ସ୍ୱର୍ଗ, ଯାଦୁଘର, କିଏ ଶଳା ସଇତାନ ।

## କାଳିନ୍ଦୀଚରଣଙ୍କ "ଛୁରୀଟିଏ ଲୋଡା" କବିତାଗ୍ରନ୍ଥ - ୧୯୫୦

"ଛୁରୀଟିଏ ଲୋଡା" କବିତାଗ୍ରନ୍ଥରେ ଛୁରୀଟିଏ ଲୋଡା, ମୋ ବାଣୀ, ମୁକୁଳି ପଡଗୋ, ଚାଳର ଘର, ବର୍ଷା ନାୟିକା, କୁହୁପ୍ରାସ, ପୌଷମଳୟ, ଆଗାମୀ, ସୁଦୂରଗାନ, ଚିତ୍ରୋତ୍ପଳା, ବ୍ୟଥାର ସାଧନ, ପ୍ରାଚୀନା, ଭକ୍ତି ଓ ଚାବୁକ, ବାଜିରାଉତ, କଟକ, ରଜ, ବିଶ୍ୱର ଆହ୍ୱାନ, ପ୍ରସାଧନା ।





## ଯୋଦ୍ଧା ଜାଗି ଉଠ

ଢିଲା ପୋଷାକରେ ଶୋଇଥାଏ ମାନବ ଦେହ, ହେଲେ ମନ ଉଡୁଥାଏ କାହିଁ, ସେତିକି ବେଳେ ଯୋଦ୍ଧା ଜାଗି ଉଠେ ଆକାଶ ଯେବେ ଅଗ୍ନି ଶିଖାପରି ଝଲସୁଥାଏ ।

ବାସ୍ତବିକ୍ କବି ମୋଦିଙ୍କ କବି ପ୍ରାଣ ଜାତୀୟତା ଭରାରେ ପରିପୂର୍ଣ୍ଣ - ଯୋଦ୍ଧା ଜାଗିଉଠିବା ପାଇଁ ସେ ତାଙ୍କର କବିତା ମାଧ୍ୟମରେ ଆହ୍ୱାନ ଦେଇଛନ୍ତି ।

ଢିଲା ପୋଷାକ ରେ ଶୋଇଥାଏ ଦେହ
ହେଲେ ମନ ଉଡୁଥାଏ କାହିଁ
ସେତିକି ବେଳେ ଯୋଦ୍ଧା ଜାଗି ଉଠେ
ଆକାଶ ଯେବେ ଅଗ୍ନି ଶିଖା ପରି ଝଲସୁଥାଏ
ଠିକ୍ ଯୋଦ୍ଧା ହସ୍ତରେ ଢାଲ ଶୋଭାପାଉଥାଏ
ଢାଲ ହସ୍ତେ ଦୃଶ୍ୟ ମାନ ଅଇନାରେ ବହ୍ନିମାର ସେହୁ
କାମଦେବୀ ରତନୀରେ କରନ୍ତି ଚିତ୍କାର
ଯେ ତାର ଯତ୍ନ ନିଏ ହାରିଯାଏ ପରୀକ୍ଷାରେ
କିନ୍ତୁ ଯୋଦ୍ଧା ଜାଗି ଉଠେ ଲଭିତା ଆହ୍ୱାନ
ସାହସୀ ହିଁ ଜାଣେ ସବୁଠୁ ଅଧିକ
ଯେତେବେଳେ ରୁକ୍ମଣୀ ଙ୍କ କ୍ରନ୍ଦନ ଶୁଭଇ
କ୍ଷିଣ ବେଗରେ ଧାଇଁ ଧାଇଁ ଦ୍ୱାରକା, ରକ୍ଷଣେ
ଠିକ୍ ଯୋଦ୍ଧା ଯୋଗ ଦିଏ ତୁମୂଳ ସଂଗ୍ରାମେ
ଚକ୍ର ଧାରୀ ଚକ୍ର ହସ୍ତେ ଉଭା
ତେଜିଛନ୍ତି ଆଜି ସେ ବାଂଶୁରୀ
ଠିକ୍ ସେହି ସମୟରେ ଯୋଦ୍ଧା ଜୁଝୁଥାଏ ସୈନିକ
ତାର ସଂଗ୍ରାମରେ ରତ ଥାଏ ମାନବତାର ରକ୍ଷା ପାଇଁ
କଳଙ୍କର ଟୀକା ପୋଛିବାକୁ
ସଂସାର କୁ ମୁକ୍ତ କରିବାକୁ ।

## ଉଠ ନିଜର ଭାଗ୍ୟକୁ ରୂପ ଦିଅ

ଆଜି ମା ବସୁଧାକୁ ସମସ୍ତେ ଲୋଡନ୍ତି ସମସ୍ତ ମାନବ ଜାତିମିଳି ଏକ ହୁଅନ୍ତି, ଏହାକୁ ଉତ୍ସବ ପାଳନର ଅବକାଶ ମାନନ୍ତି, ଆସ ତାଙ୍କୁ ଜୟଗାନ କରିବା ତାଙ୍କୁ ପ୍ରତ୍ସୋହିତ କରିବା ।

ଏହା ଦୁର୍ବଳର ପଥନୁହେଁ ଅସ୍ଥିର ହୃଦୟର ପଥନୁହେଁ, ଏହା ସର୍ବଦା ଆମ ବୀର ସନ୍ତାନଙ୍କ ଭୂମି ଅଟେ, ଗଗନ ଚୁମ୍ବି ଜୟଗାନର ଚିତ୍କାର, ମାତୃଭୂମିର ଜୟଗାନରେ ହେବ ସର୍ବତ୍ର ପ୍ରତିଧ୍ୱନିତ ।

କବି - ଏ କବିତାଟିରେ ଭାଗ୍ୟବାଦୀ ହେଇଉଠିଛନ୍ତି ।

ଆଜି ମା ବସୁଧାକୁ ସମସ୍ତେ ଲୋଡନ୍ତି
ସମସ୍ତ ମାନବ ଜାତିମିଳି ଏକ ହୁଅନ୍ତି
ଏହାକୁ ଉତ୍ସବ ପାଳନର ଅବକାଶ ମାନନ୍ତି
ଆସ ତାଙ୍କର ଜୟଗାନ କରିବା ତାଙ୍କୁ ପ୍ରୋତ୍ସାହିତ କରିବା
ସକଳ ଶତ୍ରୁଙ୍କର ବିନାଶ
ସୁନେଲି ପ୍ରତ୍ୟୁଷରେ ଉଠି ଏକତ୍ର ବଚିଂବାର ସ୍ୱପ୍ନ
ମାଟି ମା ଆହ୍ୱାନ କରନ୍ତି ଠିକ୍ ଏକ ଯୋଗୀର ମୁଦ୍ରାରେ
ଏବଂ ସାତ୍ତ୍ୱିକ ଅନ୍ତରରେ ଆଜି ସମାଜର ମୁଖ ବଦଳିଯାଇଛି
ଆମେ ଅନ୍ତର ଫେଡ଼ି ଦେଖିଲେ ସେହିଗନ୍ଧ ହିଁ ପାଇବା
ମାଟି ମା ତୁମର ହୃଦୟକୁ ଖୋଲିବ ତୁମ କପାଳରେ
ଆଶିଷର ସ୍ପର୍ଶ ଦେବ ଖାଲି ଗୋଟିଏ ଖଦ ଦୋଳାରେ ବସି
ଆଳସ୍ୟରେ ଦୋଳ ନାହିଁ ଏହି ନୂତନ ପଥରେ ଆମ ସହ ଆସ
ଭବିଷ୍ୟତର ସ୍ୱପ୍ନ ସବୁ ଧାଡିହୋଇ ଝଟକୁ ଅଛନ୍ତି
ଜନ୍ମମାଟିକୁ ଆମକୁ ଆଗେଇ ଯିବାକୁ ରାହା ଦେଖାଉଛନ୍ତି
ଏହା ଦୁର୍ବଳର ପଥ ନୁହେଁ ଅସ୍ଥିର ହୃଦୟର ପଥ ନୁହେଁ
ଏହା ସର୍ବଦା ଆମ ବୀର ସନ୍ତାନଙ୍କ ଭୂମି ଅଟେ
ଗଗନ ଚୁମ୍ବି ଜୟଗାନର ଚିତ୍କାର
ମାତୃଭୂମିର ଜୟଗାନରେ ହେବ ସର୍ବତ୍ର ପ୍ରତିଧ୍ୱନିତ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

କବି କାଳିନ୍ଦୀଚରଣ ପାଣିଗ୍ରାହୀ

ଏକ ଅଗଣି ସାରସ୍ୱତ ଅନୁଷ୍ଠାନ ଭାବରେ ପରିଗଣିତ ହେଉଥିଲା । ଏହି ସଂସଦ ୧୯୩୬ ମସିହାରେ ପଣ୍ଡିତ ଜବାହାରଲାଲ ନେହୁରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ ।

"ଅନ୍ଧାରେ ଅଦ୍ଭୁତ ଆଲୁଅ" ଶିରୋନାମାରେ କାଳିନ୍ଦୀଚରଣ ତାଙ୍କ ସାନଭାଇ ଭଗବତୀ ଚରଣଙ୍କ ବିପ୍ଲବାତ୍ମକ କାର୍ଯ୍ୟକଳାପ ଯୋଗୁ କାଳିନ୍ଦୀଚରଣଙ୍କ ଚାକିରୀ ଚାଲିଯିବା ଉଲ୍ଲେଖ କରିଅଛନ୍ତି । ଓଡିଶାର ରାଜନୈତିକ ଜୀବନ ବହୁଭାବରେ ସେତେବେଳକୁ ଆନ୍ଦୋଳିତ ହେଉଥିଲା ଏବଂ ଓଡିଶାରେ ସାଂସ୍କୃତିକ ଓ ସାମାଜିକ ଜାଗରଣ ମଧ୍ୟ ପରିଦୃଷ୍ଟ ହେଉଥିଲା । କାଳିନ୍ଦୀଚରଣଙ୍କ କନ୍ୟା ନନ୍ଦିନୀ ମଧ୍ୟ ବାପା ଓ ଦାଦାଙ୍କ ସହିତ ସାହିତ୍ୟ ଓ ସାଂସ୍କୃତିକ ସଂଗଠନରେ ଯୋଗଦାନ କରିଥିଲେ ।

ଭଗବତୀଚରଣଙ୍କ ମୃତ୍ୟୁ କାଳିନ୍ଦୀଚରଣଙ୍କ ଘଟଣାବହୁଳ ଜୀବନର ବହୁକଥା ସହିତ ନନ୍ଦିନୀଙ୍କ ନେତ୍ରୀ ହେବା ତଥା ଲେଖକ ସମ୍ମିଳନୀରେ ତାଙ୍କ ଯୋଗଦାନ ବିଷୟକୁ ନାନାଭାବରେ ସେ "ଅଙ୍ଗେ ଯାହା ନିଭାଇଛି" ଗ୍ରନ୍ଥରେ ଉଲ୍ଲେଖ କରିଅଛନ୍ତି । ଏହି ଗ୍ରନ୍ଥଟି ତାଙ୍କ ନିଜ କିମ୍ବା ନିଜ ପରିବାରର ଇତିହାସ କେବଳ ନୁହେଁ ସମଗ୍ର ଓଡିଶାର ସାହିତ୍ୟ ଓ ସଂସ୍କୃତିର ଘଟଣାବଳୀ ସେଥିରେ ଉଲ୍ଲେଖିତ ହୋଇଅଛି । ପରିଶେଷରେ ଏତିକି କୁହାଯାଇପାରେ – କାଳିନ୍ଦୀଚରଣଙ୍କ "ଅଙ୍ଗେ ଯାହା ନିଭାଇଛି" ଗ୍ରନ୍ଥଟି ପାଠକଲେ କାଳିନ୍ଦୀଚରଣଙ୍କ ସାହିତ୍ୟିକ ଜୀବନର ନାନା ଘଟଣା ଓ ନାନା ସମସ୍ୟାକୁ ଜାଣିହେବ

ବାସ୍ତବିକ୍ କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ ଓଡିଆ ସାହିତ୍ୟର ଜଣେ ଯୁବପୁରୁଷ । ଏହି ମହାନ ସାଧକଙ୍କୁ ତାଙ୍କ ସାରସ୍ୱତ ସାଧନାର ଉପଯୁକ୍ତ ସମ୍ମାନ ଭାରତ ସରକାର ପ୍ରଦାନ କରିଛନ୍ତି । ଭାରତର ମହାମହିମ ରାଷ୍ଟ୍ରପତି ତାଙ୍କର ସାହିତ୍ୟ କୃତିକୁ ସମ୍ମାନଦେଇ ତାଙ୍କୁ ଭାରତର ନାଗରିକ ସମ୍ମାନ "ପଦ୍ମଭୂଷଣ"ରେ ଭୂଷିତ କରିଥିଲେ ।

କାଳିନ୍ଦୀଚରଣଙ୍କ ସାରସ୍ୱତ ସୃଷ୍ଟି ସହ କାବ୍ୟମାନସଙ୍କୁ ବିଷାଦ ଭାବରେ ନିମ୍ନରେ ବର୍ଣ୍ଣନା କରାଯାଇଛି – ଯାହାଙ୍କ ଭାରତୀୟ ସାହିତ୍ୟରେ ତାଙ୍କୁ ଜଣେ କାବ୍ୟପୁରୁଷର ମାନ୍ୟତା ମିଳେ ।

---



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ଏକ ବା ଦୁଇବିନ୍ଦୁ ଅଶ୍ରୁ

ବାସ୍ତବିକ୍ କବି ନରେନ୍ଦ୍ର ମୋଦି – ମାନବର ଦୁଃଖ ଯନ୍ତ୍ରଣା କିପରି ଲୁହ ଆକାରରେ ବାହାରିଆସେ ସେ ଯନ୍ତ୍ରଣାର ଲୁହ ପଥରଠାରୁ କୋଠର ହୋଇଥାଏ, ତାହାକୁ ବର୍ଣ୍ଣନା କରିଅଛନ୍ତି ।

ବୁନ୍ଦେ ଅବା ଦୁଇ ବୁନ୍ଦା ଅଶ୍ରୁ ବାନ୍ଧିଦିଏ ବନ୍ଧୁତା ର ସେତୁ
        ତେଜି ଦେଇ ଏକ କିମ୍ବା ଦୁଇ ବୁନ୍ଦା ଅଶ୍ରୁ
ଏକ ବେଦନାତ୍ୟ ଚକ୍ଷୁର ଭିତରେ
        ଜମାଟ ବାନ୍ଧୁଥିବା ଅଶ୍ରୁ ଯାହା ପଥର ଠାରୁ ଅଧିକ କଠୋର
ଛିଣ୍ଡିଯାଇଥିବା ତାର ନୀରବ ସେ ବେହେଲାର
        ହିମ ବାୟୁ ହୁଅଇ ଉତପ୍ତ
କେବଳ ବୁନ୍ଦେ ଅବା ଦୁଇ ବୁନ୍ଦା ଅଶ୍ରୁ ଆଖିରେ ଝଲସେ
        ଭାଙ୍ଗି ଯାଇଥିବା କାଚ ଖଣ୍ଡ ମାନ କିଏ ବା ସାଉନ୍ଟେ ?
ଏଥିପାଇଁ ସୂଚନା ନାହିଁ ଏଥିପାଇଁ ଦୁଃଖ ନାହିଁ
        କେହି କେବେ ଜଳ ସ୍ରୋତେ ଚିତ୍ର ଆଙ୍କି ପାରେ ?
କେବଳ ଏକ କିମ୍ବା ଦୁଇ ବୁନ୍ଦା ଅଶ୍ରୁ ଆଖିରେ ଝଲ୍‌ସେ
        ପୁଷ୍ପ ରେ ରଞ୍ଜିତ ପଥ କନ୍‌ଟା ର ଶେଜ ବନିଯାଏ
ବିହଙ୍ଗ କୂଜନ ନୀରବି ଯାଏ ସେହି ନିର୍ଜନ କାନନେ
        କେବଳ ବୁନ୍ଦା ଅବା ଦୁଇ ବୁନ୍ଦା ଅଶ୍ରୁ ନୟନେ ଝଲକେ ।

## ଏପରିବ୍ୟକ୍ତି

ସେ ଏପରି ବ୍ୟକ୍ତି ଅପେକ୍ଷା କରେ ତା’ ପାଳି ପାଇଁ, ହେଲେ ସେ ନୀରବେ ଥାଏ ସେତେବେଳେ ଆଉ କାହାର ଶବ୍ଦ ଶୁଭୁଥାଏ, ସେହିପରି ଲୋକ ସବୁବେଳେ ହୁସିଆରଥାଏ ।

ବାସ୍ତବିକ୍ କବି ନରେନ୍ଦ୍ର ମୋଦିଙ୍କ କବିତା ଏପରି ବ୍ୟକ୍ତି ମୋଦି ସତ୍ୟତାକୁ ମାନବର ସର୍ତା ବୋଲି ଅଭିହିତ କରିଛନ୍ତି । ସତ୍ୟ କ୍ଷମଣୀୟ ପାପା ପଙ୍କିଳ, ସତ୍ୟ ବ୍ୟକ୍ତିର ଚିରନ୍ତର ପ୍ରକୃତି କୋଳରେ ଖେଳିଥାନ୍ତି ।

ସେ ଏପରି ବ୍ୟକ୍ତି ଅପେକ୍ଷା କରେ ତା ପାଳି ପାଇଁ
ହେଲେ ସେ ନୀରବେ ଥାଏ ସେତେବେଳେ ଆଉ
କାହାର ଶବ୍ଦ ଶୁଭୁଥାଏ
ସେହିପରି ଲୋକ ସବୁବେଳେ ହୁସିଆର ଥାଏ ।
ସତେ ଅବା ଚାଲେ ଖୁରଧାରେ
ଆମେ ସେମାନଙ୍କୁ କହିବାକୁ ଦେଉନା
ଯେତେବେଳେ କହିବାକୁ ଥାଏ
ସେମାନେ ନୀରବ ଥାଆନ୍ତି ।
ଠିକ୍ ଉତପ୍ତ ଲୌହପରି ଭିତରେ ଟକ୍‌ମକ୍ ଫୁଟୁଥାନ୍ତି
କେହି କେବେ ତୋଷାମତରେ ଭୁଲେନା
ଠିକ୍ ସମୟରେ କହିଦିଏ କିମ୍ବା ନୀରବ ଥାଏ ।
ଯେତେବେଳେ ଅନ୍ୟମାନଙ୍କ ଶବ୍ଦ ଶୁଭୁଥାଏ
ଯେତେବେଳେ କାହାର ନିନ୍ଦା ହେଉଥାଏ
ସେତେବେଳେ ନୀରବ ରହିବାଟା ପାପ ।
ଯେ ସତ୍ୟ କହେ ସେ ସଦା କ୍ଷମଣୀୟ
ପାଦପର ଶାଖା ପବନରେ ହଲୁଥାଏ
ଚିରନ୍ତନ ପ୍ରକୃତିରେ କୋଳରେ ଖେଳୁଥାଏ ।





କାଳିନ୍ଦୀଚରଣଙ୍କ ଆତ୍ମଜୀବନୀରୁ ମେତେ ସତ ତମକୁ ମିଛ, ମିଉଁ ମିଉଁ ଦୁଧଭାତ ଗୁଣ୍ଡିଏ ଦେଉଁ, ଉଠନିଶି ପାହିଲା ଏଥର, ଖେଳୁଆଡ ବୁଦ୍ଧି ଛାଡରେ ବାବୁ, ପୁଅଟିଏ ପୁଅଟିଏ, ଏଜଗତ ମୋର ଗାଁ, ଅଲିଭାଦାଗ, ପ୍ରହାରେଣ ଧନଞ୍ଜୟ ଆଦି ଶୀର୍ଷକରେ କାଳିନ୍ଦୀଚରଣ ତାଙ୍କର ମଧୁର ସ୍ମୃତି ସ୍ନିଗ୍ଧ ଶୈଶବକୁ ଯେପରି ମନେ ପକାଇଛନ୍ତି, ତାହା ଯେ କୌଣସି ସୃଜନଶୀଳ ସାହିତ୍ୟ ଗ୍ରନ୍ଥ ପରି ସ୍ୱାଦ୍ୟ ହେଇଅଛି ।

କାଳିନ୍ଦୀଚରଣଙ୍କ ଲେଖକ ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କ ପାଠକମାନଙ୍କ ଠାରୁ କେତେ ଓ କିପରି ନିନ୍ଦା, ପ୍ରଶଂସା ଶୁଣିଛନ୍ତି ଓ ସେ ନିନ୍ଦା, ପ୍ରଶଂସାଗୁଡିକୁ ସେ କିପରି ଭାବରେ ଗ୍ରହଣ କରିଅଛନ୍ତି – ତାହାର ଏକ ସରଳ ତାଲିକା ସେ ତାଙ୍କର ଆତ୍ମଜୀବନୀ “ଅଙ୍ଗେ ଯାହା ନିଭାଇଛି”ରେ ଦେଖିଛନ୍ତି ।

ତାଙ୍କୁ ପ୍ରଶଂସା କରି ତାଙ୍କର ଜଣେ ପାଠକ ଲେଖିଥିଲେ – ଆପଣଙ୍କ ଜୀବନକଥା – “ଯାହା ଅଙ୍ଗେ ନିଭାଇଛି” ଓଡିଆ ଜୀବନର ଆଉଏକ ଅନ୍ତରଙ୍ଗ ଚିତ୍ର ଅଙ୍ଗନ କରୁଅଛି, ଏହା ଆସନ୍ତାବର୍ଷରେ ପୂର୍ଣ୍ଣହେଉ, ଏହାର ସାହିତ୍ୟିକ ସଫଳତା ଓଡିଆ ସର୍ଜନ ସାହିତ୍ୟକୁ ବିଶ୍ୱସାହିତ୍ୟ ଅଙ୍ଗନରେ ନୂତନ ଗୌରବ ଦାନକରୁ, ଏହା ହିଁ ମୋର ଆନ୍ତରିକ କାମନା ।

ସତରେ କାଳିନ୍ଦୀଚରଣଙ୍କ ଆତ୍ମଲିପି ଓଡିଶାର ସାମାଜିକ ଜୀବନର ଏକ ଶୌଳ୍ପୀକ ଦଲିଲ୍, ଏକ ଶୈଳୀପୂର୍ଣ୍ଣ ପ୍ରକାଶ, ତାଙ୍କ ଆତ୍ମଜୀବନୀ ପଢି କେବଳ ତାଙ୍କ ଘର ଗାଁକୁ ନୁହେଁ ଓଡିଶାର ସବୁଘର ଓ ସବୁଗାଁକୁ ଅନୁଭବ କରିହୁଏ । ତାଙ୍କ ଆତ୍ମଜୀବନୀ ପଢି ଜଣେ ଓଡିଶାର ପୁରପଲ୍ଲୀ ଓ ତା’ର ପର୍ବପର୍ବାଣୀକୁ ଯେଭଳି ଅନୁଭବ କରେ ଜଣେ ସଂଗ୍ରାମଶୀଳ ମଣିଷର ଜୀବନ ବଚିଂବାର କାହାଣୀକୁ ସେହିପରି ପଢେ ।

ପାରିବାରିକ ଜୀବନର ଆନନ୍ଦ ଉଲ୍ଲାସ କେତେ ସେ ଅନୁଭବ କରିଅଛନ୍ତି ତାଙ୍କ ପ୍ରାଣରେ ଅବା ଓଡିଶାର କେତେ ଜନପଦରେ, ତା’ପରେ ୧୯୩୫ ମସିହାରେ ଗଢି ଉଠିଥିବା ନବଯୁଗ ସାହିତ୍ୟ ସଂସଦର ସଭାପତି ଭାବରେ କାଳିନ୍ଦୀଚରଣ ଯେଉଁ ଅଭିଭାଷଣ ଦେଇଥିଲେ ତାହା ସେ ତାଙ୍କ ଆତ୍ମଜୀବନୀରେ ଉଲ୍ଲେଖ କରିଅଛନ୍ତି । ନବଯୁଗ ସାହିତ୍ୟ ସଂସଦର ବହୁ ଆଲୋଚନା ସେତେବେଳେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସଂପାଦିତ ମାସିକ ସାହିତ୍ୟ ପତ୍ର “ନବପ୍ରଭାତ” ପତ୍ରିକାରେ ପ୍ରକାଶିତ ହେଉଥିଲା । ପରେପରେ ନବଯୁଗ ସାହିତ୍ୟ ସଂସଦର ମୁଖପତ୍ର “ଆଧୁନିକ” – ମାସିକ ସାହିତ୍ୟ ପତ୍ରିକା ରୂପରେ ପ୍ରକାଶିତ ହେଉଥିଲା । ଏହି ପତ୍ରିକାରେ କାଳିନ୍ଦୀଚରଣଙ୍କ “ସବୁଠାରେ ସମ୍ଭବ” ସାମାଜିକ ନାଟକ ଧାରାବାହିକ ଭାବରେ ପ୍ରକାଶିତ ହେଉଥିଲା । ନବଯୁଗ ସାହିତ୍ୟ ସଂସଦ ଓଡିଶାର

ଧାରାବାହିକ ଭାବରେ ପ୍ରକାଶିତ ହୋଇ ଆସୁଥିଲା । ଏହାକୁ ନିୟମିତ ପ୍ରକାଶ କରିବା ସହ ପୁସ୍ତକ ଆକାରରେ ପ୍ରକାଶିତ କରିବାକୁ ଅନେକ ବନ୍ଧୁ ଓ ଶୁଭେଚ୍ଛା କାଳିନ୍ଦୀଚରଣଙ୍କୁ ପତ୍ର ଲେଖି ଜଣାଇଥିଲେ

ତାଙ୍କ ବିଚାର ଓ ଉପଲବ୍ଧିକୁ ନେଇ ସେ ନିର୍ଭୁଲ ଓ ଚରମ ବୋଲି ଆଦୌ ଜ୍ଞାନ କରିନାହାଁନ୍ତି । ଏଥିରେ କିଛି ଦ୍ୱିରୁକ୍ତି ଓ ଅତିରଂଜନ ଥିବା କଥା ମଧ୍ୟ କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀର ପ୍ରାଗ୍ ଭାଷାରେ ଉଲ୍ଲେଖ କରିଅଛନ୍ତି ।

କାଳିନ୍ଦୀଚରଣ ତାଙ୍କ ସାହିତ୍ୟିକ ଓ ଚାକିରୀ ଜୀବନର ଘଟିଥିବା ବହୁ ଘଟଣାବଳୀକୁ ତାଙ୍କ ଆତ୍ମଜୀବନୀରେ ବର୍ଣ୍ଣନା କରିଅଛନ୍ତି । ତାଙ୍କ ପିଲାଦିନ ଅତି ଚମତ୍କାର ଭାବରେ ବର୍ଣ୍ଣିତ ହୋଇଅଛି । ପ୍ରଥମେ ଗାଁ ଚାଟଶାଳୀକୁ ଯାଇ ମାଟିବଂଶ ଅବଧାନଙ୍କଠାରେ କିପରି 'ଙ' ଅକ୍ଷର ଲେଖିଥିଲେ ତା'ର ମଧୁର ସ୍ମୃତି ସେ ରୋମନ୍ଥନ କରିଅଛନ୍ତି ।

ଗାଁ ଚାଟଶାଳୀ ଯିବା ସ୍ମୃତିକୁ ମନେପକାଇ କାଳିନ୍ଦୀଚରଣ ପିଲାମାନଙ୍କ ପାଇଁ ସରସ, ସୁନ୍ଦର, ଛନ୍ଦବନ୍ଧ କବିତାଟିଏ ଲେଖିଛନ୍ତି -

ମନେଅଛି ମୋର ଗ୍ରାମ ଚାଟଶାଳୀ
      ଚିହ୍ନିଥିଲି ଯହିଁ ଅକ୍ଷର ଆଗେ
ସରୁଦାଣ୍ଡ କେଡେ ଚାଳଘର ଖଣ୍ଡି
      ଯାଇଥିଲି ଦିନେ ବାପାଙ୍କ ସାଙ୍ଗେ
ଗୁରୁ ସହପାଠୀ କେ ଗଲେଣି କାହିଁ
      ଗୋଟିଗୋଟି ତାହା ପଡୁଛି ମନେ
ହସିଥିଲି କେଉଁ ବିଲ ପାହାଡରେ
      କାନ୍ଦିଥିଲି ଆମ୍ବ ଫୁଲାଙ୍ଗ ବନେ
ମନ୍ଦିର ସମାନ ଗ୍ରାମ ଚାଟଶାଳୀ
      ସବୁ ସ୍ମୃତି ପରେ ଟେକିଛି ମଥା
ଶିଖିଥିଲି ଯହିଁ ପ୍ରଥମ ଅକ୍ଷର
      ପଢିଥିଲି ଯହିଁ ପ୍ରଥମ କଥା

କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀକୁ ଆପଣା ଜୀବନର ମଧୁମୟ ଦିନ ସବୁର ଏକ ସ୍ମୃତିଗ୍ରନ୍ଥ କରି ପରିବେଷଣ କରିଅଛନ୍ତି । ଜଣେ ସୃଜନଶୀଳ ମଣିଷ ତା'ର କବିଚିତ ଦେଇ ଯେତେବେଳେ ତା'ର ସ୍ମୃତିସ୍ନିଗ୍ଧ ମଧୁର ଅତୀତକୁ ସ୍ମରଣ କରେ ସେତେବେଳେ ତାହା ସ୍ୱତଃ ଆହୁରି ସୁନ୍ଦର ଓ ମାର୍ମିକ ହୋଇପଡେ । ସେ ତାଙ୍କର ମଧୁମୟ ଶୈଶବର ଦିନ ସବୁକୁ ଅଧିକ ମନଦେଇ ଲେଖିଛନ୍ତି ।





## ଉତ୍ସବ

ଉତ୍ସବ କବିତାରେ କବି ନରେନ୍ଦ୍ର ମୋଦି ଗୁଡ଼ୀକୁ ନେଇ ନିଜ ଜୀବନର ଉତ୍ସବ ସହ ସାମାଜିକ ଉତ୍ସବ ଭାବରେ ବର୍ଣ୍ଣନା କରିଅଛନ୍ତି ।

ଗୁଡ଼ୀ ପରବର ଆସର ଭିଡ଼େ ଯାଇଛି ହଜି
      ଚାହିଁଛି ଆକାଶେ ହାତରେ ଧରି ଗୁଡ଼ୀର ଡ଼ୋର
ପାଦମୋ ରହିଛି ମାଟିରେ ଲାଖି ସାରା ଆକାଶରେ ଉଡୁଛି ଗୁଡ଼ି
      ଭାବନାରେ ହଜି ଭାବରେ ବିହଙ୍ଗ ଦୃଷ୍ଟିରେ ଆଜି
ସାରା ଆକାଶଟା ରଙ୍ଗରେ ଭିଜା
      ପ୍ରତ୍ୟୋ ହୁଏ ଏକ ପାଦ ପ୍ରଶାଖା
ଆନ ଗୁଡ଼ୀ ସାଥେ ଆନନ୍ଦେ ନାଚେ
      ବୃକ୍ଷର ଅଗ୍ରରେ ସଙ୍ଗୀତେ ହଜେ ।
ବୃକ୍ଷ ଶାଖା ତାରେ ନ ପାରେ ଛୁଇଁ
      ଖୋଲୁଥାଏ ଗୁଡ଼ୀ ଆକାଶେ ଡ଼େଇଁ
ଏହି ଗୁଡ଼ୀ ମୋର ଶିକ୍ଷକ ସତେ
      ଅବ ମୋର ପୁତ ଗାୟତ୍ରୀ ମନ୍ତ୍ର
ସମସ୍ତେ ଙ୍କୁ ଦିଏ ଜ୍ଞାନ ମହତ
      ଛିଣ୍ଡି ଗଲେ ଥରେ ଯାଏସେ ହଜି
ପାଆନ୍ତିନି ତାଙ୍କୁ ସମସ୍ତେ ଖୋଜି
      ହୋଉ ଧନୀ ଅବା ପ୍ରଜ୍ଞ ଗରୀବ
ନାହିଁ ବଡ଼ ସାନ ଭେଦ ବିଚାର ।

## କାରଗିଲ୍

କବି ନରେନ୍ଦ୍ର ମୋଦି କାରଗିଲ କବିତାଟି ଉତ୍ତୁଙ୍ଗ ପର୍ବତ ଗିରିରାଜର ଶୋଭାବର୍ଦ୍ଧନ ସହ ବୀର ସୈନିକର ବୀରତ୍ୱ ମାତୃଭୂମି ପ୍ରେମକୁ  ଉପସ୍ଥାପନା କରିଅଛନ୍ତି ।

ମୋର ମନେ ପଡେ କାରଗିଲ୍ ର ସରଳତା କୁ
ବହୁ ପୂର୍ବେ ଦେଖିଥିଲି ବ୍ୟାଘ୍ର ଗିରି ଗିରି ଶୃଙ୍ଗ ଏକ
ଉତ୍ତୁଙ୍ଗ ପର୍ବତ ଶିଖା ଶୁଭ୍ର ଗିରି ରାଜ
ଭରିଥାଏ ଯହିଁ ନୀରବତା, ନିର୍ଜନତା
ଆଜି କିନ୍ତୁ ପତ୍ୟେକଟି ଗିରିଶୃଙ୍ଗେ ବରଫର ହାଟ
ଗର୍ଜୁ ଅଛି ପ୍ରତି ଧ୍ୱନି ଡୋଲୁ ଅଛି
ଘନ ଘନ ଗୁଳି ଗୋଳା ବମ୍ବ ବିସ୍ଫୋରଣେ
ଠିକ୍ ଡହଡହ ଜଳୁଥିବା କୋଇଲା ପରି
ବରଫର ଚଟ୍ଟାଣ ରେ ପ୍ରତ୍ୟେକ ବୀର ସୈନିକ
ଆମ ବୁଣୁଛନ୍ତି ଶସ୍ୟ ବୀଜ ସତେ ବା କୃଷକ
ଯେଉଁ କ୍ଷେତ୍ର ସୁଚେଚିତ ମାନବ ଲହୁରେ
ମୁଁ ଦେଖେ ସୈନିକ ଆଖିରେ ସତ ସତ ସ୍ୱପ୍ନ
ସତେ ଅବା ଦ୍ଭୁଲତାରେ ଦୋଳୁଛନ୍ତ ବନ୍ଧା ହୋଇ ମୃତ୍ୟୁ ର ଦେବତା
ମୁଁ ଅନୁଭବେ ମୃତ୍ୟୁ ଦେବ ଯମରାଜ ଉପସ୍ଥିତ ତହିଁ
ବୀର ସୈନିକର ବିରତ୍ୱ ମହିମା ମାତୃଭୂମି ପ୍ରେମ
ବରଫ କୁ ତରଳାଇ ବହିଯାଏ ଝରଣାର ଝାର
ମୁଁ ଶୁଣେ ବୀରତ୍ୱର ଜୟଗାନ ତହିଁ
ସୃଜଲାମ୍ ସଫଳାମ ମଳୟଜ ଶୀତଳାମ ଶସ୍ୟ ଶ୍ୟାମଳାମ୍
ମୁଁ ଠିକ୍ ଅନୁଭବେ ସଙ୍ଗୀତର ଭାବ
ଜୟ ଭାରତ ମାତା ମୁଁ ତୋ ପାଦ ତଳେ ମଥାନତ କରେ ।





ଯଥା ରାବଣସ୍ୟ ମନ୍ଦୋଦରୀ / ଜଗବନ୍ଧୁ ଓ ଗୋପବନ୍ଧୁ / ଅଚାନକ ଜଣେ ବାଲ୍ୟବନ୍ଧୁ / ବର୍ଷକ ଭିତରେ ସ୍ୱରାଜ୍ୟ / ବଡ ଦେଉଳ ବଡଦାଣ୍ଡ / ମହାସାଗର କୂଳେ ମହାମାନବ / କଟକ ନଗର ଧବଳ ଟଗର / ଲେଖି ଆରମ୍ଭିଲା ବସି ବିନୟ ପତର / ରେଭେନ୍ସା କଲେଜ ରାଧାନାଥ, ମଧୁସୂଦନ, ବିଶ୍ୱନାଥ / ସବୁ ସବୁଜ / ଅର୍ଥ ମନର୍ଥମ୍ ଭାବମ୍ ନିତ୍ୟମ୍ / ସବୁଜ ବନ୍ଧୁଙ୍କ ପତ୍ର ବିନିମୟ / ପ୍ରତ୍ୟେକ ଦାୟୀ ସବୁରି ପାଇଁ ସମସ୍ତେ ଦାୟୀ ପ୍ରତ୍ୟେକ ପାଇଁ / ସହଯୋଗ ସହ ଅସହଯୋଗ / କଟକ ସମବାୟ ଶିକ୍ଷାକେନ୍ଦ୍ର / ମାଟିର ପିତୁଳା ଗଢି ରଖିବୋଲି / ଯୋଉଁ ଡାଳେ ବସେ ସେ ଡାଳଭାଙ୍ଗେ / ଇଚ୍ଛାପୁର – ନିଖିଳ ଉତ୍କଳ କବି ସମ୍ମିଳନୀ ୧୯୩୨ / ପାସୋରି ଦେଲିରେ ଶିମିଳିପାଳ / ନବଯୁଗ ସାହିତ୍ୟ ସଂସଦ ୧୯୩୫ / ଆଧୁନିକ ପ୍ରଥମ ବର୍ଷ / ସାଳିନ୍ଦୀ କୂଳରେ କାଳିନ୍ଦୀ / ପୂର୍ବ–ପଶ୍ଚିମ ଉତର–ଦକ୍ଷିଣ / କଂଗ୍ରେସ ସରକାର ଓ ରବିନ୍ଦ୍ର ସାକ୍ଷାତକାର / ଲୁହ ଢାଳି ଏବେ ହତିଆର ତୋର ପୂଜା / ଅନ୍ଧାରେ ଅଭୁଲା ଆଲୁଅ (୧୯୩୯) / ସବୁରକା ଝାଡ୍‌ମେ ମେଓ୍ୱା ଫଲ୍‌ତା / ପୂର୍ବାଚଂଳ ଦେଶୀୟ ରାଜ୍ୟ ପ୍ରଚାରକ / ଯାରେ ମନ ଯାରେ – ରୁଷିଆ ଦେଶକୁ ଚାହାଁରେ / ଡଗରପଡାର ଡଗର ଗଳାରେ କାହିଁ / ଅଠାକାଠି ପଞ୍ଜୁରୀରେ / ଯୋ କୁଛ୍ ହୌ ସବ୍ ଫେକ୍ ଦୋ / ମଙ୍ଗଳମ୍ ସର୍ବମଙ୍ଗଳମ୍ / ସୁଖଦୁଃଖ ସମେ କୃତ୍ୱା / ମୃତ୍ୟୋର୍ମାମୃତମ୍ ଯମୟ / ଦିଲ୍ଲୀ–ଜୟପୁରରେ ଲେଖକ ସମ୍ମିଳନୀ / ସକଳ ତୀର୍ଥ ତୋ ଚରଣେ / ଆକାଶବାଣୀର ଆକର୍ଷଣ / ନିଖିଳ ଭାରତ ଲେଖକ ସମ୍ମିଳନୀ / ଓଡିଶାରେ ପି.ଇ.ଏନ୍ / ସାହିତ୍ୟ ସହିତ ରାଜନୀତି / ରେଡିଓମନ୍ତ୍ରୀ ଇନ୍ଦିରାଙ୍କ ସାକ୍ଷାତକାର / ପଲକେ ପଲକେ ପୁଲକ ବିସ୍ମୟ / ସମ୍ମାନ ସମ୍ବର୍ଦ୍ଧନା ସଙ୍କଟ / ଜନଗଣ ମନଅଧି ନାୟକ ଜୟ ହେ / ଉପେଦଘାତ – ଉପସଂହାର ଆଦି ବିଷୟରେ କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀ "ଯାହା ଅଙ୍ଗେ ନିଭାଇଛି"ର ବିଷାଦ ଭାବରେ ବର୍ଣ୍ଣନା କରିଅଛନ୍ତି ।

୧୯୦୧ ମସିହାରୁ ୧୯୭୨ ଦୀର୍ଘ ୭୧ ବର୍ଷର ଜୀବନୀ ସମ୍ବନ୍ଧୀୟ ମୁଖ୍ୟ ଘଟଣା କ୍ରମକୁ ଆତ୍ମଜୀବନୀକାର କାଳିନ୍ଦୀଚରଣ ତାଙ୍କର ଆତ୍ମଜୀବନୀ "ଅଙ୍ଗେ ଯାହା ନିଭାଇଛି"ର ବର୍ଣ୍ଣନା କରିଅଛନ୍ତି

କାଳିନ୍ଦୀଚରଣ ନିଜ ବିଷୟରେ ଲେଖିଛନ୍ତି – ଇଚ୍ଛା ବା ଅନିଚ୍ଛାରେ ଯେତେ ଶତ୍ରୁ ବା ଯେତେ ବନ୍ଧୁ ଅର୍ଜିଲି, ସମସ୍ତଙ୍କୁ ଭଲପାଇବାରେ ହିଁ ନିଶୋଷ ହେଉ ମୋର ଅନ୍ତିମ ନିଃଶ୍ୱାସ ।

ଜଣେ ସଚ୍ଚା କବି ବା କଳାକାର ପ୍ରଜ୍ଞା ଓ ସୁନ୍ଦର ପ୍ରେମିକ ହୋଇଥାନ୍ତି, ପ୍ରଜ୍ଞା ମଣିଷକୁ ସମୁନ୍ନତବୋଧ ଓ ଅନୁଭବ ଆଡେ ନେଇଯାଏ ଓ ସୁନ୍ଦର ମଣିଷ ସ୍ୱପ୍ନ ଓ ସୃଜନଶୀଳତାକୁ ଆହୁରି ମାର୍ମିକ କରିଥାଏ । କାଳିନ୍ଦୀଚରଣଙ୍କ ସମଗ୍ର ବ୍ୟକ୍ତିତ୍ୱଟି ଛଳଛଳ ଓ ଆବେଗନିଷ୍ଠା । ସାହିତ୍ୟ ଥିଲା ତାଙ୍କ ଜୀବନର ସ୍ୱପ୍ନ ।

କାଳିନ୍ଦୀଚରଣଙ୍କ ଏହି ଆତ୍ମଜୀବନୀ "ଅଙ୍ଗେ ଯାହା ନିଭାଇଛି" ପ୍ରଥମେ "କଳନା" ପତ୍ରିକାରେ

## ୮. ଆତ୍ମଜୀବନୀକାର କାଳିନ୍ଦୀଚରଣ :

ପଦ୍ମଭୂଷଣ କାଳିନ୍ଦୀଚରଣ ପାଣିଗ୍ରାହୀ ଓଡିଆ ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନାକରି ଜଣେ ସଫଳ ସାହିତ୍ୟିକ ଭାବରେ ସ୍ୱୀକୃତି ଲାଭ କରିଅଛନ୍ତି । ସେ ଥିଲେ ସବୁଜଯୁଗର କର୍ଣ୍ଣଧାର । ଏକ ନିର୍ଦ୍ଦିଷ୍ଟ ଆଦର୍ଶକୁ ଭିତିକରି ତାଙ୍କର ସାରସ୍ୱତ ସୃଷ୍ଟି ସମ୍ଭାର । ଉପନ୍ୟାସ ରଚନାକରି କାଳିନ୍ଦୀଚରଣ ଯେପରି ଖ୍ୟାତି ଅର୍ଜନ କରିଅଛନ୍ତି - ଗଳ୍ପ, ଆଲୋଚନା, ନାଟକ ଲେଖି ସେହିପରି ପାଠକୀୟ ସ୍ୱୀକୃତି ଲାଭ କରିଅଛନ୍ତି । ସାମ୍ପ୍ରତିକ କାଳରେ ଓଡିଆ ସାହିତ୍ୟରେ ଜୀବନୀ ଓ ଆତ୍ମଜୀବନୀ ପୁସ୍ତକ ଗୁରୁତ୍ୱ ବେଶ୍ ଉପଲବ୍ଧ । ଦିଗ୍‌ଦ୍ରଷ୍ଟା କାଳିନ୍ଦୀଚରଣ ସେଥିପାଇଁ ରଚନା କରିଯାଇଛନ୍ତି ତାଙ୍କ ଜୀବନର ଅମୂଲ୍ୟ ସ୍ମୃତିର ସୁନ୍ଦର ସଂକଳନ ଆତ୍ମଜୀବନୀ - "ଅଙ୍ଗେ ଯାହା ନିଭାଇଛି" ।

କାଳିନ୍ଦୀଚରଣଙ୍କ ଜୀବନର ଅନେକ ଅକୁହା କଥା - ଯାହା ସିଏ ନିଜେ ଅଙ୍ଗେ ନିଭାଇଛନ୍ତି ଏହି ଗ୍ରନ୍ଥରେ ପ୍ରକାଶ ପାଇଛି - ତାଙ୍କ ନିଜର ଅନ୍ତରଙ୍ଗ ଭାବ-ଭାଷା ଓ ଶୈଳୀରେ । ଓଡିଆ ସାହିତ୍ୟର ଏହି ଅନନ୍ୟ ଗ୍ରନ୍ଥ - କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ୧୯୭୩ ମସିହାରେ ପ୍ରଥମେ ପ୍ରକାଶକରି ଗୌରବାନିତ୍ୱ ଅର୍ଜନ କରିଅଛନ୍ତି । ପୁସ୍ତକଟି ପାଠକ ପାଠିକା ଦ୍ୱାରା ବିଶେଷ ଆଦୃତ୍ୟ ହୋଇଅଛି ।

ସାହିତ୍ୟ ସାଧକ କାଳିନ୍ଦୀଚରଣ ଯଥାର୍ଥରେ କାଳଜୟୀ ସ୍ରଷ୍ଟା । ତାଙ୍କ ସୃଷ୍ଟିର ପ୍ରଭାବ ଓଡିଆ ସାହିତ୍ୟରେ ଅମ୍ଳାନ ହୋଇରହିଅଛି । କିନ୍ତୁ ଏବେ ସାଧାରଣରେ ଏହି ଅମୂଲ୍ୟ ଆତ୍ମଜୀବନୀ ଉପଲବ୍ଧ ହେଉନାହିଁ । ବହୁ ପାଠକ, ଗବେଷକ, ଅଧ୍ୟାପକ ଓ ସାହିତ୍ୟିକମାନେ ଏ ଗ୍ରନ୍ଥର ପୁନଃମୁଦ୍ରଣ ପ୍ରକାଶନ ପାଇଁ ବାରମ୍ବାର ଦାବିକରି ଆସିଥିବାରୁ - "ଅଙ୍ଗେ ଯାହା ନିଭାଇଛି" ଦ୍ୱିତୀୟ ସଂସ୍କରଣ ୨୦୦୬ରେ ପୂର୍ଣ୍ଣପ୍ରକାଶିତ ହୋଇ ପାଠକୀୟ ଆଦୃତିଲାଭ କରିଅଛି ।

ଆତ୍ମଜୀବନୀକାର କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀ ପୁସ୍ତକ "ଅଙ୍ଗେ ଯାହା ନିଭାଇଛି"ରେ ନିମ୍ନୋକ୍ତ ବିଷୟବସ୍ତୁର ବର୍ଣ୍ଣନା କରିଅଛନ୍ତି - ମୌର କୈଫୟତ / ମୋତେ ସତ ତୁମକୁ ମିଛ / ମେଉଁ ମେଉଁ ଦୁଧଭାତ କରି ଗୁଣ୍ଡାଏ ଦେଉ / ଉଠ ନିଶି ପାହିଲା ଏଥର / ମକଦମରୁ ମୂର୍ଖବାବୁ / ଆମୁଲିପି କେବେ ସରେ ନାହିଁ / ଖୋଳାଉଠ ବୁଦ୍ଧି ଛାଡରେ ବାବୁ / ପୁଅଟିଏ ପୁଅଟିଏ / ଏ ଜଗତ ମୋ ଗାଁ ପୁଣି ସବୁ ମଣିଷ ମୋ ବନ୍ଧୁ / ଅଲିଭାଦାଗ / ପ୍ରହାରୋଣ ଧନଞ୍ଜୟ / ଜୋର ଯାର ମୂଲକ ତା'ର / ହିସାବକିତାବ / ବ୍ରହ୍ମା, ବିଷ୍ଣୁ, ମହେଶ୍ୱର / ଶୂନଗାଡି ସ୍ୱପ୍ନ / ଟିକାଦିଆ ଆସିଲା / ମଣିଷଠାରୁ ମହାନ / ଚଷାଭାଇ ଧାନବୁଣ / ପୁନରପି ଜନମ / ସକଳ ତୀର୍ଥ ତୋ ଚରଣେ / ମଧୁ ବାତାରତାୟତେ / ବର୍ଷାର୍ଥ ପ୍ରତିପ୍ରତୟେ / ଦୁଇଟି ଅକ୍ଷର / ଯାତ୍ରୀ / ସାଗରେ ଅମ୍ବରେ / ନମୋ ଗଣେଷ ବିଘ୍ନେଶ / ବଡଦେଉଳକୁ ଚାହାଁରେ / ନିତି ନୂଆ ମଣିଷ / ଲଣ୍ଠାତାରା / ଅକ୍ଷର ସ୍ୱାକ୍ଷର / ଅଶବ୍ଦ ଘରୁ ଶବ୍ଦ / ଯଥା ଅର୍ଥରେ ବି ଅନର୍ଥ / ଆଶ୍ରମ ବିଶ୍ରାମ / କୁହୁ କୁହୁ କୁହୁ / ନିର୍ମଳ ବନ୍ଧୁତା / ଲାଜ ରଖେ ଗିରିଧାରୀ / ଅୟମାରମ୍ଭ /





## କ୍ରୀୟା

କବି ନରେନ୍ଦ୍ର ମୋଦି କ୍ରିୟା କବିତାରେ ନିଜକୁ ଜଣେ ବାସ୍ତବ ମଣିଷ ଓ କର୍ମର ମଣିଷ ଭାବରେ ବର୍ଣ୍ଣନା କରିଛନ୍ତି ।

ମୁଁ ଜଣେ ବାସ୍ତବ ମଣିଷ କର୍ମର ମଣିଷ
    ଯେତେବେଳେ ମୁଁ ଲେଖେ ରଚେ ଏକ ବାକ୍ୟମୟ ବୃତ
ପୁଣି କରେ ତାକୁ ବର୍ଗ୍ୟ କ୍ଷେତ୍ର ସମ
    କାଚର ଶବଦ ମାନ ମାର୍ବଲ ପରି ମସୃଣ
ରଙ୍ଗମୟ ସବୁ ଶବ୍ଦ ରାଜି
    ସେହି ଶବ୍ଦ ମାନ ସତ୍ୟର-ଠିକ୍ ଅଶ୍ବର
ସେ ସମସ୍ତ ସୃଷ୍ଟି କରେ ଶେଷେ ଏକ ବାକ୍ୟ
    ଠିକ୍ ତାହାରି ପାଶେ ରହିଥାଏ ବିଶେଷଣ
ଠିକ୍ ଲକ୍ଷ୍ମଣ ରେଖାପରି
    ଠିକ୍ ସୂଚାଏ ସେ ରାମଙ୍କ ମୂରତି
ବିଶେଷ୍ୟ ମାନଙ୍କ ସାଥେ ଲଗାତର ଖେଳୁଥାଏ ଖେଳ ଟିକ୍ ଟାକ୍ ଟୋ
    କ୍ରିୟାକୁ ମୁଁ କେନ୍ଦ୍ର ରେ ଥାପଇ ତାପରେ ଆଙ୍କର ଦିଗନ୍ତ ବୃତକୁ ।

## ଗର୍ବର ସହ ସତ୍ୟର ସନ୍ଧାନ

କବି ନରେନ୍ଦ୍ର ମୋଦି ସତ୍ୟର ହିଁ ସଦାଜୟ ବୋଲି ତାଙ୍କର କବିତା ଗର୍ବର ସହ ସତ୍ୟର ସନ୍ଧାନରେ ବର୍ଣ୍ଣନା କରିଛନ୍ତି ।

କାକଦ୍ୱାରା କ୍ଷତ ହୁଅନ୍ତି ସେମାନେ, ଯେଉଁମାନେ ମିଥ୍ୟାବାଦୀ ସତ୍ୟ କ'ଣ ଏମାନେ ଦୁର୍ଦ୍ଦଶାକୁ ମୁକୁଳିବାକୁ ସତ୍ୟ କହିଥାଏ ସତ୍ୟ ଆମର ସ୍ୱାଭିମାନ, ଆମେ ପୋଷାକ ପରିଧାନ କରିଥାନ୍ତି ।

କାକ ଦ୍ୱାରା କ୍ଷତ ହୁଅନ୍ତି ସେମାନେ
ଯେଉଁମାନେ ମିଥ୍ୟାବାଦୀ
ସତେ କ'ଣ ଏମାନେ ଦୁର୍ଦ୍ଦଶାରୁ ମୁକୁଳିବାକୁ ସତ୍ୟ କହିଥାନ୍ତି ?
ସତ୍ୟ ଆମର ସ୍ୱାଭିମାନ ଆମେ ପୋଷାକ ପରିଧାନ କରିଥାନ୍ତି ।
ଆମେ ସତ୍ୟକୁ ପରିଧାନ କରିଥାନ୍ତି ଗର୍ବର ସହ
କିନ୍ତୁ ତାକୁ ଆମେ ଜୁଆଳି ପରି ଆମେ ବେକରେ ବୋହିନଥାନ୍ତି
ତୁମେ ଯଦି ସତ୍ୟ ନକୁହ ସମାଜ ତୁମକୁ ବିଦ୍ରୁପ କରିବ
ଗୋଟିଏ କ୍ଷୁଦ୍ରିତ ବିହଙ୍ଗ ତା'ର ଥଟଂରେ ତୁମକୁ ବିଦିର୍ଣ୍ଣ କରିବ ।
ଖଳଦ୍ୱାରା ପ୍ରଚାରିତ ସମ୍ବାଦ ସକାଳକୁ ଖେଳିଯାଏ
କଳା ସୂର୍ଯ୍ୟପରି ସତ୍ୟଠାରୁ ପୁଣି ସତ୍ୟ ପାଇଁ ସଂଗ୍ରାମ
ଆମେ ଆମ ଯାତ୍ରାରେ ମିଳନ୍ତି ଏକ ସ୍ଥିରିକୃତ ପଥରେ ଚାଲନ୍ତି
ଅନୁଗାମୀମାନେ ଆମ ପଛରେ ଅନୁଗମନ କରିଥାନ୍ତି ।





ପରିଚୟ ଦେବା ସଙ୍ଗେସଙ୍ଗେ ଯୁକ୍ତିନିଷ୍ଠ ବିଚାର ଉପସ୍ଥାପନା କରିଅଛନ୍ତି ।

କାଳିନ୍ଦୀଚରଣ ଓଡିଶାର ଜାତୀୟ ଜୀବନ ତଥା ସାରସ୍ୱତ ପରମ୍ପରା ସମ୍ପର୍କରେ ନିଜର ଚିନ୍ତା ପ୍ରକଟନ କରିଅଛନ୍ତି । ଓଡିଶାର ଲୁପ୍ତ ସାହିତ୍ୟ ପତ୍ରିକା ସମ୍ପର୍କରେ ଚିନ୍ତାବ୍ୟକ୍ତ କରିଛନ୍ତି । ସଂପାଦକମାନେ ସେମାନଙ୍କର ଦାୟିତ୍ୱ ସୁଚାରରୂପେ ନିର୍ବାହ କରୁନାହାଁନ୍ତି ବୋଲି ସେ ଖେଦ୍ ପ୍ରକାଶ କରିଅଛନ୍ତି ।

କାଳିନ୍ଦୀଚରଣ ଶିଷ୍ଟାଚାର ଓ ସୁରୁଚି ସମ୍ପର୍କରେ ଆଲୋଚନା କରି ସବୁପ୍ରକାରର ସାହିତ୍ୟ ଅଧିକ ରୁଚିପୂର୍ଣ୍ଣ ହେଉବୋଲି ଯୁକ୍ତି ବାଢିଛନ୍ତି । କଥାଚିତ୍ର ଓ ଆକାଶବାଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ମଧ୍ୟ ସେ ଆଲୋଚନା କରିଅଛନ୍ତି । କାଳିନ୍ଦୀଚରଣ ଅଶ୍ଳୀଳତା ସମ୍ପର୍କରେ ମଧ୍ୟ ଆଲୋଚନା କରିଅଛନ୍ତି ।

"କାଳିନ୍ଦୀଚରଣଙ୍କ ସାମୟିକ ସାହିତ୍ୟ ସମୀକ୍ଷା" ପୁସ୍ତିକାଟି ବସ୍ତୁତ ବହୁ କ୍ଷୁଦ୍ରକ୍ଷୁଦ୍ର ପ୍ରବନ୍ଧ ଦ୍ୱାରା ରଚିତ । ବିଶ୍ୱନାଥ କର, ଜଳନ୍ଧର ଦେବ, ହାସ୍ୟରସିକ ଗୋପାଳ ଚନ୍ଦ୍ର ପ୍ରହରାଜ, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ଦିବ୍ୟସିଂହ ପାଣିଗ୍ରାହୀ, ଶଶୀଭୂଷଣ ଓ ପଣ୍ଡିତ ଗୋପବନ୍ଧୁଙ୍କ ବିଷୟରେ ସେ କ୍ଷୁଦ୍ରକ୍ଷୁଦ୍ର ପ୍ରବନ୍ଧମାନ ରଚନା କରିଅଛନ୍ତି ।

କାଳିନ୍ଦୀଚରଣ ଅନେକ ଉଚ୍ଚସାହିତ୍ୟ ଚିନ୍ତାଯୁକ୍ତ କ୍ଷୁଦ୍ରକ୍ଷୁଦ୍ର ଆଲୋଚନାମୂଳକ ପ୍ରବନ୍ଧମାନ ଲେଖିଛନ୍ତି । ସେମାନଙ୍କ ମଧ୍ୟରେ – ନୂଆମଣିଷ, ଶୁଭମିଳନ, ନୂତନ ମନୁଷ୍ୟ, ପ୍ରେମର ପ୍ରଭାବ, ଆଧୁନିକ ପ୍ରଗତିଶୀଳ, ପ୍ରାଚୀନ ପ୍ରଗତି, ମୌଳିକ ସାହିତ୍ୟ, ପାଶ୍ଚାତ୍ୟ ପ୍ରଗତିର ନିର୍ମାତା, ରକ୍ଷଣଶୀଳତା ଓ ପ୍ରଗତିଶୀଳତା, ନିର୍ମାଣ ଓ ଧ୍ୱଂସ, ରକ୍ଷଣଶୀଳତାର ସ୍ୱରୂପ, ବୈଦେଶିକ, କାରାବାସର ବନ୍ଧୁ, ସୌନ୍ଦର୍ଯ୍ୟରେ ସାମଞ୍ଜସ୍ୟ ଆଦି ପ୍ରମୁଖ ସୃଷ୍ଟି ।

ଆଚଂଳିକ ସାହିତ୍ୟ, ଭାରତୀୟ ସାହିତ୍ୟ, ସାହିତ୍ୟିକ ଦୃଷ୍ଟିଭଙ୍ଗୀ, ଲେଖକର ଉପାୟ, ନୂତନସାହିତ୍ୟ, ସାହିତ୍ୟର ଯୋଜନା, ସାହିତ୍ୟ ଓ ବିପ୍ଳବ ଆଦି ଶୀର୍ଷକରେ କାଳିନ୍ଦୀଚରଣ ନିଜର ସାହିତ୍ୟିକ ଅଭିମତ ପ୍ରଦାନ କରିଛନ୍ତି ।

କାଳିନ୍ଦୀଚରଣଙ୍କ ସାହିତ୍ୟ ରଚନା ଯେପରି ଆଚଂଳିକ ଥିଲା ତା'ଠାରୁ ଅଧିକ ଜାତୀୟ ତଥା ଆନ୍ତର୍ଜାତୀୟ ।

କାଳିନ୍ଦୀଚରଣ ଟଲଷ୍ଟୟ, ରବିନ୍ଦ୍ରନାଥ, ସ୍ୱେଟଂର ପ୍ରମୁଖ ବିଶ୍ୱପ୍ରସିଦ୍ଧ ସାହିତ୍ୟିକଙ୍କ ମୌଳିକତା ସମ୍ପର୍କରେ ଆଲୋଚନା କରିଅଛନ୍ତି ।

ଏହି ବହୁଦର୍ଶୀ ସାହିତ୍ୟ ସ୍ରଷ୍ଟା, କବି, ଗାଳ୍ପିକ ଓ ଔପନ୍ୟାସିକ ଭାବରେ ତାଙ୍କର ପାଠକ ପାଠିକାଙ୍କ ସପକ୍ଷରେ ଯେପରି ପ୍ରତିଷ୍ଠିତ ଠିକ୍ ସେହିପରି ଜଣେ ସାହିତ୍ୟ ସମାଲୋଚକ ଭାବରେ ମଧ୍ୟ ସେହିପରି ସୁପରିଚିତ ।

କାଳିନ୍ଦୀଚରଣଙ୍କ "ମଥୁରାମଙ୍ଗଳ ସମାଲୋଚନା" ଆଉଏକ ସାହିତ୍ୟିକ ସମାଲୋଚନାମୂଳକ ସୁଲିଖିତ ପ୍ରବନ୍ଧ, ଏଥିପାଇଁ ସେ ଆଠମଲ୍ଲିକ ରାଜାଙ୍କ ଦ୍ୱାରା ପୁରସ୍କାର ଲାଭ କରିଥିଲେ । ଓଡିଆର ପ୍ରସିଦ୍ଧ ବୈଷ୍ଣବକବି ତଥା ମଥୁରାମଙ୍ଗଳ କାବ୍ୟର ପ୍ରେଣତା ଭକ୍ତକବି ଭକ୍ତଚରଣ ଦାସଙ୍କ କୃତିତ୍ୱ ସମ୍ପର୍କରେ ଏକ ପ୍ରାମାଣିକ ତଥା ପୂର୍ଣ୍ଣାଙ୍ଗ ଆଲୋଚନା ଅଟେ ।

"ମଥୁରାମଙ୍ଗଳ"ରେ କେତେକ ଅଂଶକୁ ଯଥାର୍ଥରେ ସେ - ଗେଟେ, ପୋମ୍, କୁପର ଆଦି ପାଶ୍ଚାତ୍ୟ କବି ଓ ଲେଖକଙ୍କ ରଚନାବଳୀ ସହିତ ତୁଳନା କରିଅଛନ୍ତି । ମଧ୍ୟଯୁଗରେ ଭକ୍ତଚରଣ ଦାସଙ୍କ ପରି ଜଣେ କବିଙ୍କ ଦ୍ୱାରା "ମଥୁରାମଙ୍ଗଳ" କାବ୍ୟଟିକୁ ବିଶ୍ୱସାହିତ୍ୟ ପରିପ୍ରେକ୍ଷୀରେ ଚର୍ଚ୍ଚାକରିବା ଯେପରି ଅଭିନବ ସେହିପରି ପ୍ରଣିଧାନ୍ୟ ଯୋଗ୍ୟ ।

ଭାଷା, ଭାବ, ବର୍ଣ୍ଣନା, ଛନ୍ଦ ଓ ଶବ୍ଦଯୋଜନା, ଚରିତ୍ରଚିତ୍ରଣ, ବୀର, କାରୁଣ୍ୟ, ବାତ୍ସଲ୍ୟାଦି ରସ, ନୀତି, ଧର୍ମ ପ୍ରଭୃତି ଯାହାଅଛି ଆଦର୍ଶକାବ୍ୟର ଲକ୍ଷଣ ସେ ସମସ୍ତ 'ମଥୁରାମଙ୍ଗଳ'ରେ ସବୁ ବିଦ୍ୟମାନ ।

କାଳିନ୍ଦୀଚରଣଙ୍କ ସାହିତ୍ୟ ସମାଲୋଚନାକୁ ବ୍ୟକ୍ତିଗତ ଶ୍ରଦ୍ଧା ନିବେଦନରେ ଅଧିକ ମୁଖର । ସେ ଓଡିଶାର ପ୍ରାଦେଶିକ ସାହିତ୍ୟ ଆଲୋଚନା ସହିତ ବିଶ୍ୱସାହିତ୍ୟର ଆଲୋଚନା କରିଛନ୍ତି । ଅଧିକାଂଶ ସମାଲୋଚନା ତାଙ୍କର ବ୍ୟକ୍ତିନିଷ୍ଠ ଓ ତୁଳନାତ୍ମକ । ସାହିତ୍ୟ ଆଲୋଚନାରେ ସେ କଳା ଓ ସଂସ୍କୃତିର ପ୍ରାସଙ୍ଗତାକୁ ଏଡାଇଦେଇ ଯାଇନାହାଁନ୍ତି । ଓଡିଶାର କଳା, ସଂସ୍କୃତି, ଧର୍ମ, ଜାତୀୟତା ସମ୍ପର୍କରେ ସେ ଅତ୍ୟନ୍ତ ସାବଲୀଳ ଭାଷାରେ ବର୍ଣ୍ଣନାକରି ପ୍ରବନ୍ଧ ରଚନା କରିଅଛନ୍ତି ।

କାଳିନ୍ଦୀଚରଣଙ୍କର ଅନ୍ୟଏକ ପ୍ରବନ୍ଧ "ଫକୀରମୋହନଙ୍କ ଚରିତ୍ର ଚିତ୍ରଣ" । କାଳିନ୍ଦୀଚରଣ ଫକୀରମୋହନଙ୍କ ଗଳ୍ପ ଓ ଉପନ୍ୟାସରେ ସଂଯୋଜିତ ଗୌଣ ଚରିତ୍ର ସବୁକୁ ଆଦୌ ଗୌଣ ମନେକରି ନାହାଁନ୍ତି । ବରଂ ଏହି ଗୌଣ ଚରିତ୍ର ଚିତ୍ରଣରେ ଫକୀରମୋହନଙ୍କ କୃତିତ୍ୱ ନିହିତ ବୋଲି ଫକୀରମୋହନ ସାହିତ୍ୟ ଆଲୋଚନା କରି କାଳିନ୍ଦୀଚରଣ ଯଥାର୍ଥ ମତପ୍ରଦାନ କରିଅଛନ୍ତି । ଫକୀରମୋହନଙ୍କ ସାହିତ୍ୟର ଚରିତ୍ରଚିତ୍ରଣ ସମୁଦାୟ ଓଡିଶାର ଅଖ୍ୟାତ ପଲ୍ଲୀର ପରିବେଶକୁ ଜୀବନ୍ତ କରିପାରିଅଛି ବୋଲି ସମାଲୋଚକ ମତବ୍ୟକ୍ତ କରିଅଛନ୍ତି । କାଳିନ୍ଦୀଚରଣ ଯଥାର୍ଥରେ କହିଛନ୍ତି - ଏହି ଗୌଣ ଚରିତ୍ରମାନଙ୍କର ସ୍ୱାତନ୍ତ୍ରୀ କେବଳ ନାମରେ ନୁହେଁ ଗୁଣରେ ମଧ୍ୟ ପରିସ୍ଫୁଟ ।

ସମାଲୋଚକ କାଳିନ୍ଦୀଚରଣ ପାଣିଗ୍ରାହୀ ତାଙ୍କର "ସାମୟିକ ସାହିତ୍ୟ ସମୀକ୍ଷା" ଗ୍ରନ୍ଥରେ ଗଳ୍ପ, ଉପନ୍ୟାସ, କାବ୍ୟ, କବିତା, ପତ୍ର-ପତ୍ରିକା ଓ ଓଡିଆ ସାହିତ୍ୟର ସାହିତ୍ୟିକ ଯୁଗ, ସାହିତ୍ୟ ତତ୍ତ୍ୱ, ସାହିତ୍ୟ ସମସ୍ୟା, ଆନ୍ତର୍ଜାତୀୟ ପଟ୍ଟଭୂମି, ପ୍ରତିବେଶୀ ସାହିତ୍ୟ ଓ ବହୁ ବିଶ୍ୱପ୍ରସିଦ୍ଧ ସାହିତ୍ୟିକଙ୍କ ସମ୍ପର୍କରେ ସମାଲୋଚନା ଲେଖିଛନ୍ତି । କାଳିନ୍ଦୀଚରଣ ଜଣେ ବିଶିଷ୍ଟ ସାହିତ୍ୟିକ ଭାବରେ ନିଜର ସାହିତ୍ୟିକ ରୁଚିର





## ସଙ୍ଗୀତ ଏକ ନୂତନ ଦିଗର

କେତେ ଉର୍ଦ୍ଧ୍ୱେ ଧୂଳି ଉଡ଼େ ଗୋଧୂଳି ବେଳାରେ ହୁଏ ଶ୍ୱାସରୁଦ୍ଧ ଅସ୍ତଗାମୀ ସୂର୍ଯ୍ୟ, ବହୁଦୂର ଖରଶ୍ୱାସ ଭେଦିଯାଏ ସୂର୍ଯ୍ୟକର ଶୀତ ସକାଳରେ, ମଧ୍ୟାହ୍ନ କିରଣ କେତେ ମୋତେ ତରଳାଏ କଳା ପିଚୁପଥ ।

ଉତପ୍ତ ଶୋଷିତ ଅସୁମାରୀ ଶିଶୁଙ୍କର ଶିକ୍ତକରି ଧରଣୀକୁ ଧାରହୋଇ ବହିଯାଏ, ସେଥିପାଇଁ ଶାନ୍ତ ହୁଅ ନିର୍ଦ୍ଦୟରେ ବଧିବାକୁ କାରେ, ମୁଁ ଚାହେଁ ଗାଇବାକୁ ଗୀତ ଏକ ନୂତନ ଦିଗର । ଯେଉଁଠାରେ ଖାଲି ଉନ୍ନତି ବାସ୍ତବିକତାର ।

ବାସ୍ତବିକ୍ କବି ନରେନ୍ଦ୍ର ମୋଦି ସଙ୍ଗୀତ ମାଧ୍ୟମରେ ଏକ ନୂତନ ଦିଗକୁ ଅନ୍ୱେଷଣ କରିଅଛନ୍ତି

କେତେ ଉର୍ଦ୍ଧ୍ୱେ ଧୂଳି ଉଡ଼େ ଗୋଧୂଳି ବେଳାରେ
    ହୁଏ ଶ୍ୱାସରୁଦ୍ଧ ଅସ୍ତଗାମୀ ସୂର୍ଯ୍ୟ
ବହୁଦୂର ଖରଶ୍ୱାସ ଭେଦିଯାଏ ସୂର୍ଯ୍ୟକର ଶୀତ ସକାଳରେ
    ମଧ୍ୟାହ୍ନ କିରଣ କେତେ ମୋତେ ତରଳାଏ କଳା ପିଚୁପଥ
ଶୁଷ୍କ କ୍ଷେତ୍ରେ ମୋର ସୃଜ ନାହିଁ ଫାଟ
    କ୍ଷାନ୍ତ ହୁଅ ରକ୍ତ ଶୋଷି ବୋଳିଦିଅ କାର ନରମ ପାଦରେ
ମୋତେ ଗାଇବାକୁ ଦିଅ ତାମ୍ରପାତ୍ରେ
    ପ୍ରତିଫଳିତ ଶୀତଳ ରଶ୍ମିକୁ
ଜଳଘାଟୁ ନୀର ଧରି ନାରୀ ଆସୁଥାଇ ଯେବେ
    ଗାଏ ମୁଁ ସଙ୍ଗୀତ ଝରିପଡେ ସ୍ୱେଦ ବିନ୍ଦୁ ଭିଜାଏ ଧୂଳିକୁ
ନାରୀ ଶ୍ରମିକଟି ରୁଦ୍ର ତାପେ ଥାଏ କର୍ମରତ
    ମୋତେ ଗୀତ ଗାଇବାକୁ ଦିଅ
ତା'ର ସୁପ୍ତ ଶିଶୁ ପାଶେ କରିବାକୁ ପ୍ରଶମିତ
    ଉଡୁଥିବା ଧୂଳିତାର ପାଶେ
ଆଙ୍କିବାକୁ ଚାହେଁ ମୁହିଁ ପ୍ରତିଛବି ଏସବୁ ଦୃଶ୍ୟର
    ଆଙ୍କିବାକୁ ଚାହେଁ ମୁହିଁ ଛବି ଏକ ନୂତନ ଦିଗର
ଦେବାକୁ ପ୍ରେରଣା କ୍ଷିପ୍ର ଉନ୍ନତିର
    ସେହି କ୍ଷୁଦ୍ର ଧୂଳିକଣାମାନ

ଯେଉଁମାନେ ଚାଲୁଛନ୍ତି ପଦ ତାଙ୍କ ଲହୁଣୀ ନରମ
ସେମାନଙ୍କ ରକ୍ତେ ଭିଜୁ ଲାଲେ ଲାଲ ହେଉ ଏହି ଧରା
ଗାଇବାକୁ ଚାହେଁ ଗୀତ ମଧ୍ୟାହ୍ନର ଉତପ୍ତ ରବିର
ତୁମେ ଖାଲି ଅପେକ୍ଷା କର ତୁମେ ଦେଖିବ
ଉତପ୍ତ ଶୋଣିତ ଅସୁମାରୀ ଶିଶୁଙ୍କର ଶିକ୍ତକରି ଧରଣୀକୁ
ଧାର ହୋଇ ବହିଯାଏ
ସେଥିପାଇଁ ଶାନ୍ତ ହୁଅ ନିର୍ଦ୍ଦୟରେ ବଧିବାକୁ କାରେ
ମୁଁ ଚାହେଁ ଗାଇବାକୁ ଗୀତ ଏକ ନୂତନ ଦିଗର
ଯେଉଁଠାରେ ଖାଲି ଉନ୍ନତି ବାସ୍ତବିକତାର ।





ତାଙ୍କ ସାହିତ୍ୟ ଆଲୋଚନାମୂଳକ ପ୍ରବନ୍ଧରେ ଲିପିବଦ୍ଧ କରିଯାଇଅଛନ୍ତି । ସେ ଉଭୟ ଗଦ୍ୟ ଓ ପଦ୍ୟ ରଚନାରେ କୃତିତ୍ୱ ଅର୍ଜନ କରିଛନ୍ତି ।

କାଳିନ୍ଦୀଚରଣଙ୍କ ସାହିତ୍ୟେ ସମାଲୋଚନା ପ୍ରବନ୍ଧ ଅଧିକାଂଶରେ ଧାରଣାନିଷ୍ଠ । ଓଡିଆ ସାହିତ୍ୟର ପରମ୍ପରା, ଲାବଣ୍ୟବତୀରେ ଉପେନ୍ଦ୍ରଭଞ୍ଜ, ଫକୀରମୋହନଙ୍କ ଚରିତ୍ରଚିତ୍ରଣ, ହିନ୍ଦୀ ସାହିତ୍ୟରେ କଥାସମ୍ରାଟ୍ ପ୍ରେମଚାନ୍ଦ, ତାମିଲ ସାହିତ୍ୟରେ ଶ୍ରେଷ୍ଠକବି, ସାହିତ୍ୟରେ ବ୍ୟବସାୟ, ରବୀନ୍ଦ୍ର ସାହିତ୍ୟରେ ବିଶ୍ୱପ୍ରେମ ଇତ୍ୟାଦି ଅନେକ ସାହିତ୍ୟ ସମାଲୋଚନାମୂଳକ ପ୍ରବନ୍ଧ କାଳିନ୍ଦୀଚରଣଙ୍କ "ପ୍ରବନ୍ଧ ସାହିତ୍ୟ" ଗ୍ରନ୍ଥରେ ସ୍ଥାନୀତହୋଇ ୧୯୬୦ ମସିହାରେ ପ୍ରକାଶିତ ହୋଇଅଛି । ଏହି ସାହିତ୍ୟ ସମାଲୋଚନାମୂଳକ ପ୍ରବନ୍ଧଗୁଡିକ କାଳିନ୍ଦୀଚରଣଙ୍କ ସାହିତ୍ୟିକ ଅଭିରୁଚି, ସୌନ୍ଦର୍ଯ୍ୟଦୃଷ୍ଟି ଓ ବହୁଶାସ୍ତ୍ର ଦର୍ଶିତାର ପ୍ରମାଣ, କାଳିନ୍ଦୀଚରଣ ଓଡିଆ ସାହିତ୍ୟ ବ୍ୟତିରକେ ଅନ୍ୟାନ୍ୟ ଭାରତୀୟ ଭାଷାରେ ରଚିତ ସାହିତ୍ୟ ପଠନ ପ୍ରତି ଅଧିକ ଆଗ୍ରହୀ ଥିଲେ ।

"ଓଡିଆ ସାହିତ୍ୟର ସୁଦୀର୍ଘ ପରମ୍ପରା" ବିଷୟ ବର୍ଣ୍ଣନାକରି କାଳିନ୍ଦୀଚରଣ ତାଙ୍କର "ଓଡିଆ ସାହିତ୍ୟର ପରମ୍ପରା" ଶୀର୍ଷକ ପ୍ରବନ୍ଧରେ ଲେଖିଛନ୍ତି – ସବୁଯୁଗରେ ସାହିତ୍ୟ ହେଲା ସମାଜର ଦର୍ପଣ । ସାହିତ୍ୟ ଭିତରେ ଆମେ ସମାଜର ମୁହଁ ଦେଖୁଁ । ସମାଜ ଉଚ୍ଚସ୍ତରରେ ଥିବାବେଳେ ଉଚ୍ଚସାହିତ୍ୟ ସୃଷ୍ଟି ହୋଇଥାଏ । ଏହି ସୂତ୍ରରେ "ସାରଳା ମହାଭାରତ" ଆଜି ବି ସେହି ଦର୍ପଣ ଧରି ଆମ ଆଗରେ ଠିଆହୋଇଛି ।

କାଳିନ୍ଦୀଚରଣଙ୍କ "ମଥୁରାମଙ୍ଗଳ ସମାଲୋଚନା" ତଥା "ଭକ୍ତକବି ମଧୁସୂଦନ" ଶୀର୍ଷକ ଦୁଇଗୋଟି ସାହିତ୍ୟ ଆଲୋଚନାମୂଳକ ପ୍ରବନ୍ଧ ରଚନା କରିଛନ୍ତି । ଏହି ଦୁଇଟି ଉଚ୍ଚକୋଟୀର ବିଶ୍ଳେଷଣାତ୍ମକ ପ୍ରବନ୍ଧ । ସମାଲୋଚକ କାଳିନ୍ଦୀଚରଣ ବିଷାଦବାଦୀ ରାଧାନାଥଙ୍କ ସହିତ ଆଶା ଓ ଆନନ୍ଦବାଦୀ ମଧୁସୂଦନଙ୍କୁ ତୁଳନା କରିଅଛନ୍ତି । ରାଧାନାଥ ଯେତେବେଳେ ନିଛକ କଳା ଓ ସୌନ୍ଦର୍ଯ୍ୟ ସପକ୍ଷରେ ଯୁକ୍ତି କରିଅଛନ୍ତି ଠିକ୍ ସେତିକିବେଳେ ମଧୁସୂଦନ ଅଧିକ ନୀତି ଓ ଔଚିତ୍ୟ ସଚେତନ ହୋଇଛନ୍ତି ।

କାଳିନ୍ଦୀଚରଣ "ଭକ୍ତକବି ମଧୁସୂଦନ" ପ୍ରବନ୍ଧରେ ରାଧାନାଥ ଓ ମଧୁସୂଦନଙ୍କ ସାହିତ୍ୟ ଓ ସେମାନଙ୍କର ଦୃଷ୍ଟି ଓ ଦର୍ଶନକୁ ତୁଳନା କରିଥିବାରୁ ପ୍ରବନ୍ଧଟିର ବିଚାର ବିଶ୍ଳେଷଣ ଅତ୍ୟନ୍ତ ତୀକ୍ଷ୍ଣ ଓ ନିରପେକ୍ଷ ହୋଇପାରିଅଛି । ଏପ୍ରକାର ସମାଲୋଚନାରେ ସମାଲୋଚକ କାଳିନ୍ଦୀଚରଣ ମଧୁସୂଦନଙ୍କ ସହିତ ରାଧାନାଥଙ୍କୁ ତୁଳନା କରିବାକୁ ଯାଇ ରାଧାନାଥଙ୍କର ତ୍ରୁଟି ବିଚ୍ୟୁତିକୁ ଚିହ୍ନଟ କରିଥିଲେ ହେଁ ସେ କବିବରଙ୍କ ପ୍ରତି ନିଜର ଶ୍ରଦ୍ଧା ଊଣା କରିନାହାଁନ୍ତି ।

କାଳିନ୍ଦୀଚରଣଙ୍କ ସଫଳ ନାଟକ "ପ୍ରିୟଦର୍ଶୀ" ଯୋଉଁଥିରେ ଚଣ୍ଡାଶୋକ ଅଶୋକ ଧର୍ମଶୋକ ଅଶୋକରେ ପରିଗଣିତ ହେବ ବର୍ଣ୍ଣନା କରାଯାଇଛି । ଐତିହାସିକ ବିଷୟବସ୍ତୁ ଦୃଷ୍ଟିରୁ ନାଟକଟି ଯେତେ ବିଚାର କରିହେବ ନାହିଁ ସେତେବେଶୀ କାଳିନ୍ଦୀଚରଣଙ୍କ ଭାବାବର୍ଗ ପ୍ରବଣତାକୁ ପ୍ରତ୍ୟକ୍ଷ କରିହେବ ।

ନାଟ୍ୟକାର କାଳିନ୍ଦୀଚରଣ ତାଙ୍କର କବିମନ ନେଇ "ପ୍ରିୟଦର୍ଶୀ"ରେ ଅଶୋକଙ୍କ ଚରିତ୍ର ଚିତ୍ରଣ କରିଅଛନ୍ତି । ସିଂହଳରେ ବୌଦ୍ଧଧର୍ମ ପ୍ରଚାର କରିବାପାଇଁ ଆଦିଷ୍ଟ କୁନାଲ କହିଛନ୍ତି କ୍ରୀଡାରେ ମଧ୍ୟ ମଣିଷର କ୍ଳାନ୍ତି ଆସେ, ଐଶ୍ୱର୍ଯ୍ୟ, ଖ୍ୟାତି, କ୍ଷମତା, ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ କେଉଁଠାରେ ତା'ର କ୍ଳାନ୍ତି ନାହିଁ । ବାରମ୍ବାର ନିଜକୁ କି ସେ କ୍ଳାନ୍ତିକୁ ଆମେ ଦୂରରୁ ଦୂରକୁ ଠେଲିନେଉ । କିନ୍ତୁ ଅଲକ୍ଷ୍ୟରେ ତାହା ଆମକୁ ମଧ୍ୟ ଗ୍ରାସ କରିବସେ ।

ଓଡିଆ ନାଟ୍ୟ ସାହିତ୍ୟରେ କାଳିନ୍ଦୀଚରଣଙ୍କ ସମସାମୟିକ ନାଟ୍ୟକାରମାନେ – କାଳୀଚରଣ ପଟ୍ଟନାୟକ, ପ୍ରାଣବନ୍ଧୁ କର, ନିତ୍ୟାନନ୍ଦ ମହାପାତ୍ର, ହରେକୃଷ୍ଣ ମହତାବ ପ୍ରମୁଖ ଯେଉଁ ନାଟକ ବା ଏକାଙ୍କିକା ମାନ ରଚନା କରିଅଛନ୍ତି ସେ ଧାରଣାରେ କାଳିନ୍ଦୀଚରଣ ଏକ ଅତିବେଶୀ ପ୍ରସିଦ୍ଧ ନାଟ୍ୟକାର ନୁହଁନ୍ତି । ସେ କବି, ଗାଳ୍ପିକ, ଔପନ୍ୟାସିକ ତଥା ସମାଲୋଚକ ଭାବରେ ଓଡିଆ ସାହିତ୍ୟରେ ସୁପରିଚିତ

"ପ୍ରିୟଦର୍ଶୀ" ନାଟକ ଭିନ୍ନ କାଳିନ୍ଦୀଚରଣଙ୍କ ଅନ୍ୟ ଦୁଇଗୋଟି ନାଟକ "ସୌମ୍ୟା" ଓ "ପଦ୍ମିନୀ" ରଚନା କରିଛନ୍ତି । ଏସବୁ ନାଟକ ମୁଖ୍ୟତଃ ଅଧିକ କାବ୍ୟାତ୍ମକ ବା ଗୀତିନାଟ୍ୟ (ଯାହାର ଅନ୍ୟନାମ ଏକାଙ୍କିକା) ଯାହା ଅଧିକ ପଠନଯୋଗ୍ୟ, ରଙ୍ଗମଂଚ ଉପଯୋଗୀ ନାଟକ ନୁହେଁ ।

ଏ ନାଟକଗୁଡିକ ମଂଚରେ ଅଭିନୟ ହେବାଭଳି ପ୍ରାୟ ଉପଯୁକ୍ତ ହୋଇପାରିନାହିଁ । ସେଥିପାଇଁ ନାଟକର ରଙ୍ଗମଂଚ ଅଭିବ୍ୟକ୍ତିରେ ଏ ନାଟକଗୁଡିକର କୌଣସି ଅଙ୍ଗଦାନ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ ।

କାଳିନ୍ଦୀଚରଣ ନାଟକ ରଚନା କରିଥିଲେ ମଧ୍ୟ ମୂଳକାବ୍ୟ ଆବେଗଟିକୁ ପରିହାର କରିପାରିନାହାଁନ୍ତି । ନାଟକର ଭାବଭାଷା ଓ ଚିତ୍ରଚରିତ୍ର ସବୁକିଛି କାବ୍ୟାତ୍ମକ ହୋଇଯାଇଅଛି । "ପ୍ରିୟଦର୍ଶୀ" ନାଟକରେ ମଧ୍ୟ କାଳିନ୍ଦୀଚରଣ ଯଥେଷ୍ଟ ଦୀର୍ଘକାବ୍ୟିକ ସଂଳାପ (ଡାଇଲଗ୍) ସଂଯୋଜନା କରିଅଛନ୍ତି

## ୭. <u>ସମାଲୋଚକ କାଳିନ୍ଦୀଚରଣ :</u>

କାଳିନ୍ଦୀଚରଣ ଓଡିଶାର ଜଣେ ବିଶିଷ୍ଟ ଭାବବାଦୀ ସମାଲୋଚକ, ନିଜର ସପ୍ରଶଂସ ଆତ୍ମଭାବ ମୁଖ୍ୟତଃ ତାଙ୍କ ସମାଲୋଚନାରେ ପ୍ରକଟିତ ହୋଇଅଛି ।

କାଳିନ୍ଦୀଚରଣ ଜଣେ ସୃଜନଶୀଳ ସମାଲୋଚନା (Creative Criticism)ର ଲେଖକ । ବିଶ୍ୱକବି ରବିନ୍ଦ୍ରନାଥଙ୍କ ନିବନ୍ଧମାଳା ପରି କାଳିନ୍ଦୀଚରଣ ନିଜର ସାହିତ୍ୟିକ ମତ ଓ ମନ୍ତବ୍ୟକୁ





## <u>ଗରବାନୃତ୍ୟ</u>

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ – "ଏକ ଯାତ୍ରା"ର ଗୋଟିଏ କବିତା "ଗରବାନୃତ୍ୟ" ତାଙ୍କ ନିଜରାଜ୍ୟ ଗୁଜୁରାଟର ଏକ ପାରମ୍ପରିକ ଲୋକ ନୃତ୍ୟ ଅଟେ । ଏହା ସମଗ୍ର ଭାରତୀୟ କଳାକୁ ପ୍ରସିଦ୍ଧ ଲାଭ କରିଅଛି ।

ଗୁଜୁରାଟୀ ନୃତ୍ୟଗୀତ ତାନ ଯବି ଜାଣୁନୁ ଏବେ ଭାରେ
ସ୍ୱରାଷ୍ଟ୍ରେ ସମ୍ପତି ଜାଣିକି ପାରୁନୁ
ଆମ ସଂସ୍କୃତି ସମ୍ଭାର ଆମ ଶକ୍ତି ସାର
ଚହଲାଇ ଦେବ ଭାବେ ମୋହୀ ଦେବ
ଶଶୀ ସୂର୍ଯ୍ୟ ଆଉ ଋତୁ ସକଳେ ଏକତ୍ର
ଏ ଗରବା ନୃତ୍ୟ ।
ସାରା ଦିବସରେ ଏ ଗରବା ନାଚ, ସାରାରାତି
ସତେ ଅବା ରାସ ଆମରି ସଂସ୍କୃତି-ପ୍ରକୃତି
ଏ ଗରବା ନୃତ୍ୟ ।
ବାଶଂବୀର ସ୍ୱନ ମୟୂର ଚନ୍ଦ୍ରିକା ମୁଖର ଚୁମ୍ବନ
ଆମ ଶରୀର ଗରବା ଆତ୍ମାଟି ଗରବା
ଏକ ଜାତିର ସନ୍ତକ ଏ ଗରବା ନାଚ
ତ୍ୟାଗ ଓ କର୍ତବ୍ୟ ସନ୍ତକ ଗରବା
ନର୍ତକୀର ଶେଜ ସେ ବାସକ ସଜ୍ୱା
ଗରବାଟି ସତ ଗରବା ସକଳ
ଗରବା ସତେକ ସିନ୍ଦୁରର ଟିକା
ଶରୀର ସୀମନ୍ତେ, ମାତୃଦେବୀ
ସୁନେତ୍ର ପ୍ରକଟେ ।

## ସଙ୍ଗୀତରେ

କବି ନରେନ୍ଦ୍ର ମୋଦିଙ୍କ କବି ପ୍ରାଣତ୍ୱ – ଏହି 'ସଙ୍ଗୀତରେ' କବିତାରେ ପରିପୁଷ୍ଟିତ ହୋଇଅଛି, ସଙ୍ଗୀତକୁ ମୋଦିଙ୍କର ଭାବ ଓ ଭାଷାର ରୂପାୟିତତା ପ୍ରତିପାଦନ ହୋଇଅଛି ।

ସଙ୍ଗୀତରେ ବିହଙ୍ଗର ପର ଲୁଚିଥାଏ
          କୋକିଳ ସ୍ୱର ଶୁଭୁଥାଏ
ଧରଣୀର ଆତ୍ମା ଗୋଟିଏ ଡେଣାରେ
          ଅନ୍ୟଟିରେ ଆକାଶର ଜ୍ୟୋତି
କାଗଜ ଉପରେ ଆଙ୍କିପାରେ ଚିତ୍ର
          ସୂର୍ଯ୍ୟଙ୍କର ଅବା ପୂର୍ଣ୍ଣଚନ୍ଦ୍ର
ମୋ କାଗଜରେ ଫୁଲଭରା ବୃକ୍ଷ
          ସେ ବୃକ୍ଷରେ ଭରା କି ସଳଯ
ଆତ୍ମୀୟର ସ୍ମୃତି ପାଇଁ
          ରଖେ ମୁଁ ଗିରିକୁ ଭିଜାଇ ଦିଏ ଯେପରି
ବସନ୍ତ ଧରାକୁ
          ଏକ ପ୍ରାନ୍ତେ ମରୁ ସେପଟେ ସମୁଦ୍ର
ଠିକ୍ ଆରପାରେ ନଦୀର ମିଶ୍ରଣ
          କଣ୍ଠ ମୋର ଶୁଖିଯାଏ
ପିପାସା ମୋ ମେଟେଂ ନାହିଁ କେବେ
          ଆକାଶକୁ କାନ୍ଦେ ବୋହି
ବସିଥାଏ ମାତୃଭୂମି କୋଳେ ।





କାଳିନ୍ଦୀଚରଣଙ୍କ "ସାହିତ୍ୟବଲ୍ଲଭ – ଆର୍ତ୍ତବଲ୍ଲଭ", "କବି ଗଙ୍ଗାଧର", "ଫକୀରମୋହନଙ୍କ ଚରିତ୍ର ଚିତ୍ରଣ" ଆଦି ପ୍ରବନ୍ଧରେ ତାଙ୍କ ପ୍ରତିଭାଶୀଳ ଲେଖକମାନଙ୍କ ପ୍ରତି ସାରସ୍ୱତ ମାନ୍ୟତା ଓ ସ୍ୱୀକୃତି ବେଶ୍ ଦୃଷ୍ଟାନ୍ତମୂଳକ ।

କାଳିନ୍ଦୀଚରଣଙ୍କ ବିଶ୍ୱସାହିତ୍ୟ ପ୍ରତି ଶ୍ରଦ୍ଧା ଓ ଉନ୍ମୁଖତା ତାଙ୍କ ପ୍ରବନ୍ଧ ସାହିତ୍ୟର ଅନ୍ୟଏକ ବିଶିଷ୍ଟ ଦିଗ । ବିଶିଷ୍ଟଦୃଷ୍ଟି, ମାନବପ୍ରେମ ତାଙ୍କ ପ୍ରବନ୍ଧ ସାହିତ୍ୟକୁ ଉଚ୍ଚମାନର କରିଅଛି ।

**୬. <u>ନାଟ୍ୟକାର ଓ ଏକାଙ୍କିକାକାର କାଳିନ୍ଦୀଚରଣ :</u>**

କଥାସମ୍ରାଟ କାଳିନ୍ଦୀଚରଣଙ୍କ ଲେଖନୀ ଥିଲା ଅଜସ୍ରସ୍ରାବୀ । ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ ପରି ପ୍ରତିଟି ସାହିତ୍ୟ ବିଭାବ ଉପରେ ଲେଖନୀ ଚାଳନା କରିଥିଲେ କାଳିନ୍ଦୀଚରଣ ପାଣିଗ୍ରାହୀ

କାଳିନ୍ଦୀଚରଣ ଯେପରି ଓଡିଆ ସାହିତ୍ୟର ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ ଭାବରେ ସ୍ୱୀକୃତି ରହିଅଛି ସେହିପରି ଜଣେ ସଫଳ ନାଟ୍ୟକାର ତଥା ଏକାଙ୍କିକା ଭାବରେ ମଧ୍ୟ ତାଙ୍କର ପ୍ରତିଷ୍ଠା ରହିଅଛି ।

"ପ୍ରିୟଦର୍ଶୀ", "ସୌମ୍ୟା", "ପଦ୍ମିନୀ" ପ୍ରଭୃତି ନାଟକ ରଚନାକରି କାଳିନ୍ଦୀଚରଣ ଓଡିଆ ନାଟ୍ୟ ସାହିତ୍ୟରେ ନିଜର ସ୍ୱାକ୍ଷର ରଖିଯାଇଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ ।

କାଳିନ୍ଦୀଚରଣଙ୍କର ଏକ ସଫଳ ଐତିହାସିକ ନାଟକ "ପ୍ରିୟଦର୍ଶୀ" ଅଶୋକଙ୍କ ଜୀବନ ରୂପାୟିତ ହୋଇଥିବାରୁ ଏହାକୁ ଏକ ରଚିତ ନାଟକ "Biographical Play" ବୋଲି କୁହାଯାଇପାରେ ।

ବୁଦ୍ଧଙ୍କର ଅହିଂସାବାଣୀ ପ୍ରଚାର କରିବାପାଇଁ ଅଶୋକ ଯେଉଁ ଉତ୍ସର୍ଗର ପରାକାଷ୍ଠା ପ୍ରଦାନ କରିଛନ୍ତି । ତାହା ହିଁ ନାଟକ "ପ୍ରିୟଦର୍ଶୀ"ର ମୁଖ୍ୟ ବିଷୟବସ୍ତୁ । ଏତଦ୍‌ବାଦ ରାଜା ଅଶୋକଙ୍କ ଆଦର୍ଶ ତଥା ପ୍ରଜାପାଳନ ନୀତି ଉକ୍ତ ନାଟକରେ ସ୍ଥାନିତ ହୋଇଛି ।

ଭାରତ ଇତିହାସରେ ଗୌତମବୁଦ୍ଧଙ୍କ ବାଣୀ ପ୍ରଚାର କରିବାପାଇଁ ଶେଷରେ ଜଣେ ଦୁର୍ଦାନ୍ତ ରାଜା କିପରି ଏକାନ୍ତ ଆତ୍ମୋତ୍ସର୍ଗ କରି ଯାଇଛନ୍ତି ତାହା ହିଁ ଏଠାରେ ନାଟକୀୟ ଭାବରେ ବିଷାଦଭାବରେ ବର୍ଣ୍ଣିତ ହୋଇଅଛି ।

ରାଧାଗୁପ୍ତ, ବାଣଭଟ୍ଟ, କୁନାଲ, ସଂଘମିତ୍ରା, ନିହାରିକା, ତୁଳସୀ, ଜୟପାଳ ଆଦି ଚରିତ୍ର ଏହି "ପ୍ରିୟଦର୍ଶୀ" ନାଟକରେ ପରିଲିଖିତ ହୋଇଅଛି ।

ଏହି ନାଟକର ବିଷୟ ବିନ୍ୟାସ ମଧ୍ୟରେ ଭୟାଭୟ କଳିଙ୍ଗଯୁଦ୍ଧର ଅବତାରଣା କରାଯାଇଛି – ସମୁଦାୟ ନାଟକଟିକୁ ପାଚଂଗୋଟି ଦୃଶ୍ୟରେ ବିଭକ୍ତି କରାଯାଇଅଛି । ନାଟକଟିର ଘଟଣା ଲୋକ ପରିଚିତ ।

କାଳିନ୍ଦୀଚରଣଙ୍କ "ମାର୍କଟ୍ୱେନ" ପ୍ରବନ୍ଧ ଯାହା ମୁଖ୍ୟତଃ ଆମେରିକାର ବିଶିଷ୍ଟ କଥାଶିଳ୍ପୀ ମାର୍କଟ୍ୱେନଙ୍କ ଜୀବନୀ ସମ୍ପର୍କରେ ଏକ ରଚିତମୂଳକ (Biographical) ପ୍ରବନ୍ଧ । ଟ୍ୱେନ ବିଶେଷତଃ ଜଣେ ଗଦ୍ୟ ଲେଖକ, ଯାହାଙ୍କ ରଚନାଶୈଳୀ ମୁଖ୍ୟତଃ ବ୍ୟଙ୍ଗବିଦ୍ରୁପଭରା ହାସ୍ୟରସାତ୍ମକ । ଉକ୍ତ ପ୍ରବନ୍ଧରେ ତାଙ୍କର ଜୀବନୀ, କେତେକ ମୌଳିକ ରଚନାକୃତି ପ୍ରକାଶିତ । ଇଂଲଣ୍ଡରେ ତାଙ୍କର ଖ୍ୟାତି ଏପରି ଭାବରେ ଆସିଥିଲା ଯେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲା ।

ପ୍ରାବନ୍ଧିକ କାଳିନ୍ଦୀଚରଣ ତାଙ୍କ ପ୍ରବନ୍ଧ ରଚନା ଜରିଆରେ ବିଶ୍ୱସାହିତ୍ୟରେ ବିଖ୍ୟାତ ସାହିତ୍ୟିକ ମାନଙ୍କୁ ଓଡିଆ ପାଠକଙ୍କ ନିକଟରେ ପରିଚିତ କରାଇଛନ୍ତି । କମ୍‌ବେଶୀରେ ଏହା ତାଙ୍କ ବିଶ୍ୱଦୃଷ୍ଟି ତଥା ଆନ୍ତର୍ଜାତୀୟ ଚେତନାର ପରିଚୟ ଦିଏ ।

ଭାରତୀୟ ସାହିତ୍ୟିକ ମାନଙ୍କ ମଧ୍ୟରେ କାଳିନ୍ଦୀଚରଣ ତିନିଜଣ ବିଶିଷ୍ଟ କବି ଓ ଲେଖକଙ୍କ ବିଷୟରେ ଆଲୋଚନାମୂଳକ ପ୍ରବନ୍ଧ ରଚନା କରିଅଛନ୍ତି । ତାମିଲ୍‌ର ସନ୍ଥକବି ତିରୁଉଲ୍ଲୁଭର, ପ୍ରେମଚାନ୍ଦ ତଥା ରବୀନ୍ଦ୍ରନାଥଙ୍କ ସାହିତ୍ୟିକ ଜୀବନ ସମ୍ପର୍କରେ ପ୍ରାବନ୍ଧିକ କାଳିନ୍ଦୀଚରଣ ବିଶେଷ ଆଲୋଚନା କରିଅଛନ୍ତି । ସେମାନଙ୍କର ସାହିତ୍ୟିକ ଜୀବନର ବୈଶିଷ୍ଟ୍ୟକୁ ଚିହ୍ନଟ କରିଅଛନ୍ତି ।

କାଳିନ୍ଦୀଚରଣ ତାଙ୍କର ପ୍ରବନ୍ଧ ରଚନାରେ କେବଳ ସାହିତ୍ୟିକ ସମସ୍ୟା ଉପରେ ମୂଳତଃ ଆଲୋଚନା କରିନାହାଁନ୍ତି କି କେବଳ ନିଜର ସାହିତ୍ୟ ବିଷୟ କି ଉପଲବ୍ଧିକୁ ବ୍ୟକ୍ତ କରିନାହାଁନ୍ତି ତାହା ସହିତ ବିଶ୍ୱର ବହୁ କ୍ରାନ୍ତିକାରୀ ଆନ୍ଦୋଳନ, ସାମାଜିକ ବିବର୍ତନ, ପରିବର୍ତିତ ସଭ୍ୟତା ତଥା ବହୁ ମହାପୁରୁଷଙ୍କ ଜୀବନୀକୁ ସେ ଲେଖିଛନ୍ତି ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧର ଅନ୍ୟଏକ ବଡଦିଗ ହେଲା - ମଣିଷ ଜୀବନର ନାନା ସୂକ୍ଷ୍ମରେ ଅନୁଭବ ବିଷୟରେ ବିଶ୍ଳେଷଣ କରିବା । ତାଙ୍କ ସାମୟିକ ସାହିତ୍ୟ ସମୀକ୍ଷା ପୁସ୍ତକଟିରେ ଛୟାଳିଶ୍ ଗୋଟି କ୍ଷୁଦ୍ର ପ୍ରବନ୍ଧ ସମାବେଶିତା ।

କାଳିନ୍ଦୀଚରଣଙ୍କ "ସାହିତ୍ୟ ବିଚାର" ଏକ ଉଲ୍ଲେଖନୀୟ ପ୍ରବନ୍ଧ, ଏକୋଇଶ ଗୋଟି ପ୍ରବନ୍ଧଯୁକ୍ତ ଏହି ସଂକଳନ କାଳିନ୍ଦୀଚରଣଙ୍କ ସୌନ୍ଦର୍ଯ୍ୟଦୃଷ୍ଟି ଓ ସାହିତ୍ୟିକ ଅଭିରୁଚିର ପରିଚୟ ଦେଇଥାଏ । ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶ୍ରେଣୀମାନଙ୍କରେ କାଳିନ୍ଦୀଚରଣଙ୍କ ସାହିତ୍ୟ ଓ ସଂସ୍କୃତି ବିଚାରମୂଳକ ଅନେକ ପ୍ରବନ୍ଧ ପାଠ୍ୟ ରୂପେ ପ୍ରଚଳିତ । ଏହି ସଂକଳନରେ ଜଣେ ମଣିଷ ବିରୋଧାଭାଷ, ସାହିତ୍ୟରେ ପରିବର୍ତିତ ଭାବବୋଧ, ପ୍ରାଚୀନ ଭାରତର ବିଦ୍ୱଷୀ, ସାହିତ୍ୟରେ ବ୍ୟବସାୟ, ସଭ୍ୟତାର ପହିଲି ପେଷା, କିଶୋରଜ୍ଞାନ, ମହୋଞ୍ଜୋଦାରୋ, ଦକ୍ଷିଣାୟନ ଆଦି ପ୍ରବନ୍ଧ କାଳିନ୍ଦୀଚରଣଙ୍କ ଚିନ୍ତା ଓ ଚେତନାର ସ୍ମାରକୀ ।





## ଗୋଲାପ ତୋଡା

କବି ନରେନ୍ଦ୍ର ମୋଦି ଗୋଲାପ ତୋଡା କବିତାଟିରେ ନିଜର କବିତ୍ୱର ଭାବକୁ ପ୍ରକାଶକରି ମାନବ ପଙ୍କରୁ ପଦ୍ମଜ ତୋଳିଥାଏ ବୋଲି ଗୋଲାପ ତୋଡା କବିତାରେ ବର୍ଣ୍ଣିତ ।

ଦେଖ ସେଠି ସୁଗଭୀର ଗର୍ତ
ଘୃଣା ଆବର୍ଜନାର ମାନବକୃତ ଏ ଗର୍ତ
ମୁଁ ଚାହେଁ ବନିବାକୁ ସେତୁ ଏକ
ଅନ୍ତରରେ ପ୍ରେମ ଭାବନେଇ
ମଣିଷ ସଂଗୋଷ୍ଠୀ ସମୂହ ହିତରେ
ଏକ ନିଆରା ଅଦ୍ଭୁତ ମୁହୁର୍ତ
ନର୍ଦ୍ଦମାରେ ଗଡ଼ିଗଡ଼ି ତା'ରି ଭିତରୁ ଫୁଟିଛି ଗୋଲାପ
ଜନ୍ମତା'ର କେବେ ହେବନି ବି ବ୍ୟର୍ଥ
ନର୍ଦ୍ଦମାର ସମସ୍ତକୁ ବାଲୁଙ୍ଗାକୁ ପୋଛି
ଆବିଷ୍କାର କରୁ ଆମେ ଗୋଲାପର ତୋଡ଼ା ।

## ହିନ୍ଦୁ ଭାବେ ମୁଁ ଗର୍ବୀତ

ପ୍ରତିବେଶୀର, ସୁଖବୃଦ୍ଧି ମୋର ଆନନ୍ଦ, ସେହି ବନ୍ଧୁଙ୍କ ସାଥି ମୁଁ ଏକା ଲୋଡେ, ଯାହା ହୃଦୟରେ ଭରିଅଛି ବେଶ ଭକ୍ତିର ଭାବନା, ଯେତେବେଳେ ନର୍ମଦା ବୋହୁଛି ।

କବି ନରେନ୍ଦ୍ର ମୋଦି ନିଜକୁ ଜଣେ ମାନବ ତତ୍‌ସହ ନିଜ ଜାତି ହିନ୍ଦୁକୁ ନେଇ କବିତା ରଚନା କରିଛନ୍ତି । ସେ ନିଜ ଜୀବନକୁ ମଣିଷ ଓ ହିନ୍ଦୁ ନେଇ ଗର୍ବ ଅନୁଭବ କରିଅଛନ୍ତି ।

ମୁଁ ଗର୍ବୀତ ମୁଁ ଜଣେ ମାନବ ଆଉ ମୁଁ ହିନ୍ଦୁ
ହିନ୍ଦୁର ସଫଳତା ମୋତେ ଦିଏ ଅପୁରନ୍ତ ଆନନ୍ଦ
ଅନନ୍ତ ବାରିଧି, ବାହାର ଜୀବନର ଦୁଃଖ ବିନିମୟରେ
ଚାହେନାଁ ମୁଁ ଶାନ୍ତି
ପ୍ରତିବେଶୀର, ସୁଖବୃଦ୍ଧି ମୋର ଆନନ୍ଦ
ସେହି ବନ୍ଧୁଙ୍କ ସାଥୀ ମୁଁ ଏକା ଲୋଡେ
ଯା ହୃଦୟରେ ଭରିଅଛି– ଦେଶ ଭକ୍ତିର ଭାବନା
ଯେତେବେଳେ ନର୍ମଦା. ବୋହୁଛି
ଶରୀରର ଲହୁ ସମ, ସେତେ ବେଳେ ମଣେ
କୁସୁମର ପାଖୁଡାରେ କରକାର ବିନ୍ଦୁସମ
ମୁଁ ଗର୍ବୀତ ମୁଁ ଜଣେ ମାନବ, ମୁଁ ଜଣେ ହିନ୍ଦୁ
କ୍ଷୁଦ୍ରଯାଏ ଚକ୍ଷୁ ମଣେସତ
ହେଲେ ତା'ର ଦୃଷ୍ଟି ଶକ୍ତି ଅଟଇ ଅସୀମ
ଧର୍ମର ଦ୍ୱାହି ଦେଇ ସଂକିର୍ଣ୍ଣତା ଆଣିନି ମୋ ମନେ
ମୋ ଶିକ୍ଷାର ଧାରା ଅସୁମାରୀ
ଅଗଣିତ ସୂର୍ଯ୍ୟ ତାରା ଘନ ଓ ନକ୍ଷେତ୍ରମାଳା
ମୋ ମନ ଆକାଶେ ମୁଁ ଗୋଟିଏ ଜହ୍ନ
ମୁଁ ଗର୍ବୀତ ମୁଁ ଜଣେ  ମାନବ ଆଉ ମୁଁ ଜଣେ ହିନ୍ଦୁ ।





କାଳିନ୍ଦୀଚରଣଙ୍କ "ମଥୁରା ମଙ୍ଗଳ ସମାଲୋଚନା" ଏକ ଚମତ୍କାର ସାହିତ୍ୟ ଆଲୋଚନାମୂଳକ ପ୍ରବନ୍ଧ । ଏହାକୁ ସାହିତ୍ୟ ସମାଲୋଚନା ବୋଲି ନିର୍ଦ୍ଦିଷ୍ଟ ଭାବରେ କୁହାଯାଇପାରେ । ଉକ୍ତ ପ୍ରବନ୍ଧରେ ସେ ଓଡିଆ କାବ୍ୟ ପରମ୍ପରା ଓ ସେଥିରେ 'ମଥୁରା ମଙ୍ଗଳ'ପରି କାବ୍ୟର ବିଶେଷତ୍ୱ କଥା ଉଲ୍ଲେଖ କରିଛନ୍ତି । ଏହି କାବ୍ୟର  ଭାବଦର୍ଶନ, କବିତ୍ୱ, ଭାଷା ଅଳଙ୍କାର ପ୍ରତିଟି ବିଷୟ ଉପରେ ସେ ଆଲୋକପାତ କରିଛନ୍ତି । ବୈଷ୍ଣବ ସାହିତ୍ୟର ରାଧାକୃଷ୍ଣ ତତ୍ୱ ବିଷୟଟିର ମୂଳକଥା ସମ୍ପର୍କରେ କାଳିନ୍ଦୀଚରଣ ସବିଶେଷ ଆଲୋଚନା କରିଛନ୍ତି । ଓଡିଆ ସମାଲୋଚନା ଧାରାରେ କାଳିନ୍ଦୀଚରଣଙ୍କ ଏହି 'ମଥୁରା ମଙ୍ଗଳ' ସମାଲୋଚନା ଏକ ଉଲ୍ଲେଖଯୋଗ୍ୟ କୃତି ହୋଇରହିବ । ମଥୁରା ମଙ୍ଗଳ କାବ୍ୟର ସରଳ ଭାଷା ଓ କବିତ୍ୱକୁ କାଳିନ୍ଦୀଚରଣ ନିଷ୍କପଟ ଭାବରେ ସ୍ୱୀକାର କରିଅଛନ୍ତି ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧର ଅନ୍ୟଏକ ବିଶ୍ଳେଷଣ ହେଲା ତାଙ୍କର ସ୍ୱାଭାବିକ ଭାଷା ଶୈଳୀ, ତାଙ୍କ ପ୍ରବନ୍ଧଗୁଡିକ ଖୁବ୍‌ବେଶୀ ରୂଢ ଦାର୍ଶନିକତାର ଭାରାକ୍ରାନ୍ତ ନୁହେଁ କି ତାଙ୍କ ପ୍ରବନ୍ଧଗୁଡିକର ଭାଷା ପାଶ୍ଚାତ୍ୟପୂର୍ଣ୍ଣ ନୁହେଁ ।

"ସାହିତ୍ୟର କାଉଁରୀ କାଠି" କାଳିନ୍ଦୀଚରଣଙ୍କ ଆଉ ଏକ ଚମତ୍କାର ପ୍ରବନ୍ଧ । ସାହିତ୍ୟ ଅସତ୍ୟ, ଅଶିବ, ଅସୁନ୍ଦରକୁ ମଧ୍ୟ ସତ୍ୟ-ଶିବ-ସୁନ୍ଦର ରୂପଦିଏ । ସାନକୁ ବଡ, ଉଚ୍ଚକୁ ନୀଚ, ସୁନ୍ଦରକୁ କୁତ୍ସିତ, ଧନୀକୁ ଦରିଦ୍ର, ପଣ୍ଡିତକୁ ମୂର୍ଖ, ପାପକୁ ପୂର୍ଣ୍ଣ, ଦୁଃଖକୁ ସୁଖ ପୁଣି ଅନ୍ଧାରକ ଆଲୁଅ କରି ଦେଖାଇଦେବାରେ ଯେଉଁ ସୃଜନଶୀଳ ପ୍ରଜ୍ଞାଶକ୍ତି ଓ ସାହସ ତାହାର ଅଛି – ତାହା କୌଣସି ତଥା କଥିତ ବିଚାରାଳୟ ବା ଶାସନ ଦରବାରରେ ନାହିଁ ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧ ରଚନା ଯଥେଷ୍ଟ ନହେଲେ ମଧ୍ୟ ତାଙ୍କର ପ୍ରବନ୍ଧଗୁଡିକର  ନୂତନତ୍ୱକୁ ଆଦୌ ଅସ୍ୱୀକାର କରାଯାଇ ପାରିବନାହିଁ । ଜଣେ ଭଲ କବି ଓ କଥାଶିଳ୍ପୀ ହେବାର ଯେଉଁ ନଜର ସବୁ ଅଛି କାଳିନ୍ଦୀଚରଣ ହେଉଛନ୍ତି ସେଭଳି ଜଣେ ସାରସ୍ୱତ ସାଧକ ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧରେ ପାଶ୍ଚାତ୍ୟରେ ତାଙ୍କର ବିଶ୍ୱାସ ଉପଲବ୍‌ଧିକୁ ଆମେ ଲକ୍ଷ୍ୟ କରିପାରୁ । "ବୋରିକ ପାସ୍ତର ନାକ" ପ୍ରବନ୍ଧରେ କାଳିନ୍ଦୀଚରଣ ବିଶ୍ୱବିଖ୍ୟାତ କଥାଶିଳ୍ପୀ ପାସ୍ତରନାକଙ୍କ ଜୀବନୀ ତଥା ସାହିତ୍ୟଦର୍ଶନ ବିଷୟ ଉଲ୍ଲେଖ କରିଅଛନ୍ତି । ଯୁଗେଯୁଗେ ନିର୍ଭୀକ କବି ଓ କଳାକାରମାନେ ଯେଉଁସବୁ ତଡନାର ସମ୍ମୁଖୀନ ହୋଇଛନ୍ତି ତା'ର ସୂଚନାଦେଇ ପାସ୍ତରନାକଙ୍କ ବିଷୟରେ ପ୍ରାବନ୍ଧିକ କାଳିନ୍ଦୀଚରଣ ଲେଖିଛନ୍ତି – ଜନମତର ଅନ୍ଧତାକୁ ଉଜ୍ଜ୍ୱଳକରି ଜଳିଉଠି ସତୀ ସୀତାର ଅଗ୍ନିପରୀକ୍ଷା । ଦେଶ, କାଳ, ରାଷ୍ଟ୍ର, ରାଜନୀତି ସବୁରି ଉର୍ଦ୍ଧ୍ୱରେ ଘୋଷିତ ହେଉଛି – ସତ୍ୟର ଆହ୍ୱାନ ଓ ବାସ୍ତବତାର ଆହ୍ୱାନ । ତା'ର ଭ୍ରୂକ୍ଷେପ କରେନାହିଁ ଦୁଃଖକୁ ପୁଣି ମୃତ୍ୟୁକୁ । ତାହା ଗଭୀର ତଥା ଉଦାର ମାନବିକତାର ଆହ୍ୱାନ । ସେହି ଆହ୍ୱାନ ଟୋଳି ପାସ୍ତରନାକ ବିଶ୍ୱସାହିତ୍ୟରେ  ଶହୀଦ ହୋଇଛନ୍ତି ।

କାଳିନ୍ଦୀଚରଣଙ୍କ "ବେଗ ହିଁ ଉନ୍ନତିର ଲକ୍ଷଣ" ପ୍ରବନ୍ଧଟି ଏକ ଚିନ୍ତାମୂଳକ ଉଚ୍ଚକୋଟୀର ପ୍ରବନ୍ଧ । ସେ ପ୍ରତିଟି ବିଷୟ ଗତିବେଗକୁ ହିଁ ଉନ୍ନତର ଲକ୍ଷଣ ବୋଲି ଯୁକ୍ତିକରି ପ୍ରତିପାଦନ କରିଅଛନ୍ତି । ଏହି ବେଗ ହିଁ ଆଧୁନିକ ସଭ୍ୟତାକୁ ଜନ୍ମଦେଇଛି । ବେଗ ସଭ୍ୟତାର ନିଦର୍ଶନ । ମଣିଷର ପ୍ରତିଯୋଗିତା ଓ ପ୍ରବଣତା ତାକୁ ଆଜି ଅଧିକ ସଭ୍ୟ ଓ ଉନ୍ନତ କରିଅଛି । ପ୍ରାବନ୍ଧିକ ଯୁକ୍ତିକରି କହିଛନ୍ତି – ବେଗ ମଣିଷର ପ୍ରକୃତିଗତ । ଏହା ତାହାର ଦେହର ଧର୍ମ । ମଣିଷ ଶରୀରର ପ୍ରତି ଧମନୀରେ ହିଁ ରକ୍ତ ପ୍ରବାହ ମହାବେଗରେ ଧାବିତ । ପୃଥିବୀର ବହୁ ବସ୍ତୁ ଏହି ବେଗର ଅଧିନ । ଗତି ମଣିଷକୁ ଆଗକୁ ନେଇଛି । ଆମର ଗତି ଆମ ପ୍ରଗତିର ମାପକାଠି । ଯୋଉଁ ସମାଜରେ ମଣିଷର ଅଦ୍ଭୁତ ଉଦ୍ଭାବନ ଓ ଆବିଷ୍କାର ତା'ର ଚିନ୍ତା ଓ ଚେତନାକୁ ଦ୍ରୁତ କରିଛି, ସେଠି ସଭ୍ୟତାର ବିକାଶ ସେତିକି ଦ୍ରୁତତର ହୋଇଅଛି ।

ତଦ୍‌ବାଦ କାଳିନ୍ଦୀଚରଣଙ୍କ ଅନେକ ସାହିତ୍ୟ ଆଲୋଚନାତ୍ମକ ପ୍ରବନ୍ଧ ରହିଅଛି – ସେଗୁଡିକ ମଧ୍ୟରେ – ଯୁଗ ପ୍ରବର୍ତକ ତଥା ଭାରତୀୟ ଓ ୟୁରେପୀୟ କବି, ଲେଖକଙ୍କ ଜୀବନୀ ମଧ୍ୟ ଆଲୋଚନା କରିଛନ୍ତି । ବେରିକ ପାସ୍ତର ନାକ, ମାର୍କଟ୍ୟୁନ, ରବିନ୍ଦ୍ରନାଥ, ଟଲଷ୍ଟୟ ପ୍ରମୁଖ କବି ଓ ଲେଖକଙ୍କ ସାରସ୍ୱତ ଜୀବନ କାଳିନ୍ଦୀଚରଣଙ୍କୁ ଆକୃଷ୍ଟ କରିଅଛି ।

କଥାଶିଳ୍ପୀ କାଳିନ୍ଦୀଚରଣ ନିଜର ପ୍ରବନ୍ଧ ରଚନାକୁ କେବଳ ସାହିତ୍ୟ ସମସ୍ୟା ଭିତରେ ସୀମିତ କରି ରଖିନାହାଁନ୍ତି, ସେ ପ୍ରକୃତରେ ବହୁ ଦୃଷ୍ଟିରୁ ସାହିତ୍ୟିକ ସମସ୍ୟାଗୁଡିକୁ ବିଚାର କରିଅଛନ୍ତି । ପ୍ରାବନ୍ଧିକ ଭାବରେ ତାଙ୍କର ଦୃଷ୍ଟିଭଙ୍ଗୀ ଯେତିକି ସମାଜ ନିର୍ଭରଶୀଳ ଓ ବାସ୍ତବବାଦୀ ତାହା ସେତିକି ମଧ୍ୟ ଅନ୍ତଦୃଷ୍ଟିର ଗଭୀର ଓ ଗମ୍ଭୀର ।

ପ୍ରାଚୀନ ଭାରତର ବିଦ୍ୱଷୀ, ଆଧୁନିକ ନାରୀ, ସୃଷ୍ଟି, ସ୍ଥିତି, ପ୍ରଳୟ ଆଦି ପ୍ରବନ୍ଧଗୁଡିକ ତାଙ୍କର ନାରୀ ସମସ୍ୟା ସଚେତନାକୁ ପ୍ରକଟନ କରେ । ତାଙ୍କ ପ୍ରବନ୍ଧର ଭାବଧାରା ଯେତେ ଆବେଗିକ ହେଲେ ମଧ୍ୟ ତା'ର ଉପସ୍ଥାପନା କିନ୍ତୁ ଅଧିକ ବିଶ୍ଳେଷଣାତ୍ମକ ଗବେଷଣାତ୍ମକ ନୁହେଁ ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧ "ଲାବଣ୍ୟବତୀରେ ଉପେନ୍ଦ୍ରଭଞ୍ଜ"ରେ ଉପେନ୍ଦ୍ରଭଞ୍ଜଙ୍କୁ ଜଣେ ଯାଦୁକର ବୋଲି ଅଭିହିତ କରିଅଛନ୍ତି । ଲାବଣ୍ୟବତୀରେ କବି ଉପେନ୍ଦ୍ରଭଞ୍ଜଙ୍କ ସୂକ୍ଷ୍ମତମ କଳ୍ପନା ପ୍ରକଟିତ ହୋଇଅଛି । ଲାବଣ୍ୟବତୀ – ଏକ ଶୀର୍ଷସ୍ଥାନୀୟ ସୌକୁମାର୍ଯ୍ୟ ସୃଷ୍ଟିର ନିଦର୍ଶନ ବୋଲି ପ୍ରାବନ୍ଧିକ ଅଭିମତ ଦେଇଛନ୍ତି । ଲାବଣ୍ୟବତୀକୁ ସୂକ୍ଷ୍ମତମ ଅନୁଭବ ତଥା ସମ୍ବୋଦନଶୀଳ ସୌନ୍ଦର୍ଯ୍ୟ ଦୃଷ୍ଟିର ଚାରୁ ଆଲେଖ୍ୟ ବୋଲି ଅଭିହିତ କରିଛନ୍ତି ।

କାଳିନ୍ଦୀଚରଣ ବିଶ୍ୱକବି ରବିନ୍ଦ୍ରନାଥଙ୍କୁ ରସସୃଷ୍ଟି ମଧ୍ୟରେ ଅନନ୍ୟ "ସତ୍ୟସନ୍ଧାନୀ" ବୋଲି ଅଭିହିତ କରିଅଛନ୍ତି । ରବିନ୍ଦ୍ରଙ୍କ କବିପ୍ରାଣ କେତେଭାବେ ମହାଦିଗନ୍ତ ପ୍ରତି ଉନ୍ମୁଖ ଥିଲା ସେ ବିଷୟ ବର୍ଣ୍ଣନାକରି ପ୍ରାବନ୍ଧିକ ରବିନ୍ଦ୍ରନାଥଙ୍କୁ ଅନନ୍ୟ ପ୍ରତିଭାର କବିବୋଲି ବର୍ଣ୍ଣନା କରିଅଛନ୍ତି ।





## ତ୍ୟାଗୀ

କବି ନରେନ୍ଦ୍ର ମୋଦି 'ତ୍ୟାଗୀ' କବିତାରେ ମାନବର ତ୍ୟାଗକୁ ସମାଜରେ ବାଧାବନ୍ଧନକୁ ଆଉ ପ୍ରତିବେଶୀ ଗଣେ ନଦେଖି ସମସ୍ତ ମାନବସମାଜ ପାଇଁ ପାରୁ ପର୍ଯ୍ୟନ୍ତ ନିଜ ଜୀବନକୁ ତ୍ୟାଗ କରିବାକୁ ସୂଚାଇଛନ୍ତି ।

ତ୍ୟାଗ କର ଗ୍ଳାନୀ ଆଉ ଶରୀରର ଶୋହ
    ତ୍ୟାଗକର ବସ୍ତୁବାଦୀ ଚିନ୍ତା ମୁକ୍ତ ହୁଅ ଶୋହ ବନ୍ଧନରୁ
ଭାଙ୍ଗୀ ଦିଅ ସମାଜର ଦୁଃର୍ଗ ଆବଧ ପି.........
    ତ୍ୟାଗକର ସଗ୍ନବିଭରତା ବୃଥା ବିଳସକୁ
ଭ୍ରମି ଭ୍ରମି ସାରା ନିସା ଭୁସ ସାରା ବିଶ
    ନିରନ୍ଦ ଅନ୍ଧାରେ ବାର୍ତାଳା.. ଚାଲତୁ ଏକାକୀ
ଭାଙ୍ଗୀ ଦିଅ ସମାଜର ବାଧା ବନ୍ଧନକୁ
    ଦେଖନାହିଁ  ଆଉକାରେ ପ୍ରତିବଶୀ ଗଣେ
ତ୍ୟାଗକର ସକଳ ସଂଗ୍ରାମ
    ଢ଼ାଙ୍କିଦିଅ ଆପଣାକୁ କୋମଳ କମ୍ବଳେ
ସେ ଜୀବନ ପଥରେ ।

## ବୈରାଗ୍ୟ

କବି ନରେନ୍ଦ୍ର ମୋଦିଙ୍କର ବୈରାଗ୍ୟ କବିତାଟି ଖୁବ୍ ହୃଦୟସ୍ପର୍ଶୀ । ମଣିଷ ନିଜ ଜୀବନରେ ସୁଖଶାନ୍ତି ପାଇଁ ମୋହମାୟା ତ୍ୟାଗକରି ବୈରାଗ୍ୟ ଜୀବନ (ତ୍ୟାଗ)ରେ ଆନନ୍ଦଥାଏ ବୋଲି ଉଲ୍ଲେଖ କରିଅଛନ୍ତି ।

ତ୍ୟାଗ କର ଗ୍ଲାନୀ ଆଉ ଶରୀରର ମୋହ
ତ୍ୟାଗକର ବସ୍ତୁବାଦୀ ଚିନ୍ତା ମୁକ୍ତ ହୁଅ ମୋହ ବନ୍ଧନରୁ
ଭାଙ୍ଗିଦିଅ ସମାଜର ଦୁର୍ଗ ଆବଦ୍ଧ ପିଞ୍ଜରାର ଦ୍ୱାର
ତ୍ୟାଗକର ସ୍ୱପ୍ନ ବିଭରତା ବୃଥା ବିଳାସକୁ
ଭ୍ରମି ଭ୍ରମି ସାରା ନିଶା ଭ୍ରମ ସାରା ବିଶ୍ୱ
ନିରନ୍ଦ୍ର ଅନ୍ଧାରେ ବାର୍ତାଳାପ ଚାଲ ତୁ ଏକାକୀ
ଭାଙ୍ଗିଦିଅ ସମାଜର ବାଧା ବନ୍ଧନକୁ
ଦେଖନାହିଁ ଆଉକାରେ ପ୍ରତିବେଶୀ ଗଣେ
ତ୍ୟାଗକର ସକଳ ସଂଗ୍ରାମ
ଢାଙ୍କିଦିଅ ଆପଣାକୁ କୋମଳ କମ୍ବଳେ
ସେ ବୀଜନ ପଥରେ ।





ପ୍ରବନ୍ଧ ଯେଉଁଥିରେ ସେ ସାହିତ୍ୟର କେତେକ ତାତ୍ତ୍ୱିକ ସମସ୍ୟା ବିଷୟରେ ନିଜର ଯୁକ୍ତି ଉପସ୍ଥାପନା କରିଅଛନ୍ତି ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧଗୁଡିକ ତାଙ୍କ ବିଶ୍ୱଦୃଷ୍ଟିର ପରିଚୟ ଦେଇଅଛି । ସେ ମହାକାଳର ମହାଜୀବନକୁ ଦେଖିବାପାଇଁ ମଧ ପ୍ରୋତ୍ସାହିତ ହୋଇଛନ୍ତି । ବୁଦ୍ଧି ଓ ହୃଦୟନିଷ୍ଠ ସାହିତ୍ୟ ସ୍ରଷ୍ଟା କାଳିନ୍ଦୀଚରଣଙ୍କ ଭାବଧାରା ବହୁଦେଶୀୟ ଉପରେ ଆଧାରିତ ।

କାଳିନ୍ଦୀଚରଣଙ୍କ ସତ୍ୟ, ଶିବ, ସୁନ୍ଦର ଓ ଦେଶ ଉନ୍ନତିର ଲକ୍ଷଣ ଆଦି ଯେଉଁ କେତୋଟି ଚିନ୍ତାମୂଳକ ପ୍ରବନ୍ଧ ରହିଛି, ସେଥିରେ ସେ ଆନ୍ତର୍ଜାତିକ ଚେତନାର ପରିଚୟ ଦେଇଛନ୍ତି ଓ ତାଙ୍କର ଯୁକ୍ତିର ଭୟ ଯେ କେବଳ ଓଡିଆ ସାହିତ୍ୟ କିମ୍ବା ଭାରତୀୟ ଧର୍ମ, ଦର୍ଶନ, ଆଲୋଚନାରେ ସୀମିତ ନୁହେଁ, ସେ ବିଶ୍ୱସାହିତ୍ୟକୁ ନାନା ନଜର ଦେଇଛନ୍ତି ଓ ଶୁଦ୍ଧ ତୁଳନାତ୍ମକ ଭାବରେ ଆଲୋଚନା କରିଅଛନ୍ତି ।

କାଳିନ୍ଦୀଚରଣ ତାଙ୍କର ସାହିତ୍ୟ ଆଲୋଚନାମୂଳକ ପ୍ରବନ୍ଧ ମଧ୍ୟରେ ନିଜର ସାରସ୍ୱତ ଅଭୀପ୍ସା ଓ ବିଶ୍ୱାସ ସବୁକୁ ରୂପାନ୍ତରିତ କରିଅଛନ୍ତି । "ସତ୍ୟ ଶିବ ସୁନ୍ଦର" ପ୍ରବନ୍ଧଟି ତାଙ୍କ ଶାସ୍ତ୍ରୀୟ ଚେତନାର ନିଦର୍ଶନ । ମହାଭାରତ ଯୁଦ୍ଧର ପୃଷ୍ଠଭୂମିରେ ଭଗବାନ କୃଷ୍ଣ ସଖା ଅର୍ଜୁନଙ୍କୁ କୁରୁକ୍ଷେତ୍ର ଯୁଦ୍ଧରେ ଅବତୀର୍ଣ୍ଣ ହେବାପାଇଁ ଯେଉଁ ପ୍ରୋତ୍ସାହନ ଦେଇଛନ୍ତି ତାହା ଉଲ୍ଲେଖକରି କାଳିନ୍ଦୀଚରଣ ଅର୍ଜୁନ କିପରି ସତ୍ୟ-ଶିବ-ସୁନ୍ଦର ପ୍ରତିଷ୍ଠା ପାଇଁ ଅସ୍ତ୍ର ଉତୋଳନ କରିଅଛନ୍ତି ଓ ଅବସାଦ ଭୁଲି ବୀରବିକ୍ରମରେ ସମର ପ୍ରାଙ୍ଗଣରେ ଅବତୀର୍ଣ୍ଣ ହୋଇଛନ୍ତି ତାହା ବର୍ଣ୍ଣନା କରିଅଛନ୍ତି, ସତ୍ୟ ଓ ନ୍ୟାୟ ପ୍ରତିଷ୍ଠା ନହେଲେ ସୁନ୍ଦରମ୍ ଉପଲବ୍ଧ ନୁହେଁ, ବୀରତ୍ୱ ହେଉଛି ସତ୍ୟ ଶିବ ସୁନ୍ଦରମ୍ ଉପଲବ୍ଧର ଏକମାତ୍ର ମାଧ୍ୟମ, ଆସକ୍ତ ପୁରୁଷ ସତ୍ୟ ଉପଲବ୍ଧ କରିପାରେନାହିଁ କି ସୁନ୍ଦରକୁ ଅବଲୋକନ କରିପାରେନାହିଁ, ଯୁଦ୍ଧ ହେଉଛି ସତ୍ୟର ପ୍ରତିଷ୍ଠା ପାଇଁ । ବିଶ୍ୱର ସ୍ୱାର୍ଥପାଇଁ ଅନେକଙ୍କ କଲ୍ୟାଣ ପାଇଁ ଏକ ପ୍ରୟୋଜନୀୟ ବିଷୟ ଯୁଦ୍ଧରେ ଅର୍ଜୁନ ଅବତୀର୍ଣ୍ଣ ହୋଇଛନ୍ତି । ଆପଣା ପ୍ରାଣରେ ସତ୍ୟ-ଶିବ-ସୁନ୍ଦରକୁ ଉପଲବ୍ଧ କରିବାପାଇଁ ।

ଠିକ୍ ସେହିପରି କାଳିନ୍ଦୀଚରଣଙ୍କ "ତ୍ୟାଗ ଓ ପ୍ରେମ" ପ୍ରବନ୍ଧରେ ତ୍ୟାଗପ୍ଲୁତ ପ୍ରେମର ସ୍ୱରୂପ ବିଷୟରେ ଆଲୋଚନା କରିଅଛନ୍ତି । ପ୍ରତିଟି ମଣିଷର ପ୍ରେମ ପାଶ୍ଚାତ୍ୟରେ ତ୍ୟାଗର ପ୍ରବଣତା ବିଦ୍ୟମାନ । ତ୍ୟାଗ ହିଁ ପ୍ରେମ ନୁହେଁ । ଆପଣାଙ୍କୁ ଭଲପାଇ କେହି ଅନ୍ୟକୁ ପ୍ରେମ କରିପାରେ ନାହିଁ । ଏହି ତ୍ୟାଗପ୍ଲୁତ ପ୍ରେମର ବହୁଚିତ୍ର 'ତ୍ୟାଗ ଓ ପ୍ରେମ' କାଳିନ୍ଦୀଚରଣ ପ୍ରଦାନ କରିଅଛନ୍ତି । ପିଆରର ଜୀବନ କଥା ଭିତରେ ପ୍ରାବନ୍ଧିକ ତ୍ୟାଗ ଓ ପ୍ରେମର ଆପେକ୍ଷିକ ସମ୍ପର୍କକୁ ଆଲୋଚନା କରିଅଛନ୍ତି । ନାରୀ - ପୁରୁଷକୁ କିପରି ଅସୀମକରି ଦେଖିଛି ଓ ବିଶ୍ୱମୟ କରିପାରିଅଛି ଓ ନାରୀର ଅର୍ଘ ଏହି ତ୍ୟାଗ ଓ ପ୍ରେମ ରୂପରେ କିପରି ସୁବାସିତ ହୋଇପାରିଛି ତା'ର ମନୋଜ୍ଞ ବାଖ୍ୟା ପ୍ରାବନ୍ଧିକ ଉକ୍ତ ପ୍ରବନ୍ଧରେ କହିଛନ୍ତି ।

ପ୍ରୟାସୀ ଥିବାରୁ ତାଙ୍କ ଅଧିକାଂଶ ଗଳ୍ପରେ ସେହି ଭାବଚେତନା ପ୍ରତିବଧ ଅଭିବ୍ୟକ୍ତି ଲାଭ କରିଅଛି । କୁସଂସ୍କାର ଓ ଅନ୍ଧବିଶ୍ୱାସ ସାମାଜିକ ଅନଗ୍ରସର ତା'ର କାରଣ ବୋଲି ସେ ସ୍ୱଷ୍ଟଭାବରେ ଉପଲବ୍ଧି କରିଅଛନ୍ତି ।

କାଳିନ୍ଦୀଚରଣଙ୍କ ଗଳ୍ପସବୁ ମଣିଷର ସାଧାରଣ ଭାବବେଗକୁ ଆହୁରି ସୁନ୍ଦର ଓ ସ୍ୱର୍ଗୀୟ କରି ପ୍ରକଟନ କରିଅଛି । କାରଣ ଜନସାଧାରଣ ଜୀବନ ସହିତ କଳାର ସର୍ବବିଧି ସଂଯୋଗ ରହିଛି ।

୫. **ପ୍ରାବନ୍ଧିକ କାଳିନ୍ଦୀଚରଣ :**

କାଳିନ୍ଦୀଚରଣ ପାଣିଗ୍ରାହୀ ଯେପରି ଜଣେ କବି, ଗାଳ୍ପିକ ତଥା ଔପନ୍ୟାସିକ ଥିଲେ, ଠିକ୍ ସେହିପରି ଜଣେ ସୃଷ୍ଟିଶାଳୀ ପ୍ରାବନ୍ଧିକ ଥିଲେ । ସେ କେବଳ ନିଜର ହୃଦୟ ସଂପ୍ରେରିତ ଆବେଗକୁ ତାଙ୍କର ଗଳ୍ପ ଓ କବିତାରେ ପ୍ରକାଶ କରିନାହାଁନ୍ତି ବରଂ ନିଜର ବୁଦ୍ଧି ଓ ବିଚାରକୁ ନାନାଭାବରେ ନିଜର ପ୍ରବନ୍ଧାବଳୀ ଜରିଆରେ ପ୍ରକଟନ କରିଅଛନ୍ତି । ଓଡିଆ ପ୍ରବନ୍ଧ ସାହିତ୍ୟର ଉତୋରଣ ଇତିହାସରେ ଅନନ୍ତ ପ୍ରେମ, ମହାସ୍ରୋତ, ଯୌବନର ପ୍ରତିଷ୍ଠା ଆଦି ଉନ୍ନତମାନର ପ୍ରବନ୍ଧ ପରି 'ତ୍ୟାଗ ତ ପ୍ରେମ', 'ସତ୍ୟ ଶିବ ସୁନ୍ଦର', 'ବେଗ ହିଁ ଉନ୍ନତର ଲକ୍ଷଣ', 'ବିଶ୍ୱରୂପ ଦର୍ଶନ' ଆଦି ପ୍ରବନ୍ଧ ଯଥେଷ୍ଟ ଲୋକପ୍ରିୟ

କାଳିନ୍ଦୀଚରଣ ଜଣେ ସାରସ୍ୱତ ଜଗତର ପୁରୁଷ ଭାବରେ ନିଜ ଶିଳ୍ପୀ ଜୀବନର ଅଭିଜ୍ଞତା, ନିଜର ଶାସ୍ତ୍ରଦର୍ଶିତା ଓ ନିଜର ସୂକ୍ଷ୍ମ ପର୍ଯ୍ୟାବେକ୍ଷଣକୁ ତାଙ୍କ ପ୍ରବନ୍ଧଗୁଡିକରେ ପ୍ରକାଶ କରିଅଛନ୍ତି । ତାଙ୍କ ପ୍ରବନ୍ଧ ଗୁଡିକର ଶୈଳୀ ଯେପରି ପରିଚ୍ଛନ୍ନ ଠିକ୍ ସେହିପରି ଯୁକ୍ତିନିଷ୍ଠ । ପ୍ରବନ୍ଧଗୁଡିକ ପାଠକଙ୍କ ଆଗରେ କେବଳ ବିବରଣୀର ଏକ ବନ୍ଧନିଷ୍ଠ ରଚନା ନୁହେଁ, ଏହା ତାଙ୍କର ଗଳ୍ପ, ଉପନ୍ୟାସ ପରି ମଧ୍ୟ ଉପଭୋଗ୍ୟ, ପାଠକଙ୍କ ବୁଦ୍ଧି ଓ ଚେତନା ବୃତିକୁ ପରିପୃଷ୍ଟ କରିବାରେ ଏହି ପ୍ରବନ୍ଧଗୁଡିକ ଅତୁଳନୀୟ ।

କାଳିନ୍ଦୀଚରଣଙ୍କ ପ୍ରବନ୍ଧଗୁଡିକ ମୁଖ୍ୟତଃ ଜଣେ ସାହିତ୍ୟିକ ଭାବରେ ଲେଖିଛନ୍ତି । ସମାଜବିଜ୍ଞାନୀ ଭାବରେ ନୁହେଁ ସେଥିପାଇଁ ତାଙ୍କ ପ୍ରବନ୍ଧଗୁଡିକ ମୁଖ୍ୟତଃ ସାହିତ୍ୟିକ ତଥା କେତେକାଂଶରେ ସାହିତ୍ୟିକଙ୍କ ଜୀବନୀ ।

କାଳିନ୍ଦୀଚରଣଙ୍କ ହିନ୍ଦୀ ସାହିତ୍ୟର କଥା ସମ୍ରାଟ ପ୍ରେମଚାନ୍ଦ, ବେରିକ ଫଷ୍ଟର ନାକ, ଲାବଣ୍ୟବତୀରେ ଉପେନ୍ଦ୍ର ଭଞ୍ଜ, ରବିନ୍ଦ୍ର ସାହିତ୍ୟରେ ବିଶ୍ୱପ୍ରେମ, ଫକୀରମୋହନଙ୍କ ଚରିତ୍ର ଚିତ୍ରଣ, ମାର୍କଟ୍ୱେନ, ଗୋପବନ୍ଧୁ ସ୍ମୃତି, କବିବର ରାଧାନାଥ, ରବିନ୍ଦ୍ର ଗଳ୍ପର ବିଶେଷତ୍ୱ ଆଦି ପ୍ରବନ୍ଧଗୁଡିକ ଯେପରି ବିଶିଷ୍ଟ ସାହିତ୍ୟିକଙ୍କ ସାହିତ୍ୟକୃତି ଓ ଜୀବନୀ ଉପରେ ଆଲୋକପାତ କରିଅଛି ଠିକ୍ ସେହିପରି କେତେକ ସାହିତ୍ୟିକ ସମସ୍ୟା ମଧ୍ୟ ତାଙ୍କ ପ୍ରବନ୍ଧ ମାନଙ୍କରେ ଉତ୍ଥାପିତ କରିଅଛନ୍ତି । ସାହିତ୍ୟର ବ୍ୟବସାୟ, ନବଯୁଗ ସାହିତ୍ୟ ସଂସଦ, ଉଦ୍‌ବୋଧନ, ସାହିତ୍ୟର କାଉଁରୀ କାଠି, ବ୍ୟଙ୍ଗବିଚାର ଆଦି





## ଭଗବାନ ଙ୍କ ଛତ୍ର ତଳେ

କବି ନରେନ୍ଦ୍ର ମୋଦି ମାନବଜୀବନ – ଅଦୃଶ୍ୟ ଶକ୍ତି ଭଗବାନଙ୍କ ଛତ୍ରତଳେ ବୋଲି ଅଭିହିତ କରିଅଛନ୍ତି ସଫଳତାର ଖୁସି ଓ ବିଫଳତାର ଦୁଃଖ କରିବାର ନାହିଁ ବୋଲି ସେ ଉଲ୍ଲେଖ କରିଛନ୍ତି – ସବୁ ଭଗବାନଙ୍କ ଦାନ ବୋଲି କହିଅଛନ୍ତି ।

ସଫଳତାର ପଦେ ପଦେ ଅହଂକାର ବିଦ୍ୟମାନ
ବିଫଳତାର ସାଥେ ସାଥେ ଆମେ ଚାହୁଁ କାହା ଦୟା
ଏ ଦୁଇ ମଧ୍ୟରେ ଅଛି ମୁକ୍ତି ଯାହାମୁଁ ଆଶା କରେ
ଭୀରୁତା ହିଁ ମୋର ଶତ୍ରୁ
ଦୈନ୍ୟ ମୋର ସାଥୀ ହୁଏ ନାହିଁ
ମୁଁ ଯଦି ବର୍ଷାରେ ଭିଜି ଯାଏ
ସେତେବେଳେ ତୁମେ ଆସ ସୂର୍ଯ୍ୟ କର ନେଇ
ଋତୁ ଆସେ ଋତୁ ଚାଲିଯାଏ
ଯାଏ କିନ୍ତୁ ଫେରିବାର ପାଇଁ
କିନ୍ତୁ ମୋ ହୃଦୟ ଋତୁ ଚକ୍ର ମଧ୍ୟେ
ତୁମେ ଅଟ ସାଶ୍ୱତ ବସନ୍ତ
ତୁମେ ମୋତେ ଏତେ ଯେ ଦେଇଛ
କି ଦେଇ ବା ପୂଜିବି ତୁମକୁ କରିବା ସନ୍ତୋଷ ।

## ଆସିଛି ବସନ୍ତ

କବି ନରେନ୍ଦ୍ର ମୋଦିଙ୍କର ପ୍ରକୃତିଭରା କବିତା ଆସୁଛି ବସନ୍ତ । ବସନ୍ତ ରତୁର ଆଗମନରେ ଧରଣୀର ବର୍ଣ୍ଣନା ସେ ସୁନ୍ଦର ଭାବରେ କରିଅଛନ୍ତି । ସେ ଧନୀ ଓ ଗରିବ ପାଖରେ ସମସ୍ତେ ସମାନ ଅଟନ୍ତି, ପ୍ରକୃତିର ମନୋରମ ପାଖରେ ।

ଆଜି ଚମକି ଉଠେ ଜଙ୍ଗଲ ସତେ ଯେମିତି ଏକ ବିବାହ ଉତ୍ସବ ପରି, ପ୍ରତିଟି ବୃକ୍ଷରାଶି ସଜେଇ ହେଉଛି ପ୍ରଜ୍ଜ୍ୱଳିତ ଦ୍ୱୀପ ପରି, ଦେବାକୁ ଆଶୀର୍ବାଦ ଆସୁଛନ୍ତି ସାଧୁସନ୍ଥ, ଶରତ ରତୁର ହୃଦୟ ଗାଇଉଠେ ଆସିଛି ବସନ୍ତ ।

ଶେଷ ହିଁ ଆରମ୍ଭ  ଆରମ୍ଭ ହିଁ ଶେଷ
ଶରତ ରୁତୁର ହୃଦୟ ଗାଇଥାଏ ଆସୁଛି ବସନ୍ତ
ଷୋହଳ ବର୍ଷର ବୟସ କେଉଁଠି  ନା କେଉଁଠି  କୋଇଲିର ଗାନ
ପ୍ରଜ୍ଜ୍ୱଳିତ କମଳା କେସୁଦା ପ୍ରେମର ବୃକ୍ଷ
ଲାଗୁଥାଏ ଏହା ଗରିବ ପରି ହେଲେ ଲୁକାଇତ ଥାଏ ଧନ ଅସୁମାରି
ଶରତ ରୁତୁର ହୃଦୟ ଗାଇଥାଏ ଆସିଛି ବସନ୍ତ
ଆଜି ଚମକି ଉଠେ ଜଙ୍ଗଲ ସତେ ଯେମିତି ଏକ ବିବାହ ଉତ୍ସବ ପରି
ପ୍ରତିଟି ବୃକ୍ଷରାଶି ସଜେଇ ହୋଇଛି ପ୍ରଜ୍ଜ୍ୱଳିତ ଦ୍ୱୀପ ପରି
ଦେବାକୁ ଆଶୀର୍ବାଦ ଆସୁଛନ୍ତି ସାଧୁସନ୍ଥ
ଶରତ ରୁତୁର ହୃଦୟ ଗାଇଉଠେ ଆସୁଛି ବସନ୍ତ ।





କରିପାରିନାହିଁ । ସେମାନଙ୍କ ମଧ୍ୟରେ କେହିକେହି କୁହନ୍ତି – ଜ୍ୟୋତ୍ସ୍ନା ନିଶିରେ ଆଲୁଳାୟିତ କେଶା, ନଗ୍ନ ମୂର୍ତ୍ତିର ଜଣେ ଯୁବତୀ ଶୁଭ୍ର ସିକତା ଉପରେ ତୀରବେଗରେ ଇତସ୍ତତଃ ଧାବମାନ ହୁଏ । କେହିକେହି କୁହନ୍ତି – ଅମାବାସ୍ୟାର ଅନ୍ଧକାର ରାତିରେ ସାଗର ବେଳାରେ ତରୁଣୀ କଣ୍ଠର ଗୋଟାଏ ଟହଟହ ହାସ୍ୟ ଶୁଣାଯାଏ ।

କାଳିନ୍ଦୀଚରଣଙ୍କ 'ଅପରାଧିନୀ' ଗଳ୍ପଟି ଏକ ସଂସ୍କାରମୂଳକ ଗଳ୍ପ – ଏହି ଗଳ୍ପଟି ଉପରେ ମହାତ୍ମାଗାନ୍ଧୀ ଓ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପରି ମହାତ୍ମାଙ୍କ ବିଧବା ବିବାହ ପ୍ରଚଳନ ଆଦର୍ଶର ପ୍ରଭାବ ପ୍ରତିଫଳିତ ହୋଇଅଛି । ସୁଷମା ସ୍ୱାମୀ ଘରେ କିପରି ନିର୍ଯ୍ୟାତିତ ହୋଇଛି ଓ ପିତାମାତାଙ୍କ ଦ୍ୱାରା ମଧ୍ୟ ଭର୍ତ୍ସିତା ହୋଇଛି ତା'ର ଏକ କରୁଣ ଚିତ୍ର ଆଙ୍କିଛନ୍ତି ଗାଳ୍ପିକ କାଳିନ୍ଦୀଚରଣ ।

କାଳିନ୍ଦୀଚରଣଙ୍କ 'ମଣିମା' ଗଳ୍ପ ଗୋଟିଏ ଅବକ୍ଷୟଗ୍ରସ୍ତ ସାମନ୍ତ ପରିବାରର ଚିତ୍ର । ଓଡିଶାର ସର୍ବତ୍ର ଏହି ସାମନ୍ତମାନେ କିପରି କାଳକ୍ରମେ ବିତହୀନ ହୋଇଯାଇଛନ୍ତି – ସେହି ଦାରୁଣ ଅବକ୍ଷୟର କରୁଣ ଚିତ୍ରଟିଏ ସତେ ଯେପରି ଗାଳ୍ପିକ ତାଙ୍କ 'ମଣିମା' ଗଳ୍ପରେ ଆଙ୍କିଛନ୍ତି । ସାମନ୍ତ ପରିବାରଟି ବିଳାସବାସନରେ କାଳଯାପନ କରି ଯେତେବେଳେ ରଣଗ୍ରସ୍ତ ହୋଇ ନିଃସ୍ୱ ହୋଇଗଲେ ସେତେବେଳେ ତାଙ୍କ ଉପରେ ନିର୍ଭର କରୁଥିବା ତାଙ୍କ ଘରର ଚାକର ପୂଜାରୀମାନେ କିପରି ସେମାନଙ୍କୁ ଉଣ୍ଡିଛନ୍ତି (ମନେ ପକାଉଛନ୍ତି) ତା'ର ଏକ ନିଃଛକ ଚିତ୍ର ଗାଳ୍ପିକ ସାମନ୍ତ ପରିବାରର ପରିକଳ୍ପନାକୁ ରୂପାୟିତ କରିଅଛନ୍ତି ।

ଗାଳ୍ପିକ କାଳିନ୍ଦୀଚରଣଙ୍କ – 'ଦ୍ୱିତୀୟା ଚାନ୍ଦ' ଏକ ସାମାଜିକ ଗଳ୍ପ । ନାରୀଟିଏ କିପରି ଲକ୍ଷ୍ମୀପ୍ରତିମା ପରି ନିଜର ସ୍ୱାମୀଙ୍କୁ ଧନ୍ୟ ଧାନ୍ୟର ପ୍ରାଚୁର୍ଯ୍ୟ ଆଣିଦିଏ ତା'ର ଚାନ୍ଦ ଚରିତ୍ର ଭିତରେ ଗାଳ୍ପିକ ବର୍ଣ୍ଣନା କରିଅଛନ୍ତି । ସ୍ୱାମୀ ଦ୍ୱିତୀୟାଠାରୁ ସ୍ତ୍ରୀ ଚାନ୍ଦ ଅଧିକ କଷ୍ଟସହିଷ୍ଣୁ ଓ ବୁଦ୍ଧିମତୀ । ସେ ଦ୍ୱିତୀୟା ଘରକୁ ସ୍ତ୍ରୀ ହୋଇ ଆସିବା ଦିନଠାରୁ ଘରେ ଧାନଚାଉଳର ସାମାନ୍ୟତମ ଅଭାବ ପରିଲକ୍ଷିତ ହୋଇନାହିଁ ।

କାଳିନ୍ଦୀଚରଣଙ୍କ ଅଧିକାଂଶ ଗଳ୍ପରେ ନାରୀ ଜୀବନ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ବେଦନଶୀଳତା ଅଧିକ ବ୍ୟକ୍ତ ହୋଇଅଛି । ଗାଳ୍ପିକ ମନେ କରିଅଛନ୍ତି – ନାରୀପ୍ରତି ସାମାଜିକ ସମ୍ମାନବୋଧ ହେଉଛି – ଯଥାର୍ଥରେ ସାମାଜିକ ବିକାଶର ଲକ୍ଷଣ । ନାରୀପ୍ରତି ଅସମ୍ମାନ ଓ ଅବହେଳା ପ୍ରଦର୍ଶନ କରି କୌଣସି ସମାଜ ବିକଶିତ ହୋଇପାରିନାହିଁ । ମାନବୀୟ ଦୟା, ବିବେକ, ଶ୍ରଦ୍ଧା ଓ ସହାନୁଭୂତିତା ଭିତରେ ମଣିଷ ମଣିଷକୁ ଲୋଡ଼ୁ ଏହାଥିଲା – କାଳିନ୍ଦୀଚରଣଙ୍କ ଉପଲବ୍ଧିତାର ବିଷୟ ।

କାଳିନ୍ଦୀଚରଣଙ୍କ ଗଳ୍ପ ସଂକଳନ ଗୁଡିକ ମଧ୍ୟରେ ୩୯ ଗୋଟି ଗଳ୍ପ ରଚନା କରିଅଛନ୍ତି । ତାଙ୍କ ଗଳ୍ପଗୁଡିକ ମଧ୍ୟରେ ଉଲ୍ଲେଖଯୋଗ୍ୟ ବିଷୟ ଓ ବୈଚିତ୍ର୍ୟ ରହିଅଛି । ମାତ୍ର ସେ ଅଧିକ ସଂସ୍କାର

ତାଙ୍କ ଗଳ୍ପରେ ଚରିତ୍ରସବୁ ସେ ଆମ ଓଡିଆ ସମାଜରୁ ହିଁ ବସ୍ତୁତଃ ଆହରଣ କରିଛନ୍ତି । ତାଙ୍କ ଗଳ୍ପଗୁଡିକର ଭାଷା ସୃଜନଶୀଳ ଓ କେତେକାଂଶରେ ନାଟକୀୟ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ, ଭାରତର ସ୍ୱାଧିନତା ଆନ୍ଦୋଳନ, ଭାରତର ତଦାନ୍ତିକ ସାମାଜିକ ଓ ରାଜନୈତିକ ପୃଷ୍ଠଭୂମି ଓ ଅର୍ଥନୈତିକ ଅବସ୍ଥା କାଳିନ୍ଦୀଚରଣଙ୍କ ଗଳ୍ପରେ ନାନାଭାବରେ ଚିତ୍ରିତ ହୋଇଅଛି । ପୁଣି ଭାରତର ସଂପ୍ରଦାୟିକ ବିଭାଜନ, ସାଂପ୍ରଦାୟିକ ଦଙ୍ଗା, ଶରଣାର୍ଥୀ ସମସ୍ୟା ଆଦି ବହୁ ବୃହତର ଜାତୀୟ ଜୀବନର ଛବି ତାଙ୍କ ଗଳ୍ପର ବିଷୟ ପରିସରଭୁକ୍ତ ହୋଇଅଛି ।

କାଳିନ୍ଦୀଚରଣଙ୍କ ଗଳ୍ପର ବିଷୟବସ୍ତୁ ବ୍ୟାପକ, ସେ ଆମର ସମାଜ, ପରିବାର ଓ ଅନ୍ୟ ଅନେକ କଥାକୁ ଲେଖିବା ସହିତ ଯୁଦ୍ଧ, ଦୁର୍ଭିକ୍ଷ ତଥା ସମ୍ପ୍ରଦାୟକ ଦଙ୍ଗାର ଚିତ୍ର ମଧ୍ୟ ଆଙ୍କିଛନ୍ତି ।

ଗାଳ୍ପିକ କାଳିନ୍ଦୀଚରଣଙ୍କ - ବିଜୟ ଉତ୍ସବ, ଓଡିଶାରେ ମହାଯୁଦ୍ଧ, ଜୟହିନ୍ଦ୍, ପୁନଶ୍ଚ, ବାଦୀପାଲା, ରେଙ୍ଗୁନ ଯାତ୍ରା, ସାପୁଆ ଆଦି ଗଳ୍ପଗୁଡିକରେ ମୁଖ୍ୟତଃ ଯୁଦ୍ଧ ଓ ଦଙ୍ଗାର ଚିତ୍ର ଆଙ୍କିତ ହୋଇଛି ।

ସେହିପରି 'ପୁନଶ୍ଚ' ଗଳ୍ପ ମଧ୍ୟ ଦଙ୍ଗାଚିତ୍ର ସମ୍ବଳିତ ଏକ ଗଳ୍ପ । ହିନ୍ଦୁ, ମୁସଲମାନଙ୍କ ମଧ୍ୟରେ ଭୟଙ୍କର ସାଂପ୍ରଦାୟିକ ଦଙ୍ଗା ଏହି ଗଳ୍ପରେ ବର୍ଣ୍ଣିତ । କରିମ ଓ ସିନ୍ଧୁଆର ନିବିଡ ବନ୍ଧୁତା ତଥା ନିଷ୍କପଟ ଜୀବନର କିପରି ଅବସାନ ଘଟିଛି ତା'ର ଦୁଃଖଦ ଚିତ୍ର ହେଉଛି - କାଳିନ୍ଦୀଚରଣଙ୍କ ପୁନଶ୍ଚ ଗଳ୍ପ ।

କାଳିନ୍ଦୀଚରଣଙ୍କ ଦ୍ୱିତୀୟ ଚାନ୍ଦ, ଚକ ବୁଲୁଥାଏ, ଉପହାର, ଜୟହିନ୍ଦ୍, ରୁଦ୍ରାକ୍ଷ, ନିୟତିର କ୍ରୀଡା ଏକ ସାମାଜିକ ବାସ୍ତବତାଭିତିକ ଗଳ୍ପ ଅଟେ । ସେ ଦିନର କୃଷିଭିତିକ ଓଡିଶାର ସାମାଜିକ ଜୀବନର ଧର୍ମ, ଅର୍ଥନୀତି, ନାନା ରାଜନୈତିକ ସମସ୍ୟା, ଶ୍ରେଣୀ ସଂଘର୍ଷ ତଥା ଶୋଷଣର ଚିତ୍ର ତାଙ୍କ ଗଳ୍ପରେ ପ୍ରଦାନ କରିଅଛନ୍ତି ।

କାଳିନ୍ଦୀଚରଣଙ୍କ ବଟିଘର, ରେଳଗାଡି ଅନ୍ୟତମ ସଫଳ ଗଳ୍ପ । ତାଙ୍କର "ପୋଷଣର ପ୍ରତୀକ୍ଷା" ଗଳ୍ପଟି ନାରୀ ମନସ୍ତତ୍ୱକୁ ଚିତ୍ରଣ କରିଅଛି । ପିତୃମାତୃହୀନ ନିରୁପମର ହରିଚନ୍ଦନଙ୍କ କନ୍ୟା ହେମମାଳୀ ପ୍ରତି ଶ୍ରଦ୍ଧା, ଆନ୍ତରିକତା ଏହି ଗଳ୍ପରେ ବର୍ଣ୍ଣିତ ହୋଇଅଛି । ଏଠାରେ ନାରୀ ଜୀବନର ତ୍ୟାଗ ଓ ମହନୀୟତା ମଧ୍ୟ ବର୍ଣ୍ଣିତ ହୋଇଛି ।

ବୟସ୍କା କଳିକାକୁ ଶିଳ୍ପୀମନ ଯେପରି ଗ୍ରହଣ କରିପାରିନାହିଁ ଏବଂ ଶିଳ୍ପୀର ଏକ ମାନସ୍ତାତ୍ୱିକ ପ୍ରତିକ୍ରିୟା ପ୍ରେମିକ ଗଳ୍ପରେ ଅନ୍ୟତମ ଦିଗ ।

କାଳିନ୍ଦୀଚରଣଙ୍କ ଏକ ଗଳ୍ପ "ସାଗରିକା" ଗାଳ୍ପିକ ସାଗରିକା ଗଳ୍ପରେ ପୁଣି ସେହି ରୋମାଟିଂକ୍ ଭାବବେଗ ଦେଖିବାକୁ ମିଳେ । ସାଗରିକା ଚରିତ୍ରଟିକୁ ଗାଳ୍ପିକ ସାଗର କନ୍ୟା ରୂପେ ତର୍ଜମା କରିଅଛନ୍ତି । ସେ ସାଗର କନ୍ୟା କୌଣସି ସାଧବ ସୌଦାଗରର ଅବରୁଦ୍ଧ ଗୃହସ୍ତ ଜୀବନକୁ ଯେପରି ସ୍ୱୀକାର





## ମିଥ୍ୟାର ଜୟଗାନ

କବି ନରେନ୍ଦ୍ର ମୋଦି - ମିଥ୍ୟାର ଜୟଗାନ କବିତାଟିରେ ମିଥ୍ୟା ଏକ ପ୍ରହେଳିକା, ନିୟତିର ଗତି ସର୍ବସ୍ୟ ବୋଲି ଅଭିହିତ କରିଅଛନ୍ତି ।

ତୁମେ ଯେବେ କୁହ ଜଳକୁ ପଥର ବା ପଥରରେ ଜଳ
ତୁମେ କୁହ ବାଦଲ କିବା ଆକାଶର ଭାଙ୍ଗ ?
ତୁମେ ଯଦି କୁହ ଦିବସକୁ ରାତ୍ରି ଅବା ବସନ୍ତକୁ ହିମ
ଏବଂ ସାରା ସମୁଦ୍ରକୁ ମରୁଭୂମି ବୋଲି
ସେହିପରି କହିପାର ଜୀବନକୁ ମୃତ୍ୟୁ ବୋଲି
ଏହା କେବଳ ତୁମ ବାକ୍ୟର ଭ୍ରମତା
ତମକୁ ସ୍ୱାଗତ କରାଯାଇପାରେ
ସତ୍ୟ ସାଙ୍ଗେ କରିବାକୁ ଚୁକ୍ତି
ନୀରବରେ ନିୟତି ଚାହିଁଛି
ସତ ମିଛ ପରୋଖି ଦେଖିବ ।

## ଛବି ଅନ୍ତରାଳେ

କବି ମୋଦି – ହିମାଳୟ ପାଦଦେଶରେ ତପସ୍ୟାର କଳ୍ପନାରତ ଥିବା ସମୟରେ ନିଜକୁ ନିଜର ପ୍ରତିଛବି ରୂପେ ଏ କବିତାଟିର ପରିକଳ୍ପନା କରିଥିଲେ ।

ମୋ ଦେହରେ ଦେଖ ଯାହା ଛବି
କିନ୍ତୁ ସେହି ପୋଷ୍ଟର ରେ ମୁଁ ଅଛି
ଅବା ନାହିଁ ଏହା ଏକ ଅଜବ ବିଚାର
ଛବି ନୁହେଁ ଆତ୍ମା ସମ ଭିଜେ ନାହିଁ ଜଳରେ ସେ କେବେ
ଅବା ପୋଡ଼େ ନାହିଁ ଅଗ୍ନିରେ କଦାପି
ଯେବେ ଏହା ପୋଡ଼ିଇ ଭିଜଇ ତାହା ସିନା ଛବିଟି ମାତ୍ର
କରେ ନାହିଁ ପ୍ରଚେଷ୍ଟା ମୁଁ କେବେ
ଖୋଜିବାକୁ ଛବିରେ ଆତ୍ମାକୁ
ଧ୍ୟାନ ମୁଦ୍ରାରେ ଥାଏ ଯେବେ
ସବୁ ଭାସି ଉଠେ କଳ୍ପନା ରେ ମୋର
ମୋର ପରିଚୟ ହିଁ ମୋର କର୍ମ
କର୍ମ ଯାହା ଜୀବନ ସଙ୍ଗୀତ
ଯାହାର ଅଛି ସ୍ୱର ଲୟ ଓ ଗୀତାର ମହକ
ମୋର କର୍ମ ମଣ୍ଡନ କରିଥାଏ ଛବିର ବନ୍ଧେଇରେ
ତୁମ ଆଖିରେ ପଢ଼ିବା ପାଇଁ
ବିନା କାରଣରେ ସିକ୍ତ ହୋଇ
ଏବଂ ତୁମେ ଅନୁଭବ କରିଥାଅ ମୋର ପବିତ୍ର ପ୍ରେମ
ଏହି ଛବିରେ ନୁହେଁ କିନ୍ତୁ ସୁଗନ୍ଧରେ
ତୁମେ ମୋତେ ପାଇଥାଅ, ମୋ ପରିଶ୍ରମର ଝାଳରେ
ମୁଁ ବିଶ୍ରାମ ନେଇଥାଏ ପରିଛୋଦର ସ୍ତୁପ ଯୋଜନାରେ
ମୋର ସ୍ୱର ଏକ ଦୁର ବିଳାପ, ଏବେ ତୁମେ ଦେଖିପାରୁଛ
ତୁମର ନିଜର ପ୍ରତିଫଳନ, ମୋ ଆଖିରେ ।





। ପଶୁ ହୁଏତ ଇତରତା କାରଣରୁ ହିଂସ୍ର ଓ ନିଷ୍ଠୁର ହୋଇପାରେ – ମାତ୍ର 'ମାଂସର ବିଳାପ' ଗଳ୍ପରେ ଘଟିଛି ଠିକ୍ ତାହାର ଓଲଟା ଆଚରଣରେ ପଶୁ କୋମଳ ହୋଇଛି ମାତ୍ର ମଣିଷ ହୋଇଛି ନିଷ୍ଠୁର ।

ସେହିପରି 'ସାବିତ୍ରୀର ଦୁଃଖ' କାଳିନ୍ଦୀଚରଣଙ୍କ ଏକ ମାନସ୍ତାତିକ ଗଳ୍ପ । ଯୋଉଁଥିରେ ନାରୀର ବିକ୍ଷତ ଜୀବନଚିତ୍ର ଅଙ୍କିତ ହୋଇଅଛି । ଏ ଗଳ୍ପର ନାୟିକା ସାବିତ୍ରୀର ଜୀବନ କିପରି ଦୁଃଖ ଓ ଆଘାତ ମଧ୍ୟରେ କଟିଛି – ତା'ର ଚିତ୍ର ଏଠାରେ ପ୍ରଦତ ହୋଇଅଛି ।

'ଚକ ବୁଲୁଥାଏ' ଅନ୍ୟ ଏକ ସାମାଜିକ ଗଳ୍ପ । ଯୋଉଁଥିରେ ପରିବର୍ତନଶୀଳ ସାମାଜିକ ବିବର୍ତନର ସୂଚନା ମିଳେ ।

'ଜୟହିନ୍ଦ୍' ଗଳ୍ପରେ ଆପାତ ଭଦ୍ରବୋଲାଉଥିବା ସମାଜର ପ୍ରଭାବଶାଳୀ ମଣିଷର ବିଟତ୍ୱ ବର୍ଣ୍ଣିତ ହୋଇଛି । ପୁରୁଷର ଏହି ଲମ୍ପଟ ସବୁକାଳରେ ନାରୀକୁ କେବଳ ଦୁଃଖ, ଅପମାନ ଦେଇନାହିଁ । ସମାଜର ନାନା ଦୁଃସ୍ଥିତିର କାରଣ ମଧ୍ୟ ହୋଇପାରିଛି । ଏହି ଗଳ୍ପରେ ଗାଳ୍ପିକ ଦେଶରକ୍ଷା ପାଇଁ ସୈନିକ ହୋଇ ଯାଇଥିବା ସତ୍ୟାନନ୍ଦର ସ୍ତ୍ରୀ ନୂପୁରୀର ବିଡମ୍ବିତ ଜୀବନଚିତ୍ର ଆଙ୍କିଛନ୍ତି । କାନଗୋଇ ବାବୁ ବୟସରେ ଯେ ବହୁତ ବର୍ଷିୟାନ ଯେ ସେ ସତ୍ୟାନନ୍ଦର ସ୍ତ୍ରୀ ନୂପୁରୀ ପ୍ରତି ଏତେ କାମାସକ୍ତ ହୋଇପଡିବେ ତାଙ୍କର ସେହି ରୁଗ୍ଣ ଅସୁସ୍ଥ ବଟତକୁ ଗାଳ୍ପିକ ବିସ୍ତୃତ ଭାବରେ ବର୍ଣ୍ଣନା କରିଅଛନ୍ତି ।

କାଳିନ୍ଦୀଚରଣଙ୍କ ଅନ୍ୟଏକ ପ୍ରଭାବଶାଳୀ ଗଳ୍ପ ହେଉଛି – "ରେଙ୍ଗୁନ ଯାତ୍ରା", ଏହି ଗଳ୍ପରେ ସୁଜନ ପରି ଏକ ରେଙ୍ଗୁନ ଯାତ୍ରୀର ଦୁଃଖ ବର୍ଣ୍ଣିତ ହୋଇଅଛି । ମହାଜନର ଋଣ ପରିଶୋଧ କରିବାପାଇଁ ନିଜର ତରୁଣୀ ଭାର୍ଯ୍ୟା (ସ୍ତ୍ରୀ) ଗୁଞ୍ଜର ଓ ବୃଦ୍ଧା ମା'କୁ ଗାଁରେ ଛାଡି ସୁଜନ ରେଙ୍ଗୁନ ଯାଇଅଛି, ସେଠାରେ ମୋଟିଆ କାମ କରିଛି ଓ ରୂପଜୀବୀମାନଙ୍କ ମାୟାରେ ମୋହାଚ୍ଛନ୍ନ ହୋଇ ଦୀର୍ଘକାଳ ଧରି ନିଜର ଗାଁ ମାଟିକୁ ଆସି ପାରିନାହିଁ, ନିଜର ପ୍ରିୟତମା ପତ୍ନୀ ଗୁଞ୍ଜର ଦଶବର୍ଷ ଅପେକ୍ଷା କରି ଶେଷରେ ଦ୍ୱିତୀୟ ବିବାହ କରି ଅନ୍ୟତ୍ର ଚାଲିଯାଇଛି ଏବଂ ବୁଢୀ ମା'ଟି ମଧ୍ୟ ପୁଅଟିକୁ ଚାହିଁ ଚାହିଁ ମରିଯାଇଛି । ସୁଜନର କଷ୍ଟ ଉପାର୍ଜିତ ସବୁ ଅର୍ଥ ରୂପଜୀବୀମାନେ ସବୁ ଆତ୍ମସାତ କରିନେଇଛନ୍ତି । ନିଃସ୍ୱ ସୁଜନ ଶେଷରେ ନିଜ ଗାଁକୁ ଆସି ତା'ର ମା'କୁ ପାଇନାହିଁ ଏବଂ ଭାର୍ଯ୍ୟା ଗୁଞ୍ଜନ ବି ଅନ୍ୟତ୍ର ଚାଲିଯାଇଛି । କେବଳ ତା'ର ପିତୃପୁରୁଷର ଭିଟାମାଟିରେ ବାଇଗଣ ଗଛ ଦେଖିଛି । ସେ ଦୁଃଖରେ ତା'ର ବିଡମ୍ବିତ ଜୀବନକୁ ଆହୁରି ଦୁଃସହ ମନେ କରିଅଛ ।

କାଳିନ୍ଦୀଚରଣଙ୍କ ଗଳ୍ପଗୁଡିକରେ ସାମାଜିକ ଅଙ୍ଗୀକାର ବଦ୍ଧତା ହିଁ ମୁଖ୍ୟ ବିଭାବ, ତାଙ୍କର ଦାମ୍ପତ୍ୟ ଚିତ୍ର, ୧୯୩୭ ଅପରାଧିନୀ, ରୁଦ୍ରାକ୍ଷ, ନିୟତିର କ୍ରୀଡା, ଛିନ୍ନ ପୃଷ୍ଠତା, ପଙ୍ଗୁ, ଓଡିଶାରେ ମହାଯୁଦ୍ଧ ପ୍ରେମିକ, ନିଶିଥିନୀ, ଆରମ୍ଭ ଓ ଶେଷ, ସାଗରିକା, ଶେଷରଶ୍ମି ଆଦି କାଳିନ୍ଦୀଚରଣଙ୍କ କେତେକ ସଫଳ ଗଳ୍ପ ।

ବେଦନାର ଛବିକୁ ଆମେ ଅନ୍ୟ ଏକ ଅଙ୍ଗୀକରେ ତାଙ୍କ ଗଳ୍ପରେ ଦେଖୁଛୁ ।

ତାଙ୍କ ଗଳ୍ପ ସଂକଳନ ଗୁଡିକ ମଧ୍ୟରେ - ଶେଷରଶ୍ମି, ଦ୍ୱାଦଶୀ, ରାଶିଫଳ, ସାଗରିକା ତଥା ମୋ କଥାଟି ସରିନାହିଁ ପ୍ରଭୃତି ଗଳ୍ପ ସଂକଳନର ଅଧିକାଂଶ ଗଳ୍ପରେ ସେହି ସାଧାରଣ ମଣିଷର କଥା ହିଁ କୁହାଯାଇଛି ।

କାଳିନ୍ଦୀଚରଣଙ୍କ ଅନ୍ୟତମ ପ୍ରମୁଖ ଗଳ୍ପ "ମାଂସର ବିଳାପ" ସବୁଠାରୁ ଶକ୍ତିଶାଳୀ ଗଳ୍ପ, ଏହା ଦେଶ ବିଦେଶରେ ବହୁ ଭାଷାରେ ଅନୁବାଦ ହୋଇ ଭାରତୀୟ ସାହିତ୍ୟ ତଥା ବିଶ୍ୱସାହିତ୍ୟରେ ପ୍ରତିଷ୍ଠିତ ହୋଇପାରିଅଛି । କାଳିନ୍ଦୀଚରଣଙ୍କ "ମାଟିର ମଣିଷ" ଉପନ୍ୟାସ ଭଳି 'ମାଂସର ବିଳାପ' ଗଳ୍ପଟିକୁ ମଧ୍ୟ ଚଳଚ୍ଚିତ୍ରର ରୂପ ଦିଆଯାଇଛି । ସମଗ୍ର ଭାରତରେ ଏହାର ଯଥେଷ୍ଟ ଲୋକପ୍ରିୟତା ଅର୍ଜନ କରିପାରିଅଛି । ଏହା କେବଳ ଭାରତୀୟ ସାହିତ୍ୟ କାହିଁକି ବିଶ୍ୱସାହିତ୍ୟର ଯେ କୌଣସି ଉଚ୍ଚକୋଟୀର ଗଳ୍ପ ସହିତ ତୁଳନୀୟ । 'ମାଂସର ବିଳାପ' ଗଳ୍ପ ମଧ୍ୟ ଇଂରାଜୀରେ ଏକାଧିକବାର ଅନୁବାଦ ହୋଇଅଛି ।

"ମାଂସର ବିଳାପ" ଗଳ୍ପର ଭାବଚେତନା, ମାନବୀୟ ଆଦର୍ଶ ପରିପ୍ରେକ୍ଷୀରେ ଅଧିକ ସୂକ୍ଷ୍ମ ଓ ସମ୍ବେଦନଶୀଳ । କାଳିନ୍ଦୀଚରଣଙ୍କ ଶିଳ୍ପୀ ଜୀବନର ଗଭୀର ମାନସିକତା ଏହି ଗଳ୍ପର ଆବେଦନରେ ହିଁ ସତେ ଯେପରି ପିଣ୍ଡିତ ହୋଇଅଛି ।

ଗଳ୍ପଟି ଗୋଟିଏ ଇଂରାଜୀ ଗ୍ରେହାଉଣ୍ଡ କୁକୁର "ଡ଼ୋରା" ଓ "ଜଲି" ବୋଲି ଗୋଟିଏ କୃଷ୍ଣସାର ମୃଗୁଣୀ ଶାବକ ମଧ୍ୟରେ ନିବିଡ ପ୍ରେମର କଥା କୁହାଯାଇଅଛି । ପଶୁ ମଧ୍ୟରେ ଏତେ ସ୍ନେହ, ବନ୍ଧୁତା ଏତେ ନିବିଡ ମମତାବୋଧକୁ ଦେଖି ମଣିଷର ଆଖି ଲୋତକାପ୍ଲୁତ ହୁଏ, ଏହି ଗଳ୍ପର ଆବେଦନ ପାଠକଙ୍କ ହୃଦୟକୁ ଏତେ ଗଭୀର ଭାବରେ ସ୍ପର୍ଶକରେ ଯେ - ପାଠକ ନକାନ୍ଦି ରହିପାରେ ନାହିଁ । ଜମିଦାର ବାବୁ ପାଳନକର୍ତ୍ତା ଭାବେ ସମସ୍ତ ସ୍ନେହଶୀଳ ସମ୍ପର୍କ ଭୁଲି କୃଷ୍ଣସାରର ମାଂସ ଭକ୍ଷଣ ପାଇଁ ତାକୁ ଯେପରି ହତ୍ୟାକଲା, ଅନ୍ତତଃ ପଶୁ ହେଲେ ହେଁ ତା'ର ବନ୍ଧୁ ବିଦେଶୀ ଗ୍ରେହାଉଣ୍ଡ କୁକୁର "ଡୋରା" ପ୍ରତିବାଦ କରିଛି । କୁକୁର "ଜଲି"ର ମାଂସ ତ ଭକ୍ଷଣ କରିନାହିଁ ବଂର ଭୟଙ୍କର ଚିତ୍କାରକରି ତା'ର ପ୍ରତିବାଦ କରିଅଛି । ପଶୁହେଲେ ମଧ୍ୟ କୁକୁର ନିକଟରେ ସ୍ନେହପ୍ରବଣତା ଓ ସମ୍ବୋଦନଶୀଳତା ଏକାନ୍ତ ଅନୁପମ । ଯାହା ସମ୍ଭ୍ରାନ୍ତ ଜମିଦାରଙ୍କ ହୃଦୟରେ ଏକାନ୍ତ ଦୁର୍ଲଭ । ଏହି ଗଳ୍ପଟି ମଣିଷର ହିଂସ୍ର ସ୍ୱଭାବ କିପରି ପ୍ରାଣୀଙ୍କ ଅପେକ୍ଷା ବି ଭୟଙ୍କର ଓ ବିକୃତ ତାହା ହିଁ ପ୍ରମାଣ କରିଅଛ ।

କୁକୁର ଭଳି ପଶୁଟିଏ ଯଦି ବନ୍ଧୁତାକୁ ମୂଲ୍ୟଦେଇ ପାରିଛି - ଅଥଚ ମଣିଷ ସ୍ନେହରେ ପାଳିତ ପଶୁଟିକୁ ନିର୍ମମ ଭାବରେ ହତ୍ୟା କରିବାକୁ ଆଦୌ କୁଣ୍ଠିତ ହୋଇନାହିଁ - ଏହି ଚିତ୍ର ଅଙ୍କନ କରି ଗାଳ୍ପିକ ଏକ ବିରୋଧୀ ଭାଷାର ହିଁ ସୂଚନା ଦେଇଅଛନ୍ତି । ମଣିଷ ଯେହେତୁ ଏକ ଉନ୍ନତ ପ୍ରାଣୀ ସେ ଅନ୍ୟାନ୍ୟ ଅନେକ ଇତର ପଶୁଙ୍କଠାରୁ ଅଲଗା । ସେ ହେତୁ ମଣିଷଠାରୁ କ'ଣ କୋମଳ ଆଶାକରିବା ସ୍ୱାଭାବିକ





## ବିଚାର

କବି ନରେନ୍ଦ୍ର ମୋଦି ବିଚାର କବିତାରେ - ବିଚାର ସର୍ବସ୍ୟ, ବିଚାର ଶ୍ରେଷ୍ଠ, ବିଚାର ଆଲୋକର, ବିଚାର ଶକ୍ତିର ସର୍ବୋପରି ବିଚାରଟି ବନ୍ଧୁ ଓ ସହୋଦରର ବୋଲି ଏହି କବିତାରେ ବର୍ଣ୍ଣନା କରିଅଛନ୍ତି ।

ଦିନଥିଲା ଯେବେ ମୁହିଁ ଉଠୁଥିଲି ବାଧହୋଇ
ଦେଖିବାକୁ ମାର୍ତଣ୍ଡର ଜ୍ୱଳନ୍ତ ଅଗ୍ନିକୁ
ସତେ କିବା ଜାଳିଦେବ ଆକାଶେ ମେଦିନୀ
ଖୋଜେ ମୁଁ ଏକାକୀ ଶୀତଳ ଜଳଧିପରେ
ଭାଷମାନ ତରୀ
କରିବାକୁ ତନୁକୁ ଶୀତଳ
ଗଢେ ପୁଣି ଗୋଲକ ଅକ୍ଷରେ
ସୁଶୀତଳ ଛାୟାପ୍ରଦ ସ୍ଥଳୀ ଅବା ସାଗରର ମରୁପ୍ରାନ୍ତ ତରେ
ସେତେବେଳେ ମିଳେ ଏକ ନିଶ୍ଚିନ୍ତ ବିଚାର
ବିଚାର ଆଲୋକର
ବିଚାର ଶକ୍ତିର ବିଚାର ସଙ୍ଗୀତର
ବିଚାର ବନ୍ଧୁ ସହୋଦର ।
ଠିକ୍ ଗୋଧୂଳି ବେଳାର ଧୁମ୍ରାଭ ଧୂଳୀରେ
କିନ୍ତୁ ଆଜିଦେଖ ଉଦିତ ସୂର୍ଯ୍ୟଙ୍କୁ
ଜ୍ଞାନର ବଳୟ ଛୁଇଁବାକୁ ମାନବର ଭାଗ୍ୟ
ନତନୁହେଁ ଶୀର କେବେ
ଅସହାୟତା ନାହିଁ ମୋ ରକ୍ତ କଣିକାରେ ।

## ଭକ୍ତି

କବି ନରେନ୍ଦ୍ର ମୋଦି – ଭକ୍ତି କବିତାରେ ଭଗବାନ ସତା କଥା ବର୍ଣ୍ଣନା କରିଛନ୍ତି । ଭକ୍ତି ଆଣେ ଜୀବନର ମାର୍ଗ ତାହାକୁ ସେ ମର୍ମେ ମର୍ମେ ଅନୁଭବ କରିଅଛନ୍ତି, ତତ୍‌ସହିତ ସୀତାରାମଙ୍କୁ ନିଜର ଇଷ୍ଟଦେବର ମର୍ଯ୍ୟାଦା ଦେଇଛନ୍ତି ।

ଆମେ ଦେଖୁ ଦେହ ସବୁ କରେ ତାର କର୍ମ
ଆମେ ଅନୁଭବୁ ମନର ଯୋଜନା
ହେଲେ ଭଗବତ ପଥ ସାଶ୍ୱତ , ଅଦ୍ୱୈତ ଓ ସତ୍ୟ
ମୋର ପ୍ରିୟ ଭଗବାନ ସ୍ୱୟଂ ସୀତା ରାମ
ଶାଶ୍ୱତ ବୀଣାର ରାଗିଣୀ ସର୍ବଦା ଅସ୍ପଷ୍ଟ
ମୋର ହୃଦ ସ୍ପନ୍ଦିତ ହୁଏ ଗୋଟିଏ ଶବ୍ଦରେ
କେବଳ ତୁମରି ପବିତ୍ର ନାମରେ
ମନର ଯୋଜନା ଆବଶ୍ୟକତା ରେ ହେଲେ
ଦେହ କରେ ନିଜ କାର୍ଯ୍ୟ ମୋର
ସମସ୍ତ ଭାବନା ଜନ୍ମ ମରଣର ସରହଦ ଡ଼ିଏଁ
ମୋର ଦୃଷ୍ଟିରେ ଦେଖେ ମୋର ପୃଥିବୀ ଧାଏଁ ନୀରବଧି
ମୋର ଭାବନା ଅଯୋଧ୍ୟାରେ ଥାଏ
ମୋ କଣ୍ଠରେ ରଘୁପତି ରାଘବ ରାଜାରାମ
ମଣିଷ ମନରେ ଯୋଜନା କରେ ଦେହ ତା'ର କର୍ମ କରୁଥାଏ ।





ସମାଜସେବିକାରେ ପରିଣତ କରିଦେଇଛି । ଗୌରୀ ବୋଲି ଅନ୍ୟଜଣେ ନାରୀ – ଦିବାକର ବାବୁଙ୍କ ଜୀବନ ପରିଧି ଭିତରକୁ ଆସିଛି, ଯାହାର ବାପା ମଦନବାବୁ ନାରୀଶିକ୍ଷା ସପକ୍ଷରେ ନାନା କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ମଦନବାବୁ ସ୍କୁଲଟିଏ ଗାଁରେ ନିର୍ମାଣ କରିଅଛନ୍ତି । ସେହି ସ୍କୁଲରେ ଗୌରୀ ନାମଲେଖାଇ ପରବର୍ତୀ ମୁହୂର୍ତରେ ସାମାଜିକ କୁସଂସ୍କାରକୁ ନଡରି ବାପାଙ୍କ ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇ ନାରୀଶିକ୍ଷାର ପ୍ରଚାର ଓ ପ୍ରସାର ପାଇଁ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟ କରିଅଛି । ଗୌରୀ ଅବିବାହିତ ହୋଇରହିଛି ଓ ଦେଶସେବାକୁ ନିଜ ଜୀବନର ବ୍ରତ କରିଅଛି, ପରିଶେଷରେ ଗୌରୀର ଉଦ୍ୟମ ଫଳରେ ଦିବାକର ବାବୁ ନିଜ ସ୍ତ୍ରୀ ସାବିତ୍ରୀ ସହିତ ମିଳିତ ହୋଇ ଘରସଂସାର କରି ରହିଅଛନ୍ତି ।

ମଣିଷ ଜୀବନର ପୀଡା ଓ ବଚଂନା ଆଦିକୁ ଲେଖିଥିବା କାଳିନ୍ଦୀଚରଣ ମଣିଷ ଜୀବନର ସ୍ୱପ୍ନ, ସୌନ୍ଦର୍ଯ୍ୟାନୁଭୂତି ତଥା ସେହ୍ନଶୀଳତାକୁ ମଧ୍ୟ ତାଙ୍କ ଲେଖନୀରେ ପ୍ରାଧାନ୍ୟ ଦେଇଅଛନ୍ତି । ବାସ୍ତବିକ୍ କାଳିନ୍ଦୀଚରଣ ଥିଲେ ଜଣେ ସଫଳ ଔପନ୍ୟାସିକ ।

### ୪. ଗାଳ୍ପିକ କାଳିନ୍ଦୀଚରଣ :

ପ୍ରାକ୍ ସ୍ୱାଧୀନତା କାଳୀନ କଥା ସାହିତ୍ୟରେ ଜଣେ ପ୍ରତିଭାବାନ୍ ସ୍ରଷ୍ଟା ଭାବରେ ଯେପରି ପ୍ରତିଷ୍ଠିତ ଠିକ୍ ସେହିପରି ଜଣେ ଗାଳ୍ପିକ ଭାବରେ ପ୍ରସିଦ୍ଧ ଲାଭ କରିଅଛନ୍ତି । ଆଧୁନିକ ଓଡିଆ କ୍ଷୁଦ୍ରଗଳ୍ପ କ୍ଷେତ୍ରରେ କାଳିନ୍ଦୀଚରଣ ବେଶ୍ ସିଦ୍ଧିହସ୍ତ । କାଳିନ୍ଦୀଚରଣଙ୍କ ଗଳ୍ପଗୁଡିକ ମୁଖ୍ୟତଃ ୧୯୩୫ ମସିହାରୁ ୧୯୪୭ ମସିହା ମଧ୍ୟରେ ପ୍ରକାଶିତ । "ମାଂସର ବିଳାପ", "ଶେଷରଶ୍ମି", "ଦ୍ୱାଦଶୀ", "ରାଶିଫଳ", "ସାଗରିକା", "ମୋ କଥାଟି ସରିନାହିଁ" ଆଦି କାଳିନ୍ଦୀଚରଣଙ୍କ ଗଳ୍ପଗ୍ରନ୍ଥ । ଏହା ଓଡିଆ ଗଳ୍ପ ସାହିତ୍ୟକୁ ରୁଦ୍ଧିମନ୍ତ କରିଅଛି କହିଲେ ଅତ୍ୟୁକ୍ତି ହେବନାହିଁ ।

କାଳିନ୍ଦୀଚରଣଙ୍କ ଗଳ୍ପଗୁଡିକ ଉପରେ ଫକୀରମୋହନ ସେନାପତିଙ୍କ ପ୍ରଭାବ ଏତେ ସ୍ପଷ୍ଟନୁହଁ, ଯଦିଓ କାଳିନ୍ଦୀଚରଣଙ୍କ ଗଳ୍ପଗୁଡିକ ଅଧିକାଂଶରେ ଫକୀରମୋହନଙ୍କ ଗଳ୍ପଭଳି ବର୍ଣ୍ଣନାଧର୍ମୀ, ସମସ୍ୟାପ୍ରଧାନ ଓ ପଲ୍ଲିକେନ୍ଦ୍ରିକ । ଫକୀରମୋହନଙ୍କ ପରେ ଓଡିଆ ଗଳ୍ପକୁ ଯଥାସମ୍ଭବ ଅଧିକ ଜୀବନନିଷ୍ଠ କରି ତାକୁ ଲୋକପ୍ରିୟ କରାଇବାରେ କାଳିନ୍ଦୀଚରଣ ଜଣେ ଦକ୍ଷ ଗାଳ୍ପିକ ।

କାଳିନ୍ଦୀଚରଣ ତାଙ୍କ ସାମାଜିକ ଅଙ୍ଗୀକାରବଦ୍ଧତା ସହ ଏକ ସୁନ୍ଦର ସମୃଦ୍ଧ ସମାଜ ଗଠନର ସ୍ୱପ୍ନ ତାଙ୍କ ଗଳ୍ପଗୁଡିକରେ ପ୍ରତୀକିତ ହୋଇଅଛି । କିଛି ସମାଜ ସଂସ୍କାର ଚେଷ୍ଟା ମଧ୍ୟ ତାଙ୍କ ଗଳ୍ପ ଜରିଆରେ କରିଅଛନ୍ତି । ଅଥଚ ତାଙ୍କ ଗଳ୍ପଗୁଡିକ ପ୍ରଗତିବାଦୀ ଲେଖକଙ୍କ ଲେଖାପରି ପ୍ରତ୍ୟକ୍ଷଭାବେ ପ୍ରଚାରଧର୍ମୀ ହୋଇନାହିଁ, ମାତ୍ର ତାଙ୍କର ଗଳ୍ପଗୁଡିକରୁ ପ୍ରଚାର ଉଦ୍ଦେଶ୍ୟ ଆଦୌ ବାରି ହୁଏନାହିଁ ।

କାଳିନ୍ଦୀଚରଣ ଥିଲେ ସେହିପରି ଗ୍ରାମ୍ୟଜୀବନ ଚିତ୍ରଣର ଜଣେ ବିଶିଷ୍ଟ ଗାଳ୍ପିକ । ତାଙ୍କ ଉପନ୍ୟାସ ଓ କବିତାରେ ଯେଉଁ ଦରିଦ୍ର, ନିପୀଡିତ ମଣିଷର ଛବି ଆଙ୍କିତ ହୋଇଛି – ସେହି ବ୍ୟଥା

କାଳିନ୍ଦୀଚରଣଙ୍କ ମାନସରେ ରାମାୟଣ ଓ ମହାଭାରତର ଆଦର୍ଶ ରାଜଧର୍ମବୋଧ ରହିଅଛି ।

'ଅମରଚିତା' ଉପନ୍ୟାସରେ ମୁଖ୍ୟ ଚରିତ୍ର ସନାତନ ଆଦି ଚରିତ୍ର ଭିତରେ ତଥାପି ଜଣେ ପାଠକ ସେହି ମଣିଷକୁ ହିଁ ଦେଖେ ।

ଏହି ଦୁଇଟି ଉପନ୍ୟାସ – 'ମୁକ୍ତାଗଡର କ୍ଷୁଧା' ଓ 'ଅମରଚିତା' ଦୁର୍ଭିକ୍ଷର ଭୀଷଣ ରୂପ ବର୍ଣ୍ଣିତ ହୋଇଅଛି । ଉପନ୍ୟାସ ଦୁଇଟିରେ ମଣିଷ ଜୀବନର ଦାରୁଣ ଦୁଃଖ ଓ ବିଡମ୍ବନାର ଚରିତ୍ର ରହିଅଛି । ଦୁର୍ଭିକ୍ଷ ସହ ବନ୍ୟା, ମହାମାରୀ ଏସବୁ ମଣିଷକୁ ବଚିଂରହିବାକୁ କିପରି ବିପର୍ଯ୍ୟୟ କରିଅଛି ତାହାର ଏକ ଲୋମହର୍ଷଣକାରୀ ଚିତ୍ର ଆଙ୍କିଛନ୍ତି ଔପନ୍ୟାସିକ କାଳିନ୍ଦୀଚରଣ । କାଳିନ୍ଦୀଚରଣଙ୍କ ଏହି ଦୁର୍ଭିକ୍ଷ ପୃଷ୍ଠଭୂମି ଉପରେ ସନାତନକୁ ଏକ ବିପ୍ଲବୀ କରି ଚିତ୍ରଣ କରିଛନ୍ତି । ଏଥିରେ ଶିଳ୍ପୀ କାଳିନ୍ଦୀଚରଣଙ୍କ ଚେତନା ପ୍ରକଟିତ ହୋଇଅଛି । ଜଣେ ମଣିଷ ଅନେକ ମଣିଷଙ୍କ ପାଇଁ ନିଜକୁ ବଳି ଦେଇପାରେ, ନିଜ ଜୀବନର ସୁଖଭୋଗରୁ ନିଜକୁ ବଚିଂତ କରିଦେଇପାରେ, ସେହି ଚରମ ତ୍ୟାଗର ନିର୍ଦ୍ଦେଶନ ହେଉଛି ଉଭୟ ମୁକ୍ତାଗଡର କ୍ଷୁଧା ତଥା ଅମରଚିତା ଉପନ୍ୟାସର ଚରିତ୍ର ।

ଉପନ୍ୟାସ 'ମୁକ୍ତାଗଡର କ୍ଷୁଧା'ରେ ନାୟକ ସନାତନ ମଣିଷ ପାଇଁ ନିଜକୁ ସବୁମତେ ଉତ୍ସର୍ଗ କରିଅଛି, ସନାତନ କେବଳ ମଣିଷ ବ୍ୟତୀତ ଆଉ କାହାରିକୁ ସ୍ୱୀକାର କରେନାହିଁ । ରାଜା, ପ୍ରଜା, ଧନୀ, ଦରିଦ୍ର, ପଣ୍ଡିତ, ମୁର୍ଖ, ବ୍ରାହ୍ମଣ, ଚଣ୍ଡାଳ କାହାରି ପ୍ରଭେଦ ସେ ମାନେନାହିଁ, ସମସ୍ତେ ମଣିଷ ବଚିଂବାର ଅଧିକାର ଅଛି ପ୍ରତି ପୁରୁଷ, ନାରୀ, ଶିଶୁ ଆଉ ବୃଦ୍ଧର ।

ରାଜା ଶୁଭ୍ରକାନ୍ତ ପ୍ରଥମେ ତାଙ୍କର ଜୀବନ ଆରମ୍ଭରେ ଭୋଗବିଳାସରେ ମାତିଛନ୍ତି, ସେହି କାରଣରୁ ଜଣେ ପ୍ରଜାପୀଡଙ୍କ ରାଜା ଭାବରେ ପ୍ରଜାମାନଙ୍କୁ ଶୋଷଣ କରିଛନ୍ତି ଓ ନିଜର ରାଜଧର୍ମ ପ୍ରତି ଚରମ ଅବହେଳା ମଧ୍ୟ କରିଅଛନ୍ତି । ଅଥଚ ପରବର୍ତ୍ତୀ ମୁହୂର୍ତ୍ତରେ ସେହି ରାଜା ଶୁଭ୍ରକାନ୍ତ ନିଜକୁ ପରିବର୍ତ୍ତନ କରାଇପାରିଛନ୍ତି, ଏକାନ୍ତ ଉତ୍ସର୍ଗୀକୃତ ପ୍ରଜାମଣ୍ଡଳ ରାଜାଭାବରେ ରାଜକୀୟ କାର୍ଯ୍ୟ କରିଅଛନ୍ତି

କାଳିନ୍ଦୀଚରଣଙ୍କ 'ଲୁହାର ମଣିଷ' ଉପନ୍ୟାସରେ ଓଡିଶା ତଥା ଭାରତୀୟ ସାମାଜିକ ବିବର୍ତ୍ତନକୁ ସୂଚିତ କରିଅଛି । ଭାରତୀୟ ମୁକ୍ତି ସଂଗ୍ରାମର ଇତିହାସ କେତେକାଂଶରେ 'ଲୁହାର ମଣିଷ'ରେ ଦେଖିବାକୁ ମିଳିଥାଏ ।

କାଳିନ୍ଦୀଚରଣଙ୍କ ଉପନ୍ୟାସ 'ଆଜିର ମଣିଷ' ଏହି ଉପନ୍ୟାସଟିରେ ଦିବାକର ବାବୁ ମୁଖ୍ୟ ଚରିତ୍ର ଭାବରେ ସଂଯୋଜିତ ହୋଇଅଛି । ଦିବାକର ବାବୁଙ୍କ ବିବାହ ଓ ବିବାହ ପରବର୍ତ୍ତୀ ଘଟଣାରାଜି ଏହି 'ଆଜିର ମଣିଷ' ଉପନ୍ୟାସ ଭାବରେ ଗଢିଉଠିଛି । ଦିବାକର ବାବୁ ନିଜ ସ୍ତ୍ରୀ ସାବିତ୍ରୀକୁ ଛାଡି କଲିକତା ଚାଲିଯାଇଛି, ସେ ସାମାଜିକ ଗତାନୁଗତିକାକୁ ପରିହାର କରି ଅସବର୍ଣ୍ଣ ବିବାହ କରିବାପାଇଁ ବାହାରିଛନ୍ତି । ନିଜ ସ୍ତ୍ରୀ ସାବିତ୍ରୀ ଗାଁରେ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜକୁ ଜଣେ





## ନଦୀର ନାମ ନର୍ମଦା

କବି ନରେନ୍ଦ୍ର ମୋଦି ନିଜର କବିତା – ନଦୀର ନାମ ନର୍ମଦାରେ ନର୍ମଦାକୁ ମା'ର ଆଖ୍ୟାପ୍ରଦାନ କରିଅଛନ୍ତି ।

ଆମ ଅଲିଅଳୀ ନର୍ମଦା ନଦୀ
ନୁହେଁ ଖାଲି ଏକ ନଦୀ ଟିଏ
ସନ୍ତାନଗଣ ପ୍ରଣତୀ ଢ଼ାଳନ୍ତି
କାଳ କାଳରୁ ହିଁ ରୀତି ଇଏ ।
ଶ୍ୱାସତ ତାର ଧାରା ସକଳ ହୃଦୟ କାର
ଜୀବନର ରେଖା ଏ ସାରା ସୌରାଷ୍ଟ୍ର
ଭାଗ୍ୟରେଖା ଜନତାର
ସାରା ଗୁଜୁରାଟ ପାପୁଲି ଉପରେ
ମାନନ୍ତି ତାହାକୁ ଏକତାର
ସଭିଏଁ ସାଦରେ ଜଳଦାନ କରେ
ଶତୃ ମିତ୍ର ତାର ନାହିଁ କୋହି
ଦଃଷିତ କରଯେ ନୀରକୁ ସହେ ସେ
ସନ୍ଥକବୀର ତା–ତୀର ଜଗେ
ନର୍ମଦା କେତେ ସୁପୁତ୍ର ମାନଙ୍କୁ
ଦେଇଛି ତା କୁଳେ ଅକଳନ
ଗାନ୍ଧୀ, ମୁନୁସୀ ମାତା ନର୍ମଦା
ଲୌହ ସର୍ଦ୍ଦାର ପଟଲରେ
ଏ ମହା ଜାତିର ସୁପୁତ୍ର ଗଣଙ୍କୁ
ତାହାରି କୁଳରେ ଠୁଳକରେ
ନଦୀ ନୁହେଁ ତୁ ଲୋ ଜନନୀ ଆମର
ମହାଦେବୀ ଅଟୁ ତୁଇ ମାତ
ଯାଳିଦେଇ ବର ସନ୍ତାନେ ତୋର
ତୋ ପାଦେ ଜଣାଏ ନମସ୍କାର ।

## ସ୍ଥିରପଥ

କବି ନରେନ୍ଦ୍ର ମୋଦି ସ୍ଥିରପଥ କବିତାରେ ସୂର୍ଯ୍ୟଦେବଙ୍କୁ ସ୍ମରଣ କରିଅଛନ୍ତି । ସକଳ ଶକ୍ତିର ଆଧାର ସୂର୍ଯ୍ୟଦେବଙ୍କ ବିଷୟରେ କବିତ୍ୱ ଗାଥା ଗାଇଛନ୍ତି ।

ସୂର୍ଯ୍ୟଦେବ ମୋର ପ୍ରିୟ ଦେବ
        ଧରିଛନ୍ତି ହସ୍ତେ ଅଶ୍ୱରଜ୍ଜୁ ଶତ ଅଶ୍ୱଙ୍କର
ସାରା ଆକାଶରେ ବୁଲନ୍ତି ସେ ନିର୍ଦ୍ଦିଷ୍ଟ ପଥରେ
        ପାର୍ଶ୍ୱେ ତାଙ୍କ ପଡ଼ିଥାଏ ଚାବୁକଟି ଅବ୍ୟବହୃତ ନୀରବ ଭାବରେ
ହେଲେ ସୂର୍ଯ୍ୟଙ୍କର ଗତି ସବୁବେଳେ ଥାଏ ନିୟନ୍ତ୍ରିତ
        ଦୃତ ପଦକ୍ଷେପ ନିରାପଦ ଅଶ୍ୱମାନେ
ରଥରେ କେବଳ ରହିଛି ମମତାର ଭାପ୍ତ ।





କାଳିନ୍ଦୀଚରଣଙ୍କ ଉପନ୍ୟାସ ସବୁ ଭାରତୀୟ ଜାତୀୟ ଆନ୍ଦୋଳନ ତଥା ସାମାଜିକ ଜାଗରଣ ପରିପ୍ରେକ୍ଷୀରେ ଓଡିଆ ଯୌଥ ପରିବାରର ଚିତ୍ରଣ କରିଅଛି । ଓଡିଶାର ବିଗତ ଶତାବ୍ଦୀ ଧରି ରାଜନୈତିକ, ସାମାଜିକ ତଥା ସାଂସ୍କୃତିକ ଜୀବନର ଚିତ୍ର ତାଙ୍କ ଉପନ୍ୟାସରେ ପ୍ରକାଶିତ ହୋଇଅଛି । ଭାରତୀୟ ମୁକ୍ତି ଆନ୍ଦୋଳନ, କୃଷିଭିତିକ ଓଡିଶାର ସାମାଜିକ ଜୀବନ, ଗଡଜାତ ଶାସନ ବ୍ୟବସ୍ଥାରେ କିଛି ଶୋଷଣ ଅତ୍ୟାଚାରର ଚିତ୍ର ସହ ଓଡିଶାର ଦୁର୍ଭିକ୍ଷ ଓ ତଦାନୀତକ ପ୍ରଶାସନ ବିଷୟରେ କାଳିନ୍ଦୀଚରଣଙ୍କ ଉପନ୍ୟାସରେ ବର୍ଣ୍ଣିତ ପ୍ରସଙ୍ଗ ।

କାଳିନ୍ଦୀଚରଣଙ୍କ 'ମାଟିର ମଣିଷ' ଉପନ୍ୟାସ ଗୋଟିଏ ପ୍ରକାରର ସାମାଜିକ ବିପ୍ଳବର ବାର୍ତା ବହନ କରିଅଛି, ଜଣେ ସଂସାରୀ ମଧ ସନ୍ନ୍ୟାସୀ ପରି ବିଷୟ ପ୍ରତି ଅନାସକ୍ତ ହୋଇପାରେ । ଏହି ବିଷୟ ପ୍ରତି ଆଶକ୍ତି ହିଁ ଆମ ଭିତରେ ସଂଘର୍ଷ ଓ ତିକ୍ତକ୍ତାର ପ୍ରମୁଖ କାରଣ, ଆମେ ବିଷୟ ଭୋଗ କରୁ, କିନ୍ତୁ ବିଷୟ ପ୍ରତି ଅତ୍ୟାଧିକ ଆସକ୍ତି ଆମକୁ ମୋହଗ୍ରସ୍ତ ଓ ସ୍ନେହ ମମତା ପ୍ରତି ଆବଧ କରିଦିଏ, ସୁନ୍ଦର ପାରିବାରିକ ଜୀବନ ଯୋଉଁ ତ୍ୟାଗ, ସେହ୍ନଶୀଳତା ଉପରେ ନିର୍ଭର କରେ ସେହି ତ୍ୟାଗ ଓ ସେହ୍ନଶୀଳତାକୁ ବରଜୁ ଚରିତ୍ର ଜରିଆରେ ପ୍ରଦର୍ଶନ କରି କାଳିନ୍ଦୀଚରଣ 'ମାଟିର ମଣିଷ' ଉପନ୍ୟାସକୁ ଏକ ଆଦର୍ଶ ଓ ମୂଲ୍ୟବୋଧର ଆଲେଖ୍ୟ କରିପାରିଛନ୍ତି, 'ମାଟିର ମଣିଷ' ଉପନ୍ୟାସ ଓଡିଆ ଚଳଚ୍ଚିତ୍ରରେ ପ୍ରଦର୍ଶିତ ହୋଇ ଲୋକପ୍ରିୟତା ଲାଭ କରିଅଛି ।

କାଳିନ୍ଦୀଚରଣଙ୍କ "ମାଟିର ମଣିଷ" ଉପନ୍ୟାସର ଚରିତ୍ରଗୁଡିକ ଏତେ ବାସ୍ତବ ଓ ଜୀବନ୍ତ ହୋଇଅଛି ଯେ ପରବର୍ତୀ ବହୁ ସାହିତ୍ୟ ଛାତ୍ର ଓ ସମାଲୋଚକ 'ମାଟିର ମଣିଷ' ଉପନ୍ୟାସର ଚରିତ୍ରକୁ ଅଧିକ ଆଗ୍ରହ ଦେଇ ବହୁଦୃଷ୍ଟିରୁ ଅନୁଶୀଳନ କରିଅଛନ୍ତି । ଏହି  ଉପନ୍ୟାସରେ 'ମାଟିର ମଣିଷ'କୁ କେନ୍ଦ୍ରକରି ତା'ର ସମସ୍ତ ପରିବେଶ ଓ ତା' ଜୀବନର ସର୍ବବିଧ ସଂଗ୍ରାମକୁ ବର୍ଣ୍ଣନା କରିଅଛନ୍ତି ତା'ର ଅର୍ଥନୈତିକ ସଂଗ୍ରାମଠାରୁ ନୈତିକ ସଂଗ୍ରାମ ପର୍ଯ୍ୟନ୍ତ ।

କାଳିନ୍ଦୀଚରଣଙ୍କ ଉପନ୍ୟାସ 'ମାଟିର ମଣିଷ' ପରି 'ଲୁହାର ମଣିଷ', 'ଆଜିର ମଣିଷ' ନାମକରଣରେ ଏହି ଧାରାର ବିବର୍ତନ ସୂଚିତ ହୋଇଅଛି । ଏହି ତିନିଗୋଟି ଉପନ୍ୟାସର ଏହିପରି ନାମକରଣ କରି ସେ ନିଜେ ଶିଳ୍ପୀ ଜୀବନର ସଚେତନ ତା'ର ପରିଚୟ ଦେଇ ପାରିଛନ୍ତି । ପ୍ରକୃତି, ପରିବେଶ, ମଣିଷ, ସମୟ, ସମାଜ ସବୁକିଛିର ଗୋଟିଏ ଆବିର୍ଭୂତ ରୂପ ହୋଇଛି – କାଳିନ୍ଦୀଚରଣଙ୍କ ଉପନ୍ୟାସଗୁଡିକ ତାଙ୍କ ଉପନ୍ୟାସ ସବୁ ପୁଣି ଗୋଟିଏ ସାମାଜିକ ବିବର୍ତନର ପ୍ରତୀକ ରୂପ ।

କାଳିନ୍ଦୀଚରଣଙ୍କ ଅନ୍ୟ ଦୁଇଟି ଉପନ୍ୟାସ 'ମୁକ୍ତାଗଡର କ୍ଷୁଧା' ଓ 'ଅମରଚିତା' ।

'ମୁକ୍ତାଗଡର କ୍ଷୁଧା' ଉପନ୍ୟାସରେ ରାଜା ଶୁଭକାନ୍ତ ଅଶୋକଙ୍କ ପରି ଯେପରି ଚଣ୍ଡାଶ୍ଳୋକରୁ ଧର୍ମଶ୍ଳୋକରେ ପରିଗଣିତ ହୋଇଅଛନ୍ତି । ଶୁଭକାନ୍ତଙ୍କ ଚରିତ୍ର ଚିତ୍ରଣ ପାଶ୍ଚାତ୍ୟରେ ଔପନ୍ୟାସିକ

କାଳିନ୍ଦୀଚରଣ ପ୍ରମୁଖ "ସବୁଜ କବିତା"ର ସ୍ରଷ୍ଟା । କବି କାଳିନ୍ଦୀଚରଣଙ୍କ ଲୋହିତ ବ୍ୟଥା, ପୁରୀମନ୍ଦିର, ମଧୁ ବିବାହ, ଫଗୁଣ ବଂଶୀ, ପ୍ରଭାତ ଗୀତର ଗୌରବ, ସଂନ୍ଧ୍ୟାଲୋକ, ସାଧନା ଆଦି କବିତା - 'ମୁକୁଳ' ଶିରୋନାମରେ ସବୁଜ କବିତା ଗ୍ରନ୍ଥରେ ସ୍ଥାନୀତ ହୋଇଅଛି ।

କାଳିନ୍ଦୀଚରଣଙ୍କ "କ୍ଷଣିକ ସତ୍ୟ" କବିତା ଗ୍ରନ୍ଥରେ କବିଙ୍କର ଏକ ଉଜ୍ଜ୍ୱଳ ଦୀପକୁ ପ୍ରକଟିତ କରିଅଛି । ରୂପର ମୋହ, ପ୍ରତୀମା, ଜୟ ଭଗବାନ, ରୂପର ସ୍ତବ, ପ୍ରଭାତ ପ୍ରାସ, ଜୀବନ ମରଣ, ପଥର ପ୍ରେମିକ, ବ୍ୟବଧାନ, ବର୍ଷା ବଧୂ, ଅଶ୍ଳେଷ ସ୍ୱର୍ଗ, ପ୍ରାଚୀନ ନବୀନ, ସୁନା ଆଦି କବିତା ସନ୍ନିବେଷ୍ଟିତ । ଯାଦୁଘର, କିଏ ଶଳା ସଇତାନ - "କ୍ଷଣିକ ସତ୍ୟ" କବିତା ଗ୍ରନ୍ଥରେ ପ୍ରଗତିବାଦୀ ଚେତନାର କବିତା ଅଟେ ।

କାଳିନ୍ଦୀଚରଣଙ୍କ କବିତାରେ ଯୌବନକୁ ଧରି ରଖିବାପାଇଁ କିଛି ଅଧିକ ପ୍ରବଣତା ଅଛି । ଯୌବନର ଅର୍ଚ୍ଚନା ମଧ ସେ କରିଅଛନ୍ତି । ତାଙ୍କ କବିତାରେ ପୁଣି ବିଚାର, ମିଳନ, ଆନନ୍ଦ, ଅଶ୍ରୁ, ଜୀବନର ପ୍ରାପ୍ତି ଅପ୍ରାପ୍ତି ସବୁ ସମନ୍ୱିତ ଅଭିବ୍ୟକ୍ତି ଲାଭ କରିଅଛି ।

କାଳିନ୍ଦୀଚରଣଙ୍କ 'ମହାଦୀପ' କବିତା ଗ୍ରନ୍ଥରେ ଅନେକଗୁଡିଏ କବିତା ପାଠକୀୟ ହୃଦୟସ୍ପର୍ଶ କରିଅଛି । ଜୟ ଭଗବାନ, ଭକ୍ତି ଚାବୁକ୍ ଆଦି କବିତା - କବିଙ୍କର ପ୍ରଗତିବାଦୀ, ପରିବର୍ତନ ଚେତନାର ବାର୍ତାବହ ଅଟେ ।

କବି କାଳିନ୍ଦୀଚରଣ କେବଳ ଜଣେ ବିପ୍ଳବୀ କବି ନଥିଲେ, ସେ ଥିଲେ ବିରହ-ମିଳନ, ପ୍ରେମ-କରୁଣାର ବିମୁଗ୍ଧ ଅଭିବ୍ୟକ୍ତିର ଚିତ୍ରକର । ଗଭୀର ପ୍ରେମରେ ମର୍ତ୍ତ୍ୟର ମାନବୀ ଜଣେ ଦେବୀକୁ ଉନ୍ନୀତ ହୋଇଥାଏ । ଏହି ଅନୁଭବ କାଳିନ୍ଦୀଚରଣଙ୍କ ଆତ୍ମାର ସମର୍ଥନ ତାଙ୍କର ଅନେକ କବିତାକୁ ଅନୁଭବ ପ୍ରଧାନ କରିଅଛି । ତ୍ୟାଗର ବାସନା ପ୍ରେମକୁ ମହାନତା ଆଣିଦିଏ । ତ୍ୟାଗ ହିଁ ପ୍ରେମକୁ ଗୌରବମଣ୍ଡିତ କରେ ଯେ ପ୍ରେମକୁ ଗୌରବାନିତ୍ୱ କରିପାରେ ନାହିଁ, ସେ ଏକ ବିଫଳ ପ୍ରେମିକ ।

୩. **ଔପନ୍ୟାସିକ କାଳିନ୍ଦୀଚରଣ :**

ବିଶିଷ୍ଟ କଥାଶିଳ୍ପୀ କାଳିନ୍ଦୀଚରଣ ପାଣିଗ୍ରାହୀ ଯାହାଙ୍କର ଉଭୟ ଗଳ୍ପ ଓ ଉପନ୍ୟାସ ସମଗ୍ର ଓଡିଆ ସାହିତ୍ୟରେ ବିଶେଷ ସ୍ୱୀକୃତି ଲାଭ କରିଅଛି । ଓଡିଆ ଗଳ୍ପ ସାହିତ୍ୟରେ କାଳିନ୍ଦୀଚରଣଙ୍କ "ମାଂସର ବିଳାପ" ଗଳ୍ପଟି ଯେପରି ଅନନ୍ୟ ଠିକ୍ ସେହିପରି ତାଙ୍କର 'ମାଟିର ମଣିଷ' ଉପନ୍ୟାସଟି ସେହିପରି ଅନୁପମ । ୧୯୩୧ ମସିହାରେ କାଳିନ୍ଦୀଚରଣଙ୍କ ପ୍ରସିଦ୍ଧ 'ମାଟିର ମଣିଷ' ଉପନ୍ୟାସ ପ୍ରକାଶିତ ହୋଇଥିଲା । ତାଙ୍କର ଆହୁରି ଚାରିଗୋଟି ଉପନ୍ୟାସ ପ୍ରକାଶିତ ହୋଇଥିଲା । ସେଗୁଡିକ ହେଲା - ଅମର ଚିତା (୧୯୩୩), ମୁକ୍ତା ଗଡର କ୍ଷୁଧା (୧୯୩୨), ଲୁହାର ମଣିଷ (୧୯୫୭), ଆଜିର ମଣିଷ (୧୯୫୭) ।





## ଆସନ୍ତା କାଲିର ଆହ୍ୱାନ

ନରେନ୍ଦ୍ର ମୋଦି ତାଙ୍କର କବିତାରେ ଆସନ୍ତାକାଲିର ଆହ୍ୱାନକୁ ସଠିକ୍ ଭାବରେ ନେବାପାଇଁ ପ୍ରବର୍ତାଇଛନ୍ତି ।

କବି ନରେନ୍ଦ୍ର ମୋଦି ପୁଣି ମାନବ ସମାଜକୁ ଏକ ମନ ଏକ ପ୍ରାଣ, ରାଗରୋଷ ପରିତ୍ୟାଗ କରି ଆସନ୍ତା କାଲିପାଇଁ ଆହ୍ୱାନ ଦେଇଛନ୍ତି ।

ଧରଣୀର ଭିଷଣ ଗର୍ଜନ ଆକାଶର ତୀବ୍ର ପେଁ କାଳି ସ୍ୱନ
ଭୁଲି ଯାଇ ପଥର ପ୍ରକୃତ ଚିହ୍ନଟ
ଆହ୍ୱାନ ସମୟ ର ଠିକ୍ ଅର୍ଜୁନ ଙ୍କର
ମାନବ ବିକ୍ରି ହୁଅନ୍ତି ପିଞ୍ଜରା ରେ
ମାନବିକତା ପରିଣତି ହୁଏ ଦାନବତାରେ
ରୁଣ ତୁରୀର ତୀବ୍ର ନାଦ
ଗଳି ରାସ୍ତାରେ ଧାଇଁ ଛନ୍ତି ଶସ୍ତ୍ର ହସ୍ତେ
ଅହନକାର ପ୍ରାଚୀର ଠିଆ ହୁଏ
ସମସ୍ତ ସ୍ୱପ୍ନ ମାନଙ୍କୁ ହତ୍ୟା କର ।
କେବଳ ଗୋଟିଏ ଆହ୍ୱାନ କେବଳ ଗୋଟିଏ ଡ଼ାକ
ମିଳନର ସମାନତାର ନମ୍ର ନିବେଦନ
ଏକତା କ୍ଷୁର୍ଣ୍ଣ ହୁଏ ସମ୍ବିଧାନର ଦ୍ୱାର ରୁଦ୍ଧ ହୁଏ
ଖାଲି ଛାଡି ଯାଏ ପ୍ରତି ହିଂସା ପୃଷ୍ଠ ଦେଶରେ
ଅଜସ୍ର ଲୋତକ ବୋହିଯାଏ
ସର୍ବତ୍ର ଅନ୍ଧକାର ଛାଇ ଯାଏ
କେବଳ ଗୋଟିଏ ଡାକ ଗୋଟିଏ ଆହ୍ୱାନ
କ୍ଷୁଦାର୍ଥ ଶରୀର ଭଗ୍ନ ମନ
ମଣିଷ ଉପରେ ମଣିଷର କ୍ରୋଧ, ବିଦ୍ରୁଣ, ସଂଗୋଷ୍ଠୀ
ନାହିଁ ଭାବନା ନାହିଁ ଚିନ୍ତା କେବଳ କାର୍ଯ୍ୟ
କେବଳ ଭାଙ୍ଗି ବାକୁ ପ୍ରାଚୀର ଚକ୍ଷୁ ସବୁ
ଟହ ଟହ କୋଇଲାର ରୂପ

କେବଳ ଗୋଟିଏ ଆହ୍ୱାନ ଗୋଟିଏ ଡ଼ାକ
ସ୍ୱପ୍ନ ସବୁ ଭାଙ୍ଗି ଯାଉଛି ବଂଚିବାର ମାନେ
ଦେଇଛନ୍ତ ଭୁଲିଛନ୍ତି ଅତୀତ କୁ
ଆଜିର ହୃଦୟ କୁ ଖୋଲିଛନ୍ତି
ଦିଗ୍ ବଳୟକୁ ବିସ୍ତାରିତ କରିଛନ୍ତି
ଆମେ ଆଜି ବୁଡ଼ିଯାଉଥିବା ଲୋକଟିର
ଉଦ୍ଧାର ପାଇଁ ବଦ୍ଧ ପରିକର
ଜଣେ ଜଣକୁ ସାହାର୍ଯ୍ୟର ହାତ ବଢାଇବା
ଏକ ଉଜ୍ଜଳ ଭବିଷ୍ୟତ କୁ ଆହ୍ୱାନ ଦେବା
କେବଳ ଗୋଟିଏ ଆହ୍ୱାନ ଗୋଟିଏ ଡ଼ାକ ।





କାଳିନ୍ଦୀଚରଣଙ୍କ "ସବୁଜ କବିତା", "ମହାଦୀପ", "ମନେନାହିଁ", "କ୍ଷଣିକ ସତ୍ୟ", "ଛୁରୀଟିଏ ଲୋଡା" ଆଦି କବିତା ସଂକଳନରେ ତାଙ୍କ ସମସାମୟିକ ଅନ୍ୟାନ୍ୟ ସବୁଜ ବନ୍ଧୁଙ୍କ ପରି କିଛି ଦ୍ୱିପେକ୍ଷିକ ପ୍ରଭାବ ପରିଲିଖିତ ହୁଏ । 'ମନେନାହିଁ', 'ଛୁରୀଟିଏ ଲୋଡା' କବିତାଗ୍ରନ୍ଥରେ ଉପଲବ୍ଧ କବିତାଗୁଡିକ ଓଡିଶାର ପଲ୍ଲୀ ଜୀବନକୁ ଚିତ୍ରିତ କରିବାରେ ଅଧିକ ଆତ୍ମିକ ଓ ଅନ୍ତରଙ୍ଗ ମନେହେଇଛି । 'ମନେନାହିଁ' କବିତା ଗ୍ରନ୍ଥର କବିତାଗୁଡିକର ପ୍ରଭାବ ଓ ପରୀକ୍ଷା ନିରୀକ୍ଷାର ଉର୍ଦ୍ଧ୍ୱରେ ତାଙ୍କ ବିହ୍ୱଳ ସମ୍ମୋହନର ପ୍ରତିଲିପି । ପ୍ରତିଟି କବିତା ଶୈଶବ ପ୍ରତି ସମ୍ମୋହିତ ହେବାରେ ସ୍ପନ୍ଦିତ ଓ ଗତିଶୀଳ ହେଉଅଛି ।

ଜଳେ ଥଳେ କେତେ ନିରେଖିଲି
ନୂଆ ଭାବର ନୂଆ ଛବି
ନୂଆ ନୂଆ ରୂପ କଲି ପୂଜା
କଲି ଆଦର ସୁଖ ଲଭି ।

କାଳିନ୍ଦୀଚରଣଙ୍କ କବି ପ୍ରତିଭାର ଗୋଟିଏ ବଡଦିଗ ହେଉଛି – ଏହି ଶତାୟୁ ଶୈଶବ ଦିନମାନଙ୍କର ପ୍ରତି ବିଶେଷ ସମ୍ମୋହିତ ହେବାର ପ୍ରବଣତା । କବିର ଅତୀତପ୍ରୀତି ଓ ପ୍ରକୃତିପ୍ରୀତି ସର୍ବତ୍ର ଗୋଟିଏ ମୁଦ୍ରାର ଦୁଇ ପାଶ୍ୱଭଳି, ଏକକ ଆବେଗରୁ ଉଭୟ ଅତୀତ ପ୍ରତି ସମ୍ମୋହନ ଓ ପ୍ରକୃତିପ୍ରାଣତା ଉତ୍ସାହିତ ହୋଇଥାଏ ।

କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ କବିତା 'ସବୁଜ କବିତା', 'ଛୁରୀଟିଏ ଲୋଡା', 'ମହାଦୀପ', 'ମନେନାହିଁ', 'କ୍ଷଣିକ ସତ୍ୟ' ଆଦି କବିତା ଗ୍ରନ୍ଥର ସବୁ କବିତାର କାବ୍ୟ ସ୍ୱରରେ ଆମେ କବିଙ୍କ ସ୍ୱଜୀବନନୁଭୂତିକୁ ହିଁ ଉପଲବ୍ଧ କରିଥାଉଁ ।

"ଛୁରୀଟିଏ ଲୋଡା" କବିତା ଗ୍ରନ୍ଥରେ – ଛୁରୀଟିଏ ଲୋଡା, ମୋ ବାଣୀ, ମୁକୁଳି ପଡ ଗୋ, ଚାଳର ଘର, ବର୍ଷା ନାୟିକା, କୁହୁପ୍ରାସ, ପୌଷ ମଳୟ, ଆଗାମୀ, ସୁଦୂର ଗାନ, ଚିତ୍ରୋପଳା, ବ୍ୟଥାର ସାଧାନ, ପ୍ରାଚୀନା ଆଦି କବିତା ତାଙ୍କ ଅନ୍ତରାତ୍ମାକୁ ନାନାମତେ ପ୍ରକଟନ କରିଅଛି ।

କାଳିନ୍ଦୀଚରଣଙ୍କ "ମନେନାହିଁ" କବିତା ଗ୍ରନ୍ଥଟି ଅଧିକାଂଶରେ ତାଙ୍କ ଶୈଶବ ପ୍ରୀତିର ସ୍ମାରକୀଭାବ ଦଣ୍ଡାୟମାନ, ଅତୀତପ୍ରୀତି ତାଙ୍କ କବିତ୍ୱର ଏକ ବଡଅଂଶ, ଯାହାର ରୂପାୟନରେ ସେ ଅଧିକ ଛଳଛଳ ଓ ମରମୀ ହୋଇପଡିଛନ୍ତି । ଦୂର ଗାଁ ଗୋଧୂଳି, ଶିଶୁ ସାଥିମାନଙ୍କ ସହ କ୍ରୀଡା କୌତୁକ, ନିଜ ଗାଁର ପରିଚିତ ମାଟି, ଗାଁର ନୀଳ ନିବିଡ ଆକାଶ ସବୁକୁ କବି ସ୍ମରଣକୁ ଆଣିଛନ୍ତି ।

କାଳିନ୍ଦୀଚରଣ ରେଭେନ୍ସା କଲେଜର ଛାତ୍ର ଥିବା ସମୟରେ "ସବୁଜ କବିତା" ସଂକଳନଟି ଯୌଥ ଉଦ୍ୟମର ଏକ ସାରସ୍ୱତ ନିଦର୍ଶନ । ଅନ୍ନଦାଶଙ୍କର, ହରିହର, ବୈକୁଣ୍ଠନାଥ, ଶରତଚନ୍ଦ୍ର,

ସବୁଜମାନେ ଯୌବନର ବନ୍ଦନାଗୀତ ଗାଉଥିବା ସତ୍ତ୍ୱେ ସେମାନଙ୍କର କବିତାରେ କିଛି ଅଧିକ ନୈରାଶ୍ୟ ଥିଲା । ୧୯୨୧ ରୁ ୧୯୩୫ ମସିହା ପର୍ଯ୍ୟନ୍ତ ଓଡିଶାରେ ସବୁଜଗୋଷ୍ଠୀ ଅତ୍ୟନ୍ତ ସକ୍ରିୟ ଥିଲା । ସବୁଜମାନେ ଅଧିକ ସ୍ୱପ୍ନବିଳାସୀ ଥିଲେ ଏବଂ ଏକ ରୋମାଟିଂକ୍ ବିଧୂର ବିଷାଦ ଭାବରେ ଘାରି ହେଉଥିଲେ ।

ସବୁଜମାନେ ପୁଣି କେତେକାଶଂରେ ରହସ୍ୟବାଦୀ ଥିଲେ । ସେମାନେ ଦୂରନିର୍ଜନ ପୃଥିବୀର ଗୀତ ଗାଇଛନ୍ତି ଓ ସେଥିପ୍ରତି ଆଶକ୍ତି ହୋଇଛନ୍ତି ମଧ୍ୟ । ସମଗ୍ର ଭାରତରେ ଏହି ସବୁଜ ସାହିତ୍ୟାଦର୍ଶ ପରି ଅନ୍ୟ ବହୁ ସାହିତ୍ୟାଦର୍ଶ ଥିଲା । ଏହିସବୁ ସାହିତ୍ୟାଦର୍ଶ ବିଭିନ୍ନ ପ୍ରଦେଶରେ  ଭିନ୍ନଭିନ୍ନ ନାମରେ ପରିଚିତ ଥିଲା । ହିନ୍ଦୀ ସାହିତ୍ୟରେ ଛାୟାବାଦୀ ଯୁଗ । ବଙ୍ଗୀୟ ସାହିତ୍ୟରେ କଲ୍ଲୋଲଗୋଷ୍ଠୀ, ମରାଠୀ ସାହିତ୍ୟରେ ରବିକିରଣ ମଣ୍ଡଳଗୋଷ୍ଠୀ ସବୁଜଗୋଷ୍ଠୀଙ୍କ ସହିତ ପ୍ରାୟତ ସମାନ ଥିଲେ ।

ସବୁଜ ସାହିତ୍ୟ ଗୋଟିର ସାହିତ୍ୟିକମାନେ ସର୍ବଦା ନୂତନତା ପ୍ରତି ବେଶୀ ଆଗ୍ରହୀ ଥିଲେ । ସବୁଜ ଥିଲା ଯୌବନର ସ୍ୱପ୍ନ ତଥା ବୈପ୍ଳବିକ ଦୃଷ୍ଟିଭଙ୍ଗୀର ପ୍ରତୀକ । ଏହାଥିଲା ସବୁଜମାନଙ୍କର ସ୍ୱପ୍ନ ଓ ଆଦର୍ଶର ପ୍ରତୀକ । ସୌନ୍ଦର୍ଯ୍ୟ ପ୍ରେମ ଓ ଯୌବନ ପ୍ରତି ଯେତେ ଉନ୍ମୁଖ ଥିଲେ ସାମାଜିକ ପରିବର୍ତନ ପାଇଁ ମଧ୍ୟ ସେମାନେ ସେତିକି ପ୍ରୟାସୀ ଥିଲେ ।

ସବୁଜମାନଙ୍କ ମଧ୍ୟରୁ କାଳିନ୍ଦୀଚରଣଙ୍କ ଲେଖନୀ ଅଜସ୍ରସ୍ରାବୀ, ସେ କବିତା ସହିତ ଗଳ୍ପ, ଉପନ୍ୟାସ ଓ ପ୍ରବନ୍ଧମାନ ରଚନା କରିଅଛନ୍ତି । କାଳିନ୍ଦୀଚରଣ ସେ ଦୃଷ୍ଟିରୁ ସବୁଜମାନଙ୍କ ମଧ୍ୟରୁ ଅଗ୍ରଗଣ୍ୟ । ସିଏ ସୃଷ୍ଟିଶାଳୀ ଗଦ୍ୟ ରଚନାକରି ଓଡିଆ ଗଦ୍ୟ ସାହିତ୍ୟକୁ ମଧ୍ୟ ସମୃଦ୍ଧ କରିଅଛନ୍ତି । କାଳିନ୍ଦୀଚରଣଙ୍କ ମାଟିର ମଣିଷ ଉପନ୍ୟାସ ତଥା ମାଂସର ବିଳାପ ଗଳ୍ପ ସୃଷ୍ଟି କାଳକାଳ ଧରି ସବୁଜ ଯୁଗ ସହିତ କାଳିନ୍ଦୀଚରଣଙ୍କୁ ସ୍ମରଣକୁ ଆଣୁଥିବ ।

**୨.  କବି କାଳିନ୍ଦୀଚରଣ :**

କବି କାଳିନ୍ଦୀଚରଣଙ୍କ କବିତାଗୁଡିକ ମୁଖ୍ୟତଃ ସ୍ୱିରବାଦୀ ଓ ସବୁଜ ଆଦର୍ଶର ହୋଇଥିଲେ ହେଁ କବିତା ରଚନା କରିବା ତାଙ୍କ ଚେତନା ଓ ମନୋଭୂମି ଭିନ୍ନଭିନ୍ନ ସମୟରେ ଭିନ୍ନଭିନ୍ନ ହୋଇଅଛି । ଭୟଙ୍କର ବିଶ୍ୱ ମହାସମରର ପ୍ରଭାବ, ଭାରତର ମୁକ୍ତିସଂଗ୍ରାମ, ସମଗ୍ର ଭାରତରେ ଗାନ୍ଧିଜୀଙ୍କ ବହୁମୁଖୀ କାର୍ଯ୍ୟକ୍ରମ ତଥା ଓଡିଶାର ନାନା ଜାନପର୍ବକ ସମସ୍ୟା ମଧ୍ୟରେ କାଳିନ୍ଦୀଚରଣଙ୍କ ଧ୍ୟାନସ୍ଥ ହୋଇଛି କବିତା ଲେଖିବା ପାଇଁ ଉଲ୍ଲେଖିତ ପରିବେଶ ଓ ପରିସ୍ଥିତିର ଭାବମୁଦ୍ରା ପ୍ରତ୍ୟକ୍ଷ ଓ ପରୋକ୍ଷରେ କାଳିନ୍ଦୀଚରଣଙ୍କ କବିତାରେ ପ୍ରେମ ଓ ବିପ୍ଳବର ସମଷ୍ଟି ଦେଖିବାକୁ ମିଳିଥାଏ । ତାଙ୍କ କବିତାରେ ରୋମାଟିଂକ୍ ଚେତନା, ଶୈଶବ ପ୍ରତି ସମ୍ମୋହନ, ପ୍ରକୃତି ପ୍ରେମ, ଗଭୀର ପଲ୍ଲୀ ସଂପ୍ରୀତି ମାନବବାଦ ତଥା ରହସ୍ୟବାଦୀ ଅସୀମ ଉନ୍ମୁଖତା ପରିଲିଖିତ ହୋଇଅଛି ।





## ପ୍ରଜାପତି

କବି ନରେନ୍ଦ୍ର ମୋଦି 'ପ୍ରଜାପତି' କବିତାରେ ପ୍ରଜାପତିକୁ ସ୍ମରଣ କରିଛନ୍ତି, ତା'ର ଗୁଣକୁ ମଧ୍ୟ ପ୍ରକାଶିତ କରିଛନ୍ତି ।

କୁସୁମ ଉପରେ ଶୋଭେ ପ୍ରଜାପତି ନିମିଷ ପାଇଁ
ଶୋଷିନେଇ ମଧୁ ଉଡ଼ିଯାଏ କ୍ଷଣେ ଜଣା ନ ଯାଇ
ବାସ ଜଳାସୟେ ଭାସେ କି ଭଙ୍ଗିରେ ଦେଖରେ ଚାହିଁ
ନରମ କିରଣ ସବୁ ପ୍ରତ୍ୟୁଷରେ ଝଟକୁ ଥାଏ
କାମ ସାରିଦେଇ ତରତର ହୋଇ ଉଡ଼ି ପଳାଏ
ପରଜାପତିର ଜୀବନ ବିଚିତ୍ର
ଜନମ ମରଣ ଜୀବନ ସ୍ମୃତି
ବନ୍ଧନ କେବେ ଭାଙ୍ଗେନି ସହଯେ
ରଙ୍ଗ ସମୁଦ୍ରର ମନ୍ଦିର ହଜେ ।

## ମଧୁମକ୍ଷିକୁ

କବି ନରେନ୍ଦ୍ର ମୋଦିଙ୍କ କବିତା 'ମଧୁମକ୍ଷି' ବେଶ୍ ହୃଦୟସ୍ପର୍ଶୀ । ସେ ନିଜକୁ ମଧୁମକ୍ଷି ସହ ତୁଳନା କରିଛନ୍ତି । ନିଜର କର୍ତବ୍ୟ ପରାୟଣତାକୁ ମଧୁମଖୀ ଭଳି ଚଳଚଚଂଳ ରୂପେ ବର୍ଣ୍ଣନା କରିଅଛନ୍ତି

ପ୍ରତ୍ୟେକ କର୍ମରେ ମୁଁ ଅନୁଭବେ ସତେ
　　ଏକ ମଧୁମକ୍ଷି ଏପରିକି ପ୍ରବଳ ଶୀତରେ ଅନୁଭୂତ ହୁଏ
ବୈଶାଖର ତାତି ମୋ ଅନ୍ତରେ
　　ମଧୁମକ୍ଷି ସମ ଉଡିବୁଲେ ଫୁଲୁ ଫୁଲେ
ସବୁଠାରେ ବସେ ସିନା ନଥାଏ କେଉଁଠି
　　ଫୁଲ ଉପରେ ବସି ଚୁମି ନିଏ ମଧୁ
ହଜିଯାଏ ତାହାର ସୁବାସେ
　　ମୁଁ କେବେକେବେ ମଧୁମକ୍ଷି ପରି ନିଜେ ଅନୁଭବେ
ଯେଉଁଠି ବଗିଚା ସେଇଠି ତ ସଙ୍ଗୀତ ମୂର୍ଚ୍ଛନା
　　ରଙ୍ଗବେରଙ୍ଗର ସାଜସଜ୍ଜା ମଚଂ ମୁଁ କେବେ ଚାଲେ ନାହିଁ
ଧରାବନ୍ଧା ପଥେ, ମୋ ପଥ ନିଆରା
　　ତୁମେ ଫକୀରକୁ ଭିକାରୀକୁ ଦେଖ କେତେ ସେ
ଉଦାସ କେତେବେପରୁଆ
　　ବେଳେବେଳେ ନିଜକୁ ମଧୁମକ୍ଷି ପରି ଅନୁଭବେ
ସମସ୍ତ ସ୍ୱାଧୀନତା ମଧ୍ୟେ ଅନେକ ପ୍ରତିବନ୍ଧକ
　　ମୁଁ ସେଥିରେ ଗଢିଦିଏ ପଥର ପାହାଚ ଲଙ୍ଘିବାକୁ ଉତୁଙ୍ଗ ପାହାଡ଼
ମୋ ପ୍ରଭୁ ସଦା ଆକାଶରେ ମୁଁ ଅଟେ ସମସ୍ତଙ୍କ ସାଥୀ
　　ଆପଣାକୁ ଅନୁଭବେ ମଧୁମକ୍ଷିପରି ।





ସବୁଜ ଶବ୍ଦଟି ତାରୁଣ୍ୟର ପ୍ରତୀକ । ସ୍ୱପ୍ନ ଓ କଳ୍ପନାର ପ୍ରତୀକ । ବାସ୍ତବ ବିଶ୍ୱରୁ ଦୂରତମ ପୃଥିବୀ ଆଡକୁ ଯିବାର ସ୍ୱପ୍ନ ସେମାନଙ୍କୁ ଅଧିର କରୁଥିଲା । ସେମାନଙ୍କ ସାହିତ୍ୟରେ ସବୁଜମାନେ ସେହି ସ୍ୱପ୍ନର ଗୀତ ଗାଇଛନ୍ତି କେବଳ । କାଳିନ୍ଦୀଚରଣ ଯୌବନରେ ପୂଜାକରି ଗାଇଛନ୍ତି -

ଆକାଶ ଭୁବନ ବସୁନ୍ଧରା
ତୋ ଲାଗି ସେ ମୋ ପ୍ରେମ ପାସରା
ତୁ ନାହିଁ ନାହୁଁଲୋ ପ୍ରିୟେ, ନାହିଁ ବିଶ୍ୱ
ନାହିଁ ନାହିଁ ଏଇ ଆକାଶ ଭୂଇଁ
ଶୂନ୍ୟସବୁ ଚରାଚର, ନାହିଁ ନାହିଁ କିଛି ଏଥି
ନାହିଁ ନିଜେ ମୁହିଁ ।

ସବୁଜମାନେ ଥିଲେ ରାଧାନାଥ ଯୁଗ ତଥା ସତ୍ୟବାଦୀ ଗୋଷ୍ଠୀର ଜାତୀୟତାବାଦର ବିରୋଧି । ଜୀବନ ସୁନ୍ଦର, ଜୀବନର ସ୍ୱପ୍ନ ଓ ଯୌବନ ସୁନ୍ଦର - ଏହିଭଳି ଅନୁଭବ ପ୍ରତି ସବୁଜମାନେ ଅଧିକ ବିଶ୍ୱସ୍ତ ଥିଲେ । ରାଧାନାଥ ଉତ୍କଳ ଅତୀତର ଯୋଉଁ ଗୌରବାବଭ ଗାଥାସବୁ ଗାଇଛନ୍ତି । ସତ୍ୟବାଦୀର ସାଧକମାନେ ଜାତିର ମୁକ୍ତି ଓ ପ୍ରଗତିପାଇଁ ଯୋଉଁ ଗଭୀର ଦେଶପ୍ରାଣତାର କଥା କହିଛନ୍ତି - ସବୁଜମାନେ ସେହି ପରମ୍ପରାର ଉତୋରଣକୁ ତ୍ୱରାନିତ କରିପାରିନାହାଁନ୍ତି ବଂର ସେମାନେ ଯୌବନର ତରଳ ଗୀତ ଗାଇବାକୁ ଅଧିକ ପସନ୍ଦ କରିଅଛନ୍ତି । ରାଧାନାଥ ପ୍ରେମର ଆଦର୍ଶକୁ ମଧ୍ୟ ସେମାନେ ସଂପୂର୍ଣ୍ଣ ଭାବରେ ମାନିନାହାଁନ୍ତି । ସବୁଜମାନେ ସେମାନଙ୍କ ଜୀବନ ଉଲ୍ଲାସ ଓ ଯୌବନର ଉଚ୍ଛ୍ୱାସକୁ ଚତୁର୍ଦ୍ଦିଗରେ ଖେଳାଇ ଦେଉଥିବା ସତ୍ୱେ ସଂଖ୍ୟାରେ ଯଥେଷ୍ଟ କମ୍‌ଥିଲେ । ସବୁଜମାନେ ସେତେବେଳେ ରକ୍ଷଣ ଶୀଳତା ପାଇଁ ହେଉ ଅବା ଅନ୍ୟ କୌଣସି କାରଣରୁ ହେଉ ବିଶେଷ୍ୟ ଜନସମର୍ଥନ ମିଳୁନଥିଲା ।

ସବୁଜଗୋଷ୍ଠୀର ସାହିତ୍ୟ ଓଡିଶାରେ ସବୁଜ ସାହିତ୍ୟ ନାମରେ ପରିଗଣିତ ହେଲା । ସବୁଜ ସାହିତ୍ୟର ପ୍ରାଣଶକ୍ତି ପ୍ରଚଣ୍ଡ ଥିଲା । କାଳିନ୍ଦୀଚରଣ ତାଙ୍କ ଆତ୍ମଜୀବନୀ - "ଅଙ୍ଗେ ଯାହା ନିଭାଇଛି"ରେ ଉଲ୍ଲେଖ କରିଅଛନ୍ତି - ଏହି ସବୁଜ ଗୋଷ୍ଠୀ ଏକପ୍ରକାର ସାହିତ୍ୟିକ ଆଡାଥିଲା । ସବୁଜଗୋଷ୍ଠୀର ସାହିତ୍ୟିକ ଆଦର୍ଶ ଏକ କ୍ଷଣିକ ପ୍ରବଣତା ମାତ୍ର ନଥିଲା, ତା'ର ଏକ ସ୍ପଷ୍ଟ ଲକ୍ଷ୍ୟଥିଲା । କିଛି ସଂକଳ୍ପ ଓ ଅଙ୍ଗୀକାର ବଦ୍ଧତା ଥିଲା । ସବୁଜମାନେ ଯେପରି ସ୍ୱପ୍ନବାଦୀ ଥିଲେ ସେହିପରି ସଂସ୍କାର ପ୍ରୟାସୀ ମଧ୍ୟ ଥିଲେ । ସେମାନେ ନୂତନତାର ଆରାଧାନ କରୁଥିଲେ ମଧ୍ୟ ଅତୀତ ପ୍ରତି ସମ୍ମୋହିତ ହୋଇଥିଲେ । ଭାରତୀୟ ସାମାଜିକ ଜାଗରଣ ପ୍ରତି ସେମାନଙ୍କର ଯଥେଷ୍ଟ ଉନ୍ମୁଖତା ମଧ୍ୟ ଥିଲା । ପୃଥିବୀର ଚିନ୍ତା ବିପ୍ଳବ ବିଷୟରେ ସେମାନେ ବହୁଭାବରେ ସଚେତନ ମଧ୍ୟ ଥିଲେ ।

## ସାରସ୍ୱତସାଧକ କାଳିନ୍ଦୀଚରଣ ପାଣିଗ୍ରାହୀ

ଓଡିଆ ସାହିତ୍ୟର ସମସ୍ତ ବିଭାଗରେ କାଳିନ୍ଦୀଚରଣ କଲମ ଚାଳନା କରିଥିଲେ । ସେ ତାଙ୍କର ଲେଖନୀରେ ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । ନିମ୍ନୋତର କାଳିନ୍ଦୀଚରଣଙ୍କର ସାହିତ୍ୟିକ ବ୍ୟକ୍ତିତ୍ୱକୁ ବିଭକ୍ତିକରଣ କରି ସାମ୍ୟକ୍ ଆଲୋଚନା ପାଠକ ପାଠିକାଙ୍କ ନିକଟରେ ଉପସ୍ଥାପନା କରୁଅଛି ।

୧. ସବୁଜ ତରୁଣ କବି କାଳିନ୍ଦୀଚରଣ
୨. କବି କାଳିନ୍ଦୀଚରଣ
୩. ଔପନ୍ୟାସିକ କାଳିନ୍ଦୀଚରଣ
୪. ଗାଳ୍ପିକ କାଳିନ୍ଦୀଚରଣ
୫. ପ୍ରାବନ୍ଧିକ କାଳିନ୍ଦୀଚରଣ
୬. ନାଟ୍ୟକାର / ଏକାଙ୍କିକାକାର କାଳିନ୍ଦୀଚରଣ
୭. ସମାଲୋଚକ କାଳିନ୍ଦୀଚରଣ
୮. ଆତ୍ମଜୀବନୀକାର କାଳିନ୍ଦୀଚରଣ

### ୧. ସବୁଜ ତରୁଣ କବି କାଳିନ୍ଦୀଚରଣ :

ଓଡିଶାର ତଥା ଭାରତର ଏକ ମର୍ଯ୍ୟଦାତମ ଶିକ୍ଷାନୁଷ୍ଠାନ ରେଭେନ୍ସା କଲେଜରେ ତରୁଣ ଯୁବସୁଲ୍ଲଭା କାଳିନ୍ଦୀଚରଣ ଅଧ୍ୟୟନ କରୁଥିବା ସମୟରେ ସବୁଜଗୋଷ୍ଠୀ ଗଠନ କରିଥିଲେ । ଏହି ଗୋଟିରେ କବି କାଳିନ୍ଦୀଚରଣ ପାଣିଗ୍ରାହୀ, ଅନ୍ନଦାଶଙ୍କର ରାୟ, ବୈକୁଣ୍ଠନାଥ ପଟ୍ଟନାୟକ, ଶରତଚନ୍ଦ୍ର ମୁଖାର୍ଜୀ ପ୍ରମୁଖ ସବୁଜଗୋଷ୍ଠୀରେ ରହିଥିଲେ । ଏହାଥିଲା ସେମାନଙ୍କର ସାରସ୍ୱତ ବନ୍ଧୁତା ପାଇଁ ଏକ ସୁଯୋଗ ସେମାନେ ସମସ୍ତେ କଲେଜର ପୂର୍ବଛାତ୍ରବାସରେ ରହୁଥିଲେ । ସେମାନଙ୍କ ଯୁବକତ୍ୱ ବିଶ୍ୱର ଜ୍ଞାନବିଜ୍ଞାନ କାର୍ଯ୍ୟ କରିବାପାଇଁ ନନ୍‌ସେନସ୍ କ୍ଲବ ଗଠନ କରିଲେ । ସେହି କ୍ଲବର ମୁଖପାତ୍ର ଭାବରେ ସେମାନେ "ଅବକାଶ" ନାମକ ଏକ ହାତଲେଖା ପତ୍ରିକା ପ୍ରକାଶ କରିଥିଲେ । ସବୁଜ ଯୁଗ ମୁଖ୍ୟତଃ ୧୯୨୧ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । ୧୯୩୨ ମସିହାରେ ସବୁଜ ସାହିତ୍ୟ ସମିତି – "ଯୁଗବାଣୀ" ପତ୍ରିକା ପ୍ରକାଶିତ କଲା । ଅନ୍ୟତମ ସବୁଜ କବି ହରହର ମହାପାତ୍ରଙ୍କ ଉପରେ ଏହାର ସଂପାଦନା ଦାୟିତ୍ୱ ଅର୍ପଣ କରିଥିଲେ । ୧୯୩୫ରେ ସବୁଜ ବନ୍ଧୁମାନେ ସେମାନଙ୍କର ସ୍ୱରଚିତ କବିତାଗୁଡିକୁ "ସବୁଜ କବିତା" ନାମରେ ପ୍ରକାଶ କରିଥିଲେ । ଏହା ଓଡିଶାର ଅଗଣିତ ପାଠକ ପାଠିକାଙ୍କ ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିଥିଲା ।





## ସ୍ୱଚ୍ଛତାକୁ

କବି ନରେନ୍ଦ୍ର ମୋଦି ସ୍ୱଚ୍ଛତା କବିତା ମାଧ୍ୟମରେ ନିଜର ମନର ଭାବକୁ ପ୍ରତିପାଦନ କରିଛନ୍ତି – ସ୍ୱଚ୍ଛତା ଭଳି ସେ ଅନ୍ୟାୟକୁ କଦାପି ବରଦାସ୍ତ କରନ୍ତି ନାହିଁ କିନ୍ତୁ ନ୍ୟାୟଠାରୁ ନୀରବରେ ହଜିଯିବାର ଜଣେ ମଣିଷଟିଏ ।

ଗୋଲକ ଧନ୍ଦାର ନୀରବତା ପ୍ରତିପଦାରେ
ଅବା ଜଣେ ଦୋଷୀର କୃରତାରେ
ମୁଁ କେବେ ବିଶ୍ୱାସ କରେନା
ସବୁବେଳେ ସ୍ୱଚ୍ଛତାକୁ ଓ ତରଳ ସ୍ରୋତକୁ ମୁଁ
କେବେ ଅବିଶ୍ୱାସ କରେନା
ମରୁରେ ପାଣିର କାଳ୍ପନିକ ଭେକସମ ସବୁ ପ୍ରହେଳିକା
ସେମାନଙ୍କୁ ମୁଁ କହିପାରେନା
ଅନ୍ୟାୟକୁ ମୁଁ ଭୁଲତା କୁଚଂନା କରେ
ନ୍ୟାୟଠାରୁ ନୀରବରେ ହାରିଯିବା ଜଣେ ମଣିଷ
କେବେ ଲଜ୍ୟାବୋଧ କରେନା ।

## ନୂତନ ଦିନର ଅପେକ୍ଷା

କବି ନରେନ୍ଦ୍ର ମୋଦି – ନୂତନ ଦିନର ଅପେକ୍ଷା କବିତାର ସକାଳର ଆଗମନକୁ ସୂଚାଇଛନ୍ତି ।

ଡ଼ହଡ଼ହ ଆକାଶରେ ପଥର ସମ ସୂର୍ଯ୍ୟ ଉଇଁ ଆସେ
ସାରାଦିନ ଝୋଟବସ୍ତ୍ର ସମ ଅତିରୁକ୍ଷ ଅତି ଅମସୃଣ
ଶୁଷ୍କ ବାୟୁ ତୁମେ ପାଦ ପରେ
ଅତି ନିର୍ଦ୍ଦୟ ଭାବରେ ଚାପ ଦିଏ ଆଣି
ରୁଗ୍‌ଗୁଣ ସମ ସନ୍ଧ୍ୟାର୍ଣ୍ଣ କାଶଇ
ସାୟହ୍ନ ଅସହାୟ ସମ ପଡ଼ିଥାଏ
ଲୁଟିଯାଏ ଅନ୍ଧକାର ଗାଲିଚା ଉପରେ
ସାରା ରାତି ସୂର୍ଯ୍ୟମୁଖୀ ଅପେକ୍ଷାରେ ଥାଏ
ଦେଖିବାକୁ ସକାଳର ସୂର୍ଯ୍ୟାଲୋକ
ଫୁଟିବ ସେ ରବିକର ଲଭି ।





କାଳିନ୍ଦୀଚରଣ ଥିଲେ ଓଡିଶାର ବହୁପରିଚିତ ଜଣେ ପାଠ୍ୟପୁସ୍ତକ ଲେଖକ ଓ ସଫଳ ଶିଶୁ ସାହିତ୍ୟିକ । ୧୯୭୬ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ ସାମଗ୍ରିକ ସାରସ୍ୱତ କୃତିପାଇଁ ସମ୍ମାନଜନକ ଡକ୍ଟର ଅଫ୍ ଲିଟେରଚର (ଡି.ଲିଟ୍) ଉପାଧି ପ୍ରଦାନ କରିଛନ୍ତି ।

କାଳର ଚକ୍ର ବିହୋରେ ସମସ୍ତେ ଦିନେ ନା ଦିନେ ଏ ସମାଜରୁ ବିଦାୟ ନେବାକୁ ପଡିଥାଏ ସେଥିରୁ କାଳିନ୍ଦୀଚରଣ ବାଦ୍ ପଡିଥାନ୍ତେ କିପରି – ୧୫/୦୫/୧୯୯୧ ମସିହାରେ କାଳିନ୍ଦୀଚରଣ ଦେହତ୍ୟାଗ କରିଥିଲେ ମାତ୍ର ତାଙ୍କର ସାହିତ୍ୟକୃତି କାଳକାଳକୁ ତାଙ୍କୁ ଅମର କରି ରଖିଅଛି ।

ରଖିଥିଲେ ସ୍ୱପ୍ନପୁରୀ । ମହାନ ସାରସ୍ୱତ ପୁରୁଷ ପଦ୍ମଭୂଷଣ ଡକ୍ଟର କାଳିନ୍ଦୀଚରଣ ପାଣିଗ୍ରାହୀ ସେହି ସ୍ୱପ୍ନପୁରୀରେ ବାଣୀସାଧନା କରିବାପାଇଁ ସମଗ୍ର ଜୀବନ ସ୍ୱପ୍ନପ୍ରବଣ ହୋଇଥିଲେ । ସ୍ୱପ୍ନପୁରୀ ଥିଲା ଯେପରି କାଳିନ୍ଦୀଚରଣଙ୍କ ସୁଦୀର୍ଘ ସାରସ୍ୱତ ଜୀବନପାଇଁ ଏକ ସାଧନାକକ୍ଷ ।

ସବୁଜ ଯୁଗର ଅନ୍ୟତମ ବିଦ୍ଧାଣ ଥିଲେ – କାଳିନ୍ଦୀଚରଣ ପାଣିଗ୍ରାହୀ, ୧ ୯ ୨ ୧ ରୁ ଆରମ୍ଭହୋଇ ୧ ୯ ୩୩ରେ ସବୁଜଯୁଗ ପରିସମାପ୍ତି ଲାଭକରିଥିଲା । ନବସୃଜନ ଧର୍ମ, ଯୌବନ ଧର୍ମ, ପ୍ରଗତିବାଦୀ ଯୁଗଧର୍ମ ମିଶି ବସ୍ତୁତଃ ସବୁଜସାହିତ୍ୟର ଧର୍ମ ବା ଆଦର୍ଶ ଗଠନ ହୋଇଥିଲା । ସବୁଜସାହିତ୍ୟର ଲକ୍ଷ୍ୟଥିଲା ପ୍ରାଚ୍ୟ ପାଶ୍ଚାତ୍ୟର ଭାବ ଓ ଚିନ୍ତାତ୍ମକ ସମନ୍ୱୟ ଏବଂ ବିଶ୍ୱମୁଖୀନତା । ଇଂରାଜୀ ସାହିତ୍ୟ ପ୍ରତି ଅନ୍ୟ ସବୁଜ ବନ୍ଧୁମାନଙ୍କ ସହିତ କାଳିନ୍ଦୀଚରଣଙ୍କ ଯଥେଷ୍ଟ ଆଗ୍ରହ ଥିଲା । ତାହା ତାଙ୍କ ସାହିତ୍ୟ ରୁଚିକୁ ମଧ୍ୟ ନାନା ଭାବରେ ପୃଷ୍ଟ କରିଅଛି । ତାଙ୍କ ନିବିଡ ସାହିତ୍ୟିକ ଜୀବନ ସହିତ ତାଙ୍କର ସାଂଗଠନିକ ବ୍ୟବସ୍ଥା ମଧ୍ୟ ରହିଥିଲା । କାଳିନ୍ଦୀଚରଣ – ଭଞ୍ଜପ୍ରଦୀପ ଓ ମୟୁରଭଞ୍ଜ କ୍ରିନିକିଲର ସଂପାଦନା କରୁଥିଲେ । ବାରିପଦାରେ ଏକ ନିୟମିତ ସାହିତ୍ୟ ଆସର କରୁଥିଲେ ।

ଷ୍ଟୋଟସମେନ୍ ଓ ଏସୋସିଏଟେଡ୍ ପ୍ରେସର ପ୍ରତିନିଧି ଭାବକ ମଧ୍ୟ ସେ କାର୍ଯ୍ୟ କରୁଥିଲେ । ୧ ୯ ୩୮ ରେ କାଳିନ୍ଦୀଚରଣ ଓଡିଶା ସରକାରୀ ଛାପାଖାନାରେ ହେଡରିଡର ଭାବରେ ମଧ୍ୟ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟନିର୍ବାହ କରିଥିଲେ । ୧ ୯ ୫ ୬ ମସିହାରେ ସେ କଟକ ଆକାଶବାଣୀରେ ସାହିତ୍ୟ ବିଭାଗର ପ୍ରଡ୍ୟୁସର ଭାବରେ ଯୋଗଦାନ କରିଥିଲେ । ସେତେବେଳକୁ ସେ ଭାରତୀୟ ପିଇଏନ୍‌ର ଜଣେ ସକ୍ରିୟ ମୁଖ୍ୟ ସଦସ୍ୟ ଥିଲେ ।

କାଳିନ୍ଦୀଚରଣ – ଆଗବୋଲା ଓ ଅରୁପ ଛଦ୍ମ ନାମରେ ଅନେକ ଲେଖା ପ୍ରକାଶିତ କରିଅଛନ୍ତି । ବିଶିଷ୍ଟ କଥାଶିଳ୍ପୀ ମୁନ୍‌ସୀ ପ୍ରେମଚାନ୍ଦଙ୍କ ସଂପାଦିତ “ହଂସ” ପତ୍ରିକାରେ ମଧ୍ୟ ସେ ଉପଦେଷ୍ଟା ଥିଲେ । ଓଡିଶାର ଶତାୟୁ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜର ସେ ସଭାପତି ଭାବରେ ଅନେକ ବର୍ଷଧରି କାର୍ଯ୍ୟ କରିଥିଲେ ।

କାଳିନ୍ଦୀଚରଣ ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ ସାହିତ୍ୟ ଅଧ୍ୟୟନ ପ୍ରତି ଅଧିକ ଆଗ୍ରହୀ ଥିଲେ । ବିଶ୍ୱକବିଙ୍କ ସମସ୍ତ ରଚନା ସେ ଅତି ତରୁଣ ବୟସରୁ ହିଁ ପାଠ କରିଥିଲେ ।

ଭକ୍ତକବି ମଧୁସୂଦନ ରାଓ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ କାଳିନ୍ଦୀଚରଣଙ୍କ ବାପା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କର ବନ୍ଧୁଥିବାରୁ ସେ ଶୈଶବରୁ ସେମାନଙ୍କ ପ୍ରତ୍ୟେକ୍ଷ ସଂସ୍ପର୍ଶରେ ଆସିଥିଲେ । ବଡଭାଇ ଦିବ୍ୟସିଂହ ପାଣିଗ୍ରାହୀ ଓ ସାନଭାଇ ଭଗବତୀ ଚରଣ ପାଣିଗ୍ରାହୀ ତାଙ୍କ ପରିବାରରେ ଆଉ ଦୁଇଜଣ ବିଶିଷ୍ଟ ଲେଖକ ଥିଲେ ।





## ବିଭୁକୃପା

କବି ନରେନ୍ଦ୍ର ମୋଦି ‘ବିଭୁକୃପା’ କବିତାରେ ନିଜକୁ ଜଣେ ଭକ୍ତ ଭାବରେ ଭଗବାନଙ୍କୁ ସମର୍ପି ଦେଇଛନ୍ତି । ତାଙ୍କର କୃପାବିନା ସେ ଜୀବନରେ କିଛି କରିପାରିବେ ନାହିଁ । ତାଙ୍କୁ ସେ ଯାହା ଦେଇଛନ୍ତି ତାହାକୁ ପାଥେୟ କରି ଆଗକୁ ଚାଲିଛନ୍ତି ଜୀବନର ରଥରେ ।

ହେ ପ୍ରଭୁ ମୋର ସତା ଓ ଏ ସାରା ଧରାରେ
କାହାକୁ ଶାନ୍ତି ଦିଏ ବା ନଦିଏ
କିନ୍ତୁ ମୁଁ ତୁମକୁ କେବେ ଅଶାନ୍ତ କରିବି ନାହିଁ
ଆପଣଙ୍କ କୃପା ବଳରେ କଟଂାବି ଫୁଲି ହୁଏ
ମୁଁ ଯେବେ ବର୍ଷାରେ ଭିଜୁଥାଏ
ତୁମେ ସେତିକି ବେଳେ ମୋ ପାଖକୁ ଆସ
ସୂର୍ଯ୍ୟଙ୍କ କିରଣ ନେଇ
ଋତୁ ଚକ୍ର ଆସୁଥାଏ ଯାଉଥାଏ
ପୁଣି ଥରେ ଆସିବାର ପାଇଁ
କିନ୍ତୁ ମୋର ହୃଦୟର ଋତୁ ଚକ୍ର ସାଶ୍ୱତ ବସନ୍ତ
ଆପଣ ମୋତେ ଏତେ ଦାନ ଦେଇଛନ୍ତି ଯେ
ମୋ ପାଖରେ ମାଗିବାର କୌଣସି ପ୍ରଶ୍ନ ହିଁନାହିଁ
ମୋତେ ବା ଆପଣଙ୍କୁ କିପରି ମୁଁ ଶାନ୍ତି କରିବି ?
ମୋ ପାଇଁ କେଉଁଟା କର୍ତବ୍ୟ ଆଉ କେଉଁଟା ନୁହେଁ ?

## ପ୍ରଚେଷ୍ଟା

କବି ନରେନ୍ଦ୍ର ମୋଦିଙ୍କ କବିତା 'ପ୍ରଚେଷ୍ଟା' ତାଙ୍କ ଆତ୍ମାର ବାଣୀ । ପ୍ରଚେଷ୍ଟା ହିଁ ସବୁ କାର୍ଯ୍ୟର ପଥପ୍ରଦର୍ଶକ ମୋର ଦୃଷ୍ଟିଶକ୍ତି  କମିଯାଇପାରେ କିନ୍ତୁ ମୋର ଦୂରଦୃଷ୍ଟି ଅତୁଟ ରହିବ ।

ସମୟ ଆସିଲେ ହୁଏତ ମୋ ଦୃଷ୍ଟି ଶକ୍ତି କମିଯାଇ ପାରେ
ହେଲେ ମୋର ଦୂରଦୃଷ୍ଟି ଅତୁଟ ରହିବ
ମୁଁ ସର୍ବଦା ସୁଦୃଢ ରହିବି ଗିରିସମ ଅଟଳ ଅଟଳ
ବାକ୍ୟ ମୋର ନୁହଁଇ ରଞ୍ଜିତ ଅବା ଚିତ୍ରିତ
ଭାଷଣ ମୋ ରହିବ ସଚେତ ସୁସ୍ପଷ୍ଟ
ମୁଁ ଏ ଭୂଇଁକୁ ପ୍ରାଣଧିକ ପ୍ରେମ କରେ
ନୀରବରେ ଗୀତ ଗାଏ ମିଳନର ଗୀତି
ସମୟ ଆସିପାରେ ମୋର ଦୃଷ୍ଟି ଶକ୍ତି କମାଇ ଦେବାକୁ
କିନ୍ତୁ ମୋର ଦୂରଦୃଷ୍ଟି ଅତୁଟ ରହିବ
ମୋର ପ୍ରତ୍ୟେକଟି କର୍ମରେ ରହିଛି ଭଗବତ କୃପା
ଯେ କେବେ ତ୍ରୁଟି କରେ ନାହିଁ
ଭୟ କିମ୍ବା କାହାକୁ ରହିବ ?
ମୋର ସମସ୍ତ କର୍ମ ମୋର ନିଜର ସ୍ୱିରୀକୃତ ଅଟେ
ସଦା ଯାହା ମାନବ ଚିତ ଅଟେ ।
ସମୟ ଆସିବ ମୋର ଦୃଷ୍ଟି କୁ କମାଇ ଦେଇପାରେ
ହେଲେ ମୋର ଦୂରଦୃଷ୍ଟି ଅତୁଟ ରହିବ ।





ରଖିଥିଲେ ବୋଲି କହିଥିଲେ ।

'ଉତ୍କଳ ସାହିତ୍ୟ'ର ପ୍ରବୀଣ ସଂପାଦକ ବାଗ୍ମୀ ବିଶ୍ୱନାଥ କର ଏବଂ 'ମୁକୁର ପତ୍ରିକା'ର ସୁଧୀ ସଂପାଦକ ବ୍ରଜସୁନ୍ଦର ଦାସଙ୍କ ସ୍ନେହ ଓ ସାନ୍ନିଧ୍ୟ କାଳିନ୍ଦୀଚରଣ ଓ ସମକାଳୀନ ସବୁଜଗୋଷ୍ଠୀର ସହପାଠୀମାନଙ୍କୁ ବିଶେଷ ପ୍ରବୋଧିତ କରିଥିଲା । ଏତଦ୍‌ବାଦ ରେଭେନ୍ସା କଲେଜର ସୁନାମଧନ୍ୟ ଅଧାପକ ଗିରିଜା ଶଙ୍କର ରାୟ, ବିପିନ୍ ବିହାରୀ ରାୟ, ଆର୍ତବଲ୍ଲଭ ମହାନ୍ତି, ଲକ୍ଷ୍ମୀକାନ୍ତ ଚୌଧୁରୀ ପ୍ରମୁଖ ବିଦ୍ୱାନମାନଙ୍କ ଶ୍ରଦ୍ଧା ଓ ଉତ୍ସାହ କାଳିନ୍ଦୀଚରଣଙ୍କୁ ଲେଖାଲେଖି କରିବାପାଇଁ ପ୍ରେରଣା ଦେଇଥିଲା

ଅନ୍ନଦାଶଙ୍କର ତଥା ଶରତଚନ୍ଦ୍ର ଆଇ.ଏ. ପାସ୍‌କରି ଉଚ୍ଚତର ଅଧୟନ ପାଇଁ ପାଟଣା ଚାଲିଯିବା ପରେ ନିକଟରେ ସବୁମତେ ଏମାନଙ୍କର କେନ୍ଦ୍ର ହୋଇ ରହିଲେ କାଳିନ୍ଦୀଚରଣ, ୧୯୨୩ ରୁ ୧୯୨୫ ମଧରେ କାଳିନ୍ଦୀଚରଣଙ୍କ ବିଶେଷ ତତ୍ପରତା ଯୋଗୁ ସବୁଜଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଅନ୍ୟମାନଙ୍କୁ ମିଶାଇ ଏକ ଯୌଥ ଉପନ୍ୟାସ ରଚନାର ପରିକଳ୍ପନା କରିଥିଲେ । "ଉତ୍କଳ ସାହିତ୍ୟ"ର ବରେଣ୍ୟ ସଂପାଦକ ବିଶ୍ୱନାଥ କର ଶ୍ରଦ୍ଧାବଶତଃ କାଳିନ୍ଦୀଚରଣଙ୍କ ଏ ପ୍ରକାରର ଅଭିନବ ଉଦ୍ୟମ ପ୍ରଶଂସାକରି ଯୌଥ ଉପନ୍ୟାସର ସଯତ୍ନ ପ୍ରସ୍ତୁତି ପାଣ୍ଡୁଲିପିକୁ "ଉତ୍କଳ ସାହିତ୍ୟ"ରେ ଖଣ୍ଡଖଣ୍ଡ କରି ଛାପିଥିଲେ ।

କାଳିନ୍ଦୀଚରଣ ସବୁଜଗୋଷ୍ଠୀଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଅନ୍ୟତମ ସଦସ୍ୟ ଭାବରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ସବୁଜ ସାହିତ୍ୟ ସୃଷ୍ଟିକୁ ସେ ଏକ ପ୍ରଭାବଶାଳୀ ଆଧୁନିକ କାବ୍ୟ ଆନ୍ଦୋଳନରେ ପରିଣତ କରିପାରିଥିଲେ । କାଳିନ୍ଦୀଚରଣ ତାଙ୍କର ଜୀବନ ଆରମ୍ଭରେ ଜଣେ ସାମ୍ବାଦିକ ହେବାପାଇଁ ସ୍ୱପ୍ନ ଦେଖିଥିଲେ, ସେ ଓଡିଶାର ଆକାଶବାଣୀ । କଟକରେ ନିଯୁକ୍ତି ହେବାସହ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ମଧ ସକ୍ରିୟ କାର୍ଯ୍ୟ କରିଛନ୍ତି ।

ତାଙ୍କର ନିଷ୍ଠା ଓ ଆନ୍ତରିକତା ଯୋଗୁ ସେ ସବୁକ୍ଷେତ୍ରରେ ସଫଳ ହୋଇଛନ୍ତି, ଶିଶୁ ସାହିତ୍ୟିକ ହେବାଠାରୁ ଆରମ୍ଭକରି ଉଚ୍ଚ ଉଦାର ଅନୁଭବକରି କବିତା ଲେଖିବା ପର୍ଯ୍ୟନ୍ତ ସେ ହେଉଛନ୍ତି ଓଡିଶାର ଅନ୍ୟତମ ବିଶିଷ୍ଟ ସାରସ୍ୱତ ପୁରୁଷ, ସେ ଶିଶୁ ଶ୍ରେଣୀର ପିଲାଙ୍କଠାରୁ ବେଶ୍ ସରସ ଓ ସୁପାଠ୍ୟ କବିତା ଲେଖିପାରିଛନ୍ତି ତଥା ପ୍ରବୀଣ ଭାବବିହୋର ପରମାର୍ଥୀମାନଙ୍କ ପାଇଁ ମଧ ବହୁ ଭାବୋଦୀପକ କବିତା ଲେଖିଛନ୍ତି । ଏହା କ'ଣ ବଡ ପାରଦର୍ଶିତାର ବିଷୟ ନୁହେଁ ।

କାଳିନ୍ଦୀଚରଣଙ୍କ ଅଧିକାଂଶ କବିତା ପୁଣି ସ୍କୁଲ ଓ କଲେଜ ପାଠ୍ୟକ୍ରମରେ ପ୍ରଚଳିତ । ବିଶ୍ୱବିଦ୍ୟାଳୟର ଉଚ୍ଚତମ ଶ୍ରେଣୀରେ ତାଙ୍କର କବିତା ପାଠ୍ୟ ହେଉଛି ଓ ଅନେକଙ୍କ ଦ୍ୱାରା ତାଙ୍କ କବିତାରେ ଉଚ୍ଚତର ଗବେଷଣା ମଧ କରାଯାଉଅଛି ।

କାଳିନ୍ଦୀଚରଣ ଅତି ଶୈଶବରୁ ହିଁ ଅଧିକ ସ୍ୱପ୍ନପ୍ରବୀଣ ଥିଲେ । ସ୍ୱପ୍ନ ନଥିଲେ କାହାର ଜୀବନ ସୃଜନଶୀଳ ହୁଏନାହିଁ । ତାଙ୍କ ପିତା ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କ ସ୍ମୃତିରେ ସେ ତାଙ୍କର ବାସଗୃହର ନାମ

ସେହିପରି ଭାବନିଷ୍ଠ ମଧ୍ୟ । ତାଙ୍କ ଶୈଳୀରେ ବେଶ୍ ଏକ ସୃଜନଶୀଳତା ଅନୁଭବ ସଚାଂରିତ ହୋଇଥିଲା । ତାଙ୍କ ପ୍ରକାଶିତ ପ୍ରବନ୍ଧମାନଙ୍କ ମଧ୍ୟରେ – ସତ୍ୟ ଶିବ ସୁନ୍ଦର, ତ୍ୟାଗ ଓ ପ୍ରେମ, ବେଗ ହିଁ ଉନ୍ନତିର ଲକ୍ଷଣ, ବିଶ୍ୱରୂପ ଦର୍ଶନ, ଉତରାଧିକାର, କିଶୋର ଜ୍ଞାନ, ଆଧୁନିକ ନାରୀ ଆଦି ପ୍ରଧାନ, ତତ୍‌ସହିତ କେତେକ ଉତ୍କୃଷ୍ଟ ଜୀବନୀମୂଳକ ତଥା ବର୍ଣ୍ଣନାତ୍ମକ ପ୍ରବନ୍ଧ ରଚନା କରିଅଛନ୍ତି ।

ଓଡିଆ ସାହିତ୍ୟର ପରମ୍ପରା, ଫକୀରମୋହନଙ୍କ ଚରିତ୍ର ଚିତ୍ରଣ, ଲାବଣ୍ୟବତୀରେ ଉପେନ୍ଦ୍ର ଭଞ୍ଜ, ବିଶ୍ୱକବି ରବିନ୍ଦ୍ରନାଥ ଠାକୁରଙ୍କ ସାହିତ୍ୟରେ ବିଶ୍ୱମୈତ୍ରୀ, ଓଡିଆ ନାଟକ ଓ ରଙ୍ଗମଚଂର ଐତିହାସିକ ଅଭ୍ୟୁତ୍‌ଥାନ, ହିନ୍ଦୀ କଥା ସାହିତ୍ୟ ସମ୍ରାଟ ପ୍ରେମଚାନ୍ଦ, ବୋରିସ୍ ପାସ୍ତରନାକ, ମଥୁରା ମଙ୍ଗଳ ସମାଲୋଚନା ଆଦି କେତେକ ସାହିତ୍ୟ ସମାଲୋଚନାମୂଳକ ପ୍ରବନ୍ଧରେ ତାଙ୍କର ଗଭୀର ଅନ୍ତବୃଷ୍ଟି, ଉନ୍ନତ ଆଭିରୁଚି ତଥା ସୂକ୍ଷ୍ମାତିସୂକ୍ଷ୍ମ ବିଚାର ବିଶ୍ଳେଷଣ ଓଡିଆ ସମାଲୋଚନା ପ୍ରବନ୍ଧ ସାହିତ୍ୟରେ କ୍ୱଚିତ୍ ପରିଲିକ୍ଷିତ ହୋଇଥାଏ ।

କାଳିନ୍ଦୀଚରଣ ବହୁକ୍ଷୁଦ୍ର, ବୃହତ୍ ସାହିତ୍ୟ ତଥା ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ଓଡିଶା ସାହିତ୍ୟ ଏକାଡେମୀ ତଥା ଆକାଶବାଣୀର ବିଭିନ୍ନ ପଦ ଓ ପଦବୀରେ ଥାଇ ଓଡିଆ ସାହିତ୍ୟ, ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସଂକଳ୍ପବଧ ଭାବରେ ଉଦ୍ୟମ କରିଅଛନ୍ତି । କାଳିନ୍ଦୀଚରଣ ଯେପରି ଜଣେ ପ୍ରତିଷ୍ଠିତ ରୋମାଟିଂକ କବି ଥିଲେ, ସେପରି ଜଣେ ପ୍ରମୁଖ ମାନବତାବାଦୀ ତଥା ବାସ୍ତବତାବାଦୀ କଥାଶିଳ୍ପୀ ଥିଲେ । ତାଙ୍କ ଗଳ୍ପ ଓ କବିତାରେ ମାନବତାବାଦ, ବୈପ୍ଳବିକ ଚେତନା ତଥା ସାମ୍ୟବାଦୀ ଅନୁଚିନ୍ତା କମ୍ – ଅଧିକରେ ପରିଲିକ୍ଷିତ ହୁଏ ।

କାଳିନ୍ଦୀଚରଣ ଥିଲେ ସବୁଜଗୋଷ୍ଠୀର ଜଣେ ଆଗଧାଡିର ସ୍ରଷ୍ଟା । କାଳିନ୍ଦୀଚରଣଙ୍କ ବ୍ୟତୀତ ବୈକୁଣ୍ଠନାଥ, ଅନ୍ନଦାଶଙ୍କର, ଶରତ ଚନ୍ଦ୍ର ତଥା ହରିହର ମହାପାତ୍ର ସବୁଜଗୋଷ୍ଠୀର ପ୍ରମୁଖ ସଦସ୍ୟ ଥିଲେ । ଓଡିଶାର ଆଭିଜାତ୍ୟ ରେଭେନ୍ସା କଲେଜ (କଟକ)ରେ ବି.ଏ. ଅଧ୍ୟୟନ କରୁଥିବା ସମୟରେ ସମସ୍ତେ ପୂର୍ବଛାତ୍ରବାସର ଅଧିବାସୀ ଥିଲେ ଓ ସେହି ସମୟରେ ସେମାନେ ଏହି ସ୍ମରଣୀୟ "ସବୁଜ ଗୋଷ୍ଠୀ" ଗଠନ କରିଥିଲେ । ସବୁଜଗୋଷ୍ଠୀ ଆନୁକୁଲ୍ୟରେ ସେମାନେ "ଯୁଗବୀଣ" ତଥା "ଅବକାଶ" ନାମକ ସାହିତ୍ୟ ପତ୍ରିକା ପ୍ରକାଶ କରୁଥିଲେ । ସେମାନେ ବଙ୍ଗଳା ତଥା ଇଂରାଜୀ ସାହିତ୍ୟ ପଢାପଢିକରି ତଦନୁଯାୟୀ ଓଡିଆ ସାହିତ୍ୟକୁ ସମୃଦ୍ଧ କରିବାପାଇଁ ସେମାନେ ନିଷ୍ଠାପର ଭାବରେ ଚିନ୍ତା ଓ ସଂକଳ୍ପ ମଧ୍ୟ କରିଥିଲେ । କଲେଜର ପୂର୍ବଛାତ୍ରବାସରୁ "ଜାଗରଣ" ବୋଲି ଏକ ପତ୍ରିକା କାଳିନ୍ଦୀଚରଣଙ୍କ ସଂପାଦାନରେ ପ୍ରକାଶିତ ହୋଇଥିଲା । ଗାନ୍ଧିଜୀଙ୍କ ସ୍ୱାଧିନତା ଆନ୍ଦୋଳନର ପ୍ରେରଣା ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲା ।

ସମଗ୍ର ଭାରତର ମୁକ୍ତିକାମି ଭାରତବାସୀଙ୍କ ଜାଗରଣଙ୍କୁ ଆଖି ଆଗରେ ରଖି ବୋଧହୁଏ କାଳିନ୍ଦୀଚରଣ ଓ ତାଙ୍କର ସହପାଠୀମାନେ ପୂର୍ବଛାତ୍ରବାସରୁ ପ୍ରକାଶିତ ମୁଖପତ୍ରର ନାମକରଣ "ଜାଗରଣ"





## ପ୍ରାର୍ଥନା

କବି ନରେନ୍ଦ୍ର ମୋଦି 'ପ୍ରାର୍ଥନା' କବିତାରେ ଭଗବତ ସତାକୁ ନିଜ ଜୀବନରେ ପ୍ରାଧାନ୍ୟ ଦେଇଛନ୍ତି । ସତ୍ୟକୁ ସେ ଜୀବନର ବ୍ରତ ଭାବରେ ଗ୍ରହଣ କରିଛନ୍ତି – ସତ୍ୟକୁ ଦୁଇବିନ୍ଦୁ ଈଶ୍ୱର କୃପା ଭାବରେ ବର୍ଣ୍ଣନା କରିଛନ୍ତି ।

ପ୍ରତ୍ୟେକ ସଂଗୋଷ୍ଠୀ , ପ୍ରତ୍ୟେକ ସମ୍ମେଳନ ରେ
ସମ୍ମିଳିତ ପ୍ରିୟଜନ ବନ୍ଧୁ ସହଦୋରେ
କରେ ମୁଁ ସ୍ୱାଗତ ଉର୍ଦ୍ଧେ ବାହୁ ଟେକି
ସବୁବେଳେ ମୋର ଦ୍ୱାର ଦେଶରେ ସ୍ୱାଗତିକା ଲେଖା
ସତ୍ୟର ସ୍ୱାଗତ"
ହେଉ ଅବା ବାଟିକା ଛଳନାର ଅଜ୍ଞାତ ଜନ
ପ୍ରଦାନେ ଆରାମ ତାକୁ ମୁଖ ନିର୍ବିତାରେ
ଯେଣେ ଚାହେଁ ଖାଲି ଦେଖେ ମୁଁ ସତ୍ୟ, ସଯତ୍ନରେ ସେବା କରେ
ଏପରିକି ମୋର ସମାଲୋଚକ ଙ୍କୁ
ଯେତେଖଳ ଯେତେ ପ୍ରବଚଂନା
ସବୁମୁଁ ପିଇ ଯାଏ ସଂଭ୍ରମ ରେ ଉତମ ବିଚାରେ
ଜୀବନ କେବେ ଖଳ ସାକ୍ଷ ଦେଇ ହେବନି ବିପଥ
ସତ୍ୟ ଯାହା ଦୁଇ ପ୍ରାନ୍ତ ବିନ୍ଦୁ ଈଶ୍ୱର କୃପାର
ଆମେ ତାକୁ ପାଇବା ନିଶ୍ଚୟ
ଭଗବାନଙ୍କର ଦାନ ଯାହା ମୋ ଦାକ୍ଷତା
ପ୍ରତ୍ୟେକ ର ସତ୍ୟ ପ୍ରତ୍ୟେକଠୁ ଭିନ୍ନ
ହୋଇ ପାରେ ଏବଂ ଏହା ହିଁ ବାସ୍ତବ ।

## ପ୍ରେମ

କବି ନରେନ୍ଦ୍ର ମୋଦିଙ୍କ 'ପ୍ରେମ' କବିତାରେ ସେ ନିଜର ଭାବନାକୁ ପ୍ରେମ ସହିତ ଯୋଡି ଅଛନ୍ତି । ତାଙ୍କର ପ୍ରେମକୁ ସେ ତରଳ ସିକୁଳୀ ସହିତ ତୁଳନା କରିଛନ୍ତି ଅବା ରାଜହଂସୀ ପ୍ରେମ ସାଗର ସହିତ ବର୍ଣ୍ଣନା କରିଅଛନ୍ତି ।

ମୋ ପ୍ରେମ ସତେ ଅବା ତରଳ ସିକୁଳୀ
କିପରି ପାରିବି ବାନ୍ଧି କରି ସତ ଚେଷ୍ଟା
ମୁଁ ନାରାଜ ଯିଏ ଯେତେ କରୁବା ଶପଥ
କିପରି ଭରିବି ତାଙ୍କୁ ଖାଲିରିକ୍ତ ଭାବନା ହୃଦର
ସକାଳର କରକା ପରିକା ବାନ୍ଧଇ ଜମାଟ
କଳ୍ପନାକୁ କେବେ କେହି ଧରିପାରେ ନାହିଁ ।
ରବିଙ୍କର କେବେ କେହି ପାରେ ସୃଷ୍ଟି ଭରି
ସମୀରଣେ କେବେ କିବା ରଖିବ ପିଞ୍ଜରେ ?
ଏହି ପ୍ରେମ ସତେ ଅବା ପ୍ରହେଳିକା
ନିରଦର ଫେନେ ।
କେବଳଟି ଅନୁଭବ ଏକ ପାରିବ ଧରି ?
କୁହୁଡି ଘୋରିବ ପୁଣି କୁହୁଡି ହଟିବ
ଅନ୍ତରିସେ ଗୁମନ୍ତ ତମନ ହେବ ପ୍ରତ୍ୟାଘାତ ।
ସତେ ଅବା ରାଜହଂସୀ ମୋ ପ୍ରେମ ସାଗରେ
ଆକାର ବିହୀନ କେବେ ଗୁନ୍ତିବିକି ମୁକ୍ତାର ମାଳାରେ ।





କାଳିନ୍ଦୀଚରଣ କହିଛନ୍ତି – ତାଙ୍କ ଆତ୍ମଜୀବନ ଅଙ୍ଗେ ଯାହା ନିଭାଇଛିରେ ବର୍ଣ୍ଣିତ – ତାଙ୍କ ପାଚଂ ପୁରୁଷ ଆଗରୁ ଯଦି ଯୋଡିବଳଦ ବେପାର କରିବାକୁ ସମ୍ବଲପୁରରୁ ଆସି ଶେଷରେ ସ୍ମାର୍ତ, ଶ୍ରୋତୀୟ କିମ୍ବା ଶାସନୀ ବ୍ରହ୍ମଣରେ ଆମେ ପରିଚିତ ହୋଇଥାଉ ।

ଶୈଶବରେ ଯୋଉଁସବୁ ଦୁର୍ଘଟଣା ଅଙ୍ଗେ ନିଭାଇଛି ତାହା ଭିତରୁ ଅଧିକାଂଶ ଅନୁଭୂତି ଆଜି ବିସ୍ମୃତିର ଅନ୍ଧକାର ଅତଳରେ, ନିଜର ଜୟଭୂତାନ୍ତ ଭଳି ଅନ୍ୟଠାରୁ ଶୁଣି ତାହା ବିଶ୍ୱାସ କରାଯାଏ । ସେଥିମଧ୍ୟରୁ ଗୋଟିକର ଚିହ୍ନ ମୁଁ ଅନେକ ବର୍ଷ ପର୍ଯ୍ୟନ୍ତ ନିଜ ଅଙ୍ଗରେ ଧାରଣା କରିଥିଲି, ଆଜି ତାହା ଲିଭିଗଲାଣି ।

କାଳିନ୍ଦୀଚରଣ ଥିଲେ ଓଡିଆ ସାହିତ୍ୟ ଜଗତର ଜଣେ ପ୍ରତିଭାବାନ ପୁରୁଷ । ତାଙ୍କ "ମାଂସର ବିଳାପ" ଗଳ୍ପ ଓ "ମାଟିର ମଣିଷ" ଉପନ୍ୟାସ ତାଙ୍କୁ ଉଲ୍ଲେଖନୀୟ ଲୋକପ୍ରିୟତା ଆଣି ଦେଇଥିଲା । ତରୁଣ ଓ ପ୍ରବୀଣ ନିର୍ବିଶେଷରେ ତାଙ୍କୁ ଉଲ୍ଲିଖିତ ସାହିତ୍ୟ କୃତି ପାଇଁ ସମସ୍ତେ ଜାଣନ୍ତି ।

କାଳିନ୍ଦୀଚରଣଙ୍କ ମାଟିର ମଣିଷ, ଆଜିର ମଣିଷ, ଲୁହାର ମଣିଷ, ମୁକ୍ତାଗଡର କ୍ଷୁଧା ଓ ଅମରଚିତା ପରି ସାମାଜିକ ଉପନ୍ୟାସ ରଚନାକରି ଓଡିଶାର ଅଗଣିତ ପାଠକପାଠିକାଙ୍କ ଦୃଷ୍ଟି ଆକର୍ଷଣ କରିପାରିଅଛି । "ବାସନ୍ତି" ପରି ଏକ ଯୌଥ ଉପନ୍ୟାସର ଅନ୍ୟତମ ଲେଖକ ।

କ୍ଷୁଦ୍ରଗଳ୍ପ ରଚନାକ୍ଷେତ୍ରରେ କାଳିନ୍ଦୀଚରଣଙ୍କ କୃତିତ୍ୱ ଅବିସ୍ମରଣୀୟ । "ମାଂସର ବିଳାପ" ତାଙ୍କର ସୁପ୍ରସିଦ୍ଧ କ୍ଷୁଦ୍ରଗଳ୍ପ । ମୋ କଥାଟି ସରିନାହିଁ, ସାଗରିକା, ଦ୍ୱାଦଶୀ, ରାଶିଫଳ ଆଦି ଗଳ୍ପଗ୍ରନ୍ଥ ପ୍ରସିଦ୍ଧ । ଏହିସବୁ ଗଳ୍ପଗ୍ରନ୍ଥରେ ପ୍ରକାଶିତ ଗଳ୍ପଗୁଡିକ ଅଧିକାଂଶରେ ଓଡିଶାର ସମସାମୟିକ ଜୀବନକୁ ନେଇ ହିଁ ରଚିତ ।

କାଳିନ୍ଦୀଚରଣ ତାଙ୍କର ଗଳ୍ପ ଓ ଉପନ୍ୟାସରେ ଉଦାର ମାନବତାବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି ।

କବି କାଳିନ୍ଦୀଚରଣଙ୍କ କବିତାଗ୍ରନ୍ଥ ମଧ୍ୟରେ କ୍ଷଣିକସତ୍ୟ, ଛୁରୀଟିଏ ଲୋଡା, ମନେନାହିଁ, ମହାଦୀପ, ସବୁଜ କବିତା (ସାଥୀମାନଙ୍କ ମିଳିତ କବିତା) । କାଳିନ୍ଦୀଚରଣଙ୍କ କବି ବ୍ୟକ୍ତିତ୍ୱ ଯେପରି ଠିକ୍ ସେହିପରି ତାଙ୍କର କଥାଶିଳ୍ପୀର ବ୍ୟକ୍ତିତ୍ୱ ଓଡିଶାର ଅଗଣିତ ପାଠକ ପାଠିକାଙ୍କୁ ତାଙ୍କର ଗଳ୍ପ, ଉପନ୍ୟାସ ଓ କବିତା ଅଭିଭୂତ କରିଦିଏ ।

'ପ୍ରିୟଦର୍ଶୀ' ଭଳି ନାଟକ କାଳିନ୍ଦୀଚରଣଙ୍କ ଏକ ପ୍ରସିଦ୍ଧ ନାଟକଗ୍ରନ୍ଥ, ତତ୍‌ସହ ସେ ମଧ କେତୋଗୋଟି ସଫଳ ଏକାଙ୍କିକାର ରଚୟିତା ।

ଏତଦ୍‌ବାଦ ଓଡିଶାର ସୁଧ ସମାଲୋଚନା ଧାରାରେ ସେ ଜଣେ ସଫଳ ସମାଲୋଚକ ଓ ଅନ୍ୟତମ ବିଶିଷ୍ଟ ପ୍ରାବନ୍ଧିକ ଭାବରେ ସୁପ୍ରତିଷ୍ଠିତ । ତାଙ୍କର ଅଧିକାଂଶ ପ୍ରବନ୍ଧ ଯେପରି ତଥ୍ୟନିଷ୍ଠ

## କାଳିନ୍ଦୀଚରଣ ପାଣିଗ୍ରାହୀ

କାଳିନ୍ଦୀଚରଣ ପାଣିଗ୍ରାହୀ ଥିଲେ - ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ନାଟ୍ୟକାର, ପ୍ରାବନ୍ଧିକ ଓ ସମାଲୋଚକ । ଓଡ଼ିଆ ସାହିତ୍ୟ ଜଗତରେ ସେ ଥିଲେ ଜଣେ ସାରସ୍ୱତ ପୁରୁଷ । ସାହିତ୍ୟର ବିଭିନ୍ନ ବିଭାଗରେ ସେ ଯେ କେବଳ ଲେଖନୀ ଚାଳନା କରିଛନ୍ତି ତାହା ନୁହେଁ, ପ୍ରାୟ ପ୍ରତ୍ୟେକଟି କ୍ଷେତ୍ରରେ ତାଙ୍କ ଲେଖନୀରେ ସବ୍ୟସାଚୀତ୍ୱ ମଧ୍ୟ ପ୍ରତିପାଦିତ କରିଛନ୍ତି ।

କାଳିନ୍ଦୀଚରଣଙ୍କ ବାପା - ସ୍ୱପ୍ନେଶ୍ୱର ପାଣିଗ୍ରାହୀ ଓ ମା - ସରସ୍ୱତୀ ପାଣିଗ୍ରାହୀ, ପିତାମହଙ୍କ ନାମ ନରୋତମ ଓ ଅଜା - ମୃତ୍ୟୁଞ୍ଜୟ ଶତପଥୀ ।

ସାନବଡ ପ୍ରତି ଗାଁ ଭଳି ବିଶ୍ୱନାଥପୁର ଗାଁ ପୁରୀ ଜିଲ୍ଲାର ଏକ ବଡ ଗାଁ । ଶୁଣାଯାଏ ଗାଁଟିର ନାମଥିଲା - ପ୍ରଥମ ବନ୍ଦୋବସ୍ତରେ - ବିଷ୍ଣୁଦାସପୁର । ତା'ପରେ ସେ ଗ୍ରହଣ କଲା ଆଉ ଗୋଟିଏ ନାଁ ବିଶ୍ୱନାଥପୁର । ସେ ଗାଁରେ ଯେଉଁମାନେ ଆଧିପତ୍ୟ ବିସ୍ତାର କରିଥିଲେ ତାଙ୍କର କୌଳିକ ପଦବୀ ଥିଲା - 'ପାଣି' ପରେ ସେମାନେ ବୋଲାଇଲେ - ପାଣିଗ୍ରାହୀ । ଆଉ କୁଆଡେ ଏସବୁ ନାମ ପରିବର୍ତ୍ତନ ପାଇଁ ଦାୟୀଥିଲେ, କାଳିନ୍ଦୀଚରଣଙ୍କ ବାପା ସ୍ୱପ୍ନେଶ୍ୱର । ସେ ଥିଲେ ଗାଁର ସର୍ବପ୍ରଥମ ଇଂରାଜୀ ଶିକ୍ଷିତ ଓ ଆଇନଜୀବୀ ।

କାଳିନ୍ଦୀ ପାଣିଗ୍ରାହୀଙ୍କ ବଂଶଲତା






ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ସଫଳ ଅଧ୍ୱବସାୟ

କବି ନରେନ୍ଦ୍ର ମୋଦି 'ସଫଳ ଅଧ୍ୱବସାୟ' କବିତାରେ ନିଜ ଜୀବନର ଘଟଣାକୁ ନେଇ କହିଛନ୍ତି - ମୁଁ ସର୍ବଦା ଅଧ୍ୱବସାୟ ରତ । ସବୁକିଛି ପାଇବାର ଚେଷ୍ଟା ରଖିଛି ।

ପ୍ରଚେଷ୍ଟା ମୋ ଜିଣିବାକୁ ଉତୁଙ୍ଗ ଶିଖରୀ
ଯାତ୍ରା ମୋର ଶେଷ ହୁଏ କେତେକ ଉପଳେ
ସଚେଷ୍ଟ ମୁଁ ସୃଷ୍ଟିପାଇଁ ପ୍ରମୋଦ ଉଦ୍ୟାନ
ପାଇଲି ମୁଁ କଟଂକିତ ଗୁମ୍ଫ ଉପବନ
ଭାବିଥିଲି ନଦୀଜଳ ଲଙ୍ଘୀବାକୁ
ଆଣ୍ଠୁଏ ପାଣିରେ
କିନ୍ତୁ-ହାଏ ଫେନପୂର୍ଣ୍ଣ ଗହ୍ୱରେ ବୁଡିଲି ।
ଉଷ୍ମଦାୟୀ ତପନ କିରଣ ହେଲାପରାଭୁତ
ରହିଥିଲେ ବହୁଦୂରେ ମୋଠୁ
କେବଳ ଛୁଇଁ ପାରିଲି ପ୍ରତିବିମ୍ୱ ଛାୟାକୁ ତାହାର
ଚାହିଁଲି ମୁଁ ଲଭିବାକୁ ଚନ୍ଦ୍ରମାର ପ୍ରେମ
ହେଲେ ପ୍ରତିଫଳ କ୍ଷାନ୍ତହେଲା ଶେଷ
ସମଗ୍ର ଆକାଶେ
ଆଶାଥିଲା ଏକମାତ୍ର ଢେଉ ଦୂରନ୍ତ ସାଗରୁ
କ୍ରନ୍ଦନରତ ମୁଁ ଥିଲି ଦଳପ୍ରାନ୍ତେ ବସି ।

## ମଧ୍ୟରାତ୍ର

ନରେନ୍ଦ୍ର ମୋଦି ତାଙ୍କ କବିତା 'ମଧ୍ୟରାତ୍ର'ରେ ନିରବତା ଭାଙ୍ଗିବାରେ ପ୍ରତିଧ୍ୱନୀ ସହ ଆତ୍ମିୟତା ଜାଗ୍ରତ ହେଇଥାଏ, ତାହାକୁ ବର୍ଣ୍ଣନା କରିଅଛନ୍ତି ।

ମଧ୍ୟରାତ୍ର ଖୋଲିଦିଏ ହୃଦୟ ଫାଟକ
ସତେ ଅବା କୋଇଲିର  କୁହୁତାନ ଖେଳିଯାଏ ଖଣ୍ଡେ
ଆମେ କିନ୍ତୁ ମୁକ ଥାଉ ଯେତେବେଳେ ନୀରବତା ଭାଙ୍ଗି
ପ୍ରାଚୀର ରେ ପ୍ରତିଧ୍ୱନି ହୁଏ ଅନ୍ଧକାର ଢାଙ୍କିଦିଏ ମନ ଆତ୍ମୀୟତା
ଯଦିଓ ସେ ଚାହେଁ ଜଳ ସମ ବୋହିଯିବା ପାଇଁ
ଆଶା ହୃଦୟର ଅଭ୍ୟନ୍ତରରୁ ଫେଡିଦିଏ
କିନ୍ତୁ ଆମେ ନିର୍ବାକ ଥାଉ ଯେତେ ବେଳେ ନୀରବତା ଭାଙ୍ଗି
ପ୍ରାଚୀର ରେ ପ୍ରତିଧ୍ୱନି ହୁଏ
କେବଳ ଆମ ହୃଦୟର ଗ୍ଲାନିକୁ ଜାଣନ୍ତି
କେହି ସାଥୀ ଥାଏ କିବା ଦେବାକୁ ସାନ୍ତନା
ଏହି ଭାବ ବେଶ ସୃଷ୍ଟି କରେ ରୁଦ୍ ଦ୍ୱାରା ମଧ୍ୟେ
ମନ ମଧ୍ୟେ ନିରାଶାର ତୀବ୍ର ଭାବା ଦେଶ
କିନ୍ତୁ ଆମେ ନୀରବ ଥାଉ ନୀରବତା
ଭାଙ୍ଗି ପ୍ରାଚୀର ରେ ପ୍ରତିଧ୍ୱନି ଖେଳେ ।





ଗୁଜୁରାଟୀ ସାହିତ୍ୟର ସ୍ରଷ୍ଟା ନରେନ୍ଦ୍ର ମୋଦି ସାହିତ୍ୟର ବିଭିନ୍ନ ବିଭାଗରେ କଲମ ଚାଳନା କରିଥିଲେ ମଧ ବିଶେଷତଃ ଜଣେ କବି ଭାବରେ ଗୁଜୁରାଟୀ ସାହିତ୍ୟରେ କାହିଁକି ଭାରତୀୟ ସାହିତ୍ୟରେ ମଧ ପ୍ରତିଷ୍ଠାଲାଭ କରିପାରିଅଛନ୍ତି ।

ନରେନ୍ଦ୍ର ମୋଦିଙ୍କ କାବ୍ୟଜଗତରେ ଦୁଇଗୋଟି କବିତା ସଂକଳନ ରହିଅଛି – ପ୍ରଥମଟି "ଏକଯାତ୍ରା" ଓ ଦ୍ୱିତୀୟଟି "ଧନ୍ୟ ଏଇ ଆଖି" ଉଭୟ କବିତା ସଂକଳନରେ ୬୭ଟି କବିତାମାନ ରହିଅଛି । ଆମ୍ଭେ ତାଙ୍କର ଦୁଇଗୋଟି କବିତା ସଂକଳନକୁ ସ୍ୱତନ୍ତ୍ର ଭାବରେ ବାଖ୍ୟା କରିଲେ ।

## ଏକାଦଶ ଦିଗ

କବି ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ର କବିତା 'ଏକାଦଶ ଦିଗ'ରେ ମୋଦି ନିଜର କାବ୍ୟ ପ୍ରତିଭାକୁ ଦିଗ ସହିତ ବର୍ଣ୍ଣନା କରିଅଛନ୍ତି । ଭଗବାନ (ପରମେଶ୍ୱର)ଙ୍କୁ ତାଙ୍କର ମିତ ଭାବରେ ଅଭିହିତ କରିଅଛନ୍ତି । କାବ୍ୟିକ ପ୍ରତିଭାରେ ଦଶଦିଗ ବାଜେ ସଙ୍ଗୀତକୁ ଏକାଦଶ ଦିଗ ଭାବରେ ସେ ବାଛି ନେଇଅଛନ୍ତି । ଏହି କବିତାରେ କବିଙ୍କର ପ୍ରକୃତିପ୍ରେମ ପରିଲିଖିତ ହୋଇଅଛି ।

ନିର୍ଭୟଚିତ
ଲୟଯୁକ୍ତ ଗୀତ
ପ୍ରାଣବନ୍ଧ ସ୍ୱସ୍ଥ ପ୍ରୀତି
ସ୍ୱପ୍ନଭରା ଏ ମିଠାହସ
ପୁଲକିତ ପବନ
ଅଖଣ୍ଡିତ ଜଳ
ସୁବାସିତ ଆକାଶ
ପ୍ରତିକ୍ଷଣ ପବିତ୍ର ଅଗ୍ନିରେ କରେ ପୁନୀତ
ପୃଥିବୀ ସ୍ନେହଭରା ଓ ସୁଗନ୍ଧିତ
ପରମେଶ୍ୱର ମୋ ମିତ
ମୁଁ ଦେଖୁଛି, ପ୍ରତିଦିନ
ନାହିଁ ଅନାଗତ, ନାହିଁ ଅତୀତ
କେବଳ ବର୍ତ୍ତମାନ କ୍ଷଣରେ ଅଙ୍କିତ
ନାହିଁ କିଛି ପ୍ରଥା, ନାହିଁ କିଛି ରୀତି
ନୀରବ ମଉନେ ଇଏ ହୁଏ ମୁଖରିତ
ଦଶ ଦିଗର ସେପଟେ
ଏକାଦଶ ଦିଗରେ ବାଜୁଛି ସଙ୍ଗୀତ ...





## ମନଚକ୍ଷୁ ତୃତୀୟ ନୟନ

କବି ନରେନ୍ଦ୍ର ମୋଦିଙ୍କ କବିତା 'ମନଚକ୍ଷୁ ତୃତୀୟ ନୟନ'ରେ ନରେନ୍ଦ୍ର ମୋଦି ନିଜର ଅନନ୍ତ ଚକ୍ଷୁକୁ ତୃତୀୟ ନୟନ ଭାବରେ ଅଭିହିତ କରିଛନ୍ତି । ଯେତେବେଳେ ସେ ଚକ୍ଷୁଦ୍ୱାରା ସବୁକିଛି ପ୍ରତୀୟମାନ କରିଛନ୍ତି, ତାହାକୁ ବର୍ଣ୍ଣନା କରିଛନ୍ତି ।

ଦିନେ ପ୍ରତ୍ୟୁଷରେ ଖୋଲିଦେଲି ମୋ ଅନ୍ତର ଚକ୍ଷୁ
ତା' ମଧ୍ୟରେ କଲି ଆବିଷ୍କାର କେବଳ ବନାଗ୍ନି
ଅଙ୍ଗପ୍ରତ୍ୟଙ୍ଗରେ ମୋର ବିଜୁଳି ଚମକ
ତା' ମଧ ଖୋଜିଲି ମରୁ ମରୀଚିକା
ଆବିଷ୍କାର କଲି ତହିଁ ପ୍ରମୋଦ ଉଦ୍ୟାନ
ଦେଖିଲି ତହିଁରେ ସୁଖୀ ମଣିଷକୁ
ତା' ସାଥେ ଦେଖିଲି ଦୁଃଖୀଙ୍କୁ ସେଠାରେ
ଆହୁରି ଭି ଥିଲେ ତହି ରୋଗୀ ଓ ପୀଡ଼ିତ
ବିଳାସୀ ଏ ଥିଲେ ବି ତା' ପାସେ
ଯିଏ ସବୁ ହାରିଥିଲେ ଦ୍ରବ୍ୟ ସକଳକୁ
ନାହିଁ ତାଙ୍କ ଦେହେ ଆଉ ରୋଗର ଯନ୍ତ୍ରଣା
ହୃଦୟର ତନ୍ତ୍ରୀ ଝଙ୍କାର ନାଦରେ
ତା' ସାଙ୍ଗେ ତୋଳିଲା ତାନ ପ୍ରେମ ମିଳନର
ନିଜକୁ ମୁଁ ବୁଝାଇବି ସବୁ
ଏହାଥିଲା ମୋର ଆତ୍ମ ଜାଗରଣ
ତୋଳିନେଲି ହସ୍ତେ କଟାଂସବୁ
ଫୋଇଦେଲି କୁସୁମଭରା ଗାଲିଚା
ରିକ୍ତ ଆକାଶରେ ସୃଷ୍ଟିକଲି ଇନ୍ଦ୍ରଧନୁ ଏକ
ମୋହ ଭାଗ୍ୟ ବିସ୍ଫୋଟିତ ମୋ ଭୂଲତା ପାସେ ।

## ଆମେ ମିଳୁ ଏକ ହୋଇ

କବି ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଏକଯାତ୍ରା"ର 'ଆମେ ମିଳୁ ଏକା ହୋଇ' ଏକ ଭାବଗର୍ଭକ କବିତାଟିଏ । ମୋଦି ସମଗ୍ର ବିଶ୍ୱଜନଙ୍କୁ ଏ ବିଶାଳ ପୃଥିବୀ ମଧ୍ୟରେ ବସୁଧୈବ କୁଟୁମ୍ବକର ସ୍ଲୋଗାନ ଦେଇଛନ୍ତି ।

ସାଗରର ଉତ୍କଟ ଗର୍ଜନ ଆକାଶକୁ ଛୁଏଁ ତା'ର ବାହୁ
ଏଇ ମୋର ପ୍ରେରଣା ଅନ୍ତରେ
ମୋ ଶକ୍ତି ମୋ ଜୁବା ଉର୍ଜା
ଥରେ ଥରେ ସମୁଦ୍ର ଗର୍ଜନ ପ୍ରତ୍ୟେ ହୁଏ
ରଣ ଭୋରି ସମ
ସତେ ଅବା ବିଜୟର ଦୁମ୍ ଦୁର୍ଭି ଗର୍ଜନ
ସେ ଦିଗନ୍ତ ସମୁଦ୍ରର ଆରପାରେ
ଯେଉଁଠି ମିଳଇ ଲହରୀ ଅଭ୍ରମାଳା ସାତେ
କେବେ ଦେଖ ଉତୁଙ୍ଗ ଶିଖରୀ
କେବେ ବା ମନ୍ଦିର
କେତେବେଳେ ବେଳାଭୂମି ଅବା ଭୂମି ପରେ
କରେନି ସେ ଆପୋସ କଦାପି ।
କେବେ ହସ୍ତ ପାପୁଲିକୁ ଯୋଡି
ତୋଳିବାକୁ ଫେନ ପୁଷ୍ପରାଜି
ଯୋଉଁ ଦିଗେ ବହିଯାଏ ଫେନ
ସୁବାସିତ ଗୁପ୍ତ ଉପବନ ଉର୍ମିମାଳା,
ଲୁଚିଯାଏ ପୁଣି ଜଳାନ୍ତରେ ଫେନ
ତଟିନୀର ଅଭିମାନ ଯେବେ ଦିଏ ଲମ୍ଫ ସାଗରରେ
ତଟିନୀ ସାଗର ମିଳିହୁଏ ଏହାକାର
ଶେଷେ ମୋଳି ହୁଅନ୍ତି ଅଭିନ୍ନ
ନାହିଁକାର ସ୍ୱତନ୍ତ୍ରତା ତହିଁ ।





ନୂତନ ସଂବାଦ ରଚିବୁ
ଆମେ ଆଲୋକ ପ୍ରସାରିବୁ ।
ଅନ୍ନ, ବସ୍ତ୍ର, ସଂସ୍କାର ସୁବିଧା ଏଠି
ହେବ ସହଜେ ଉପଲବ୍ଧ
ଶସ୍ୟଶ୍ୟାମଳା ହେବ ଧରଣୀ ଏଠି
ଆଉ ହେବ ତାରାଭରା ଆକାଶ ।

ଏକତା, ସମତା–ମମତାକୁ
ଆମେ ସଯତ୍ନେ ସମ୍ଭାଳିବୁ
ଆମେ ଆଲୋକ ପ୍ରସାରିବୁ ।

## ହିନ୍ଦୁ - ହିନ୍ଦୁ ମନ୍ତ୍ର

ନରେନ୍ଦ୍ର ମୋଦିଙ୍କ ଏକ କବିତା 'ହିନ୍ଦୁ - ହିନ୍ଦୁ ମନ୍ତ୍ର' ମୋଦିଜୀ ଜଣେ ହିନ୍ଦୁ ଭାବରେ ନିଜକୁ ଗର୍ବୀତ ଅନୁଭବ କରିଅଛନ୍ତି । ବିନ୍ଦୁବିନ୍ଦୁ - ସିନ୍ଧୁସିନ୍ଧୁ ଗୋଟିଏ ଗୋଟିଏ ମନ୍ତ୍ରର ଆଖ୍ୟା ନେଇଅଛନ୍ତି । କେହି ଶତ୍ରୁ ନାହିଁ ସଭିଏଁ ମିତ୍ର ହେଉ ଏମିତି ଆମ ଚରିତ୍ର, ଅନ୍ନ, ବସ୍ତ୍ର, ସଂସ୍କାର ଅବା ଏଠି ଧରଣୀ ଶସ୍ୟଶ୍ୟାମଳା ହେବ ଅତୁବା-ଏକତା ସମତା-ମମତାକୁ ଆମ୍ଭେ ସଯତ୍ନେ ସମ୍ଭାଳିବୁ ହିନ୍ଦୁ ମନ୍ତ୍ର ମାନିନେଇ

ଅତ୍ର, ତତ୍ର, ସର୍ବତ୍ର ସଦାସର୍ବଦା
ହିନ୍ଦୁ-ହିନ୍ଦୁ ଗୋଟିଏ ମନ୍ତ୍ର
ବିନ୍ଦୁ-ବିନ୍ଦୁ ଗୋଟିଏ ମନ୍ତ୍ର
ସିନ୍ଧୁ-ସିନ୍ଧୁ ଗୋଟିଏ ମନ୍ତ୍ର
ଏଇ ମନ୍ତ୍ର ମୋତି ଭଳି
ଅନ୍ଧାରରେ ଜ୍ୟୋତି ଭଳି
ଆମେ ଆଲୋକ ପ୍ରସାରିବୁ
ଜଗତେ ଆଲୋକ ବିଛୁରିବୁ ।

ଉଚ୍ଚ-ନୀଚର ଭେଦ ଭୁଲି
ଆପଣା ଶରୀରକୁ ଦ୍ରବିତ କରି
ସମାଜରୂପୀ ପୁରୁଷ ଓଠରେ ସ୍ମିତହାସ୍ୟ ଦେଇ,
ଦେଇ ତାକୁ ପୁରୁଷାର୍ଥର ଗୀତ,
ମନରେ ମନ୍ଦିର ଗଢ଼ିବୁ ।
ଆମେ ଆଲୋକ ପ୍ରସାରିବୁ ।

କେହି ଶତ୍ରୁ ନୁହେଁ : ସଭିଏଁ ମିତ୍ର
ହେଉ ଏମିତି ଆମ ଚରିତ୍ର
ଟାଳିଦେଇ ପ୍ରତିକୂଳ ସଂବାଦ





ଗିରିଠାରୁ ଲଭିବାକୁ ସ୍ଥିରତାର ଗୁଣ
ସାଗର ଶିକ୍ଷା ଦେଇଛି ଲହଳି ହିଳାଳ
ତୁମେ ମୋର କଠିନ ଦେହରେ ଖୋଳି
ଲେଖିପାର ଶିଳାଲେଖା ଯେତେ ।
ପୁଣି ମୁଁ ତରଳିଯାଇ ହୋଇଯାଏ ଜଳ
ମିଶିଯାଏ, ହଜିଯାଏ କେଣେ ।
ଆବେଗର ନିହଣକୁ ଧରି ଏକ ହାତେ
ଆନହାତେ ମମତାର ହାତୁଡ଼ି
ଦୂର ଦିଗ୍‌ବଳୟେ ଆକାଶର ଛାତ
ଏବଂ ମାନବ ସାଗରେ
ପ୍ରକୃତିର ଉଦାର ଛାତିରେ
ଆମ ପ୍ରାସାଦଟି ନିଏ ତହିଁ ରୂପ ।
ଆମେ ଗଢୁ ଏକ ବିଶାଳ ପୃଥିବୀ
ବସୁଧୈବ କୁଟୁମ୍ବକ ଆମର ସ୍ଲୋଗାନ ।

## ମନ୍ତ୍ର ଉଚ୍ଚାରଣ

କବି ନରେନ୍ଦ୍ର ମୋଦି ତାଙ୍କ କବିତା 'ମନ୍ତ୍ର ଉଚ୍ଚାରଣ'ରେ ନିଜର କବିତ୍ୱ ଭାଷା 'ସ୍ମୃତି'କୁ ଏଠାରେ ବିଷାଦ ଭାବରେ କାବ୍ୟ ଆକାର ପ୍ରଦାନକରି 'ମନ୍ତ୍ର ଉଚ୍ଚାରଣ'ରେ ପରିପ୍ରକାଶ କରିଅଛନ୍ତି ।

କୁଝଟିକା ଅସ୍ୱଚ୍ଛ ଆଲୋକେ ସାଉଁଟେ ମୁଁ ଅତୀତର ସ୍ମୃତିରାଜି ଏଠି
ତମସାର ଭ୍ରୟତସ୍ତ ମନ୍ଦିରା ଗାନରେ
ଖୋଲିଯାଏ ବଳୟ ତମିସ୍ରା
ବୃକ୍ଷଡ଼ାଳୁ ଖସେ ଯେବେ ପତ୍ରଟିକ ଧିରେ
ଠିକ୍ ସେହିପରି ଝରିପଡେ ସ୍ମୃତିରାଜି ଏକଏକ ଧରେ
ସ୍ମୃତିହ୍ରାସ ପୁଣି ଶୂନ୍ୟତାକୁ ଧରି ଭରିଖରେ
କେତେକ ଧରବ ସେଥିରେ ତା' ସ୍ମୃତିକୁ ପରସେ
ସ୍ମୃତିଚାରଣ, ରୋମନ୍ଥନ ସାଗର ସାଥିରେ
ସ୍ମୃତି ସାଇଁଟିବା ଠିକ୍
ରିପ୍ରତାପ ଅପରାହ୍ଣ ବକ୍ଷେ
ଠିକ୍ ନଖହୀନ ପଞ୍ଜା କେବେସବୁ ସ୍ମୃତିକୁ ସାଇଁଠି
ଠୋଲିଦେଇ ଗୁଞ୍ଜିଦେଇ ହେବନି କାହାକୁ
କାଟିଦିଅ ଜିହ୍ୱା ହେଲେ ଓ କିବା ହୋଇବ ସିଲାଇ ?
ସ୍ମୃତି ସାଇଁଟି ସାଇଁଟି ଧିଲାଏ ମାନସ
ରୁଦ୍ଧିହୁଏ ଗଳା ମୋର ପାରେ ନାହିଁ
କରି ମୁଁ ଭୋଜନ ।
ବହୁରଙ୍ଗ ବହୁରୂପ ସ୍ମୃତି ସୁନ୍ଦରୀର
ଛାଇ ଆଲୁଅର ଖେଳ କେବେ ଖରା କେବେ ଛାଇ
ସ୍ମୃତିର ତ ନାହିଁ ଜାତି
ନାହିଁ ତା'ର ରଙ୍ଗ
ସତେ କ'ଣ ସ୍ମୃତି ସୂର୍ଯ୍ୟରାଗ କିମ୍ବା ସ୍ମୃତି ପ୍ରଦୋଶର
ଅସ୍ତମିତ ରାଗ ।





ଏ ଓଠକୁ ସିଲେଇ କରିପାରିବନି
ସ୍ମୃତି ଅନ୍ଧାରରେ ଘୂରିବୁଲେ
ସ୍ମୃତିରେ ମୋ କଣ୍ଠ ବାଷ୍ପରୁଦ୍ଧ ହୁଏ
ହଁ, ସ୍ମୃତିରେ ଏ ଜୀବନ ତୁଳା ପରି ଭିଣିହୁଏ
ସ୍ମୃତିର ଅନେକ ରୂପ ଓ ରଙ୍ଗ
ସ୍ମୃତି କେଉଁଠି ଛାଇ ତ କେଉଁଠି ଖରା
ସ୍ମୃତି ଚାଲିଗଲାବେଳେ ଶବ୍ଦ ହୁଏନା
ସ୍ମୃତିର କୌଣସି ମାଙ୍ଗଳିକ ଅବସର ନାହିଁ
ସ୍ମୃତିର କୋଉ ସୂର୍ଯ୍ୟୋଦୟ ନା
କୋଉ ସୂର୍ଯ୍ୟାସ୍ତ !

ସ୍ମୃତିର କୋଉ ମୃତ୍ୟୁ
ସ୍ମୃତିର ଶରଣାଗତ କ'ଣ
ସ୍ମୃତିର ନାହିଁ କିଛି ରୂପଭେକ
ସ୍ମୃତିର ନାହିଁ କିଛି ଘର ଓ ଆଶ୍ରୟ
ସ୍ମୃତି ତ ଝରିଆସୁଥିବା ଝରଣା
ଏ ଜୀବନ-ସ୍ମୃତିରେ ହିଁ ପହଁରେ ।

## ସ୍ମୃତି

କବି ନରେନ୍ଦ୍ର ମୋଦି ନିଜର କବିତା 'ସ୍ମୃତି'କୁ ବିଭିନ୍ନ ସୋପାନରେ ନିଜେ ଅଙ୍ଗେ ଲିଭାଇଥିବାକୁ ବର୍ଣ୍ଣନା କରିଅଛନ୍ତି । ସ୍ମୃତିର ବୁଦ୍ଧି କେତେ, ସ୍ମୃତିର ଦୀପ ଲିଭାଇଦିଏ, ସ୍ମୃତିକୁ ଅନ୍ଧାରରେ ଘୂରିବୁଲେ ଅବା ସ୍ମୃତିରେ ମୋ କଣ୍ଠ ବାଷ୍ପରୁଦ୍ଧ ହୁଏ ହଁ ସ୍ମୃତିରେ ଏଜୀବନ ତୁଳାପରି ଭଣିହୁଏ । ସ୍ମୃତିରେ କୌଣସି ମାଙ୍ଗଳିକ ଅବସର ନାହିଁ, ସ୍ମୃତିରେ କୌଣସି ସୂର୍ଯ୍ୟୋଦୟ ନା ସୂର୍ଯ୍ୟାସ୍ତ ଅଛି । ଏଭଳି ଜୀବନ ସ୍ମୃତିରେ ମୁଁ ପହଁରେ ।

ଫିକା ହାଲୁକା ସ୍ମୃତିର ଦୀପ
ବାହାରିଛନ୍ତି ଅନ୍ଧକାରକୁ ପିଇଯିବାକୁ
ଅନ୍ଧାର ବି ଏପରି କିଟିକିଟି
ଯାହାକୁ ପିଇଲେ ବି ପିଇହୁଏ ନାହିଁ ।

ଯେମିତି ଗଛରୁ ଏ ପତ୍ର ପଡ଼ିଲା
ସେମିତି ତା'ର ସ୍ମୃତି ଫିକା ହୋଇଯାଏ
ସ୍ମୃତିର ଫିକା ହେବାର ଅର୍ଥ କ'ଣ ?
ସ୍ମୃତିକୁ ବାନ୍ଧିରଖିବା ମାନେ ?
ସ୍ମୃତିର ବା ବୁଦ୍ଧି କେତେ ଥିବ ?
ସ୍ମୃତିର ମରୁଭୂମିରେ ସମୁଦ୍ର ଲହଡ଼ି ଭାଙ୍ଗେ
ସ୍ମୃତି ବୈଶାଖର ଦି'ପହର
ସ୍ମୃତିର ନଖ ନାହିଁ, କିନ୍ତୁ ପନ୍ଝା ଅଛି ।
ସ୍ମୃତିର ଦୀପ ଲିଭେଇଦିଅ
ସ୍ମୃତିର ପର କାଟିଦିଅ
କିନ୍ତୁ ...
ସ୍ମୃତିକୁ ଘଉଡ଼େଇଲେ ବି ସେ ଯାଏନାହିଁ
ସ୍ମୃତିର ଫୁଟେଇଦିଅ ଆଖି, କାଟିଦିଅ ଜିଭ
କିନ୍ତୁ ...





ତବେ ମୃତ୍ୟୁ କ'ଣ ସତରେ ଜୀବନେ କାହିଁ ଅବା ନେବା ଆମେ
ସ୍ମୃତିରେ ଆଶ୍ରୟ ?
ସ୍ମୃତି ନୁହେଁ ଚାବର ଓଢଣୀ – ସ୍ମୃତି ଏକ ଛାତ ମଥା ପରେ
ସ୍ମୃତି ଏକ ବେଳାହୀନ ଧାରା
ସତେ ସେହି ସ୍ମୃତି ଧାରେ
ଜୀବନ ଭାସୋଇ ।

## ମା' ମୋତେ ଶକ୍ତି ଦେ

କବି ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଏକଯାତ୍ରା"ର ଏକ ବହୁଚର୍ଚ୍ଚିତ କବିତା 'ମା' ମୋତେ ଶକ୍ତି ଦେ' ମୋଦି ନିଜର ଜନ୍ମଦାତ୍ରୀ ମା' ହୀରାବେନ୍‌ଙ୍କର ଆଶୀର୍ବାଦ କେବଳ ନିଜ ଜୀବନରେ ଲୋଡିଅଛନ୍ତି, ଏହା ଏଠାରେ ବର୍ଣ୍ଣିତ ।

ହେ ମୋର ଜନ୍ମଦାତ୍ରୀ ମାତା
ମୁଁ ମାଗେ ତୋତେ ଭିକ୍ଷା
ଛାତି ତଳେ ଯୋଡ଼ ହସ୍ତ ରଖି
ମୋତେ ଦେ ଆଶିଷ ରହିବାକୁ ମନ୍ଦଠାରୁ ଦୂରେ
ମୋତେ ଶକ୍ତିଦେ ଚାଲିବାକୁ ସତ୍ ପଥରେ ସଦା
ତୁ ମୋତେ ଆଶିଷ ଦେ ଯେଉଁଥିରେ
ପାଇବାର କୌଣସି ଆଶାନଥାଏ
ସବୁ ଆସକ୍ତିକୁ ଛିନ୍ନ କରି
କୌଣସି ଫୁଲହାର ବା ଫୁଲତୋଡ଼ା ପାଇବାର ମୋର ନାହିଁ
ତୋ ଅନ୍ତରର ଗଭୀରତମ ପ୍ରଦେଶରୁ ମୋତେ ଆଶିଷ ଦେ
ତୋର ପ୍ରେମ, ମମତା ମତେ ଭାଗ୍ୟବାନ କରିବ
ସବୁ ଆସକ୍ତି ସବୁ ବନ୍ଧନ କାଟି
ମୁଁ ଖାଲି ଚାହିଁବି ତୋ ଆଶିଷ
ମା ମୋତେ ଶକ୍ତିଦେ ।





## ସଂକଳ୍ପ

ନରେନ୍ଦ୍ର ମୋଦି ନିଜର କବିତା 'ସଂକଳ୍ପ'ରେ ନିଜେ ସଂକଳ୍ପ ନେଇଛନ୍ତି – ବିଭିନ୍ନ ସୋପାନରେ ନିଆଁବର୍ଷୁ ଥିବା ସୂର୍ଯ୍ୟ, ଗୁଲୁଗୁଳିରେ ଛଟପଟ ଦିନ, ନିଆଁ ବିଚ୍ଛୁରିତ ଜ୍ୟୋତିରେ ସେଥିରେ ଶୀତଳ ତଳକୁ ଖୋଜିବାକୁ ଚେଷ୍ଟା, ଛାୟାପ୍ରତିଚ୍ଛାୟାରେ ମୁଁ ଅକଳ୍ପନୀୟ ସଂକଳ୍ପ ପାଇଥାଏ । ସେ ଶକ୍ତି ଅବା ସନ୍ଧ୍ୟା ଅଥବା ଗୋଧୂଳି ରଜ ସ୍ୱାର୍ଥବିହୀନ ହୁଏନାହିଁ, ବିବଶତା ମୋ ରକ୍ତରେ ନାହିଁ ।

ବେଳେବେଳେ ଆକାଶରେ ଉଦୟ ହୁଏ
ନିଆଁ ବର୍ଷୁଥିବା ସୂର୍ଯ୍ୟ,
ଗୁଲୁଗୁଳିରେ ଛଟପଟ ଦିନ
ଟିକେ ତ ପୋଡ଼ିଯାଏ ମୁଁ ।
ସେ ନିଆଁ ବିଚ୍ଛୁରିତ କରେ ତା' ଜ୍ୟୋତିରେ
ଶୀତଳ ତଳକୁ ଖୋଜିବାର ଚେଷ୍ଟା
କିରଣର ତୀର ଟାଣି
ଛାୟାପ୍ରତିଚ୍ଛାୟାର
ଗୋଲକଧନ୍ଦାକୁ ଭେଦି
ବିକଳ୍ପ ଦଳରେ
ଅକଳ୍ପନୀୟ ସଂକଳ୍ପ ପାଏ ମୁଁ ।
ସଂକଳ୍ପର ପ୍ରକାଶ
ସଂକଳ୍ପର ଶକ୍ତି
ସଂକଳ୍ପର ଉଷ୍ମା
ସଂକଳ୍ପର ସହଯୋଗ
ଅସ୍ତ ସନ୍ଧ୍ୟା
ସନ୍ଧ୍ୟାର ଗୋଧୂଳି-ରଜ
ଆଜି ତ ଅଛି
ଧନିକର ଆଭା ଓ ଶୋଭା
ଅବତାର ସ୍ୱାର୍ଥବିହୀନ ହୁଏ ନାହିଁ
ଆଉ,
ବିବଶତା ମୋ ରକ୍ତରେ ନାହିଁ ।

## ନାବିକ

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ନାବିକ' ଏକ କବିତାଟିଏ । ଏଥିରେ ତାଙ୍କ ହୃଦୟରେ ଦେଶଭକ୍ତିର ଜ୍ୱାଳକୁ ନିଜର ସୃଜନୀ ମାଧ୍ୟମରେ ପରିପ୍ରକାଶ କରିଅଛନ୍ତି । ତାଙ୍କ ଜୀବନରେ ଉଦାରମନ, ଦରଦୀମନା ଅବା ସ୍ୱର୍ଗବାସୀ ଗୁରୁଜନଙ୍କୁ ଆମ ପଥ ପ୍ରଦର୍ଶକ ଭାବରେ ଦେଖିଛନ୍ତି । ଦେଶ ବିଭାଜନର ହିନ୍ଦୁସ୍ଥାନ ଅବା ପାକିସ୍ତାନର ସୀମାପାର ହୃଦୟରେ ଦେଶଭକ୍ତିର ଜ୍ୱାଳାକୁ ବର୍ଣ୍ଣନା କରିଅଛନ୍ତି ।

ଉଦାର ମନ
ଦରଦୀମନା
ଲହଡ଼ି ଏଇ
ଆମ ଜୀବନର ।
ତାରାମଣ୍ଡଳ
ଚନ୍ଦ୍ରକଳା
ସ୍ୱର୍ଗବାସୀ ଗୁରୁଜନ ତ
ଆମ ପଥପ୍ରଦର୍ଶକ ।
ସମୁଦ୍ରରେ ପଡ଼ିଲା ଫାଟ
ଦେଶ ବିଭାଜନର
ସ୍ୱର୍ଗବାସୀ ଗୁରୁଜନଙ୍କୁ
ବିନା ପ୍ରାଚୀରର ଦରିଆରେ
କି' ହିନ୍ଦୁସ୍ଥାନ କି' ପାକିସ୍ତାନ
ସୀମା ପାରିହେବା
ଏଇ ତ ପ୍ରତିଦିନର ଦଣ୍ଡ ।
କେହି ଆସୁ ବା ନଆସୁ
କେହି ଛଡ଼ାନ୍ତୁ ବା ନଛଡ଼ାନ୍ତୁ
କିନ୍ତୁ ...
ହୃଦୟରେ ତ ଦେଶଭକ୍ତିର ଜ୍ୱାଳା
ସମୁଦ୍ର ଭିତରର
ନିଆଁ ପରି ଜଳୁଛି ।





## ଆସକ୍ତି

କବି ନରେନ୍ଦ୍ର ମୋଦିଙ୍କ କବିତାରେ 'ଆସକ୍ତି' ଏକ ପ୍ରମୁଖ କବିତାଟିଏ । ଏଠାରେ କବି ମୋଦି ନିଜର କୌଣସି ଆସକ୍ତି ନାହିଁ ବୋଲି ବର୍ଣ୍ଣନା କରିଛନ୍ତି ।

ମୋ ଜୀବନ ସଫେଦ କାନଭାସରେ ଦେଖ ଖୋଲି ଚକ୍ଷୁ
ନାହିଁ କିଛି ସବୁ ସଫା ଯେଉଁ ଠାରେ ଅଗଣିତ
ମୁଖରାଜି ଲଭେ ଦୃଶ୍ୟାନ୍ତର
ଏହିସଫେଦ ଚାଦରରେ ଯେତେବେଳେ ମେଘମାଳା ମୁଖଦିଶେ
ଯେତେବେଳେ ବର୍ଷଣ ବାରିତ ଭୂମି ପରେ ସବୁଜ ଘାସକୁ ବଢାଏ
ଧରା ପରେ ଅଙ୍କୁରିତ ଗୁଳ୍ମରାଜି କେଉଁଠିବା ତରୁଲତାଆଉ କାହିଁ ଗିରି
ଚକ୍ଷୁ ମୋର ଅନୁଭବେ ବାୟୁର ବିଶ୍ୱାସ
କେହି ନାହିଁ ଏଠି ଅଜଣା ଅଜ୍ଞାତ
ପୂର୍ଣ୍ଣ ନିରବତା ଏ ପ୍ରକୃତି ଭାରି ଭଲ ଲାଗେ
ଅଜଣା ବିହଙ୍ଗ ମଧୁମଖି ପ୍ରଜାପତି ପତ୍ରର କୁଟୀର ରଚି କରୁଥାନ୍ତି କ୍ରୀଡ଼ା
ନାସା ଅଗ୍ରେ ପତ୍ରଟିଏ ଥାପି ଆଘ୍ରାଣରେ ଲଭେ ମୁହିଁ
ପହିଲି ବର୍ଷାର ବାସ୍ନା ସେହି ଧଳା କାଳ ହାସ
ଅତି ନରମ ରେସମି ମୋତେ ଢାଙ୍କି ଦିଏ
ତାର ଅଦୃଶ୍ୟ ଛାୟାରେ ।

## ଚାଲ ଆମେ ମେଳାରେ ମେଳିବା

କବି ନରେନ୍ଦ୍ର ମୋଦି ଏହି କବିତାଟିରେ ମାନବ ସମାଜ ସମସ୍ତେ ମିଳିମିଶି କାମ କରିବାକୁ ପସନ୍ଦ କରନ୍ତି । ମଣିଷ ମଧ୍ୟରେ ବିଶ୍ୱାସ ହିଁ ସର୍ବଶ୍ରେଷ୍ଠ ବୋଲି ସେ ଅଭିହିତ କରିଅଛନ୍ତି ।

ମେଳାରେ ସ୍ୱଗୋଷ୍ଠୀ ନାହିଁ ଦିଶାତା'ର
ମୋର ଜୀବନ ଧର୍ମ ମୋ ପ୍ରାଣ ଆହ୍ୱାନ
ତା'ର କର୍ମ
ମେଳାରେ ବନ୍ଧୁତାର ମୁଖ ଖୋଜିଯାଏ
ସମସ୍ତ ମିଳନ ଅଟେ ଫଳପ୍ରସୁ
ସମୟ ବିତାଏ କେତେ ସୁନ୍ଦର ଭାବରେ
ମୁଁ ଜଣେ ଏମନ୍ତ ମଣିଷ
ଯାହାର ବିଶ୍ୱାସ ହିଁ କର ଆଉ କର
ଜାଣେନା ମୁଁ କେବେ ନାସ୍ତି ଆଉ ନାସ୍ତି
ଯଦି କେଉଁ କୋଠା ଧସିଯାଏ
ମୁଁ ତୋଳିଧରେ ତାହାକୁ ସହଜରେ
ପ୍ରତ୍ୟେକ ମାନବ ଭିତରେ ମାଧବର ସର୍ତ୍ତା
ତାଙ୍କରି ସମ୍ମୁଖେ ଉଭା ରାମଚନ୍ଦ୍ର
ମୋ କରରେ କୃଷ୍ଣଙ୍କ ବାଂଶୋରୀ
ଆଉ ଶିବଙ୍କର ଧ୍ୱନି ।
ମୁଁ ଜଣେ ମାନବ ସଦା ପ୍ରଭୁଙ୍କ ଆଶ୍ରିତ
ଏହି ମାତୃଭୂମେ ଦେହେ ମୁହଁ ସ୍ୱର୍ଗ
ମୋର ଏକମାତ୍ର ଦାବି ଧନୀଙ୍କର ସ୍ୱଗୋଷ୍ଠୀ
ଯାଉ ଅପସରୀ
ଭେଟିବାକୁ ଭାଇ ବନ୍ଧୁ ମେଳାରେ ।





## ସମନ୍ୱୟ

କବି ନରେନ୍ଦ୍ର ମୋଦିଙ୍କ 'ସମନ୍ୱୟ' କବିତାଟିରେ ତପସୀ ମୋଦିଜୀଙ୍କୁ ନିଜର ସାଧନାର ବରଦାନକୁ ସମନ୍ୱୟର କଷଟତୀରେ ତୁଳନା କରିଅଛନ୍ତି । ରାତି, ଦିନ ଭଳି ପୂର୍ଣ୍ଣପ୍ରେମ, କଟାଂର ପଥକୁ ଚିନ୍ତା ନକରି ବିକଶିତ, ସୁରଭିତ ହେଉଥାଉ ପକ୍ଷୀମାନଙ୍କର କଳରବ ଅବା ବୋହିଆସେ ପବନର ସାଥିରେ, ସ୍ଥିତି ଓ ଗତିର ସମନ୍ୱୟ ତାଙ୍କର ସାଧନା ।

ରାତିର ଗର୍ଭରୁ ଜନ୍ମିତ ଦିନକୁ କହୁଛି :
'ଆ, ମୋ ପାଖରେ ବ'
ତୋ ପ୍ରତି ପୂର୍ଣ୍ଣ ପ୍ରେମରେ ଉଛୁଳୁଛି ମୁଁ,
ଓ ତୋ ଜନ୍ମ ଦେଖି ମନେମନେ ଖୁସି ଅଛି
ମୋତେ ଜଣା ନାହିଁ ଯେ
ଦୁହିଁଙ୍କ ଭିତରୁ କିଏ କାହାକୁ ପୋଷିତ କରୁଛି
କିନ୍ତୁ ଏତିକି ଅବଶ୍ୟ ବୁଝିଛି ଯେ
ଆମେ ଦୁହେଁ ପରସ୍ପର ଏକ ।
କଟାଂର ଚିନ୍ତା ନ କରି ଫୁଲ ପରି
ବିକଶିତ ଓ ସୁରଭିତ ହେଉ ଆମେ
ଦିନର ଡାଳରେ କେବଳ ଫୁଲ ହିଁ ଫୁଟେ ନାହିଁ
ପକ୍ଷୀମାନଙ୍କର କଳରବ ବି ବୋହିଆସେ ପବନ ସାଥିରେ ।
ଶବ୍ଦର ଆକାର ନାହିଁ,
ସୁଗନ୍ଧ ପରି
କିନ୍ତୁ ତା'ର ନିରାକାର ଗତି ଅଛି
ସ୍ଥିତି ଓ ଗତିର ସମନ୍ୱୟ
ସେଇ ମୋର ସାଧନା
ଚାଲ,
ଆମେ ଦୁହେଁ
ଏହି ସାଧନାର ବରଦାନରେ
ଯେତିକି ଜିଇ ପାରିବା
ସେତିକି ମନ ଭରି ଜିଇନେବା ।

ତା' ଉପରେ ଚଢ଼େଇ ବସାବାନ୍ଧୁ
ଆଉ ଆକାଶକୁ ଛୁଇଁଯାଉ
ତାଙ୍କ କଣ୍ଠରୁ ନଦୀର କଳକଳ ଧ୍ୱନି ପରି
ଈଶ୍ୱରୀୟ ସଂଗୀତର ସ୍ୱର
ନିନାଦିତ ହେଉ ।





## ଗୁପ୍ତ

କବି ନରେନ୍ଦ୍ର ମୋଦି ତାଙ୍କର କବିତା ଗୁପ୍ତରେ ନିଜର ଶରୀରର ଛାୟା ବି ଲୁପ୍ତ ହୁଏ ତା' ଭିତରେ ସେହି ଅସ୍ତିତ୍ୱରେ ତାହା ହିଁ ଅଟେ ଗୁପ୍ତ । ନିଜ ଭିତରେ ନିଜ ଛାଇକୁ ତୁଳନା କରିଅଛନ୍ତି ।

ଚାହେଁ ନାହିଁ କରିବାକୁ ମୋ ଦୃଷ୍ଟି ନିକ୍ଷେପ
ରଜନୀର କଳା ଯବନିକା, ଢାଙ୍କିଅଛି ବୃକ୍ଷ ସର୍ବାଙ୍ଗରେ
ଦେଖିବାକୁ ଚାହେଁ ମୁଁ ଅବଶ୍ୟ
ଝଲକିତ ବୃକ୍ଷାବଳୀ ତପନର କରେ ।
ସାରା ଅପରାହ୍ଣ ଦୃଶ୍ୟ
ସୂର୍ଯ୍ୟକରେ ପ୍ରସ୍ଫୁଟିତ ଫୁଲ ସୁରଭିତ ତା'ପରେ ବିହଙ୍ଗ
ଝଲସଇ ମୋ ନେତ୍ର ସମ୍ମୁଖେ ।
ପ୍ରଭାତର ନିରୀହ ପାଦପ
ପ୍ରଦୋଷର ପ୍ରେମାଶକ୍ତ ଯୁବା
ସାୟନର ସୁଜ୍ଞାନୀ ପାଦପ
ଏସବୁ ମୁଁ ତୋଳିଧରେ ଶିରାପ୍ରଶିରାରେ
ପାଦପ ମୋ ଜୀବନର
ଏକ ଦୃଢଶକ୍ତା ଶୋଇଯାଏ ତା' ଛାୟାରେ କେବେ
ମଧ୍ୟାହ୍ନ ଶ୍ୱାସରେ ଲଭେ ମୁଁ ଉଷ୍ଣମ
ମୋ ଛାୟା ବି ଲୁପ୍ତ ହୁଏ ତା'ରି ଭିତରେ
ସମୀରଣ ହିଲ୍ଲୋଳରେ ତୋଳିଧରେ ଜଳକଣା ଗଣେ
ସେହି ପାଦପ ମୋ ଜୀବନ ଅଇନାରେ
ଶୋଇ ଅସ୍ତିତ୍ୱରେ ସେହି ଅଟେ ଗୁପ୍ତ ।

## ରମେଶ ପାରେଖ

କବି ନରେନ୍ଦ୍ର ମୋଦିଙ୍କ କବିତା 'ରମେଶ ପାରେଖ' ଚନ୍ଦ୍ରମାକୁ ରାତ୍ରିର ଆଗମନରେ - ପ୍ରିୟବନ୍ଧୁ ରମେଶ ଆଜି ଶତ୍ରୁ ସମ ତାହାର ବାଖ୍ୟା କରିଅଛନ୍ତି ।

ଚନ୍ଦ୍ରମା ଉତ୍ସବ ଏଠି ସମସ୍ତେ ଏକତ୍ର
କେହି ସାଥେ ଆଣିଛନ୍ତି ସ୍ୱପ୍ନ
କେହି ଅବା ଫମ୍ପା ଅମାମଣି
ପୂର୍ଣ୍ଣ ମଧ୍ୟାହ୍ନରେ ରାତ୍ରିର ଆଗମେ
ଅନ୍ଧକାର ଭରିଯାଏ ନେତ୍ର
କିନ୍ତୁ ରମେଶ ବିହୁନେ
ପ୍ରଶମନ ମରିଯାଏ ମୋର
ଦିନଥିଲା ପ୍ରିୟ ବନ୍ଧୁ ଯିଏ
ଆଜି ଶତ୍ରୁସମ ଲୋତକ ଝରଇ
କିନ୍ତୁ ଦେଖାଇ ହୁଏନି
ରମେଶର ହସ୍ତଲେଖା ଝଟକଇ ତା'ର ଫୁଲ ପରି
ଅମ୍ରେଲିର ଗଳି ସବୁ ସ୍ମୃତି ଜାଗେ
ପଲ୍ଲୀଗୀତ ଯାଏଟି ସଚଂରୀ
ସହି ଦିନ ସବୁ ଚଷମାର ଧାରେ
ଯଦିଓ ଚକ୍ଷୁ ମୋର ରିକ୍ତ
କେବଳ ଦେଖେ ମୁଁ ରମେଶ
ସବୁ ଅତୀତର ଭାଷା ହୋଇଯାଏ
କବିତାର କଲ୍ଲୋଳ
ତଥାପି ତା' ସ୍ନେହ ରହିଛି ଅନ୍ତରେ
ତା' ଅଭିଭ୍ରାନ୍ତ ଦୃଷ୍ଟି
ଚାହେଁ ଏବେ ମୋତେ ।





## ସ୍ୱପ୍ନର ମଞ୍ଜି

କବି ନରେନ୍ଦ୍ର ମୋଦିଙ୍କ କବିତା 'ସ୍ୱପ୍ନର ମଞ୍ଜି' କବିତାରେ - ଜଣେ ତପସୀ ସାଧକ ଭାବରେ ସ୍ୱପ୍ନର ମଞ୍ଜି ବୁଣିଛନ୍ତି । ପଥରକୁ ପଥର ଅବା ଜଳକୁ ଜଳ କିମ୍ବା ଆକାଶକୁ ଦେଖେ ଇନ୍ଦ୍ରଧନୁ ଭଳି ପାଗଳ, ଏ ସ୍ୱପ୍ନ ରୋମାଟିଂକ୍‌ର ସ୍ୱପ୍ନ ନୁହେଁ, ଏହା ଆଜୀବନ ତପସ୍ୟାର ସ୍ୱପ୍ନଟିଏ ଅବା ସ୍ୱପ୍ନର ମଞ୍ଜିଟିକୁ ମାଟିରେ ପୋତିଅଛି ମୁଁ ଆଉ ଅପେକ୍ଷା କରୁଛି ଝାଳବୁହାଇ ଅଙ୍କୁରିତ ହୋଇ ସେଥିରୁ ଜନ୍ମନେଉ ବୃକ୍ଷ ।

ମୁଁ ପଥରକୁ ପଥର କହେ
ଆଉ ଜଳକୁ ଜଳ
ମୁଁ ଅତି ବାସ୍ତବବାଦୀ ମଣିଷ
ଆକାଶକୁ ଦେଖେ
ଆଉ ଇନ୍ଦ୍ରଧନୁ ଦେଖି ପାଗଳ ହୋଇଯାଏ
କିନ୍ତୁ ନିଜ ଘର ଇନ୍ଦ୍ରଧନୁ ଉପରେ
ତିଆରି କରିନି ମୁଁ
ଇନ୍ଦ୍ରଧନୁଷୀ ରଙ୍ଗର ସ୍ୱପ୍ନ ଅଛି ମୋ ପାଖରେ
ଏ ସ୍ୱପ୍ନ ରୋମାଟିଂକ୍ ନୁହେଁ
ଏଇତ ଆଜୀବନ ତପସ୍ୟାର ସ୍ୱପ୍ନ ।

ତୁମ ପାଖରେ ସ୍ୱପ୍ନ ଥାଉ ବା ନଥାଉ
କିନ୍ତୁ ସ୍ୱପ୍ନର ମଞ୍ଜିକୁ
ନିଜ ମାଟିରେ ପୋତୁଛି ମୁଁ,
ଆଉ ପ୍ରତୀକ୍ଷା କରୁଛି, ଝାଳବୁହାଇ
ସିଏ ଅଙ୍କୁରିତ ହେଉ
ଆଉ ସେଥିରୁ ଜନ୍ମନେଉ ବୃକ୍ଷ ।
ଗୋଟେ ବିରାଟ ପୁରୁଷର ଭୁଜ ଭଳି
ତା'ର ଶାଖାମାନ ଲମ୍ବିଯାଉ

## ସନାତନ ପାଗ

ନରେନ୍ଦ୍ର ମୋଦିଙ୍କ କବିତା 'ସନାତନ ପାଗ' ଏକ ଭକ୍ତିଭାବଭରା ଶବ୍ଦରୂପି ତୁଳନାତ୍ମକ କବିତାଟିଏ । ଏ ସମାଜରେ ସଦାସର୍ବଦା ଲୋକମାନଙ୍କର ଭିଡର ଆତଜାତ ଥିବା ସତ୍ତ୍ୱେ - ଏହାକୁ ପ୍ରଭୁଙ୍କ ଲୀଳାଖେଳର କୃପା ବୋଲି ଦର୍ଶାଇଛନ୍ତି । କେତେବେଳେ ଶବ୍ଦର ଝରଣା ଅବା କେତେବେଳେ ଶବ୍ଦର ଶାନ୍ତ ନଦୀ, ଶବ୍ଦର ଯାତ୍ରା ଏଭଳି ଚାଲିଆସେ ଆଉ ମୁଁ ଦେଖୁଥାଏ ତା'ର ଗତି ।

ସବୁଦିନ ଏ ସଭା, ଲୋକଙ୍କର ଭିଡ଼
ଘେରନ୍ତି ଫଟଉଠାଳିଙ୍କ ଦଳ
ଆଖିକୁ ଜଳକା କରୁଥିବା ଉଜ୍ଜ୍ୱଳ ଆଲୁଅ
ଶବ୍ଦକୁ ଏନଲାର୍ଜ୍ କରୁଥିବା ଏ ମାଇକ୍
ଏ ସବୁର ଅଭ୍ୟାସ ହୋଇନି
କାରଣ
ଏହା କେବଳ ପ୍ରଭୁଙ୍କର କୃପା ।
ଏବେ ତ ମୋତେ ଆଶ୍ଚର୍ଯ୍ୟ ଲାଗେ
କୋଉଠୁ ଫୁଟୁଛି ଏ ଶବ୍ଦର ଝରଣା
କେତେବେଳେ ଅନ୍ୟାୟ ସମ୍ମୁଖରେ
ମୋ ଶବ୍ଦର ଆଖି ଉଁଚା ହୋଇଯାଏ ତ
କେତେବେଳେ ଶବ୍ଦର ଶାନ୍ତ ନଦୀ
ଶାନ୍ତିରେ ବୋହିଯାଏ
କେତେବେଳେ ବୋହିଯାଏ ଶବ୍ଦର ବାସନ୍ତୀ ବୈଭବ
ଶବ୍ଦ ନିଜେ ନିଜେ ଅର୍ଥର ଜାମା ପିନ୍ଧିଦିଏ
ଶବ୍ଦର ଯାତ୍ରା ଏମିତି ଚାଲିଥାଏ
ଆଉ ମୁଁ ଦେଖୁଥାଏ ତା'ର ଗତି ।
ଏତେଗୁଡ଼ିଏ ଶବ୍ଦ ଭିତରୁ
ମୁଁ ସାଉଁଟିରଖେ ନିଜର ଏକାନ୍ତପଣ
ଏବଂ ମୌନତାର ଗର୍ଭରେ ପ୍ରବେଶ କରି
ନିଏ ଆନନ୍ଦ କେଉଁ ଏକ ସନାତନ ପାଗର ।





## ଲକ୍ଷ୍ୟ ଆଡକୁ

କବି ନରେନ୍ଦ୍ର ମୋଦି ନିଜର କବିତା 'ଲକ୍ଷ୍ୟ ଆଡକୁ'ରେ ନିଜକୁ ନିଜର ଆଖି ଆଗରେ ଲକ୍ଷ୍ୟ ହିଁ ସ୍ଥିର କରିଛନ୍ତି । ଜୀବନର ଲକ୍ଷ୍ୟ ଚଲାପଥରେ ଆଗକୁ ଆଗକୁ ମାଡି ଚାଲିବାକୁ ସେ ଗୁରୁତ୍ୱ ଦେଇଛନ୍ତି ।

ଆଖି ଆଗରେ କେବଳ ଲକ୍ଷ୍ୟ ହିଁ ସ୍ଥିର
　　ନିଜକୁ ଭୁଲି ଯାଇ କେତେ ବେଳେ ଧାଇଁ ଧାଇଁ
କେତେ ବେଳେ ଡେଇଁ ଡେଇଁ
　　ଅବା କେତେ ବେଳେ ଥରି ଥରି
ଏକ ରକ୍ତ ରଞ୍ଜିତ ରାସ୍ତାରେ ପାଦେ ପାଦେ ଆଗେଇ ଯାଉ
　　ଲକ୍ଷ୍ୟ କରୁ ଗାଢ ଲାଲ ର ପଦ ଚିହ୍ନ ମାନ
ଆମ ଦାୟଦ ମାନଙ୍କର ଅଟ୍ଟହାସ, ରକ୍ତପାତ
　　ସୂର୍ଯ୍ୟ ରଶ୍ମି ପ୍ରତିଫଳିତ ବହୁ ହସରେ ରଙ୍ଗାୟିତ
ସମୟ ର ଗତି ଚକ ଗଡ଼ିଚାଲେ
　　ଅଦୃଶ୍ୟ ହୁଏ ପୁଣି କେବେ ଲକ୍ଷ୍ୟ ସାମ୍ନାରେ ଦିଶେ
　　　　ଏବଂ ମୋର ଗତି କ୍ଷିପ୍ରତର ହୁଏ ।

## ବନ୍ଦେ ମାତରମ୍

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଏକଯାତ୍ରା"ର ଏକ କବିତାଟିଏ 'ବନ୍ଦେ ମାତରମ୍' ଏଥିରେ କବି ଏ କବିତାଟିକୁ ଜାତୀୟତାର ପ୍ରତୀକ ରୂପେ ବିବେଚନା କରିଅଛନ୍ତି ।

ବନ୍ଦେ ମାତରମ୍ ବନ୍ଦେ ମାତରମ୍
ଏହା କେବଳ ଗୀତଟିଏ ନୁହେଁ
ଏହା ଆମର ସ୍ୱାଭିମାନ, ସମ୍ମାନ ଓ ଉନ୍ନତିର ପ୍ରତୀକ
ସ୍ୱାଧୀନତାର ଦାନ ଏ ମହାନ୍
ଏ ଆମ ଜାତିର ଆହ୍ୱାନ
ଭାରତ ଗଣ ରାଜ୍ୟର ପୂର୍ଣ୍ଣ ଏକ ଅବତାର
ଏହା ଆମ ତ୍ୟାଗର ପ୍ରତୀକ ଓ ଜାତିର ପରିଚୟ
୧୮୭୫ର ସ୍ମୃତି ଓ ଆଲୋକ ବର୍ତିବା
ପବିତ୍ରତାର ଉନ୍ନତି ଓ ଭକ୍ତିର ଆହ୍ୱାନ
ଶାଶ୍ୱତ ମସାଲ ବନ୍ଦେ ମାତରମ୍ ନୁହେଁ କେବଳ
ଶବ୍ଦ ସମ୍ମେଳନ
ଏହା ଆମର ଅବତାର ଓ ସ୍ୱାଧୀନତା ଓ ମୁକ୍ତିର ପ୍ରତୀକ ।





## ଶବ୍ଦ

କବି ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ଶବ୍ଦ' ଗୋଟିଏ କବିତାଟିଏ । ମୋଦିଜୀ ଏଥିରେ ନିଜକୁ ଏକ ସାରସ୍ୱତ ସାଧକ ଭାବରେ ପ୍ରତିହିତ କରିଅଛନ୍ତି । ଶବ୍ଦ ସାଧକ ଭାବରେ ନିଜକୁ ଉପସ୍ଥାପନା କରିଅଛନ୍ତି । ନିଜକୁ କଥାକଥାର ରାଜା ଓ ଶବ୍ଦକୁ କିମ୍ବଦନ୍ତୀର ରାଣୀ ଭାବରେ ଅଭିହିତ କରିଅଛନ୍ତି । ବୋହୁଥିବା ଶବ୍ଦକୁ କଳରବ କରୁଥିବା ପାଣି ସହିତ ତୁଳନାତ୍ମକ ଭାବରେ ବର୍ଣ୍ଣନା କରିଛନ୍ତି ।

ମୋ ଶବ୍ଦ ତ ଖଡ୍‌ଗ
ବୋହୁଥିବା ଶବ୍ଦ
କଳରବ କରୁଥିବା ପାଣି
ଦୁହେଁ ଦୁହିଁଙ୍କର ପରିପୂରକ
ଖଡ୍‌ଗ ନଦୀର ବାଣୀ ।
ଦୁହେଁ ଦୁହିଁଙ୍କ ସାଙ୍ଗରେ ରୁହନ୍ତି
ତଥାପି ଅଲଗା ଦଳ
ନିଜ ପାଇଁ କେତେ କଳ୍ପନା କରିଛି
ଏ ତ ଅନନ୍ତ ତାରର ମାଳ
କଥାକଥାରେ ମୁଁ ଯେ ରାଜା,
ତୁ କିମ୍ବଦନ୍ତୀ ରାଣୀ ।
ଗୋଟିଏ ନଦୀର ଦୁଇଟି କୂଳ
ଗୋଟେ ତୋର ଆଉ ଗୋଟେ ମୋର
କାଳ ନିରନ୍ତର ଚାଲିଛି ଚାଲିବ
ସତେ ଯେମିତି ସେ ଯାଯାବର
କଥା-ବ୍ୟଥାକୁ ସିଏ ଜାଣିଲା
ତଥାପି ରହେ ସଦା ଅଜଣା ।

ମୁଁ ତ ଘୋଡ଼େଇହୁଏ
ତୋଫାନୀ ବାଦଲର ଛାୟା
କଳା ମେଘକୁ ମିତ
ତୁମେ ମନଭରି ବରଷିବାକୁ ଦିଅ
ବ୍ୟଥାକୁ ବୋହିବାକୁ ଦିଅ
ଲୁହକୁ ଝରିବାକୁ ଦିଅ ।





## ପ୍ରେମ କେତେ ଅଜଣାଟି ସତେ

କବି ନରେନ୍ଦ୍ର ମୋଦି ନିଜର କବିତାରେ 'ପ୍ରେମ କେତେ ଅଜଣାଟି ସତେ'କୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି, ପ୍ରେମ ହିଁ ବିଭିନ୍ନ ସ୍ତରରେ ବିଦ୍ୟମାନ ଏହାକୁ ଦର୍ଶାଇଛନ୍ତି ।

ଚନ୍ଦ୍ର ଉଦୟରେ ସିନ୍ଧୁନିକି ଦିଏ ନାହିଁ ଲମ୍ଫ ?
ତପନ ଉଇଁଲେ ହସନେ କି ସୁର୍ଯ୍ୟମୁଖୀ ଫୁଲ ?
କେବେ କି ପ୍ରଖର ସ୍ରୋତ ।
ମୁହାଣକୁ ଛୁଇଁ
କେବେ କି ପାରଇ ଫେରୀ
ଛୁଇଁ କରି ସିନ୍ଧୁ ?
ପ୍ରସ୍ଫୁଟିତ କୁସୁମକୁ ଦେଖି
ନିରବୀ ଯାଏ କି ମୁଧୁମୁଖୀ କୁହ ?
ମନ୍ଦିରର ଘଟିଂଯେବେ ବାଜେ
ପୂଜାରୀ କି ରୁଦ୍ଧକ ଦ୍ୱାରା ଉକ୍ତଗଣେ ଦେଖି ?
ମନ୍ଦିର ବେଢାରେ ପ୍ରଜ୍ୱଳିତ ଦ୍ୱିପାବଳୀ
କରେନି କି ଆଲୋକିତ ମନ୍ଦିର ଗାତ୍ରରେ ?
ଏ ଆଚନାଦ ପ୍ରେମ ଅନୁଭବି
ସତ୍ୟପ୍ରେମ ଯେ ଅତି କଠିନ
ଅତୀବ ଅଜ୍ଞାତ, ଏହାଟି କିପରି ?

## ପ୍ରତ୍ୟୁଷର ପ୍ରହଳିକା

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଏକଯାତ୍ରା"ରେ 'ପ୍ରତ୍ୟୁଷର ପ୍ରହଳିକା' ଏକ କବିତା । ଏହି କବିତାରେ କବି ନରେନ୍ଦ୍ର ମୋଦି ପରାଧିନ ଭାରତର ସ୍ୱାଧିନତା ପ୍ରାପ୍ତିର ପ୍ରଥମ ସକାଳକୁ ସୁଲଳିତ କବିତା ସ୍ୱରରେ ବର୍ଣ୍ଣନା କରିଛନ୍ତି ।

ପରାଜୟର ଅମାନିଶି ଯାଇଅଛି ପାଇ
ବିଜୟର ପ୍ରତ୍ୟୁଷ ଉଇଁଛି
ଆଜି ଉଷାକୁ ବନ୍ଦୀବା ଆମେ
ଉଜ୍ଜ୍ୱଳିତ ସୁଭ୍ରତାର ଆସନ୍ତା କାଲିକୁ
ମଶୀର ଏ ଦୁର୍ବାର ପ୍ରାଚୀର ଭାଜିଛି
ପୁଣି ଏକ ନିର୍ଭୀକ ପ୍ରତ୍ୟୁଷ ଉଇଁଛି
ଆସ ଆମେ ଏବେ ନେବା ସର୍ବତ୍ର ଏକତ୍ର
ଆରୋହିବା ଅବିଳମ୍ବେ ହେବା ଦେଶାନ୍ତର
ସବୁହୃତ ଛୁଇଁଛୁଇଁ ଭୁଲିଯିବା ଅହମିକା
ଆପଣା ମନର ।
କୁସୁମ ସୁବାସ ଆନନ୍ଦ ଦାୟକ
ଦେଖ ଏକ ନିର୍ବୀକ ପ୍ରତ୍ୟୁଷ ଉଇଁଛି ।
ନାହିଁ ଏବେ ଶ୍ଳୋକ ଅବା ଗ୍ଲାନୀ
ନାହିଁ ପଶ୍ଚାତାପ ଅବା ପୀଡା
ନାହିଁ ଝଡ଼ ଯାଇଅଛି ଦୁରେ
ଆକାଶର ପ୍ରଶାନ୍ତ କୋଡ଼ରୁ
ହଜିଅଛି କଟଂକିତ କରୁଣାର ସ୍ୱର
ଝଲକୁଛି ଆଶାର ଫୁଆର ଆଜାଦ ସକଳ
ନିର୍ଭୀକ ପ୍ରତ୍ୟୁଷ ଆଜି ପ୍ରମୋଦର ବେଳା
ମଙ୍ଗଳ ଛାତିରେ ଉତ୍ସାହ ଆନନ୍ଦ
ପ୍ରତିଟି କୋଷରେ ପ୍ରତ୍ୟାଶାର ସ୍ୱପ୍ନ
ପ୍ରତିଟି ଅନ୍ତରେ ପ୍ରଭୁ ରାମଙ୍କ ଅସ୍ତିତ୍ୱ
ନାହିଁ କାହିଁ ନିରାଶା ଆଉ ହତାଶାର ବେଳା
ଏକ ନିର୍ଭୀକ ପ୍ରତ୍ୟୁଶ ସମୟ ମୁକ୍ତିର ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ବ୍ୟଥାକୁ ବୋହିବାକୁ ଦିଅ

ନରେନ୍ଦ୍ର ମୋଦିଙ୍କ କବିତା 'ବ୍ୟଥାକୁ ବୋହିବାକୁ ଦିଅ'ରେ ତାଙ୍କର କବିତ୍ୱଭରା ବେଦନା ପରିଲିଖିତ ହୋଇଅଛି । ଜୀବନର କଷ୍ଟ, ଦୁଃଖ, ଯନ୍ତ୍ରଣାକୁ ହିଁ ଉପସମ କରିବା ମାନବ ଜୀବନର ଏକ ପ୍ରବାହମାନ ଧାରା ଅଟେ । ଲୁହକୁ, ଫୁଲ ବଢିବାକୁ, ସ୍ୱପ୍ନକୁ, ହଂସ ପହଁରିବାକୁ, ତୋଫାନ ବାଦଲର ଛାୟାକୁ ସେ ବ୍ୟଥା ସହିତ କାବ୍ୟକ ଆକାରରେ ସୂଚାଇଛନ୍ତି ।

ବ୍ୟଥାକୁ ବୋହିବାକୁ ଦିଅ
ଲୁହକୁ ଝରିବାକୁ ଦିଅ
ଫୁଲ ଝଡ଼ିଲେ ଝଡ଼ିବାକୁ ଦିଅ
ଧୂଳିରେ ତାକୁ ଥରିବାକୁ ଦିଅ ।

ସ୍ୱପ୍ନ ଆଜି ଭିଜିଯାଇଛି
ବିନା କାରଣରେ ବାନ୍ଧିହୋଇଛି
ଏ ଆଖି ଝରକାରେ ବସିଥିବା ଲୁହକୁ
ଚାତକ ଭଳି ଦେଖିବାକୁ ଦିଅ
ବ୍ୟଥାକୁ ବୋହିବାକୁ ଦିଅ
ଲୁହକୁ ଝରିବାକୁ ଦିଅ ।

କ୍ଷଣେ ଉଚ୍ଛୁଳିଲେ, ଆଶା ହସେ
ଅଜଣା ହୃଦୟରେ ପ୍ରେମର ଲହଡ଼ି ଉଚ୍ଛୁଳେ
ମୋ ଆଖିର ସରୋବରରେ
ହଂସକୁ ପହଁରିବାକୁ ଦିଅ
ବ୍ୟଥାକୁ ବୋହିବାକୁ ଦିଅ
ଲୁହକୁ ଝରିବାକୁ ଦିଅ ।
ସୁଖ-ଦୁଃଖର ଏ ଅନୁଭୂତି ତ
ଘଡ଼ିଏ ଦି'ଘଡ଼ିର ମାୟା

ଉଲ୍ଲାସରେ ଉଛୁଳୁଛି ଧରା ଓ ଗଗନ
ସୁଗନ୍ଧ ସ୍ୱପ୍ନରେ ପୁଲକିତ ପ୍ରତି ଲୋମ
ରାମଙ୍କ ହାତରେ ଟେକିଦିଅ ହୃଦୟକୁ
ନାହିଁ ଆଉ କିଛି ଅସନ୍ତୋଷ
ଆସିଛି ଆଜି ଶୌର୍ଯ୍ୟପୂର୍ଣ୍ଣ ପ୍ରଭାତ ।





## ବେଦନାର ସ୍ରୋତ ଯାଉ ବୋହି

କବି ମୋଦି - ବେଦନାକୁ ବିଭିନ୍ନ ସୋପାନରେ ନିଜର କାବ୍ୟତ୍ୱ ମାଧ୍ୟମରେ ବର୍ଣ୍ଣନା କରିଅଛନ୍ତି ।

ଲୋତକକୁ ବୋହିବାକୁ ଦିଅ
ଫୁଲ ଯଦି ଝରିପଡେ ଝରିବାକୁ ଦିଅ
ତା'କୁ ମରିବାକୁ ଦିଅ ସେ ଧୁଳିରେ ହଜିବାକୁ ଦିଅ ।
ବେଦନାକୁ ବୋହିବାକୁ ଦିଅ
ସ୍ୱପ୍ନସବୁ ଆସିଯାଏ, ଝାଏଁ ଡୁବିଯାଏ
ବିନା କାରଣରେ ପୁଣି ହଜିଯାଏ
ଆଖିର ଝରକାରେ ବହିଯାଏ ଲୁହ
ବିହଙ୍ଗମ ଦୃଷ୍ଟିଫୋଇ ଦେଖ
ବେଦନାକୁ ବହିବାକୁ ଦିଅ
ଲୋତକକୁ ବହିବାକୁ ଦିଅ ।
ପ୍ରତିଟି ମୃଦୁଭି ଯେବେ ଉଛୁଳଇ
ଆଶାଖାଲି ମୁରୁଖି ହସଇ
କୋଉଁ ଅଜଣା ହୃଦୟର ଭାବପ୍ରବଣତା
ମୋ ନେତ୍ର ହଦ୍ରେ ରାଜହଂସ
ଜଳସ୍ରୋତ ପୋତେ ।
ବେଦନାକୁ ବହିବାକୁ ଦିଅ
ଲୋତକକୁ ଝରିବାକୁ ଦିଅ
ଏହି ସବୁ ସପନ ଓ ପ୍ରମେଦ ବିଶ୍ୱାସ
ମରିଚୀକା ରାଜିକୋଉଁ ବିଭୀଷିକା ପୁରେ
କଂସଳୟ ଛାୟାତଳେ ଲୁଚାଏ ନିଜକୁ
ଯେପରି ନୀରଦମାଳା ଘୋଟିଯାଏ କ୍ଷଣେ
ବେଦନାର ସ୍ରୋତ ବହିଯାଏ
ଲୋତକକୁ ଝରିବାକୁ ଦିଅ ।

## ଶବ୍ଦାବଳୀ

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଏକଯାତ୍ରା"ର 'ଶବ୍ଦାବଳୀ' କବିତାଟି ବେଶ୍ ହୃଦୟସ୍ପର୍ଶୀ । ନିଜର ଭାବକୁ ଶବ୍ଦ ମାଧ୍ୟମରେ ପରିପ୍ରକାଶ କରିବା ସହିତ ତାଙ୍କ ଶବ୍ଦ ଗିରିଠାରୁ କଠିନ ବୋଲି ଅଭିହିତ କରିଅଛନ୍ତି, ଏପରିକି ଶବ୍ଦକୁ ରାଣୀପରି ଉପଗାଥା ସହିତ ତୁଳନା କରିବା ସହ ନିଜକୁ ଗହ୍ୱର ସାଗର ସହିତ ମଧ୍ୟ ତୁଳନା କରିବାକୁ ଭୁଲିଯାଇ ନାହାଁନ୍ତି ।

ମୋ ଶବ୍ଦ ଗିରିଠୁ କଠିନ
ଭାସମାନ ଶବ୍ଦାବଳୀ ନଦୀ ଧାରେ ସତେକି ସ୍ଫୁଟିକ
ପାଷାଣ ଓ ଜଳ ଦୁର୍ଲ୍ଲଭ ମୋଳି ରଚନ୍ତି ସମ୍ଭାଷ
ତୁମେ ଆଉ ମୁଁ ଯଦିଓ ସମାନ ଏକଇ ବନ୍ଧନେ
ତେବେ କିନ୍ତୁ ବିନ୍ଦୁପଣେ ଭିନ୍ନ ଭିନ୍ନ
ଆମେ ଦୁହେଁ ସହଯାତ୍ରୀ ଏକୋଇ ପୋତର
ତୁମେ ରାଣୀ ପରି ଉପଗାଥା ଆଉ ମୁଁ ଅଟେ ଗହ୍ୱର ସାଗର
ଏକ ଅଟେ ନଦୀ ହେଲେ ଦୁଇତଟ
ଏକ ପ୍ରାନ୍ତେ ତୁମେ ମୁଁ ଆନ ପ୍ରାନ୍ତେ
ଅବିରାମ ସମୟ ଚାଲେରେ ଜୀବନର ଗତିଆମ
ଯାଯାବର ପରି ଜାଣେ ସିଏ ଆମର ଦୁଃଖର କାହାଣୀ
ତଥାପି ସେ ରହିଯାଏ ଅଜ୍ଞାତ ଅଜଣା ।





## ବିସ୍ମୟ ସକାଳ

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଧନ୍ୟ ଏଇ ଆଖି"ରେ 'ବିସ୍ମୟ ସକାଳ' କବିତାଟିରେ କବି ମୋଦିଜୀ ସବୁ ଦୁଃଖ ରାତ୍ରିର ଅନ୍ଧାରରେ ପଳାଇଯିବ ବିସ୍ମୟ ସକାଳରେ - ରାମରାଜ୍ୟ ବନିଯିବ - ଭକ୍ତି ଭାବରେ ରାମଙ୍କର ହାତରେ ଟେକିଦିଅ ହୃଦୟକୁ । ଏହା ବେଶ୍ ହୃଦୟସ୍ପର୍ଶୀ କବିତାଟିଏ

ରାତି ପାହିଯାଇଛି ପରାଜୟର
ପ୍ରଭାତ ଆସିଛି ବିଜୟର
ଆନନ୍ଦ ଆଜି ନିଅ ପ୍ରଭାତର
କାଲି ବି ଆଲୋକିତ ହେବ ତୁମର
ମୋଟା ପ୍ରାଚୀର ଭାଙ୍ଗିଯାଇଛି ଅନ୍ଧକାରର ।

ଆସିଛି ଆଜି ଶୌର୍ଯ୍ୟପୂର୍ଣ୍ଣ ପ୍ରଭାତ
ଏବେ ସବୁ ନିଅ ଶପଥର ପଥ
ନିଜନିଜର ରଣବୀର ରଣଧୀର ରଥ
କର 'ସ୍ୱ'ରେ 'ସର୍ବ'ର ଅନୁଭବ
ତ୍ୟାଗ କରିଦିଅ ସବୁ ସ୍ୱାର୍ଥ
ଫୁଲ ଓ ପ୍ରତିଜ୍ଞା ଦିଏ ସକଳ ଆନନ୍ଦ
ଆସିଛି ଆଜି ଶୌର୍ଯ୍ୟପୂର୍ଣ୍ଣ ପ୍ରଭାତ ।

ଆଉ ଏବେ ବ୍ୟଥାର କଥା ନାହିଁ
ନା ଅଛି ଶୋକ ଓ ସନ୍ତାପ
ଝଡ଼ ଓ ବର୍ଷା ବି ନାହିଁ
କେବଳ ଅଛି ଆକାଶର ବିଶାଳ ଭାବ
କଟଂକ ସଂକଟ ସବୁ ହୋଇଅଛି ଦୂର
ପରାସରିଛି ବିଛଣା ଫୁଲର
ଆସିଛି ଆଜି ଶୌର୍ଯ୍ୟପୂର୍ଣ୍ଣ ପ୍ରଭାତ ।

## ବିଷମ ଓ ବିଚିତ୍ର

କବି ନରେନ୍ଦ୍ର ମୋଦିଙ୍କ କବିତା 'ବିଷମ ଓ ବିଚିତ୍ର' ଏକ ପ୍ରେମତତ୍ୱ ଭରା କବିତାଟିଏ । ପ୍ରେମିକ-ପ୍ରେମିକା ଯେପରି ପ୍ରେମରେ ଲୁଚକାଳି ଦ୍ୱାରା ପ୍ରେମରେ ଉଦ୍ଦୀପନା ଆସିଥାଏ ଠିକ୍ ସେହିପରି କବି ମୋଦିଜୀ - ଜହ୍ନ, ସୂରୁଜ, ନଦୀ, ଫୁଲ, ଘଟାଂ, ଦୀପକୁ ପ୍ରେମର ବିଷମ ଓ ବିଚିତ୍ର ମଧ୍ୟରେ କାବ୍ୟତତ୍ୱର ରଙ୍ଗ ଲେପନ କରିଅଛନ୍ତି ।

ଜହ୍ନ ଉଇଁବ
    ଆଉ ସମୁଦ୍ର ଉଚ୍ଛୁଳି ଉଠିବନି
ସୂରୁଜ ଉଇଁବ
    ଆଉ ସୂର୍ଯ୍ୟମୁଖୀ ହସିଉଠିବନି
ନଦୀ ନିଜେ
    ସମୁଦ୍ର ସହ ମିଳନ ପାଇଁ ମନା କରିଦେବ
ଫୁଲ ଫୁଟିବ
    ଆଉ ଭଅଁର ଗୁଂଜନ ଛାଡ଼ିଦେବ
ଘଟାଂ ବାଜିବ
    ଆଉ ଦେବାଳୟ ଖୋଲିବନି,
ଦୀପ ଜଳିବ
    ଆଉ ମନ୍ଦିର ଝଲସିଉଠିବନି
ସତରେ ପ୍ରେମ
    ଏତେ ବିଷମ ଓ ବିଚିତ୍ର ହୋଇପାରେ କି ?



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ଅସମୟ ଋତୁ

କବି ନରେନ୍ଦ୍ର ମୋଦି - ତାଙ୍କ କବିତା 'ଅସମୟ ଋତୁ'ରେ ନିଜକୁ ଋତୁର ପରିବର୍ତ୍ତନରେ ସାମିଲକରି ଜୀବନ ଦୀପକୁ ଆଗକୁ ନେବାପାଇଁ ସମସ୍ତଙ୍କୁ ପ୍ରେରଣା ଦେଇଛନ୍ତି, ତତ୍‌ସହ ଋତୁର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିଅଛନ୍ତି ।

ପ୍ରତ୍ୟେକ ବେଳର ଗହଳି ଆଉ ସମେଳନ
    ବହୁ ସଂଖ୍ୟାରେ ଏକତ୍ର ଫଟୋଉତୋଳକ ।
ଚକ୍ଷୁମୋର ଝଲସଇ ଆଲୋକରେ
    ଚକ୍‌ମକ୍ ଝଟକଇସଦା ମୋ କଣ୍ଠ ସ୍ୱର ହୁଏ ସତ୍‌ଗୁଣ ।
ଡାକବାଦି ଯନ୍ତ୍ରେ ମୋ ଅତିବିମୋହିତ ଅତି ଆନନ୍ଦିତ
    ତଥାପି ମୁଁ ଭ୍ରମବସ ଅପ୍ରତିତ ହୋଇନାହିଁ କେବେ ।
କିନ୍ତୁ ମୁହଁ ଶୁଣୁଥାଏ ଧ୍ୱୋନିଯୁକ୍ତ ଅସୁମାରି ତାନ
    କେବେ କେବେ ଅନ୍ୟାୟ ସମ୍ମୁଖେ ବ୍ରିବତର ହୁଏ ମୋର ସ୍ୱର ।
ପୁଣି କେବେ ନଦୀସ୍ରୋତ ପରି ଛୁଟେ ଶବ୍ଦାବଳୀ
    ପୁଣିକେବେ ଧାଇଁ ଧାଇଁ ଚୁମୁଦିଏ ବସନ୍ତ ସୁମନ ।
ସମ୍ଭ୍ରମରେ ଢାଙ୍କିଦିଏ କେବେ ମରୁପ୍ରାନ୍ତେ ଶବ୍ଦାବଳୀ ଶତେ ଚଟଂଳ
    ଅତି ଆଶ୍ଚର୍ଯ୍ୟ ସହ ନିରକ୍ଷୟୀ  ଖାଲି ଅସୁମାରୀ  ଶବ୍ଦ ମଧ୍ୟରେ ।
ମିଶିଯାଏ ପ୍ରଶାନ୍ତିର ବରଫ ଭିତରେ ଅନୁଭବେ
    ପୁରାତନ ରୁତୁଙ୍କୁ ଏକାନ୍ତେ ।

## ସପନର ବୀଜ

କବି ନରେନ୍ଦ୍ର ମୋଦି ତାଙ୍କର କାବ୍ୟ ସଂକଳନ "ଏକଯାତ୍ରା"ର 'ସପନର ବୀଜ' ଏକ କବିତା ଅଟେ । ଏଠାରେ କବି ନିଜର ସ୍ୱପ୍ନକୁ ସାକାର କରିବାପାଇଁ ବିଭିନ୍ନ ଉପାୟରେ ଚେଷ୍ଟାରତ ତାଙ୍କ ସ୍ୱପ୍ନ ଅବା ଅନ୍ତରେ ସାଇତା ଦିନେ ଅଙ୍କୁରିବ ସେହି ସ୍ୱପ୍ନାବୀଜ ମହାଦ୍ରୁମ ହୋଇ ।

କେବେ ମୁହିଁ କରେନି ସଂକୋଚ
  ଡ଼ରେ ନାହିଁ ଡ଼ାକିବାକୁ ନାମଧେୟ କରି
ବାର ବାର ଉଚ୍ଚାରୟୀ ଜଳେ ଜଳ ବୋଲି
  ମୁଁ ଜଣେ ନଗ୍ନବାସ୍ତବିକ
ମୁଁ ଦେଖେ ଆକାଶକୁ ଇନ୍ଦ୍ର ଧନୁ ଶୋଭା ବିମଣ୍ଡିତ
  ହେଲେ ମୋ ନିବାସ ପାଶାଣେ ନିମନ୍ତେ
ନୁହେଁ ତାହା ଇନ୍ଦ୍ରଧନୁ  ଶୋଭେନା ଗଗନେ
  ଇନ୍ଦ୍ରଧନୁ ରାଗେ ରଙ୍ଗା ସାରା ସ୍ୱପ୍ନମୋର
ନୁହେଁ ତାହା ପ୍ରେମାଶକ୍ତ ବିରହୀର ଗାଥା
  ଜୀବନ ସାମଗ୍ରିକ କର୍ଷଣ ଓ ଗ୍ଲାନିର ବରତା
ହୁଏତ ସେ ସ୍ୱପ୍ନ ସହ ଅନ୍ତରେ ସାଇତା
  ଦିନେ ଅଙ୍କୁରିବ ସେହି ସ୍ୱପ୍ନାବୀଜ
ମହାଦ୍ରୁମ ହୋଇ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ବନ୍ଦେ ମାତରମ୍

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଧନ୍ୟ ଏଇ ଆଖି"ରେ 'ବନ୍ଦେ ମାତରମ୍' ମୋଦିଜୀଙ୍କର ଏକ ଦେଶାତ୍ମକବୋଧ କବିତା ଅଟେ । ଏହା ଏକ ଗୀତ ନୁହେଁ ଇଏ ଆମ ମାନ, ମହତ୍ୱ, ପ୍ରତିଷ୍ଠା, ସ୍ୱାଧିନତା ମହାଯଜ୍ଞର ଆହୂତି ଅବା ରାଷ୍ଟ୍ରଭକ୍ତିର ସୂତ୍ରଧାର ଅବା ଏହା ସଂକଳ୍ପିତ ରାଷ୍ଟ୍ର ଜୀବନର ମହାମାର୍ଗ, ଏହି କବିତାଟି କବିଙ୍କର ଜାତୀୟତା ଭାବ ପରିସ୍ଫୁଟିତ ।

ବନ୍ଦେ ମାତରମ୍
- ଇଏ ଗୀତ ନୁହେଁ
ଇଏ ଆମ ମାନ, ମହତ ଓ ପ୍ରତିଷ୍ଠା
ସ୍ୱାଧିନତା ମହାଯଜ୍ଞର ଆହୁତି ଇଏ
ରାଷ୍ଟ୍ରଭକ୍ତିର ସୂତ୍ରଧର ଇଏ
ଗଣତନ୍ତ୍ରରୂପୀ ହୃଦୟତନ୍ତ୍ରର ମହାମନ୍ତ୍ର ଇଏ
ବିକାଶର ନିରନ୍ତର ସ୍ପନ୍ଦିତ ଅବନତ
ଏପରି ଅକ୍ଷୟକୀର୍ତିର ପରିଚୟ
ଇଏ ଆମର ...
୧୮୫୭ର ପ୍ରକାଶପୁଂଜ ଇଏ
ସତ୍ୟ ପାଇଁ ରକ୍ତର ଅଭିଷେକ
ନିରନ୍ତର ...
ବନ୍ଦେ ମାତରମ୍ ...
ଇଏ ଶବ୍ଦ ନୁହେଁ
ଇଏ ଆମର ମନ୍ତ୍ର,
ଇଏ ଆମ ସ୍ୱାଧୀନତାସଂଗ୍ରାମର ଶକ୍ତିର ଉତ୍ସ,
ଇଏ ବିକାଶର ରାଜପଥ
ସଂକଳ୍ପିତ ଏହି ରାଷ୍ଟ୍ର ଜୀବନର
ମହାମାର୍ଗ ଇଏ,
ପ୍ରଜା ଜୀବନର -
ପ୍ରତ୍ୟେକ ସକାଳର
ପ୍ରବୁଦ୍ଧ ଚେତନାର ସ୍ୱର ଇଏ
ବନ୍ଦେ ମାତରମ୍ ...

## ଲକ୍ଷ୍ୟପ୍ରାପ୍ତି

ନରେନ୍ଦ୍ର ମୋଦିଙ୍କ 'ଲକ୍ଷ୍ୟପ୍ରାପ୍ତି'ର କବିତାଟିରେ ମୋଦିଜୀ ନିଜର ଲକ୍ଷ୍ୟକୁ ଜୀବନର ପଥବୋଲି ଅଭିହିତ କରିଅଛନ୍ତି । ଲକ୍ଷ୍ୟପ୍ରାପ୍ତି ପାଇଁ ନିଜକୁ ଦୌଡିଛନ୍ତି – ରକ୍ତ ରଞ୍ଜିତ ରାସ୍ତାରେ ମଧ ପାଦ ଥାପିଛନ୍ତି, ସୂର୍ଯ୍ୟର ତେଜସ୍ମିତା ମଧ ତା' ପାଖରେ ହାରମାନିଛି, ସେ ଉଭାନ ହୋଇଛନ୍ତି ଲକ୍ଷ୍ୟ ନିକଟତର ହୋଇ ବେଗ କ୍ଷିପ୍ରତର ହୋଇଯାଇଛି ।

ଲକ୍ଷ୍ୟ ପ୍ରାପ୍ତି ପାଇଁ  
ନିଜକୁ ଭୁଲି  
ଦୌଡ଼େ, ଡିଏଁ  
ଆଉ କେବେ  
ଟଳମଳ ହୁଏ ...  
ରକ୍ତରଂଜିତ ରାସ୍ତାରେ ପାଦ ଦେଇ  
ଓ  
ଲାଲ୍ ଟହଟହ ପଦ୍ମଚିହ୍ନ ଦେଖି  
ଅଶ୍ରୁମିଶ୍ରିତ ସ୍ମିତହାସ୍ୟ ଦେଇ  
ପୂର୍ବଜଙ୍କ ରୁଧିର ଶଯ୍ୟା ଉପରୁ  
ପରିବର୍ତ୍ତିତ ହୁଏ ସୂର୍ଯ୍ୟର କିରଣ ।  
ସୂର୍ଯ୍ୟର ତେଜସ୍ମିତା  
ମୋ ସ୍ମିତହାସ୍ୟକୁ,  
ଏହାର ଲାଲିମାକୁ ଫିକା କରିଦିଏ  
ଆଉ ସେତେବେଳେ ମୋର  
'ମୁଁ' ଉଭାନ ହୋଇଯାଏ  
ଲକ୍ଷ୍ୟ ନିକଟତର ଲାଗେ  
ବେଗ କ୍ଷିପ୍ରତର ହୋଇଯାଏ ।





## ସାଥି ହୋଇ ଚିନ୍ତନ କରିବା

କବି ନରେନ୍ଦ୍ର ମୋଦିଙ୍କ ଏକ ବେଶ୍ ଚିତାକର୍ଷକ କବିତା – 'ସାଥି ହୋଇ ଚିନ୍ତନ କରିବା' – ମୋଦି ନିଜକୁ ସୃଷ୍ଟିର ଦିବା ଓ ରାତିକୁ ଏକତ୍ର କରି ସାଥି ହୋଇ ଫୁଲର ବାସନା ଯେପରି ଗନ୍ଧ ଆଉ ଧ୍ୱନି ଗତି କଳାଭଳି ତୁଳନାତ୍ମକ ଭାବରେ ବାଖ୍ୟା କରିଅଛନ୍ତି ।

ରାତିର ଗର୍ଭରୁ ଯାତ, ପ୍ରଭାତ କୁ କହିଲି ମୁଁ  
ଆସ ମୋ ପାଖରେ ବସ  
ମୋ ପ୍ରେମ ତୁମ ପାଇଁ ଉଛୁଳି ପଡୁଛି  
ତୁମର ଜନ୍ମ ମୋ ଚେହେରାରେ  
ହସ ଆଣି ଦେଇଛି ମୁଁ ଜାଣିନି  
ଆମେ ଦୁହିଁଙ୍କ ଭିତରେ, କିଏ ପିତା କିଏ ଶିଶୁ  
କିନ୍ତୁ ଏତିକି ତ ଜାଣିଛି  
ଯେ ସାଥିହୋଇ  
ତୀକ୍ଷ୍ଣ କଟାଂର କଟଂକିତ ଯନ୍ତ୍ରଣାକୁ ଖାତିରି କରିବାନି  
ଆମେ ବିକଶିତ କରିବା ସୁଗନ୍ଧ, ଫୁଲପରି  
ଦିନର ଶାଖାରେ, ଫୁଲ ଫୁଟେ  
ପକ୍ଷୀମାନଙ୍କର ଚିତ୍କାରରେ ବାସନା ମହକେ  
ସେମାନଙ୍କ ଚିତ୍କାର ଚାରିଆଡ଼େ ଖୋଳିଯିବ  
ଯେମିତି ଫୁଲର ବାସନା  
ଗନ୍ଧ ଆଉ ଧ୍ୱନି ଗତି କଳାବେଳେ  
ରହିଥାଏ ଆକାର ବିହୀନ  
ସେମାନଙ୍କ ସମନ୍ୱୟ, ସେମାନଙ୍କ ଅବସ୍ଥା, ସେମାନଙ୍କ ଗତି  
ମୋ ଧ୍ୟାନର କେନ୍ଦ୍ରବିନ୍ଦୁ  
ଆସ, ତୁମେ ଆଉ ମୁଁ ମିଳିମିଶି  
ଏଇ ଚିନ୍ତରର ଆଶୀର୍ବାଦ ନେଇ  
ଦେବାକୁ ପ୍ରଚେଷ୍ଟା କରିବା ସେତିକି  
ଆସ ବହିବା, ଆମ ହୃଦୟରେ ସନ୍ତୋଷ ଭରି ।

## ନୌ ଯାତ୍ରୀ

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଏକଯାତ୍ରା"ର ଏକ କବିତା 'ନୌ ଯାତ୍ରୀ' । ଏଥିରେ କବି ନିଜକୁ ତଥା ସମସ୍ତଙ୍କ ବିଶାଳ ହୃଦୟ ଧରି ଶକ୍ତିର ମହୋତ୍ସବ ଧରି ନୌ ଦ୍ୱାରା ସମୁଦ୍ର ପାରହୋଇ ପାରିବା ସହ, ଜୀବନରୂପି ଆକାଶରେ ଶିକ୍ଷକଙ୍କୁ ଆମ ପଥର ନିର୍ଦ୍ଦେଶକ ରୂପେ ବର୍ଣ୍ଣନା କରିଅଛନ୍ତି ।

ଯଦିରେ ଲଭିବୁ ବିଶାଳ ହୃଦୟ
ଶକ୍ତିର ମହାଉତ୍ସ
ତେବେ ତୁ ଧରିବୁ ସମୁଦ୍ର ମଝିରେ
ଆହୁଲା ଓ କାତ ତରୀ ।
ଆକାଶରେ ଦେଖ ତାରକା ରାଜି
ତା ପାସେ ତୋଫା ଚନ୍ଦ୍ରମା
ପ୍ରବୃଦ୍ଧ ଶିକ୍ଷକ ସେହି ଆକାଶରେ
ଆମ ପଥର ନିଦେର୍ଶକ ।
ସମୁଦ୍ର ଜାଣେ ବା ପ୍ରାଚୀରର ଭେଦ
ହିନ୍ଦୁସ୍ଥାନ - ପାକିସ୍ତାନ
କେବେ ସେ ଲଙ୍ଘୀବ ଛିନ୍ନ ସୀମାକୁ
ନିତିଦିନ ଶାସ୍ତୀ ଏହା,
କେହି କେବେ ଲଙ୍ଘୁ କେହି ବା ନ ଲଙ୍ଘୁ
ସବୁହୃଦେ ଦେଶ ପ୍ରେମ
ସାଗରେ ଯେସେନ ବହ୍ନି ।





ଶବ୍ଦର ଆଶ୍ରୟ ନେଇ ପହଚିଂବି
ରମେଶର ପାଶେ ।
ରମେଶର ଫଟକୁ ମୁଁ
କବିତାର ଫ୍ରେମ୍‌ରେ ପୁଣି ବାନ୍ଧିଛି ।

ଦ୍ରଷ୍ଟବ୍ୟ : ରମେଶ ପାରେଖ ଗୁଜରାଟୀ ଭାଷା-ସାହିତ୍ୟର ଜଣେ ଶ୍ରେଷ୍ଠ ସାହିତ୍ୟିକ । ସେ ଅମରେଲିରେ ରହୁଥିଲେ ।

## ରମେଶ ପାରେଖ

'ରମେଶ ପାରେଖ' କବିତାଟିରେ କବି ନରେନ୍ଦ୍ର ମୋଦି ନିଃସଙ୍ଗତାର ଦୁଃଖ ପିଇଅଛନ୍ତି । ତାଙ୍କ କବିତାରେ ରମେଶ ଓ ଅମରେଲିକୁ ମନେପକାଇ ତାଙ୍କ କବିତାରେ ଏକ ଗାଁରେ ସ୍ୱରୂପରେ ନିଜର କବିତ୍ୱ ପ୍ରତିପାଦନ କରିଅଛନ୍ତି ।

ଏ ମନରୂପୀ ପଚଂମ ମେଳାରେ
ଅମାବାସ୍ୟାର ଭୟଙ୍କର ସ୍ୱପ୍ନ ଘେରିଛି
ସ୍ୱପ୍ନକୁ ଉଜାଗର କରିବା ପୂର୍ବରୁ
ପତ୍ରଝଡ଼ାର ପାଦ ଏଠି ପଡ଼ିଛି ।

ଦିନ ଦି'ପହରେ ରାତି ଆସିଛି
ଆଖିରେ ଅନ୍ଧାର ଛାଇଛି,
ରମେଶ ବିନା ମୋ ମନ
ଦୁଃଖରେ ଭରିଛି ।
କାଳ ଏବେ ବିକରାଳ ହେଲା
ଆଉ ମୋର ଲୁହ ଧାର ଚୁପ୍‌ଚାପ୍ ବୋହୁଛି ।

ରମେଶର ଅକ୍ଷରକୁ ମୁଁ ଯେ
ନକ୍ଷତ୍ରର ନାମ ଦିଏ,
ଅମରେଲିକୁ ମନେପକାଇ
ତାକୁ ମୋ କବିତାର ଏଇ ଗାଁ ଦିଏ ।
ଏବେ ମୁଁ କାହାକୁ ଏକଥା କହିବି ଯେ
କେମିତି ମୁଁ ନିଃସଂଗତାର ଏ ଦୁଃଖ ପିଏ ?
ମୋତେ ଖାଲିଆଖିରେ,
ବିନା ଚଷମାରେ
ରମେଶ ଯେପରି ଦିଶେ





## ସଂକଳ୍ପ

କବି ନରେନ୍ଦ୍ର ମୋଦିଙ୍କର କବିତା 'ସଂକଳ୍ପ'ରେ ଅସହାୟତା ମୋର (ନରେନ୍ଦ୍ର ମୋଦି)ଙ୍କର ରକ୍ତରେ ନାହିଁ ବୋଲି ସେ ସଂକଳ୍ପ ମାଧ୍ୟମରେ ସୂଚାଇଛନ୍ତି । ତତ୍‌ସହ ସଂକଳ୍ପକୁ ସେ ଅନେକ ଜାଗାରେ ଦେଖିଛନ୍ତି, ତାହାକୁ କାବ୍ୟ ଆକାରରେ ପ୍ରତିଫଳିତ କରିଅଛନ୍ତି ।

ଏମିତି କିଛି ଦିନ ଥାଏ, ଯେତେବେଳେ ମୁଁ ଉଠେ
ଏକ ନିଆଁ ବରଷୁଥିବା ସୂର୍ଯ୍ୟ
ଏକ ପ୍ରଚଣ୍ଡ ଉତପ୍ତ ଦିନ
ଆଉ ମୁଁ ବି ଜଳୁଥାଏ
ନିଆଁ ଢ଼ାଳୁଥିବା ଆକାଶରେ
ମୁଁ ଖୋଜୁଥାଏ ଏକ ଶୀତଳ ପାତ୍ର
କିରଣର ତୀର ସବୁକୁ ତଳକୁ ଆଣିବାକୁ
ଏବଂ ଏହି ଗୋଲକ ଧନ୍ଦାକୁ ଭେଦ କରିବା ପାଇଁ
ଛାୟାର ଏବଂ ଛାଇମାନଙ୍କର
ଏକତ୍ରିତ ହୋଇ ଗମନ କରୁଥିବା ଯାତ୍ରୀମାନଙ୍କ ପସନ୍ଦ ଭିତରେ
ମୋତେ ମିଳିଥାଏ ଦୃଢ଼ ସଂକଳ୍ପ
ସଂକଳ୍ପର ଆଲୋକ
ସଂକଳ୍ପର ଶକ୍ତି
ସଂକଳ୍ପର ଗୀତ
ସଂକଳ୍ପର ସଂସର୍ଗ
ବଢ଼ୁଥିବା ସନ୍ଧ୍ୟା
ଯେମିତି ପଲେ ଗାଈର ଧୂଳି
ଆଜି ଚମକୁଛି
ଏକ ବୁଦ୍ଧିଜିବୀର ପ୍ରଭାମଣ୍ଡଳ
ଧନୀ ଲୋକମାନଙ୍କର ଭାଗ୍ୟ ପାଇଁ
ଏହି ମୁଣ୍ଡ ନୁଁଏ ନାହିଁ
ଯେହେତୁ ଅସହାୟତା ମୋ ରକ୍ତରେ ନାହିଁ ।

## ସ୍ମୃତିଚାରଣ

କବି ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଏକଯାତ୍ରା"ର 'ସ୍ମୃତିଚାରଣ' କବିତାର ରୋମାଚିଂତପୂର୍ଣ୍ଣ ଅଟେ । ମୋଦିଙ୍କ ମାନସପଟ୍ଟରେ ସେ ସ୍ମୃତିକୁ ଉଜ୍ଜୀବିତ କରିଛନ୍ତି । ସ୍ମୃତିର ଅନେକ ରଙ୍ଗରୂପ ଥାଏ ପୁଣି କେଉଁଠି ସ୍ମୃତିକୁ କପଡାର ଆବରଣ ଅବା ମୁଣ୍ଡ ଉପରର ଛାତ । ଅବା ପୁଣି ବୋହି ଯାଉଥିବା ଝରଣା ସହ ତୁଳନାତ୍ମକ ହୋଇଅଛି ।

କୁହୁଡ଼ିଆ ଆଲୋକ ପରି, ଏହି ଅସ୍ପଷ୍ଟ ସୁରଣ
ଚାଲିଯାଇଛ ଅନ୍ଧାରରୁ ପିଇବା ପାଇଁ
ଅନ୍ଧାର ଏତେ ଭୟାନକ
ଅନ୍ଧାର ସବୁକିଛିକୁ ଘୋରିରଖିଛି ।

ଗୋଟିଏ ପତ୍ର ଗଛରୁ ଖସିପଡ଼େ
ଯେମିତି ସେ ସ୍ମୃତି ମନେ ପଡ଼େ
ମାନସ ପଟ୍ଟରୁ ହଜିଯାଏ .. ମାନେ କ'ଣ ?
ଏବଂ ସେ ସବୁ ଶୂନ୍ୟସ୍ଥାନ ପୂରଣ କରିବାକୁ ...... କେମିତି ?
କେବେ ବା ସ୍ମୃତି ଗଚ୍ଛିତ ହୋଇପାରିବ ସ୍ମୃତିର କୂପରେ ।

ସ୍ମୃତି ଭିତରେ ସାଗର ଲମ୍ଫ ଦିଏ
ସ୍ମୃତି ଏକ ଉତପ୍ତ ଅପରାହ୍ଣତାର
ନିଖରେ ନୁହେଁ କିନ୍ତୁ ପଞ୍ଜାରେ
ଲିଭାଇ ଦିଅ ସ୍ମୃତିର ଦୀପ ସବୁକୁ
କାଟିଦିଅ ଏହାର ପରକୁ
ସ୍ମୃତିକୁ ଏକ ତରଫକୁ ହଟାଇ ପାରିବନି
ତେଣୁ ଏହାର ଆଖିକୁ ଫୁଟେଇ ଦିଅ ।
କାଟିଦିଅ ଏହାର ଜିଭକୁ
ଯଦିଓ ଏସବୁ ଓଠକୁ ସିଲେଇ କରାଯାଇ ପାରିବନି





## ରହସ୍ୟ

କବି ନରେନ୍ଦ୍ର ମୋଦିଙ୍କର କାବ୍ୟ ସଂକଳନ "ଧନ୍ୟ ଏଇ ଆଖି"ରେ ଗୋଟିଏ କବିତା 'ରହସ୍ୟ' । ମୋଦିଜୀଙ୍କର ଅସ୍ତିତ୍ୱର ଅନ୍ୟନାମ ରହସ୍ୟ, ଜଣେ ତପସୀ, ସନ୍ନ୍ୟାସୀ, ସାଧକ ଭାବରେ ହିମାଳୟ ପ୍ରଦେଶରେ ଧ୍ୟାନମଗ୍ନ ସମୟରେ ବୃକ୍ଷ ସହିତ ତାଙ୍କର ବନ୍ଧୁତା ସ୍ୱଭାବତଃ ତପସ୍ୟା ସମୟର ଅଥବା ସେହି ରହସ୍ୟକୁ ସେ ନିଜର କବିତ୍ୱ ମାଧ୍ୟମରେ ପରିସ୍ଫୁଟନ କରିଅଛନ୍ତି । ପାହାନ୍ତାରେ ବୃକ୍ଷମାନଙ୍କର ଖୁସି, ଖରାବେଳରେ ବୃକ୍ଷମାନଙ୍କର ଯୌବନର ଉନ୍ମାଦ ଅବା ସନ୍ଧ୍ୟାବେଳେ ବୃକ୍ଷରାଜିଙ୍କ ବୁଦ୍ଧିମତା ସୂଚାଇଦିଏ ମୋଦିଜୀ ଜଣେ ପ୍ରକୃତିପ୍ରାଣା କବି ।

ରାତିରେ କଳା ବୁର୍ଖା ପିନ୍ଧି ଠିଆହୋଇଥିବା
ବୃକ୍ଷଙ୍କୁ ମୁଁ ଦେଖିବିନି ।
ମୁଁ ଦେଖିବି
ସୂର୍ଯ୍ୟର ପ୍ରକାଶରେ ଠିଆ ବୃକ୍ଷଙ୍କୁ
ଦିନ ଦି'ପହରର ଟାଣ ଖରା ସହୁଥିବା ବୃକ୍ଷଙ୍କୁ
ଫୁଲ ଭଳି ଫୁଟିଉଠିଥିବା
ଆଉ କାକଳି ସ୍ୱରରେ ମହକୁଥିବା
ବୃକ୍ଷମାନଙ୍କୁ ମୁଁ ଦେଖିବି ...
ପାହାନ୍ତାରେ ବୃକ୍ଷମାନଙ୍କର ଖୁସି
ଖରାବେଳେ ବୃକ୍ଷଙ୍କର ଯୌବନର ଉନ୍ମାଦ
ଆଉ ସନ୍ଧ୍ୟାବେଳେ ବୃକ୍ଷରାଜିଙ୍କ ବୁଦ୍ଧିମତା
ମୁଁ ନିଜେ ନିଜର ଲୋମକୂପରେ ଭରିଦେବି ।
ବୃକ୍ଷ : ମୋ ଆତ୍ମାର ଅଂଶ,
ଯାହା ଛାଇରେ ସୁଖ-ଶାନ୍ତିରେ ଶୋଇ
ଗରମ ଦି'ପହରର ନିଃଶ୍ୱାସ,
ମୋ ପ୍ରତିଚ୍ଛାୟାକୁ ଘୋଡ଼ାଏ
ତାଙ୍କଠୁ ପାଏ ପବନରୂପୀ ପ୍ରସାଦ
ଆଉ ଅନୁଭବ କରେ ହାଲ୍କା ହାଲ୍କା ବର୍ଷା
ବୃକ୍ଷ : ମୋ ଅସ୍ତିତ୍ୱର ଅନ୍ୟନାମ
ମୋ ରହସ୍ୟ ।

## ଯାତ୍ରା

କବି ନରେନ୍ଦ୍ର ମୋଦିଙ୍କ କବିତା 'ଯାତ୍ରା'ରେ କବିଙ୍କର କାବ୍ୟଚେତନା ପରିସ୍ଫୁଟିତ ହୋଇଅଛି । ଦୂର-ସୁଦୂର ଅତୀତକୁ ମୁଁ ଭୁଲି ଯାଇପାରିବି ଓ ସମସ୍ତଙ୍କୁ ଚିହ୍ନିପାରିବି । ଏଥିପାଇଁ ସ୍ମୃତି ଉପରେ କୌଣସି ଚାପ ଦେବାକୁ ପଡେନାହିଁ, ସାଥିହୋଇ ଭୋଗୁଥିବା ଯନ୍ତ୍ରଣା ପରିଶେଷରେ ଯାତ୍ରା (ମହାଯାତ୍ରା)ରେ ହିଁ ପାଲଟି ଯାଇଥାଏ । କବି ଜୀବନ-ମୃତ୍ୟୁକୁ ନିଜ ଯାତ୍ରାର ପରିଧିରେ ରଖିଛନ୍ତି ।

ଦୂର-ସୁଦୂର ଅତୀତକୁ ମୁଁ ଯାଇପାରିବି
ଓ
ଜଣଜଣ କରି ସମସ୍ତ ଚେହେରାଗୁଡ଼ିକୁ ଭଲଭାବେ ଚିହ୍ନିପାରିବି
ଏଥିପାଇଁ ସ୍ମୃତି ଉପରେ
କୌଣସି ଚାପଦେବାକୁ ପଡ଼େନାହିଁ
ସହଜରେ ସବୁକିଛି ଦେଖିହୋଇଯାଏ
ଚିହ୍ନି ହୋଇଯାଏ
କିଛି ବି ଲୁଚି ରହେ ନାହିଁ;
ଏଥିରେ ସଫା, ସ୍ପଷ୍ଟ ଓ ସିଧା କଥା ଏତିକି ଯେ
ଯାହାଙ୍କ ସହିତ ରହି ସହିବାକୁ ପଡ଼ିଥାଏ
ସେମାନେ କେବେ ବି ଭୁଲିହୁଅନ୍ତି ନାହିଁ
ଆଉ ସାଥି ହୋଇ ଭୋଗିଥିବା ଯନ୍ତ୍ରଣା
ପରିଶେଷରେ ଯାତ୍ରା ହିଁ ପାଲଟିଯାଏ ।





ସ୍ମୃତି ଅସ୍ଥିର ହୋଇଯାଏ
ଅନ୍ଧାରରେ ଫସି ରହି
ସ୍ମୃତି ସହିତ ମୋ ଗଳା ଅଟକି ଯାଏ
ମୋ ଜୀବନ ଅଲଗା ହୋଇଗଲା ।
ସ୍ମୃତିର ଅନେକ ରଙ୍ଗ ଏବଂ ରୂପ ଥାଏ
ଏହା ଉଭୟ ଛାଇ ଓ ଆଲୋକ ଅଟେ
ସ୍ମୃତିର କିଛି ପଦଶବ୍ଦ ନାହିଁ
ସ୍ମୃତିର କିଛି ପବିତ୍ରତା ନାହିଁ
ସ୍ମୃତି ପାଇଁ ସୂର୍ଯ୍ୟୋଦୟ କ'ଣ ?
ସ୍ମୃତିର କ'ଣ ସୂର୍ଯ୍ୟାସ୍ତ ଅଛି କି ?

ସ୍ମୃତି ପାଇଁ ମୃତ୍ୟୁ କ'ଣ ?
ଆମକୁ ସ୍ମୃତି ପାଇଁ କାହିଁକି ସୁନିଶ୍ଚିତ
ଆତ୍ମସମର୍ପଣ କରିବାକୁ ପଡିବ ?
ଏଥିରେ କୌଣସି କପଡ଼ାର ଆବରଣ ନାହିଁ
ଏହାର ମୁଣ୍ଡ ଉପରେ ଛାତ ନାହିଁ
ସ୍ମୃତି ହେଉଛି ଏକ ବହିଯାଉଥିବା ଝରଣା
ଏହି ଝରଣାରେ, ଜୀବନ ଭାସିଯାଉଛି ।

## ହିନ୍ଦୁର ମନ୍ତ୍ରଗାନ

କବି ନରେନ୍ଦ୍ର ମୋଦିଙ୍କ କବିତା 'ହିନ୍ଦୁର ମନ୍ତ୍ରଗାନ' ତାଙ୍କର ଅନ୍ତରିତ ଆତ୍ମାର ଆହ୍ୱାନ ଜଣେ ହିନ୍ଦୁ ଭାବରେ ହୃଦୟରେ ମନ୍ଦିରରେ କେହି ନୁହେଁ ଶତ୍ରୁ ସକଳ ବାନ୍ଧବ ଭୁଲିଯିବା ମତାନ୍ତର ମନାନ୍ତର ସବୁ ଏଇତ ଆମ ଚରିତ୍ର ।

ଯଦି ତୁହିଁ ହିନ୍ଦୁ ତେବେ କର ମନ୍ତ୍ରଗାନ
କର କର ବାରବାର ସେହି ମନ୍ତ୍ରଗାନ
ସେହି ହିନ୍ଦୁ ସେହି ହିନ୍ଦୁସ୍ଥାନ ସେହି ସିନ୍ଧୁ ନଦୀ
ସେହି ଅବାତା'ର ଏବେ ପ୍ରବାଳର କାନ୍ତି
ଅନ୍ଧକାରେ ଆଲୋକ ବଳୟ
ସେହି ଆଲୋକକୁ ଫୁଟଇବା ଖୋଲାଇବା
ବସାଇବା ଆଲୋକର ହାଟ
କେ କେବେ ପାରିବନି ଉଚନୀଚ ଭେଦାଭେଦ ଭରି
ଅମରୀ ବଦନେ ଆମର ଉଠରେ
ପ୍ରତିବେଶୀ ଓଠେ ଫୁଟିଉଠୁ ସ୍ମିତହାସ
ହୃଦୟର ମନ୍ଦିରେ ମନ୍ଦିରେ ।
ଆସ ବିତଇବା ହସ ଖେଳାଇବା ଆଲୋକ ପୁଆରା
କେହି ନୁହେଁ ଶତ୍ରୁ ସକଳେ ବାନ୍ଧବ
ଭୁଲିଯିବା ମତାନ୍ତର ମନାନ୍ତର ସବୁ ଏଇତ ଆମ ଚରିତ୍ର
ଚାଲ ବିତରିବା ନୂତନ ଭାବନା ଖୋଲାଇବା ଆଲୋକ ପୁଆର
ଚାଲ ବିତରିବା ଖାଦ୍ୟ ଓ ବସନ ଆମେ ସବୁ ଭାଗ୍ୟବାନ
ଏ ସବୁତ ଆମେ ପାସେ ଅଟେ ଉପଲବ୍ଧ ।
ଧରଣୀର ସବୁଜିମାଭରା ପ୍ରମୋଦିତ ତା'ରଭରା ଆକାଶ
ଯେତେବେଳେ ଯାଏଁ ସାମ୍ୟତା ଆଉ ପ୍ରେମ
ତୋଳିନାହୁଁ ପ୍ରକୃତି କୋଡ଼ରୁ ଚାଲ ଆମେ ଖୋଲାଇବା
ଆଲୋକ ପୁଆରା ।





## ଭେଟ ହେବ ମେଳାରେ

କବି ନରେନ୍ଦ୍ର ମୋଦିଙ୍କ କବିତା 'ଭେଟ ହେବ ମେଳାରେ' ଏକ ହୃଦୟସ୍ପର୍ଶୀ କବିତାଟିଏ । ଜୀବନରେ ମୋର ଧର୍ମ, କର୍ମକୁ ବଦଳାଇ ଦେବା । ମାନବ ପଛରେ ମାଧବ ଅଛନ୍ତି ଆଉ ରାଘବ ବି ଅଛନ୍ତି । ଈଶ୍ୱର ଓ ସଇତାନ ମଧରେ ମୁଁ ମଣିଷଟିଏ, ମଣିଷ ହେବାଟା ବି ବଡକଥା ପୃଥିବୀରେ ମୁଁ ସ୍ୱର୍ଗ ଦେଖେ, ଏହା ହିଁ ମୋର ସମ୍ପତି ଆଦିକୁ କାବ୍ୟ ମାଧମରେ ମୋଦିଜୀ ପରିପ୍ରକାଶ କରିଅଛନ୍ତି ।

ଭିଡ଼କୁ ମେଳାରେ ବଦଳେଇ ଦେବା ହିଁ
ମୋ ଜୀବନର ଧର୍ମ
ମୋ ଜୀବନର କର୍ମ
ମେଳାରେ ଲୋକଙ୍କର ଭେଟଘାଟ ହୁଏ
ସମୟ ସୁନ୍ଦର ଲାଗେ
ମୁଁ ଜୀବନକୁ ମାନେ
ନାହିଁ ନାହିଁ ପରେ ଲକ୍ଷ ପ୍ରଦାନେ
ଯଦି କାହାର ମହଲ ଭାଙ୍ଗିପଡୁଥାଏ
ମୁଁ ତାକୁ ଯାଇ ଆଶ୍ରୟ ଦିଏ ।

ମାନବ ପଛରେ ମାଧବ ଅଛନ୍ତି
ଆଉ ରାଘବ ବି ଅଛନ୍ତି
ମୋ ପାଖରେ ବଇଁଶୀ ଅଛି
ଆଉ ଅଛି ଶିବଧନୁ
ଈଶ୍ୱର ଆଉ ସଇତାନ ମଝିରେ
ମୁଁ ତ ମଣିଷ,
ମଣିଷ ହେବା ବି ବଡ଼କଥା
ପୃଥିବୀରେ ମୁଁ ସ୍ୱର୍ଗ ଦେଖେ
ଏହାହିଁ ମୋର ସଂପତି
ଭିଡ଼ କମିଯାଉ
ମେଳାରେ ହେବା ଭେଟାଭେଟି ।

## ମାୟା

ନରେନ୍ଦ୍ର ମୋଦିଙ୍କ କବିତା 'ମାୟା'। କବି ନିଜର କବିତ୍ୱ ଶକ୍ତିକୁ ସୃଜନଶୀଳତାରେ ପରିପ୍ରକାଶ ଘଟାଇ ସାଧା କାଗଜରେ ମାୟାକୁ ଜୀବନରେ ପାଥେୟ କରିରହିଛନ୍ତି। ସାଧା କାଗଜରେ ଯେପରି ମୁହଁ ଅବା ବର୍ଷାର ପ୍ରଥମ ଭିଜାମହକ ନିଜେ ନିଜର ପ୍ରତିଛାୟା ମୋର ଅଛି ସାଧା କାଗଜରେ ମାୟା।

ମୋର ଅଛି ସାଦା କାଗଜର ମାୟା
ସାଦା କାଗଜର କଳିଜା ଦେଖ ତ
କେତେ ଯେ କେତେ ମୁହଁ ଲୁଚେଇଛି ସେ ନିଜ ଭିତରେ।
ସାଦା କାଗଜରେ ମେଘର ମୁହଁ
ଆଉ ମେଘ ବର୍ଷିଲେ ଉଠେ ସବୁଜ ଘାସ,
କୋଉଠି କୋଉଠି ଦିଶୁଛି ବୃକ୍ଷ ଓ ପାହାଡ଼
ଆଉ ଆଖିକୁ ଶୁଣାଯାଏ
ପବନର ଶ୍ୱାସ
କେହି ନୁହେଁ ଆମ ପର କି ଆପଣା
ଚୁପ୍ ରହି ବି ଆମେ ଏଭଳି ବ୍ୟାପ୍ତ।
ଭଅଁର, ପ୍ରଜାପତି ଆଉ ଚିକ୍‌ମିକ୍ ଜୁଳୁଜୁଳିଆ ପୋକ
ତିଆରି କରୁଛନ୍ତି ଗୋଟେ ପର୍ଣ୍ଣକୁଟୀର
କାଗଜ ଶୁଙ୍ଘିଲେ ସେଥିରୁ ଆସୁଛି
ପ୍ରଥମ ବର୍ଷାର ଭିଜା ମହକ
ମୁଁ ପାଇଛି କୋମଳ ଛାୟା
ମୁଁ ତ ଅଦେଖାରେ ଘୋଡ଼େଇହୁଏ
ନିଜେ ନିଜର ପ୍ରତିଛାୟା
ମୋର ଅଛି ଖାଲି ସାଦା କାଗଜର ମାୟା।





## ଏକାଦଶ ଦିଶା

କବି ନରେନ୍ଦ୍ର ମୋଦି – ତାଙ୍କର କବିତା 'ଏକଦଶ ଦିଶା'ରେ ଦଶଦିଗକୁ ଏକ ସଙ୍ଗୀତ ଦିଗ ସହ ସମତୁଲ କରି 'ଏକଦଶ ଦିଶା' କବିତା ରଚନା କରିଅଛନ୍ତି। ଏ କବିତାରେ ପ୍ରକୃତିକୁ ବର୍ଣ୍ଣନା କରିଅଛନ୍ତି।

ମନର ନିର୍ଭିକତା ସୁ ସ୍ୱର ସଙ୍ଗୀତ
ମୃଦୁ ହାସ୍ୟ ମୁଖେ ଫୁଟେ ମନ୍ଦ ସମୀରଣ ସୁହାସରେ
ଜଳଧାରା ବହେ ଅବାରିତ ଆକାଶର ନିଶ୍ୱାସେ ସୁଗନ୍ଧି
ପ୍ରତିକ୍ଷଣ ସୁରଭିତ ଅଗ୍ନିସମ ଅଟଇ ପବିତ୍ର
ଧରଣୀ ସୁରଭିତ ପ୍ରେମ ଓ ଭଗବାନ
ସଦା ମୁଁ ଆଶ୍ରିତ ନୀରବତା କ୍ରୋଡ଼େ
ଏହି ମୁହୂର୍ତ୍ତରେ ଏହି ଦଶଦିଶଅନ୍ତରାଳେ
ଏହା ସେହି ସଙ୍ଗୀତର ଦାନ ଅଟେ ଏହି ଏକା ଦଶଦିଶ।

# ଧନ୍ୟ ଏଇ ଆଖି
# ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ

ମା' ସରସ୍ୱତୀଙ୍କ
ସାଧନାର
ସୁବାସିତ ପୁଷ୍ପତୁଲ୍ୟ
ମୋ ମାତୃଭାଷାକୁ .....

ନରେନ୍ଦ୍ର ମୋଦି

ମୁଁ ସାହିତ୍ୟିକ ଅଥବା କବି ନୁହେଁ
ଅତିବେଶୀରେ ମୋର ପରିଚୟ ହେଲା
ମୁଁ ମା' ସରସ୍ୱତୀଙ୍କ ଉପାସକ ।

ବହୁଦିନରୁ ଲେଖୁଛି ଇଆଡୁ-ସିଆଡୁ
ସବୁ ଅସଜଡା ହୋଇ ପଡିଥିଲା
ସଂକଳିତ ହୋଇ ଛୋଟ ବହିଟିଏ ହୋଇ ଆସିଲା
ଆପଣଙ୍କ ହାତରେ ସମର୍ପୁଛି ଏହାକୁ ।

ମୋର ପ୍ରାର୍ଥନା -
ବହିଟିରେ ମୋର ପଦମର୍ଯ୍ୟାଦାକୁ ଦେଖିବେନି
କବିତା ପଦର ଆନନ୍ଦ ନେବେ ।

ମୋ କଳ୍ପନା ଲୋକର ଖୋଲା
ଛୋଟ ଝରକାରୁ
ଦୁନିଆଁକୁ ଯେପରି ଦେଖିଲି, ଅନୁଭବ କଲି
ଯେମିତି ଜାଣିଲି, ଆନନ୍ଦ ନେଲି



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

ଏକା ତୁହି ମୋର ମା', ମୋତେ ସାନ୍ତ୍ୱନା ଦେ'
ମା' ମୋତେ ବଳ ଦେ', ଏ ଶରୀରରେ ଶକ୍ତି ଦେ' ।
ପଥ ମୋର କଣ୍ଟକିତ
ତୋର ସ୍ନେହ ତ ଅନନ୍ତ
ମୋ ଭବସାଗରରେ ଏକା ତୋରି ଅଛି ଅସ୍ତିତ୍ୱ
ତୁ ହିଁ ମୋର ସାହା
ଏ ଭବସାଗରରେ ତୁ ହିଁ ମୋର ନାଆ
ଯଦି କେବେ କଇଁକଇଁ ହୋଇ କାନ୍ଦେ ଏ ସାଗର
ଆଉ ତେବେ ବି ମୁଁ କିଛି ନ କୁହେ
ରୁହେ ନୀରବ,
ଭାବ ହୁଏ ପଥର
ମା' ମୋତେ ବଳ ଦେ', ଏ ଶରୀରରେ ଶକ୍ତି ଦେ' ।

ବାଡ଼ିବଗିଚା କେବେ ଶୁଖିଯିବ
ଫୁଲ ଯଦି ନିଜେ ମଉଳିଯିବ
ମାଳୀ ଯଦି ନିଜେ ଲଜ୍ଜିତ ହେବ
ସେତେବେଳେ ତୁ ଲୁହର ଧାରାରେ
ସେଗୁଡ଼ିକୁ ସିଚିଂଦେବୁ
ମୋ ଅବିଗୁଣ ଦେଖି ଆଖି ବୁଜିଦେବୁ ।
ଫୁଲର ଗୋଟେଗୋଟେ ମାଳ ତୁ ଗୁନ୍ଥୁ ଏପରି
ଯେଉଁଥିରୁ ପ୍ରକଟିବ ଈଶ୍ୱରଙ୍କ ରୂପ ସତେ ଯେପରି
ମା' ମୋତେ ବଳ ଦେ', ଏ ଶରୀରରେ ଶକ୍ତି ଦେ' ।

## ମା' ମୋତେ ଦୈବତ୍ୱ ଦେବୁ

ନରେନ୍ଦ୍ର ମୋଦି କବିତା ସଂକଳନ "ଧନ୍ୟ ଏଇ ଆଖି"ରେ "ମା' ମୋତେ ଦୈବତ୍ୱ ଦେବୁ" କବିତାଟି ମୋଦିଜୀ ଦୈବୀଶକ୍ତି ମା'ଙ୍କ ପାଖରେ ନିଜକୁ ସମର୍ପଣ କରିଅଛନ୍ତି । ତାଙ୍କ ହୃଦୟ ମନ୍ଦିରରେ ମା' ହିଁ ବିରାଜମାନ । ମୋତେ ଦୈବତ୍ୱର ବଳଦେ, ଶକ୍ତିଦେ ବେଶ୍ ସାରାଂଶକ୍ଷୋପ ।

ମୁଁ ହୃଦୟ-ମନ୍ଦିରରେ ବସିଛି ମା'
ମୋତେ ଆଶୀର୍ବାଦ ଦେ'
ସୁଖରେ ରହ, ସୁଖୀ ରହ, ମା' !

ମୋତେ ଦୈବତ୍ୱର ବଳ ଦେ'
ଶରୀରରେ ଶକ୍ତି ଦେ'
ମୋତେ ଦେ' ତୁ ସତ୍ୟତା
ଯଦ୍ୱାରା ରଖିବି ମୁଁ ପଥରେ
ମୋର ଏକମାତ୍ର ଏହି ବ୍ରତ
ମୋତେ ତୁ ହିଁ ଲୋଡ଼ା
ତୋର ଆଶୀର୍ବାଦ ହିଁ ଲୋଡ଼ା
ମା' ମୋତେ ବଳ ଦେ', ଏ ଶରୀରରେ ଶକ୍ତି ଦେ'
ମୁଁ ହୃଦୟ-ମନ୍ଦିରରେ ବସିଛି ମା' ।

ରାଗ ମୁଁ ଛାଡ଼ିଲି
ବିରାଗ ଲୋଡ଼ିଲି
ନାହିଁ ଫୁଲର ମାୟା
ନାହିଁ ସୌରଭର ଛାୟା
ତୋ ସାଥିରେ ଥିବା କେତେ ରଙ୍ଗ
ମୋତେ ଲାଗେନି ନିଜର
ଲାଗେ ଖାଲି ପର, ଆଉ ପର ।





ତାକୁ ଅକ୍ଷରରେ ଅଭିଷେକ କଲି ।
ମୋ ଚିନ୍ତନ, ମନନ ଅବା ଅଭିବ୍ୟକ୍ତି ଯେ
ସଂପୂର୍ଣ୍ଣ ମୌଳିକ,
ଏହା ମୁଁ କେବେ କହିବିନି ।
ପଢୁଥିବା, ଶୁଣୁଥିବା ଛାୟା-ପ୍ରତିଛାୟାରୁ ବି
ଇଏ ମୁକ୍ତ ହେଇପାରିବନି ।

ମୋ ରଚନା କେବେ ବି ସାର୍ବଜନୀନ
କଷଟିରେ ପରଖା ହୋଇନି ।
ସେଥିପାଇଁ ତା'ର ଭୁଲ ଆଡକୁ ବି
ମୁଁ ଧ୍ୟାନ ଦେଇନି ।

ସବୁ କବିତାଗୁଡିକ ଶ୍ରେଷ୍ଠ, ଏକଥା ବି ନୁହେଁ
କିନ୍ତୁ ବେଳେବେଳେ କଚାଂ ଆମ୍ବର ସ୍ୱାଦ ବି
କିଛିଟା ଅଲଗା ପ୍ରକାରର ସ୍ୱାଦ ଦିଏ,
ଏମିତି ବି ହୋଇପାରେ ।

ଗୁଜୁରାଟର ଅନେକ ସାହିତ୍ୟିକଙ୍କୁ ମୁଁ ପଢିଛି
ଗୁଜୁରାଟ ସାହିତ୍ୟ ଯାତ୍ରାର ଜଣେ ନାବିକ,
ଶ୍ରୀ ସୁରେଶ ଦଲାଲଙ୍କ ସହ ସାହିତ୍ୟ ଚର୍ଚ୍ଚାବେଳେ
ସେ ମୋ ଭିତରେ ଉଙ୍କି ମାରୁଥିବା
କବିତ୍ୱକୁ ବାରିନେଲେ

ତାଙ୍କ ସ୍ନେହ ପାଇ ମୁଁ ତାଙ୍କ ସମ୍ମୁଖରେ
ମୋ ଭାବନା ସଂସାରକୁ ଖୋଲିଦେଲି
ଖୋଲିଗଲା .....
ସେ ଆଗ୍ରହ କରି କହିଲେ -

ମୋ କଳ୍ପନା, ମୋ ଭାବନାର ଦୁନିଆଁ
ଯଦିଓ ମୋର ସଂପୂର୍ଣ୍ଣ ନିଜସ୍ୱ ସଂପତି
କିନ୍ତୁ ଆମେ ଗୁଜୁରାଟୀ .....
ସଂପତି ଏମିତି ପଡିରହିବ, ଏହା ଠିକ ନୁହେଁ
ଆଉ ତା'ପରେ
ମୋ ଅସଜଡା କବିତାଗୁଡିକ
କାବ୍ୟଜଗତରେ ବସା ବାନ୍ଧିବାକୁ ଆରମ୍ଭ କଲେ ।

ସବୁ ଏକାଠି କରୁକରୁ
ବସାଟି ବେଶୀ ବଡ ହୋଇଗଲା ।
ଶ୍ରୀ ସୁରେଶ ଭାଇ ସମୟ କାଢି
ସେଥିରୁ କିଛି କବିତା ବାଛିଲେ ଓ
ଜଣେ ସଫଳ ସ୍ଥାପିତ ଭଳି
ଏ ନୀଡଟିର ନିର୍ମାଣରେ ସହଯୋଗ ଦେଲେ ।

ମୋ ରଚନାର ଏ ନୀଡ
ଆପଣଙ୍କୁ ନିମନ୍ତ୍ରିତ କରୁଛି .....
ଘଡିଏ, ଦି'ଘଡି ବିଶ୍ରାମ ନେବାକୁ ଆସନ୍ତୁ
ମୋର ଏହି ଛୋଟ ନୀଡଟିରେ,
ଆପଣଙ୍କୁ ମିଳିବ ଭାବଜଗତ ।
ଆଉ ହେବ ପୁଲକିତ ଭାବନା ମଧ୍ୟ
ଶ୍ରୀ ସୁରେଶ ଭାଇ ଦେଲେ,
କବିତା ସାଥିରେ ପ୍ରକୃତି ଯାତ୍ରାର କଳ୍ପନା
ଭଲ ଲାଗିଲା ମୋତେ
ଆପଣଙ୍କୁ ବି ଭଲ ଲାଗିବ ...

ନରେନ୍ଦ୍ର ମୋଦି
୨୦/୦୩/୨୦୦୭



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

କେବେ ପଚାରିବି ନାହିଁ
ଯଦି କାଲି ରାତିରେ ଜୀବନ-ଦୀପ ଲିଭିଯାଇଥାଆନ୍ତା
ତେବେ ବି ଗତକାଲିକୁ ବଚିଂପାରିବା
ଆଗକୁ ଆସୁଥିବା କ୍ଷଣରେ ଆଶାର ଦୀପ
ପ୍ରଜ୍ୱଳିତ କରିପାରିବା ।

ଅନ୍ଧାର ବି ଆଲୋକର ଚୁମ୍ବନ କରିପାରିବ
ପ୍ରବହମାନ ଜୀବନର କ୍ଷଣ-କ୍ଷଣ ଅଟକିପାରିବ ।
କିଛି କ୍ଷଣ ପାଇଁ ଜୀବନକୁ ଭେଟିଥିଲି
ନିଶ୍ଚୟ ଭେଟିଥିଲି
କିଛି କ୍ଷଣ ବଚିଂ ତ ଥିଲି
ଚାଲୁ ଚାଲୁ କିଛି କ୍ଷଣ ପାଇଁ ଅଟକିଗଲି
ପ୍ରତ୍ୟେକ ନିଃଶ୍ୱାସରେ ବାସ୍ନା
ପ୍ରତ୍ୟେକ କଥାରେ ପ୍ରେମ
ବିଗତ ସନ୍ଧ୍ୟା ମୋର ମନେଅଛି
ଅଟକିଥିବା ଲୁହରେ ବୋହିଯିବାର ଆଶା ଅଛି
ଶୋଇଥିବା ସ୍ୱପ୍ନରେ ନୂଆ ସକାଳ ଅଛି
ଯନ୍ତ୍ର ଭଳି ଜୀବନରେ
ପାଇଲି
ସୌନ୍ଦର୍ଯ୍ୟର ଅଦ୍‌ଭୁତ ମନ୍ତ୍ର ।

## ମନ୍ତ୍ର

କବି ନରେନ୍ଦ୍ର ମୋଦିଙ୍କ 'ମନ୍ତ୍ର' କବିତାରେ ନିଜର ଭାବନାକୁ ମନ୍ତ୍ରଭାବରେ ଅଭିହିତ କରିଛନ୍ତି । ତା' ସହିତ ନିଜର କାବ୍ୟକ ରୂପକ ଓ ଅଳଙ୍କାରକୁ ପ୍ରାଧାନ୍ୟ ଦେଇଅଛନ୍ତି । ବୋହି ଯାଉଥିବା ପାଣି, ବିଚ୍ଛୁଡିତ ଆଲୋକ, ପବନର ପ୍ରବାହ, ଫୁଲର ସୁବାସ, ଜଳୁଥିବା ଦୀପ ସମସ୍ତଙ୍କର ଅନୁଭୂତିକୁ ବର୍ଣ୍ଣନା ବେଶ୍ ପ୍ରଣିଧାନଯୋଗ୍ୟ ।

ଶରତ ଋତୁର ରାତି ... ବାଲିର ମରୁସ୍ଥଳ
ବାଲିର କଣିକା ସତେ ଯେମିତି
ସୁନାର ଧୂଳିକଣା ।

କ୍ଷଣ କ୍ଷଣର ଏ ସୌନ୍ଦର୍ଯ୍ୟ
ତା'ର ସମ୍ବନ୍ଧ ମନକୁମନ
ଶାଶ୍ୱତ ସହିତ ଯୋଡ଼ିହୋଇଯାଏ ।
ପ୍ରବହମାନ ଏ ଜୀବନରେ
ପ୍ରତ୍ୟେକ କ୍ଷଣ ଆସେ ଆଉ ଯାଏ ।

ବୋହିଯାଉଥିବା ପାଣି
ବିଚ୍ଛୁରିତ ଆଲୋକ
ପବନର ପ୍ରବାହ
ଫୁଲର ସୁବାସ
ଜଳୁଥିବା ଦୀପ ...
ସମସ୍ତଙ୍କର ଅନୁଭୂତି ଅଛି;
କିନ୍ତୁ ଏ ଜୀବନ,
ଯିଏ ସଦା ହୁଏ ଆତଯାତ
ତା'ର ଠିକଣା କ'ଣ ଜଣାନାହିଁ !





ନରେନ୍ଦ୍ର ମୋଦିଙ୍କର କବିତ୍ୱର ପରିଚୟ ଆମ ରାଷ୍ଟ୍ର ଭାରତବର୍ଷ ପାଇନାହିଁ, ମାତ୍ର ତାଙ୍କ କବିତାର ସେହି ସ୍ୱର, ସେହି ଦରଦ, ସେହି ସଂଘର୍ଷ, ସେହି ସବୁ ନିରାଶା ମଧ୍ୟରେ ଆଶାର ଭଣ୍ଡାର ଭରିରହିଛି ।

ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଗୁଜରାଟୀରେ ରଚିତ କବିତା ପୁସ୍ତକ – "ଆଁଖ ଆ ଧନ୍ୟ ଛେ" ୬୭ ଗୋଟି କବିତାକୁ ନେଇ ସଂକଳିତ । ୨୦୦୭ରେ ଆତ୍ମପ୍ରକାଶିତ ହୋଇ ଚର୍ଚ୍ଚିତ ହୁଏ । ମନ, ବୁଦ୍ଧି ଓ ହୃଦୟର ସମନ୍ୱୟରେ ହିଁ କାର୍ଯ୍ୟ ସଫଳ ହୁଏ, ଯାହାକି ମୋଦିଜୀଙ୍କ ଜୀବନରେ ଦେଖିବାକୁ ମିଳିଥାଏ ।

ବାସ୍ତବରେ ମୋଦିଜୀଙ୍କ ସଫଳ ରାଜନୈତିକ ଜୀବନକୁ ଜାଣିବାକୁ ହେଲେ ଆମକୁ ତାଙ୍କର କବିତାଗୁଡିକୁ ପଢିବାକୁ ହେବ, ସେଥିରୁ ହିଁ ତାଙ୍କୁ ସହଜରେ ଚିହ୍ନିହେବ । ନିଜର ସଂପୂର୍ଣ୍ଣ ଏକାନ୍ତ କ୍ଷଣରେ ଯେତେବେଳେ ମୋଦିଜୀଙ୍କ ମନରେ ଭାବନା ଉଠେ, ସେତେବେଳେ ସେ ତାକୁ କବିତା ମାଧ୍ୟମରେ ଅଭିବ୍ୟକ୍ତି ଦିଅନ୍ତି । ଜୀବନର କିଛି ଅଭୁଲା ସ୍ମୃତି, ଜୀବନର ଚରମ ଲକ୍ଷ୍ୟ, ସୁଖ, ଦୁଃଖ, ଅବସାଦକୁ ଏଡାଇଦେଇ ଆଗକୁ ବଢିବାର ରାସ୍ତା ସେ ସହଜରେ ଖୋଜିପାଆନ୍ତି । ସମୟ ସହ ତାଳଦେଇ ସେ ଏପରି କିଛି କରିବାକୁ ଚାହାଁନ୍ତି, ଯାହା ଚିରଦିନ ପାଇଁ ରାଷ୍ଟ୍ରର ଗୌରବକୁ ବଜାୟ ରଖିବ, ଯଦ୍ୱାରା ଏ ଜାତି ସଂପୂର୍ଣ୍ଣ ବିଶ୍ୱକୁ ଆଲୋକ ଦେଖାଇବାରେ ସକ୍ଷମ ହେବ, ତା'ର ହଜି ଆସୁଥିବା ସ୍ୱପ୍ନ ପୁଣି ଫେରିପାଇବ । ଆମେ ବିଶ୍ୱ ଦରବାରରେ ମୁଣ୍ଡ ଉଠାଇ କହିପାରିବା ଯେ – ଆମେ ଭାରତୀୟ ।

ନରେନ୍ଦ୍ର ମୋଦିଙ୍କୁ ଆମେ ପ୍ରତ୍ୟେକ୍ଷରେ ଯେଉଁଭଳି ଭାବରେ ଦେଖୁ, ତାଙ୍କ କବିତାଗୁଡିକରେ ମଧ୍ୟ ଠିକ୍ ସେହିପରି ମୋଦିଙ୍କ ସ୍ୱଚ୍ଛ ରାଜନୀତି, ବିନମ୍ରତା, ଦେଶପ୍ରେମ ଓ ଭାବପ୍ରବଣତା ତାଙ୍କ ସାହିତ୍ୟ ସାଧନାରେ ମଧ୍ୟ ସୁସ୍ପଷ୍ଟ ।

ଭାରତବର୍ଷରେ ଯେତେବେଳେ ଧର୍ମନାଶ ହୁଏ ଅଧର୍ମ ନିଜର କାୟା ବିସ୍ତାରକରି ସମାଜରୁ ନୀତି, ପବିତ୍ରତା, ଭାଇଚାରା, ପୂର୍ଣ୍ଣାଦିକୁ ଗିଳିଦେବାକୁ ବସେ ସେତେବେଳେ ଭାରତରେ କେହିଜଣେ ଯୋଗଜନ୍ମାଙ୍କର ଆବିର୍ଭାବ ଘଟେ । ଇତିହାସ ଏହାର ମୂଳସାକ୍ଷୀ । ଗୌତମ, ମହାବୀର, ଜୟଦେବଙ୍କ ଠାରୁ ଆରମ୍ଭକରି ରାଷ୍ଟ୍ରପିତା ମହାତ୍ମାଗାନ୍ଧୀ, ନୂତନ ଭାରତର ନିର୍ମାତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପର୍ଯ୍ୟନ୍ତ ପରିପ୍ରାନ୍ତି ସନ୍ଥ ପରମ୍ପରା ହୋଇ ଜ୍ୱଳନ୍ତ ଉଦାହରଣ ।

ବହୁମୁଖୀ ପ୍ରତିଭାର ଅଧିକାରୀ ନରେନ୍ଦ୍ର ମୋଦିଜୀ ଏକାଧାରାରେ ଜଣେ ସ୍ୱୟଂସେବକ, ସଫଳ ରାଜନେତା, ପ୍ରଗଲବଧି ବକ୍ତା, ଜନନାୟକ, ମହାନସାଧକ ଓ ସୂକ୍ଷ୍ମଦ୍ରଷ୍ଟା କବି । ସେ ଜଣେ ଅନନ୍ୟ କବି ଓ ଅନନ୍ୟ ରାଜନେତା ।

ଦୀର୍ଘବର୍ଷ ଧରି କାର୍ଯ୍ୟରତ ଆମେରିକାର କୋଲମ୍ବିଆ ବିଶ୍ୱବିଦ୍ୟାଳୟରେ ହିନ୍ଦୀ ଭାଷା ସାହିତ୍ୟର ପ୍ରଫେସର ଡକ୍ଟର ଅଂଜନା ସନ୍ଧିର (ଯିଏକି ବର୍ତମାନ ଗୁଜୁରାଟର ଭାରତୀୟ ଭାଷା ସଂସ୍କୃତି ସଂସ୍ଥାନରେ ପ୍ରଫେସର ଭାବରେ କାର୍ଯ୍ୟରତ) - ନରେନ୍ଦ୍ର ମୋଦିଙ୍କର ବହିଟିକୁ ହିନ୍ଦୀ ଭାଷାରେ ଅନୁବାଦ - "ଆଁଖ ୟେ ଧନ୍ୟ ହୈ" କରିଅଛନ୍ତି । ୨୦୧୪ ଅଗଷ୍ଟ ୧୫ରେ ପ୍ରକାଶିତ ।

ରେଭେନ୍ସା ବିଶ୍ୱବିଦ୍ୟାଳୟର - ହିନ୍ଦୀ ଭାଷା ସାହିତ୍ୟର ପ୍ରଫେସର ସ୍ମରପ୍ରିୟା ମିଶ୍ର ଓ ଡକ୍ଟର ଅମୂଲ୍ୟରତ୍ନ ମହାନ୍ତି ଏହି ପୁସ୍ତକକୁ ଶାସ୍ତ୍ରୀୟ ଓଡିଆ ଭାଷାରେ ଅନୁବାଦ ପୁସ୍ତକ କରିଛନ୍ତି - ୨୦୧୫ ମସିହାରେ । ଯାହାକି ଓଡିଆପ୍ରେମୀ ନରେନ୍ଦ୍ର ମୋଦିଙ୍କ କବି ପ୍ରତିଭାକୁ ଭଲ ଭାବରେ ପଠନ କରିପାରିବେ





ଲହଡ଼ି-ବଗିଚାର ବାସ୍ନା
ଫଳରୁ ଝରିପଡ଼େ
ନଦୀ ବିଲୟର ବ୍ୟଥା
ସାଗରରେ ସମାହିତ ନଦୀକୁ
କେବେ ବି ଅଲଗା କରାଯାଇପାରେନା ।

ମୁଁ ପାହାଡ଼ ପରି ଛିଡ଼ାହୋଇପାରେ
ଆଉ ସମୁଦ୍ର ପରି ଉଚ୍ଛୁଳି ବି ପାରେ
ତୁମେ ମୋତେ ଛିଣ୍ଡେଇ ଖିନ୍‌ଭିନ୍ କରିପାର ଓ
ଖୋଳି ବି ପାର
ଜଳ ଭଳି
ଖୋଦିତ ଗଡ଼ାଣିରେ ଢାଳିଦେଇପାର ।

ହାତରେ ଧର
ସଂବେଦନାର ପିରିକ
ଓ ସ୍ନେହର ହାତୁଡ଼ି
କ୍ଷିତିଜର କାନ୍ଥ
ଆକାଶର ଛାତ ...
ମନୁଷ୍ୟର ଭିଡ଼
ସବୁଜିମାଭରା ସୃଷ୍ଟି
ମୋ ଘରର ଆକାର,
ମୋ ମନର ବିସ୍ତାର
ଏଇ ସଂପୂର୍ଣ୍ଣ ସଂସାର ।

## ମନରୁ ସମର୍ପିତ

କବି ନରେନ୍ଦ୍ର ମୋଦିଙ୍କ "ମନରୁ ସମର୍ପିତ" କବିତାରେ ତାଙ୍କର ସମର୍ପିତ ଭାବକୁ କାବ୍ୟକ ମାଧ୍ୟମରେ ଉପସ୍ଥାପିତ କରିଅଛନ୍ତି । ଉଚ୍ଛ୍ୱସିତ ସାଗରକୁ ପ୍ରେରଣାର ମୂର୍ତ୍ତି ଓ ତାଙ୍କ ଯୌବନର ଶକ୍ତି ଓ ସ୍ଫୁର୍ତ୍ତି ସହିତ ତୁଳନା କରିଅଛନ୍ତି ଅବା ପର୍ବତ ଶୃଙ୍ଗର ଶିଖର ଅତୁବା ପାହାଡ ଭଳି ଠିଆହେବା ସମୁଦ୍ରପରି ଉଚ୍ଛୁଳା ଭାବନାକୁ ସମର୍ପିତ କରିଅଛନ୍ତି ମୋଦିଜୀ । ଏଥିରେ ତାଙ୍କର ପ୍ରକୃତି ପ୍ରେମ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଅଛି ।

ଆକାଶକୁ ନିଜ
ବାହୁରେ ଜାବୁଡ଼ି ଧରିବାକୁ ପ୍ରଯତ୍ନଶୀଳ
ଉଚ୍ଛ୍ୱସିତ ସାଗର
ମୋ ପ୍ରେରଣାର ମୂର୍ତ୍ତି
ଇଏ ମୋ ଯୌବନର
ଶକ୍ତି ଓ ସ୍ଫୂର୍ତ୍ତି ।

ଇଏ ସାହାନାଇ ବି ବଜାଏ
ଜୟଘୋଷ ବି କରେ
ଇଏ ଯେକୌଣସି ପର୍ବତ ଶୃଙ୍ଗର
ଶିଖର ଦ୍ୱାର ବି ବତାଏ ।

କୌଣସି କୂଳ ସାଉଁଟିଧରିବ
ଏମିତି ଏ ସାଗର ନୁହେଁ ।
ଯଦି ସ୍ୱୀକାର କରିବାର ଶକ୍ତି ଅଛି
ତାହେଲେ ...
ନିଜ ପାପୁଲିରେ
ଦିଏ ଫେଣର ଫୁଲ
ଫୁଲରୁ ଭାସିଆସେ





## ଧନ୍ୟ

କବି ନରେନ୍ଦ୍ର ମୋଦି ତାଙ୍କ କାବ୍ୟ ସଂକଳନ 'ଧନ୍ୟ ଏଇ ଆଖି'ର 'ଧନ୍ୟ' କବିତାଟି ବେଶ୍ ହୃଦୟସ୍ପର୍ଶୀ । ଏଥିରେ କବି ସୁନ୍ଦର ପୃଥିବୀ, ତା'ର ସବୁଜିମା, ଆକାଶର ଇନ୍ଦ୍ରଧନୁ, ସମୁଦ୍ରର ପରିବେଶକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଅଛନ୍ତି ।

ସୁନ୍ଦର ଏଇ ପୃଥିବୀ
ଧନ୍ୟ ଏଇ ଆଖି
ସବୁଜିମାଭରା ଘାସ ପରେ ଏଠି ଖରା ପ୍ରସରିଛି
କୌଣସି ପ୍ରକାରେ ଖରାର ତେଜ ସହିହେଉନି ।
ବ୍ୟୋମ ତ ଭବ୍ୟ, ସୁନ୍ଦର
ଏଇ ପୃଥିବୀ ବି ଅଦ୍‌ଭୁତ
ଆକାଶରେ ଇନ୍ଦ୍ରଧନୁ ପଡ଼େ, ଗର୍ବକରେ
ପବନରେ ରଙ୍ଗର ଆକାର ଟାଣେ
କେଉଁ ଜନ୍ମର ପୁଣ୍ୟ ଏହା
ଜୀବନ ଧନ୍ୟ, ଜୀବନ ଧନ୍ୟ ।
ନାଚେ ଏଇ ସମୁଦ୍ର ଖୁସିରେ, ଉତାଳ ଲହଡ଼ି ମାରି
କିଏ ବା ଜାଣେ କ'ଣ ଅଛି ଏ ମେଘ ଭିତରେ
ବିପୁଳ ! ପରିପୂର୍ଣ୍ଣ ଏଇ ଶୂନ୍ୟ
ସୁନ୍ଦର ଏଇ ପୃଥିବୀ ।
ମାନବ ଗହଣରେ, ସାଙ୍ଗ ମେଳରେ ଏହା ମିଳିଚାଲେ
କିନ୍ତୁ ଅନ୍ୟ ସାଥିରେ ମୁଁ,
ନିଜକୁ ଆନ୍ତରିକ ପୀଡ଼ା ଦେଇଚାଲେ ।
ଏହାସବୁ ଅନନ୍ୟ
ଆଉ କିଛି ତ ଅଗମ୍ୟ ।
ଧନ୍ୟ, ଧନ୍ୟ ତୁମେ ଧନ୍ୟ,
ମୋର ପୃଥିବୀ, ତୁମେ ଖୁବ୍ ସୁନ୍ଦର ।

## ଅଚାନକ

କବି ନରେନ୍ଦ୍ର ମୋଦିଙ୍କ କବିତା 'ଅଚାନକ' ବେଶ୍ ଭାବ ଉର୍ଦ୍ଦୀପକ । ତାଙ୍କ କବିତ୍ୱ ମାଧ୍ୟମରେ ନିର୍ମାଣିଛନ୍ତି ଏକ ଜନ୍ମ । ସେଥିରେ ବିଭିନ୍ନ ରଙ୍ଗରେ ରଙ୍ଗାୟିତ କରିଛନ୍ତି ହଠାତ୍ କି – ଅଚାନକ ଆସିଛି

ମାଡିର ବର୍ଣ୍ଣିତ .....
ଅନ୍ଧାରର କାଗଜ ଉପରେ
ମୁଁ ଆଙ୍କୁଛି ଏକ ସରୋବର,
ଭ୍ରମରର ଗୁଞ୍ଜନ ନେଇ
ସରୋବରକୁ ନଇଁଛି ଗୋଟିଏ ଡାଳ ।

ଘନ ଅନ୍ଧାରକୁ ପତଳା କରିବା ପାଇଁ
ମୁଁ ନିର୍ମାଣୁଛି ଏକ ଜହ୍ନ ।
ଦେଉଛି ସେଥିରେ ନୀଳ, ଆକାଶିଆ ରଙ୍ଗ
ଠିକ୍ ସରୋବରର ଶାନ୍ତସ୍ନିଗ୍ଧ ଜଳ ପରି ।

ଅଚାନକ ...
ବୈଶାଖର ମଧ୍ୟାହ୍ନ ସୂର୍ଯ୍ୟ
କାଗଜକୁ ଜାଳିପୋଡ଼ି ପାଉଁଶ କରିଦେଉଛି
ଆଉ,
ମୋ ହାତରେ ଥିବା ବ୍ରଶ୍ ଥରିଉଠୁଛି
ବେଙ୍ଗର ଚିତ୍କାର
ରତୁର ସ୍ୱପ୍ନ
ସ୍ୱପ୍ନର ରତୁ
ସବୁକିଛି ବାଷ୍ପ ହୋଇ ଉଡ଼ିଯାଉଛି ।





## ମୋ ମନ

କବି ନରେନ୍ଦ୍ର ମୋଦି କବିତା 'ମୋ ମନ'ରେ ସେ ନିଜର ଭାଗ୍ୟକୁ ଲଲାଟ ମାଧ୍ୟମରେ ଖୋଜିଛନ୍ତି ଅବା ନିଜ ମନକୁ ଜଙ୍ଗଲ ସହିତ ତୁଳନାକରି ତା'ରି ମଧ୍ୟରେ ସବୁଜିମାଭରା ଦୁନିଆଁ ଖୋଜୁଅଛି । ଜଞ୍ଜାଳ ମାୟାରେ ସୁଖୀ ଦୁଃଖୀ, ରୋଗୀ ଭୋଗୀ ସମସ୍ତଙ୍କୁ ଦେଖିଛନ୍ତି । ନିଜର ସାଧନାର ଚକ୍ଷୁରେ ମୋଦିଜୀ ଜଞ୍ଜାଳ ମାୟା ଛାଡିଲେ କାୟା ତାହାର ନିରୋଗୀ ବୋଲି ଅଭିହିତ କରିଅଛନ୍ତି ।

ମନ ଯେ ମୋର ଜଙ୍ଗଲ ହୋଇଛି
ଅଙ୍ଗରେ ଅଙ୍ଗରେ ନିଆଁ
ଜଙ୍ଗଲ ଭିତରେ ଖୋଜିବୁଲୁଛି ମୁଁ
ସବୁଜିମାଭରା ସେହି ଦୁନିଆଁ ।
ସୁଖୀ ଦେଖୁଛି, ଦୁଃଖୀ ଦେଖୁଛି
ଦେଖୁଛି ରୋଗୀ ଓ ଭୋଗୀ
ଯିଏ ଛାଡ଼ିଛି ଏ ଜଞ୍ଜାଳ ମାୟା
କାୟା ତାହାର ନିରୋଗୀ ।
ଝଣଝଣ, ଝଣଝଣ ପ୍ରତି ତାରରେ
ବାଜୁଛି ଅବଜା ରାଗ
ବୁଝଉଛି ମୁଁ ନିଜ ମନକୁ
ଜାଗ ଏବେ ତ ଜାଗ ।
କଟାଂକୁ ବାଛିଲି
ଫୁଲର ପତଳା ଗାଲିଚା ପକେଇ
ଏ ସୁଖର ଧରାକୁ
ବୁଣିଲି ଇନ୍ଦ୍ରଧନୁଷୀ ବିହନ ଦେଇ,
ଖୋଜେ ମୋର ଭାଗ୍ୟ ଲଲାଟ ସତେ
ଝାଳର ମିଳିବ ତିଳକ ମୋତେ ।

## ଅଧ ରାତିରେ

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ଅଧ ରାତିରେ' ଏକ କବିତାଟିଏ । ମୋଦିଜୀ କୋଇଲିର ସ୍ୱରକୁ ନିଜ ହୃଦୟର ଦ୍ୱାରାଦେଶରେ ଶୁଣି ପାରିଅଛି । ଅନ୍ତରଙ୍ଗ କଥା କାହାକୁ କହିହୁଏ ନାହିଁ କିମ୍ବା ଜଳର ସାମର୍ଥ୍ୟକୁ ମାପି ହୁଏନାହିଁ । ଏ ସଂସାରରେ କିଏ ଅଛନ୍ତି ଯେ ନିଜ ଯନ୍ତ୍ରଣାକୁ ନିଜେ ସମ୍ଭାଳିବାକୁ ଗୁରୁତ୍ୱଆରୋପ କରିଅଛନ୍ତି ।

ଅଧ ରାତିରେ ଶୁଣି କୋଇଲିର ସ୍ୱର
ଖୋଲିଲି ହୃଦୟର-ଦ୍ୱାର
କୋଇଲିକୁ କହିବି ବା କ'ଣ ?

ଅନ୍ତରଙ୍ଗ କଥା ଏଭଳି କୁହାଯାଏନି
ଜଳର ସାମର୍ଥ୍ୟକୁ ଏପରି ମାପିହୁଏନି
ମୁଁ ସଂବେଦନାକୁ ଫୋପାଡ଼ିବି ଏମିତି କେମିତି
କିଏ ତରାଜୁରେ ମାପିବ
କୋଇଲିକୁ କହିବି ବା କ'ଣ ?

ନିଜ ଯନ୍ତ୍ରଣାକୁ ନିଜେ ସମ୍ଭାଳିବା
କିଏ ଅଛି ଏ ସଂସାରେ
ଯା'କୁ ଭରସା କରିବା
ବନ୍ଦ୍ କବାଟରେ କାହିଁକି ଠକ୍‌ଠକ୍ କରି ଆଘାତ ଦେବା
ଆଉ ମୃଗତୃଷ୍ଣାରେ ଭ୍ରମି ବା
କୋଇଲିକୁ କହିବି ବା କ'ଣ ?





## ଆମେ

କବି ନରେନ୍ଦ୍ର ମୋଦିଙ୍କ କବିତା 'ଆମେ'ରେ ସେ ସମସ୍ତଙ୍କୁ ନିଜର କବିତ୍ୱ ଶକ୍ତି ବଳରେ ସର୍ବକାର କରିଅଛନ୍ତି ଜୀବନର ଅତିଆପଣାର, ପ୍ରେମର ଧାର, ନିର୍ମଳ ପ୍ରେମର ନଈ ଆମେ ପାଗଳ ଅବା ପାଣିଫୋଟକା ରୂପେ ଆଖ୍ୟା ଦେଇଛନ୍ତି ।

ଆମେ, ଏ ଜୀବନର ଅତି ଆପଣାର
ଆମେ, ଝରିପଡୁଥିବା ପ୍ରେମର ଧାର ।
ଆକଟ ମାନୁନି, କା' କଥା ଶୁଣୁନି,
ଆମର ଯେ ମନ ମଉଜିଆ ଦରବାର ।

ମନ ହେଲେ ଆମେ ଉଡୁ ଆକାଶରେ,
ବେଳେ ବୁଡୁଯାଇ ଦରିଆରେ
ପରବତ ପରେ ସୂରୁଜ ହୋଇ
ଉଇଁଉଠୁ ଆମେ ଅଧରାତିରେ ।

ହୃଦେ ନାଇଁ ଆମ ନିନ୍ଦାର ଭାବ, କୁତ୍ସା ରଚନା
କୁଳୁକୁଳୁ ହୋଇ ବୋହିଯାଉ ଆମେ
ଆମେ ଯେ ନିର୍ମଳ ପ୍ରେମର ନଈ ।

ବୁଦ୍ଧିଆ କୁହନ୍ତି ଯେ ଆମେ ପାଗଳ
ସେ ଠିକ୍ ! କିନ୍ତୁ ଆମେ ନୋହୁଁ ମାତ୍ର ଛାଗଳ,
ବିଶାଳ ସାଗର ଉଛୁଳୁଛି ଏକା
ହାରିଯିବୁ ! ଆମେ ନୋହୁଁ ପାଣିଫୋଟକା ।
ଆମର କି ଅଛି କୂଳକିନାରା ?
ଆମେ ତ ମଝି ସାଗର ଧାରା ।

## ବିଳାପ

ନରେନ୍ଦ୍ର ମୋଦିଙ୍କ କବିତା 'ବିଳାପ' ଏକ ଭାବ ହୃଦୟସ୍ପର୍ଶକ କବିତାଟିଏ । ମନରେ ଆଘାତ, ଜହ୍ନ ଉଇଁଲା, ସୁଗନ୍ଧିତ ପାହାଡ ହଲିଯିବା, ପାହାଡ ତଳଲି ପାଉଁଶ ହେବା (ପୋଡିଯାଇ) ଆଖିର ଜହ୍ନକୁ କବିତ୍ୱ ଦେଇଛନ୍ତି ।

ତୋ ବିଷୟରେ ଜାଣିଲି
ଆଉ,
ମୋ ମନ-ହିମାଳୟକୁ ଆଘାତ ଲାଗିଲା;
ତୋତେ ଦେଖିଲି
ଆଉ,
ମୋ ଆଖିରେ ଜହ୍ନ ଉଇଁଆସିଲା
ମୋ ଭିତରେ ଚନ୍ଦନ ବୃକ୍ଷ ମହକି ଉଠିଲା
ତୁ ମିଳିଗଲୁ
ଆଉ,
ମୋ ପ୍ରତ୍ୟେକ ଲୋମକୂପରେ
ଜମିଥିବା ସୁଗନ୍ଧର ପାହାଡ଼ ହଲିଗଲା
ତା'ର ବାସ୍ନା ଚାରିଆଡ଼େ ଖେଳେଇଗଲା
କିନ୍ତୁ ହାୟ ...
ଏ ପାହାଡ଼ମାନେ ତରଳୁଛନ୍ତି
ଚନ୍ଦନର ମହକ ସେମାନଙ୍କୁ ଜାଳିପକାଉଛି,
ପୋଡ଼ି ପାଉଁଶ ହୋଇଯାଇଛି
ସପନର ଉପହାର
ଅନେକ ଦୂରରେ
ମୋ ଆଖିର ଜହ୍ନ
କ୍ଷିତିଜରେ ଯାଇ ବସିଛି
ତୋ ବିନା
ମୋ ନାଆକୁ କିଏ କୂଳେ ଲଗାଇବ
ଏଭଳି ନାଉରୀ ଅବା କାହୁଁ ମିଳିବ ?





## ଦ୍ୱିବିଧା

କବି ନରେନ୍ଦ୍ର ମୋଦିଙ୍କ କବିତା 'ଦ୍ୱିବିଧା'ରେ ମୋଦିଜୀ ଆଶାରେ ନିରାଶା ଭିତରେ କବିତ୍ୱକୁ ଜାଗରଣ କରିପାରିଛନ୍ତି, ଉଚ୍ଚପାହାଡ, ନଦୀ, ସମୁଦ୍ର, ଲହଡ଼ିକୁ ବିଷାଦ ଭାବରେ 'ଦ୍ୱିବିଧା' ଅର୍ଥରେ ଉପସ୍ଥାପନା କରିଛନ୍ତି ।

ଉଚ୍ଚା ପାହାଡ଼କୁ ପାଇବାର ଦ୍ୱିବିଧାରେ
ପଥର ମିଳିଲା ପରିଶେଷରେ ।
ସୁନ୍ଦର ବଗିଚା ପାଇବା ଆଶାରେ
ପଥ ମୋ ଭରିଲା କଟାଂରେ ।
ସଦାସର୍ବଦା ନଦୀକୁ ପାଇବା ସ୍ୱପ୍ନରେ
ମୁଁ ଯେ ପାଇଲି ପାଣିଫୋଟକା ।
ସୂରୁଜର ତେଜ କୁଆଡ଼େ ଗଲା
ପ୍ରତିଚ୍ଛାୟାର ଯେ ଫଟ ମିଳିଲା ।
ଜହ୍ନକୁ ସାଉଁଟିଆଣିବାକୁ ଗଲି
ତା'ର ଜ୍ୟୋତିକୁ ମୁଁ ହଜେଇଦେଲି ।
ସମୁଦ୍ର ଲହଡ଼ି କେମିତି ଜାଣିବି
କୂଳରେ ଯାଇ ମୁଁ ରୋଦନ କଲି ।

## ପ୍ରେମ

ନରେନ୍ଦ୍ର ମୋଦି ତାଙ୍କର କବିତା 'ପ୍ରେମ'ରେ ପ୍ରେମତତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି । ତାଙ୍କ ପ୍ରେମ ଅନନ୍ତ ଚିରକାଳ ତାଙ୍କ ମନକୁ କଦାପି ବାନ୍ଧିହୁଏ ନାହିଁ । ଖରା, ବର୍ଷା, ଶୀତ ଅବା ବହୁମୁଖୀ ମେଘପରି ଘୂରିବୁଲେ ଏ ପ୍ରେମ । ଝଡ଼ ଆସି ଚାଲିଯାଏ କିନ୍ତୁ ସୂର୍ଯ୍ୟଙ୍କର କିଛି ହୁଏନାହିଁ ସେତ ରାଜହଂସ ପରି ପହଁରୁଥିବା ମୋର ପ୍ରେମ ।

ପାଣିର ଝଞ୍ଜିର ପରି ମୋର ଏଇ ପ୍ରେମ
କେତେ ବାନ୍ଧିଲେ ବି ବାନ୍ଧିହୁଏ ନାହିଁ
କେହି ରାଣ ଦେଉ, ତା' ମୋତେ ଭଲଲାଗେନା
ପୁଣି ଏପରି ସଂପର୍କରେ
ମୋ ମନ ବାନ୍ଧିହୁଏ ନାହିଁ
ରାତି ସାରା କାକର ବିନ୍ଦୁ ପରି
ଶୀତଳ ଏଇ ପ୍ରେମ
ଧରିବାକୁ ଚେଷ୍ଟା କରି ବି ଧରିପାରେ ନାହିଁ ।
ଖରା ତ କୌଣସି ଦିନ
ହାତମୁଠାକୁ ଆସିବ ନାହିଁ
ବହୁଥିବା ପବନକୁ
ପିଞ୍ଜରା ବି ଭଲଲାଗେ ନାହିଁ
ବହୁରୂପୀ ମେଘ ପରି
ଘୂରିବୁଲେ ଏଇ ପ୍ରେମ
ପାଇବାକୁ ଚେଷ୍ଟା କରି ବି ପାଇପାରେ ନାହିଁ ।
ଝଡ଼ ଆସେ ଓ ଚାଲିଯାଏ
ଏଥିରେ ସୂର୍ଯ୍ୟର କିଛି ହୁଏ ନାହିଁ
ରାଜହଂସ ପରି ପହଁରୁଥିବା
ମୋର ଏଇ ପ୍ରେମ
ମୋତିମାଳାରେ ଗୁନ୍ଥିଲେ ବି ଗୁନ୍ଥିହୁଏ ନାହିଁ ।





## ସଂପୂର୍ଣ୍ଣ ବିଶ୍ୱ

କବି ନରେନ୍ଦ୍ର ମୋଦିଙ୍କର କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ସଂପୂର୍ଣ୍ଣ ବିଶ୍ୱ' ଏକ କବିତାଟିଏ । ଏହି କବିତାଟିରେ କବି ମୋଦି ନିଜର ଭାବଧାରାକୁ ପ୍ରକୃତିର କାଳକରଳକୁ ସୁନ୍ଦରିତ ଭାବରେ ବିଶ୍ୱ ଅଙ୍କନକରି ତାଙ୍କ ଆଲିଙ୍ଗନରେ ରଖିଛନ୍ତି ।

କାଲିର ରାସ୍ତାର ପରିସମାପ୍ତି ଘଟିଲା
ତା'ର ତୀକ୍ଷ୍ଣ ମୁନ ଉପରେ ଉଠିଛି
ଆଜି ସକାଳର ବୃକ୍ଷ
ପବନର ତାଳରେ ହଲୁଛି
କିରଣର ଫୁଲ
ଯେମିତି କିଛି ଜାଣିଶୁଣି ଭୁଲ୍ କରିବାକୁ,
ଶୁଭୁଛି ନିରୋଳାରେ ବସି ଶାନ୍ତ ପକ୍ଷୀମାନଙ୍କର ଗୁଞ୍ଜନ
ମୁଁ ଖୋଲିଦେଇଛି ମୋର ସମସ୍ତ ବାତାୟନ
ଅସ୍ତିତ୍ୱ ଏତେ ସୁନ୍ଦର କେବେ ଲାଗିନଥିଲା
ମୁଁ ନିଜ ଶରୀରକୁ
ମନକୁ ହୃଦୟକୁ
ଭାବେ ପ୍ରଭୁଙ୍କର କୃପା
ଆଉ ସଂପୂର୍ଣ୍ଣ ବିଶ୍ୱ ଯେପରି
ଆବଦ୍ଧ ହୋଇଛି ମୋ ଆଲିଙ୍ଗନରେ ।

## ଆଜି

ନରେନ୍ଦ୍ର ମୋଦିଙ୍କର କବିତା 'ଆଜି'ରେ ସମୟ ବଡ ବଳବାନ । ଅତୀତ ଓ ଭବିଷ୍ୟତର ସ୍ୱପ୍ନୀଳ ଆଶାନେଇ ବର୍ତ୍ତମାନକୁ ଭାଙ୍ଗିରୁଜି ଛାରକାର କରିନେବାର ସେ ଘୋର ବିରୋଧି, ଏହା ଏହି କବିତାରେ ପରିସ୍ଫୁଟିତ ।

ଏଇଆ ଥିଲା, ସେଇଆ ଥିଲା,
ଏମିତି ଥିଲା, ସେମିତି ଥିଲା,
ଏଠି ଥିଲା, ସେଠି ଥିଲା -
ଏଠି ଥିଲା
ଥିଲା ମନରେ, ପବନରେ
ଧ୍ୱଂସ ସ୍ତୂପର ଖଣ୍ଡିତ ବୈଭବ ଓ ଗଳିରେ
କେଉଁଠି ଲଟକିରହିଛେ ଆମେ
ପ୍ରତିଛାୟାର ପ୍ରେତ ଭଳି ।

ଯେମିତି ଅତୀତ କାଳ
ଭୂତ-ପ୍ରେତର ଛାଇ ନେଇ
ଘୂରିବୁଲେ ଇତିହାସର ଆତ୍ମା ହୋଇ
ଆତ୍ମା ଆମର ...
ଅମୃତକୁ ବି ଦରକାର
ବର୍ତ୍ତମାନର କାୟା ।

ଆସନ୍ତାକାଲିକୁ ଅମର ହେବା ପାଇଁ
ଗତକାଲିର ଏତେ ଅଧିକ ମୋହ ରଖି
ଆଜିକୁ
ଆଖି ଆଗରେ ଧୋକା ଦେଇ
ଜିଇବାର କିଛି ମାନେ ଅଛି ?



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

ସବୁକଥାର ସତ୍ୟତା ଅଲଗା ହୋଇପାରେ
ଆଉ ହୋଇଥାଏ ମଧ୍ୟ
ମୁଁ ...
ମୁଁ କେବଳ ମୋ ସତ୍ୟ ସହିତ
ସଂପୃକ୍ତି ଚାହେଁ ।

ସତ୍ୟ ମୋ ପାଇଁ ସୂର୍ଯ୍ୟ
ଆଉ ... ମୋ ଜୀବନ
ଗାୟତ୍ରୀ ମନ୍ତ୍ର ହୋଇଯାଉ,
ପ୍ରତିକ୍ଷଣ ଏହାହିଁ ମୋର ପ୍ରାର୍ଥନା ।

## ପ୍ରାର୍ଥନା

ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଧନ୍ୟ ଏଇ ଆଖି"ରୁ 'ପ୍ରାର୍ଥନା' କବିତାଟି ବେଶ୍ ଭକ୍ତିଭାବକ । ମୋଦିଜୀ ନିଜକୁ ସତ୍ୟ ହିଁ ପ୍ରାର୍ଥନାର ପଥବୋଲି ଅଭିହିତ କରିଅଛନ୍ତି । ସତ୍ୟକୁ ସୂର୍ଯ୍ୟ, ସତ୍ୟକୁ ଜୀବନ ଅବା ସତ୍ୟ ହିଁ ଗାୟତ୍ରୀ ମନ୍ତ୍ର ବୋଲି ସେ ଉଲ୍ଲେଖ କରିଅଛନ୍ତି ।

ମଣିଷମାନଙ୍କ ଗହଳି ହେଉ ବା ଯାତ୍ରା
ନିଜ ଲୋକ ଓ ସ୍ନେହ କରୁଥିବା ଲୋକଙ୍କୁ
ଖୋଜିବୁଲେ ମୁଁ ।

ମୋ ବସାର ପ୍ରବେଶଦ୍ୱାରରେ ଟଙ୍ଗାହୋଇଛି
"ସତ୍ୟର ସ୍ୱାଗତ :
ସତ୍ୟ ପଛେ ହେଉ ବିରୋଧୀ
ହେଉ ପଛେ ତେରଛା-ବଙ୍କା ।"

ବଗିଚାର ବାସ୍ନାଠାରୁ
ଖାଦର ଦୁର୍ଗନ୍ଧ ବହୁ ମୂଲ୍ୟବାନ
ବିରୋଧ ଭିତରୁ ସତ୍ୟକୁ
ଖୋଜି ବାହାର କରିବା
ମୋ ପାଇଁ ଧୈର୍ଯ୍ୟର ପରୀକ୍ଷା ।

ଗୁଜବକୁ ପାଉଁଶ ଭଳି ବିଚିଂଦେବାର
ବିବେକ ବି ଅଛି ...
ଗୁଜବରେ କେବେ ଜୀବନକୁ
ବଚିଂହୁଏ ନାହିଁ
ଦୁଇ କୂଳର ମଝିରେ ଥିବା ସତ୍ୟକୁ
ପାଇବାର କ୍ଷମତା ମୋ ଠାରେ ଅଛି ।





## ଆମେ ତ

କବି ନରେନ୍ଦ୍ର ମୋଦିଙ୍କର କବିତା ସଂକଳନ "ଧନ୍ୟ ଏଇ ଆଖି"ର କବିତାଟିଏ 'ଆମେ ତ' - ଏଠାରେ କବି ଆଦିବାସୀ ମାନଙ୍କର ବିଶେଷ ପ୍ରକାରର ମେଳା ଯେଉଁଠି ଏକାଠି ହୋଇଥିବା ପୁଅ, ଝିଅମାନେ ନିଜପାଇଁ ବରକନ୍ୟା ପାତ୍ର ବାଛିଥାନ୍ତି ବର୍ଣ୍ଣିତ ।

ଏ ଯେ ସନ୍ଧ୍ୟାର ବେଳା,
ମୁଁ ମତୁଆଲା ଚାହେ ରହିବାକୁ ଏକା-ଏକା,
ମୋର ଏ ଦେହ ଓ ମନରେ
ଝଲସିଉଠେ ତରଣେତର(୧)ର ମେଳା ।

ନାହିଁ ନବାଦବାର କାହାଠୁ କିଛି,
କେବେ କରିବିନି ତୋର-ମୋର ଯାହା ବି ଅଛି
ଏ ଦୁନିଆଁରେ ଏଠି ଯାହା ଦିଶୁଛି,
ପ୍ରତ୍ୟେକଟି ମୋତେ ଭଲଲାଗୁଛି ।

ରାସ୍ତା ମୋର ଅତି ସାଧାସିଧା,
ଭିଡ଼ ନାହିଁ କି ଗହଳି
ମୁଁ ଯାଯାବର
ରହିବି ଏକେଲା
ଏ ତ ସନ୍ଧ୍ୟାର ବେଳା ।

ନାହିଁ ମୋ କିଛି ଧର୍ମଧାରା, ନାହିଁ ମୋ ସଂପ୍ରଦାୟ :
ମାନବର ପରିଭାଷା ମାନବର ଉଦୟ,
ଆଲୁଅରେ କିଛି ପାର୍ଥକ୍ୟ ନାହିଁ
ଲଣ୍ଠନ ହେଉ ବା ଦୀପ ଦ୍ୱୟ ।
ବଡ଼ ବଡ଼ ଝାଡ଼ ପରି ମୁଁ କେବେ ରହିନି ଓହଳି !

ମୁଁ ଯାଯାବର
ରହିବାକୁ ଚାହେଁ ପୂରାପୂରି ଏକେଲା
ଏ ତ ସନ୍ଧ୍ୟାର ବେଳା ।

୧. ଆଦିବାସୀମାନଙ୍କର ବିଶେଷ ପ୍ରକାରର ମେଳା ଯେଉଁଠି ଏକାଠି ହୋଇଥିବା ପୁଅଝିଅମାନେ ନିଜ ପାଇଁ ବର ଓ କନ୍ୟାପାତ୍ର ବାଛନ୍ତି ।





ମୋ ଆଚରଣ, ମୋ ଉଚ୍ଚାରଣରେ
ହେବ ନାହିଁ କେବେ ଅମଙ୍ଗଳ
ନ୍ୟୂନ ହେବା ଭଳି ସମୟ ଆସିଲେ
କରିବିନି ଇଚ୍ଛା କା'ର ସଫଳ
କେବେ ବି ମୁଁ ଏହା କରିବିନି ।

## ଚେଷ୍ଟା

ନରେନ୍ଦ୍ର ମୋଦି ତାଙ୍କର କବିତା 'ଚେଷ୍ଟା'ରେ ସେ ସଦାସର୍ବଦା ନିଜ ଜୀବନରେ ସଫଳତା ପାଇଁ ଚେଷ୍ଟାରତ ରହିଛନ୍ତି । ତାଙ୍କର ପ୍ରତ୍ୟେକ କର୍ମରେ ପ୍ରଭୁଙ୍କର ଆଉ ଆଶୀର୍ବାଦ, ଭୁଲ୍ ଯେ କରେନାହିଁ, ସେ କାହାରିକୁ ଡରେନାହିଁ, ଏହା ତାଙ୍କ କବିତାଟିର ସାରାଂଶ ।

ମୁଣ୍ଡ ନୁଆଁଇବାର ସମୟ ଆସିଲେ
ମୁଁ କେବେ ବି ଏହା କରିବିନି ।
ପର୍ବତ ଭଳି ସ୍ଥିର ରହିବି ଓ
ନଦୀ ଧାରାପରି ନିର୍ମଳ
ଶୃଙ୍ଗାରସ୍ନାତ ଶବ୍ଦ ନାହିଁ ମୋର
ମୁଁ ଯେ ନାଭିରୁ ଉତ୍ପନ୍ନ ବାଣୀ
କରେ ଏ ଧରାକୁ ମୁଁ ପ୍ରୀତ
ଚୁପ୍‌ଚାପ୍ ଆନନ୍ଦରେ ଗାଇଚାଲେ ଗୀତ ।

ସଂସ୍କାର ଲୟର ତାଳେ ତାଳେ
ଗୁଞ୍ଜରିତ ହୁଏ ଯୁଗ
ନ୍ୟୂନ ହେବା ଭଳି ସମୟ ଆସିଲେ
ବିରୋଧ କରିବି ମୁଁ ଆଗ ।
ମୁଁ କେବେ ବି ଏହା କରିବିନି ।

ମୋ ପ୍ରତ୍ୟେକ କର୍ମ ପଛରେ
ପ୍ରଭୁଙ୍କର ଥାଉ ଆଶୀର୍ବାଦ
ଭୁଲ୍ ଯେ କରେ ନାହିଁ
ସେ କାହାରିକୁ ଡରେ ନାହିଁ ।
ଭିତରେଭିତରେ ହୁଏ ସମ୍ବାଦ ।





## ବିପଦ

ନରେନ୍ଦ୍ର ମୋଦିଙ୍କ କବିତା 'ବିପଦ' ବେଶ ହୃଦୟସ୍ପର୍ଶୀ । ନଦୀଟି ବାଘୁଣୀ ସାଜିଛି, ଗାଁ, ସହରକୁ ଭସାଇଦେଇଛି, ଲୋକଙ୍କ ନିଃଶ୍ୱାସ, ଅନ୍ତିମ ଚିତ୍କାର ଓ ଅସହାୟତା ପାଣି ସହିତ ମିଶିକରି ବିକୃତ ପରିଚୟ ହୋଇଅଛି ପାଣିର ଏ ଯେ ପ୍ରାଣଘାତକ ନିଶା ।

ଷୋଡ଼ଶୀ ରୂପବତୀ କନ୍ୟା ପରି ନଦୀ
ଆଜି ରାଗିଯାଇ ଘାଇଲା ବାଘୁଣୀ ସାଜିଛି
ବର୍ଷା ଲାଗି ସେ ଉଚ୍ଛୃଂଖଳ ହୋଇଉଠିଛି
ତା' ମୁହଁରେ ଆଜି ଲାଜ ସରମ ନାହିଁ
ସେ ନିଜ ସଂଯମ ହରାଇ
ପାଗଳିନୀ ଭଳି
ବିଚିତ୍ର ବ୍ୟବହାର କରୁଛି
ହଁ, ସେ ନିଜେ ବି ବୋଧେ ଜାଣିନି ଯେ
ତା'ର ଜଳ ଏତେ ନିଷ୍ଠୁର, କଠୋର ହୋଇପାରେ,
ଯିଏ ଗାଁ-ଗାଁକୁ ବୁଡ଼େଇଦିଏ,
ଭାସୁଛି କେତେ ଯେ କେତେ ଶବ
ହଜିଯାଇଛି କେତେ ଲୋକଙ୍କ ନିଃଶ୍ୱାସ,
ଅନ୍ତିମ ଚିତ୍କାର, ଅସହାୟତା ...
ଯାହା ପାଣି ସହିତ ମିଶି
ପାଣି ହୋଇ ବହିଚାଲିଛି,
ବିନାଶକାରୀ ପ୍ରକୃତି
ଆମକୁ ତା'ର ବିକୃତ ପରିଚୟ ଦେଇଛି
ହଁ, ପାଣିର ଏ ଯେ ପ୍ରାଣଘାତକ ନିଶା ।

## ଆଶା

ନରେନ୍ଦ୍ର ମୋଦିଙ୍କ କବିତା 'ଆଶା'ରେ, ମୋଦିଜୀଙ୍କର ଆଶାବାଦୀ ମନୋବଳ ସ୍ୱଷ୍ଟ 'କ୍ଷମା'କୁ ସଂପଦ ଭାବରେ ବିବେଚନା କରିଅଛନ୍ତି । ଏତଦ୍‌ବାଦ ଦୃଢନିଶ୍ଚିତ ଓ ଦୃଢ ନୀତିନିଷ୍ଠ ଜୀବନସାର ସେହି ଗୋଟିଏ ହିଁ ବେଶ୍ କବିତ୍ୱ ବେଶ୍ ହୃଦୟସ୍ପର୍ଶୀ ଅଟେ ।

ଆଲୋକର ଆଶା ନେଇ
  ଅନ୍ଧକାରକୁ ଫିଙ୍ଗିଦେଲି
  ମୁଁ ଅନ୍ଧକାରକୁ ଦୂରେଇଦେଲି ।
ଆଲୋକର ଆଭା ଦେଖି
  ଅନ୍ଧକାରକୁ ଫିଙ୍ଗିଦେଲି
  ମୁଁ ଅନ୍ଧକାରକୁ ଦୂରେଇଦେଲି ।

କାଳଚକ୍ରର କାଳିମାକୁ ଭେଦି
ଆଲୋକର ଏବେ ନାହିଁ କିଛି ସୀମା ।
ଜ୍ୟୋତି ଆଜି ଏପରି ପ୍ରକଟିତ
ଯେପରି ନବରଙ୍ଗୀ ପର
ଆଲୋକ ହିଁ ଆଲୋକ
ଆଜି ଖାଲି ଆଲୋକ ହିଁ ଆଲୋକ
ଆଲୋକର ଆଶା ନେଇ,
  ଅନ୍ଧକାରକୁ ଫିଙ୍ଗିଦେଲି ।

ଗତି ଗୋଟିଏ, ମତି ବି ଗୋଟିଏ,
ଆଉ ପ୍ରଗତିର ପଥ ମଧ୍ୟ ଗୋଟିଏ
ଦୃଢ଼ ନିଶ୍ଚୟ ଓ ଦୃଢ଼ ନୀତିନିଷ୍ଠ
ଜୀବନସାରା ସେଇ ଗୋଟିଏ ହିଁ ବେଶ ।
କୁସଂଗକୁ ତ ଚିରଦିନ ପାଇଁ



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## ପ୍ରଭୁକୃପା

ନରେନ୍ଦ୍ର ମୋଦି ତାଙ୍କର କବିତା 'ପ୍ରଭୁକୃପା'ରେ ନିଜକୁ ଭଗବାନଙ୍କଠାରେ ସମର୍ପିତ କରିଅଛନ୍ତି । ସାରା ଦୁନିଆଁକୁ ଖୁସିଦେଇ ପାରିବିନାହିଁ ମାତ୍ର ପ୍ରଭୁଙ୍କୁ ନାରାଜ କରିବିନି । ତୁମର କୃପାରେ ଅନେକ ଅସାଧ୍ୟ ସାଧ୍ୟ ହୋଇଥାଏ, କୌଣସି ଦିନ ଏକାନ୍ତରେ ପ୍ରଭୁଙ୍କୁ ପ୍ରଶ୍ନ ପଚାରିବେ । ଏହିପରି ଏ କବିତାଟିର ସାରାଂଶ ।

ହେ ପ୍ରଭୁ !
ମୁଁ ନିଜକୁ ଆଉ ଏ ସାରା ଦୁନିଆଁକୁ
ଖୁସି ଦେଇପାରିବି କି ନାହିଁ, ଜାଣେନା
କିନ୍ତୁ ତୁମକୁ କେବେହେଲେ ନାରାଜ କରିବିନି ।

ତୁମରି କୃପାରୁ ଯେ କଟାଂ ଫୁଲ ହୁଏ
ଯଦି କୌଣସି ଛତ୍ରଛାୟା ନଥାଏ ଓ
ପ୍ରବଳ ବର୍ଷା ହେଉଥାଏ,
ତେବେ ତୁମେ ଖରା ହୋଇ ପାଖକୁ ଆସ ।

ଯେକୌଣସି ଋତୁ ହେଉ,
ଏମିତି ଆସେ ଆଉ  ଚାଲିଯାଏ
କିନ୍ତୁ ମୋ ଅନ୍ତରର ଋତୁରେ
ତୁମେ ମୋତେ ବସନ୍ତର ଆଭାସ ଦେଇ ଚାଲିଥାଅ
ତୁମେ ମୋତେ କେତେ କ'ଣ ଦେଇଛ ।

ତାହେଲେ କୌଣସି ଦିନ ଏକାନ୍ତରେ
ତୁମକୁ ଓ ମୋତେ, ଦୁହିଁଙ୍କୁ
ଗୋଟିଏ ପ୍ରଶ୍ନ ପଚାରନ୍ତି –
ହେ ପ୍ରଭୁ,
ତୁମକୁ ଖୁସି କରିବାକୁ
ମୁଁ କ'ଣ କରିବି ଓ କ'ଣ ନ କରିବି ?

## ପ୍ରତୀକ୍ଷା

ନରେନ୍ଦ୍ର ମୋଦି କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ପ୍ରତୀକ୍ଷା' ଏକ କବିତାଟିଏ । ପ୍ରତୀକ୍ଷାରେ ସେ ସୂର୍ଯ୍ୟଙ୍କୁ ଏକ ସୂର୍ଯ୍ୟମୁଖୀ ଫୁଲ ଉଇଁବା ପାଇଁ ସକାଳକୁ ପ୍ରତୀକ୍ଷା କରି ରହିଅଛି । ତତ୍‌ସହିତ ମଧ୍ୟାହ୍ନରେ ଟିବି ରୋଗୀଭଳି କାଶୁଛି ଓ ସଞ୍ଜ ବିବଶତାରେ ନଇଁଯାଇଛି ଓ ଶୋଇଯାଇଅଛି

ଆକାଶରେ ପଥର ଭଳି ସୂର୍ଯ୍ୟ ଉଇଁଲେ
ଝୋଟ ପରି ସାରା ଦିନ
ଏକଦମ ଖଦଖଦଡ଼ିଆ
ଶୁଷ୍କ ପବନ ବୃକ୍ଷ ସହିତ
ବିଚିତ୍ର ବ୍ୟବହାର କରୁଛି
ମଧ୍ୟାହ୍ନ ଟି.ବି. ରୋଗୀ ଭଳି କାଶୁଛି
ସଞ୍ଜ ବିବଶତାରେ ନଇଁଯାଇଛି ଓ ଶୋଇଯାଇଛି ।

ରାତିସାରା ସୂର୍ଯ୍ୟମୁଖୀ
କରୁଛି ପ୍ରତୀକ୍ଷା
ଆଗାମୀକାଲିର ସୂର୍ଯ୍ୟକୁ
କହୁଛି :
କେବେ ତ ସୂର୍ଯ୍ୟ ଫୁଲ ହୋଇ ଉଇଁବ !





ପକେଇଦେଇଛି ତାଲା
ଆଲୋକ-ଆଲୋକ
ଆଲୋକର ଆଶା ନେଇ,
ଅନ୍ଧକାରକୁ ଫିଙ୍ଗିଦେଲି ।

ଯଶ-କୀର୍ତିରେ ମୋର ଲୋଭ ନାହିଁ
କୌଣସି ପସନ୍ଦ ଅପସନ୍ଦ ନାହିଁ
ହୃଦୟରେ ବିରାଜିଛି ସବୁବେଳେ କ୍ଷମା
ହୃଦୟର ରାମ ହିଁ ରକ୍ଷକ
ଯାହା ଅଛି ହୃଦୟରେ ଜମା ।
ଆଲୋକ-ଆଲୋକ
ଆଲୋକର ଆଶା ନେଇ
ଅନ୍ଧକାରକୁ ଫିଙ୍ଗିଦେଲି ।

## ଉଷ୍ମାର ଅଭାବ

ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଧନ୍ୟ ଏଇ ଆଖି"ରେ 'ଉଷ୍ମାର ଅଭାବ' ଏକ ହୃଦୟସ୍ପର୍ଶୀ କବିତାଟିଏ । ମାନବ ସହିତ ପ୍ରେମର ଉଷ୍ମା ବାଟିଂବାରେ ଯେକି ଆନନ୍ଦ ଏକଥା ମୋଦିଜୀଙ୍କ ଛଡା ଆଉ କିଏ ଜାଣେ, ପ୍ରେମ ବିନା ମଣିଷ ପଙ୍ଗୁ ଓ ନାଚାର ହୋଇପଡେ, ପରାଧିନତାର ଜୀବନ ବଚିଂବାକୁ ସେ ବାଧ୍ୟ ହୋଇଥାଏ, ଏହା ହିଁ ତାଙ୍କ କବିତାର ନିର୍ଯ୍ୟାସ ।

ଉଷ୍ମା ବିନା ମଣିଷ ଭଳି ମଣିଷ ବି
ଏଠି ଧଇଁସଇଁ ହୋଇଯାଏ
ମଣିଷ ଭଳି ମଣିଷ କାହା ପାଇଁ
ଜଣେ ଅନ୍ୟକୁ ଶାପ ଦିଏ ?
ପାଣିକୁ ଉଷ୍ମା ନମିଳେ ଯେବେ
ଶୁଖିଯାଆନ୍ତି ଏ ଗଛପତ୍ର ତେବେ
ଥୁଟାଂ ଗଛରେ ବସି
କୋଇଲି ପଚଂମ ତାନରେ ଗୀତ ଗାଇପାରେ କି କେବେ ?
ମଣିଷ ମଣିଷକୁ ଥାପୁଡ଼େଇ
ପୁଣି କାହିଁକି କରେ ଅବଜ୍ଞା ?
ଉଷ୍ମା ବିନା ମଣିଷ ଭଳି ମଣିଷ ବି
ଏଠି ଧଇଁସଇଁ ହୋଇଯାଏ ।
ପ୍ରେମ ବିନା ଏ ମଣିଷ ପଙ୍ଗୁ ଓ ନାଚାର,
ବଚେଂ ପରାଧୀନ ହୋଇ
ହାତେ ଧରି ପୁଣି ଅଭାବର ସୂତା,
କ୍ଷଣ-କ୍ଷଣକୁ ସେ କରେ ସିଲେଇ ।
କରେ ଧରି ଛୁରୀ ସ୍ମିତହସର
ଗୋପନରେ କାଟେ ଲୁହର ଧାର
ଉଷ୍ମା ବିନା ମଣିଷ ଭଳି ମଣିଷ ବି
ଏଠି ଧଇଁସଇଁ ହୋଇଯାଏ ।





## ପାରଦର୍ଶୀକ

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ପାରଦର୍ଶୀକ' ଏକ କବିତାଟିଏ । ଏହି କବିତାରେ ମୋଦିଜୀ ଜଳପରି ପାରଦର୍ଶୀକ ହେବାରେ ବିଶ୍ୱାସ କରନ୍ତି । ନିଜପାଇଁ କୌଣସି ପାର୍ଥୀବ ସୁଖ ମାଗିନାହାଁନ୍ତି ।

ଅମାବାସ୍ୟା ରାତିର ରହସ୍ୟମୟ ମୌନତା
ଅଥବା
ନିର୍ଲଜ୍ଜ ଅପରାଧୀ ଭଳି ଚୁପ୍ ରହିବାରେ
ମୁଁ ବିଶ୍ୱାସ କରେନି
ଜଳ ପରି ପାରଦର୍ଶୀକ ରହିବା ଓ
ପ୍ରବହମାନତାର ଉତ୍ସବ କ'ଣ,
ତାହା ମୁଁ ଭଲଭାବରେ ଜାଣେ ।

ମୃଗତୃଷ୍ଣା ଓ ପୋଖରୀରେ
ବେଙ୍ଗମାନଙ୍କର ସ୍ୱର୍ଗର ଆଭାସ
ତଥା ଭ୍ରମର ଭେଦକୁ ମୁଁ ଭେଦିପାରେ
ଅନ୍ୟାୟ ସମ୍ମୁଖରେ ଆଖି ଉଠେଇବା
ଓ ନ୍ୟାୟ ଆଗରେ ମୁଣ୍ଡ ନୁଆଁଇବାରେ
ମଣିଷର ସଂକୋଚବୋଧ ଅନୁଚିତ ।

ସମୟସମୟରେ  ଭିନ୍ନଭିନ୍ନ ପରିଚୟ
ମୁଁ ମହୁମାଛି ।
ପଥର ଦିଏ କଷ୍ଟ ଓ ଆଘାତ କିନ୍ତୁ
ସେଥିରେ ହିଁ ଦୂରହୁଏ ସଂକଟ
ପଥରରେ ବନାଇବି ଶିଡ଼ି
ଯିଏ ପର୍ବତରେ ପହଚାଂଏ
ସ୍ୱୟଂ ସିଏ ମୋର ପ୍ରଭୁ ସବୁବେଳେ;
ସମସ୍ତଙ୍କ ସାଥୀ ମୁଁ
ସମୟସମୟରେ ଭିନ୍ନଭିନ୍ନ ପରିଚୟ
ମୁଁ ମହୁମାଛି ।





## ଉଠ ପୁତ୍ର ! ବିଜୟ ନିଅ

କବି ନରେନ୍ଦ୍ର ମୋଦିଙ୍କ କବିତା 'ଉଠ ପୁତ୍ର ! ବିଜୟ ନିଅ' ଏକ ଜାଗ୍ରତ କବିତା । ମା' ମାଟି ପାଇଁ ସଦାସର୍ବଦା ଲଢେଇରତ ସଂଗ୍ରାମୀ ପୁଅ – ବସୁଧାର କଠିନ ବେଳାରେ ଜାଗ୍ରତ ହେବାକୁ ଆହ୍ୱାନ ବେଶ୍ ସାରଗର୍ଭକ ।

ବସୁଧାର ଏ ଯେ କଠିନ ବେଳା
ଆସ, ସଭିଏଁ ହୁଅ ଏକାଠି
ଆଜି ବିଜୟର କର ସ୍ୱାଗତ
ଆସ, ଆଜି ବିଜୟର କର ସ୍ୱାଗତ ।

ଈର୍ଷା, ଦ୍ୱେଷ ଛାଡ଼ି
ଭରିଦିଅ ମାଟିରେ ବାସନାର ଗନ୍ଧ
ଉଠ, ଜାଗ ତୁମେ, ଦଉଡ଼, ଦଉଡ଼
ରୁହ ସବୁବେଳେ ଏକାସାଥେ
ରୁହ ନାହିଁ ତୁମେ ଏକାଏକା
ଧରାକୁ ଲାଗିଛି ଶକ୍ତ ଧକ୍କା ।
ବସୁଧାର ଏ ଯେ କଠିନ ବେଳା ।

ପୀଡ଼ିତ ମାନବ, ଆର୍ଦ୍ର ଜୀବନ
ମନ ହୋଇଅଛି ପଦ୍ମାସନ
ଚେହେରା ଭିନ୍ନ ଏ ସମାଜର
କିନ୍ତୁ ନୁହେଁ ଏ ଯେ ଅବାନ୍ତର
ଅନ୍ତର ଭରିଛି ଉଦ୍‌ବେଗରେ
ଧରଣୀ ପଡ଼ିଛି ବିପଦରେ ।
ବସୁଧାର ଏ ଯେ କଠିନ ବେଳା ।

ଧରଣୀର ଧୂଳି ମାଥେ ଧରି
ବସନି ତୁମେ ଯେ କରଯୋଡ଼ି
ଚାଲ, ଚାଲ ତୁମେ ନୂଆ ବାଟେ
ସ୍ୱପ୍ନ ସଜାଅ ବାଟେଘାଟେ
ଧରଣୀର ଏ ଯେ ଘଡ଼ିସନ୍ଧି ।
ବସୁଧାର ଏ ଯେ କଠିନ ବେଳା ।

ଏଠି କାଦୁଅ ପାଦର କାମ ନାହିଁ
ବୀର ସୁପୁତ୍ରଙ୍କ ଧାମ ଏହି
ଗଗନଭେଦୀ ଜୟଘୋଷ କରେ
ତରଣେତରର ମେଳା ।
ବସୁଧାର ଏ ଯେ କଠିନ ବେଳା ।





## ପରିଚୟ

ନରେନ୍ଦ୍ର ମୋଦିଙ୍କ କବିତା 'ପରିଚୟ'ରେ ସେ ଶୀତୁଆ ସକାଳର ବୈଶାଖରେ ମହୁମାଛି କିପରି ଫୁଲରୁ ଫୁଲ ବସି ନିଜର ପରିଚୟ ବଦଳାଇଥାଏ, ସମାଜରେ ଅନେକ ଦାରିଦ୍ର୍ୟ, କାଙ୍ଗାଳ ଲୋକଙ୍କ ସହ ସେ ନିଜ ମନର ରାଜା ଭାବରେ ଅଭିହିତ କରିଛନ୍ତି । ପଥର ଦେଇଥାଏ କଷ୍ଟ, ଆଘାତ ପୁଣି ସେହି ପଥର ବନାଇଥାଏ ଘରର ଶିଡି, ଏଠାରେ କବିଙ୍କ କାବ୍ୟତ୍ୱ ବେଶ୍ ହୃଦୟସ୍ପର୍ଶୀ ।

ସମୟସମୟରେ ଭିନ୍ନଭିନ୍ନ ପରିଚୟ
ମୁଁ ମହୁମାଛି ।
ଶୀତୁଆ ସକାଳର ସୂରୁଜ ଭିତରେ
ମୁଁ ବୈଶାଖ ।

ମାଛି ହୋଇ ଏଠିସେଠି
ମୁଁ କେବେ କେଉଁଠି ନାହିଁ ବସି
ଫୁଲ ପାଶେ ବସି ମୁଁ ତ
ପରିମଳରେ ଯାଏ ପଶି ।
ସୁଶୀତଳ ପବନର ମନ୍ଦମନ୍ଦ ପ୍ରବାହରେ
ମୁଁ ଗୋଲାପୀ ଫୁଲ
ସମୟସମୟରେ ଭିନ୍ନଭିନ୍ନ ପରିଚୟ
ମୁଁ ମହୁମାଛି ।

ଉପବନ ହେଲେ ବି ଏଠି ରାଗ ଅଛି
ଆଉ ଚାଲିଛି ରଂଗରଂଗିଆ ଲୀଳା
ତିଆରି ରାସ୍ତାରେ ଚାଲିବିନି
କାରଣ, ଅଛି ମୋର ଅନେକ ରାସ୍ତା
ଏମିତି ଦେଖିଲେ ଦରିଦ୍ର, କାଙ୍ଗାଳ
କିନ୍ତୁ ମୋ ମନରୁ ମୁଁ ରାଜା ।

## ପ୍ରଜାପତି

ନରେନ୍ଦ୍ର ମୋଦିଙ୍କ 'ପ୍ରଜାପତି' କବିତାରେ - ପ୍ରଜାପତିଟିଏ ଯେପରି ଫୁଲରୁ ଫୁଲ ଉଡିବୁଲିଥାଏ, ଠିକ୍ ଅଦ୍‌ଭୁତ ଏହି ଜୀବନ ଚାଲିଥାଏ ଯିବା ଆସିବାର ଧାର ଅବା ମନରେ ସ୍ମୃତିର ଘରଟିଏ କରିଥାଏ ତାହାକୁ ବର୍ଣ୍ଣନା କରିଅଛନ୍ତି ।

ଫୁଲ ଉପରେ ବସେ, ବସୁବସୁ ଉଡ଼ିଯାଏ
ପ୍ରଜାପତି ପୁଣି ରଂଗରେ ହଜିଯାଏ ।
ଆଖପାଖେ ଖେଳିଯାଏ ବାସ୍ନାର ପୋଖରୀ
ସେଥିରେ ପହଁରେ ପ୍ରଜାପତି
ସତେକି ନାଆ ସେ ଯେପରି ।
ସୁଖର କୋମଳ ସୂର୍ଯ୍ୟ ଉଇଁଆସେ
ଫୁଲ ଉପରେ ବସେ, ବସୁବସୁ ଉଡ଼ିଯାଏ ।

ଅଦ୍‌ଭୁତ ଏଇ ଜୀବନ,
ଚାଲିଥାଏ ଯିବାଆସିବାର ଧାର
କେହି ଯଦି ଆସି ଚାଲିଯାଏ ଥରେ,
ମନରେ କରେ ସେ ସ୍ମୃତିର ଘର ।
ଡୋରି ଲାଗିଲେ ଛିଡ଼ି ତ ନଯାଏ
ପ୍ରଜାପତି ପୁଣି ରଂଗରେ ହଜିଯାଏ ।





## ଉଠବୀର

ନରେନ୍ଦ୍ର ମୋଦିଙ୍କ କବିତା 'ଉଠବୀର' ଏକ ଜାତୀୟତା ପ୍ରୀତି ପରିଲିଖିତ । ଜଣେ ସାଧକର ସାଧନାରେ ଦେଶର ଚିନ୍ତା ଆସାମ ନୁହେଁ ଦେଶର ଭବିଷ୍ୟତ ଜଳୁଛି, ଆମକୁ ଜାଗ୍ରତ ହେବାକୁ ହେବ ଅବା ଜଗତରେ ନାଁ କମାଇବାକୁ ହେବ ।

ନିଦର ଚାଦର ଘୋଡ଼ି
ଶୋଇଥାଉ ଶରୀର
ବୀର ତୁମେ ଉଠ ! ଜାଗ
ଚମକୁଥାଉ ଖମଣି ମୋର ।
ଆକାଶିଆ ବହ୍ନିର
ହୁତ୍‌ହୁତ୍ ଜଳୁଥିବା ଜାଲ ସେ ଆଣିଛି ...
ବର୍ଚ୍ଛାରେ ହତ ଏ କିରଣକୁ ଆସ, ଆସ
କର ଯେ ଆହ୍ୱାନ
ଦେବୀ କାମାକ୍ଷାଙ୍କ ଚିତ୍କାରକୁ ଶୁଣ ନିଜ କାନରେ
ତା' ପୂର୍ବରୁ ଜାଗ୍ରତ ହେଲେ
କିଛି କରିଲ ବୋଲି ଜାଣିବ
ଜଗତରେ ନାଁ କମାଇବ ।
ତା' ପୂର୍ବରୁ ଉଠ ...
ରୁକ୍ମିଣୀଙ୍କ ରୋଦନ ଶୁଣି
ଦ୍ୱାରକାନାଥ ହୋଇ ଦଉଡ଼,
ତୁମ ପାଖରେ ସମୟ ଅତି କମ୍
ସୁଦର୍ଶନ ଚକ୍ର ନେଇ ଦଉଡ଼
ଆଉ ବଇଁଶୀ ହୋଇ ବାଜନି
ହେ ବୀର ! ଏବେ ତ ଜାଗ ।
ହଁ, ବାଣୀ ନଷ୍ଟଭ୍ରଷ୍ଟ ହେବ
ତା' ପୂର୍ବରୁ ଦଉଡ଼, ଜାଗ,

ମାନବତାକୁ ନ ଲାଗୁ
କେବେ ବି କେଉଁଠି କିଛି ଦାଗ ।
ସ୍ୱପ୍ନ ...
ନିଆଁର ରାଗିଣୀରେ
ଦଳିହୋଇଗଲେ
ଅନ୍ଧ ପ୍ରାଣୀମାନଙ୍କ ପରି
ମତଦାନ ପେଟି ମୃତ୍ୟୁର ପେଟି ହେଲା
ମତ ନାହିଁ, ମୁଣ୍ଡ ଗଡୁଛି
ହିମାଳୟର କୋଳରେ ଜଙ୍ଗଲି ନିଆଁ ଲାଗିଛି
ଏ ଜଙ୍ଗଲି ନିଆଁକୁ ଆୟତ କର, ଦଉଡ଼, ଲିଭାଅ ।
ଈଶ୍ୱରଙ୍କଠୁଁ କୃପା ମାଗ ।
ହେ ବୀର ! ଏବେ ତ ଜାଗ
ଆସାମ ଥରୁଛି
ବଧ ହେଉଥିବା ଶିଶୁମାନଙ୍କ ଚିତ୍କାରରେ
ନିଃସହାୟ ଏ ସପ୍ତରଙ୍ଗିଣୀ
ଚିତାରେ ଜଳୁଛି ।
ଉଠ ବୀର ଓ ଧୀର ...
କେବଳ ଆସାମ ନୁହେଁ,
ଦେଶର ଭବିଷ୍ୟତ ଜଳୁଛି;
ଉଠ ବୀର ଓ ଧୀର
ଦେହରେ ଭୀରୁତା ପ୍ରବେଶ ପୂର୍ବରୁ
ଉଠ ଆଗ ତୁମେ ଉଠ
ବୀର ଏବେ ତୁମେ ଜାଗ ।





ଭୋକିଲା ଦେହ, ଭାଙ୍ଗିଲା ମନ
ମଣିଷ ମଣିଷଠୁଁ ରୁଷିଲା
ମୁଖ୍ୟ ନୁହେଁ ବୟସ ସାଗର
ଉଛୁଳୁଛି ଏଇ ପରିବାର
ଭାଙ୍ଗିବାକୁ ଏ ପାଚେରି
ଆଖିରେ ଭରିଛି ଦାଉଦାଉ ନିଆଁ
କିଏ ଡାକୁଛି, କିଏ ଆହ୍ୱାନ କରୁଛି ।

ଭଗ୍ନସ୍ତୂପରୁ ଖୋଜ ସ୍ୱପ୍ନ
ବଚିଂବା ପାଇଁ ଏହା ନିତାନ୍ତ ଦରକାର
ଅତୀତକୁ ଭୁଲି
ଆଜି ହୃଦୟ ଖୋଲି
କ୍ଷିତିଜକୁ ଦିଅ ବିସ୍ତାର
ବୁଡ଼ିଥିବା ଲୋକଙ୍କୁ କର ଉଦ୍ଧାର
ଦୁହେଁ ଦୁହିଁଙ୍କର ହୁଅ ଆଧାର
ଆଲୋକର ଅବତାର
କିଏ ଡାକୁଛି, କିଏ ଆହ୍ୱାନ କରୁଛି ।

## ଆହ୍ୱାନ

ନରେନ୍ଦ୍ର ମୋଦିଙ୍କ କବିତା 'ଆହ୍ୱାନ' । ମୋଦି କବିତାଟିରେ ସଂପ୍ରଦାୟରେ ବିଖଣ୍ଡିତ ମାନବର କଥାସହ, ସମାନତାରେ ଏକତାର ଭାବ, ଚତୁର୍ଦ୍ଦିଗରେ ଅଶ୍ରୁସହ ସର୍ବତ୍ର ଅନ୍ଧାର ଏହିଭଳି ଆହ୍ୱାନକୁ ଉପସ୍ଥାପନା କରିଅଛନ୍ତି ।

ଧରା ଡାକୁଛି
ନଭ ଡାକୁଛି
ଭୁଲିଯାଇଥିବା ପଥିକର ରାସ୍ତା ଅଛି
ଆଉ ପାର୍ଥକୁ ଆହ୍ୱାନ କରୁଛି ।

ସଂପ୍ରଦାୟରେ ବିଖଣ୍ଡିତ ମାନବ
ମାନବରୁ ହୁଏ ଦାନବ
ହୁଙ୍କାରର ହୋହଲ୍ଲାରେ
ହୋଇଛି ବହୁତ ଅଶାନ୍ତି ଏଠି
ଅହଂକାରର ଠିଆପାଚେରି ଏଠି
ଆଉ ସ୍ୱପ୍ନର ସଂହାର ଏଠି
କିଏ ଡାକୁଛି, କିଏ ଆହ୍ୱାନ କରୁଛି ।

ସମାନତାର କଥା କଥାରେ ରହିଲା
ଆଉ ଏକତାର ଭାବ
ପେଷିହୋଇଗଲା
ସମ୍ବିଧାନର ବନ୍ଦ୍ କବାଟ ଓ
ଈର୍ଷା-ଦ୍ୱେଷର ଖାଲ ରହିଗଲା
ଚତୁର୍ଦ୍ଦିଗ ଅଶ୍ରୁ
ଆଉ ସର୍ବତ୍ର ଅନ୍ଧାର ହୋଇଲା
କିଏ ଡାକୁଛି, କିଏ ଆହ୍ୱାନ କରୁଛି ।





## ଧାରେ ଲୁହ

ନରେନ୍ଦ୍ର ମୋଦିଙ୍କ କବିତା 'ଧାରେ ଲୁହ'ରେ ମୋଦିଜୀ ସଂପର୍କର ବାଖ୍ୟା କରିଛନ୍ତି । ସଂପର୍କ ଗଢିଥାଏ ଏବଂ ଭାଙ୍ଗିଯାଇଥାଏ, ମୋଦିଙ୍କୁ ଶୀତଳ-ମଧୁର ସଂପର୍କ ଆତଙ୍କିତ କରିଅଛି, ଫୁଲଭରା ରାସ୍ତା କଟଂକିତ ହୋଇଅଛି, ଆଖିରେ ଧାରେ ଲୁହ ଆସିଅଛି । ଏହା ବେଶ୍ ଭାବଶବ୍ଦ ବୋଧକ କବିତାଟିଏ ।

ସଂପର୍କ ଗଢ଼ାହୁଏ, ଗଢ଼ାହୋଇ ଭାଙ୍ଗିଯାଏ,
ଦେଇଯାଏ ଆଖିରେ ଧାରେ ଲୁହ
ଶୁଖିଯାଇଥିବା ଲୁହରେ ଅଛି ପଥରର ଭାର,
କେଉଁ ଅଜଣା କୋଣରେ ପଡ଼ିଛି ସିତାର,
ଯାହାର ଛିଡ଼ିଯାଇଛି ସବୁତକ ତାର ।

ଲୁ' ହୋଇ ବହୁଛି ଶୀତଳ ତରଙ୍ଗ,
ଛାଡୁନାହିଁ ନିଜ ଘର
ଆଖିରେ ରହୁ ଟୋପାଏ ଲୁହ
ଶୁଖୁପଛେ ଲୁହଧାର ।
କେତେବେଳଯାଏ ସାଇତିରଖିବ କାଚର ଏ ଛୋଟ ଖଣ୍ଡ,
ଆଶା ଓ ଆକାଂକ୍ଷା ଏତେ ଯେ ବାଧୁନାହିଁ କେଉଁ ଦଣ୍ଡ,
ବୋହିଯାଉଥିବା ପାଣିରେ ମୋ ଭାଇ, ଟାଣିହୁଏ ନାହିଁ ଗାର
ଆଖିରେ ରହୁ ଟୋପାଏ ଲୁହ ଶୁଖୁପଛେ ଲୁହଧାର ।

ଶୀତଳ-ମଧୁର ସଂପର୍କ ମୋତେ କରେ ଆତଙ୍କିତ,
ଫୁଲଭରା ରାସ୍ତା ମୋତେ ଲାଗେ କଟଂକିତ,
ଆସିବନି ଆଉ କେହି ଏ ବନର ଏକାନ୍ତ ଭିତରେ
ଆଖିରେ ରହୁ ଟୋପାଏ ଲୁହ, ଶୁଖୁପଛେ ଲୁହଧାର ।

## ଏଭଳି ମଣିଷ

କବି ନରେନ୍ଦ୍ର ମୋଦିଙ୍କ 'ଏଭଳି ମଣିଷ' କବିତାଟିରେ କବି ସତ୍ୟକୁ ଅଗ୍ରଦୂତ କରିଅଛନ୍ତି । ସବୁ ଜାଗାରେ ସବୁକଥା କହି ହୁଏନାହିଁ, ଅନ୍ୟର ନିନ୍ଦା ଶୁଣି ଚୁପ୍ ରହିବା ପାପ, ସତକହି ଯିଏ ସ୍ୱୀକାର କରେ ନପାରେ ତାକୁ ସନ୍ତାପ । ଏହା କବିତାଟିର ନିର୍ଯ୍ୟାସ ।

କହିବା ଜାଗାରେ କହେନି ଯିଏ
ନ କହିବା ସ୍ଥାନେ ବହୁତ କୁହେ
ଏଭଳି ମଣିଷ ସଦା
ଘାସ ବୋଲାଏ ।
ଶବ୍ଦର ତୁମେ ଆଖି ତ ଖୋଲ
ଯାହା କହିବାର କୁହ, ନ ରଖି ଢାଲ
ରହସ୍ୟପୂର୍ଣ୍ଣ ମୌନତାର ଆଡ଼ମ୍ବରକୁ
ଉଷ୍ମାର ଆଂଚରେ ନିଜେ ଜଳାଅ ।
କେବେ ବସିବାନି ଆମେ ଖୋସାମତିଆର କୋଳରେ
କହିବା ଜାଗାରେ କିଛି ନ କହିବା
ନ କହିବା ସ୍ଥାନେ କହିବା କାହା ବୋଲରେ ?
କହିବା ଜାଗାରେ କୁହେନି ଯିଏ
ନକହିବା ସ୍ଥାନେ ବହୁତ କୁହେ ।
ଅନ୍ୟର ନିନ୍ଦା ଶୁଣି ଚୁପ୍ ରହିବା ପାପ
ସତ କହି ଯିଏ ସ୍ୱୀକାର କରେ
ତା'ର ସବୁ ଦୋଷ କ୍ଷମଣୀୟ
ନ ଘାରେ ତାକୁ ସନ୍ତାପ ।
ପବନର ଲହରିରେ, ବୃକ୍ଷର ଗୌରବ
ମତୁଆଲା ହୋଇ ହଲେ
ଅନନ୍ତ କାଳର ଏଇ ପ୍ରକୃତିରେ
କେହି କେବେହେଁ ମିଛ ନ ବୋଲେ ।





## ଖୋଲା ହୃଦୟ

କବି ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ଖୋଲା ହୃଦୟ' ଏକ କବିତା ଅଟେ । ମୋଦିଜୀ ନିଜର ହୃଦୟକୁ ଏଠି ବଖାଣିଛନ୍ତି । ସେ ଜଣେ ଖୋଲା ହୃଦୟର ବ୍ୟକ୍ତି ତତ୍‌ସହିତ ଉଦାହରଣ ଦେଇଅଛନ୍ତି - ଜଳୁଥିବା ଲଣ୍ଠନଟିଏ, ଆହ୍ୱାନକୁ ସ୍ୱୀକାରୁଥିବା ମଣିଷଟିଏ, ନିଜର ବଂଶଜ ଅବା ନିଜର ଆତ୍ମଜ ଭାଗ୍ୟକୁ ଏଠି ପଚାରେ କିଏ, ବେଶ୍ ସାରଗର୍ଭକ ।

ଭାଗ୍ୟକୁ କିଏ ପଚାରେ ଏଠି ?
ମୁଁ ତ ଆହ୍ୱାନ ସ୍ୱୀକାରୁଥିବା ମଣିଷଟିଏ ।
ମୁଁ ତେଜ କାହାଠୁ ଧାର୍ ନେବିନି
ମୁଁ ନିଜେ ଜଳୁଥିବା ଲଣ୍ଠନଟିଏ ।
ମୁଁ କାହାର ଦୟା ଚାହେଁନା
ମୋ ପାଇଁ ମୋର ଜ୍ୟୋତି ଯଥେଷ୍ଟ ।
ଘନଅନ୍ଧାର କାଟିବା ପାଇଁ
ପଦ୍ମ ତେଜର ସ୍ଫୂର୍ତ୍ତି ଯଥେଷ୍ଟ ।
କୁହୁଡ଼ିରେ ମୋର ରୁଚି ନାହିଁ
ମୁଁ ଯେ ଉନ୍ମୁକ୍ତ ଦରଦୀ ହୃଦୟ
ଭାଗ୍ୟକୁ କିଏ ପଚାରେ ଏଠି ?
ମୁଁ ତ ଆହ୍ୱାନ ସ୍ୱୀକାରୁଥିବା ମଣିଷଟିଏ ।
ଜନ୍ମକୁଣ୍ଡଳୀରେ କରେନା ବିଶ୍ୱାସ
ଗ୍ରହଙ୍କ ସମ୍ମୁଖେ ନୁଆଁଏନି ମୁଣ୍ଡ ।
ଭୀରୁର ଏହି ପଶାପାଲିରେ
ମୁଁ ଗୋଟି ଚଳାଏନି କାହା ଭୟରେ ।
ମୁଁ ନିଜେ ନିଜର ବଂଶଜ
ମୁଁ ନିଜେ ନିଜର ଆତ୍ମଜ ।
ଭାଗ୍ୟକୁ ଏଠି ପଚାରେ କିଏ ?
ମୁଁ ତ ଆହ୍ୱାନ ସ୍ୱୀକାରୁଥିବା ମଣିଷଟିଏ ।

## ନର୍ମଦା

ନରେନ୍ଦ୍ର ମୋଦିଙ୍କ କବିତା 'ନର୍ମଦା'ରେ ସେ ମା ନଦୀ ନର୍ମଦାକୁ ସମ୍ବୋଧନ କରିଅଛନ୍ତି । ଏହା ସହ ନର୍ମଦା ଗୁଜୁରାଟର ଅସ୍ମିତା, ନର୍ମଦା କୁଳଦେବୀ ନର୍ମଦା ବରଦାୟିନୀ ବୋଲି ଆଖ୍ୟା ଦେଇଅଛନ୍ତି

ନର୍ମଦା କେବଳ ଏକ ନଦୀ ନୁହେଁ
ଆମର ବର୍ଷବର୍ଷର ସାଧନା,
ଅମର ଆରାଧନା ।

ନର୍ମଦା ନକ୍ସାରେ ଅଙ୍କିତ ଏକ ଗାର ନୁହେଁ
ସେ ଗୁଜରାଟର ହସ୍ତରେଖା
ପ୍ରଜାଙ୍କର ଭାଗ୍ୟବିଧାତା ।

ନର୍ମଦାର ସ୍ୱଚ୍ଛ ଜଳରାଶି ଉପରେ
ମଇଳା ଚାଦର ବିଛେଇବାର ଚେଷ୍ଟା କରିବ ତ
ତୁମକୁ କବୀରଙ୍କ ରାଣ
ଏଇ ନର୍ମଦା
ଗାନ୍ଧିଜୀ, ନର୍ମଦା ଓ ମୁନସିଜୀଙ୍କର
ସରଦାରଙ୍କ ସ୍ୱପ୍ନ ସରିତା ଏହି ନର୍ମଦା
ଗୁଜରାଟର ଅସ୍ମିତା
ନର୍ମଦା କୁଳଦେବୀ
ନର୍ମଦା ବରଦାୟିନୀ ।





## ଉତ୍ସବ

ନରେନ୍ଦ୍ର ମୋଦିଙ୍କ କବିତା 'ଉତ୍ସବ' - ଗୁଡିଟିକୁ ନେଇ ରଚିତ । ଗୁଡି ଯେପରି ଏକ ମୁକ୍ତ ବିହଙ୍ଗ ଠିକ୍ ସେହିପରି ସୂର୍ଯ୍ୟ, ସତ୍ୟ, ଶିବ, ସୁନ୍ଦର, ଜନ୍ମର ବୈଭବ, ଭଗବତ ସତାକୁ ନେଇ ଏହି କବିତାଟି ବେଶ୍ ପରିପୂର୍ଣ୍ଣ ।

ଗୁଡ଼ି ...
ମୋ ପାଇଁ ଉଁଚା ଉଡ଼ାଣ ଉତ୍ସବ
ମୋର ସୂର୍ଯ୍ୟଙ୍କ ଆଡ଼କୁ ଅଭିଯାନ ।

ଗୁଡ଼ି ...
ମୋ ଜନ୍ମ ଜନ୍ମର ବୈଭବ
ମୋ ଡୋରି ମୋରି ହାତରେ,
ପୃଥିବୀରେ ପାଦ
ଆଉ ଆକାଶରେ ଗୋଟେ ପକ୍ଷୀ ଭଳି
ମୋର ଏଇ ଗୁଡ଼ି ...

ଅନେକ ଗୁଡ଼ିଙ୍କ ମଝିରେ ବି
ମୋ ଗୁଡ଼ି ହୁଏନି ଗୁଡ଼େଇ
କୌଣସି ଗଛର ଡାଳରେ
କେଉଁଠି ବି ଲାଖିଯାଏନି
ମୋ ଗୁଡ଼ି ...

ସତେ, ସେ ମୋ ଗାୟତ୍ରୀ ମନ୍ତ୍ର
ମୋର ନୁହେଁ, ଧନୀ ଗରିବ, ସମସ୍ତଙ୍କର
ସମସ୍ତଙ୍କର ଆଗ୍ରହ
ଧାଇଁଯାଇ ଛିଡ଼ିଯାଇଥିବା ଗୁଡ଼ିକୁ ଧରିବାରେ

ଏହି ଆନନ୍ଦ ବି ଅଦ୍‌ଭୁତ
ଆଉ ନିଆରା ।
ଛିଡ଼ିଯାଇଥିବା ଗୁଡ଼ିର ଅଛି
ଆକାଶର ଅନୁଭବ
ପବନର ଗତି ଓ ଦିଶାର ଜ୍ଞାନ
ସେ ନିଜେ ଥରେ ଯାଇଛି ଅନେକ ଉଚ୍ଚକୁ,
ସେଠି କିଛି କାଳ ରହିଛି
ତା'ର ପ୍ରତ୍ୟକ୍ଷ ପ୍ରମାଣ ବି ଅଛି ।

ଗୁଡ଼ି ...
ମୋର ସୂର୍ଯ୍ୟଙ୍କ ଆଡ଼କୁ ଯାତ୍ରା
ଗୁଡ଼ିର ଜୀବନ-ଖିଅ ତା' ଡୋରରେ
ଗୁଡ଼ିର ଶିବ ବ୍ୟୋମରେ
ଗୁଡ଼ିର ଡୋର ମୋ ହାତରେ
ମୋ ଡୋର ଶିବଙ୍କ ହାତରେ
ଗୁଡ଼ି ପାଇଁ ପବନ ଫିଟାଏ ବାଟ
ଶିବଙ୍କ ଆସନ ହିମର ଘାଟ
ଗୁଡ଼ି ଉଡୁଛି ମଣିଷଠୁ ଖୁବ୍ ଉଚ୍ଚରେ
ଗୁଡ଼ି ଉଡୁଛି ଶିବଙ୍କ କୋଳରେ
ଆଉ ଗଣ୍ଠି ଫିଟାଉଛି ଏ ମଣିଷ
ବସି ଧରା ଉପରେ ।





## ଦେହର କାମ ଦେହ କରୁ

କବି ନରେନ୍ଦ୍ର ମୋଦିଙ୍କର କବିତାଟିରେ ସେ ପ୍ରଭୁସତାକୁ ସ୍ମରଣ କରିଅଛନ୍ତି, ପ୍ରଭୁ ରାମ ଓ ଦେବୀ ସୀତା ତାଙ୍କର ଆରାଧ୍ୟ ଦେବାଦେବୀ ଅଟନ୍ତି । ତାଙ୍କର ପ୍ରିୟଧାମ ଅଯୋଧ୍ୟା ଧାମ ଯେଉଁଠି ତାଙ୍କର ଆରାଧ୍ୟ ଦେବତା ବସବାସ କରିଥାନ୍ତି ।

ଦେହର କାମ ଦେହ କରୁଛି, ମନ କରୁଛି ମନର କାମ,
ଅବିନାଶୀ ଏହି ଉପବନରେ ମୁଁ ଦେଖୁଛି ସୀତା ଓ ରାମ ।
ବିନା ବାଣୀରେ ବୀଣା ବାଜୁଛି
ମଧମ-ମଧମ ସ୍ୱର ଶୁଭୁଛି
ହୃଦୟ ମୋର ଜପିଚାଲିଛି କେବଳ ମାତ୍ର ତୋହରି ନାମ
ଦେହର କାମ ଦେହ କରୁଛି, ମନ କରୁଛି ମନର କାମ ।

ଦେହ, ମନ ଓ ହୃଦ ଭିତରେ ରହିଛି ଯାହା ସଚିଂ
ସତେଇଶି ଗୋଟି ନକ୍ଷତ୍ର ସିଏ ଭବିଷ୍ୟତର ମଞ୍ଜି ।
ଆଖିରେ ଗୋଟିଏ ସୃଷ୍ଟି ମୋର
ବହୁଛି ହୋଇ ନଦୀର ଧାର
ମୋ ପ୍ରିୟ ଅଯୋଧ୍ୟାଧାମ
ଯେଉଁଠି ବସନ୍ତି ରଘୁପତି, ରାଘବ, ରାଜାରାମ ।

## ଦୃଶ୍ୟ

ନରେନ୍ଦ୍ର ମୋଦିଙ୍କ କବିତା 'ଦୃଶ୍ୟ'ରେ ସେ ନିଜେ ତାଙ୍କ ଦୃଶ୍ୟକୁ ଦିଗନ୍ତବ୍ୟାପି ପରିବ୍ୟାପ୍ତ କରିଅଛନ୍ତି । ଭ୍ରମର ନିଜ ଗୁଞ୍ଜନରେ ଫୁଲରେ ଉନ୍ମାଦ ଭରେ ।

ବୃକ୍ଷରାଜିର ତୋଟାମାନେ
ବସିଛି ମୁଁ ଏକ ମହାବୃକ୍ଷ ତଳେ
ହରିତାଭଭରା ଏ ଘାସ ପବନରେ ଝୁଲେ
ପକ୍ଷୀ ପର କେବେ କରେ ବନ୍ଦ୍, କେବେ ଖୋଲେ,
ଭ୍ରମର ନିଜ ଗୁଞ୍ଜନରେ
ଫୁଲରେ ଉନ୍ମାଦ ଭରେ ।

ଦିଗନ୍ତବ୍ୟାପୀ ଦୃଶ୍ୟ ସହ
ଆଖି ମିଶେ ଆଉ
ସଞ୍ଜ ଆସେ,
ମୋ ଭିତରେ ଗୋଟେ ସଂପୂର୍ଣ୍ଣ ବୃକ୍ଷ ଡାଳ ମେଲେ
ଅନ୍ଧରରେ ଫୁଟୁଥିବା ତାରାଫୁଲ ପରି
ଭ୍ରମରର ପର ନେଇ ମୁଁ ଉଡ଼େ ପବନରେ
ଲାଗେ, ସତେ ଯେମିତି
ଜୁଳୁଜୁଳିଆପୋକର ଆଲୁଅ ନେଇ
ମୁଁ ଗୁଂଜରେ
ଏକ ସୁମଧୁର ଗୀତ ପରି,
ସଂପୂର୍ଣ୍ଣ ପ୍ରୀତି ନେଇ
ହରିତାଭଭରା ଏଇ ଘାସ ପବନରେ
ମୋ ବୃକ୍ଷ ତୋଟାମାନେ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

## କାରଗିଲ୍

କବି ନରେନ୍ଦ୍ର ମୋଦିଙ୍କ କବିତା 'କାରଗିଲ୍'କୁ ସେ ବୀର ସୈନିକମାନଙ୍କର ଦେଶପ୍ରୀତି କଥାକୁ ସୂଚାଇଛନ୍ତି । ବୀର ସୈନିକମାନେ ବୋମା ଓ ବନ୍ଧୁକର ଶବ୍ଦରେ ମାତୃଭୂମିକୁ ବିପକ୍ଷରୁ ରକ୍ଷାକରିବାର ବଜ୍ର ଶପଥ କବି ବର୍ଣ୍ଣନା କରିଛନ୍ତି ।

କାରଗିଲ୍
ଆଗରୁ ବି ଦେଖିଥିଲି,
ଟାଇଗର ହିଲ୍
ଆଗରୁ ବି ଦେଖିଥିଲି,
ସେତେବେଳେ
ରାଜାଧିରାଜର ଶ୍ୱେତ ମୌନ ରୂପକୁ
ମନଭରି ଦେଖିଥିଲି ।

ଆଜି ପ୍ରତ୍ୟେକ ଶିଖର
ଗର୍ଜନ କରୁଥିଲା
ବୋମା ଓ ବନ୍ଧୁକର ଶବ୍ଦରେ
ବରଫର ଶିଳା ଉପରେ
ଦାଉଦାଉ ହୋଇ ଜଳୁଥିବା ନିଆଁ ପରି
ସେନାର ବୀର ସୈନିକଙ୍କୁ
ଦେଖିଲି ଏଠି ।
ପ୍ରତ୍ୟେକ ସୈନିକ
କୃଷକ ଥିଲା
ଯିଏ ନିଜ ବର୍ତମାନର ବୀଜ ବୁଣୁଥିଲା
ନିଜର ରକ୍ତ ସିଂଚନ କରୁଥିଲା
ଯଦ୍ଦ୍ୱାରା
ଆମର ଆସନ୍ତାକାଲି

ଯେମିତି ଝାଉଁଳି ନ ପଡ଼େ ।
ପ୍ରତ୍ୟେକ ସୈନିକର ଆଖିରେ
ଉଙ୍କି ମାରୁଥିବା ଶହେ କୋଟି ସ୍ୱପ୍ନ ଦେଖିଲି
ତାଙ୍କରି ଆଖିର ପଲକରେ
ମୃତ୍ୟୁକୁ ଜାବୁଡ଼ିଧରିବାର ବୀରରୂପ ଦେଖିଲି
ଆଉ,
ଦେଖିଲି ଯମରାଜାଙ୍କୁ ଏହି ବୀରମାନଙ୍କର
ଚରଣସ୍ପର୍ଶ କରୁଥିବା ବେଳେ ।

ଦାଉଦାଉ ହୋଇ ଜଳୁଥିବା ନିଆଁ ଭଳି
ବୀର ସୈନିକର ଗରମ ନିଃଶ୍ୱାସରେ
ତରଳିଯାଇଥିବା ବରଫ
ସତେ ଅବା
ଝରଣାର ରୂପ ନେଇ ବହିଯାଉଥିଲା,
ଝରଣାର ପ୍ରବାହରେ ପୂରିରହିଥିଲା
ସୁଜଲାମ୍
ସୁଫଲାମ୍
ଭାରତର ଭାବ ଓ
ଝରଣାର ଗର୍ଭରୁ ଝରିପଡୁଥିଲା
ବନ୍ଦେ ମାତରମ୍‌ର ସୁମଧୁର ସଂଗୀତ ।



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

ଜୋରଜବରଦସ୍ତ ଗୀତାର ସାର
ଦୁଆରମୁହଁରେ କର୍ମର ଧାର
ତୁମ ସମସ୍ତଙ୍କ ପାଇଁ ବ୍ୟର୍ଥ
ବତୁରିଯାଇଥିବା ବାଡୁଅ ସ୍ନେହ ପରି ।

ତୁମେ ମୋତେ ଛବିରେ ନୁହେଁ
ବରଂ ଝାଳର ବାସ୍ନାରେ ପାଅ,
ଯୋଜନାର ବିସ୍ତାରର ବାସ୍ନାରେ ଛିଡ଼ାହୁଅ
ମୋ କଣ୍ଠସ୍ୱରରୁ ଚିହ୍ନ
ମୋ ଆଖିରେ
କେବଳ ଦେଖିବ ତୁମର ହିଁ ପ୍ରତିବିମ୍ବ ।

## ଫଟର ଆରପଢ଼େ

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ଫଟର ଆରପଢ଼େ' ଏକ କବିତାଟିଏ । ଏଥିରେ ମୋଦିଜୀ - କର୍ମ ହିଁ ଜୀବନ ଏହିଭଳି ସନ୍ଦେଶ ଦେଇଛନ୍ତି । ନିଜର ଆତ୍ମବିଶ୍ୱାସ ସହ ନିଜର ବାଣୀ ଓ କର୍ମକ୍ଷେତ୍ରକୁ ସେ ଅଗ୍ରାଧିକାର ଦେଇଅଛନ୍ତି ।

ମୁଁ ମୋ ଫଟରେ ଅଛି, ପୁଣି ନାହିଁ,
ମୁଁ ମୋ ପୋଷ୍ଟରରେ ଅଛି, ପୁଣି ନାହିଁ,
ଏଥିରେ କୌଣସି ବିରୋଧ ବା
ବିରୋଧାଭାସ ନାହିଁ ।

ଫଟ ଆତ୍ମାପରି ନୁହେଁ
ଇଏତ ପାଣିରେ ଭିଜିଯାଏ
ନିଆଁରେ ଜଳିଯାଏ,
ସିଏ ଭିଜୁ ବା ଜଳୁ
ସେଥିରେ ମୋର କିଛି ଯାଏଆସେ ନାହିଁ ।

ତୁମେ ମୋତେ
ମୋ ଫଟ କିମ୍ବା ପୋଷ୍ଟରରେ
ଖୋଜିବାର ବ୍ୟର୍ଥ ଚେଷ୍ଟା କର ନାହିଁ
ମୁଁ ତ ପଦ୍ମାସନ ମୁଦ୍ରାରେ ଉପବେଶିତ
ନିଜର ଆତ୍ମବିଶ୍ୱାସ ସହ
ନିଜର ବାଣୀ ଓ କର୍ମ କ୍ଷେତ୍ରରେ ।
ତୁମେ ମୋତେ ମୋ କାମରୁ ଚିହ୍ନ
କର୍ମ ହିଁ ମୋ ଜୀବନ-କାବ୍ୟ ।
କାବ୍ୟରେ ଛନ୍ଦର ବନ୍ଧନ ଅଛି
ତାଳ, ଲୟ ବି ରହିଛି





## କ୍ରିୟାପଦ

ନରେନ୍ଦ୍ର ମୋଦିଙ୍କ କବିତା 'କ୍ରିୟାପଦ'ରେ ମୋଦିଜୀ ଜଣେ ମହାନ ସାଧକ, କବିତାରେ ମୁଖରିତ ତାଙ୍କର ଶୂନ୍ୟବାଦ ଓ ଯୋଗସାଧନା ବିଷୟକ ଦୃଷ୍ଟିକୋଣ ଆମକୁ ପୁନଶ୍ଚ ତାଙ୍କୁ ଏକବିଂଶ ଶତାବ୍ଦୀର ମହାନସନ୍ଥ କରିବାକୁ ବାଧ୍ୟକରେ ।

ମୋ ଆଖପାଖରେ ଟାଣିଦିଅ
ଶବ୍ଦ ସମୂହର ଏକ ଚକ୍ର
ପୁଣି ସେହି ଚକ୍ରକୁ ବର୍ଗାକାର କର
ତା'ପରେ ସେହି ଚକ୍ରର ବର୍ଗାକାରରେ ଲଗାଇଦିଅ
ରଂଗରଂଗିଆ କାଚ ପରି ଶବ୍ଦ -
ଶବ୍ଦ ତରଳ କାଚ ପରି,
କାଚର ଶବ୍ଦ :
ଛାଟଂର ଶବ୍ଦ : ଲୁହ ପରି
ଅଥବା ପୂର୍ଣ୍ଣଚ୍ଛେଦ ପରି ।

ବିଶେଷଣ ଚାରିପଟେ
ଟାଣିଦିଅ ଲକ୍ଷ୍ମଣରେଖା
ରଖ ମର୍ଯ୍ୟାଦା ରାମଙ୍କର
ନାମର ଆଖପାଖରେ ଖେଳିଚାଲ
ଶୂନ୍ୟ ଗୁଣନର ଖେଳ
ଆଉ କ୍ରିୟାପଦକୁ ରଖ କେନ୍ଦ୍ରରେ ଓ
ପୁଣି ତିଆରି କର
ଏକ ଅନନ୍ତ ଚକ୍ର ।

## ସ୍ୱାଭିମାନ

ନରେନ୍ଦ୍ର ମୋଦିଙ୍କ କାବ୍ୟ ସଂକଳନ "ଧନ୍ୟ ଏଇ ଆଖି"ରେ 'ସ୍ୱାଭିମାନ' ଏକ କବିତା । ଏହି କବିତାର କବି ମୋଦି ସତ୍ୟର ମହତ୍ୱ ପ୍ରତିପାଦନ କରିଅଛନ୍ତି । ସତ୍ୟକୁ ଆମର ସ୍ୱାଭିମାନ ବୋଲି ସ୍ୱୀକାର କରିଛନ୍ତି ।

"ମିଛ କହିଲେ ମହାପାପ"
ଏଥିପାଇଁ ଆମକୁ ସତ କହିବା ଦରକାର
ସତ୍ୟ ହିଁ ତ ଆମର ସ୍ୱାଭିମାନ
ଏହା ବାଧ୍ୟବାଧକତା ନୁହେଁ ।

ସତ କହିବା ନାହିଁ ତ
କୋଇଲିର କୁହୁକୁ
ମଲା ମାଛ ପରି
କାଉ ତା'ର ଥଟଂ ମାରି ମାରି ନଷ୍ଟ କରିଦେବ ।

ଗୁଜବରେ ସ୍ପଷ୍ଟ ସମାଚାର
ଭୋର୍‌ରୁ ଉଇଁଆସନ୍ତି କଳାସୂର୍ଯ୍ୟ ପରି
ସତ୍ୟରୁ ସତ୍ୟାଗ୍ରହ ପର୍ଯ୍ୟନ୍ତ
ଆମର ଯାତ୍ରାରେ
ଆମକୁ ମିଳନ୍ତି
ବିନା ଗୋଡ଼ରେ ଚାଲୁଥିବା
ପ୍ରବାସୀମାନଙ୍କର ପାଦଚିହ୍ନ
କେବଳ ଭିଡ଼, ଖାଲି ଗହଳି ।





## ତୁମକୁ ଅଭିନନ୍ଦନ

ନରେନ୍ଦ୍ର ମୋଦିଙ୍କ କବିତା 'ତୁମକୁ ଅଭିନନ୍ଦନ'ରେ ସେ 'ପ୍ରଭୁସତା'କୁ ଅଭିନନ୍ଦନ ଜଣାଇଛନ୍ତି । ପାଣିକୁ ପଥର ଅବା ପଥରକୁ ପାଣି ଅବା ଗୁଜବକୁ ସତ୍ୟ କହିପାର, ଦିନକୁ ରାତି ବର୍ଣ୍ଣନା କରିଛନ୍ତି

ପାଣିକୁ ତୁମେ ପଥର କୁହ
ଅଥବା ପଥରକୁ ପାଣି,
ଅବା ମେଘକୁ ଆକାଶର କୁଚଂନ
କିମ୍ବା ପଦ୍ମକୁ ବବୁଲ
ଏଥିରେ କାହାରି କିଛି ଯାଏଆସେ ନାହିଁ ।

ତୁମେ ଗୁଜବକୁ ସତ୍ୟ କହିପାର
ଆଉ ଦିନକୁ ରାତି
ବସନ୍ତକୁ ପତ୍ରଝଡ଼ା ଋତୁ
ସମୁଦ୍ରକୁ ମରୁଭୂମି
ଅଥବା ଜୀବନକୁ ମୃତ୍ୟୁ କହିପାର ।

ଏ ସବୁକିଛି ବାଣୀର ବ୍ୟଭିଚାର
ତେଣୁ ଅଭିନନ୍ଦନ
କାହିଁକିନା –
ପ୍ରକୃତି ତ ରୁହେ ସେହିପରି
ଯେମିତିକୁ ସେମିତି
ସୁସ୍ଥ ଓ ତଟସ୍ଥ ।

## ବସନ୍ତ କହୁଛି

ନରେନ୍ଦ୍ର ମୋଦିଙ୍କ କବିତା 'ବସନ୍ତ କହୁଛି' ଏକ ପ୍ରେମ ଆଧାରିତ କବିତା ଅଟେ । ଜୀବନରେ ପହିଲି ପୁଲକ ସହିତ ସେ ବସନ୍ତ ଆଗମନକୁ ବର୍ଣ୍ଣନା କରିଛନ୍ତି କୋଇଲିର ଲୟ ଅବା ପଳାଶର ଫୁଲେ ପ୍ରେମକୁ ବର୍ଣ୍ଣନା କରିଅଛନ୍ତି ।

ପତ୍ରଝଡ଼ାରେ ଆରମ୍ଭ ଆଉ ଆରମ୍ଭରେ ଅନ୍ତ
ପତ୍ରଝଡ଼ା ହୃଦୟରେ କୁରୁଳେ ବସନ୍ତ ।
ବୟସ ଷୋହଳ,
କୋଉଠି କୋଇଲିର ଲୟ
ପଳାଶର ଫୁଲ ପ୍ରେମରେ ଉଚ୍ଛୁଳେ
ହୋଇ ଆତୁର ହୃଦୟ ।
ଦିଶୁ ପଛେ ଆମେ ରଙ୍କ
କିନ୍ତୁ ହୃଦୟ ଆମ ଶ୍ରୀମନ୍ତ
ପତ୍ରଝଡ଼ା ହୃଦୟରେ କୁରୁଳେ ବସନ୍ତ ।

ଆଜ, ବନରେ କା' ବିବାହ ହୋଇଲା
ପ୍ରତ୍ୟେକ ବୃକ୍ଷ ଭାବ ପ୍ରକଟିଲା
ଆଶୀର୍ବାଦ ଦେବା ପାଇଁ ଅଇଲେ ଯେ ସନ୍ଥ
ପତ୍ରଝଡ଼ା ହୃଦୟରେ କୁରୁଳେ ବସନ୍ତ ।





## ଗତିର ଗୀତ

ନରେନ୍ଦ୍ର ମୋଦି ତାଙ୍କର କବିତା 'ଗତିର ଗୀତ'ରେ ନିଜକୁ ଗତି-ପ୍ରଗତିର ଗୀତ ଗାଇବା ପାଇଁ ସର୍ବଦା ପ୍ରୟାସରତ । ସୂର୍ଯ୍ୟଙ୍କର ତୀକ୍ଷ୍ଣ ନିଃଶ୍ୱାସ ଅବା ଶୁଖିଲା ବିଲ୍ ବଣରାଜି, ଜଳବାହିକା ମାଠିଆ ଉପରେ ପଡୁଥିବା କିରଣକୁ ଗତିର ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି ।

ଗୋଧୂଳିର ଧୂଳି
ସନ୍ଧ୍ୟା-ସୂର୍ଯ୍ୟର ନିଃଶ୍ୱାସକୁ କେବେଯାଏ ଦଳିବ ?
ସୂର୍ଯ୍ୟଙ୍କର ତୀକ୍ଷ୍ଣ ନିଃଶ୍ୱାସ
ଶୀତ ସକାଳକୁ କେତେ ବା କାଟିବ ?
ଦିନ ଦିପହରର ସୂର୍ଯ୍ୟ
କଳା ରାସ୍ତାକୁ କେବେଯାଏ ନଷ୍ଟଭ୍ରଷ୍ଟ କରିବ
ଏବେ ତ ଟିକେ ରହିଯାଅ ...

ମୋ ଶୁଖିଲା ବିଲରେ
ଏ କଟାଂ ବୁଣିବା ବନ୍ଦ୍ କର
କାହାର ଲହୁଣି ପରି ମସୃଣ ପାଦରୁ
ଏଇ କଟାଂ ରକ୍ତ ଶୋଷିବା ଆଗରୁ
ୟାକୁ ବୁଣିବା ବନ୍ଦ୍ କର ।
ବନ୍ଦ୍ କର ...

ଜଳବାହିକାଙ୍କ ମାଠିଆ ଉପରେ
ପଡୁଥିବା କିରଣର ଗୀତ ମୋର ଗାଇବାର ଅଛି
ନିପଟ ଖରାରେ ଝାଳ ବୁହାଉଥିବା
ଶ୍ରମିକର ଝାଳରେ
ଚକମକ କରୁଥିବା କିରଣର ଗୀତ ଗାଇବାର ଅଛି
ମୁଁ ଏସବୁ ରଖିବାକୁ ଚାହେଁ

ପିଲାର କଅଁଳ ପାଦରେ
ଉଡୁଥିବା ଧୂଳିକଣା ଓ ଗୋଧୂଳିରେ
ମୁଁ କରିବି ତିଆରି ଗୋଟେ ଆଲବମ୍
ଆଙ୍କିବାକୁ ଚାହେଁ ମୁଁ ଗତିର ଚିତ୍ର
ତିଆରି କରିବି ପ୍ରଗତିର ରୂପ
ଏ ଚିତ୍ରର ରୂପରଙ୍ଗରେ ଅଛି ଅନେକ ଦାଗ ।
ଏ ଦାଗ
ଗତି-ପ୍ରଗତିର କିମ୍ଭୂତକିମାକାର
ଅସୁନ୍ଦର ରୂପ ନୁହେଁ କି ?
ଇଏ ଆଉ କିଛି ନୁହେଁ
ଆମେ ବୁଣିଥିବା କଟାଂର
ପରିମାଣ ମାତ୍ର ।
କୋମଳ ମସୃଣ ପାଦରେ ଉଡ଼ିଥିବା ଧୂଳି
ତା'ର ରକ୍ତରେ ହେଲା ଜୁଡୁବୁଡୁ
ସେଥିପାଇଁ ଏ ଦାଗ ଅଛି;
ନିଜ ଗତି, ପ୍ରଗତିର
ଏଇଟା ତ ଚିହ୍ନ ।
ଏବେ ...
ଏ ଦାଗକୁ ରୂପରେ ବାନ୍ଧିବା ବନ୍ଦ୍ କର
ମୁଁ ତ ମଧ୍ୟାହ୍ନରେ ଜଳୁଥିବା
ସୂର୍ଯ୍ୟର ଗୀତ ଗାଇବି,
ସେହି ପିଲାଙ୍କଠିଁ ଭରିଦିଅ ତେଜ
ତୁମେ ଧୈର୍ଯ୍ୟଧର
ଏଥର ଆଲବମ୍‌ରେ ଆଉ ଦାଗ ନ ଥିବ
କିନ୍ତୁ ହାୟ ...
ଏହା ଆଗରୁ କେଜାଣି କେତେ ପିଲାଙ୍କର





## ଛତ୍ରଛାୟା

ନରେନ୍ଦ୍ର ମୋଦିଙ୍କ କବିତା 'ଛତ୍ରଛାୟା' ଗୋଟିଏ ସମର୍ପିତଭାବ କବିତା । ପ୍ରଭୁଙ୍କ ଛତ୍ରଛାୟା ତଳେ ସେ ନିଜକୁ ସମର୍ପିତ କରିଛନ୍ତି । ବିଫଳତା ଓ ସଫଳତାର ଉଦାହରଣ ଦେଇ ଆମ ମନକୁ ଆଲୋଡିତ କରନ୍ତି ।

ସଫଳ ହେଲ ତ ଈର୍ଷାର ପାତ୍ର
ବିଫଳ ହେଲ ତ ଦୟାର ପାତ୍ର
ସଫଳତା-ବିଫଳତାରୁ ମୁକ୍ତ ହୋଇ
ତୃତୀୟ କୂଳରେ ଯାଇ ଛିଡ଼ାହୁଅ ।
କାପୁରୁଷପଣ ଯଦି ପଶେନା ମନରେ
ଦାରିଦ୍ର୍ୟର ଚିନ୍ତା କାହିଁ ସେହିଠାରେ
ଜୀବନକୁ ବଚେଂ ସଂପୂର୍ଣ୍ଣ ରୂପରେ
ମରିବାକୁ ଚାହେଁ ମୁଁ ପରିପୂର୍ଣ୍ଣତାରେ ।
ପ୍ରଭୁଙ୍କର ଛତ୍ରଛାୟାରେ ରହି ପ୍ରତିଦିନ ଶିଖେ
                                        ମୁଁ ଜଣେ ଛାତ୍ର
ସଫଳ ହେଲ ତ ଈର୍ଷାର ପାତ୍ର
ବିଫଳ ହେଲ ତ ଦୟାର ପାତ୍ର ।
ନିନ୍ଦା ଯେ ଅଟେ ଖାରା ଦରିଆ
ସ୍ତୁତି ଅଟେ ପୁଣି ମଧୁର ବାଣୀ
ଦୁହେଁ ହିଁ ବେକାର, ସେନାର ଛାଉଣୀ ।
ଆମେ ଗୁନ୍ଥିବା ଏପରି ହାର
ଛିଡ଼ିବନି ଯାର ଗୋଟିଏ ତାର ।
ଏତିକି ପ୍ରାର୍ଥନା ଯୁଦ୍ଧଭୂମିରେ
ନ କମ୍ପୁ ମୋର ଏ ମର ଶରୀର ।
ସଫଳ ହେଲ ତ ଈର୍ଷାର ପାତ୍ର
ବିଫଳ ହେଲ ତ ଦୟାର ପାତ୍ର ।

## ଜଣାନାହିଁ

ନରେନ୍ଦ୍ର ମୋଦିଙ୍କ କବିତା 'ଜଣାନାହିଁ' ଏକ ମିଥ୍ ଉପରେ ଆଧାରିତ । ପରୋକ୍ଷରେ ଭ୍ରଷ୍ଟାଚାର ରହିତ ଜନସେବାର ଆନନ୍ଦ, ଉତମ ପ୍ରଶାସନ ଓ ସ୍ୱଚ୍ଛ ଶାସନର ପ୍ରତିବିମ୍ବ ପ୍ରତିଫଳିତ ହୋଇଅଛି । ଘୋଡାର ଗତି ଓ ସୂର୍ଯ୍ୟର ଗତିକୁ ପ୍ରେମ ମାଧ୍ୟମରେ ପରିସ୍ଫୁଟନ କରିଅଛନ୍ତି ।

ମୋତେ ଭାରି ଭଲଲାଗେ ଏଇ ସୂର୍ଯ୍ୟ
ସାତଟି ଘୋଡ଼ାର ଲଗାମ
ରଖିଛି ସେ ନିଜ ହାତରେ ।
କିନ୍ତୁ ସେ କେବେ ବି କୌଣସି ଘୋଡ଼ାକୁ
ଚାବୁକ ମାରିଛି,
ଏ କଥା ଜଣାନାହିଁ କି ଶୁଣାନାହିଁ ।

ଏହାପରେ ବି
ସୂର୍ଯ୍ୟର ମତି
ସୂର୍ଯ୍ୟର ଗତି
ସୂର୍ଯ୍ୟର ଦିଗ
ସବୁକିଛି ସେହିପରି ବଳବତର
ସତରେ, ଏହା ହିଁ ତ ପ୍ରେମ !
କେବଳ ପ୍ରେମ !



ଭାରତୀୟ ସାହିତ୍ୟ ର କାବ୍ୟପୁରୁଷ ନରେନ୍ଦ୍ର ମୋଦି ଓ କାଳିନ୍ଦୀଚରଣ ପାଣିଗ୍ରାହୀ

ଗରମ-ଗରମ ରକ୍ତ
ଏ କଟାଂକୁ କାଢ଼ିବା ପାଇଁ
ବୋହିସାରିଥିବ ...
ସେଥିପାଇଁ କହୁଛି
କଟାଂ ବୁଣିବା ବନ୍ଦ୍ କର
ମୁଁ ଗତି-ପ୍ରଗତିର
ଗୀତ ଗାଇବି ...

## ଗରବା

ନରେନ୍ଦ୍ର ମୋଦି ତାଙ୍କ କବିତା 'ଗରବା'ରେ ନିଜ ରାଜ୍ୟ ଗୁଜୁରାଟର ଶକ୍ତିର ଆରାଧନାକୁ ଗୁରୁତ୍ୱ ଦେଇଅଛନ୍ତି, ନୃତ୍ୟ ଓ ଭକ୍ତି ମାଧ୍ୟମରେ ଦେବୀଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ଭାବ ପରିସ୍ଫୁଟିତ ହୋଇଅଛି ।

ଗାଇବା ତା'ର ଗରବା
ସେଥିରେ ତାଳ ଦିଏ ତା'ର ଗରବା
ଗରବା ଗୁଜରାଟର ବଂଶାନୁକ୍ରମିକ ଜାଗିରି ।

ଶୁଣିଛି ତା'ର ଗରବା
ଝୁମିଉଠେ ତା'ର ଗରବା
ଗରବା ଗୁଜରାଟର ବଂଶାନୁକ୍ରମିକ ଜାଗିରି ।

ସୂର୍ଯ୍ୟ, ଚନ୍ଦ୍ର ଗରବା
ଆଉ ରତୁମାନେ ମଧ୍ୟ ଗରବା
ଗରବା ଗୁଜରାଟର ବଂଶାନୁକ୍ରମିକ ଜାଗିରି ।

ଦିନ ବି ଗରବା
ଆଉ ରାତି ବି ଗରବା
ଗରବା ଗୁଜରାଟର ବଂଶାନୁକ୍ରମିକ ଜାଗିରି ।

ସଂସ୍କୃତି ଗରବା
ଆଉ ଏ ପ୍ରକୃତି ମଧ୍ୟ ଗରବା
ଏ ବଇଁଶୀ ଗରବା, ସେ ମୟୂରଚୂଳ ବି ଗରବା ।
ଗରବା ମତି,
ଆଉ ଗରବା ସହମତି
ବୀରର ଗରବା, ଏ ଯେ ଧନୀଙ୍କର ଗରବା ।





## ଛାଡ଼

ନରେନ୍ଦ୍ର ମୋଦି କବିତା 'ଛାଡ଼'ରେ ମାନବସତା ଏକ ସାଧନାରତ ଜୀବନ ବିତାଇବାକୁ ସବୁକିଛି ଛାଡ କରିବାକୁ ପ୍ରାଧାନ୍ୟ ଦେଇଛନ୍ତି । କାୟା, ମାୟା, କୋମଳ ସ୍ୱପ୍ନ ଇତ୍ୟାଦି ଛାଡିବା ଦିଗକୁ ସେ ଗୁରୁତ୍ୱ ପ୍ରଦାନ କରିଅଛନ୍ତି ।

କାୟା ଛାଡ଼, ମାୟା ଛାଡ
ବସ୍ତୁ ଓ ପ୍ରତିଛାୟା ଛାଡ଼
ଦୁର୍ଗ ଭାଙ୍ଗ, ପିଞ୍ଜରା ଭାଙ୍ଗ
ନରମ-ସୁକୋମଳ ସ୍ୱପ୍ନ ଛାଡ଼ ।

ରାତିରେ ବୁଲିବା ତୁଠ ନ ବାରିବା
ନିଶାର ଏକାନ୍ତେ ବିଳିବିଳେଇବା ।
କଥା ଛାଡ଼, ଅର୍ଥକୁ ବି ଛାଡ଼,
ସନ୍ଦେହର ତୁମେ ଚେର ଉପାଡ଼ ।

ଯଦି ନାହାଁନ୍ତି କେହି ତେବେ ନଥାନ୍ତୁ କେହି
ଯଦି ବା ଅଛନ୍ତି କେହି, ତଥାପି ବି ନାହିଁ-ନାହିଁ ।
ଚର୍ଚ୍ଚାର ଅସାମଞ୍ଜସ୍ୟକୁ ଛାଡ଼
ନାହିଁର ରାସ୍ତାକୁ ସହଜେ ମାଡ଼ ।

## ଗୌରବ

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ରେ 'ଗୌରବ' ଏକ କବିତା । ହିନ୍ଦୁ ହେବା ପାପ ନୁହେଁ ବରଂ ଗର୍ବର କଥା । ହିନ୍ଦୁ ହୋଇଥିବାରୁ ନରେନ୍ଦ୍ର ମୋଦି ନିଜକୁ ଗର୍ବୀତ ମନେ କରିଅଛନ୍ତି । ମଣିଷ ଓ ହିନ୍ଦୁତ୍ୱ ପ୍ରତି ରହିଥିବା ତାଙ୍କର ଭଲପାଇବା ଏ କବିତାର ଆଧାରଶିଳା ।

ଚିରକାଳରୁ ମୁଁ ଗର୍ବିତ ଯେ ମୁଁ ମଣିଷ ଆଉ ମୁଁ ହିନ୍ଦୁ
ପ୍ରତିକ୍ଷଣ କରେ ଅନୁଭବ
ମୁଁ ଏକ ବିଶାଳ, ବିରାଟ ସିନ୍ଧୁ ।
କାହାକୁ ମୁଁ ଭାଙ୍ଗେନି ଗଢ଼େନି
ସମସ୍ତଙ୍କୁ କରେ ଜମା
ଭଲପାଏ ମାନବ ସହ ବସବାସ
ବଦଳରେ ଚାହେଁ ପ୍ରେମର ଉଷ୍ମା ।
ନର୍ମଦାର ପାଣି ମୋ ରକ୍ତରେ
ମୁଁ ଫୁଲ ଉପରେ ପଡ଼ିଥିବା କାକର ବିନ୍ଦୁ ।
ଚିରକାଳରୁ ମୁଁ ଗର୍ବିତ ଯେ
ମୁଁ ମଣିଷ ଆଉ ମୁଁ ହିନ୍ଦୁ ।
ଆଖି ପଛେ ଛୋଟ ହେଉ
କିନ୍ତୁ ଦୃଷ୍ଟି ହେଉ ବିଶାଳ,
ସଂପ୍ରଦାୟର କିଛି ଗଳି ନାହିଁ
ବିଭ୍ରାନ୍ତ କରନ୍ତି ଏ ସୃଷ୍ଟ ସ୍କୁଲ ସକଳ ।
ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର, ସିନ୍ଧୁ
ମୁଁ ଇନ୍ଦ୍ର, ନିଜ ଶୌର୍ଯ୍ୟର ବିନ୍ଦୁ
ଚିରକାଳରୁ ମୁଁ ଗର୍ବିତ ଯେ
ମୁଁ ମଣିଷ ଆଉ ମୁଁ ହିନ୍ଦୁ ।





କାୟା ବି ଗରବା
ଆଉ ଆତ୍ମା ବି ଗରବା
ଗରବା ଜୀବନର ସୁଗମ ଶାନ୍ତି ।

ଗରବା ସତୀ ଓ ଗରବା ଗତି
ଗରବା ନାରୀର ପୁଷ୍ପିତ ପୁଞ୍ଜି ଓ ଶକ୍ତି ।

ଗରବା ସତ୍ୟ
ଗରବା ଅକ୍ଷତ
ଗରବା ମାତାଙ୍କର ଆନନ୍ଦମୟ ସିନ୍ଦୂର ।

୧. ଶକ୍ତିର ଆରାଧନା । ନୃତ୍ୟ ଓ ଭକ୍ତି ମାଧ୍ୟମରେ ଦେବୀଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣର ଭାବ ।

## ଗୀତରେ

ନରେନ୍ଦ୍ର ମୋଦିଙ୍କ କବିତା ସଂକଳନ "ଧନ୍ୟ ଏଇ ଆଖି"ର ଏକ କବିତା 'ଗୀତରେ' । ଏଥିରେ ମୋଦିଜୀ ନିଜ କଣ୍ଠରେ ସ୍ୱରଚିତ ଗୀତକୁ ପରିପ୍ରକାଶ କରିଅଛନ୍ତି କାଗଜ ମାଧ୍ୟମରେ ସୂରୁଜ ଓ ପୂର୍ଣ୍ଣିମା ଜହ୍ନ ଆଙ୍କିଅଛନ୍ତି ।

ପକ୍ଷୀର ପରରେ ଆସିଥିବା ଗୀତ
କୋଇଲି ଓ ବୁଲ୍‌ବୁଲ୍ ବି ଗାଇଲେ
ତା'ର ଗୋଟିଏ ପର ପୃଥିବୀର ଗ୍ରାମ ହେଲେ
ଆର ପରଟି ଆକାଶକୁ ତଉଲେ ।

ନିଜ କାଗଜରେ ରଚେ ମୁଁ ସୂରୁଜ
ଆଉ ରଚେ ପୂର୍ଣ୍ଣିମୀର ଜହ୍ନ
ମୋ କାଗଜରେ ଆନନ୍ଦରେ ହଲୁଥିବା ବୃକ୍ଷ ଅଛି
ଆଉ ବୃକ୍ଷର ସବୁଜିମା,
ସ୍ୱଜନଙ୍କ ସ୍ମୃତିକୁ ଯେମିତି ପାସୋରିଦେଇଛି ଏ ଚଟାଣ
ତାକୁ ଭିଜାଏ ଝରଣାର ଓଦା ମନ ।

ଗୋଟେପଟେ ମରୁଭୂମି ଆରପଟେ ଦରିଆ,
ଅନ୍ୟପଟେ ସ୍ୱଚ୍ଛ ନଦୀର ଧାରା
କଣ୍ଠରେ ଏଭଳି ଶୋଷ ଶ୍ରେଷ୍ଠତାର
ଲୁଚେଇଲେ ବି ଲୁଚେନି ଅଧରେ
ଆଖିରେ ଆକାଶକୁ ଧରି ଚାଲିବାକୁ ଇଚ୍ଛା ମୋର
କିନ୍ତୁ ବସିଛି ମୁଁ ଧରାର କୋଳରେ ।





## ଫୁଲବାଡ଼ି

କବି ମୋଦି ତାଙ୍କର ଫୁଲବାଡ଼ି କବିତାରେ ସବୁ ଦୁଃଖ ବନ୍ଧୁ ଦେବ ଦୂର ଯଦି ପାଖେ ଥିବ ଫୁଲବାଡ଼ି ମୋର ତତ୍‌ସହିତ ମାନବପ୍ରେମ ମଣିଷ ମଣିଷ ମଧ୍ୟରେ ବନ୍ଧୁତାକୁ ଗୁରୁତ୍ୱ ଦେଇଛନ୍ତି ।

ଏଠି ଯେ ଗଭୀର ଅସୁନ୍ଦର ଖାଲ ହୋଇଛି
ମଣିଷ ମଣିଷ ସହ କେମିତି ଲଢ଼ିଚାଲିଛି ।

ମୁଁ ଯେ ରଚିବି ସେତୁ
ମାନବ-ପ୍ରେମ ହେତୁ
ଯଦି ଏ ମଣିଷ ମଣିଷକୁ ଚିହ୍ନିଲା
ଜାଣିରଖ ! ଅଦ୍‌ଭୁତ ସୁଖଦ ଅନନ୍ତ ବେଳା ଆସିଲା ।

ଢଗଢମାଳି କହିବାର
ଏଠି ଅର୍ଥ ନାହିଁ
ଗୋଲାପ ହୋଇ ଫୁଟିବା ବ୍ୟର୍ଥ ନୁହେଁ ।
ସବୁ ଦୁଃଖ ବନ୍ଧୁ ହେବ ଦୂର
ଯଦି ପାଖେ ଥିବ ଫୁଲବାଡ଼ି ମୋର ।

This document was created with the Win2PDF “print to PDF” printer available at
http://www.win2pdf.com

This version of Win2PDF 10 is for evaluation and non-commercial use only.

This page will not be added after purchasing Win2PDF.

http://www.win2pdf.com/purchase/